ଲକ୍ଷ୍ମୀନାରାୟଣ ସାହୁ

ମୋ
ବାଉଣ୍ଡଳି
ଜୀବନ

Digitized by srujanika@gmail.com

ଲକ୍ଷ୍ମୀନାରାୟଣ ସାହୁ

ମୋ ବାରମୁଲ ଜୀବନ

ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୨

Digitized by srujanika@gmail.com

ମୋ ବାରବୁଲା ଜୀବନ

(ଆତ୍ମଜୀବନୀ : ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ)

ଲକ୍ଷ୍ମୀନାରାୟଣ ସାହୁ ସ୍ମୃତିରକ୍ଷା ସମିତି ଆନୁକୂଲ୍ୟରେ

ପ୍ରକାଶକ :

ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ,
କଟକ-୨୫୩୦୦୨

ପ୍ରକାଶ କାଳ :

ପ୍ରଥମପ୍ରକାଶ—୧୯୬୮ ଜାନୁୟାରୀ ୧୮
ଦ୍ୱିତୀୟ ପରିବର୍ଦ୍ଧିତ, ପରିମାର୍ଜିତ ପ୍ରକାଶ—
୧୯୯୦ ଜାନୁୟାରୀ ୧୮

ମୁଦ୍ରାକର :

ଗୁରୁପ୍ରସନ୍ନ ପ୍ରେସ
କଟକ-୧

ମୂଲ୍ୟ : ଚାଳିଶ ଟଙ୍କା

MOO BARABULA JEEVAN

(Auto-biography of Padmasree
Lakshmi Narayan Sahu)

Enlarged Edition—1990

Published by :
Govinda Charan Patra
Orissa Book Store
Binod Behari,
Cuttack-2

Price Rs : 40/-

Digitized by srujanika@gmail.com

ସେବକ ଲକ୍ଷ୍ମୀନାରାୟଣ...

'ନୁହେଁ ମୁଁ ଚନ୍ଦନ
କାଟି ଘଷ ବନ୍ଦନ
ହେବ ମୁହିଁ ଇନ୍ଧନ
ଘରେ ଘରେ ଜଳିବ
ଘ,ର ଘରେ ଜଳିବ ।'

Digitized by srujanika@gmail.com

ଉଦ୍ଦାମ ....ଉନ୍ମାଦ..

'ଜୀବନେ କେବଳ ସମର-ବିଳାସ
ସମରେ କେବଳ ଜୀବନ-ବିକାଶ
ପଦେ ପଦେ ତେଣୁ ବାଜି ଯାଉଅଛୁ
ସମରର ଆହ୍ୱାନ ।'

Digitized by srujanika@gmail.com

ଗୋଟିଏ ଅର୍ଘ୍ୟ

ଲକ୍ଷ୍ମୀ ନାରାୟଣ !   ଲକ୍ଷ୍ମୀନାରାୟଣ !
ତୁମେ ସେବାମନ୍ତ୍ର ଜପାମାଳ,
ତୁମେ ପିତା ଏକା   ତୁମ ପର ଜଣେ,
ଜାତି କାଳ କାଳ ଥିବ ଭଲ ।

—୧—

ଧର୍ମ ବୋଲି ପଦ   ଜାଣିଥିଲ କିଛୁ
କର୍ମ କରିଯିବା ପର ପାଇଁ,
ଖ୍ୟାତି ଅପଖ୍ୟାତି   ସ୍ୱାର୍ଥଲାଭ କେତେ
ତୁମକୁ ସେ କଥା ଜଣା ନାହିଁ ।
ସେବା, ସେବା, ସେବା,   ନେବା ଦେବା ନୁହେଁ
ତନୁର ସଳିତା ଜାଳି ଜାଳି ।

—୨—

ଶିଖ, ଲେଖ, ପଢ଼—   କଥା କୁହା ନୁହେଁ
ଲେଖା ପଢ଼ା ଶିଖା ଶେଷତକ,
କଥା କାମେ ତାଳ   ମିଶାଇ ଥିଲଟି
ବଳି ଦେଇ ମନୁ ଚନ୍ଦ୍ରାଦକ ।
କିଏ କି କହିବ   ନ ଥିଲା ଶୋଚନା
ବେପରୁଆ ବାଟ ଥିଲ ଚାଲି ।

—୩—

ସାଦା ସିଧା ସଫା   ସରଳ ସତେଜ,
ଜୀବନଟା ନୁହେଁ ମଳଧୂଳି ।
ଅହମିକା-ସ୍ଥାନ   ଆବେଗ ଉଚ୍ଛ୍ୱାସ
ଜ୍ଞାନ-ବଇରାଗ୍ୟ ସେବା ଝୁଲି ।
କବି, ବାଗ୍ମୀ, ପ୍ରାଜ୍ଞ,   ସାଧକ ମଣିଲି
ଜୀବନଟା ଦୀପଶିଖା ଖାଲି ।

Digitized by srujanika@gmail.com

—୪—

ଏତେ ଖୋଲ୍ଲ ମନ   ପସ୍ରାଣ ନେଇ ଯା’
କଥା କହ୍ଣ କହୁଁ ଗଲ କାହିଁ,
ଦେହ ସିନା ଗଲ୍ଲ   ସେ ଖୋଲ୍ଲ ପ୍ରାଣର
ଯୁବ-ଉନ୍ମାଦନା ଯିବ ନାହିଁ ।
ଜାତି-ଜସ୍ବଯାତ୍ରା   ପଥେ ଉଠୁ ତେଜ
ଶତ ତ୍ୟାଗପୂତ ବର୍ତ୍ତି ଜାଳି ।

—ଶ୍ରୀ ବାଞ୍ଛାନିଧି ଦାସ

Digitized by srujanika@gmail.com

ଏକ ମହତ୍ ଜୀବନର ସଂକ୍ଷିପ୍ତ ବିବରଣୀ

ବିଂଶ ଶତାବ୍ଦୀର ଆରମ୍ଭରୁ ଓଡ଼ିଶାରେ ଯେଉଁ କେତୋଟି ପ୍ରତିଭା ଓଡ଼ିଶାର ଭାବଧାରାକୁ ପ୍ରଭାବିତ କରି ଓଡ଼ିଆ ସମାଜକୁ ଉନ୍ନତ ମାର୍ଗରେ ଅଧିରୂଢ଼ କରାଇଛନ୍ତି, ସେମାନଙ୍କ ମଧ୍ୟରେ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁ ଅନ୍ୟତମ । ବାଲ୍ୟାବସ୍ଥାରୁ ଏକ ବିପ୍ଳବର ଜୀବନ-ସ୍ୱପ୍ନ ଦେଖି ଶେଷରେ ସେ ସଫଳକାମ ହୋଇଥିଲେ । ବିପ୍ଳବୀର ଜୀବନ ସର୍ବଦା ଏକାକୀ । ସେ ଆସିଥିଲେ, ଗଲେ ମଧ୍ୟ ଏକା । କିନ୍ତୁ ରଖି ଦେଇଗଲେ ଏକ ବିରାଟ କାହାଣୀ ଅଧ୍ୟବସାୟର, ସେବା ପରାୟଣତାର, ସମାଜରେ ନୂତନ ଚେତନାର ଅବତାରଣାର । ଆଜି ସେ ଜୀବନୀ ହୁଏତ ଉପନ୍ୟାସ ପରି ମନେ ହୋଇପାରେ । ବାସ୍ତବିକ ଲକ୍ଷ୍ମୀନାରାୟଣ ବାବୁଙ୍କ ଜୀବନ ଆଦର୍ଶବାଦର ଏକ ଜୀବନ୍ତ ଉପନ୍ୟାସ । ଏହି ପୁସ୍ତକରେ ତାଙ୍କ ଜୀବନର ସଂକ୍ଷିପ୍ତ ବିବରଣୀ ମାତ୍ର ଦିଆ ହୋଇଛି । ସମୟାନୁସାରେ ହୁଏତ ତାଙ୍କର ଜୀବନର ଆହୁରି ଅନେକ ରହସ୍ୟ ଉଦ୍‌ଘାଟିତ ହେବ । ହୁଏତ ସେ ରହସ୍ୟ ଉଦ୍‌ଘାଟିତ ହେବ ଓଡ଼ିଶା ବାହାରେ ଯେଉଁଠି ସେ ନିଜର ମାନବିକତାର ସାଧନା କରି ବହୁ ସଂଖ୍ୟକ ଲୋକଙ୍କର ଆଦର ଅର୍ଜନ କରିଥିଲେ । ସେ ଭାରତ ସେବକ ସମାଜର ସଭ୍ୟ ଥିଲେ । ଭାରତ ସେବକ ହିସାବରେ ସେ ଯଥାର୍ଥନାମା ଥିଲେ । ଏ ପୁସ୍ତକ ବହୁ ସଂଖ୍ୟକ ପାଠକଙ୍କ ମନରେ ଅନ୍ତର୍ହିତ ପ୍ରତିଭା ସମ୍ବନ୍ଧରେ କିଛି ଧାରଣା ସୃଷ୍ଟି କରିବ ବୋଲି ଆଶା କରେ ।

ଶ୍ରୀ ହରେକୃଷ୍ଣ ମହତାବ୍
ସଭାପତି
ଲକ୍ଷ୍ମୀନାରାୟଣ ସାହୁ ସ୍ମୃତିରକ୍ଷା ସମିତି, କଟକ

Digitized by srujanika@gmail.com

ଯାହାଙ୍କ କଲ୍ୟାଣ ହାତର ପରଶରେ

ଲକ୍ଷ୍ମୀନାରାୟଣ ଥିଲେ ଚିର ବସନ୍ତ, ଚିର ଯୌବନର ସଖା । ଗୋଟିଏ କଣୋରା ଭଳି, ଗୋଟିଏ ଝରଣା ଭଳି, ଗୋଟିଏ ହରିଣଛୁଆ ଭଳି, ଗୋଟିଏ ନୀଳ ସାଗରର ଢେଉ ଭଳି ଲକ୍ଷ୍ମୀନାରାୟଣ ସବୁବେଳେ ଉଚ୍ଛନ୍ନ, ଚଙ୍ଗ ଚଙ୍ଗ, ଛନ ଛନ । ଏଠି ସେଠି, ଓଡ଼ିଶାରେ, ବମ୍ବେରେ, ହିମାଳୟରେ, ବଙ୍ଗାଲି ଘରେ, ତାମିଲ୍ ଘରେ, ପଠାଣ ଘରେ, ହାଡ଼ି ଘରେ, ରାଜଉଆସରେ, ପତର-କୁଡ଼ିଆରେ, କନ୍ଷ୍ଟିଚୁଏଣ୍ଟ ଏସେମ୍ବ୍ଲିରେ, କୋରାପୁଟର ଗଦବା ସଉରା ମେଳରେ କେତେବେଳେ କୋଉଠି, କୋଉ କାମରେ ଲକ୍ଷ୍ମୀନାରାୟଣ ଥାଆନ୍ତି, ତା'ର ଠିକ୍ ଠିକଣା ନ ଥାଏ । ରାଜନୀତିରୁ ବ୍ରହ୍ମବିଦ୍ୟା, କ'ଷ୍ଟ ଆକାଉଣ୍ଟାନ୍ସିରୁ ସଙ୍ଗୀତ, କୁଷ୍ଠରୋଗୀ ସେବାରୁ ଇଂଲିଶ ଏମ୍. ଏ., ଉତ୍କଳ ସମ୍ମିଳନୀରୁ ଯାଦବ ସମ୍ମିଳନୀ, ଜୈନଧର୍ମ ଗବେଷଣାରୁ ଭୂତପ୍ରେତ ଚର୍ଚ୍ଚା—କୋଉଟା ଆଉ ବାଦ୍ ଯାଇଥିଲା ଲକ୍ଷ୍ମୀନାରାୟଣଙ୍କ ହାତରୁ ? ପୁଣି ତିରିଶ ବରଷ ଏମ୍. ଏ. ସାଙ୍ଗରୁ ସକାଳୁ ବାରଟା ଯାଏ କୁରାଢ଼ି ଧରି କାଠଚିରା, ଚଉଦୁଆରରୁ ଦେଉଳସାହି ଧାଇଁ ଯାଇଁ ହେଇ ନଡ଼ାବୁହା, ଭୁବନେଶ୍ୱର ପଣ୍ଡାଟୋକାଙ୍କ ସାଙ୍ଗରେ ବିନ୍ଦୁସାଗର ପହଁରା, କପିଳାସରୁ ପଂଝାଏ ମିଶନସ୍କୁଲ ପିଲଙ୍କୁ ଧରି କଟକ ଯାଏ ବାଟଚଲା, ସାଲେପୁର ସ୍କୁଲ ପିଲାଙ୍କ ସାଙ୍ଗରେ ଦଉଡ଼ ଦଉଡ଼ି ଫୁଟବଲ ଖେଳ, ଚଉଦ୍ୱାର ରଙ୍ଗମଞ୍ଚରେ ବାଷଠି ବର୍ଷ ବୟସରେ ନେତାଜୀ ସାଜି ଗର୍ଜନ ଦିଆ—ସବୁଠି ଲକ୍ଷ୍ମୀନାରାୟଣ । ଲକ୍ଷ୍ମୀନାରାୟଣ ଅଦ୍ଭୁତ, ବିଚିତ୍ର, ଧାପ୍ରିମନ୍ତ ।

କିନ୍ତୁ ଧାପ୍ରି ତ ଥାଉ ସବୁବେଳେ ରହନ୍ତି ନାହିଁ । କ୍ରମେ ତେଜ ମଉଳିଲା । ଏତେ ବଡ଼ ଚପଳ, ଚଞ୍ଚଳ, ଉଦ୍ଦାମ, ଉଚ୍ଛୃଙ୍ଖଳ ଲକ୍ଷ୍ମୀନାରାୟଣ ଧୀରେ ଧୀରେ ହେଇଆସିଲେ ଶିଥିଳ, ଅବଶ; ମନ ଭାଙ୍ଗି ପଡ଼ି ନ ଥିଲେ ବି ଦେହ ଦିନକୁ ଦିନ ଭାଙ୍ଗି ଭାଙ୍ଗି ଆସିଲା । ଏତିକି ବେଳେ ଏ ପଙ୍ଗୁ ଲକ୍ଷ୍ମୀନାରାୟଣଙ୍କୁ ଯେ ପ୍ରେରଣା ଦେଇଥିଲେ, ଓଠରେ କଅଁଳ ହସ ଦେଇ ଏ "ନିଜ କାହାଣୀ" ଲେଖିବାକୁ ରାଜି କରେଇ ଥିଲେ, ସେ ହେଉଛନ୍ତି 'ଡଗର' ସମ୍ପାଦକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର । ···ବେଶ୍ ବୃଦ୍ଧ ହୋଇଥିଲେ ସେ । ସତୁରି ବର୍ଷ ବୟସ । ଭୟଙ୍କର ଶ୍ୱାସ । ରାତିରେ ଶୋଇ ପାରନ୍ତି ନାହିଁ । ବସି ପାରନ୍ତି ନାହିଁ । ତକିଆକୁ ଭରା ଦେଇ, ତଳକୁ ମୁଣ୍ଡ ପୋତି ପୋତି ଅତୀତ ଦିନର ମଧୁସ୍ମୃତିଗୁଡ଼ିକ

Digitized by srujanika@gmail.com

ଭୁଲି ଯାଆନ୍ତି । ବେଳେ ବେଳେ ଆଲୁଅରେ, ବେଳେ ବେଳେ ଅନ୍ଧକାରରେ ଗାରେଇ ଯାଆନ୍ତି । ସକାଳୁ ମାଳୀଣୀ ଝିଅ କାକର କୋଳରୁ ଗଙ୍ଗଶିଉଳି ଫୁଲ ତୋଳିନେଲା ଭଳି ନିତ୍ୟାନନ୍ଦ ଆମ୍ଭି ସାଉଁଟି ନିଅନ୍ତି ସେଇ ଅନାବନା ଲେଖା । ସେଇ ଅନାବନା ଲେଖା ହିଁ ଏଇ ପୁସ୍ତକ । ମୁଁ ନିତ୍ୟାନନ୍ଦଙ୍କୁ ପ୍ରଥମେ ପ୍ରଣିପାତ କରିବି ।

'ଡଗର'ରେ ୧୯୫୪ରୁ ୧୯୫୯ ମଧ୍ୟରେ ଏହି ଲେଖାଗୁଡ଼ିକ ପ୍ରକାଶିତ ହୋଇଅଛି । ଡଗର ବ୍ୟତୀତ 'ସହକାର', 'କୁଙ୍କୁମ', 'କଳିଙ୍ଗ' ଆଦି ବହୁ ପତ୍ରପତ୍ରିକାରୁ ମଧ୍ୟ କେତେକ ଅଂଶ ଆମେ ସଂଗ୍ରହ କରିଛୁ । ରାଷ୍ଟ୍ରଭାଷା ପ୍ରେସର ମ୍ୟାନେଜର ଶ୍ରୀଯୁକ୍ତ ଗୋପୀନାଥ ସାହୁଙ୍କ ଠାରୁ ଲକ୍ଷ୍ମୀନାରାୟଣଙ୍କ ହସ୍ତଲିଖିତ କେତୋଟି ଲେଖା ମିଳିଅଛି । ସମସ୍ତଙ୍କ ନିକଟରେ ଆମେ କୃତଜ୍ଞ ।

ଓଡ଼ିଶା ସାହିତ୍ୟ ଏକାଡେମୀ ଏ ପୁସ୍ତକ ପ୍ରଣୟନର ସମସ୍ତ ଖର୍ଚ୍ଚ ବହନ କରି ତା'ର ପୂର୍ବତନ ସଭାପତି ଲକ୍ଷ୍ମୀନାରାୟଣଙ୍କ ପ୍ରତି ସମୁଚିତ ସମ୍ମାନ ପ୍ରଦର୍ଶନ କରିଛନ୍ତି । ଆମେ ସାହିତ୍ୟ ଏକାଡେମୀ ପ୍ରତି ବିନମ୍ର ପ୍ରଣତି ଜଣାଉଛୁ ।

ସାହିତ୍ୟ ଏକାଡେମୀର ସଭାପତି ତଥା ଲକ୍ଷ୍ମୀନାରାୟଣ ସ୍ମୃତିରକ୍ଷା ସମିତିର ସଭାପତି ଡକ୍ଟର ହରେକୃଷ୍ଣ ମହତାବ ଏକ ମୁଖବନ୍ଧ ଲେଖି ଏ ଗ୍ରନ୍ଥର ଶ୍ରୀମଣ୍ଡନ କରିଛନ୍ତି । ଆମେ ମହତାବଙ୍କର ମହନୀୟତା ସ୍ମରଣ କରି ଧନ୍ୟ ହେଉଛୁ ।

ଅଧ୍ୟାପକ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ, ଅଧ୍ୟାପକ ଶ୍ରୀ ଶ୍ରୀଧର ଦାସ, ଅଧ୍ୟାପକ ଶ୍ରୀ ପଠାଣି ପଟ୍ଟନାୟକ, ଅଧ୍ୟାପକ ଶ୍ରୀ ସୁଧାଂଶୁ ମୋହନ ମହାପାତ୍ର, ଅଧ୍ୟାପକ ଶ୍ରୀ ମହେଶ୍ୱର ମିଶ୍ର, ନୃତତ୍ତ୍ୱବିତ୍ ଶ୍ରୀ ଗୋପୀନାଥ ଦାଶ, ଲେଖିକା ଶ୍ରୀମତୀ ପଦ୍ମାଳୟା ଦାଶ, ଇଞ୍ଜିନିୟର ଶ୍ରୀ ଶ୍ରୀଧର ମହାନ୍ତିଙ୍କର ବହୁ ମୂଲ୍ୟବାନ୍ ଉପଦେଶ ଓ ଇଙ୍ଗିତ ଏ ପୁସ୍ତକର ସାର୍ଥକ ସୃଷ୍ଟି ପାଇଁ ଦାୟୀ । ତାଙ୍କୁ କୃତଜ୍ଞତା ଜଣାଇବା ପାଇଁ ଆମର ଭାଷା କାହିଁ ?

ଟେବଲ ତଳର ଅଳିଆ ମଳିଆ କାଗଜକୁ ଗୋଟେଇ ଯିଏ ଟେବଲ ଉପରେ ସୁନ୍ଦର ଭାବେ ସଜାଇ ରଖି ପୂଜାର ସାମଗ୍ରୀ କରିଛନ୍ତି, ସେ ହେଉଛନ୍ତି ଅଧ୍ୟାପକ ଶ୍ରୀ ବିଜୟ ଚନ୍ଦ୍ର ମହାପାତ୍ର । ତାଙ୍କର ତତ୍ତ୍ୱାବଧାନରେ ପୁସ୍ତକର ପ୍ରଥମ ପ୍ରକାଶ ଘଟିଥିଲା ୧୯୬୮ ଜାନୁୟାରୀ ୮ରେ । ଏବେ ବାଇଶି ବର୍ଷ ପରେ

Digitized by srujanika@gmail.com

ଓଡ଼ିଶାର ବିଶିଷ୍ଟ ପ୍ରକାଶକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ପାଣିଙ୍କ ସହୃଦୟତାରୁ ପୁସ୍ତକର ଦ୍ୱିତୀୟ ପ୍ରକାଶ ଘଟିଛି । ଆମେ ଏଇ ବନ୍ଧୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛୁ ।

ପ୍ରଥମ ପ୍ରକାଶ ବେଳେ ଭିନ୍ନ ଭିନ୍ନ ପତ୍ରପତ୍ରିକାରୁ ସଂଗ୍ରହ କରିବା କାର୍ଯ୍ୟରେ ଶ୍ରୀମତୀ ବିମଲା ଜେନା, ଶ୍ରୀ ବଟକୃଷ୍ଣ ମିଶ୍ର, ଶ୍ରୀ ନୀଳମଣି ଷଡ଼ଙ୍ଗୀ, ଶ୍ରୀମାନ୍ ଚିତ୍ତରଞ୍ଜନ ଦାଶ, ଶ୍ରୀମାନ୍ ଚୈତନ୍ୟ କୁମାର ସାହୁ, ଶ୍ରୀମାନ୍ ରାଧାନାଥ ସାହୁ ପ୍ରମୁଖ ଅକ୍ଳାନ୍ତ ପରିଶ୍ରମ କରି ଆନ୍ତରିକ ଉଦ୍ୟମ କରିଛନ୍ତି । ପ୍ରାସାଦର କଳସରେ ଯେଉଁ ଇଟା ଖଣ୍ଡିକ ସ୍ଥାନ ପାଏ, ତା' ଗର୍ବଗୌରବରେ ଛାତି ଫୁଲାଏ ସିନା, ପ୍ରାସାଦର ନିମ୍ନତମ ସୋପାନରେ ଯୋଡ଼ି ଇଟାଟି ଥାଏ, ତା'ର ଦାନ କ'ଣ କେଉଁ ଗୁଣରେ ଊଣା ?

ଏଥିରେ ସନ୍ନିବିଷ୍ଟ ସମସ୍ତ ଲେଖା ଲକ୍ଷ୍ମୀନାରାୟଣଙ୍କର ନିଜସ୍ୱ ଏବଂ ସମସ୍ତ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ଆମେ କେବଳ ନାନା ସ୍ଥାନରୁ ପୁଷ୍ପଚୟନ କରି ମାଳାଟିଏ ଗୁନ୍ଥିଛୁ ମାତ୍ର । ଏ ନାଗେଶ୍ୱର, ଚମ୍ପା, ଦଅଣାର ସୁବାସରେ ଚିରନ୍ତନ ମହାକବି ଏବଂ ସବୁରି ପ୍ରାଣରେ ପ୍ରୀତିର କଲ୍ଲୋଳ ଉଠିବ, ଏଇ ଆମର ଦୃଢ଼ ବିଶ୍ୱାସ ।

ନରସିଂହ ସାହୁ
ସମ୍ପାଦକ,
ଲକ୍ଷ୍ମୀନାରାୟଣ ସାହୁ ସ୍ମୃତିରକ୍ଷା ସମିତି
ପିଠାପୁର; କଟକ-୧

ତା ୧୮ । ୧ । ୯୦

Digitized by srujanika@gmail.com

ବିଷୟ ସୂଚୀ

ସକାଳ

ମୋର ମା' ୫
ମୋର ବାବା ୭
ମୁର୍ଶିଦାବାଦର କଥା ୧୦
ପଢ଼ା ଆରମ୍ଭ ୧୨
ଭଦ୍ରୋଶିଆ ମାଇନର ସ୍କୁଲ, ବାଲେଶ୍ୱର ୧୩
ପଣ୍ଡିତ ଗୋଡ଼ରେ ପଥର ପକାଇ ଛୁ' ୧୪
ଥରେ ଟଙ୍କାଏ ଚୋରି କଲି ୧୭
ପୁଣି ଥରେ ଏଗାର ଶହ ଟଙ୍କା ଚୋରି ୨୩
ବାଲେଶ୍ୱର ଜିଲ୍ଲାସ୍କୁଲ ୨୫

ଚକ ଚକ୍ ଖରା

ମୋର ଗୁଡ଼ିଉଡ଼ା ୩୧
ମୋର ପାରାଉଡ଼ା ୩୧
ମୋର ଆଦର୍ଶ ୩୨
ଗୋପିଆ ହାଡ଼ିର ଗୋଡ଼ ତଳେ ୩୩
ମୋର ସ୍କୁଲ ଶିକ୍ଷକ ୩୫
ବଙ୍ଗାଳି ଓଡ଼ିଆ ଭେଦ ୩୫
ମୋର ନିଶାସେବନ ୩୭
ମୁଁ କପର ସିଗାରେଟ୍ ଖିଆ ଛାଡ଼ିଲି ୩୭
ନଟିବାବୁ ହଗି ହଗି ମଲୁ ୩୯
ପାଦତଳେ ଯା'ର ଫୁଲଶେଯ ୪୦
ମୋର ନଈପହଁରା, ସମୁଦ୍ର ପହଁରା ୪୦
ପରସ୍ତ୍ରୀ କଲାବେଳେ କ'ଣ କଥା କହନ୍ତି ? ୪୨

Digitized by srujanika@gmail.com

କଅଁଳ ଗାଧୁଆ ବେଳ

ମୋର ବିବାହ ୪୭
ମୋର ପୁନର୍ବିବାହ ୪୮
ମୋର ଦୁଇ ବିବାହ ୫୧
କଲେଜ ଜୀବନ ୫୩
ମୋର ଆଇ. ଏସ୍‌ସି. ପରୀକ୍ଷା ୫୯
ଶିବପୁର ଇଞ୍ଜିନିୟରିଂ କଲେଜ ୫୯
ବେକାର ଜୀବନ ୬୧
ପୁରୀ ଭିକ୍ଟୋରିଆ କ୍ଲବରେ ମ୍ୟାନେଜରୀ ୬୧
ବାଲେଶ୍ୱରରୁ କଟକ ପାଦରେ ଚାଲି ଚାଲି ୬୨
ଟିଉସନ ମାଷ୍ଟର ୬୩
ମିଶନ ସ୍କୁଲରେ ଶିକ୍ଷକତା ୬୪
ଆସ କରୁଣାକର, ମୋ କାନ ମୋଡ଼ ୬୫
ଘର୍‌ମେ ଚଗ୍ର୍ ନେହିଁ, ମସଜିଦ୍‌ମେ ଚଗ୍ର୍ ୬୭
ଗୋବିନ୍ଦ ମିଶ୍ରଙ୍କ ସାର୍ଟିଫିକେଟ ୬୮
ସମାଜରେ ବାସନ୍ଦ ୬୯
ମିଶନ ସ୍କୁଲ ଛାଡ଼ିଲି କାହିଁକି ? ୭୧

ମଧ୍ୟାହ୍ନର ଦୀପ୍ତି

ଦୁଇଶହ ଟଙ୍କାରେ ଜଳାଞ୍ଜଳି, ତିରିଶ ଟଙ୍କାରେ ଲୋଭ ୭୫
ସି. ଆଇ. ଡ଼ି. ମୋ' ପଛେ ପଛେ ୭୬
ଭାରତ ସେବକ ସମିତି ୭୭
ସ୍ତ୍ରୀଙ୍କୁ ଛାଡ଼ିଲି ବାଟରେ ୮୦
ସନ୍ନ୍ୟାସବାଦୀ ଗୋବିନ୍ଦ ୮୧
ଜାମସେଦପୁରରେ ଶ୍ରମିକ ସଙ୍ଗଠନ ୮୨
ପୁରୀ ଦୁର୍ଭିକ୍ଷ ୮୩
ମୋର ପାସ୍, ଫେଲ ୮୫
ମୋର ଏମ୍. ଏ. ପରୀକ୍ଷା ୮୫
ଉତ୍କଳ ସେବାସମିତି ଗଠନ ୯୦

Digitized by srujanika@gmail.com

ମହତାବଙ୍କ ମତ ୯୦
ସାମ୍ବାଦିକ ଜୀବନ ୯୨
ଚନ୍ଦ୍ରଦ୍ୱାର ଗ୍ରାମ-ସଂଗଠନ ୯୩
ଚନ୍ଦ୍ରଦ୍ୱାର ହାଇସ୍କୁଲ ୯୫
ମୁଁ ରାଜନୀତି ବୁଝେନା, ବୁଝେ ଦେଶପ୍ରୀତି ୯୬
ହୋମ ରୁଲ୍ ଆନ୍ଦୋଳନ ୯୮
କଂଗ୍ରେସରେ ପଶିଲି, ପଶି ପାରିଲି ନାହିଁ ୯୯
'ସେ ତେଲିଟୋକାକୁ ମୁଁ ଦେଖିବି' ୧୦୦
ବନ୍ଦେ ମାତରମ୍ ଆନ୍ଦୋଳନ ୧୦୧
ସାହେବଙ୍କ ଧୃଷ୍ଟାମି ୧୦୪
ମୁଁ ଜଣେ କମ୍ୟୁନିଷ୍ଟ (?) ୧୦୬
ଲବଣ ସତ୍ୟାଗ୍ରହ ୧୦୯
ମୋର ବରୋଦା ଯାତ୍ରା ୧୧୧
ମୋର କୋଅପରେଟିଭ ଆନ୍ଦୋଳନ ୧୧୩
ନଦୀବଢ଼ିର ଉଚ୍ଛ୍ୱାସ ୧୧୬

ଛାଇ ଲେଉଟା

୧୯୫୦-୫୧ର କଥା ୧୨୧
ଅଶ୍ୱିନୀ କୁମାର ଦତ୍ତ ୧୨୨
ମୋ ଚରିତ୍ରର ଦୁର୍ବଳତା ୧୨୩
ମୁଁ କ'ଣ ଏକା ରାଗୀ ? ୧୨୪
ଗୁଣ୍ଡୁଚିମୂଷାର ଧୂଳି ୧୨୬
ମୋର କବିତା ଲେଖା ୧୩୧
ସଙ୍ଗୀତ ପ୍ରତି ମୋର ଆକର୍ଷଣ ୧୩୬
ମୋର ପିତା— { ଗୋଟିଏ ମୁସଲମାନ ବୁଢା / ଗୋଟିଏ ହିନ୍ଦୁସ୍ଥାନୀ ମୋଚି } ୧୩୯
ମୋର ଏକାଗ୍ରତା ୧୪୦
ଦାଦାଭାଇ ନୌରଜୀଙ୍କ ମୁଖୁ ୧୪୨
ମୋର ବର୍ମାଭ୍ରମଣ ୧୪୩
ମୋର ସିଂହଳଯାତ୍ରା ୧୪୬

Digitized by srujanika@gmail.com

ମୋର ଆସାମ ଭ୍ରମଣ ୧୪୮
ତାଲଚେର ଆନ୍ଦୋଳନ ଓ ମୋର ମର୍ମବ୍ୟଥା ୧୫୧
ଆମ ଜୀବନ ପର ପାଇଁ ୧୫୨

ତଟିନୀ କୁଳୁ କୁଳୁ ସଞ୍ଜବେଳେ

ପଙ୍କ ଓ ପଙ୍କଜ ୧୫୫
ମୋର ସ୍ତ୍ରୀ ୧୫୮
ମୋ ଜୀବନ ସୁଖର ନୁହେଁ ୧୫୮
ଘରକଥା ୧୬୧
ଅଶ୍ୱତ୍ଥ ଗଛ ୧୬୬
ଆମ୍ଭମାନଙ୍କର ଜାତୀୟ ଚରିତ୍ର ୧୬୮
ଫଟକବଣିକ ୧୭୨
ରଣବାଜା ୧୭୩
ଗୁରୁଙ୍କ ଚରିତ୍ର ୧୭୩
ଖଣ୍ଡିଏ ଚିଠି ୧୭୪
ବୃଦ୍ଧି ବଗୁର ୧୭୫
ଆମ ଝିଅ ଓ ତାଙ୍କ ଝିଅ ୧୭୫
ଥରକର କଥା ୧୭୮
ମୁଁ କି ପ୍ରକାର ଲୋକ ? ୧୮୦
Double Personality ୧୮୪

ସଞ୍ଜତାରା

ପଣ୍ଡିତ ହୃଦୟାନନ୍ଦ କୁଞ୍ଜରୁ ୧୮୯
ଠକ୍କର ବାପା ୧୯୨
ଗୋପାଳକୃଷ୍ଣ ଦେବଧର ୧୯୩
କବିବର ରାଧାନାଥ ୧୯୫
ଲକ୍ଷ୍ମୀକାନ୍ତ ୨୦୦
ସାଧକ ଚନ୍ଦ୍ରମଣି ୨୦୪
ବ୍ରଜସୁନ୍ଦର ଦାସ ୨୦୬
ବ୍ରଜମୋହନ ସେନାପତି ୨୦୮

Digitized by srujanika@gmail.com

ଡକ୍ଟର ପ୍ରାଣକୃଷ୍ଣ ପରିଜା ୧୧୦
କିଶୋରୀ ମୋହନ ଦାସ ୧୧୩
ବିପିନବିହାରୀ ଚୌଧୁରୀ ୧୧୯
ପଣ୍ଡିତ ବିନାୟକ ମିଶ୍ର ୧୨୧
ବିଶ୍ୱକବି ରବୀନ୍ଦ୍ରନାଥ ୧୨୩

ଅମାବାସ୍ୟାର ଜହ୍ନ

ମୋର ଧର୍ମ ୧୩୧
ମୋର ମର୍ମ ୧୩୩

ପରିଶିଷ୍ଟ

(କ)

ଲକ୍ଷ୍ମୀନାରାୟଣ ବଂଚିବେ କି ? ୧୩୭
ତାଙ୍କ ଉମା ୧୪୦
ତାଙ୍କ ବୃନ୍ଦାବନ ୧୪୧
ତାଙ୍କ ଗୋପିଆ ହାଣ୍ଡି ୧୪୨
କାଳିନ୍ଦୀ ପାଣିଗ୍ରାହୀଙ୍କ ନିକଟରେ କ୍ଷମାଭିକ୍ଷା ୧୪୨
ସବୁ ଅଇଁଠାପତ୍ର ତାଙ୍କ ମୁଣ୍ଡରେ ୧୪୨
ଗୋଟିଏ ନଡ଼ା ମୁଣ୍ଡେଇ ଚଉଦ୍ୱାରରୁ ଦେଉଳସାହି ୧୪୩
ରାତି ଏଗାରଟାରେ ସ୍ତ୍ରୀ ହରଣଗଲା ୧୪୩
'ଏତେ ପରୀକ୍ଷା ଦେଲି, ପୁଣି ପରୀକ୍ଷା !' ୧୪୫
ଅଚଳ ସିକୁ ୧୪୭

(ଖ)

ଏକ ବିହଙ୍ଗାବଲୋକନ ୧୪୯

(ଗ)

ତାଙ୍କ ସାରସ୍ୱତ ସାଧନା ୧୫୩

(ଘ)

ଲକ୍ଷ୍ମୀନାରାୟଣଙ୍କ ଜୀବନ ଉପରେ କେତୋଟି ଆଲୋକପାତ ୧୫୭

Digitized by srujanika@gmail.com

ଅପୁରନ୍ତ…



'ବକ୍ଷଭରା ଏ ପୀୟୂଷ କା'ରେ ମୁଁ ଦେବ ଗୋ
ଅଥ ଉଚ୍ଚାଟ କରେ ମତେ ଦିବାରାତ ।'

Digitized by srujanika@gmail.com

ସମାବର୍ତ୍ତନ ଉତ୍ସବରେ...

[ଚାନ୍ସେଲର ୱାଇ. ଏନ୍. ସୁକ୍ଥଙ୍କରଙ୍କ ଠାରୁ
ଡ଼. ଲିଟ୍. ଉପାଧି ଗ୍ରହଣ]

'Better to have failed in the high aim as I'
Than vulgarly in the low aim succeed.'

Robert Browning.

Digitized by srujanika@gmail.com

ସକାଳ

Digitized by srujanika@gmail.com

Digitized by srujanika@gmail.com

ମୋର ଜନ୍ମ ୧୮୯୦ ଖ୍ରୀଷ୍ଟାବ୍ଦରେ, ଅକ୍ଟୋବର ମାସ ୩ ତାରିଖ, ଗୁରୁବାର, ବାଲେଶ୍ୱର ସହରରେ । ମୋର ନାମ ଦିଆ ହୋଇଥିଲା ଗୌର । କିନ୍ତୁ ଆମ ଘରକୁ ଗୋଟିଏ ବେଶ୍ୟା ଆସୁଥିଲା । ସେ କହିଲା, ପିଲାଟା ଗୁରୁବାର ଦିନ ଜନ୍ମଗ୍ରହଣ କରିଛି, ତା'ର ନାମ ଦିଅ ଲକ୍ଷ୍ମୀ । ସୁତରାଂ ମୋର ନାମ ରହିଲା ଲକ୍ଷ୍ମୀନାରାୟଣ ।

ମୋର ରାଶି ବୃଷ ରାଶି—ରୋହିଣୀ ନକ୍ଷତ୍ର ।

ବାଲେଶ୍ୱର ସହରରେ ପୁରୁଣା କବର ଅନେକ ଅଛି—ସବୁ ସାହେବ-ମାନଙ୍କର । ଗୋଟିଏ ସାହି ଅଛି । ତା'ର ନାମ ଓଲନ୍ଦା ସାହି । ଆଉ ଗୋଟିଏ ଦିନାମାର ଡିଙ୍ଗା ଅର୍ଥାତ୍ ଡେନ୍‌ମାର୍କ ଲୋକଙ୍କର ଉପନିବେଶ । ଓଲନ୍ଦା ସାହି ତ ହଲାଣ୍ଡ ଦେଶ ଲୋକଙ୍କର ବସତି । ସେହିପରି ବାଲେଶ୍ୱରରେ ସହର ପାଖରେ ଅଛି ଫରାସୀଡ଼ିଙ୍ଗା । ଏଟା ଫରାସୀ ଲୋକଙ୍କର ଉପନିବେଶ ।

ପୂର୍ବେ ବୁଢ଼ାବଳଙ୍ଗ ନଈ ଏତେ ପୋତି ହୋଇଯାଇ ନ ଥିଲା । ଗୃଦ୍ଧପୁର ବାଲେଶ୍ୱର ସହରଠାରୁ ଆଠ ମାଇଲ । ସେହି ଗୃଦ୍ଧପୁରଠାରେ ସମୁଦ୍ର । ସେହି ସମୁଦ୍ରଠାରୁ ବଳରାମ ଗଡ଼, ଅର୍ଥାତ୍ ଯେଉଁଠାରେ ବୁଢ଼ାବଳଙ୍ଗ ସମୁଦ୍ରରେ ପଡ଼ିଛି, ସେହିଠାରୁ ବାଲେଶ୍ୱର ସହର ପର୍ଯ୍ୟନ୍ତ ବୁଢ଼ାବଳଙ୍ଗ ନଦୀରେ ଜାହାଜ ଇତ୍ୟାଦି ଯିବାଆସିବା କରୁଥିଲା । ବାଲେଶ୍ୱର ସହର ପାଖରେ ଏହି ବୁଢ଼ାବଳଙ୍ଗ ନଈର ଧାରରେ ସବୁ ବାଙ୍କଶାଳା ଥିଲା, ଅର୍ଥାତ୍ ଯେଉଁଠାରେ ଜାହାଜ ତିଆରି ହୁଏ । ରସିକ ବାବୁ ବାଙ୍କଶାଳ, ମଦନ ବାବୁ ଘର ବାଙ୍କଶାଳ ଏହିପରି ନାମ ଥିଲା । ଆମର ମଧ୍ୟ ବାଙ୍କଶାଳ ଥିଲା ।

ମୋର ପିତାଙ୍କର ପିତା ଏବଂ ତାଙ୍କର ପିତା ପ୍ରଭୃତିଙ୍କର ଜାହାଜ ଚାଲୁଥିଲା । ଏହା ଛଡ଼ା ସେମାନଙ୍କର ଅଫିମଦୋକାନ ଥିଲା ଏବଂ ଗୁଡ଼ ଇତ୍ୟାଦି କାରବାର ଥିଲା । ତେଣୁ ପଇସା ହାତରେ ଥିଲା । ବାଲେଶ୍ୱର ସହରରେ

Digitized by srujanika@gmail.com

ମାଣିକ୍ ଖମ (ମାଣିକ୍ୟ ଖମ୍ବ) ନାମରେ ଗୋଟିଏ ଗାଆଁ ଅଛି । ସେଠି ୰ ବୈକୁଣ୍ଠ ବାବୁ ମହାପାତ୍ରଙ୍କ ଘର । ଆମ ଆଦ୍ୟ ଘର ସେହିଠାରେ ଥିଲା ।

ମୋର ପିତାଙ୍କ ପିତାଙ୍କର ମୃତ୍ୟୁ ପରେ ପରେ କାରବାର ସବୁ ନଷ୍ଟଭ୍ରଷ୍ଟ ହୋଇଗଲା । ମୋର ବାବା ସେତେବେଳେ ବାଳକ । ସେ ବ୍ୟବସାୟ ରକ୍ଷା କରି ପାରିଲେ ନାହିଁ । ତେଣୁ ଦେଖୁଁ ଦେଖୁଁ ସବୁ ସମ୍ପତ୍ତି କୁଆଡ଼େ ଉଡ଼ିଗଲା ।

ବାବା ମୋର ମାମୁଁ ଘରକୁ ପଳେଇଆସିଲେ ଏବଂ ସେଠାରେ ଆଶ୍ରୟ ନେଲେ । ବାବାଙ୍କ ନାମରେ ଦିନେ ପରବାନା ଆସିଥିଲା—କ୍ଷେତ୍ରମୋହନ ସାହୁ, ସାକିନ୍ ମାଣିକ୍ ଖମ । କିନ୍ତୁ ବାବା ଓଲନ୍ଦାସାହିରେ ମୋ ମାମୁଁଘରେ ରହି-ଥିବାରୁ ସେଠାକୁ କଚେରିଆ କର୍ମଚାରୀ ଆଦି ଆସି ବାବାଙ୍କ ଉପରେ ନୋଟିସ ଜାରି କରିବାକୁ ଲାଗିଲେ ।

ମୋର ମାମୁଁ ଅନେକଗୁଡ଼ିଏ ଥିଲେ । ଗୋବିନ୍ଦ, ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଇତ୍ୟାଦି । ଲକ୍ଷ୍ମଣ ମାମୁଁ ବାତରୋଗରେ ଆକ୍ରାନ୍ତ ଥାଇ ବରାବର ଶଯ୍ୟାଗତ ଥାନ୍ତି । ସେ ମୋତେ ଓ ଅନ୍ୟାନ୍ୟ ପିଲାମାନଙ୍କୁ ପଢ଼ାଉଥିଲେ । ହଠାତ୍ ପରଓ୍ୱାନା ଦେଖି ପଢ଼ିବା ପାଇଁ ମଗାଇନେଲେ । ସେଥିରେ ଦେଖିଲେ ଯେ ଲେଖା ଅଛି—କ୍ଷେତ୍ରମୋହନ ସାହୁ, ସା-ମାଣିକ୍ ଖମ । ଏଥିରେ ସେ କ୍ରୁଦ୍ଧ ହୋଇ ମୋର ଆଉ ଏକ ମାମୁଁ ଭରତକୁ ହାକ ପକାଇଲେ । ଭରତ ଲକ୍ଷ୍ମଣ ମାମୁଁଙ୍କର ଉତ୍ସାହବାଣୀରେ ସେ ଲୋକଗୁଡ଼ାଙ୍କୁ ଖୁଣ୍ଟରେ ବାନ୍ଧି ପକାଇ ଖୁବ୍ ପିଟିଲେ, ଆଉ କାଲୁଡ ମିନତି କରିବାରୁ ସେମାନଙ୍କୁ ଫିଟାଇଦେଲେ ।

ମୋର ବାବାଙ୍କୁ ମୋର ଅଜା ବାରବାଟୀରେ ଗୋଟିଏ ଘର କରି-ଦେଲେ । ବାବାଙ୍କର ରୋଜଗାର କିଛି ନ ଥାଏ । ମୋର ମଉସା ରାଧାନାଥ ଚୌଧୁରୀଙ୍କ ଦୋକାନରେ ଦିନକୁ ଛ'ଅଣା କରି ମୂଲ ପାଇ କାମ କରୁଥିଲେ । ମୋର ମା' ପିଲାଟିଦିନୁ ଟିକିଏ ବେଶି ଖାଇବାପିଇବାରେ ବଢ଼ିଥିଲା । ତେଣୁ ସେ ଏ ଦୁଃଖକଷ୍ଟରେ ସବୁବେଳେ ରହିପାରେ ନାହିଁ । ପୁଣି ମୋର ଅଜା ନଲ୍‌କୁଲ ଟୋଲ କଲେକ୍ଟର ଥିଲେ । ତେଣୁ ଲୋକ ଆସେ ବାଲେଶ୍ୱର ସହିଦା ନେବାପାଇଁ । ମୋର ମା' ସେମାନଙ୍କ ସାଙ୍ଗରେ ନଲ୍‌କୁଲ୍ ବୁଲି ବୁଲି ଯାଏ । ମୋତେ ଖାରର ଗୋଟିଏ ଅଙ୍ଗିରେ ବସାଇ ଦେଇଥାନ୍ତି । ମୁଁ ସେଇଥିରେ ବସି ବସି ଯାଏଁ ।

ଅତି ପିଲାଦିନର ଗୋଟିଏ କଥା ମୋର ଟିକିଏ ଟିକିଏ ମନେ ଅଛି । ସେତେବେଳେ ହୁଏତ ମୋତେ ପାଞ୍ଚବର୍ଷ ହୋଇଥିବ । ନଇକୂଳରେ ମୋର

Digitized by srujanika@gmail.com

ଅଜାଘରେ ଗୋଟିଏ ପୁରୁଣା କଣ୍ଡିସନ ଡେଲଟିଣ କଣ୍ଡିସନ ଭର୍ତ୍ତି ହୋଇଥାଏ । ମୋର ସେଦିନ କେଉଁ କଥାରେ ରାଗ ହୋଇଛି । ମୁଁ ରାଗରେ ସେହି କଣ୍ଡିସନ ଡେଲଟିଣ ଗଡ଼େଇଦେଲି । କଣ୍ଡିସନ ସବୁ ଭାସିଗଲା । ମୋର ଅଜା କହିଲା, ବେଟା, ତୋ' ପୁଅ ଖୁବ ରାଗୀ ହେବ, ଦେଖ୍ ।

ମୋର ମା'

ମୋର ମା' ମୁର୍ଶିଦାବାଦର ଝିଅ । ସେଇଠି ତାର ଜନ୍ମ । ବଙ୍ଗଦେଶରେ ମୁର୍ଶିଦାବାଦରେ ପଠାଣିଆ ରୀତି ଟିକିଏ ବେଶୀ । ସେଥିପାଇଁ ମୋର ମା'ଙ୍କୁ ମୋର ଅଜା ବେଟା ବୋଲି ଆଦରରେ ସ୍ନେହରେ ଡାକୁଥିଲେ । ମା'ଙ୍କୁ ଅତି ଶ୍ରଦ୍ଧା କରି ବେଟୀ ନ କହି ବେଟା ବୋଲି ଡାକୁଥିଲେ ।

ଗ୍ରେଟ ସ୍କୁଲ ଘରଟିଏ—ଠିକ୍ ଛକ ଉପରେ । ସେଉଁଠି ଓଲନ୍ଦା ସାହି ବାହାରିଛି । ଏଣେ ପୂର୍ବକୁ ସଡ଼କ ବୃନ୍ଦାବନଙ୍କ ନଈଆଡ଼କୁ ଯାଇଛି, ପଶ୍ଚିମରେ ଡାକ୍ତରଖାନା ଆଉ ଦକ୍ଷିଣରେ ୰ ଭଗବାନ ଦାସଙ୍କ ଘର । ସେଇଠି ଆମ ଘରଟିଏ ତୋଳା ହୋଇଥିଲା । ଛକ ଜାଗା ।

ମୋର ଦୁଇ ଭଉଣୀ । ମୋର ଉପର ଭଉଣୀ କୃଷ୍ଣମଣି ଓ ତଳ ଭଉଣୀ କାଦମ୍ବିନୀ । ମୋର ବଡ଼ ଭଉଣୀର ବିବାହ ହୋଇସାରିଥାଏ । ସେତେବେଳେ ତ ବାଲ୍ୟବିବାହ, ଏବେ ବି ତ ଚାଲିଛି । ମୋର ବଡ଼ ଭଉଣୀ ଆମ ଘରେ ଥାଏ । ମଝିରେ ମଝିରେ ଶାଶୁଘରକୁ ଯିବାଆସିବା କରେ । ଏଥର କନ୍ଯା ବୟସ ହୋଇଛି, ସେ ଶାଶୁଘରକୁ ଯିବ 'ଖାର' ନେଇ । ତା'ର ମାତୃତ୍ୱର ବୟସ ହୋଇଛି । ଦିନେ ଆମ ଘରେ ଆଉ କେହି ନ ଥାନ୍ତି । ମୁଁ ଆଉ ମୋ ବଡ଼ ଭଉଣୀ ଦୁଇ ଜଣ ପିଣ୍ଡାରେ ବସିଥାଉଁ । ଆମ ସାହିର—ଓଲନ୍ଦା ସାହିର—ଓଲନ୍ଦା-ସାହି ବାରବାଟୀ ଲଗିଛି, ବଷ୍ଟୁ ନାମରେ ଜଣେ ଭେଣ୍ଡିଆ—କୁସ୍ତି କସରତ ମଧ୍ୟ କରେ—ସେହି ବାଟେ ଯାଉଥିଲା । ମୋର ଭଉଣୀକୁ ଦେଖି ଆଖିଠାର ମାରିଲା । କହିଲା କଲେ, ଉଁ ? ମୁଁ କିଛି ବୁଝି ପାରିଲି ନାହିଁ । ମୁଁ ସେତେବେଳେ ସାନ ହୋଇଥାଏ । ଆଠବର୍ଷ ବୟସ ହେବ ।

ମୋ ମାଆ ଆସି ପଚାରିଲା, କେହି ତ ଆସି ନାହାନ୍ତି ? କେହି ଆସିଥିଲା କି ? ମୋର ଭଉଣୀ କହିଲା, ବଷ୍ଟୁ ଏ ବାଟେ ଯାଉଥିଲା । ବାଟରେ ଯାଉଁ ଯାଉଁ ଏହି କଥା କହିଲା ।

Digitized by srujanika@gmail.com

ମା' ତ ସାଙ୍ଗେ ସାଙ୍ଗେ ରଣଚଣ୍ଡୀ ହୋଇ ବଷ୍ଟୁଘର ଆଡ଼କୁ ଦଉଡ଼ି ଗଲା । ସେଠି ମୋ ଶଙ୍କୁଘ୍ନ ମାମୁଁଘର । ବଷ୍ଟୁ ସେତେବେଳେ ବାଗୁଡ଼ି ଖେଳୁଥିଲା । ଘୋଡ଼ା ନେଇ ଯିବାକୁ ବାହାରିଛି । ଏହି ସମୟରେ ମୋର ମା' ଯାଇଁ ତାକୁ ଧରି ପକାଇଲା । କହିଲା—ରହ; ଆଉ ସାଙ୍ଗେ ସାଙ୍ଗେ ମୋର ମାମୁଁଙ୍କୁ ପାଟି କଲା— ଶଉରୀ, ଚଟି ଜୋତାଟା ଆଣ ତ । ମୋର ମାମୁଁ ମୋର ମା'ର ପାଟି ଶୁଣି ସଙ୍ଗେ ସଙ୍ଗେ ଦଉଡ଼ି ଆସିଲା । କାରଣ ସବୁ ମାମୁଁ ଜାଣନ୍ତି ମୋର ମାଆ ଖାଲି ରାଗୀ । କାଳେ କ'ଣ ମାନେ କ'ଣ କରି ପକାଇବ । ଯେମିତି ମୋର ମାମୁଁ ଦଉଡ଼ି ଆସିଛି—ତା'ର ଗୋଡ଼ରୁ ଚଟି ଜୋତା କାଢ଼ି ସେହି ବଷ୍ଟୁକୁ ସପାସପ୍ ସପାସପ୍ ଜୋତାରେ ବାଡ଼େଇ ଗଲା । କହିଲା—ହାରାମ୍‌ଜାଦା, ମୋ ଝିଅକୁ ଏମିତି କହିବୁ ? ଏଡ଼େ ସାହସ ତୋର ? ବଷ୍ଟୁ ଏଣେ କହୁଥାଏ, ଆଉ କହିବ ନାହିଁ ।

ଆଉ ଦିନକର କଥା । ମୋର ମଧ୍ୟ ବାଲ୍ୟବିବାହ ହୋଇଥାଏ । ମୋତେ ସେତେବେଳେ ଦଶବର୍ଷ ଆଉ ମୋର ସ୍ତ୍ରୀକୁ ଆଠବର୍ଷ । ଏହାପରେ ପୁନର୍ବିବାହ ମଧ୍ୟ ହୋଇ ସାରିଛି । ସେତେବେଳକୁ ମୁଁ ଏନ୍ ଟ୍ରାନ୍ସ୍ ପାସ୍ କରିଛି । ସେ ୧୯୦୮ ସାଲର କଥା । ମୁଁ ଆସିଛି କଟକ, ଆଇ. ଏସ୍‌ସି. ପଢ଼ୁଛି । ମୋର ସ୍ତ୍ରୀ ଆମ ଘରେ ଥାଏ । ମୋର ମା' ଯାଇଥାଏ ମୋର ବଡ଼ ଭଉଣୀ ଘରକୁ— କସବା—ଆମ ଘର ପାଖକୁ ପାଖ । ସଞ୍ଜ ରଞ୍ଜ ବେଳ; ଘରଦ୍ୱାର ସବୁ ଲଗା । ମା' କହିଯାଇଛି, ତୁ କବାଟ ଫିଟେଇବୁ ନାହିଁ । ମୁଁ ସାଙ୍ଗେ ସାଙ୍ଗେ ଆସିଯିବି । ତୁ ଘର ଭିତରେ ଥା' । ବଷ୍ଟୁ କପରି ଖବର ପାଇଛି ଯେ ଘରେ କେହି ନାହିଁ । ମୋର ସ୍ତ୍ରୀ ଏକାକୀ । ସେ ଡାକୁଛି, କେହି ଶୁଣି ନାହାଁନ୍ତି । ଏଣେ ମୋର ସ୍ତ୍ରୀ କବାଟ କିଳି ଗୋଟିଏ ଘରେ ପଶିଛି । ଏହି ସମୟରେ ଦୁମ୍‌କରି ଘୂଳ ଉପରୁ ଡେଇଁଛି । ଯାଇଁ ଚେଷ୍ଟା କରିଛି, କିନ୍ତୁ କବାଟ ନ ଫିଟିବାରୁ ସେ ପଳାଇ ଯାଇଛି । ଏଣେ ମା' ଆସିଛି । ଆଉ ଦେଖେ ତ ଦାଣ୍ଡ କବାଟ ଖୋଲା ଅଛି । ଭିତରକୁ ଯାଇଁ ବୋହୂକୁ ଡାକୁଛି—ବୋହୂ ତ ଘର ଭିତରେ ମୂର୍ଚ୍ଛା ଯାଇଛି । କେତେକ୍ଷଣ ପରେ ମା' ପାଟି ବାରି ସେ ଆଶ୍ୱାସିତ ହୋଇ ଭିତରୁ କବାଟ ଫିଟାଇଲା । ତା'ପରେ ମା' ସବୁ ବୁଝି ପାରିଲା । ଏହାର ପ୍ରତିଶୋଧ ନେବା ପାଇଁ ମା' ଦିନେ ସେହି ବଷ୍ଟୁକୁ ଧରି ଖୁବ୍ ମାଡ଼ ଦେଇ ଆମ୍ଭ ଗ୍ରେପ୍ କରିଛି ଆଉ ବାସନ ଗ୍ରେପ୍ କରିଛି, ଏହି ଅପରାଧରେ ତା'କୁ ଦୁଇଚାରି ମାସ ଜେଲ୍‌ରେ ପୁରାଇଲା ।

ମୋର ମା' ଥିଲା ଏହିପରି ଜବରଦସ୍ତ ଲୋକ । ଖୁଷଣ ରାଗୀ, ଖୁଷଣ ତେଜସ୍ୱିନୀ, ପରୋପକାରୀ । ଅନ୍ୟର ବିପଦ ଆପଦରେ ଦୁଃଖରେ ଆସି ଠିଆ

Digitized by srujanika@gmail.com

ହେବ । ଜୀବନ ଦେଇ କାମ କରିବ । ହଇଜା, ବସନ୍ତ, ଆତ୍ମହତ୍ୟା ଇତ୍ୟାଦି ବେଳେ ମୋର ମା' ଚରିଷି ପରି ବୁଲିବ, ସବୁ ତତ୍ତ୍ୱ ନେବ ।

ମୋର ମା'
ଅନ୍ୟାୟର ବ୍ୟାଘ୍ର,
ଧରମର ଧାରଣୀ, ମା' ମୋର କରମର ସିଂହୀ ।
ସେ ଜେଜୀ ପରି ବୁଲେ
ସେ୍ନହେ ଅବା ରଣେ କେବେହେଁ, କେବେହେଁ ନ ଥକି । ୧ ।
ସେ ମୋର ମା'
ଜୀବନର ଯୌବନର ସ୍ୱପନେ କରିଛ ଉଦ୍ଧାର ।
ସେହି ମୋର ମା'
ବୁଲିଗଲେ ଦେଇଯିବ ମୋତେ ତା' ବଳ ଅପାର । ୨ ।
ତା'ଠାରେ ମୁଁ ଅଶେଷେ ଋଣୀ । ତା' ପାଇଁ ମୁଁ ଗୁଣୀ
ତା' ଗୁଣ ସ୍ମରି, ସଦା ହୁଏ ବଳୀ ତା' କଥା ଶୁଣି । ୩ ।

ମୋ ଜୀବନ ଯାଉ, ମା' ମୋର ଆଉ
ସେ ଜଗତ କରିବ ଉଦ୍ଧାର ।
ମହିଷମର୍ଦ୍ଦିନୀ ମା' ମୋର, ତା' ତୁଳନାରେ
ମୁଁ ଯେ ଅତି ଅକିଞ୍ଚିତକର । ୪ ।

ମୋର ବାବା :

ମୋର ବାବା ଥିଲେ କିନ୍ତୁ ଭିନ୍ନ ପ୍ରକୃତିର । ସାଧାରଣତଃ ସେ ବଡ଼ ଶାନ୍ତ । ତାଙ୍କର ଜୀବନରେ ସ୍ୱପର୍ଯ୍ୟନ୍ତ ଖୁବ୍ । ତାଙ୍କର ବାପା ଥିଲେ ମହାଜନ । ତିନି ତିନିଟା ଜାହାଜ ଥିଲା । କୋଠାଘର ଦୁ' ଦୁଇଟା ଥିଲା; ଗୁଡ଼ କାରବାର, ଗଞ୍ଜେଇ ଅଫିମ ଦୋକାନ—ସବୁ ଥିଲା । ମୋର ବାବା ହୋଇଗଲେ ହଠାତ୍ ବଡ଼ ଗରିବ । ମୋର ବାବାଙ୍କର ବାବା ମରିଯିବା ସାଙ୍ଗେ ସାଙ୍ଗେ ତାଙ୍କର ଦୁ' ଦୁ'ଟା କୋଠା ନିଲାମ ହୋଇଗଲା । ମାଣିକଖମ୍ ବା ମାଣିକ୍ୟଖମ୍ବ ଘରଟା ଥିଲା ମହାରାଜା ବୈକୁଣ୍ଠନାଥ ଦେ'ଙ୍କ ଘର ସାମନାରେ । ସେଟା ଚକ୍ରାନ୍ତ କରି ସେ ନେଇଗଲେ । ଆଉ ବାରବାଟୀରେ ଯେଉଁ କୋଠାଘର ଥିଲା ସେଟା ବାଲେଶ୍ୱର ବାରବାଟୀର ଅନ୍ୟ ଜମିଦାର ଉଦ୍ଧବ ବେହେରା (ପରେ ଦାସ ହେଲେ) ତେଲିଘର ନେଇଗଲେ ।

Digitized by srujanika@gmail.com

ଏଇ ସବୁ ବିପର୍ଯ୍ୟୟ ପାଇଁ ବାବା ମୋର ହୋଇଯାଇଥିଲେ ବଡ଼ ଉଦାସୀ । ତଥାପି ସେ ଥିଲେ ସ୍ନେହୀ, ମେଳାପୀ, ଅହଙ୍କାରଶୂନ୍ୟ । ମୋର ପିତାଙ୍କର ନାମ ଶ୍ରୀ କ୍ଷେତ୍ରମୋହନ ସାହୁ ଏବଂ ମୋ ମାଆର ନାମ ଶ୍ରୀମତୀ ଅନ୍ନପୂର୍ଣ୍ଣା । ଏହି ଦୁଇଟି ଲୋକଙ୍କର ସ୍ୱଭାବ ଓ ସାହାଯ୍ୟ ନେଇ ମୋର ଶରୀର ଏବଂ ପ୍ରକୃତି ଗଠିତ ହୋଇଅଛି ।

ଦିନକର ଘଟଣା । ମୋର ବାବା ମୋର ମଉସା ଦୋକାନ ଛାଡ଼ି ଆମ ଘରେ ଦୋକାନ ଦେଇଛନ୍ତି । ମୁଁ ସେତେବେଳେ ମାଇନର କ୍ଲାସରେ ପଢ଼ୁଥାଏ—ମାଇନର ଫାଷ୍ଟ କ୍ଲାସରେ । ଅଙ୍କରେ ଭଲ ପାରୁଥାଏଁ—ଫାଷ୍ଟ୍ ହେଉଥାଏ । ଏପରି କି ଉମେଶଚନ୍ଦ୍ର ପାଟୀଗଣିତରେ ସବୁ କଠିନ ଅଙ୍କ—ଯାହା ହେଡ୍‌ମାଷ୍ଟର କରିପାରନ୍ତି ନାହିଁ, ମୁଁ କରି ଦେଉଥାଏଁ । କିନ୍ତୁ ହେଲେ କ'ଣ ହେବ ? ଜଣେ ଗରାଖ ଆସିଲା । ସଉଦା ନେବ । ଦୁଇସେର ପୁରି ଓଜନ କରୁ କରୁ ସେରେ ଦଶ ଛଟାଙ୍କି ପୂରି ହେଲା । ଆଉ ପୁରି ନାହିଁ । ହଉ, ତା'ପରେ ଗଜା । ସେରେ ଗଜା ନେବ । ଓଜନ କରୁ କରୁ ସାଢ଼େ ଚଉଦ ଛଟାଙ୍କି ଉଠିଲା । ତାପରେ ନିମିକି, ସିଙ୍ଗଡ଼ା ଇତ୍ୟାଦି । ଏ ସବୁ ଓଜନ କରି ଦେଇ ସାରିଲା ପରେ କେତେ ଦାମ୍ ହେଲା ସେ ପଚାରିଲା । ମୁଁ ଆଉ ମୁହେଁ ମୁହେଁ କହିପାରୁ ନ ଥାଏ । ବାବା ସାଙ୍ଗେ ସାଙ୍ଗେ ହିସାବ କରି ପଇସା ରଖିନେଲେ । ଆଉ ମୋତେ ଗୋଟିଏ କାଠଫାଳିଆ ଚୋପାଡ଼ ମାରିଲେ; କହିଲେ, "ଶଳା, ପାଠ ପଢ଼ୁଛୁ ! ଏତିକି ହିସାବ କରିପାରୁ ନାହୁ, ଆଉ ପାଠ ପଢ଼ୁଛୁ କ'ଣ ?" ମୁଁ କାନ୍ଦି କାନ୍ଦି ଦୋକାନ ଛାଡ଼ି ପଳାଇଗଲି । ସେ ଦିନ ରାତିରେ ଆଉ ଘରକୁ ଫେରିନାହିଁ । ବାଲେଶ୍ୱର ବଜାର ଶ୍ୟାମସୁନ୍ଦର ମନ୍ଦିରପିଣ୍ଡାରେ ଶୋଇ ରହିଲି ।

ଆଉ ଦିନକର ଘଟଣା । ଆମେ ସମସ୍ତେ କୁସ୍ତି କସରତ୍ କରୁଛୁ । ଖେଳୁଛୁଁ । ମୁଁ Peacock ବା ମୟୂର ପରି ହାତ ଉପରେ ଚାଲିବା ପାଇଁ ଚେଷ୍ଟା କରୁଛି ଗୋଡ଼କୁ ଉପରକୁ ଟେକି ଦେଇ । ଏହି ସମୟରେ ପଛଆଡ଼େ ଜଣେ ଠିଆ ହୋଇଥିଲା । ତାର ଆଖିପତାରେ ମୋ ଗୋଡ଼ ବାଜିଗଲା । ତାର ଆଖିପତା ଫାଟିଗଲା—ରକ୍ତ ଝର ଝର ବୋହିଲା । ତାର ମା' ଆସି କଜିଆ କଲା ବାବା ପାଖରେ । ଆନାକୁ ଯିବ ବୋଲି କହିଲା । ଏହି ସମୟରେ ବାବା ମୋତେ ଦେଖି ପକାଇଲେ । ଦଉଡ଼ି ଆସି କୁତାରେ ପିଟିବାକୁ ବସିଲେ । ସେତେବେଳକୁ ମୋର ବୟସ ୧୭ ବର୍ଷ । ମୁଁ ବାଲେଶ୍ୱର ଜିଲ୍ଲାସ୍କୁଲରେ ନବମ ଶ୍ରେଣୀରେ ପଢ଼ୁଥାଏ । ସେହି ସମୟରେ ମୁଁ ଫକୀରମୋହନ ସେନାପତିଙ୍କ ଛମାଣ ଆଠଗୁଣ୍ଠ

Digitized by srujanika@gmail.com

କହୁ ପଢ଼ିଥାଏଁ । ସେଥିରେ ଗୋଟିଏ ଜାଗାର କଥା ମନେ ପଡ଼ିଗଲା । ସାଙ୍ଗେ ସାଙ୍ଗେ ବାବାଙ୍କୁ କହି ପକାଇଲି—ଖବରଦାର୍—

ଲାଳୟେତ୍ ପଞ୍ଚବର୍ଷାଣି ଦଶବର୍ଷାଣି ତାଡୟେତ୍ ।
ପ୍ରାପ୍ତେ ତୁ ଷୋଡ଼ଶେ ବର୍ଷେ ପୁତ୍ରଂ ମିତ୍ରବଦାଚରେତ୍ ।

ଶିଶୁକୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଲାଳନ ପାଳନ କରିବ । ଦଶବର୍ଷ ପର୍ଯ୍ୟନ୍ତ ତାଡ଼ନା କରିବ । ପନ୍ଦର ବର୍ଷରୁ ଊର୍ଦ୍ଧ୍ୱ ହେଲେ ପୁତ୍ରକୁ ମିତ୍ର ପରି ଆଚରଣ କରିବ । ମୋର ବର୍ତ୍ତମାନ ଷୋଳ ପଶିଲା । ବାବା ତଟସ୍ଥ । ମୁଁ ଚମ୍ପଟ୍ ।

ସେହି ମୋର ପିତା—ଧୀର, ଶାନ୍ତ, କୋମଳ, କରୁଣାମୟ ।

ପିତା ପିତା ପିତା ମମ
ମହା ଉଦାର ଉଦାସୀ ସମ । ୧ ।

ସ୍ନେହଝର ତାଙ୍କର ଅଛି ଗର୍ଭରେ
ନିଦର୍ଶନ ଅଛି ତାର କରମରେ
ଅନୁଭୂତି ଅଛି ତାର ମରମରେ । ୨ ।

କଥାରେ ସେ କଥା ନୁହିଁଇ କେବେ କହି
କଥାରେ ସେ ଏହା ଅବା ଜଣାନ୍ତି ନାହିଁ । ୩ ।

ସେହି ମୋର ପିତା, ଚନ୍ଦ୍ର
ଯାଙ୍କ ଠାରେ ମୁଁ,
ମହା ଅପରାଧୀ,—ହୁଁ;
ମାତ୍ର ସେ ସଦା ରଖନ୍ତି ପ୍ରୀତି । ୪ ।

ମୈତ୍ରୀ କୈତ୍ରୀ ଏହି ଭାବ ପୋଷି
ଜଗତେ କାଳ କଟାଇଲେ ଆସି । ୫ ।

ଉଡ଼ିଯିବେ ଯେବେ, ବୁଝିବି ମୁଁ ତେବେ
କି ଅମୂଲ୍ୟ ନିଧି ହରାଇ ବସିଲି
ଭାଗ୍ୟହୀନ ମୁଁ ତାଙ୍କ ବିନୁ ହେଲି । ୬ ।

ନିଧି ହାତେ ଥିବାଯାଏ ନ ଥାଏ ଆଦର
ହଜିଲେ କାନ୍ଦଣା, ହୁଡ଼ିଲେ ବଣା
ଏହି ତ ଜଗତର ଅପୂର୍ବ ବ୍ୟାପାର । ୭ ।

Digitized by srujanika@gmail.com

ମୁଁ ସ୍ଥିର ବୁଦ୍ଧିର କରି ଅହଂକାର
କରିଛି ପିତାଙ୍କୁ ଅବହେଳେ ବାରମ୍ବାର । ୮ ।

ଏହାର ପ୍ରତିଫଳ ଅବଶ୍ୟ ଅବଶ୍ୟ ଭୋଗିବି, ଯେତେଦିନ ବଞ୍ଚିବି
କ୍ରିୟା ପ୍ରତିକ୍ରିୟା ଜଗତନିୟମ—ମୁଁ କେମନେ ସେଥିରୁ ଉଦ୍ଧରିବି ? ୯ ।

ନମସ୍କାର ନମସ୍କାର ନମସ୍କାର ପିତା
ଲଜ୍ଜାରେ ନିଜ ମନେ କରୁଛି ଏତା
ଜଗତ ପାଇଁ ନୁହେଁ
ମୋ ପାଇଁ ଅଟେ ।
ମୁଁ ନମୁଛି ମାରବେ ଅନ୍ତରେ ତବ ପଦରେ
ବାକ୍ୟହୀନ ମୁଗ୍ଧ ଚକିତ ଲଜ୍ଜରେ । ୧୦ ।

ମୁର୍ଶିଦାବାଦର କଥା

ଆଗରୁ କହିଛି ମୋ ମା' ମୁର୍ଶିଦାବାଦର ଝିଅ । ସେ ଇତିହାସ ଟିକିଏ କହେ ।

୧୮୬୬ ସାଲର ଦୁର୍ଭିକ୍ଷ ନୁହେଁ, ତାର ୬୫।୭୦ ବର୍ଷ ପୂର୍ବରୁ ଆଉ ଏକ ଭୀଷଣ ଦୁର୍ଭିକ୍ଷ ହୋଇଥିଲା । ସେହି ସମୟରେ ଓଡ଼ିଶାରୁ ବିଶେଷତଃ ବାଲେଶ୍ୱରରୁ ଅନେକ ପରିବାର ବଙ୍ଗଦେଶକୁ ପଳାଇଯାଇଥିଲେ । ସେଥିମଧ୍ୟରୁ ଅନେକ ମୁର୍ଶିଦାବାଦରେ ଆଶ୍ରୟ ଗ୍ରହଣ କରିଥିଲେ । ସମ୍ଭବତଃ ସେଠାକାର ରାଜା ଓ ନବାବ୍ ଘର ଏମାନଙ୍କ ପାଇଁ ବିଶେଷ ଦାନର ବ୍ୟବସ୍ଥା କରିଥିଲେ । ବୃନ୍ଦାବାଲି ଏବଂ ଧାମନଗରରୁ ଦୁଇଟି ଗୁଡ଼ିଆ ପରିବାର ମଧ୍ୟ ଏମାନଙ୍କ ସହିତ ଘର ଛାଡ଼ି ବାହାରିଗଲେ ।

ମୋର ମା'ର ମା—ତାର ବାପର ନାମ ନିଧି ସାହୁ ଥିଲା । ସେ ଖୁବ ଡରୁଆ ଲୋକ । ମୋର ମା'ର ବାପ, ତାର ବାପ ଫକୀର ସାହୁ, ବଡ଼ ଉଦ୍‌ଯୋଗୀ—ବଡ଼ ପରିଶ୍ରମୀ, ମେଲାପୀ । ସେ ଦେଶକୁ ଯାଇଁ ଦଶଜଣଙ୍କ ସ୍ନେହ ଓ ସମ୍ମାନ ଲାଭ କରି ଯାଇଥିଲେ । ମୁର୍ଶିଦାବାଦ କାଟିଗାଙ୍ଗ୍‌ରେ ନବାବ୍ ଏବଂ ନବାବ୍‌ର ମା ଦୁଇଜଣ ବର୍ଷରେ ଥରେ ଖୁବ୍ ରୋସନାଇ କରନ୍ତି । ସେହି ରୋସନାଇ ଦେଖିବାକୁ ଯାଇଛନ୍ତି କାଟିଗାଙ୍ଗ ଗଙ୍ଗାଧାରରେ । ସେଠାରେ ଲୋକଙ୍କୁ ହାଣି ପକାନ୍ତି । ନବାବ୍‌ଙ୍କର ବୁଜ ମାହରେ ବେହେଗ (ବେଷମା)

Digitized by srujanika@gmail.com

ହୁଏ, ତୋପ ଫୁଟେ । ନବାବ୍‌ର ଏବଂ ନବାବ୍ ମା'ର ଏହିପରି ଦୁଇଜଣଙ୍କର ବେଢ଼ିବେଢ଼ି ହୁଏ । ହଜାର ହଜାର ଲୋକ ଦେଖିବାକୁ ଯାଆନ୍ତି । ନୌକା ଯୋଗେ ଯାନ୍ତି ଏବଂ ଆସିଲାବେଳକୁ ଅନେକ ରାତି ଆସନ୍ତି । ମୋର ମା' ବଡ଼ମା' ପ୍ରଭୃତି ସେତେବେଳେ ଖୁବ ସାନ ପିଲା, ୭।୮ ବର୍ଷର । ଫେରୁ ଫେରୁ ରାତି ହୋଇଗଲା । ଡକାଇତ ଭୟରେ ଭୀତ ହେଲେ । କିନ୍ତୁ ଗୋଟିଏ ବୁଦ୍ଧି ପାଞ୍ଚି ଏହି ଦଳ ଚାଲିବାକୁ ଆରମ୍ଭ କଲେ । ମୋର ମା' ବଡ଼ମା' ପ୍ରଭୃତି ଗାଡ଼ିରେ ଚୁପ୍ କରି ଶୋଇପଡ଼ିଥାନ୍ତି । ସେମାନଙ୍କ ସଙ୍ଗରେ ଥିବା ଭେଣ୍ଡିଆ ଟୋକାମାନେ ପୁଲିସ ସାଜି ଶଗଡ଼ ପଛେ ପଛେ ଚାଲିଥାନ୍ତି, ଆଉ କହୁଥାନ୍ତି, ଉଃ, କେତେବାଟ ଆଉ ଅଛି ପୋଲିସ୍ ଷ୍ଟେସନ୍‌କୁ । ମଡ଼ାଗୁଡ଼ାକ ଦୁଇଦିନର ହୋଇଗଲା । ଆଉ କେତେବେଳେ ପହଞ୍ଚିବା ? ଜଲ୍‌ଦି ଜଲ୍‌ଦି ଚାଲ, ପଚା ମୁର୍ଦାରର ଗନ୍ଧ ବାହାରିଲାଣି, ଫାଣ୍ଡି ତଥାପି ଦିଶୁନାହିଁ । ଏହିପରି କହି ଖାଗର ବଜାରରେ ଆସି ପହଞ୍ଚିଲେ । ମୋର ଅଜା ଆଇ ସାଙ୍ଗରେ ଥିଲେ । ଏ ବୁଦ୍ଧିଟି ଅଜା ଆଇଙ୍କର ।

ପିଲାଦିନର କଥା । ମୋର ମା' ଓ ବଡ଼ମା ମୁର୍ଶିଦାବାଦରେ ଖେଳୁଥିଲେ, ବୁଲୁଥିଲେ । ଅଫିସରେ ଅଜା କାମ କରୁଥାଏ । କାରଖାନାକୁ ଅଜା ପାଇଁ ମୋର ବଡ଼ମା ଭାତ ନେଇଯାଏ, ମୋର ମା ଦୁଧ ନେଇଯାଏ ।

ଦିନେ ବାଟରେ ଆସୁ ଆସୁ ଗୋଟିଏ ବଣମଣିଷ (ଯାହେବ ପାଳି ଥିଲା ।) ମା ହାତରୁ ରୁଟି ଗଛ ଛଡ଼ାଇ ନେଲା । ଏମାନେ ଭୀତ ସନ୍ତ୍ରସ୍ତ ହେଲେ । ଚିତ୍କାର ହୁରି ପକାଇଲା, ଡର ନାହିଁ । ବଣମଣିଷଟି ମଣିଷର କାମ କରେ, ଚାଲେ, ଚାହେଁ; କିନ୍ତୁ ଦେହରେ ଲୋମ ଭରା ।

ମୋର ଆଇର ଏକ ଦାଦି (କକେଇ) ଥାଏ । ତାର ନାମ ନିଧି ସାହୁ, ତରୁଆ ଲୋକ । ଦିନେ ଚୋର ପଶିଲାଣି ଘରେ । ନିଧି ସାହୁ ଟଙ୍କା-ପୋଟଳା ମାରି ରଖିଦିଏ । ଚୋର ପଶି ଖଡ୍ ଖଡ୍ କରୁଅଛି । ତାର ସ୍ତ୍ରୀ କହୁଛି ଖଡ଼ ଖଡ଼ କିଏ କରୁଛି ? ବୁଢ଼ା କହୁଛି, ଚୁପ୍ କର । ବିଲେଇ ଖଡ଼ ଖଡ଼ କରୁଛି । ହରି (ମୋର ଆଇର ନାମ) ର କାକା ଘରେ ଖଡ଼ ଖଡ଼ ହେଉଛି କଣ ? ତଥାପି ହରିର କାକା କହୁଛି, ଚୁପ୍ କର, ବିଲେଇ ଖଡ଼ ଖଡ଼ କରୁଛି । ଶେଷରେ ଚୋର ଯେମିତି ବାହାରି ଯାଇଛି, ସେହିପରି ଗୋଟିଏ ବାଡ଼ି ଆଣି "ହରିର କାକା" ଗୋଟିଏ ବାଡ଼ି ଉପରେ ଦେ ପାହାର, ଦେ ପାହାର, କରି ବାଡ଼ିକୁ ଚୂନା କରିଦେଲା । ଚୋର କାହିଁ ? କିନ୍ତୁ ଏହି ହରିର କାକା ବଡ଼ ଧାର୍ମିକ ଥିଲେ,

Digitized by srujanika@gmail.com

ଏବଂ ନଜର ମୃତ୍ୟୁ ପୂର୍ବରୁ ଜାଣି ପାରୁଥିଲେ । ସେ ଘରେ ସ୍ତ୍ରୀକୁ କହିଲେ, କାଲି ଦିନ ୧୦ଟା ବେଳକୁ ମରିଯିବି । ତୁ ଦାନର ବନ୍ଦୋବସ୍ତ କର । ବୁଢ଼ା ଦାନ ନେଇଯାଉଛି । ଗାଈନାଙ୍ଗୁଡ଼ ଧରିଛି । ମରିଗଲା । ମୃତ୍ୟୁ ସାଙ୍ଗେ ସାଙ୍ଗେ ଗୋଟିଏ ସାପ ଆସି ଦେଖାଦେଲା । ସେ ବୁଢ଼ା ମୁଣ୍ଡ ପାଖରୁ ଯାଉଥାଏ, ଗୋଡ ପାଖକୁ ଆସୁଥାଏ । ମୁର୍ଦାର ଉଠାଇ ନେଇଗଲେ । ଗାଈ ଗୋଠରୁ ଅଇଲା ନାହିଁ । ଛୋଟା ପଡ଼ିଲା ନାହିଁ । ମଝିଘରୁ ବିଜୁଳିପରି ଚମକ ଦେଖାଦେଲା । ମୋର ମା'ର ମାମୁଁମାନେ ମରିଗଲେ । ଏହିପରି ଭାବରେ ମୋର ଆଈର ବଂଶର ଲୋକେ ମରିହଜି ଗଲେ ।

ମୋର ଆଈର ନାମ ସରସ୍ୱତୀ । ପୁରୀରୁ ଖବର ଗଲା ଅମୁକଦିନ ଯାହାର ଯାହାର ନାମ ପଡ଼ିବ ସେମାନେ ମିତ ବସାଇବେ । ଗୋଟିଏ ଗଉଡୁଣୀର ନାମ ସରସ୍ୱତୀ ଥିଲା । ମୋର ଆଈର ନାମ ସରସ୍ୱତୀ । ସୁତରାଂ ସେମାନେ ମିତ ବସାଇଲେ । ଗୋଟିଏ ମେହେନ୍ତରାଣୀ ଆସି ମଧ୍ୟ ମୋ ଆଈ ସାଙ୍ଗରେ ମିତ ବସାଇଲା, କାରଣ ତାହାର ନାମ ମଧ୍ୟ ସରସ୍ୱତୀ । ଏହି ସୁନ୍ଦର ପ୍ରଥା ଭାରତର ଅନ୍ୟତ୍ର ଅଛି କି ନାହିଁ, ଜାଣେ ନାହିଁ । କିନ୍ତୁ ଯେଉଁ ମୁହୂର୍ତ୍ତରେ ମୋର ମା'ଙ୍କ ମୁହଁରୁ ଏହି କଥାଟି ଶୁଣିଲି, ସେହି ମୁହୂର୍ତ୍ତରୁ ଭାବୁଅଛି ଜଗନ୍ନାଥଙ୍କୁ ଜଗତର ନାଥ କରି ବସାଇ ପଣ୍ଡାମାନେ କି ସୁନ୍ଦର ଭ୍ରାତୃତ୍ୱର ସୃଷ୍ଟି କରୁଥିଲେ । ଆଜି ଏହିସବୁ କଥାକୁ ଲୋକେ ତୁଚ୍ଛ କରିପାରନ୍ତି, କିନ୍ତୁ ଏହାର ପ୍ରଭାବ ଯେ ଅତି ଦୂର-ପ୍ରସାରୀ, ଏହା ଏହି ପୂର୍ବ ଘଟଣାରୁ ସ୍ପଷ୍ଟ ଉପଲବ୍ଧ କରାଯାଉଛି ।

ପଢ଼ା ଆରମ୍ଭ

ମୁଁ ପ୍ରଥମେ ଗୋଟିଏ ଚାହାଳୀରେ ପଢ଼ିଲି । ବାରବାଟୀରେ ସେ ଚାହାଳୀ । ଅବଧାନର ସେ ମାଡ଼ ଦେବାର ଦେଖି ସେଠାକୁ ଯିବାକୁ ସାହସ ହୁଏ ନାହିଁ । ଏଣେ ମା ଘୋଷାରି ଘୋଷାରି ସେହି ଅବଧାନ ପାଖକୁ ନେଇଯାଏ । ସେଠି 'ଖ' ପରୀକ୍ଷାରେ ପାସ୍ କରି 'କ' ପରୀକ୍ଷା ଦେବାକୁ ଥାଏ । ଏହି ପରୀକ୍ଷାକୁ ଯେଉଁ ପରୀକ୍ଷକ ଆସିଥିଲେ, ତାଙ୍କୁ ଦେଖି ମୁଁ ସବୁ ବିଦ୍ୟା ପାସୋରି ପକାଇଲି । ଏତେ ଡର ହେଲା । ଫଳରେ 'କ' ପରୀକ୍ଷାରେ ପାସ୍ କରି ପାରିଲି ନାହିଁ । ତା'ପରେ ଚାହାଳୀ ଛାଡ଼ିଦେଲି । ମୋ ଲକ୍ଷ୍ମଣ ମାମୁଁ ପାଖରେ ପଢ଼ିବାକୁ ଆରମ୍ଭ କଲି । ଦିନେ ମାମୁଁ ପାଖରେ ମୁଁ, ମାଉସୀପୁଅ ଭାଇ ଫକ, ଆଉ କେତେକ ପିଲା ପଢ଼ୁଥାଉଁ । ଜଣେ ଅଭିଭାବକ ଆସିଲେ, ସେ ଦେଖିବେ ତାଙ୍କ ପିଲା କିପରି

Digitized by srujanika@gmail.com

ପଢ଼ୁଛୁ । ସେଦିନ ସନ୍ଧ୍ୟାରେ ମୋତେ ବଡ଼ ଢୁଳ ଲାଗୁଥାଏ । ଫଳରେ ମୁଁ ଦଣ୍ଡ ପାଇଲି । ମୋ କାନ ମୋଡ଼ା ହେଲା । ତା'ପରେ ମୋତେ ଯେତେ ପଢ଼ା ପଚରା ହେଲା କହିଲି ନାହିଁ । କିନ୍ତୁ ସେଥିପାଇଁ ସେଦିନ ଅନେକ କାନମୋଡ଼ା ଖାଇଲି । ଗୋଡ଼ ଦେଇ ରଗଡ଼ି କାନ ମୋଡ଼ି ଦିଆହେଲା । ମୋର ଭୟଙ୍କର ରାଗ ହେଲା । ଯେପରି ରାତିରେ ଛୁଟି ହୋଇଛି, ମୁଁ ବାହାରକୁ ଆସି ଯେଉଁ ପିଲା ମୋ କାନ ମୋଡ଼ିଥିଲା ତାକୁ ଏକ ମୁଥା କାନପାଟିରେ ମାରିଲି । ସେଥିରେ କାନପାଟି ଫାଟି ଯାଇ ରକ୍ତ ଝରି ଝରି ହୋଇଗଲା ତାର ।

ଆଉ ଦିନକର ଘଟଣା । ଗୁଡ଼ିଉଡ଼ାରେ ଆମେ ଦୁଇ ଦଳ ହୋଇଥାଉଁ । ମୋ ମାଉସୀପୁଅ ଭାଇ ଗୋଟିଏ ଦଳ । ମୁଁ ଗୋଟିଏ ଦଳ । ଦିନେ ଗୁଡ଼ିଉଡ଼ାରେ ମୁଁ ସେମାନଙ୍କୁ ଖୁବ୍ ଅପମାନ ଦେଲି । ସେମାନଙ୍କ ଗୁଡ଼ି ବରାବର କାଟିଦେଲି । ସେମାନେ ପରାମର୍ଶ କଲେ ମତେ ଡରାଇବେ, ମାଡ ଦେବେ । ମୁଁ ଯାଉଛି ସଞ୍ଜବେଳେ—ବାଡ଼ମୂଳରେ ମୋର ମାଉସୀପୁଅ ଭାଇ ଛକି ରହି ବାଲି ଝରି ଝରି କଲା । ମୁଁ ଟିକିଏ ଶୀତେଇ ଉଠିଲି । ତା'ପରେ ସେ ବାଡ଼ମୂଳରୁ ବାହାରି ଆସି ହାଉ କଲା । ମୁଁ ତା' ହାଉ ଦେଖି ଏତେ ଜୋର୍‌ରେ ହାଉ କଲି ଏବଂ ତାକୁ ଜାପଟି ଧରିଲି ଯେ ସେ ଡରିଗଲା ଏବଂ 'ମାଆ ଲୋ' କହି ଡରି ମୋ ଠାରୁ ଖସି ପଳାଇଲା ।

ଆଉ ଦିନକର ଘଟଣା । ଜନ୍ମରାତି । ମାମୁଁ ଘାଙ୍କରୁ ପଢ଼ା ସାରି ମୁଁ ଘରକୁ ଯିବି । ମୋ ମାଉସୀପୁଅକୁ ଛାଡ଼ିବାକୁ ଗଲି । ଯାଉଁ ଯାଉଁ ଘର ପାଖରେ ତାଙ୍କର ଗୋଟିଏ ତାମିଲି ଘର । ସେଇ ପିଣ୍ଡାରେ ଜଣେ ସ୍ତ୍ରୀ ଲୋକ ମୁଣ୍ଡବାଳ ମୁକୁଳା କରି ତେନ୍ତୁଳି ବାଛୁଛି । ମନ ମା' ତାର ନାମ । ତାକୁ ଦେଖି ମୁଁ ଡରିଗଲି ଏବଂ 'ମାଆ ଲୋ' କହି ଦୌଡ଼ିବାକୁ ଆରମ୍ଭ କଲି । ବାଟରେ ଜଣେ ଦି ଜଣ 'କିସ' 'କିସ' କହି ଅଟକାଇବାକୁ ଚେଷ୍ଟା କଲେ । ମୁଁ ସେମାନଙ୍କୁ କାମୁଡ଼ା, ଚୁଟୁଲା ଦେଇ ଏକାଥରେ ବାରବାଟୀ ଛକରୁ ଆମ ଘରକୁ ପଳେଇ ଆସିଲି ।

ଭିକ୍ଟୋରିଆ ମାଇନର ସ୍କୁଲ, ବାଲେଶ୍ୱର

ବାଲେଶ୍ୱର ସହରର ବାରବାଟୀରେ ଆମର ଘର । ସେଠାରେ ଦୁଇଟି ମାଇନର ସ୍କୁଲ ଥିଲା । ଗୋଟିଏ ବୈକୁଣ୍ଠନାଥ ଦେଙ୍କ ଦ୍ୱାରା ଚାଳିତ ହେଉଥିଲା—ତାର ନାମ ଭିକ୍ଟୋରିଆ ମାଇନର ସ୍କୁଲ । ଅନ୍ୟଟି ରାଧାଚରଣ ଦାସଙ୍କ ଦ୍ୱାରା

Digitized by srujanika@gmail.com

ସ୍କୁଲଟ ହେଉଥିଲା—ତାର ନାମ ବାରବାଟୀ ମାଇନର ସ୍କୁଲ । ମୁଁ ଭର୍ଣ୍ଣାକୁଲର ମାଇନର ସ୍କୁଲରେ ପଢ଼ିଥିଲି । ଶ୍ରେଷ୍ଠ ପିଲାଟିଏ ହୋଇଥାଏ—ମୋର ମା’ ମୋତେ ନେଇ ସ୍କୁଲ ପାଖରେ ଛାଡ଼ିଦେଲେ । ବାବୁରଣା ବୋଲି ଜଣେ ଗ୍ରାମର ଲୋକ ମୋତେ ଧରି ସ୍କୁଲ ଭିତରକୁ ଗଲେ । ମୁଁ ଆଗେ ଆଗେ ସ୍କୁଲକୁ ପଶିଗଲି । ବାବୁରଣା ପଛରେ ଥାଏ । ଗୋଟିଏ କ୍ଲାସରେ ୬ ସୁଦର୍ଶନ ଦେ ନାମରେ ଜଣେ ଶିକ୍ଷକ ପଢ଼ାଉଥାନ୍ତି, ମାଇନର Fifth classରେ । ସେତେବେଳେ ସେ କ୍ଲାସରେ ଅନେକଗୁଡ଼ିଏ ଛାତ୍ର ଥାଆନ୍ତି—ପ୍ରାୟ ୩୦।୪୦ ଜଣ । ମୁଁ ସେ ପିଲାମାନଙ୍କୁ ଦେଖୁଥାଏଁ, ସେମାନେ ମୋ ଆଡ଼କୁ ଅନାଉଥାନ୍ତି । ସୁଦର୍ଶନ ବାବୁଙ୍କର ନଜର ପଡ଼ିଲା । ସେ ପଚାରିଲେ, ତୁମେ କଣ ସ୍କୁଲରେ ପଢ଼ିବ ? ମୁଁ କହିଲି, ହଁ । ସେ ପଚାରିଲେ ତୁମର ବୟସ କେତେ ? ମୁଁ କହିଲି ୧୨।୧୩ ବର୍ଷ ହେବ । କିନ୍ତୁ ସୁଦର୍ଶନ ବାବୁ ପସନ୍ଦ କଲେ ନାହିଁ । ସେତେବେଳକୁ ବାସ୍ତବରେ ମୋର ବୟସ ଢେର କମ୍ ଥାଏ । ମାଇନର First classରେ ମୋର ବୟସ ହୋଇଥିଲା ୧୨ । ପରୀକ୍ଷା କରି ଦେଖିଲେ ଯେ, ମୁଁ Fifth classର ଯୋଗ୍ୟ । ସ୍କୁଲରେ ପଢ଼ୁଥାଏ । ଦିନେ One morning I met a lame man ଗଳ୍ପଟି ପଢ଼ା ଥିଲା । ସୁଦର୍ଶନ ଦେ ପଢ଼ିବାକୁ କହିଲେ । ମୁଁ ପଢ଼ିଲି । Morning ଶବ୍ଦର ଉଚ୍ଚାରଣ ମର୍ନିଙ୍ଗ୍ ଏହିପରି କଲି । ସେ କହିଲେ ମର୍ଣିଙ୍ଗ ଏହିପରି କୁହ । ଅନେକ ଚେଷ୍ଟାକରି ପାରିଲି ନାହିଁ । ସେ ବିରକ୍ତ ହୋଇ ମୋତେ Fourth classକୁ ଏକମାସ Degrade କରିଦେଲେ । ଯାହା ହେଉ ପୁଣି ଏକମାସ ପରେ Fifth classରେ ପଢ଼ିଲି ।

‘ପଣ୍ଡିତ ଗୋଡ଼ରେ ପଥର ପକାଇ ଛୁ’

ଆଜି ପର୍ଯ୍ୟନ୍ତ ମୋର ବନ୍ଧୁ କେହି ହୋଇ ନ ଥିଲେ । ଅଣ୍ଡା ଅବସ୍ଥାରେ ଥିଲି । ଏବେ ଫୁଟିଲି । ମାଇନର ସେକେଣ୍ଡ କ୍ଲାସକୁ ଉଠିଲା ବେଳେ ବନ୍ଧୁ ଜୁଟିଲେ, ଦୁଷ୍ଟାମି ଶିଖିଲି । ଏଣିକି ଜୀବନର ଗତି ଶିଶୁମାର୍ଗ ଛାଡ଼ି ବାଳକମାର୍ଗକୁ ଗ୍ଭଲିଲା । ମାଇନର ସେକେଣ୍ଡ କ୍ଲାସରେ ପଢ଼ୁଥିଲା ବେଳେ ମୋର ମନେ ଅଛି ମୋତେ ଗୋଟିଏ ପିଲା ଅତି ଭଲ ପାଉଥିଲା । ସେ ଆଜି ମୃତ । ତାର ନାମ ମୋହିନୀମୋହନ ଦାସ । ସେ କିଛି ଦୁଷ୍ଟ ନୁହେଁ । ତେବେ ଟିକିଏ ଦୁଷ୍ଟାମି ଏବଂ ସାହସ ତାର ଥିଲା । ମୋର ମନେ ଅଛି ଗୋଟିଏ ଦିନର ଘଟଣା । ଗୋବିନ୍ଦବାବୁ ମାଷ୍ଟର ଆଜି ମଧ୍ୟ ଜୀବିତ ଅଛନ୍ତି । ଆମ୍ଭମାନଙ୍କର ଆଦର ଏବଂ ଭକ୍ତିର ଶିକ୍ଷକ ସେ ବରାବର ଥିଲେ । ବେତରେ ସମସ୍ତ ସମୟରେ ମାରିଲେ ମଧ୍ୟ ସେ ଇଂରାଜୀଟି

Digitized by srujanika@gmail.com

ଭଲ ପଢ଼ାଉଥିଲେ । ସେଥିପାଇଁ ମନେ ମନେ ଅତ୍ୟନ୍ତ ଭୟ ପାଉଥିଲି ଏବଂ ଭକ୍ତି ମଧ୍ୟ କରୁଥିଲି । ଦିନେ ସେ କ୍ଲାସରେ ଚଉକିରେ ବସି ଗୋଡ଼ ଦୁଇଟି ଟେବୁଲ ଉପରେ ଦେଇ ନିଦେଇ ଯାଇଛନ୍ତି । ବର୍ଷାଦିନ । କେଣ୍ଟି ପୋକ (ତେଲୁଣି ପୋକ) ଘରରୁ ଗୋଟିଏ ଗୋଟିଏ ଖସିପଡ଼ି ବୁଲୁଥାନ୍ତି ତଳେ । ଦୁଷ୍ଟ ମୋହିନୀମୋହନ ଗୋଟିଏ କେଣ୍ଟି ହାତରେ ଧରି ଗୋବିନ୍ଦ ବାବୁଙ୍କ ହାଁ ପାଟିରେ ଗୁଞ୍ଜିଦେଲା । ହାଁ ! ହାଁ ! ଦାଓ ଦାଓ ଦାଓ (ଅର୍ଥାତ୍ ପଢ଼ା ଦିଅ) ବୋଲି ଧଡ଼୍ ପଡ଼୍ କରି ଉଠି ବସିଲେ । ସେଦିନ ଅନେକ ବେତମାଡ଼ ଆମ୍ଭେମାନେ ସହିଛୁ ।

ଆଉ ଦିନକର ଘଟଣା । ସେତେବେଳକୁ First classକୁ ମୁଁ ଉଠିଛି । ମୋହିନୀ ମଧ୍ୟ ଉଠିଛି । ହେଡ଼ମାଷ୍ଟର ଆସି ନାହାନ୍ତି, ତାଙ୍କର ଅଙ୍କ କ୍ଲାସ । ଆମେ ଗୋଳମାଳ କରୁଛୁ । ଗୋବିନ୍ଦବାବୁ ସେକେଣ୍ଡ ମାଷ୍ଟର—ସେକେଣ୍ଡ କ୍ଲାସରେ ପଢ଼ାଉଥିଲେ । ଆମ ଗୋଳମାଳ ଦେଖି କ୍ଲାସକୁ ଆସି ଧମକାଇ ଦେଇ ବେଞ୍ଚରେ ଛିଡ଼ା କରାଇଦେଇ ଗଲେ । ଗୋବିନ୍ଦବାବୁ ନିଜେ ଅଙ୍କରେ ବଡ଼ କଞ୍ଚା ଥିଲେ । ମୁଁ ଅଙ୍କ ଭଲ ପାରୁଥାଏ । ଉମେଶବାବୁ ପାଟୀଗଣିତ ଅଙ୍କ ସବୁ ମୋତେ ଆସୁଥିଲା । ହେଡ଼ମାଷ୍ଟର କଷି ନ ପାରିଲେ ମୁଁ କଷିଦିଏ—ଏହିପରି । ମୋହିନୀ ଦୁଷ୍ଟ, ମୋତେ ଫୁସୁଲାଇ ଗୋବିନ୍ଦବାବୁଙ୍କ ପାଖକୁ ପଠାଇ ଦେଲା । ଅଙ୍କ ବୁଝିବାକୁ—ମିଛରେ । ଗୋବିନ୍ଦବାବୁ ଇଂରାଜୀ ପଢ଼ାଉଥାନ୍ତି । ମୁଁ ଯାଇଁ କ୍ଲାସରେ ପଶିଗଲି । ପଶିଗଲା କ୍ଷଣି ଗୋବିନ୍ଦବାବୁ ପଚାରିଲେ, କଣ ଗୁହଁ ? ମୁଁ କହିଲି ସାର, ଏହି ଅଙ୍କଟା ହେଉନାହିଁ । ଗୋବିନ୍ଦବାବୁ ହଠାତ୍ ରାଗି ଉଠି କହିଲେ, One cannot do two things at the same time. ମୋହିନୀ ଦୁଷ୍ଟ ମୋ ପଛେ ଥିଲା । ହଠାତ୍ କହି ଉଠିଲା Why, one can dance and sing at the same time. ଏଥିରେ ଗୋବିନ୍ଦବାବୁ ଧଡ଼୍ପଡ଼୍ କରି ଚୌକି ଛାଡ଼ି ଉଠିଲେ । ଆମେ ପଳାଇ ଆସିଲୁ । କ୍ଲାସକୁ ଆସି ମାଡ଼ ଦେବାକୁ ଉଦ୍ୟତ । ଏହି ସମୟରେ ହେଡ଼ମାଷ୍ଟର ଆସି ପହଞ୍ଚିଲେ । ସବୁ ଚୁପ୍ ଚାପ୍ ହୋଇଗଲା । ଗୋବିନ୍ଦବାବୁ ଭଲ ମଣିଷ ଏବଂ ଭଲ ମାଷ୍ଟର ।

ଫାଷ୍ଟ କ୍ଲାସରେ ପଢ଼ୁଥିଲା ବେଳେ ପଣ୍ଡିତ ମହାଶୟଙ୍କୁ ମୁଁ ଥରେ ମାରିଥିଲି—ହାତରେ ନୁହେଁ, ବଡ଼ ପଥର ତାଙ୍କ ଗୋଡ ଉପରେ କଚାଡ଼ି ଦେଇ । ବାଳକୃଷ୍ଣ ପଣ୍ଡିତଙ୍କ ଗୋଟିଏ ଆଙ୍ଗୁଳି (ବାଁ ହାତ ବୁଢ଼ା ଆଙ୍ଗୁଳି) Right angle ; ଛୁରିରେ ତାଳସଜ କାଟି କାଟି ଖାଇଲାବେଳେ ଏହିପରି

Digitized by srujanika@gmail.com

ହୋଇଯାଇଥିଲା ବୋଲି ଆମ୍ଭେମାନେ ସେତେବେଳେ କଥାବାର୍ତ୍ତା ହେଉଥିଲୁ । ସେ କ୍ଲାସରେ ଭାରି ପ୍ରକୃତିପ୍ରତ୍ୟୟ ପଚାରନ୍ତି । ପ୍ରତ୍ୟାବର୍ତ୍ତନ—ପ୍ରକୃତିପ୍ରତ୍ୟୟ କର । ପ୍ରକୃତିପ୍ରତ୍ୟୟ ଜିନିଷଟି ମୁଁ ସେତେବେଳେ କିମ୍ବା ବର୍ତ୍ତମାନ ମଧ୍ୟ ଭଲକରି ବୁଝି ପାରିନାହିଁ । ଅବଶ୍ୟ ସେତେବେଳ ଠାରୁ ବର୍ତ୍ତମାନ ଟିକିଏ ଭଲ । କିନ୍ତୁ କ୍ରମେ କ୍ରମେ ପୁଣି ସେତେବେଳ ଅବସ୍ଥାକୁ ଆସୁଛି । ବାସ୍ତବିକ ପ୍ରକୃତି ପ୍ରତ୍ୟୟ ବଡ଼ ସହଜ ନୁହେଁ । କାହାର ପ୍ରକୃତିକୁ ଆପଣ ପ୍ରତ୍ୟୟ କରିପାରିବେ କୁହନ୍ତୁ ? ଅଧିକାଂଶ ମାନବଚରିତ୍ରକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ, କ୍ୱଚିତ୍ କାହା ଉପରେ ନିର୍ଭର କରିହେବ । କାହାକୁ ପ୍ରତ୍ୟୟ କରିହେବ ? ଅଧିକାଂଶ ଆତ୍ମସ୍ୱାର୍ଥରେ ମୁଗ୍ଧ । ସୁତରାଂ ଉକ୍ତ ଚରିତ୍ରବର୍ଗରେ ସେମାନେ କୌଣସି ଉତ୍ସାହ ବା ପ୍ରେରଣା ପାଆନ୍ତି ନାହିଁ । କାଲି ଆସିବେ ? ହୁଁ । କେତେବେଳେ ? ଆଠଟା ବେଳେ ? ହୁଏତ ଏକାବେଳକେ ଆସିଲେ ହିଁ ନାହିଁ । ଏହି ସ୍ୱଭାବ ଆମ ଭାରତରେ, ବିଶେଷ ଭାବରେ ଆମ ଓଡ଼ିଶାରେ ଘୋଟିଛି ଆଜି । କେବଳ ଯେ ସାଧାରଣ ବଢେଇ, ମୂଲିଆ, ତାହା ନୁହେଁ । ପାଠୁଆ ଏମ୍. ଏ, ବି. ଏ. ପାସ୍ କରିଥିବା ଭଦ୍ରସନ୍ତାନ ମଧ୍ୟ । ଯାହା ହେଉ ଏ ତ ଅବାନ୍ତର କଥା । ପଣ୍ଡିତ ମହାଶୟ ସେତେବେଳେ ପ୍ରକୃତି-ପ୍ରତ୍ୟୟ ପଚାରନ୍ତି, ମୁଁ ସେତେବେଳେ ମାନେ ବାହାର ଯୁକ୍ତବିଯୁକ୍ତ ମନେ କରି କରି କହିବାକୁ ଚେଷ୍ଟା କରେ । ପ୍ର + କ—ହେବ ସନ୍ଦେହ ହୁଏ । କଥାଟା ବୁଝି ନ ଥାଏ । ତ୍ୟା, ଏତେବଡ଼ ଅଖାଡ଼ୁଆ କଥାଟା କିପରି କହିବି ? ପ୍ରତି, ଏ କଥାଟା ତ ମନରେ ଆସୁନାହିଁ । ପଣ୍ଡିତ ମହାଶୟ କିଛି ନ ବୁଝାଇ ପାଖକୁ ଡାକି ନିଅନ୍ତି ଏବଂ ଚୌକିରେ ବସି ମୁଣ୍ଡବାଳକୁ ଟାଣି ମୁଣ୍ଡରେ ଟାଏଁ ଟାଏଁ କରି ବଙ୍କା ଆଙ୍ଗୁଠିରେ ମାରନ୍ତି । ମୁଁ ବରାବର ବଙ୍କା ଆଙ୍ଗୁଠିରେ ଟାକରା ଖାଇ ଖାଇ ଦିନେ ରାଗିଗଲି । ପଣ୍ଡିତ ମହାଶୟଙ୍କୁ କହିଲି, ପଣ୍ଡିତ ମହାଶୟ, ମୋତେ ବେତରେ ମାରନ୍ତୁ ପଛକେ ସହିବି, ସେ ବଙ୍କା ଆଙ୍ଗୁଠିରେ ମାରନ୍ତୁ ନା, ମୁଁ ସହିବି ନାହିଁ । ବାସ୍ତବିକ ପଣ୍ଡିତ ମହାଶୟଙ୍କ ପ୍ରତି ସେତେ ରାଗ ନୁହେଁ, ଯେହି ବଙ୍କା ଆଙ୍ଗୁଠିଟି ସେତେବେଳେ ଟାଏଁ ଟାଏଁ ମୁଣ୍ଡରେ ବସିଯାଏ, ସେତେବେଳେ ମୋର ଆଖି ଛଳ ଛଳ ହୋଇଯାଏ, ଆଖି ଅଶ୍ରୁରେ ପୂରି ଆସେ ଏବଂ ଦେଖୁ ଦେଖୁ ମୁଁ ଭକ ଭକ କରି କାନ୍ଦି ପକାଏ ।

ଯେଉଁ ଦିନର କଥା କହୁଛି, ସେଦିନ ବଡ଼ କ୍ରୋଧ ହେଲା (ସେତେବେଳକୁ ମୋର ବୟସ ୯) । ଘଣ୍ଟା ବାଜିଲା, ଛୁଟି ହେଲା । ସ୍କୁଲର ଛାତ୍ରମାନେ ବାହାରିଲେ—ସେ ଦିନ ଟିକିଏ ଡେରି କରି ବାହାରିଲେ । ମୁଁ ଛକି ଥାଏ । ପିଲାମାନେ ପ୍ରାୟ ବାହାରି ଗଲେଣି । ଆଉ ଗୋଟିଏ ଗୋଟିଏ କୁଆଡ଼େ

Digitized by srujanika@gmail.com

ହୁଏତ ବୁଲୁଛନ୍ତି । ପଣ୍ଡିତ ମହାଶୟ ଆମ ଘରବାଟେ ଆସିଲେ । ବିଲ ବାଡ଼ରେ ମୁଁ ଛକି ଥାଏଁ । ଯେଏଣ ପଣ୍ଡିତ ମହାଶୟ ସେହି ପାଖ ହୋଇଛନ୍ତି, ମୁଁ ଅଡା ବଣରୁ ଗୋଟିଏ ପ୍ରକାଣ୍ଡ (ମୋ ପକ୍ଷରେ ଯେତେ ବଡ଼ ସମ୍ଭବ ହୋଇପାରେ) ପଥର ଆଣି ଶଳା ପଣ୍ଡିତ କହି ପଣ୍ଡିତ ଗୋଡ଼ରେ ପକାଇ ଦେଇ ଛୁ । ଏତେ ବଡ଼ ଦୁଃସାହସିକ କାମ କରି ପକାଇଲି କେବଳ ଆବେଗରେ, ଦୁଃଖରେ, କ୍ରୋଧରେ ।

ଏଣେ ପଣ୍ଡିତ ମହାଶୟ ସେଠାରୁ ଗ୍ରେଟେଇ ଗ୍ରେଟେଇ ଫେରି ନିକଟରେ ଡାକ୍ତରଖାନାକୁ ଯାଇ ପଟି ବାନ୍ଧି ବଳଦିଆ ଗାଡ଼ିରେ ବସାକୁ ଫେରିଲେ । ତହୁଁ ଆରଦିନ ଠାରୁ ମୁଁ ଆଉ ଡରରେ ସ୍କୁଲକୁ ଯାଇନାହିଁ ୨୫।୨୬ ଦିନ । ଘରୁ ୧୦ଟା ବେଳକୁ ବାହାରି ମୋର ଲକ୍ଷ୍ମଣ ମାମୁଁର ସ୍ତ୍ରୀ ମୋର ସାନ ମାଈଁ ପାଖରେ ବହି ଫୋପାଡ଼ି ଦେଇ ମାଳପଦାରେ ଗୁଡ଼ି ଉଡ଼ାଏ । ପଣ୍ଡିତ ମହାଶୟ ମଧ୍ୟ ୪।୫ ଦିନ ଯନ୍ତ୍ରଣା ଜ୍ୱାଳାରେ ସ୍କୁଲକୁ ଆସି ନ ଥିଲେ, ଶୁଣିଥିଲି ।

ଦିନେ ଟଙ୍କାଏ ଚୋରି କଲି

ସେତେବେଳେ ମୋତେ ୧୨ ବର୍ଷ । ମୁଁ ମାଇନର ଫାଷ୍ଟ କ୍ଲାସରେ ପଢ଼ୁଥାଏଁ । ଯେଉଁ ମୋହିନୀମୋହନର କଥା ଉଲ୍ଲେଖ କରିଛି, ସେହି ମୋହିନୀମୋହନ ମଧ୍ୟ ଫାଷ୍ଟ କ୍ଲାସରେ ମୋହରି ସହିତରେ ଭିକ୍ଟୋରିଆ ଜୁବିଲି ସ୍କୁଲରେ ପଢ଼ୁଥାଏ । ଲକ୍ଷ୍ମୀନାରାୟଣ ରଣା ସେତେବେଳେ ଭିକ୍ଟୋରିଆ ସ୍କୁଲର ହେଡ୍‌ମାଷ୍ଟର—ବୟସ୍କ ଲୋକ । ସେତେବେଳେ ଯେତେ ମାଷ୍ଟର ପଢ଼ାଉଥିଲେ ସେହି ମାଇନର ସ୍କୁଲରେ, ସମସ୍ତେ ପ୍ରାୟ ବୟସ୍କ ଲୋକ । ଆଜିକାଲି ଯେପରି ଅନେକ ଟୋକା ଟାକୁଳିଆ ଅଥବା ନିଶ ଟିକିଏ ଟିକିଏ ଗଜଉଥିବା ଲୋକ ପାସ୍ କରି ସାରିଲାକ୍ଷଣି କିମ୍ବା ପଢ଼ା ଗୁଡ଼ି ସାରିଲାକ୍ଷଣି ଲୋଅର ପ୍ରାଇମେରି ଠାରୁ ଆରମ୍ଭ କରି କଲେଜ୍‌ର ପ୍ରଫେସର ପର୍ଯ୍ୟନ୍ତ ସବୁ ହୋଇ ଯାଉଛନ୍ତି, ଆମ ମାଇନର ସ୍କୁଲରେ ସେପରି ଅଜାତ ବା ସଦ୍ୟୋଜାତ ଶଶ୍ରୁ ଅର୍ବାଚୀନ ଅର୍ଭକ ଶିକ୍ଷକଗଣର ସୃଷ୍ଟି ହୋଇନାହିଁ ।

ମୋହିନୀମୋହନ ମୋତେ ବଡ଼ ଭଲପାଏ । ମୁଁ ମଧ୍ୟ ତାକୁ ବଡ଼ ଭଲ ପାଉଥିଲି । ସେ କ୍ଲାସରେ ଫାଷ୍ଟ ହୁଏ । ମୁଁ କୌଣସି ବିଷୟରେ (ଯଥା ଅଙ୍କ) ଫାଷ୍ଟ ହେଲେ ମଧ୍ୟ ମୋଟରେ ସେକେଣ୍ଡ ହେଉଥିଲି । ମୋଟ ଉପରେ ଆମେ

Digitized by srujanika@gmail.com

ଦୁଇଜଣ ଏକ ପ୍ରକାର ଫାଷ୍ଟ ଓ ସେକେଣ୍ଡ ସ୍ଥାନ ଚିରଦିନ ସକାଶେ ଦଖଲ କରି ବସିଥିଲୁଁ । ଉମେଶବାବୁ ପାଟୀଗଣିତରେ ଯେତେ ଅଙ୍କ ଅଛି ସବୁ ମୁଁ ଅକ୍ଳେଶରେ କଷି ପାରୁଥିଲି । ହେଡ଼ମାଷ୍ଟର ଆମକୁ ଅଙ୍କ ପଢ଼ାଉଥିଲେ । ଅଙ୍କରେ ତାଙ୍କର ଖୁବ୍ ସ୍ପୃହା । ସେ ଯେଉଁ ଅଙ୍କ କଷିବାକୁ କଷ୍ଟ ଅନୁଭବ କରୁଥିଲେ, ସେ ଅଙ୍କ ମୁଁ ଅକ୍ଳେଶରେ କଷି ପାରୁଥିଲି । ସୁତରାଂ ମୁଁ ଥିଲି ହେଡ଼ମାଷ୍ଟରଙ୍କର ବଡ ଶ୍ରଦ୍ଧାର ଓ ସ୍ନେହର ପାତ୍ର । ମୋର ଅନେକ ଉଚ୍ଛୃଙ୍ଖଳା ସେ ଗମ୍ଭୀର ଭାବରେ କେବଳ ଦୃଷ୍ଟି ନିକ୍ଷେପ କରି ଶାସନ କରିଛନ୍ତି, କିନ୍ତୁ ବେତ୍ରାଘାତ କରି ଦମନ କରି ନାହାନ୍ତି ।

ଯାହା ହେଉ, ମୋହିନୀ କଥା କହୁଥିଲି । ସେ ମୋତେ ବଡ଼ ଭଲ ପାଏ । ପ୍ରତିଦିନ ସନ୍ଧ୍ୟାବେଳେ ସେ, ମୁଁ ଏବଂ ଦୁଇ ତିନିଟି ପିଲା ଗୋଟିଏ ମାଷ୍ଟର ପାଖରେ ଏକ ସଙ୍ଗରେ ପଢ଼ୁଥିଲୁ । ଶ୍ୟାମସୁନ୍ଦର ମନ୍ଦିର ଆଗକୁ ଜଣେ ଅବଧାନ ଥାନ୍ତି । ତାଙ୍କର ବଖରାରେ ତାଙ୍କର ପୁଅ ସହିତରେ ଆମେ ପଢ଼ୁଥାଉଁ । ମୋହିନୀ ଘର ସୁନାହାଟ ପାତ୍ରପଡ଼ା । ସେ ସ୍କୁଲଛୁଟା ବେଳେ ଘରକୁ ଯାଇ ଶୀଘ୍ର ଘରୁ ଆସି ଆମ ଘର ପାଖରେ ଛିଡ଼ା ହୋଇ ସିଟି (Whistle) ମାରେ । ମୁଁ ଘରୁ ବାହାରି ଆସି ସାଙ୍ଗ ହୋଇ ପଢିବାକୁ ଯାଉଁ । ମା' ମୋର ବଡ଼ strict । ସେଥିପାଇଁ ମୋହିନୀର ସାହସ ହୁଏ ନାହିଁ ମୋତେ ଡାକିବାକୁ । ମୁଁ କଣ କରେଁ, ଆମ ଦୋକାନରୁ ଚୁଟଭଜା ପାକିଟରେ ପୂରାଇ ନିଏ, କେତେ କେତେବେଳେ ଗଜା, ଆଉ ଆଉ ମିଠା ଜିନିଷ ମଧ୍ୟ ନେଉଥାଏ । ମୁଁ ତ ଖାଏ—ମୋହିନୀ କୁ ମଧ୍ୟ ଦିଏଁ । ବାବା ସେତେବେଳେ ବାରବାଟୀରେ ଘରେ ଦୋକାନ କରୁଥାନ୍ତି । କିନ୍ତୁ ମୋହିନୀ କଲିକତାରୁ ତା ମାମୁଁ ଠାରୁ ଟଙ୍କା ପାଏ ।

ସେଥିପାଇଁ ସେ ମଧ୍ୟ ମଧ୍ୟରେ ମାଉଁସ ଦୋକାନକୁ ନେଇଯାଇଁ ଖୁବ୍ ମାଉଁସ ତରକାରୀ ଖୁଆଏ । କୈଳାସ ବୋଲି ଜଣେ ଲୋକ ସେତେବେଳେ ମୋତିଗଞ୍ଜ ବଜାରରେ ମାଉଁସ ଦୋକାନ କରୁଥାଏ । ତାର ନାମ ଖୁବ୍ ଭଲ ମାଉଁସ ତରକାରୀ ରାନ୍ଧିବାରେ । ଦୁଇ ଚାରି ଥର ମୋହିନୀ ମୋତେ ସେଠାକୁ ନେଇଯାଇଁ ମାଉଁସ ଖୁଆଇଛି । ମୋର ମନେ ହେଲା ମୁଁ ତାକୁ ମଧ୍ୟ ମାଉଁସ ଖୁଆଇବି ।

ଦିନେ ବାବା ଟ ୫୦ ଙ୍କା କି ଟ ୬୦ ଙ୍କା ପେଟରାରେ ଗଣି ରଖିଛନ୍ତି । ମା ଓ ବାବା ଉଭୟ ସକାଳୁ ଗାଧୋଇ ଯାଇଛନ୍ତି । ମୁଁ ଏଆଡ଼େ ସେଆଡ଼େ ହେଉଁ ହେଉଁ ପେଟରାରେ କଣ ଅଛି ଦେଖିବାକୁ କୌତୂହଳୀ ହେଲି । ପେଟରା ଖୋଲି

Digitized by srujanika@gmail.com

ଦେଖିଲି ଯେ ତାହା ଭିତରେ ସଜା ହୋଇ ଲୁଗା ଅଛି ଏବଂ ଲୁଗା ଉପରେ ଥାକ କରି ୫୦ କମ୍ବା ୭୦ ଟଙ୍କା ରଖା ହୋଇଛି । ମୋହନମାନଙ୍କୁ ମାଉଁସ ଖୁଆଇବା ପାଇଁ ସେଥିରୁ ଗୋଟିଏ ଟଙ୍କା କାଢ଼ିନେଲି । ପେଟରା ଖୁବ ଲଗାଇ ଦେଲି । ସେହି ଟଙ୍କାଟିକୁ ମୋ ବହି ଭିତରେ ଗୋଟିଏ ବହିଦେହରେ ଲୁଚାଇ ରଖିଦେଲି । ମା' ବାବା ଶୀଘ୍ର ଗାଧୋଇ ଆସିଲେ । ସକାଳଆ ସ୍କୁଲ, ମେ ମାସ ମଝି—ମୁଁ ଜଳଖିଆ ଖାଇ ସ୍କୁଲକୁ ବାହାରଗଲି । ସ୍କୁଲ ଆମ ଘରକୁ ୧୨ ମିନିଟ୍‌ର ରାସ୍ତା । ବାବା ଏଣେ ଲୁଗାପଟା ବଦଳାଇ ଜଳଖିଆ ପାନ ଖାଇସାରି ମହାଜନକୁ ଦେବାପାଇଁ ଟଙ୍କା ଗଣିଛନ୍ତି । ଦେଖନ୍ତି ଯେ ସେଥିରୁ ଗୋଟିଏ ଟଙ୍କା ଊଣା । ବାବା ମା'ଙ୍କୁ ପଚାରିଲେ—ମା ନାହିଁ କଲେ । ବାବା ମା'ର କଳି ହେଲି । ମା' କଦମକୁ ପଚାରିଲେ (କଦମ ମୋର ସାନ ଭଉଣୀ; ବଡ଼ ଭଉଣୀ କୃଷ୍ଣମଣି ସେତେବେଳକୁ ଶାଶୁଘରେ; ଅବଶ୍ୟ ବାଲ୍ୟ ବିବାହ)—କଦମ ନାହିଁ କଲା । ମା ମୋତେ ସନ୍ଦେହ କଲେ । ମୋର ବହି ସବୁ ଘାଣ୍ଟିଲେ—ବହିସବୁ ଗୋଟିଏ କାଠସିନ୍ଦୁ ତାବଲର ଆଲମାରରେ ଥାଏ । ଗୋଟିଏ ବହି ଦେହରୁ ଟଙ୍କାଟି ଖସି ପଡ଼ିଲା ।

ସେତେବେଳେ ଟଙ୍କାଟି ବାହାର କରି ନେଇଥିଲି, ସେତେବେଳେ ଭାବୁଥାଏ, ଏତେ ଗୁଡ଼ାଏ ଟଙ୍କା—ଗୋଟିଏ ନେଲେ କିଏ କିମିତି ଜାଣିବ ? ଏତେ଼ ସଂସାର ଅନଭିଜ୍ଞ ମୂର୍ଖ ମୁଁ ସେତେବେଳେ । ଟଙ୍କାକୁ ଲୋକେ ଏତେ ଗଣି ପୁଞ୍ଜି ରଖିଥାନ୍ତି ବୋଲି ସ୍ୱପ୍ନରେ ମୋର ମଧ୍ୟ ଧାରଣା ନ ଥିଲା । ତଥାପି ସ୍କୁଲରେ ମୋ ମନଟା ଗୋଳେଇ ପୋଳେଇ ହେଉଥାଏ ।

ସାଢ଼େ ଦଶଟା ଏଗାରଟା ବାଜିଲା । ମୁଁ ସ୍କୁଲରୁ ଟିକିଏ ଭାରନାନ୍ତ ଭାବରେ ଫେରିଲି । ମା' ପଣବା ବନାଉଥାଏ । ମାଛିଷ ଖଡ଼ା ରୁଞ୍ଚୁଥାଏ । ଯେମିତି ମୋତେ ଦେଖିଲା, କହିଲା, ଏଠିକି ଆ' । ପାଖକୁ ଡ଼ାକିଲା ବେଳକୁ ମୁଁ ଡ଼ରି ସାରିଲଣି । ପଚାରିଲା, ତୁ ଗୋଟିଏ ଟଙ୍କା ନେଇଛୁ ? ସରଳ (?) ଉତ୍ତର, ନା ନା ! ତୁ ନେଇ ନାହୁଁ ଆଉ କିଏ ନେଇଛି ? ତୋ ବହି ଭିତରୁ ବାହାରିଲା କିମିତି ? ତୋ ବହି ଭିତରେ ଆଉ କିଏ ରଖିଲା ? ଆଉ କିସ କଦମ ରଖିଲା ???

ଏହା ଶୁଣିଲା କ୍ଷଣି କଦମ କାନ୍ଦ କାନ୍ଦ ହୋଇ ଉଦ୍ଧୃଷ୍ଟ କଣ୍ଠରେ କହିଲା, ନା ମା, ମୁଁ ରଖିନାହିଁ । କାରଣ ମା' ବଡ଼ କଠୋର ଶାସନରେ

Digitized by srujanika@gmail.com

ରଖୁଥିଲେ ଆମକୁ । ଆମେ ମା'କୁ ଖୁବ ଡରୁଥାଉ । ଅବଶ୍ୟ ସ୍ନେହ ଆହ୍ଲାଦ ମଧ୍ୟ ଯଥେଷ୍ଟ କରନ୍ତି—ତଥାପି କଠୋର ।

ଏହାପରେ ମା କହିଲା ହାତ ଦେଖା । ମୁଁ ହାତ ଦେଖାଇଲି—ଦୁଇହାତ ଅଞ୍ଜଳି କରି । କଠୋର ହୁକୁମ୍. ପଛେଇବ ନାହିଁ, 'ହାତକୁ କୁଆଡେ ନେବନାହିଁ—ସେପରି କଲେ ଆହୁରି ମାଡ଼ ହେବ । ସ୍ଥାଣୁ ପରି ଅଚଳ ହୋଇ ରହି ଦଣ୍ଡ ମୁଣ୍ଡ ପାତି ନେବାକୁ ହେଲା । କିନ୍ତୁ ଏକ ସ୍ୱବୁକ୍ ପରେ ଦୁଇସ୍ୱବୁକ୍ ଯେପରି ପଡ଼ୁଛି, ଦରି ଦରି ଧାରରେ ଅଶ୍ରୁ ଝରିପଡ଼ିଲା—ଅନ୍ତରର ଅନ୍ତରତମ ପ୍ରଦେଶରେ ମଧ୍ୟ ସେ ସ୍ୱବୁକ୍ର ଅନୁଭବ ଆସିଲା । ଟିକିଏ 'ହାତ ଘୁଞ୍ଚାଇଛୁ । ମା'ର ହୁକୁମ୍, ସ୍ଥିର ହ; ନୋହିଲେ ଆହୁରି କଠୋର ଶାସ୍ତି ହେବ । ସପାସପ୍ ୧୬ ସ୍ୱବୁକ୍ ମାରିସ ଖଡ଼ାରେ । ସମସ୍ତ ଶରୀର, ମନ, ଆତ୍ମା ସେ ସ୍ୱବୁକ୍ର ଅନୁଭୂତି କଲା ।

ସେ ଦିନ କାନ୍ଦିଲି । ଭାତ ଆଉ ଖାଇଲି ନାହିଁ । ଓ଼ରରେ ଭାତ ଥାଳିପାଖରେ ବସିଲି । ଗୁଣ୍ଡାଏ ଦୁଇ ଗୁଣ୍ଡା ଭାତ ବାହାନା କରି ଖାଇଛୁ । ଦରଖିଆ—ଦରଖିଆ କାହିଁକି ଅଖିଆ ହୋଇ ଉଠିପଡ଼ିଲି । ଖଟରେ ପଡ଼ି ପଡ଼ି କାନ୍ଦିଲି । ଅ,ନକ କଥା ଭାବିଲି । ଶେଷରେ ବାବାଜୀ ହୋଇ ଗୃହତ୍ୟାଗୀ ହୋଇ ବାହାରିଯିବାକୁ ଅସ୍ପଷ୍ଟ ଭାବରେ ଭାବୁଥାଏ । ବିଶାଳ ସଂସାରପଥରେ ଟଙ୍କା ବିନା କିପରି ବାଟ ଚାଲିବ ଭାବି ନ ପାରି, ସେହି ଟଙ୍କାଟା (ସ୍ୱେଷ୍ଟା ଟଙ୍କାଟା) ମୋ ଆଲମାରୀ ଭିତରେ ସେପର୍ଯ୍ୟନ୍ତ ଥାଏ, ତାକୁ ନେଲି । ନେଇ ସନ୍ଧ୍ୟା ସମୟରେ ବାହାରିଆସିଲି ।

ସେ ଦିନ ଆଉ ଘରକୁ ଫେରିବି ନାହିଁ ବୋଲି ସ୍ଥିରସଂକଳ୍ପ କରି ବାହାରିଛି । ଏଣେତେଣେ ବୁଲିଲି । ମୋହିନୀ ସଙ୍ଗରେ ରାତି ନ'ଟାବେଳେ ଦେଖା କଲି—ଶ୍ୟାମସୁନ୍ଦର ମନ୍ଦିର ରାସ୍ତା ଛକ ଅବଧାନ ଘର ନିକଟରେ । ମୁଁ ସେ ଦିନ ପଢ଼ିବାକୁ ଯାଇ ନ ଥାଏ ।

ମୋହିନୀ ସଙ୍ଗରେ ସେ ଦିନ ରାତିରେ ତାଙ୍କ ଘରକୁ ଚଳି । ସେ ମୋତେ ବରାବର ତାଙ୍କ ଘରକୁ ଦିନେ ଯାଇଁ ରହିବା ପାଇଁ ଏଥିପୂର୍ବରୁ ଅନେକ ଅନୁରୋଧ କରିଥାଏ । ମୋହିନୀକୁ ବାଟରେ ସବୁ କଥା କହିଲି । ରାତି ୧୨ଟା ବେଳେ ଆମେ ଶୋଇଛୁ, ବାବା ଯାଇ ସୁନାହାଟରେ ପାଟପଡ଼ାରେ ପହଞ୍ଚିଲେ । ମୁଁ

Digitized by srujanika@gmail.com

ବାବାଙ୍କ ଗଲା ବାଉପାଉ ମୋହିନୀକୁ କହିଲି, ତୁମେ ଯଦି Friend ହୋଇଥିବ, ତୁମେ ନାହିଁ କରିବ । ମୋହିନୀ କହିଲା, ସେ ଏଠାକୁ ଆସି ନାହାନ୍ତି । ବାବା ବଡ଼ ସରଳ ଲୋକ । ସେତିକିରେ ସେ ଚାଲିଗଲେ ।

ରାତିସାରା ମୋହିନୀ ମୋତେ ଜଗିଥାଇଛି । ମୋ ସଙ୍ଗରେ ସକାଳୁ ଚାଲ । ମୁଁ କହିବି ଫକିବାବୁ ଘରେ ଚନ୍ଦନଯାତ୍ରାରେ ଶୋଇପଡ଼ିଥିଲା, ମୁଁ ସକାଳୁ ନେଇଆସିଲି । ନାହିଁ କରୁଥାଏ । ରାତି ପାହିଲା । ମୋହିନୀ ସକାଳଆ ସ୍କୁଲ ପାଇଁ ତିଆରି ହେବ । ଝାଡ଼ା ଫେରିଗଲା । ମୁଁ ମୋହିନୀ ଘର ଛାଡ଼ି ପଳାଇଗଲି । ଏଆଡ଼େ ସେଆଡ଼େ ବୁଲି ବୁଲି ୫।୬ କୋଶ ବାଟ ବାହାରିଗଲି । ଦୂରରୁ କୌଣସି ମଣିଷ ଦେଖିଲେ 'ବାବା' ବୋଲି ଭୟ କରି ପଳାଉଥାଏ । ମୋର ଦୃଷ୍ଟିଶକ୍ତି ସେହି ସମୟରୁ ଖରାପ ଥାଏ । କିନ୍ତୁ ଏ କଥା 'ବାବା'·ମା' କେହି ଜାଣି ନ ଥାନ୍ତି । (କଲେଜକୁ ୧୭ବର୍ଷ ପରେ ଯେବେ ଆସିଲି ଚଷମାର ସନ୍ଧାନ ପାଇ ଚଷମା ଲଗାଇଲି—ଆ.ଋ) । ବାବାଜୀ ପାଇଲେ ତା ସଙ୍ଗରେ ଚେଲା ହୋଇଯିବି, ଭାବୁଥାଏ । ପୁଣି ଆତ୍ମହତ୍ୟା କରିବି ବୋଲି ଭାବୁଥାଏ । ଦିନ ପ୍ରାୟ ୧୨ଟା । ମୁଁ ବଡ଼ କ୍ଲାନ୍ତ—ଶୋଷେଇଛି । ଗୋଟିଏ ପୋଖରୀକୂଳକୁ ଆସିଲି । ସେଠାରେ କେତେଗୁଡ଼ିଏ ମାଙ୍କଡ଼ ଖେଳୁଥାନ୍ତି । ମୁଁ ମା, ବଡମା ପାଖରୁ ଅନେକ ପରୀର ଗଳ୍ପ ଶୁଣିଥାଏ । ଏକ ରାଜାର ସାତ ପୁଅ । ସାନପୁଅର କାଣ୍ଡ ଗୋଟିଏ ଗଛରେ ପଡ଼ିଲା । ଗଛରେ ଗୋଟିଏ ସ୍ତ୍ରୀ ମାଙ୍କଡ଼ ଥାଏ । ରାଜାପୁଅ ମନଦୁଃଖରେ ସେହି ସ୍ତ୍ରୀ ମାଙ୍କଡ଼କୁ ବାହାହେଲା । ମାଙ୍କଡ଼ କିନ୍ତୁ ରାଜାପୁଅକୁ ଗଛମୂଳକୁ ନେଇଗଲା । ତା ତଳେ ସୁନ୍ଦର ପକ୍କାଘର । ସେଠାରେ ମାଙ୍କଡ଼ ଅପୂର୍ବ ଲାବଣ୍ୟମୟୀ ସ୍ତ୍ରୀ ହୋଇ ଦେଖାଦେଲା । ଖାଇବା ପିଇବା କିଛି ଅଭାବ ନାହିଁ । ମୁଁ ଭାବୁଥାଏ ମୋ କପାଳରେ ଏହିପରି ଘଟନ୍ତା କି ? ଏହିପରି ଭାବୁଛି, ହଠାତ୍ ଜଣେ ଗ୍ରାମବଧୂର ଆଗମନ କଳସୀ କକ୍ଷେ । ସେ ଗ୍ରାମବଧୂଟି ମୋତେ ଦେଖି ଚହଲିଲା । ଚହଲି ସାରି ଅତି ଆସ୍ତେ କହିଲା, (କି Self-suppression ଆମେ ନାରୀଜାତିର କରିଥାଉଁ)—ନନ୍ଦି, ତୁ ଏଠି କୁଆଡ଼େ ? ବଧୂଟି ଆମ ଗ୍ରାମର ବାଳିକା, ସେଠାରେ ବିବାହିତ ହୋଇଛି । ମୁଁ କହିଲି, ନା, ମୋ ସାଙ୍ଗ ସ୍କୁଲପିଲା ସାଙ୍ଗରେ ଆସିଅଛି । ଗ୍ରାମଟି ସୁନ୍ଦରୀ ଗ୍ରାମ ପାଖରେ । ସୁନ୍ଦରୀ ଗ୍ରାମର କେତୋଟି ପିଲା, ବ୍ରାହ୍ମଣ ଘରର ଦୀନବନ୍ଧୁ, ରମାନାଥ ପ୍ରଭୃତି ମୋ ସାଙ୍ଗରେ ପଢ଼ୁଥିଲେ । ସେ କହିଲା, ରାଗି କି ଆସି ନାହୁଁ ତ ? ମୁଁ କହିଲି, ନା । ସେ ବିଚରା ସେ ଗ୍ରାମର ବଧୂ । ସେ ଆଉ ଅଧିକ କି ସହାନୁଭୂତି, ଅନୁକମ୍ପା ଦେଖାନ୍ତା ? ଯାହା ଦେଖାଇଥିଲା, ତାହା ମୋ ବକ୍ଷରେ ଆଜି ପର୍ଯ୍ୟନ୍ତ କୋମଳ ହସ୍ତଲେପ ପରି ଲାଗି ରହିଛି ।

Digitized by srujanika@gmail.com

ସେ ପାଣି ନେଇ ଚାଲିଗଲା । ମୁଁ ସେ ସ୍ଥାନ ନିରାପଦ ନୁହେଁ ଭାବି ସେଠାରୁ ଦେ ଦୌଡ଼ ।

ଦିନ ବାରଟା ବାଜିଲାଣି । ଭୋକ ଲାଗିଲାଣି । ସେହି ଝଙ୍କୋଟି (ଘେର ଝଙ୍କାଟି) ମୋ ସାଙ୍ଗରେ ଅଛି । ଯେଉଁ ଲୁଗା ପିନ୍ଧିଥିଲି, ଏକକାନିଆ ହୋଇ ସେହି ଲୁଗାରେ ଘର ଛାଡ଼ିଛି । ଲୁଗାଟି ମଧ୍ୟ ପାଖେ ଚିରା । କଣ କରିବି କଣ କରିବି ଭାବୁ ଭାବୁ ପୁଣି ମୋହିନୀଘରେ ଆସି ପହଞ୍ଚିଲି ।

ମୋହିନୀ ଘରେ ଆଉ କେହି ନାହାନ୍ତି କେବଳ ତାର ବୁଢ଼ୀ ଆଈଟି । ଏହା ମଧ୍ୟରେ ସକାଳୁ ଆସି ମା ସେଠାରେ ପହଞ୍ଚି ବୁଢ଼ୀ ପାଖରୁ ଖବର ପାଇଛି, ମୁଁ କାଲି ରାତିରେ ସେଠାରେ ଥିଲି । ବୁଢ଼ୀ ବିଚାରି ବଡ଼ ଦୁଃଖିତ ଯେ, ସେ ଶୋଇ ପଡ଼ିଥିଲା । ବାବା କେତେବେଳେ ଆସି ରାତିରେ ଡାକିଥିଲେ ଜାଣି ପାରିଲା ନାହିଁ ।

ବର୍ତ୍ତମାନ ଯେପରି ବୁଢ଼ୀ ପାଖରେ ପହଞ୍ଚିଲି, ବୁଢ଼ୀ କେତେ କଥା ବୁଝାଇଲା । ଆଦର କରି କହିଲା, ପଖାଳ ଥିଲା ଖୁଆଇଲା, ମା କିଛି ଖାଇ ନାହିଁ, କାନ୍ଦୁଛି କହିଲା । ମୋତେ ଆମ ଘରକୁ ଯିବାକୁ କହିଲା । ମୁଁ ନା କଲି । ବୁଢ଼ୀ ଅନେକ ବୁଝାଇଲା । ମୁଁ ମାନୁ ନ ଥାଏ । ଶେଷରେ ବୁଢ଼ୀ ନିଜେ ମୋ ସାଙ୍ଗରେ ଯିବାକୁ ବାହାରିଲା, ଆଉ ସାହସ ଦେଲା, ମୋ ମା କଦାପି ମାରିବ ନାହିଁ । ମୁଁ କହିଲି, ଆଈ ତୁ କହୁଛୁ, ମୁଁ ତୋ ସାଙ୍ଗରେ ଯିବି, ଏବଂ ତୋ ସାଙ୍ଗରେ ପୁଣି ଚାଲି ଆସିବି । ସେଠି ରହିବି ନାହିଁ । ବୁଢ଼ୀ ଅଗତ୍ୟା ରାଜି ହେଲା । ସତୁରି ବର୍ଷର ବୁଢ଼ୀ ମୋ ସାଙ୍ଗରେ ଖରାରେ ତିନିଟା ବେଳେ ବାହାରିଲା । ବାଟ ସାରା ମୋତେ ବୁଝାଉଥାଏ । ତୁ ବାବୁ ହେବୁ—ଛତା ଘେନିବୁ—ଘୋଡ଼ା ମାଡ଼ିବୁ —ତୁ କାହିଁକି ଏମିତି କାନ୍ଦୁଛୁ ଏ ପୁଅ ?

ଏହିପରି କହୁଁ କହୁଁ ଆମେ ଦୁହେଁ ଆସି ପହଞ୍ଚିଲୁ । ସେତେବେଳକୁ ଚାରିଟା ବେଳ ହେବ । ମା'କୁ ଘେରି କଦମ (ମୋର ସାନ ଭଉଣୀ) ଓ ଦିଦି (ମୋର ବଡ଼ ଭଉଣୀ)ର ଶାଶୁ ଆଉ ମହିଆ ଜେଠୀ (ଚନ୍ଦ୍ରମୋହନ ମହାରଣାଙ୍କ ଭଉଣୀ) ଆଉ କିଏ କିଏ ଥାଆନ୍ତି । ମା'କୁ ବୁଝାଉଥାନ୍ତି, କାହିଁକି ଏମିତି ହେଉଛୁ? ପୁଅ ଆସିବ, ଖାଅମ । ମା ଯେଉଁ ସମୟରେ ମାରିଥିଲା, ସେହିଦିନ ସକାଳେ ଯା ଦିଟା ଖାଇଥିଲା । ସେହି ସମୟ ଠାରୁ ଆଜି ଦିନ ଚାରିଟା ପର୍ଯ୍ୟନ୍ତ ଆଉ କିଛି ଖାଇନାହିଁ ।

Digitized by srujanika@gmail.com

ମୁଁ ହଠାତ୍ ପହଞ୍ଚିଗଲି । ମୋ ମୁଣ୍ଡର ବାଳସବୁ ମୁକୁଳା, ଆଖି ବାଧ ବାଧ ଫୁଲି ଯାଇଛି । ସେ ସେହି କ୍ଷଣ କରୁଣ ଦୃଷ୍ଟି ମୋ ଆଡକୁ ପକାଇଲା ନିମେଷକ ପାଇଁ । ମୁଁ ଭୀତ ହୋଇଗଲି । ଯା' ହେଉ, ଘର ଭିତରକୁ ଗଲାପରେ ମୋର ବଡ ଭଉଣୀ (କୃଷ୍ଣମଣି)—ତାଙ୍କୁ ମୁଁ ଦିଦି ବୋଲି ଡାକେ—ମୋତେ ଖାଇବାକୁ ଦେଲା । ମୁଁ କଣ ଟିକିଏ ଖାଇଲି ।

ବଡ଼ ଥକା ହୋଇଥିଲି । ଶୋଇ ପଡ଼ିଲି । ଚମକି ଉଠି ଦେଖିଲି ଯେ ପ୍ରାୟ ସନ୍ଧ୍ୟା । ଭୟରେ ଘର ଛାଡ଼ି ପୁଣି ପଳାଇଲି — ମୋହିନୀ ଘରକୁ । ମୋହିନୀ ଘରେ ତିନିଚାରି ଦିନ ରହିଲି । ପରେ ଭୟ ଭାଙ୍ଗିବାରୁ ଘରକୁ ଆସିଲି ।

ମୋହିନୀକୁ ସ୍କୁଲରେ ଦଣ୍ଡ ହୋଇଥିଲା ମୋ ପାଇଁ—ସାତ ଦିନ ବେଞ୍ଚ ଉପରେ ଛିଡ଼ା ହେବା ।

ପୁଣି ଦିନେ ଏଗାର ଶହ ଟଙ୍କା ଚୋରି

ମାଇନର ପରୀକ୍ଷାରେ ଫେଲ ହେଲି । ଏକ ସଙ୍ଗରେ ପରୀକ୍ଷା ଦେଇଥିଲୁ । ୧୨ବର୍ଷ ବୟସ ମୋତେ ସେତେବେଳେ । ଗୁଡ଼ି ଉଡ଼ାଇବାର ଧୂମ ସେତେବେଳେ । ମୋର ମାଉସୀପୁଅ ଭାଇ ଫକି ଥରେ ଟ୧୧୦୦ଙ୍କା ଚୋରି କରି ନେଇ ଆସିଲା ଘରୁ । ମୋତେ ଆଣି ସକାଳେ ଦେଲା—ନିଖିଭାଇ, ଟଙ୍କା ମାଗୁଥିଲୁ ପରା ? ନେ । ମୁଁ କହିଲି, ଏତେ ଗୁଡ଼ା ନେଇ ଆସିଲୁ ? ସେ କହିଲା ନେ ନା । ଏତେଗୁଡ଼ାଏ ଟଙ୍କା ମୁଁ କେଉଁଠି ରଖିବି, ସାହାସ ହେଲା ନାହିଁ । ଓଳନ୍ଦାସାହି ଦରଜି ଟୋକା ଜଗନ୍ନାଥ ପାଖରେ ରଖିଲୁ । ଏଣେ ଟଙ୍କା ଖୋଜା ଲାଗିଲା । ଟଙ୍କାତୋଡ଼ା କୁଆଡ଼େ ଗଲା ? କୁଆଡ଼େ ଗଲା ?? ହାୟ ! ହାୟ !! ମୋର ମଉସା, ବାବା ପ୍ରଭୃତି ଦୁର୍ଗାପୂଜାରେ ମହାଜନ ପାଖରୁ ଚିନି ମଇଦା ଘିଅ ଇତ୍ୟାଦି ଆଣି ଅଗାଧ ପରିଶ୍ରମ କରି ଜଳଖିଆ ବିକି ଏହି ପଇସା ଦଶହରା ବାସି ତେଆସି ଘରରେ ଆଣିଥିଲେ । ତହିଁ ଆରଦିନ ସକାଳୁ ଏ କାଣ୍ଡ ।

ଫକିକୁ ସେତେବେଳେ ୧୧ ବର୍ଷ—ମୋତେ ସେତେବେଳେ ୧୨ ବର୍ଷ । ଏହି ଦୁଇଟି ଅଣ୍ଡାହାଙ୍କ ଏଡ଼େ ବଡ଼ ଚୋରି ଦୁଷ୍କର୍ମ ହୋଇପାରେ, ଏହା କାହାରି କଳ୍ପନାରେ ମଧ୍ୟ ଆସିପାରିଲା ନାହିଁ । ଅତଏବ ଆମେ ନିଶ୍ଚିନ୍ତ ହୋଇ ରହିଲୁ ।

Digitized by srujanika@gmail.com

ଗୁଡ଼ିଉଡ଼ାର ଧୂମ ଲାଗିଲା । ୨୦।୨୯ ଟଙ୍କାର ସୂତା ଆସିଲା । ବାରବାଟୀ ମାଣିକମୁ ବାଜ ପେଞ୍ଚ ଚାଲିଲା । ଗୁଡ଼ିଉଡ଼ାରେ ମୁଁ ଗୋଟିଏ ଆଲେକ୍‌ଜାଣ୍ଡାର । ସୁତରାଂ ମୋର ଭାଗ୍ୟର ସମୁଜ୍ଜ୍ୱଳ ହେଲା । ମିଷ୍ଟାନ୍ନମିଚ୍ଛନ୍ତି ଇତରେ ଜନାଃ । ସୁତରାଂ ସନ୍ଧ୍ୟାବେଳକୁ ତିରିଶ ଚାଳିଶ ଟୋକା ସାଙ୍ଗନେଇ ବଜାରରେ । ମାଉଁସ ହୋଟେଲ୍‌ରେ ପନ୍ଦର କୋଡ଼ିଏ ଟଙ୍କା ଉଡ଼ାଇ ଦେବାକୁ ଲାଗିଲୁ ।

ଏଣେ ଟଙ୍କା ଜଣକେ ପାଖରେ ରଖିବାର ବିଶ୍ୱାସ ନ ହେବାରୁ ଜଗନ୍ନାଥ—ଜଗନ୍ନାଥ ପାଖରୁ ଧୋବାଟୋକା ଛଡ଼ିଆ ନା କଏ—ସେଠାରୁ ବୃନ୍ଦାବନ ଭଣା (ଚନ୍ଦ୍ରମୋହନ ବାବୁଙ୍କ ଭଣଜା) ଏହିପରି ହାତଦର ହାତ ପର କରୁଥାଉଁ । ଚାଳିଶ ଦିନରେ ଏଗାରଶହ ଟଙ୍କା ଖରଚ ହୋଇ ହୋଇ ଚାଳିଶ ଟଙ୍କାରେ ରହିଲା ।

ଦିନେ ମାଳପଦାରେ ଗୁଡ଼ି ଉଡ଼ାଉଛୁ ସ୍କୁଲକୁ ନ ଯାଇ, ମା ଯାଇଁ ଧଇଲା । କାନ ମୋଡ଼ି ଦୋଷାର ନେଇ ଆସିଲା । ଆଜି ତୋତେ ଟାଙ୍ଗି ଶୁଖୁଆ କରିବ, ଚାଲ ଘରକୁ, ଏହିପରି ଶାସେଇ ଶାସେଇ ନେଇ ଆସିଲା ।

କହିଲା, ତୁ ଦୋକାନରୁ ରୋଜ ପଇସା ଚୋରିକରୁ । ଆଜି ତୋତେ ଯା ଛାରିବାର କରିବ—ଚାଲ ।

ଅନେକ ଭୟରେ ଭୀତ ହୋଇ ଆତ୍ମୋଦ୍ଧାର ପାଇଁ (ସତତଂ ଆତ୍ମାନଂ ରକ୍ଷେତ୍‌ ଧନୈରପି ଦାରୈରପି) କହି ପକାଇଲି ମୁଁ ଚୋରିକରି ନାହିଁ, ଫକ ଚୋରି କରିଛି । ଏଗାର ଶହ ଟଙ୍କାର ସନ୍ଧାନ ମିଳିଲା । ମା ଦଉଡ଼ି ଯାଇଁ ବଡ଼ ମା'କୁ କହିଲା ! ଇଲୋ ଅଙ୍ଗ (ମାତାର ବଡ଼ ଭଉଣୀର ନାମ ଧରି ଡ଼ାକୁଥିଲା)" ଏମାନଙ୍କ କାଣ୍ଡ ଶୁଣିଲୁଣି ? ବଡ଼ମା ଯେତେଦୂର ଉତ୍ତେଜିତ ହେବାର ପ୍ରକୃତିର ନୁହେଁ । ସେ ଧୀର ଭାବରେ ଏହି କଥା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହେଲା ।

ଗୋବିନ୍ଦ ମାମୁଁ ହାତରେ ଆମର ଆଜି ପରୀକ୍ଷା । ଲକ୍ଷ୍ମଣ ମାମୁଁ ଆମକୁ ପଢ଼ାଉଥାନ୍ତି । ସେ ବାତରୋଗ ଯୋଗୁଁ ଭଲ ହୋଇ ସାରିଲା ପରେ ତଳେ ପଡ଼ି ରହିଥାନ୍ତି, ଉଠିବସି ପାରନ୍ତି ନାହିଁ—ନୋହିଲେ ଆଉ କିଛି ସ୍ୱାସ୍ଥ୍ୟ ନ ଥାଏ । ସେହିଠାରେ ବିଚାର ହେଲା । ସନ୍ଧ୍ୟାବେଳ, ଗୋବିନ୍ଦ ମାମୁଁ ଲୁହା ଚଟୁ ଗରମ କରି ଆମକୁ ଡରାଇଲେ । କହିଲେ, ବଦମାସ ଟୋକା, ଏକ ଚାପଡ଼ା ଦେବି ଏହି ଗରମ ଲାଲ ଚଟୁରେ । ଉତ୍ତରରେ ଆମେ କହିଲୁ, ମା ମା, ମା ମା, ଆଉ ଏପରି

Digitized by srujanika@gmail.com

କାମ କରବୁ ନାହିଁ । ଆମକୁ ଅଗଣାରେ Diagonally ବା କଣ ମାର୍ଗରେ ନାକରେ ଘୁଷୁରିବାକୁ କହିଲେ, ଘୁଷୁରିଲୁ । ପୁଣି ଛେପ ପକାଇବାକୁ କହିଲେ, ଛେପ ପକାଇଲୁ, ପୁଣି ସେହି ଛେପ ଚାଟିଲୁ, ନାକ ଘଷିହେଲୁ । ପ୍ରତିଜ୍ଞା କଲୁ ଆଉ ଚୋରି କରିବୁ ନାହିଁ । ମୁଁ ଏକ ପ୍ରକାର ଚୋରି ଛାଡ଼ିଦେଲି । ଫଳର ଅଭ୍ୟାସ ବଢ଼ିଲା । ସେ ପଢ଼ାପଢ଼ି କଲା ନାହିଁ । ବାପମା'ଙ୍କୁ ଭାରି ସତାଇଲା । ଆଜି ଗୋବିନ୍ଦ-ମାମୁଁ ନାହାନ୍ତି, ଲକ୍ଷ୍ମଣ ମାମୁଁ ନାହାନ୍ତି, ବଡ଼ ମା ନାହିଁ । ଆଜି ଫକ ମଧ୍ୟ ସମସ୍ତ ଚପଳତା ପରେ ଘରେ ଆସି ରହିଛି । ଆଜି ମୁଁ ମୋର ଜୀବନର କ୍ଷେତ୍ରରେ ନାନା ଅଭିଜ୍ଞତା ମଧ୍ୟ ଦେଇ ଚାଲିଛି । ଅସ୍ତେୟ ଭାବ କେତେ କଠିନ—ହୃଦୟରେ ଉପଲବ୍ଧି କରୁଛି । "ପରୋପଦେଶେ ପାଣ୍ଡିତ୍ୟମ୍" କରିବାର ବାହାଦୁରି ମୁଁ ଆଜି ନେବାକୁ ଚାହେଁ ନାହିଁ । ବ୍ରହ୍ମଚର୍ଯ୍ୟ ପ୍ରସଙ୍ଗରେ ଏକଥା ନିଏତ କହିବି । କିନ୍ତୁ ଏତିକି କହିବି, ଆଜି ପର୍ଯ୍ୟନ୍ତ ମୁଁ ଯୁଝୁଛି । ଏହି ଅସ୍ତେୟ ଏବଂ ବ୍ରହ୍ମଚର୍ଯ୍ୟର ସୌନ୍ଦର୍ଯ୍ୟର ଗୌରବ ଏବଂ ଗରିମାର ବିପୁଳ ଆଭାସ ଏବଂ ଇଙ୍ଗିତ ପାଇଲେ ମଧ୍ୟ ମୁଁ ସେ ପଥର ପୂର୍ଣ୍ଣ ପଥିକ ହୋଇପାରି ନାହିଁ—ଏହା ଭାବିଲେ ଥରେ ଥରେ ବର୍ତ୍ତମାନ ମଧ୍ୟ ଆତ୍ମହତ୍ୟା କରିବାର ଇଚ୍ଛା ହୁଏ କିମ୍ବା ସଂସାର ଛାଡ଼ି ଜଙ୍ଗଲ ବା ନରଗୋଷ୍ଠୀର ବହିର୍ଭାଗରେ ନୀରବରେ ଆକାଶକୁ ଅନାଇ ନକ୍ଷତ୍ରକୁ ଦେଖି ପ୍ରକୃତିରେ ବାସକରି ବୃକ୍ଷ ସହିତରେ ଜୀବନ ମିଳାଇ, ଜଡ଼ ଭରତ ହୋଇ, ଲୋକାନ୍ତରାଳରେ ବୁଲି ବୁଲିବାର ସାମୟିକ ଇଚ୍ଛା ହୁଏ ।

ବାଲେଶ୍ୱର ଜିଲ୍ଲା ସ୍କୁଲ

ମାଇନର୍ କ୍ଲାସରେ ପଢୁଥିଲି । ତା'ପରେ ଦୋକାନରେ ବସିଲି । ବାପା ଆଉ ପଢ଼ାଇ ପାରିଲେ ନାହିଁ । ସେତେବେଳେ ଆମ ଦୋକାନ ବାରବାଟୀ ମାଛ ଦୋକାନ ପାଖରେ ହୋଇଥାଏ । ମୁଁ ଜଳଖିଆ ବିକୁଛି । ବାଲେଶ୍ୱର ଜିଲ୍ଲା ସ୍କୁଲର ହେଡ଼୍‌ମାଷ୍ଟର ଜଳଖିଆ ନବାକୁ ଆସିଲେ । ବଙ୍ଗାଳୀ ସେ । ତ୍ରୈଲୋକ୍ୟ ନାଥ ଘୋଷ ତାଙ୍କ ନାଁ । ସେ ମୋତେ ଦେଖି ଖୁସି ହୋଇଗଲେ । ପଚାରିଲେ, "କ୍ଷେତ୍ରମୋହନ—(ମୋ ବାବାର ନାମ) ଏ ପିଲାଟି ତୁମର କିଏ ?" "ମୋ ପୁଅ ।"

"ଏଁ ତୁମ ପୁଅ ? ଏହାକୁ ପଢ଼ାଇଲ ନାହିଁ କାହିଁକି ?" "ବାବୁ ପଇସା ନାହିଁ ।" "କେତେଦୂର ପଢ଼ିଛି ?" "ମାଇନର ପାସ୍ କରିଛି ।" ତ୍ରୈଲୋକ୍ୟ ବାବୁ କହିଲେ—"ଆଚ୍ଛା ତାକୁ କାଲି ସ୍କୁଲକୁ ପଠାଅ । ମୁଁ ତାର ଫ୍ରି କରିଦେବି ।" ଏହିପରି ମୁଁ ବାଲେଶ୍ୱର ଜିଲ୍ଲାସ୍କୁଲରେ ଭର୍ତ୍ତି ହେଲି ।

Digitized by srujanika@gmail.com

ବାଲେଶ୍ୱର ଜିଲ୍ଲାସ୍କୁଲରେ ଲୋକନାଥ ମହାପାତ୍ର ନାମରେ ଜଣେ ହେଡ୍ ପଣ୍ଡିତ ଥିଲେ । ସେ ସଂସ୍କୃତ ପଢ଼ାଉଥିଲେ । ମୋର ଖାତା ଦିନେ ଦେଖୁ ଦେଖୁ ଗୋଟିଏ ଜାଗାରେ କାଟି ଦେଲେ । 'ଇ'କୁ ଦୀର୍ଘ 'ଈ' କଲେ ।

ମୁଁ କହିଲି, "କାହିଁକି ଏପରି କଲେ ?"
ସେ କହିଲେ, "ଭୁଲ ହୋଇଛି ।"
ମୁଁ କହିଲି, "ନା, ମୋର ଠିକ୍ ।"

ପରେ ବହି ଆଣି ଦେଖାଗଲା ଯେ, ମୋର ଠିକ୍ । ପଣ୍ଡିତ ମହାଶୟ ମୋତେ କହିଲେ—"ହଁ ରେ, ତୋର ଠିକ୍ ଅଛି ।"

ତା'ପରେ କହିଲେ, "ତୁ ଦିନେ ସଂସ୍କୃତ କଲେଜରେ ପ୍ରଫେସର୍ ହେବୁ ।"

ସେଇଦିନୁ ସେ ମୋତେ ବଡ଼ ଭଲ ପାଉଥିଲେ । କେଉଁଦିନ ପଢ଼ାପଢ଼ି ଭଲ କରି ନ ପାରିଲେ ସେ କହନ୍ତି—"ତୁ ତ ଏଣିକି ବସନ୍ତ-ସଖା ହେଲୁଣି, ଆଉ ପଢ଼ିବୁ କଣ ?"

ବସନ୍ତ ନାମରେ ଗୋଟିଏ ପିଲା ମୋର ସାଙ୍ଗ ଥିଲା । ବଜାରରେ ପଣ୍ଡିତ ମହାଶୟ କେବେ କେବେ ଦେଖିଛନ୍ତି ମୁଁ ତା ସଙ୍ଗେ ବୁଲେଁ । ଯେଉଁଦିନ ପଢ଼ା କରିପାରେ ନାହିଁ, ସେ କହନ୍ତି "ଏତେ ବସନ୍ତ-ସଖା ହୋ'ନା ।" ବସନ୍ତ ବୁଦ୍ଧିଆ ପିଲା ନ ଥିଲା, ଘୋଷା । ତା'ବି ଭଲ ନୁହେଁ । କିଛି କରିପାରେ ନାହିଁ ।

ମୁଁ ଭଲ ପଢୁଥିଲି ବୋଲି ବଙ୍ଗାଳୀ ପିଲାଙ୍କ ଘରେ ତାଙ୍କ ଗୁରୁଜନମାନେ ମୋତେ ଭଲ ପାଉଥିଲେ । କୌଣସି ପିଲା ଖେଳ ପଡ଼ିଆରୁ କେଉଁଦିନ ଘରକୁ ଫେରିବାକୁ ଡେରି ହେଲେ ମୋତେ ଧରି ନେଇଯାଏ । ମୁଁ ତାଙ୍କ ସାଙ୍ଗରେ ଥିଲେ ଗୁରୁଜନଠାରୁ ସେ ଗାଳିରୁ ଉଦ୍ଧାର ପାଇବ—ଏଇ ପାଞ୍ଚ ।

ମୋର ବହିପତ୍ର କିଛି ନ ଥାଏ । ପଣ୍ଡିତ ମହାଶୟ ସଂସ୍କୃତ ପଢ଼ିବାକୁ କହିଲେ, ମୁଁ ଗୋଟିଏ ଖାତାରୁ ତାହା ପଢେଁ । ପଣ୍ଡିତ ମହାଶୟ କହନ୍ତି— "ତୋ ବହି କାହିଁ ?"

"ନାହିଁ ।"

Digitized by srujanika@gmail.com

ପଣ୍ଡିତ ମହାଶୟ ଉତ୍ତର, "ବନ୍ଧ ନ ଆଣିଲେ ତୋତେ ଦଣ୍ଡ ଦେବ ।" କିନ୍ତୁ ସଂସ୍କୃତରେ ମୁଁ ବରାବର ପ୍ରଥମ ହେଉଥିଲି । ସୁତରାଂ ମାଡ଼ ମୋତେ ହୋଇନାହିଁ ।

ଏଣ୍ଟ୍ରାନ୍‌ସ ଫାଷ୍ଟକ୍ଲାସ ପର୍ଯ୍ୟନ୍ତ ମୁଁ ପାର୍‌ ଉଡ଼ାଉଥିଲି ଏବଂ ଗୁଡ଼ି ଉଡ଼ାଉଥିଲି । ଗୁଡ଼ି ଉଡ଼ାରେ ମୁଁ ଥିଲି ଅଲେକ୍‌ଜାଣ୍ଡାର୍‌ । ମୁଁ ଯେଉଁଠି ଚରକି ଧରି ପେଞ୍ଚ ବସାଏଁ, ସେଠି ମୋ ଗୁଣଅଡ଼େ ବଜାଇ ଟୋକା ଆଉ ଆଉ ଲୋକ ଭର୍ତ୍ତି ହୋଇଯାନ୍ତି । ଦିନେ ଦିନେ ସହରରେ ଯେତେ ଗୁଡ଼ି ଉଡ଼ୁଥାଏ ମୁଁ ପେଞ୍ଚ ବସାଇ କାଟିଦିଏଁ । ସେତେବେଳେ ମୁଁ ଏତେ ତନ୍ମୟ ଯେ, ମାଷ୍ଟର୍‌ ସେ ବାଟେ ଗଲେ ମୋର ଖିଆଲ୍‌ ନ ଥାଏ । ଦିନେ ଉପେନ୍ଦ୍ରବାବୁ ହେଡ୍‌ମାଷ୍ଟର ମୋତେ ଦେଖିଲେ ଯେ, ମୁଁ ବାଗବୃନ୍ଦାବନ ପୋଖରୀ ପାଖରେ ଗୁଡ଼ି ଉଡ଼ାଉଛି । ଆଉ ମୋ ଗୁଣଆଡ଼େ ଅସଂଖ୍ୟ ଲୋକ—ପେଞ୍ଚ ବସିଛି—ସେହି ସମୟରେ ଜଣେ କିଏ କହିଲା, "ଏ—ନକ୍ଷୀ, ହେଡ୍‌ମାଷ୍ଟର ଆସୁଛି ।" ସେତେବେଳେ କିଏ ଆଉ ହେଡ୍‌ମାଷ୍ଟରଙ୍କୁ ଅନାଉଛି—? ଫଳ ହେଲା ତହିଁଆର ଦିନ ସ୍କୁଲରେ ହେଡ୍‌ମାଷ୍ଟର ମୋତେ Rour's Hints କଣ ପଚାରିଲେ । ମୁଁ କହି ପାରିଲିନି । ତେଣୁ ସେ ରାଗି ପଚାରିଲେ—

"ପଢ଼ା ହୋଇନାହିଁ କାହିଁକି ?"
ମୁଁ କହିଲି, "ସାର୍‌ ପଢ଼ିଥିଲି, ଭୁଲି ଯାଇଛି ।"
ତେଣୁ ସେ କହିଲେ, "ଗୁଡ଼ି ଉଡ଼ାଇବା ଭୁଲେଯାଓ ନା ?"
ଏହା କହି ମୋତେ କହିଲେ—"Stand up."
ମୁଁ ଛିଡ଼ା ହେଲି । ପୁଣି ରାଗରେ ମୋତେ କହିଲେ—
"Stand up on the bench."
ମୁଁ ବେଞ୍ଚ ଉପରେ ଛିଡ଼ା ହେଲି ।
ତା'ପରେ କହିଲେ, "Kneel down"
ମୁଁ Kneel down ହେଲି ।

ତା'ପରେ କହିଲେ "Kneel down on the bench. ତା ବି କଲି । କିନ୍ତୁ ହେଡ୍‌ମାଷ୍ଟରଙ୍କ ରାଗ ତଥାପି ଶାନ୍ତ ହୋଇନାହିଁ । ମୋତେ ଗାଳି ଗୁଲଜ କଲେ "The worst boy of my school, the rubbish of my class. ଏ ଘୀରୁ, ଘୀରୁ ବେତ୍‌ ଲେଆଓ ।" ଘୀରୁ ବେତ ଆଣିଲା । ମୋ ପିଠିରେ ସପାସପ୍‌ ବେତ ପଡ଼ିଲା । ଏ ହେଉଛି Entrance first

Digitized by srujanika@gmail.com

class, ୧୯୦୮ସାଲର କଥା । ତା ପର ଦିନ ଠାରୁ ମୁଁ ଆଉ ସ୍କୁଲକୁ ଗଲିନାହିଁ । ପରୀକ୍ଷା ନିକଟ ହୋଇ ଆସିଲା । Testରେ ଇଂରାଜୀରେ first ହେଲି । Headmaster ଖୁସି ହେଲେ । ମୋତେ ସ୍ନେହ କଲେ ।

ଏଣ୍ଟ୍ରାନ୍‌ସ ପରୀକ୍ଷାର ଫଳ କ'ଣ ହୋଇଛି ଟେଲିଗ୍ରାମ୍ ଆସିଲା । ସେ ଟେଲିଗ୍ରାମ୍‌ରେ ମୋ ନାମ ନାହିଁ । ତା ପରେ ଅନ୍ୟ ପିଲାସବୁ କଥାବାର୍ତ୍ତା ହେଲେ କିଏ ପାସ୍ କରିଛନ୍ତି ବୋଲି । ସେଦିନ ସନ୍ଧ୍ୟାରେ ହେଡ୍‌ମାଷ୍ଟରଙ୍କ ପାଖକୁ ଯାଇଥିଲି । ସେ ଏପରି ଗାଳି କଲେ ଯେ, କୁହା ନ ଯାଏ । ଫାଶି ଦେବାପାଇଁ ସେଦିନ ରାତିରେ ଠିକ୍ କଲି । ଆମ ବାରବାଟୀରେ ଜଣେ ଶ୍ୟାମସୁନ୍ଦର ମନ୍ଦିରରେ ଫାଶି ଦେଇଥାଏ । ମୁଁ ଦେଖିଥିଲି । ଭାବିଲି ସେହିପରି ଫାଶି ଦେବି । କିନ୍ତୁ ମୋ ସାଙ୍ଗ ମହେଶ ଚୌଧୁରୀ (ସେ ମରି ଗଲେଣି) ମୋତେ ଆଉ ଛାଡ଼ିଲା ନାହିଁ । ସେଦିନ ରାତିସାରା ମୋ ପାଖରେ ରହିଲା । କହିଲା, "କାଲି ଗେଜେଟ୍ ଦେଖିବା, ତା'ପରେ ଯାହା ହବ ।" ତହିଁଆରଦିନ ଆମେ ଯାଉଛୁଁ କଚେରୀକୁ ଗେଜେଟ୍ ଦେଖିବାପାଇଁ, ହେଡ୍‌ମାଷ୍ଟର ଘୋଡ଼ା ଗାଡ଼ିରେ ଆସୁଥିଲେ । ମୁଁ ନମସ୍କାର କଲି । ସେ କହିଲେ, "ଲକ୍ଷ୍ମୀ, ତୋର First divisionରେ ପାସ୍ ହେଲେନ୍ ।" ଗୋଟିଏ Scholarship ମଧ୍ୟ ପାଇଲି । କିନ୍ତୁ ପାସ୍ ଆଉ ଫେଲ୍ ଏଇ ଦୁଇ ଖବର ସମସ୍ତ ମଧ୍ୟରେ ଏତେ ନିନ୍ଦା ମୋର ହୋଇଗଲା ଯେ ଆଉ କୁହା ନ ଯାଏ । ସମସ୍ତେ କହିଲେ, ସେ ଟୋକାଟା ଭଲ ପଢୁଥିଲା, ବିଗିଡ଼ି ଗଲାତ ।

Digitized by srujanika@gmail.com

ଟିକ୍ ଟିକ୍ ଖେଳ

Digitized by srujanika@gmail.com

Digitized by srujanika@gmail.com

ମୋର ଗୁଡ଼ିଉଡ଼ା

ଯେତେବେଳେ ମୁଁ ମାଇନର ସ୍କୁଲରେ ଏବଂ ବାଲେଶ୍ୱର ଜିଲ୍ଲାସ୍କୁଲରେ ପଢୁଥିଲି, ସେତେବେଳେ ମୁଁ କେତେଗୁଡ଼ିଏ ବିଷୟରେ ବଡ଼ ପ୍ରମତ୍ତ । ଗୁଡ଼ିଉଡ଼ା ମୋର ଭାରି ନିଶା । ଏପରିକି ରାତି ୯।୧୦ ପର୍ଯ୍ୟନ୍ତ ପଢୁଁ ପଢୁଁ ଗୁଡ଼ି ଉଡ଼ାଉଥିଲି, ଅର୍ଥାତ୍ ସନ୍ଧ୍ୟାରେ ଗୁଡ଼ିକୁ ନ ଉତ୍ତାରି ଯଦି ଗୁଡ଼ି ଭଲ ଉଡ଼ୁଥାଏ, ସେହିପରି ରଖି ଦେଇଥାଏ । ଚରଖିଟାକୁ ମଧ୍ୟ ମଧ୍ୟରେ ଧରି ସୂତା ଟାଣି ଦେଖେଁ ଗୁଡ଼ି ଉଡୁଛି କି ନା । ଦିନେ ଦିନେ ଗୁଡ଼ି ଉଡ଼ାଇ ଷାଠିଏ, ସତୁରି, ଅଶୀ ପର୍ଯ୍ୟନ୍ତ ଗୁଡ଼ି କାଟି ଦିଏ, ଏବଂ ସେଦିନ ଆଲେକ୍‌ଜାଣ୍ଡାର ପରି ନିଜକୁ ଭାବେଁ । କଉଡ଼ି ଏବଂ ପାଲି ବା ଗୁଲି ଖେଳରେ ମୁଁ ଦିନମାନ; ଦିନ ଦିନ ସମସ୍ତ ଛୁଟି କଟାଇ ଦିଏ ।

ମୋର ପାରାଉଡ଼ା

ଗୁଲିଖେଳ, ପାରାଉଡ଼ା, କୁସ୍ତିକସରତ, ନଈପହଁରା ଡଙ୍ଗା ବାହିବା ଆଉ ପୂଜା ପାର୍ବଣରେ ଭୋଜି କରିବା ଏହାହିଁ ଥିଲା ମୋର ବ୍ୟସନ । ତାସ୍ ପଶା ମଧ୍ୟ ଖେଳୁଥିଲି । କିନ୍ତୁ ସବୁ ଠାରୁ ମୋର ବେଶୀ ସୁଖକର ଥିଲା ଗୁଡ଼ିଉଡ଼ା । ଆଉ ଏକ ଝୋଙ୍କ୍ ମୋର ଥିଲା; ପାରା ଉଡ଼ାଇବା । ପାରା ଉଡ଼ାଇ ଦେଇ ସକାଳିଆ ସ୍କୁଲରେ ଜିଲ୍ଲା ସ୍କୁଲକୁ ଚାଲିଯାଏ । କ୍ଲାସରୁ ବାରମ୍ବାର ବାହାରି ଆସି ଦେଖୁଥାଏଁ ମୋ ପାରାସବୁ କିପରି ଉଡ଼ୁଛନ୍ତି । ଗୋଟିଏ ମଚ୍ଛୁଆ ମାଦି ପାରା ପାଇଁ ତିନିଦିନ କାନ୍ଦିଥିଲି ଅବିରାମ । ଯୋଗ୍ୟ ପୁତ୍ରର ଅପମୃତ୍ୟୁ ହେଲେ ଯେଉଁ ଦୁଃଖ ହେଉଥିବ ସେହିପରି ଦୁଃଖ କିମ୍ବା ତତୋଧିକ ଦୁଃଖ ବା ଅବସାଦ ହୋଇଥିଲା ମୋର, ଯେଉଁଦିନ ସକାଳେ ଦେଖିଲି ଯେ, ମୋର ଅତେଇ କଲିର ମଚ୍ଛୁଆ ମାଦିକୁ ମାଲୁଆ ଖାଇଯାଇଛି । 'ମାଚ୍ଛୁଆ ମାଦି ଛୁଆଟି ସକାଳୁ ଉଡ଼ିଲେ ଦିନ ଅଢ଼େଇଟା ତିନିଟା ପର୍ଯ୍ୟନ୍ତ ଆକାଶରେ ଥାଏ । ଏସବୁ ଛଡ଼ା ମୁଁ ପହଁରିବାରେ ଭାରି ପ୍ରିୟଥିଲି । ଏପରିକି ପୁରୀ ସମୁଦ୍ରରେ ଥରେ ପାଞ୍ଚଛଅ ମାଇଲ ପହଁରି ଯାଇଥିଲି । ପହଁରିବାରେ ସାଙ୍ଗ ଥିଲେ ମୁଁ ମରିଯିବ ପଛେ ଆଗକୁ ଆହୁରି ଆଗକୁ ଯିବାରୁ ଯେପରି ହଟି ନ

Digitized by srujanika@gmail.com

ଯାଏ ଏହି ଆକାଙ୍‌କ୍ଷା ମୋର ବରାବର ଥିଲା । ଅନ୍ୟାନ୍ୟ ଖେଳ ମୁଁ ଖେଳୁଥିଲି, କିନ୍ତୁ ଏପରି ଆସକ୍ତ ନ ଥିଲି । କୈଶୋରର ଏହିସବୁ ସ୍ମୃତି ଆଜି ଭାବିଲେ ମନରେ ପୁଲକ ଜାତ ହୁଏ । ଏହା ଛଡ଼ା ମିଟିଙ୍ଗ୍ କରାଇବାରେ, ପ୍ରତି ରବିବାର ଦିନ Debating Club କରାଇବାରେ ମୁଁ ଭାର ଉପରେ ଥିଲି । ଆମ ଘରେ— ବାଲିଘାଟରେ ବସି ମିଟିଙ୍ଗ କରୁଥିଲି । ବୁଲିବା ମୋର ଆଉ ଏକ ଆକାଙ୍‌କ୍ଷା । ଜଣା ରାଇଜ ଛାଡ଼ି ଅଜଣା ରାଇଜକୁ ଧାଇଁଯିବା ମୋର ପ୍ରବଳ ବାସନା । ସେଥିପାଇଁ ମୋର ମା'ଙ୍କର କଡ଼ା ତାକିଦ୍ ଥିଲେ ମଧ୍ୟ ଏକଦମ୍‌ରେ ବାରବାଟୀରୁ ଚାନ୍ଦିବାଲି (୮ ମାଇଲ) ଦୌଡ଼ିଯାଇଁ ଦୌଡ଼ି ଆସିଛି—ସମୁଦ୍ର ଦେଖି ଆସିଛି । ବାଲେଶ୍ୱରରୁ ମିତ୍ରପୁର (ପଶ୍ଚିମରେ ୮ ମାଇଲ) ଦୌଡ଼ିଯାଇ ଦୌଡ଼ିଗଲି ପରି ପାହାଡ଼ ଦେଖିଆସିଛି—ଟିକିଏ ଜଙ୍ଗଲରେ ବୁଲିଛି—ଟିକିଏ ପାହାଡ଼ ଉପରକୁ ଉଠିଛି—ପଳାଇ ଆସିଛି ।

ମୋର ଆଦର୍ଶ

ଜୀବନର ପ୍ରଥମ ବିକାଶରେ ମୁଁ ଆପଣାକୁ ଉଚ୍ଚ ଆଦର୍ଶରେ ଗଢ଼ିବାକୁ ଲାଗିଲି । ଶଙ୍କରାଚାର୍ଯ୍ୟଙ୍କ ମୋହମୁଦ୍‌ଗର ମୋ ଜୀବନର ପ୍ରଥମ ଆଲୋକବର୍ତ୍ତିକା । ସେଇ ଗ୍ରନ୍ଥରେ ମୁଁ ନିଜକୁ ଗଢ଼ିବାକୁ ଚେଷ୍ଟା କଲି । ବାଇରଣଙ୍କ କବିତାରେ ଗୋଟିଏ କଥା ପାଇଲି । Freedom's battle once begun, Bleeding from sire to son, though oft lost is ever won ଏହା ପଢ଼ି ମୁଁ ସ୍ୱଦେଶପ୍ରେମିକ ହେବି ବୋଲି ମନ ବଳାଇ ଥିଲି ।

ଯୌବନର ବିକାଶରେ Child Harold ପଢ଼ିଲି "What is writ is writ, would it were worthier" ପଢ଼ି ମନରେ ବହୁ ଦୁଃଖ ହୋଇଥିଲା । ବାଇରଣଙ୍କୁ ଏକାନ୍ତ ଆପଣାର କରିଥିଲି । ତାଙ୍କର ଲମ୍ବ ଗ୍ରୀବା ସଙ୍ଗରେ ମୋର ଲମ୍ବ ଗ୍ରୀବାର ତୁଳନା କରିଥିଲି । ତାଙ୍କର ସୁନ୍ଦର ଚେହେରା ସଙ୍ଗରେ ମୋର ସୁନ୍ଦର ଚେହେରାର ତୁଳନା କରିଥିଲି । ଛବି ସମ୍ମୁଖରେ ରଖିଥିଲି । ଦର୍ପଣରେ ମୁଖ ରଖି ଆପଣାକୁ ସେଥିସଙ୍ଗେ ବରାବର ତୁଳୁଥିଲି, ଏପରିକି ବାଇରଣଙ୍କ ଜୀବନ ଦୁର୍ଦ୍ଦଶାମୟ ପଢ଼ି ସୁଦ୍ଧା ପ୍ରାର୍ଥନା କରିଥିଲି, ହେ ପ୍ରଭୁ, ବାଇରଣଙ୍କ ପରି ମୋ ଜୀବନ ଦୁର୍ଦ୍ଦଶାମୟ କର ପଛକେ, ତାଙ୍କପରି କବିତା ମୁଁ ଯେପରି ଲେଖିପାରେ, ସେହି ଶକ୍ତି ଦିଅ ।

Digitized by srujanika@gmail.com

ବାଇରଣଙ୍କ୍ରୁ ଗୁଡ଼ କଲେଜ ଯେତେବେଳେ ଆସିଲି ୧୮ବର୍ଷ ବୟସ ଆରମ୍ଭରେ ରସ୍କିନ୍ ପଢ଼ି ଏକାବେଳକେ ବିମୁଗ୍ଧ । ସଙ୍ଗେ ସଙ୍ଗେ କାର୍ଲାଇଲ୍ ଏବଂ ଇମାର୍ସନ ମଧ୍ୟ ମୋ ପ୍ରାଣକୁ ଖୁବ୍ ମାଡ଼ି ବସିଥିଲେ । କାର୍ଲାଇଲ୍ ଅପେକ୍ଷା ଇମାର୍ସନ ମୋର ଅଧିକ ପ୍ରିୟ । ପଦ୍ୟରେ ବାଇରଣଙ୍କୁ ଯେପରି ପାଇଥିଲି, ଗଦ୍ୟରେ ରସ୍କିନ୍ଙ୍କୁ ଏବଂ ଇମାର୍ସନ୍ଙ୍କୁ ସେହିପରି ପାଇଲି । ଇମାର୍ସନ୍ଙ୍କ ଅପେକ୍ଷା ରସ୍କିନ୍ଙ୍କ ଭାବଦ୍ୱାରା ବେଶୀ ମୁଗ୍ଧ ହେଉଥିଲି ଏବଂ ଚାଳିତ ହେଉଥିଲି । ଇମାର୍ସନ କିପରି ଅନ୍ଧାରୁଆ ଅନ୍ଧାରୁଆ ଲାଗୁଥିଲେ । ବର୍ତ୍ତମାନ ମଧ୍ୟ ସେ ଅନ୍ଧକାର ଏକାବେଳକେ ତୁଟି ନାହିଁ । ଏହାପରେ ଗାନ୍ଧୀ ଏବଂ ଥୋରୋଙ୍କ ଲେଖା ବଡ଼ ଆକ୍ରମଣ କରିଥିଲା ମୋତେ । କିନ୍ତୁ ଦୈବଇଚ୍ଛା ଭିନ୍ନ ପ୍ରକାର । ଭାଗ୍ୟ ମୋତେ ଗୋଖଲେଙ୍କ ଆଡ଼କୁ ଅଲକ୍ଷିତରେ ଟାଣି ନେଇଗଲା । ଗୋଖଲେଙ୍କ ସହିତରେ ମୁଁ ସମ୍ପୂର୍ଣ୍ଣ ଅପରିଚିତ । ତାଙ୍କ ମୃତ୍ୟୁ ପରେ ଭାରତ ସେବକ ସମିତିରେ ମୁଁ ଯୋଗଦେଲି । କିନ୍ତୁ ଯୋଗଦେବା ପରେ ଶାସ୍ତ୍ରୀଙ୍କ ମହତ୍ତ୍ୱ, ସୁଶୀଳତ୍ୱ ମୋତେ ଖୁବ୍ ମୁଗ୍ଧ କରିବାକୁ ଲାଗିଲା ।

ସ୍ୱଭାବତଃ ମୁଁ ଯୋଗୀ, ନୃତ୍ୟ କିମ୍ବା ଲଢ଼େଇ କରିବା ସ୍ୱଭାବର । କିନ୍ତୁ ଏପରି ଅବସ୍ଥାରେ ମୁଁ ପଡ଼ିଲି ଯେଉଁଠାରେ ନୀରବ ପରିଶ୍ରମ, ଦେଶସେବା ଦରକାର । ନୀରବ ଏହି ଅର୍ଥରେ କହୁଅଛି ଯେ ଝଡ଼ଝଞ୍ଜା ଭିତରକୁ ନ ଯାଇ ସାଧାରଣ ଗଠନମୂଳକ କାର୍ଯ୍ୟ କରିବା ମୋ ପକ୍ଷରେ ଏକ ପ୍ରକାର ଭଲ ହୋଇଅଛି । ନୋହିଲେ ହୁଏତ ମୋର ସ୍ୱଭାବ ଯେପରି ଏତେଦିନ ଫାଶିକାଠରେ ଝୁଲିବାକୁ ହୋଇଥାନ୍ତା କିମ୍ବା ଦେଶତ୍ୟାଗୀ ହୋଇ ସୁଦୂର ରୁଷିଆ ବା ଆମେରିକାରେ ବୁଲିବାକୁ ହୋଇଥାନ୍ତା ।

ଗୋପିଆ ହାଡ଼ର ଗୋଡ଼ତଳେ

ବାଲ୍ୟ ଜୀବନରେ ମୁଁ ମାତାର ଜାଗ୍ରତ ଚକ୍ଷୁ ସାମନାରେ ବଢ଼ିଥିଲି । ମୁଁ ଖେଳରେ ଏବଂ ଅନ୍ୟାନ୍ୟ ପିଲାମିରେ ଦୁଷ୍ଟ ଥିଲି ସତ, କିନ୍ତୁ ପ୍ରକୃତରେ ହୃଦୟ ମୋର ଦୋଷଦୁଷ୍ଟ ନ ଥିଲା । ମୋର ବୋଧ ଯେଉଁମାନେ ଦେଖିଛନ୍ତି ପିଲାଦିନେ, ସେମାନେ ପର ବୟସରେ ମୋତେ କହୁଥିଲେ, ମୁଁ ଯେତେବେଳେ ହୁଏ ଭଦ୍ର ଯୁବକ । ତା ପରେ ମୋର ପରିବର୍ତ୍ତନ ଯେତେବେଳେ ଘଟିଲା ସେତେବେଳେ ଲୋକେ ମୋ ମା'ଙ୍କୁ କହିଲେ—ଲକ୍ଷ୍ମୀମା, ଏହି କଣ ସେହି ଲକ୍ଷ୍ମୀ, ଏ ତ କେଡ଼େ ଶାନ୍ତ ହୋଇ ଗଲାଣି । ପିଲାଦିନେ ମୁଁ ବଡ଼ ଧର୍ମପରାୟଣ ଥିଲି । ଠାକୁରପୂଜା

Digitized by srujanika@gmail.com

ଖୁବ୍ କରୁଥିଲି । କାହାର ଘରୁ ଖାଉ ନ ଥିଲି । ମୁଣ୍ଡରେ ଚୁଟି ରଖିଥିଲି । ଗଳାରେ ମାଳି ପିନ୍ଧୁଥିଲି । ଶେଷରେ ଦିନେ ଅଜ୍ଜଳୁଲ୍ଲା ହାତରୁ ପାଉଁରୁଟି ଛଡ଼ାଇ ନେଇ ଖାଇଦେଲି । ସେହିଦିନ ମୋର ଅନ୍ତରରେ ପ୍ରଳୟ । କଣ କଲି ? ୧୨ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଦେଲି । ଉତ୍କଳ ସମ୍ମିଳନୀ ହେଉଥାଏ । ବାଲେଶ୍ୱରରେ ମଧୁବାବୁ ବକ୍ତୃତା ଦେଇ କହୁଥାନ୍ତି—'ଏ ମାତୃମଣ୍ଡପରେ ସମସ୍ତେ ସମାନ । ଏଠାରେ ଜାତିଭେଦ, ଧର୍ମଭେଦ ନାହିଁ ।' ଏହି କଥାଟି ବି ମୋତେ ବଡ଼ ସ୍ପର୍ଶ କରିଥିଲା । ମୋ ମନଟା କେମିତି କେମିତି ହେଉଥାଏ । ଏମିତି ଅବସ୍ଥାରେ ଅଜ୍ଜଳୁଲ୍ଲା ହାତରୁ ପାଉଁରୁଟି ଛଡ଼ାଇ ଚୁରୁଲେ ଖାଇଥିଲି—କେବଳ ଅନୁଭବ କରିବା ପାଇଁ ଏହି କଥା ।

ଅଜ୍ଜଳୁଲ୍ଲା ତ ମୋ ଭାଇ, ତାକୁ ଘୃଣା କରିବି ନାହିଁ । ତେଣୁ ତା ପାଉଁରୁଟି ଖାଇଦେଲି । ଭାବିଲି କିନ୍ତୁ କଣ କଲି କ'ଣ କଲି । ମା'କୁ ଆସି କହିଲି । ମା ମୁଣ୍ଡ କୋଡ଼ ପକାଇଲା, ରକ୍ତ ବାହାରିଲା । କହିଲା ମୋ ଛୁଆକୁ ଆଜି କିଏ କଣ କଲା । ଗୋପିଆ ହାଡ଼ିକୁ ଡକାଇ ମୋତେ ଝଡ଼ାଫୁଙ୍କା କଲା । ସେହି ଗୋପିଆ ହାଡି ଗୋଡ଼ତଳେ ମୁଁ ଦିନେ ପଡ଼ିଥିଲି । ଯେଉଁଦିନ ମା ମୋତେ ଦଶହରାରେ କହିଲା, "ଯା ଶାଶୁ ଶ୍ୱଶୁରଙ୍କୁ ଆଜି ଜୁହାର ହୋଇ ଆସିବୁ ।" ମୁଁ କମିତି କମିତି ବୋଧ କରୁଥାଏ । ଏତିକିରେ ମା କହି ଉଠିଲା, "ଯେ ପାଠ ପଢ଼ି ଗୁରୁଜନଙ୍କ ଗୋଡ଼-ତଳେ ପଡ଼ିବାକୁ ଲାଜ କରେ, ତା ପାଠପଢ଼ାରେ ମୁଁ ମୁତିଦିଏ ।" ଏତିକିରେ ଟିଂ ଟିଂ ହୋଇ ମୁଁ ଘରୁ ବାହାରି ଆସିଲି ଏବଂ ବାହାରେ ଯେମିତି ଦେଖିଲି ଗୋପିଆ ହାଡ଼ି ଯାଉଛି ଆମ ଘରବାଟ ଦେଇ, ତା ଗୋଡ଼ତଳେ ଲମ୍ବ ହୋଇ ପଡ଼ିଗଲି । ସେ ସ୍ତମ୍ଭିତ ହୋଇଗଲା । ମାତ୍ର କହିଲା, "ତୋର କୋଟି ପରମାୟୁ ହେଉ ।" ମା, ବାବା ଘରୁ ବାହାରି ଆସି ଏ ଦୃଶ୍ୟ ଦେଖିଲେ । ଶେଷରେ ମା କହିଲା—"ତୋର ଟିକେ ବୁଦ୍ଧି ନାହିଁ । ହାଡ଼ିଟା ଗୋଡ଼ତଳେ ପଡ଼ିବାକୁ କହିଥିଲି ନା ?" ହଁ ଖାଲି ହାଡ଼ି ନୁହେଁ, ହାଡ଼ିଆଣୀ ଗୋଡ଼ତଳେ ବି ପଡ଼ିବି— କହି ଧାଇଁଗଲି ଗୋପିଆ ହାଡ଼ି ଘରକୁ । ସେଠି ଗୋପିଆ ହାଡ଼ିର ସ୍ତ୍ରୀ ମୋତେ ଦେଖି ଘର ଭିତରକୁ (ରୋଷେଇ ଘରକୁ) ଗୃଲିଗଲା । ମୁଁ ସେଇ ରୋଷେଇ ଘରକୁ ଯାଇଁ ସେଠି ମୁଣ୍ଡିଆଏ ମାରି ଆସିଲି । ବାଟରେ ଫେରିଲା ବେଳକୁ ମଙ୍ଗୀ ଗଉଡୁଣୀ । ତା ଗୋଡ଼ତଳେ ପଡ଼ିଲି । ସେ ଦିନ ସକାଳୁ ସାତ ଦଶଟା ଯାଏ ଯାହାକୁ ଦେଖିଛି ତା ଗୋଡ଼ତଳେ ପଡ଼ିଛି । ସମସ୍ତେ ଆଶୀର୍ବାଦ କରିଛନ୍ତି । ତହିଁଆର ଦିନ ଠାରୁ ମୋର ଚୁଟି, ମାଳି, ପର ଘରେ ନ ଖାଇବା ସବୁ କୁଅଡ଼େ ଉଭାଇ

Digitized by srujanika@gmail.com

ଗଲି । ମୁଁ ହୋଇଗଲି ଅଗ୍ରଣ୍ଡାଳ ବ୍ରାହ୍ମଣ ସମସ୍ତଙ୍କ ଘରର କୁଣିଆ, ସମସ୍ତଙ୍କର ଆଶୀର୍ବାଦାକାଙ୍କ୍ଷୀ । ଏ ୧୯୦୮ ଖ୍ରୀଷ୍ଟାବ୍ଦର କଥା ।

ମୋର ସ୍କୁଲ ଶିକ୍ଷକ

ବାଲ୍ୟରେ ମୁଁ ମୋର ମାମୁଙ୍କ ପାଖରେ ବିଦ୍ୟାର୍ଜ୍ଜନ କରୁଥିଲି । ତାହାପରେ ଭଦ୍ରୋଣିଆ ମାଇନର ସ୍କୁଲରୁ ମାଇନର ପାଶ୍ କରି ବାଲେଶ୍ୱର ଜିଲ୍ଲା ସ୍କୁଲରେ ଭର୍ତ୍ତି ହେଲି । ସେ ସମୟରେ ଯେଉଁ ସବୁ ଶିକ୍ଷକ ଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ବଡ଼ କର୍ତ୍ତବ୍ୟପରାୟଣ ଥିଲେ । ସେମାନଙ୍କର ଆଦର୍ଶ ଆମ୍ଭମାନଙ୍କର ଜୀବନକୁ ବଡ଼ ଅନୁପ୍ରାଣିତ କରୁଥିଲା । ବିଷ୍ଣୁବାବୁ ନାମରେ ଜଣେ ହେଡ୍‌ମାଷ୍ଟର ଜିଲାସ୍କୁଲରେ ଥିଲେ । ସେ ବଡ଼ ଶିବଭକ୍ତ ଥିଲେ । ପିଲାମାନଙ୍କର ଚରିତ୍ର ଉପରେ ତାଙ୍କର କଠୋର ନଜର ଥିଲା । ହାରେନ୍ ଚନ୍ଦ୍ର ରକ୍ଷିତ ଆମକୁ ଭୂଗୋଳ ପଢ଼ାଉଥିଲେ । ସେ ଅତି ଅଦ୍ଭୁତ ଶିକ୍ଷକ ଥିଲେ । କାନ୍ଥରେ ସବୁ ମାନଚିତ୍ର ଟାଙ୍ଗି-ଦେଇ ଆମକୁ କହନ୍ତି, 'ଏଲେପି ଦେଖାଅ, ଟାସ୍‌ମାନିଆ ଦେଖାଅ, ଆଇସ୍‌ଲାଣ୍ଡ ଦେଖାଅ ।' ଗୋଟିଏ ପିଲା ହଡ଼ବଡ଼ ହୋଇଗଲେ, ଭିନ୍ନ ମ୍ୟାପ୍ ପାଖକୁ ଗଲେ ତତ୍‌କ୍ଷଣାତ୍ "ଦୂର୍ ବାନର୍ କୋଥାକାର" କହି 'କମ୍ ହିଅର୍' କହନ୍ତି ଏବଂ ଠୋ କରି ଚଟକଣା ଦେଇ ଦିଅନ୍ତି; କିନ୍ତୁ କ୍ଲାସ ବାହାରେ ପିଲାମାନଙ୍କୁ ଖୁବ୍ ଆଦର କରନ୍ତି । ସେହିପରି ଆଉ ଜଣେ ମାଷ୍ଟର ଥିଲେ । ଅବଦୁଲ୍ ମଜିଦ୍ ତାଙ୍କର ନାମ । ସେ ଅଙ୍କ ପଢ଼ାଉଥିଲେ । ଆମେ ଭୁଲ୍‌ଭାଲ୍ କଲେ ସେ ଆମର ହାତଆଙ୍ଗୁଠି ଉପରେ ବେତ ବସାନ୍ତି; କିନ୍ତୁ କ୍ଲାସ ବାହାରେ ସେ ବଡ଼ ସ୍ନେହଶୀଳ ଥିଲେ । କର୍ତ୍ତବ୍ୟ-ପରାୟଣତା ସେ ସମୟର ଶିକ୍ଷକ ମାନଙ୍କର ଖୁବ୍ ବେଶି ଥିଲା । ଉପେନ୍ଦ୍ରନାଥ ଦତ୍ତଗୁପ୍ତଙ୍କ ନିକଟରେ ମୁଁ ପଢ଼ିଛି । ସେ ସୁରିଆଖିଆ ଅର୍ଥାତ୍ ଇଂରାଜୀ, ଅଙ୍କ, ସାହିତ୍ୟ ସବୁଥିରେ ଧୁରନ୍ଧର । ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା ସେହିପରି ଚଉଆଖିଆ ଥିଲେ ଏବଂ ତାଙ୍କର ଜ୍ଞାନ ବଡ଼ ଗମ୍ଭୀର ଥିଲା ।

ବଙ୍ଗାଳୀ ଓଡ଼ିଆ ଭେଦ

ବାଲେଶ୍ୱର ଛାଡ଼ି ଆସି ଯେତେବେଳେ କଟକରେ କଲେଜ୍‌ରେ ପଢ଼ିଲି, ସେତେବେଳେ ବୁଝିଲି ଯେ ଓଡ଼ିଆ ଓ ବଙ୍ଗାଳୀ ବୋଲି ଦୁଇଟି ଭିନ୍ନ ଜାତି ଅଛନ୍ତି ଏବଂ ବଙ୍ଗାଳୀମାନେ ଓଡ଼ିଆମାନଙ୍କୁ ଘୃଣା କରନ୍ତି । କଟକରେ ବେଶି ଓଡ଼ିଆ ପିଲା ଥିବାରୁ ବଙ୍ଗାଳୀମାନେ ଟିକିଏ ଚପି ରହି ଆସନ୍ତି; କିନ୍ତୁ ସେମାନଙ୍କର ଘୃଣାଭାବ ଅତି ବେଶି ଥାଏ । ମୋର ମନେଅଛି, ମୁଁ ଯେତେବେଳେ ଇଞ୍ଜିନିୟରିଂ

Digitized by srujanika@gmail.com

ପଢ଼ିବାକୁ ଶିବପୁରକୁ ଗଲି, ସେତେବେଳେ ବଙ୍ଗାଳୀ ପିଲାମାନଙ୍କ ମଧ୍ୟରୁ କେହି କେହି ଦୁଷ୍ଟପିଲା ମୋତେ ରଗେଇବାକୁ ଚେଷ୍ଟା କରନ୍ତି, "ଧାଇଁ କଡ଼ କଡ଼ କଡ଼, ଗୋରସ ହେଉଛି ଆମ୍ଭିଡ଼ ମୋର"—ଏହିପରି ଥଟ୍ଟା କରନ୍ତି । ପୁରୁଣା ଗ୍ରାମୋଫୋନ୍ ରେକର୍ଡ଼ରେ ଏହି ଗୀତକୁ ବଜାନ୍ତି । ଥରେ ମୁଁ ଫିଲ୍ଡ଼ ୱର୍କ୍‌ରେ ଯାଇଛି, ସେଠି ଗୋଟିଏ ବଙ୍ଗାଳୀ ଟୋକା ଏହି ଗୀତ କହି ମୋତେ ଥଟ୍ଟା କରିବାକୁ ଲାଗିଲା । ମୁଁ ତାକୁ କହିଲି, "ମୋତେ ରଗାନା, ମାରିଦେବି ।" ଶେଷରେ ତାକୁ ମାରିଲି । ସେ ବି ବଳୁଆ ଥିଲା । ଝପଟି ଆସି ମୋତେ ଧରିଲା । ଖୁବ୍ ଧସ୍ତାଧସ୍ତି ହେଲୁ । ପରେ ଅନ୍ୟମାନେ ଆସି ଆମର କଳି ଭାଙ୍ଗିଦେଲେ । ଏପରି ଏକ ସମୟ ଥିଲା ଯେ କଲିକତା ସଡ଼କରେ ଦୁଇଟି ଓଡ଼ିଆ ପିଲାଙ୍କର ଦେଖା ହେଲେ, ସେମାନେ ସହଜରେ ଓଡ଼ିଆରେ କଥା କୁହନ୍ତି ନାହିଁ । ଭୟ, କାଳେ କେହି ବଙ୍ଗାଳୀ ଏହା ଦେଖି ପକାଇବ । ଏହିପରି ଅନେକ ଘଟଣା ଅଛି । ଦୃଷ୍ଟାନ୍ତ ସ୍ୱରୂପ ଗୋଟିଏ ଘଟଣା ଦେଲି ।

ଆମେ ଯେତେବେଳେ ଜାତୀୟ ଏକୀକରଣ ବିଷୟରେ ଏତେ ଚିନ୍ତା କରୁଅଛୁ, ସେତେବେଳେ ବଙ୍ଗାଳୀମାନଙ୍କର ଏହି ପ୍ରାଦେଶିକ ଅହଙ୍କାର ଆମ୍ଭ-ମାନଙ୍କୁ ବଡ଼ ବ୍ୟଥା ଦେଉଥାଏ । ଏହାର ପ୍ରତିକ୍ରିୟା ଯୋଗୁ ଦୁଇଟି ନିକଟବର୍ତ୍ତୀ ଜାତି-ମଧ୍ୟରେ ଏକୀକୃତ ନ ହୋଇ ପୃଥକୀକୃତ ହେଉଛୁ । ଦୋଷଟା କାହାର ସମସ୍ତେ ବିଚାର କରିବାର କଥା ।

କଟକକୁ ଆସି ଓଡ଼ିଆ-ବଙ୍ଗାଳୀ-ଭେଦ-ଦ୍ୱନ୍ଦ୍ୱ ଜାଣି ମନ ଖରାପ ହୋଇଗଲା । ଆଉ ଉଚ୍ଚତର ଜୀବନକୁ ଅଗ୍ରସର ହେବା ପାଇଁ ସେତେ ସୁବିଧା ମିଳିଲା ନାହିଁ । ରାଜନୀତି ଅନ୍ତରରେ ପ୍ରବେଶ କଲା, ଭେଦ-ନୀତି ଅନ୍ତରରେ ପ୍ରବେଶ କଲା, ଘୃଣାନୀତି ଅନ୍ତରରେ ପ୍ରବେଶ କଲା । ଆଉ ଲୋକ ବଢ଼ିବ କ'ଣ, ଛିଡ଼ିବାକୁ ଲାଗିଲା ।

ମୋର ନିଶା ସେବନ

ମୋର ବାବା ହୁକା ଖାଉଥିଲେ । ପିଲାଦିନେ ମୁଁ ତାଙ୍କ ପାଇଁ ଗୁଡ଼ାଖୁ ସଜେଇ ହୁକାରେ ଚଢ଼େଇ ଧୂଆଁ ଖାଇବାକୁ ଦିଏ । ସେ ଖାଆନ୍ତି । ଦିନେ ମନ ହେଲା ମୁଁ ଏକ ଟାଣ ଦିଅନ୍ତି । ଯେମିତି ଦେଇଛି ମା' କୁଆଡ଼େ ଥିଲା ଆସିଗଲା । କହିଲା—ତୁ ଧୂଆଁ ପିଉଛୁ ? ମୁଁ କହିଲି—ନା । ସେ କହିଲା—ତୋ'

Digitized by srujanika@gmail.com

ପାଣ୍ଟି ଦେଖେଁ । ସେ ଶୁଙ୍ଘିଲା । ତା'ପରେ ଏକ ଚଟକଣା ଖୁବ୍ କଷି କରି ଦେଲା । ସେହି ଦିନୁଁ ମୁଁ କେବେ ହୁକା ଟାଣି ନାହିଁ ।

ଥରେ ଜଣଙ୍କ ସାଙ୍ଗରେ ତାଡ଼ିଖଟିକୁ ଚାଲି ଯାଇଥିଲି । ସେ ମୋର ଶ୍ୟାଳକ, ମୋ ଠାରୁ ବୟସରେ ବଡ଼ । ସେ ସମୟରେ ଶଳା ଭିଣୋଇ ଥଟ୍ଟା ଖୁବ୍ ଚାଲୁଥାଏ । ଦୁଃଖର କଥା ଯେ ଆଜି ପର୍ଯ୍ୟନ୍ତ ମଧ୍ୟ ସେହି ପ୍ରଥା ସମାଜରେ ଅଛି, ଯଦିଚ କିଛି ଊଣା ପଡ଼ିଛି । ମୋର ଶ୍ୟାଳକ ମୋତେ ଭୁଲାଇ କରି ନେଇ ଯାଇଥିଲେ ତଟକା ଖଜୁରିରସ ଖୁଆଇବା ବାହାନାରେ । କିନ୍ତୁ ମୁଁ ଗଲି ଯେଉଁଠାକୁ ସେଠି ତାଡ଼ିଖଟି । ସେଠି ସେ ତାଡ଼ିର ଗନ୍ଧ ଏବଂ ସେ ଲୋକମାନଙ୍କର ବସିବାର ଭଙ୍ଗୀ ଦେଖି ମୁଁ ଛି' ଛି' କରି ପଳେଇ ଆସିଲି ଏବଂ ସେହି ଦିନ ଠାରୁ ମୋର ଶ୍ୟାଳକ ସାଙ୍ଗରେ ମୁଁ ଆଉ ୪।୫ବର୍ଷ କଥା କହି ନଥିଲି ।

ପିଲାଦିନେ ଦୁଇ ଚାରିଥର ଭାଙ୍ଗ ଖାଇଛି । ତାହା ମଧ୍ୟ ମୋର ନିଜର ଇଚ୍ଛାରେ ନୁହେଁ । କେହି କେହି ଗୁରୁସ୍ଥାନୀୟ ଲୋକ 'ସିଦ୍ଧି ଖାଇଲେ ବୁଦ୍ଧି ବଢ଼େ' କହି ମୋତେ ବେଳପଣାରେ ଭାଙ୍ଗ ଦେଇଛନ୍ତି । ଭାଙ୍ଗ ନିଶାର ଢୁଳୁଢୁଳିଆ ପଣ ମୁଁ ଅନୁଭବ କରିଛି ଏବଂ ଆକାଶିଆ ସ୍ୱପ୍ନ ମଧ୍ୟ ଦେଖିଛି ଏବଂ ଜଣେ ଜଣେ ଅତିଶକ୍ତ ଭାଙ୍ଗ ଖାଇ ବାଇଆ ହେବାର ମଧ୍ୟ ଦେଖିଛି । ମଦ ମୁଁ କେବେ ମଧ୍ୟ ଖାଇନାହିଁ । ତେବେ ଯଦି କହିବ, ଏଲୋପ୍ୟାଥିକ୍ ଔଷଧରେ ଏପରି କି ହୋମିଓପ୍ୟାଥିକ ଔଷଧରେ ମଦ ଥାଏ, ତାହାହେଲେ ମୁଁ ନାଚାର ।

ମୁଁ କିପରି ସିଗାରେଟ ଖିଆ ଛାଡ଼ିଲି

ସେତେବେଳେ ମୋତେ ୧୬ବର୍ଷ । ମୁଁ ସେତେବେଳକୁ ସିଗାରେଟ ଖିଆ ଶିଖିଛି । ସେତେବେଳେ ସିଗାରେଟ ଶସ୍ତା ଥିଲା । ତଥାପି ସେହି ବୟସରେ ସେତେବେଳେ ମୁଁ ହୁଏତ ଗୋଟିଏ ପ୍ୟାକେଟ୍ ସିଗାରେଟ ଦିନକୁ ଫୁର୍କି ଦେଉଥିଲି ।

ଏହି ସିଗାରେଟ ପଇସା ଦୋକାନରୁ ଚୋରି କରି ଆଣେ । ମୁଁ ସେତେବେଳେ ମାଇନର୍ ପାସ୍ କରି ବାଲେଶ୍ୱର ଜିଲ୍ଲା ସ୍କୁଲରେ ଭର୍ତ୍ତି ହେଲି । ସେହି ସମୟରେ ସୁରେଶ ନାମରେ ଗୋଟିଏ ବଙ୍ଗାଳୀ ପିଲା ମୋର ସାଙ୍ଗ ହେଲା । ସେ ବଡ ଚଗଲା, ମାତ୍ର ତା ହୃଦୟଟା ଭଲ । ସେ ମୁଁ ଦୁଇଜଣ ସିଗାରେଟ ଟାଣୁ ସାଙ୍ଗ ହୋଇ । ତା ଛଡା ତ ଆହୁରି ମୋର ଅନେକ ସାଙ୍ଗ ଥିଲେ ।

Digitized by srujanika@gmail.com

୧୯୦୬ ସାଲର କଥା । ମୁଁ ସପ୍ତମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀକୁ ଉଠିଛି । ସ୍କୁଲରେ ଅନେକ ଗୁଡ଼ିଏ ପୁରସ୍କାର ମିଳିଛି । ଗ୍ରେଟ ଫଲାଫିଏ ମୁଁ ସେତେବେଳେ । ଯେତେ ପ୍ରାଇଜ୍ ମିଳିଥିଲା ସେତକ ସବୁ ଏକା ଥରକେ ଆଣି ପାରିଲି ନାହିଁ, ଦୁଇଥରରେ ଆଣିଲି । ତଥାପି ବହି ତଳେ ପଡ଼ି ଯାଉଥାଏ । ମୋ ବାଟ୍ସ ସବୁ ଦର୍ଶକ ସଭ୍ୟ କେହି କେହି ମୋ ହାତକୁ ଉଠାଇ ଦେଲେ । "ଭଲ ପଢ଼ିବ, ବେଶୀ ପଢ଼ିବ" କହୁଥାନ୍ତି । ମୁଁ ହଁ ଭରି ଗୁଲି ଆସୁଥାଏ ।

ଏହି ପ୍ରାଇଜମାନଙ୍କ ମଧ୍ୟରେ ମୋର ଗୋଟିଏ Good conduct ପ୍ରାଇଜ ଥିଲା—ଚେମ୍ବର୍ସ ଡିକ୍‌ସିନାରଟିଏ । ମୁଁ ଯେ Good conduct prize ପାଇଛି ସୁରେଶ ଦିନକ ଅ ଗରୁ ଜାଣିଥାଏ । ମୋତେ ଆସି କହିଲା, ନଛି, ତୁ ଗୋଟିଏ Good conduct prize ପାଇଛୁ । ମୁଁ କହିଲି, କମିତ ? ମିଛ କଥା । ସୁରେଶ କହିଲା, ନା ରେ ସତକଥା ମୁଁ ଦେଖିଛି ବହି ବନ୍ଧାବେଳେ । ମୁଁ କହିଲି, ତା ହେଲେ ମୁଁ ସ୍କୁଲକୁ ଯିବ ନାହିଁ । ସୁରେଶ କହିଲା· ହେଡ୍ ମାଷ୍ଟର କହିଛନ୍ତି ସବୁ ପିଲାଙ୍କୁ ସ୍କୁଲ୍‌କୁ ଆସିବାକୁ ହେବ । ପ୍ରାଇଜ୍ ଦିନ କେହି ଅନୁପସ୍ଥିତ ରହିଲେ ତାକୁ ଦଣ୍ଡ ଦିଆଯିବ ।

ତେଣୁ ମୁଁ ଗଲି । ପ୍ରାଇଜ୍ ଆଣିଲି । କିନ୍ତୁ ସେଦିନ ସାରା ମୁଁ କାନ୍ଦିଛି । ମୁଁ ଗୁଡ୍ କଣ୍ଡକ୍ଟ ପ୍ରାଇଜ ପାଇଛି, ଅଥଚ ମୁଁ ଲୁଚି ଲୁଚି ସିଗାରେଟ ଖାଏ !!

ଏହି ଚିନ୍ତାରେ ମୁଁ ଭାତ ଖାଇ ନାହିଁ । ତିନି ଦିନ ପରେ ଅଥବା ସେହି ଦିନ ଠାରୁ ଯେ ସିଗାରେଟ ଖିଆ ଛାଡ଼ିଛି, ଆଜି ୬୨ବର୍ଷ ବୟସ ହେଲା, ଆଉ ସିଗାରେଟ ଖାଇ ନାହିଁ ।

କେବଳ ଥରେ ହାଇଦ୍ରାବାଦରୁ କଲିକତା ଆସିଲାବେଳେ ରେଲଗାଡ଼ିରେ ଗୋଟିଏ ମୁସଲମାନ ସାଥିରେ ଦେଖା ହେଲା । ଗାଡ଼ିରେ ଅନେକ କଥାବାର୍ତ୍ତା ହେଲୁ । ସଞ୍ଜବେଳେ ସେ ତା'ର ଡବା ଆଣିଲା । ରୁଟି ମାଉଁସ ସବୁ ଏକା ସାଙ୍ଗରେ ଖାଇଲୁ । ସେ ସିଗାରେଟ ଖାଇବାକୁ ଆରମ୍ଭ କଲାବେଳେ ମୋତେ ଗୋଟିଏ ଦେଲା । ମୁଁ ଚିତ୍ତ ଦୁର୍ବଳତା ବଶତଃ ସେତେବେଳେ ନା କରି ପାରିଲି ନାହିଁ । ଭାବିଲି କ'ଣ କହିବ ସେ । ଆନ୍ତରିକତା କମିଯିବ ପରା !

ଯାହାହେଉ ସେହି ଯେ ଖଣ୍ଡେ ସିଗାରେଟ ଖାଇଥିଲି, ଆଉ ଖାଇ ନାହିଁ । ଏ ମୋର ମନେହୁଏ, ମୁଁ ଯେତେବେଳେ ଭାରତ ସେବକ ସମିତିରେ ପଶି ସାରିଛି ଏବଂ ୧୯୧୭ ବା ୧୮ ସାଲର କଥା ହେବ । ଏହି ମନୋବଞ୍ଚନ ମୂଳରେ

Digitized by srujanika@gmail.com

ମଧ୍ୟ ଗୋଟିଏ କଥା ଅଛି । ମୁଁ ବଡ଼ Purist ଥିଲି । କିନ୍ତୁ ଭାରତ ସେବକ ସମିତିରେ ପଶି ଯେତେବେଳେ ଦେଖିଲି ଆମର ବଜେ (Vaze) ଯେ ଆମର Vice-President ଖୁବ୍ ସିଗାରେଟ ଖାଉଛନ୍ତି, ସେଇଥିରେ ମୋର ନୈତିକତା ଟିକିଏ ଢିଲା ଭାବ ଧରିଥାଏ । ତା'ର ଫଳ ଉଏ । କିନ୍ତୁ ଏଟା ମୋର ଦୁର୍ବଳତା । କାହିଁ, ଆମର ସୋସାଇଟିର ପଣ୍ଡିତ କୁଞ୍ଜରୁ ତ କେବେ ସିଗାରେଟ ଟାଣି ନାହାଁନ୍ତି ! ଅନ୍ତତଃ ମୁଁ ତ ଦିନେ ହେଲେ ଦେଖିଲି ନାହିଁ ତାଙ୍କୁ ସିଗାରେଟ ଟାଣିବାର ।

ନଗିବାବୁ ହଗି ହଗି ମଲେ

କୈଶୋରର ଏକ ବଚନ ସ୍ମୃତି ମନେ ପଡ଼ୁଛି । ବାଲେଶ୍ୱର ଜିଲ୍ଲା-ସ୍କୁଲରେ ପଢୁଥିବା ବେଳେ ନଗେନ ବାବୁ ବୋଲି ଜଣେ ଡ୍ରିଲ୍ ମାଷ୍ଟର ଥାନ୍ତି । ସେ ଭଲ ଡ୍ରିଲ୍ ଶିଖାନ୍ତି । କିନ୍ତୁ ଭାରି କଡ଼ା ଲୋକ । ଟିକିଏ ଭୁଲ୍ ଭାଲ୍ ହେଲେ ଦୁମଦାମ୍ ମାଡ଼ । ମୁଁ ବାଲେଶ୍ୱର ଜିଲାସ୍କୁଲରେ 9th classରେ ପଢୁଥାଏ । ମୋର ଗୋଟିଏ ବନ୍ଧୁ ଜଗତ୍ 8th classରେ ପଢୁଥାଏ । ଦିନେ ଡ୍ରିଲ୍‌ରେ କଣ ଟିକିଏ ଭୁଲ କରିବାରୁ ନଗେନ ବାବୁ ତାକୁ ଏପରି ଗୋଟାଏ ଗୁମ୍‌କିଣ ପିଠିରେ ମାଡ଼ ଦେଲେ ଯେ ସେ ହଗି ପକାଇଲା । ଏପରି ସ୍ଥଳରେ ଜଗତ୍ ଓ ମୁଁ ତାର ପ୍ରତିଶୋଧ ନେବାପାଇଁ ଇଚ୍ଛା କଲୁ । ମୁଁ ସେତେବେଳେ ଏ ବହି ସେ ବହି କାଢ଼ି ହ୍ଲୀଂ, କ୍ଲୀଂ, ସ୍ଲୀଂ ଇତ୍ୟାଦି ମନ୍ତ୍ର ଜପି କିପରି ଅଦ୍ଭୁତ କାର୍ଯ୍ୟମାନ ସାଧନା କରିଯାଏ ତାହା ପଢୁଥିଲି ଓ ଜାଣୁଥିଲି । ଫଳରେ ଗୋଟିଏ ବହିରୁ ବାହାରିଲା ଯେ ଯଦି କେହି ବିବାହିତା ସ୍ତ୍ରୀ ସନ୍ତାନ ପ୍ରସବ କରିବା ପୂର୍ବରୁ କଲେରା କମ୍ପା ବସନ୍ତିକା ଇତ୍ୟାଦି ରୋଗରେ ମରିଥାଏ ଆଉ ତାକୁ ପୋଡ଼ା ହୋଇଥାଏ ତାହେଲେ ତାର ଡାହାଣି ଆଙ୍ଗୁଳି ଗୋଟାଏ କାଟିଆଣି ତାକୁ ଗୁଣ୍ଡି ସଫା କରି ସେହି ହାଡ଼ଟି ଧରି ଲକ୍ଷେ ହ୍ରୂଂ, କ୍ରୂଂ, ମନ୍ତ୍ର ଜପିଲେ ତୁମର ଅନିଷ୍ଟ-କାରୀ ବିରୁଦ୍ଧରେ ଯାହା ଇଚ୍ଛା କରିବ ତାହା ଘଟିବ । ସୁତରାଂ ମୁଁ ଜଗତ୍‌କୁ ନେଇ ବାଲିଘାଟ ଗଲି । ଗୋପାଳ ଗାଁରେ ଗୋଟିଏ ବିବାହିତା ଝିଅ ବସନ୍ତ ରୋଗରେ ମରି-ଥିଲା । ଯେଉଁ ଜାଗାରେ ପୋଡ଼ା ହୋଇଥିଲା ମୁଁ ତାହା ଦେଖିଥିଲି । ସୁତରାଂ ସେଠାକୁ ଯାଇ କୋଡ଼ିରେ ଖୋଳିଲି ଏବଂ ତା ହାତରୁ କାଣି ଆଙ୍ଗୁଳିଟି ଗୋଟିଏ ଗୁଆ-କାତିରେ କାଟିଲି ଓ ତାକୁ ସଫା କଲି । ତା ପରେ ଆମର ଗଣେଶପୂଜା ହେଉଥିବା ଘର ଭିତରେ ବସି ଲକ୍ଷେ ମନ୍ତ୍ର ଜପ କଲି । ଜଗତ୍ ବାହାର ବାହାର ପିଣ୍ଡାରେ ବସିଥାଏ । ଏ ମନ୍ତ୍ର ଜପ କରିସାରି ବାହାରିଲା ବେଳକୁ ଅନେକ ରାତି

Digitized by srujanika@gmail.com

ହୋଇଥାଏ । ତହିଁଆର ଦିନ ଆମେ ଭାବୁଛୁ ଯେ ନଗେନ୍‌ବାବୁ ହୁଏତ ହଗି ହଗି ମରୁଥିବେ । କାରଣ ମନ୍ତ୍ର ଜପିବା ବେଳେ ମୁଁ ଭାବୁଥିଲି ଯେ ନଗେନ୍‌ବାବୁ ହଗି ହଗି ମରୁ । ତହିଁଆର ଦିନ ସ୍କୁଲକୁ ଗଲୁ ଆଉ ଦେଖିଲୁ ଯେ ନଗେନ୍‌ବାବୁ ସ୍କୁଲରେ ଉପସ୍ଥିତ ଅଛନ୍ତି । ଯେମିତି ତାକାକୁ ସେମିତି ତାକା । ତାଙ୍କର କିଛି ହୋଇନି । ବ୍ୟର୍ଥମନୋରଥ ହୋଇ ହତାଶ ହୋଇ ଆମେ ରହିଲୁ ।

ପାଦତଳେ ଯା'ର ଫୁଲଶେଯ

ଗୋଟିଏ ବାଲ୍ୟସ୍ମୃତି ଏବେ ବି ମୋର ଭଲ କରି ମନେ ଅଛି । ଜଣେ ବାଯା ଭଳି ଲୋକ, ଆଉ ଦେହରେ ମଇଳା ବୋଳାଛି—ଆସି ଆମ ଦୋକାନ ସାମନାରେ ଠିଆ ହେଲା ଏବଂ କିଛି ମାଗିବାକୁ ହାତ ବଢାଇଲା । ମୋର ମା' ତାକୁ ଦେଖି ରାଗରେ ଗୋଟିଏ କାଠଫାଳିଆ ଫୋପାଡିଲା ଏବଂ ତାକୁ ଗାଳି ଦେଲା । ସେ ପାଗଳଟି କୁଆଡ଼େ ଉଭେଇ ଗଲା; କିନ୍ତୁ ତା'ପରେ ଆମ ଦୋକାନକୁ ଜଣେ ଜଳଖିଆ ନେବାକୁ ଆସି ଦେଖିଲା ଯେ ଆମ ଦୋକାନ ପାଖରୁ ସଡକର ବହୁ ଦୂର ପର୍ଯ୍ୟନ୍ତ ଫୁଲ ବିଛେଇ ହୋଇ ପଡ଼ିଛି । ସେ ଲୋକଟି ମୋର ମା'ଙ୍କୁ ପଚାରିଲା, "ଏତେ ଫୁଲ କାହିଁକି ପଡ଼ିଛି ?" ମା' ଦୌଡ଼ି ଯାଇଁ ଦେଖିଲା ସଡକୁ ସତ ସଡ଼କରେ ଫୁଲ ପଡ଼ି ପଡ଼ି ଯାଇଛି । ବାରବାଟୀ-ଛକରୁ ବାଲିଘାଟ ପର୍ଯ୍ୟନ୍ତ ପ୍ରାୟ ପାଏ ବାଟ ହେବ । ସେ ସମସ୍ତ ସଡ଼କରେ ଫୁଲ ପଡି ପଡି ଯାଇଛି । ମୋର ମା' ଦୌଡି ଦୌଡ଼ି ସଡ଼କର ଶେଷ ବାଲିଘାଟ ପର୍ଯ୍ୟନ୍ତ ଗଲା । ସେଠି ବୁଢା-ବଳଙ୍ଗ ନଦୀ, ଆଉ ଯାଇ ପାରିଲା ନାହିଁ । ମା' ହତାଶ ହୋଇ ଫେରି ଆସିଲା ଏବଂ କହିଲା, "ମୁଁ କି ଚଣ୍ଡାଳୁଣୀ ! କେଉଁ ବଡ଼ ସାଧୁ ଆସିଥିଲା, ମୁଁ ତା' ପାଖରୁ ବର ନ ନେଇ ତାକୁ କାଠଫାଳିଆ ଫୋପାଡ଼ିଲି !" ଏ କି ଅଲୌକିକ ଘଟଣା, ତାହାର ସନ୍ଧାନ ମୁଁ ଆଜି ପର୍ଯ୍ୟନ୍ତ ପାଇ ପାରିଲି ନାହିଁ ।

ମୋର ନଈପହଁରା, ସମୁଦ୍ରପହଁରା

ଆମର ଘର ବୁଢ଼ାବଳଙ୍ଗ ନଦୀ ପାଖରେ ଥିବାରୁ ମୁଁ ପିଲାଟି ଦିନୁ ନଈ ପହଁରା ଶିଖିଥିଲି । ବୁଢାବଳଙ୍ଗ ନଈ ଓଲନ୍ଦାସାହିକୁ ନାଳ ଭଳିଆ ପଶି ଯାଇଛି । ସେଇଠି ମୋର ପ୍ରଥମ ସନ୍ତରଣର ଆରମ୍ଭ । ପରେ ବାଲିଘାଟ ଠାରେ, ଯେଉଁଠି ନଈ ଖୁବ୍ ଚଉଡା, ସେଇଠି ମୁଁ ମନଆନନ୍ଦରେ ପହଁରୁଥିଲି । ନଈ ଏପାଖ ସେପାଖ ପ୍ରାୟ ଅଧପାଏ ବାଟ ହେବ ।ପୁଣି ବୁଢାବଳଙ୍ଗ ନଈଟି ଜୁଆରିଆ ନଈ । ନଈରେ ଜୁଆର ଆସିଲେ ବୁଢ଼ାବଳଙ୍ଗ ଖୁବ୍ ଭରପୁର ହୋଇଯାଏ ।

Digitized by srujanika@gmail.com

ମୁଁ ମାଇନର ପଢ଼ୁଥିବା ବେଳେ ଇତିହାସ କିଛି କରି ପାରୁ ନ ଥିଲି । ଥରେ ମୁଁ ଗ୍ରୀଷ୍ମଛୁଟିରେ ଇତିହାସ ଖୁବ୍ ପଢ଼ିବାକୁ ଲାଗିଲି; କିନ୍ତୁ କିଛି ମନରେ ରହୁ ନ ଥିବାରୁ ଦିନେ ରାଗରେ ଇତିହାସ ବହିଟି ଟେକି ପକାଇଲି ଏବଂ ଆମ ଘର ସାମନା ନର୍ଦ୍ଦମାରେ ପକାଇ ଦେଲି ଏବଂ ଅନେକ କାନ୍ଦିବାକୁ ଲାଗିଲି । କିନ୍ତୁ ଘଣ୍ଟାଏ ଦୁଇଘଣ୍ଟା ପରେ ପୁଣି ଭାବିଲି, ଇତିହାସ ତ ମୋତେ ପଢ଼ିବାକୁ ହିଁ ହେବ । ଅତଏବ ସେହି ଛିଣ୍ଡା ଇତିହାସକୁ ନର୍ଦ୍ଦମାରୁ ଉଠାଇ ତାକୁ ପାଣିରେ ଧୋଇ ସ୍ଥଳ ଉପରେ ଶୁଖାଇଲି ଏବଂ ତେଲ ଲଗାଇ ବୁଢ଼ାବଳଙ୍ଗରେ ଗାଧୋଇ-ବାକୁ ଗଲି । ଗାଧୋଇବାର ଅର୍ଥ ପହଁରିବା । ସେଦିନ ନଈ ଖୁବ୍ ଭର୍ତ୍ତି ଥାଏ । ମୁଁ ସେଥିରେ ଚିତ୍ ପହଁରି ଦେଉ ଦେଉ ନଈ ଏ କୂଳରୁ ସେ କୂଳକୁ ଚାଲି-ଯାଉଥାଏ । ଉପରେ ଆକାଶ ଓ ସୂର୍ଯ୍ୟକୁ ଦେଖି ଦେଖି ମୋର ଭବିଷ୍ୟତ ଜୀବନର କଥା ଭାବୁଥାଏ । କିଛି ଥଳକୂଳ ପାଉ ନ ଥାଏ । ସେହିପରି ଅବସ୍ଥାରେ ଆମ ସାହିର ଜର୍ଦ୍ଦା-ମା' ମୋତେ ନଈ ମଝିରେ ପହଁରିବାର ଦେଖି ମୋର ମା'ଙ୍କୁ ଆସି କହିଲା, "ନକ୍ଷୀ-ମା', ଦେଖିଲୁଣି ତୋ ପୁଅ ଭର୍ତ୍ତି ନଈରେ ନଈମଝିରେ ପହଁରୁଛି ।" ମୋର ମା' ଏହାଶୁଣି ନଈ ଆଡ଼କୁ ଦୌଡ଼ିଗଲା ଏବଂ ରାଗରେ ମୋତେ କହିଲା, "ଆ ଆ, ଆଜି ତୋତେ ଦେଖିବି ।" ମୋର ମା' ଭାରି ରାଗୀ ଲୋକ । ତେଣୁ ମୁଁ ଡରରେ ନଈ ମଝିରୁ ଆଉ କୂଳକୁ ଆସିଲିନି । ମା' ପୁଣି କହିଲା, "ଆସୁଛୁ ନା ନାହିଁ ?" ମୁଁ କହିଲି, "ତୁ ମାରିବୁ ?" ମା' କହିଲା, "ନା, ମାରିବି ନାହିଁ, ଆ ।" ମୁଁ କହିଲି, "ତୁ ସତ କରି କହ, ମାରିବୁ ନାହିଁ ? ତେବେ ମୁଁ ଯିବି ।" ମା' ସତ କଲା, ମାରିବ ନାହିଁ । ତା'ପରେ ନଈରୁ ଉଠି ଆସିଲି ।

ଏଇ ନଈ-ପହଁରା-ନିଶା ମୋ ଜୀବନରେ ଏତେ ବେଶି ହୋଇଥିଲା ଯେ ଯେଉଁଠି ଭର୍ତ୍ତି ନଈ ଦେଖେ, ସେଠି ଏପାଖ-ସେପାଖ ହେବା ପାଇଁ ଭାରି ଇଚ୍ଛା ହୁଏ । ଏହାରି ଫଳରେ ମୁଁ ୧୯୧୧ ଖ୍ରୀଷ୍ଟାବ୍ଦରେ ଶିବପୁରରେ ଇଞ୍ଜିନିୟରିଙ୍ଗ୍ କଲେଜ୍‌ରେ ପଢୁଥିଲା ବେଳେ ଅନ୍ୟାନ୍ୟ ପିଲମାନେ ଯେତେବେଳେ ଫୁଙ୍କୁରୁ ଫୁଙ୍କୁରୁ ହୋଇ କୂଳ ଠାରୁ ଟିକିଏ ଦୂରକୁ ଚାଲିଗଲେ ନିଜକୁ ବଡ଼ ବୀର ବୋଲି ଭାବନ୍ତି, ସେତେବେଳେ ମୁଁ ଶିବପୁରରୁ ଖିଦିର୍‌ପୁର ପର୍ଯ୍ୟନ୍ତ ସମସ୍ତ ନଈ ପହଁରି ପୁଣି ଖିଦିର୍‌ପୁରରୁ ପହଁରି ପହଁରି ଆସି ଶିବପୁରରେ ଉପସ୍ଥିତ ହୁଏ । ପରବର୍ତ୍ତୀ ଜୀବନରେ ମୁଁ ଓଡ଼ିଶାର ଏବଂ ଭାରତବର୍ଷର ଅନେକ ନଈ ପହଁରିଛି ଏବଂ ଏପାର-ସେପାର ମଧ୍ୟ ହୋଇଛି । ଏଲାହାବାଦ୍‌ରେ ଗଙ୍ଗା-ଯମୁନାରେ ପହଁରିବା ମୋର ଗୋଟିଏ ବଡ଼ ବ୍ୟସନ ଥିଲା । ମୋ ସଙ୍ଗରେ ଲାଲମୋହନ ବାନାର୍ଜୀ ନାମକ

Digitized by srujanika@gmail.com

ଜଣେ ବଡ ପଟୁ ସନ୍ତରଣକାରୀ ଥିଲେ । ଶେଷରେ ପୃଥିବୀବିଖ୍ୟାତ ରବୀନ୍ଦ୍ର ଗୃହଠାକୁର ମୋର ଏକ ଚେଲା ହୋଇଥିଲା । ସେ ତ ଅଦ୍ଭୁତ । ଏକାଦିକ୍ରମେ ୮୦ଘଣ୍ଟା ସେ ପହଁରିଛି । ତାର ହାତ-ଗୋଡ଼ ବାନ୍ଧି ଦେଇ ସେ ଏକାଦିକ୍ରମେ ୨୪ ଘଣ୍ଟା ପହଁରିଛି । ରବୀନ୍ଦ୍ର ଆଜକାଲ କେଉଁଠି ଅଛି, ଜାଣେ ନାହିଁ । ସେ ବିଲାତକୁ ସନ୍ତରଣ ଶିକ୍ଷକ ରୂପେ ଯାଇଥିଲା ବୋଲି ଶୁଣିଛି । ମୁଁ ପୁରୀ-ସମୁଦ୍ରରେ ୮ ମାଇଲ୍ ପର୍ଯ୍ୟନ୍ତ ଭିତରକୁ ପହଁରିଛି ।

ପରୀକ୍ଷା କଲାବେଳେ କ'ଣ କଥା କହନ୍ତି ?

ବାଲେଶ୍ୱରରେ ଅନେକ ବଙ୍ଗାଳୀ ରହୁଥିଲେ, ଏବେ ବି ଅନେକ ଅଛନ୍ତି । ବାଲେଶ୍ୱରର ଲୋକେ ପାଠପଢ଼ା ଲୋକ । ସେଥିପାଇଁ ବଙ୍ଗଳା ଜାଣୁଥିଲେ । ଏବେ ତାହା ଆଉ ନାହିଁ । କିନ୍ତୁ ମୋର ବାଲ୍ୟ ଏବଂ ଯୌବନ ଏକ ପ୍ରକାର ବଙ୍ଗାଳୀମାନଙ୍କ ସହିତରେ ହିଁ କଟିଥିଲା । ଆଉ ମୁଁ ଭଲ ଗୁଣବ ଥିବାରୁ ବଙ୍ଗାଳୀ ମୁରବୀମାନେ ତାଙ୍କର ପିଲାମାନଙ୍କୁ ମୋ ସାଙ୍ଗରେ ଦେଖିଲେ କିଛି କହୁ ନ ଥିଲେ; ବରଂ ସେମାନେ ଆନନ୍ଦିତ ହେଉଥିଲେ । ଆଉ ବଙ୍ଗାଳୀ ପିଲାମାନେ କୌଣସି କୌଣସି ସମୟରେ ଘରକୁ ଫେରିବାକୁ ଡେରିହେଲେ ମୋତେ ଧରି ତାଙ୍କ ଘରକୁ ଯାଆନ୍ତି; କାରଣ ତାହାହେଲେ ସେମାନେ ସେମାନଙ୍କର ଗୁରୁଜନମାନଙ୍କ ଗାଳିରୁ ରକ୍ଷା ପାଇ ପାରିବେ । ପ୍ରଥମ କଥା ହେଉଛି, ମୁଁ ଯେତେବେଳେ ମାଇନର ପଢ଼ୁଥିଲି, ସେତେବେଳେ ମୋର ବାପାଙ୍କ ସଙ୍ଗରେ ଗୁଡ଼ିଆ-ଦୋକାନରେ ବସୁଥିଲି ଏବଂ ଗୁଡିଆ-କାମସବୁ କରୁଥିଲି । ଆମେ ହେଉଛୁ ଗୁଡ଼ିଆ । ବାବା ଘର ପାଖରେ ଗୋଟିଏ ଛୋଟିଆ ଗୁଡିଆ-ଦୋକାନ କରିଥାଆନ୍ତି । ସେଇଥିରେ ମୁଁ ବସି ସଉଦା ବିକେ ଏବଂ ମଧ୍ୟ ମଧ୍ୟରେ ନାନା ପ୍ରକାର ଜଳଖିଆ-ତିଆରିରେ ବାବାଙ୍କୁ ସାହାଯ୍ୟ କରେ । ସେହି ସମୟରେ ଜଳଖିଆ ଦୋକାନରେ ବସି ମୁଁ ଅନେକ ଜଳଖିଆ ଲୁଚି ଲୁଚି ଖାଇ ଦେଇଛି । ଥରେ ମୁଁ ହାଲୁଆ, ସନ୍ଦେଶ ଓ ଖାସ୍ତା ପୁରି ପାଟିରେ ପୂରାଇ ମିଛରେ ପରୀକ୍ଷା କରିବାକୁ ଯାଇଛି, ଏହି ସମୟରେ ଜଣେ ଗରାଖ ଦୋକାନକୁ ଆସି ଡାକିଲା । ମୋର ମା' ଭିତରୁ ଦୌଡ଼ି ଆସି କହିଲା, "କାହିଁ, ସେ କୁଆଡେ ଗଲା ?" ମୁଁ ସେତେବେଳକୁ ପାଟିରେ ସନ୍ଦେଶ ଭର୍ତ୍ତି କରିଛି, କଥା କହିପାରୁ ନାହିଁ । ତାହାପରେ ଯେତେବେଳେ ମୁଁ ଆସି ଠିଆ ହେଲି, ମା' ପଚାରିଲା, "ତୁ କୁଆଡେ ଯାଇଥିଲୁ ?" ମୁଁ କହିଲି, "ମୁଁ ପରୀକ୍ଷା କରୁଥିଲି"; କାରଣ ସେତେବେଳକୁ ମାଷ୍ଟରମାନଙ୍କ

Digitized by srujanika@gmail.com

ଠାରୁ ଏବଂ ଅନ୍ୟାନ୍ୟମାନଙ୍କ ଠାରୁ ଜାଣିଥିଲ୍ ଯେ ପରମ୍ବା କଲାବେଳେ କଥା କହିବ ନାହିଁ । ସେହି ସୁବିଧାଟି ନେଲ୍ । ଦୋକାନରେ ବସୁଥିବା ବେଳେ ବାବା ବାଢରେ ଭାଗିବାକୁ ଯାଆନ୍ତି, ମୋତେ ଦୋକାନରେ ବସାଇ ଦିଅନ୍ତି । ମୁଁ ସେହି ଅବସରରେ ଦୋକାନରେ ବସି ଯାହା ଖାଇବାର ତ ଖାଏ, ତାହା ଛଡ଼ା ମୋ ସାଙ୍ଗ ପ୍ରିୟ ମୁଣ୍ଡୁରୁ ଦୋକାନକୁ ଆସିଲେ ଦୋକାନରୁ କିଛି ପଇସା ଚୋରାଇ ତାହା ହାତକୁ କିଛି ଦେଇ ଦିଏ । ସେହି ପଇସାରେ ଆମେ ଗୁଡ଼ି-ସୂତା କରୁ ଏବଂ ଉଡାଉ । ଆଉ ତାହା ଛଡ଼ା ବଜାରରେ, ହୋଟେଲରେ ମାଉଁସ ଖାଉ । ଗୁଡ଼ି-ଉଡ଼ାରେ ଆମର ଦୁଇ ଦଳ ହୋଇଥାଏ—ବାରବାଟୀ ଓ ମାଣିଙ୍କମୁ । ଆଉ ଶାଙ୍କଚ ଲଙ୍ଗୁଡ଼ ଧରି ବାଢରେ ବୁଲୁଥାଉ । ବିପକ୍ଷ ଦଳ ସହିତ ମାରପିଟ୍ ବେଳେ ତାହା ସମୟ ସମୟରେ କାମରେ ଲାଗେ ।

Digitized by srujanika@gmail.com

Digitized by srujanika@gmail.com

କଅଁଳ ଗାଧୁଆ ବେଳ

Digitized by srujanika@gmail.com

Digitized by srujanika@gmail.com

ମୋର ବିବାହ

ବାର ବର୍ଷ ବୟସ ମୋର ଯେତେବେଳେ, ସେହି ସମୟରେ ମୁଁ ବିବାହିତ ହେଲି । ମୋର ବାହାଘର ଯେତେବେଳେ ଠିକ୍ ହେଲା ସେତେବେଳେ ମୁଁ ମା'କୁ କହୁଥାଏ, ମା' ମୁଁ ଗୋଟିଏ ମେମ୍‌କୁ ବିବାହ ହେବି । ମା' କହୁଥାଏ, ହଁ, ତୋର ଗୋଟିଏ ନେମ୍ ସହିତରେ ବିବାହ କରାଇ ଦେବା । କିନ୍ତୁ ପାଲିକି ଏବଂ Procession ଯେତେବେଳେ ସାହିବ-ମେମ୍‌ପଡା ପାର ହୋଇ ଚାଲି ଯାଉଥାଏ, ମେମ୍ ଝିଅମାନେ ଚାହିଁଥାନ୍ତି, ସେତେବେଳେ ମୋ ମନରେ ଏକ ପ୍ରକାର କ୍ଷୋଭ ଜନ୍ମିଲି । ଶେଷରେ ସୁବାସିମପୁରକୁ ଯେତେବେଳେ ପାଲିକି ଗଲା ବାଲେଶ୍ୱର ରେଲ ଷ୍ଟେସନ ପାର ହୋଇ, ବାଉଁଶବଣ ଭିତରେ ଗୋଟିଏ ସାନ ଚାଳ ଘରେ ଯାଇ ଯେତେବେଳେ ପାଲିକି ଠିଆ ହେଲା, କେତେ ହୁଲହୁଲି ପଡ଼ିଲା, କେତେ ଲୋକଙ୍କର କେତେ ଆନନ୍ଦ ହେଲା, କିନ୍ତୁ ମୋ ମନରେ ଗୋଟିଏ କ୍ଷୋଭ ରେଖା-ପାତ ହୋଇ ଯାଇଥିଲା । ସେଥିପାଇଁ କିଛି ଆନନ୍ଦ ଉପଭୋଗ କରିପାରି ନାହିଁ । ସେତେବେଳେ ଏକଥା ଭାବି ପାରି ନ ଥିଲି ଯେ ବିଧାତା ଏହି କ୍ଷୁଦ୍ର କୁଟୀର ଭିତରେ ମୋ ପାଇଁ ମୋ ଜୀବନସଙ୍ଗିନୀକୁ ରଚନା କରୁଥିଲେ ଏବଂ ବଢ଼ାଉଥିଲେ । ସତର ବର୍ଷରେ ମୋର ପୁନର୍ବିବାହ ହେଲା ଅର୍ଥାତ୍ ସ୍ତ୍ରୀ ସହ ସହବାସ Ceremony ହେଲା । ମୁଁ କିନ୍ତୁ ସେ ଜୀବନ ପାଇଁ ଆଦୌ ପ୍ରସ୍ତୁତ ନ ଥିଲି । ପ୍ରଥମ କଥା ମୋର ବାଲ୍ୟକାଳରୁ ଶଙ୍କରାଚାର୍ଯ୍ୟ, ବୁଦ୍ଧ, ଚୈତନ୍ୟଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଥିଲା, ଏପରି କି ଯୀଶୁଖ୍ରୀଷ୍ଟ ଏବଂ ଅନ୍ୟାନ୍ୟ ସକଳ ବିଶିଷ୍ଟ ଧର୍ମପୁରୁଷ-ମାନଙ୍କ ପ୍ରତି ମଧ୍ୟ ମୋର ପ୍ରଗାଢ଼ ଭକ୍ତି ଥିଲା । ସେଥିପାଇଁ ମୁଁ ବିବାହକୁ ଏକ ପ୍ରକାର ନିନ୍ଦା କରୁଥିଲି ବା ନିମ୍ନ ସ୍ଥାନ ଦେଉଥିଲି । ମୋର ପୁନର୍ବିବାହ ପରେ ମୋତେ ବଡ଼ ଗୋଳମାଳରେ ପଡ଼ିବାକୁ ହୋଇଛି । ମୋର ବାଲ୍ୟ ଏବଂ ପ୍ରଥମ ଯୌବନର ଆଦର୍ଶ ଲୋପ ପାଇବାକୁ ବସିଲି । ମୋର ମା' ମୋତେ ବୁଝାଇବାକୁ ଲାଗିଲେ—ମଧୁବାବୁ (ଭକ୍ତକବି ମଧୁସୂଦନ) ତ ଏଡ଼େ ଧାର୍ମିକ; ସେ କିପରି ବିବାହ କରିଛନ୍ତି, ତାଙ୍କର କିପରି ଟିକିଟିକି ହୋଇଅଛି ?

Digitized by srujanika@gmail.com

ଯାହା ହେଉ, ଏହିପରି ଦୋଳାରେ ପଡ଼ି ମୁଁ ୧୯୦୮ରେ ମାଟ୍ରିକୁ-ଲେସନ୍ ପାସ୍ କରି ପୁନର୍ବିବାହ Ceremony ଶେଷ କରି କଟକକୁ ଆସିଲି ଏବଂ କଲେଜରେ ପଢ଼ିଲି । ସେତେବେଳକୁ ମୋର ବୟସ ସତର ପୂରି ଯାଇଛି ।

ମୋର ପୁନର୍ବିବାହ

୧୯୦୮ ଖ୍ରୀଷ୍ଟାବ୍ଦରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ପାସ୍ କଲି । ସେତେବେଳକୁ ମୋତେ ସତର ପୂରି ଯାଇଛି । ମୋର ପୁନର୍ବିବାହ ହେବ । ମୁଁ କିନ୍ତୁ ଏହି ନୂତନ ଜୀବନ ପାଇଁ ପ୍ରସ୍ତୁତ ହୋଇ ନାହିଁ । ମୋର ସେଆଡ଼େ ଆଗ୍ରହ ନାହିଁ । ପିଲାଦିନେ ଶଙ୍କରାଚାର୍ଯ୍ୟଙ୍କ ମୋହମୁଦ୍‌ଗର ପଢ଼ି ମନ ଭିନ୍ନ ରକମର ।

ସୁରମନ୍ଦିର ତରୁମୂଳ ନିବାସଂ ।
କସ୍ୟ ସୁଖଂ ନ କରୋତି ବିରାଗମ୍ ॥

ଏହି ସବୁ ଚିନ୍ତା ମୋତେ ପରିପ୍ଲୁତ କରି ବିଶେଷ ଭାବରେ ରଖିଥାଏ । ମୁଁ ମୋହମୁଦ୍‌ଗର ସଂସ୍କୃତ ଏବଂ ତାର ବଙ୍ଗଳା ପଦ୍ୟାନୁବାଦ ପାଠ କରି ପଢ଼ିଲା ବେଳେ ମା' କହେ—"ସେ ବହି କାହିଁକି ପଢ଼ୁଛୁ ?" ମୁଁ କହେ, "ସେ ପଢ଼ାବହି ଆମର ।" ସେ କହେ, "ସେ ଖାଲି ତୁମର ପଢ଼ା ବହି ?" ମା'ର ମନରେ ଭୟ ହୁଏ । କାଳେ ପୁଅ ଘର ଛାଡ଼ି ପଳେଇବ ।

ଯେତେବେଳେ ମଙ୍ଗଳଘଟ ବସିଲା—ବେଦୀ ତିଆରି ହେଲା, ମୋତେ ସେଇଠି ଯାଇ ବସିବାକୁ କହିଲେ, ମୁଁ ସେତେବେଳେ ଫଣ ଫଣ ହୋଇ ଯାଇ ସବୁ ଗୋଇଠା ମାରି ନଷ୍ଟଭ୍ରଷ୍ଟ କରିଦେଲି । ତା ପୂର୍ବରୁ ଦିନ ସାରା ଯେତେବେଳେ ଯେଉଁଠାରୁ ମିଠେଇ, କଦଳୀ ନଡ଼ିଆ ଇତ୍ୟାଦି ଆସୁଥାଏ ମୁଁ ରାଗରେ ସବୁ ଅଇଁଠା କରି ଦେଉଥାଏ ।

ମଙ୍ଗଳଘଟକୁ ଏପରି ନଷ୍ଟଭ୍ରଷ୍ଟ କରିବାର ଦେଖି ସମସ୍ତେ ମୋତେ ଛି ଛି କରି କଲେ । ପୁଣି ମଙ୍ଗଳଘଟ ସଜଡ଼ା ହେଲା, ମୁଁ ବେଦୀରେ ବସିଲି । କଣ ସବୁ ହେଲା ମନେ ନାହିଁ । ତେବେ ଗୋଟିଏ ନଡ଼ିଆ ପୋଡ଼ା ହେଲା ନା କଣ ! ଆଉ ଗୋଟିଏ ପୋଖରୀଘାଟକୁ ମୋତେ ଯିବାକୁ ହେଲା । ସେଠୁ ଫେରି ବାସର ଘର । ବାସର ଘରକୁ ଯିବା ପାଇଁ ମୋତେ ସମସ୍ତେ ଠେଲୁଥାନ୍ତି ପେଲୁଥାନ୍ତି । ମୁଁ ପ୍ରତିରୋଧ କରୁଥାଏଁ । ଶେଷରେ ଯୋଡ଼ା ସାଙ୍ଗରେ କି ଘୋଡ଼ା ପାରେ ? ମୋତେ ଘର ଭିତରକୁ ପେଲିଦେଲେ ଆଉ ବାହାରୁ ଝିଞ୍ଜିରି ଲଗାଇ ଦେଲେ । ଫଳ

Digitized by srujanika@gmail.com

ହେଲା ଭିତରେ ମୁଁ ଫଁ ଫଁ ହେଉଥାଏ । ଆଉ ମୋର ସ୍ତ୍ରୀ ଘରର କେଉଁ କୋଣରେ ଭୀତତ୍ରସ୍ତ ହୋଇ ଲେପ୍‌ଟି ରହୁଥାଏ । ରାତିରେ ତାର ଆଉ ମୋର ଦେଖା ନାହିଁ । ମୁଁ ଅନ୍ଧାରରେ ଶୋଇ ପଡ଼ୁଛି । ସକାଳୁ ଉଠି ଦେଖେଁ ଦୁଆର ଖୋଲା ଅଛି । ଏହିପରି ପ୍ରଥମ ପ୍ରେମର ଗ୍ରନ୍ଥି ମୋର ଉଦ୍‌ଘାଟିତ ହୋଇଥିଲା ।

ତା'ପରେ ୧୯୧୨/୧୩ ଖ୍ରୀଷ୍ଟାବ୍ଦରେ କଟକରେ ଯେବେ ମିଶନ ସ୍କୁଲରେ ଶିକ୍ଷକତା ଆରମ୍ଭ କଲି, ସେହି ସମୟରେ ମୋର ମା' ମୋର ସ୍ତ୍ରୀକୁ ଆଣି ମୋ ସଙ୍ଗରେ ଛାଡ଼ିଦେବା ପାଇଁ ତିନି ଚାରି ଥର ଚେଷ୍ଟା କରୁଛି—ମାତ୍ର ଫେଲ୍ ମାରୁଛି । କିନ୍ତୁ ପରେ ସେ ୧ ୧୪ ସାଲର କଥା । ମୁଁ ସେତେବେଳେ ଲାଲ ପ୍ରତାପନାରାୟଣ ରାୟଙ୍କ ଘରେ ଥାଏଁ । ମୋର ମା ମୋର ଅଜ୍ଞାତସାରରେ ମୋର ସ୍ତ୍ରୀକୁ ସେଇଠି ଛାଡ଼ିଦେଇ ଚାଲି ଯାଇଥାଏ । ଦୁଇ ତିନି ଦିନ ଗଲା—ମୁଁ ଦେଖେଁ ଯେ ମୋର ଖାଉଥାଳିଟି ଟିକିଏ ସଜଡ଼ା ହୋଇଛି । ଆଉ ସେପେଇ ଘରେ କିଏ ଜଣେ ନୂଆ ଲୋକ ରହିଲା ପରି ଟିକିଏ ଟିକିଏ କେତେବେଳେ କେତେବେଳେ ଜଣା ପଡ଼ୁଛି ।

ଦିନେ ମୁଁ ରାତି ଆଠଟା ହବ ଘରକୁ ଫେରୁଛି—ଜହ୍ନ ରାତି, ପ୍ରତାପର ମା' ପିଣ୍ଡାରେ ବସିଛି—ମୁଁ ଆସିଲି । କିଏ ଯେପରି ଉଠିଗଲା । ତା'ପରେ ପ୍ରତାପବାବୁଙ୍କ ମା'ଙ୍କ ସଙ୍ଗରେ ଗପସପ ହେଲା—ପ୍ରତାପବାବୁଙ୍କ ମା' ଶେଷରେ ବଡ଼ ଦରଦର ସହିତ ମୋ ଜୀବନକୁ ସ୍ପର୍ଶ କଲେ ଏବଂ ମୋର ସ୍ତ୍ରୀକୁ କହିଲେ, "ବୋହୂ ଆସୁ, ନଖୀ ଗୋଡ଼ ତଳେ ପଡ଼ିଯା ।"—ବୋହୂ ତରରେ ଆସି ଠିଆ ହେଲା ଏବଂ ପ୍ରତାପବାବୁଙ୍କ ମା' କହିବାରୁ ମୋ ଗୋଡ଼ ତଳେ ପଡ଼ିଲା ।

ସେହି ଦିନ ଠାରୁ ଗୋଟିଏ ନୂଆ ଜୀବନ ଯାପନ ହେଲା । ଗୋଟିଏ ନୂଆ ଘରେ ରହିଲୁ କଟକଚଣ୍ଡୀ ଖ୍ରୀଷ୍ଟିୟାନ୍ ସାହି ଗଳିରେ । ସେଠି ମୁଁ ପାଠପଢ଼ାରେ, ଟ୍ୟୁସନରେ ଓ ନିଜେ ପାଠପଢ଼ାରେ ବ୍ୟସ୍ତ । ଏହି ସମୟରେ ମୁଁ 'ବିଦ୍ୟାରତ୍ନ' ଉପାଧି ପାଇଲି । ବଙ୍ଗଳାରେ ପ୍ରବୀଣତା ଅର୍ଜନ କଲି । ଏହି ସମୟରେ ମୁଁ "ତତ୍ତ୍ୱନିଧି" ଉପାଧି ପାଇଲି ଗୀତା ସମ୍ବନ୍ଧରେ ଆଲୋଚନା ଲେଖି । ଏହି ସମୟରେ ମୁଁ B A ପାଶ୍ କଲି । ଆଉ ଏହି ସମୟରେ ମୁଁ Accountancy ଫେଲ ହେଲି । କାବ୍ୟତୀର୍ଥ ଫେଲ ହେଲି । ମିଶନ ସ୍କୁଲର ୪ବର୍ଷ ମୋର କର୍ମମୟ ଜୀବନ । ପିଲାଙ୍କ ସାଙ୍ଗରେ ମୁଁ ଦେଢ଼ଟା ବେଳେ ଛୁଟିରେ ସ୍ଲେଟ ପେଣ୍ଡୁ ଗଡ଼ାଏଁ, ବଡ଼ଙ୍କ ସାଙ୍ଗରେ Football match କରେଁ । ଏହି

Digitized by srujanika@gmail.com

ସମୟରେ ମୁଁ Y M C A., ଗୀର୍ଜା, ବ୍ରାହ୍ମ ସମାଜ, Mohammedan Club ସବୁଥିରେ ଉପୂର । ଏହି ସମୟରେ ମୁଁ ଫକୀରମୋହନ ସେନାପତିଙ୍କ ବୌଦ୍ଧାବତାର କାବ୍ୟ ପଢି ଏକାବେଳକେ ବୁଦ୍ଧ ଭଳିଆ ହେବା ପାଇଁ ମନ କରିଥାଏଁ । ଫଳରେ ମୋ ସ୍ତ୍ରୀ ମୋ ଖଟ ପାଖରେ ତଳେ ବିଛଣା କରି ଶୋଇଥାନ୍ତି । ଆଉ ମୁଁ ଟ୍ୟୁସନରୁ ଫେରିଆସି ଏକାବେଳକେ ମଲ ପରି ଖଟ ଉପରେ ଶୋଇ ରହିଥାଏଁ । କେତେକ ଶିକ୍ଷକ ବନ୍ଧୁଙ୍କ ସହିତରେ ଆଲୋଚନା ହେଉଁ ହେଉଁ ଅନ୍ତରର ଜୀବନର କଥା ଚର୍ଚ୍ଚା ହେଲାବେଳେ ମୋର ଏହି କଥାଟି ମୋ ମୁହଁରୁ ପ୍ରକାଶ ପାଇଗଲା । ସେମାନେ ନାପସନ୍ଦ କଲେ ଏବଂ ଅନେକ ବୁଝାଇଲେ । ତା ପର ଏକ-ଶଯ୍ୟାର ଫଳ ମୋର କନ୍ୟା, ଏକମାତ୍ର କନ୍ୟା । ଏହି କନ୍ୟା ଜନ୍ମର ଚାରି ବର୍ଷ ପରେ ମୁଁ କନ୍ୟାକୁ ଦେଖିଲି । ମୁଁ ଏହି ଚାରିବର୍ଷ ଭିତରେ ହିମାଳୟରେ ଦୁର୍ଭିକ୍ଷ ସେବା, ଭାରତର ଭିନ୍ନ ଭିନ୍ନ ସ୍ଥାନରେ Home rule ସଭା, କୋ-ଅପରେଟିଭ୍ ଆନ୍ଦୋଳନ, Night school ପରିଚାଳନା, ବହି ବତ୍ୟାଦି ଲେଖିବାରେ 'ଲାଗିଥାଏ ।

ଏହିଠାରେ କହି ରଖେଁ, ମୁଁ ଅନେକ କନ୍ୟା, କନ୍ୟକା, ଯୁବତୀ ସାଙ୍ଗରେ ଜୀବନରେ ମିଶିଛି; ମାତ୍ର କାହାରିକୁ ଇଚ୍ଛା କରି ନାହିଁ ସମ୍ଭୋଗ କରିବା ପାଇଁ । ବରଂ ଧର୍ମର ଗୋଟିଏ ପବିତ୍ର ଭାବ ସବୁବେଳେ ସ୍ଥାପନ କରିଛି । କିନ୍ତୁ ଅନାବିଳ ଜୀବନକୁ ଆବିଳ କରିବା ପାଇଁ ଅନ୍ୟ ତରଫରୁ ଯେଉଁଠି ପ୍ରବଳ ଚେଷ୍ଟା ହୋଇଛି ସେଠି ମଧ ହଟି ନାହିଁ । କିନ୍ତୁ ଗୋଟିଏ କଥା କହିବାକୁ ଚାହେଁ—କୌଣସି କୌଣସି ଜାଗାରେ ଅପର ପ୍ରତି ଅତ୍ୟନ୍ତ ସହାନୁଭୂତିଶୀଳ ହୋଇ, ପରଦୁଃଖକାତର ହୋଇ ଏବଂ ଏକ ପ୍ରକାର ମୁହୂର୍ତ୍ତିର—ଚଞ୍ଚଳତାରେ କେଉଁଠି କପରି ସିଧା ସଳଖ ପଥରୁ ଚ୍ୟୁତିକ ଗତି ହୋଇଛି । ମାତ୍ର ତାହା ମୋର ଧର୍ମ ନୁହେଁ, ପ୍ରବୃତ୍ତି ନୁହେଁ ।

ବୈବାହିକ ଜୀବନ ପ୍ରତି ପରାଙ୍ମୁଖ ହୋଇ ରହିବା ଯେଉଁ ବ୍ୟକ୍ତିର ବାଲ୍ୟ ଜୀବନରୁ ଆକାଙ୍କ୍ଷା, ତାର ଯେ ଏହା ଥିବ ଏଥିରେ ଆଶ୍ଚର୍ଯ୍ୟାନ୍ୱିତ ହେବାର କିଛି ନାହିଁ ।

ଏଣିକି କାଳର ଗତି ବଦଳୁଛି ଏବଂ ସ୍ଥିତିମିତି ମଧ ବଦଳୁଛି । ଆଗେ ସ୍ତ୍ରୀଲୋକ ସଙ୍ଗେ ମିଶିବାର ସୁବିଧା ନ ଥିଲା । ଆଜି ସେ ସୁବିଧା ଅଧିକ । ଏପରି କି ଯେଉଁ ଲୋକମାନେ ନିଜ ସ୍ତ୍ରୀକୁ ମଧ ଚୁମ୍ବନ ଦେବା ଜାଣି ନ ଥିଲେ, ସେହି

Digitized by srujanika@gmail.com

ବୟସର କାହିଁକି, ତାଙ୍କ ଠାରୁ ଅତି ବେଶୀ ଶ୍ରେଷ୍ଠ 'ପିଲାମାନେ ମଧ୍ୟ ଏହି ମୋହରେ ପଡ଼ିଛନ୍ତି ଏବଂ ଯୁବକମାନେ ଏହାକୁ କିଛି ନୁହେଁ ବୋଲି ଧରି ନେଉଛନ୍ତି । ସିନେମା ଥିଏଟର୍‌ରେ ତ ଏହା ଦୂଷଣୀୟ ନୁହେଁ ବା ଅକ୍ଷମଣୀୟ ନୁହେଁ । ଏହା ଏକ ପ୍ରକାର ଚଳଣୀୟ ସାଧାରଣ କଥା ହୋଇପଡ଼ିଛି ।

ମୋର ଦୁଇ ବିବାହ

ପିଲାଦିନେ ମୋର ଯେତେବେଳେ ବିବାହ ହୁଏ, ସେତେବେଳେ ମୁଁ ମାଆଙ୍କୁ ପଚାରିଲି ମୋର କାହା ସହିତ ବିବାହ ହେଉଛି ? ମେମ୍ ସହିତରେ ବିବାହ ହେଉଛି ନା ? ମୋର ମାଆ କହିଲା, ହଁ । ପାଲିଙ୍କିରେ ବସି ମୁଁ ଯେତେବେଳେ ବିବାହ ହେବାକୁ ଯାଉଥାଏ, ସେତେବେଳେ ମେମ୍ ପଡ଼ା ଦେଇ ଯେତେବେଳେ ପାଲିଙ୍କି ଗଲା ମୁଁ ଭାବିଲି ବୋଧହୁଏ ଏହି ମେମ୍ ପଡ଼ାରେ ପାଲିଙ୍କି ରହିବ । କିନ୍ତୁ ଦୁଃଖର ବିଷୟ, ପାଲିଙ୍କି ରହିଲା ନାହିଁ । ବାଜା ଓ ବାଣ ଦ୍ୱାରା ଆକୃଷ୍ଟ ହୋଇ କେତେଗୁଡ଼ିଏ ମେମ୍ ଝିଅ ବାହାରକୁ ବାହାରି ଆସିଲେ । ମୁଁ ସେମାନଙ୍କୁ ଅନାଉଥାଏ । କିନ୍ତୁ ପାଲିଙ୍କି ନ ରହିବାରୁ ନିରାଶ ହେଲି । ସେତେବେଳେ ମୋର ବୟସ ପ୍ରାୟ ଦଶ ବର୍ଷ । କିନ୍ତୁ ଏହାପରେ ମୋତେ ଯେତେବେଳେ ପ୍ରାୟ ଚବିଶ ବର୍ଷ ବୟସ ସେତେବେଳେ ମୁଁ କଟକ ମିଶନ୍ ସ୍କୁଲରେ ମାଷ୍ଟରୀ କରୁଥିଲି । ଦିନେ ଖରାବେଳେ ହିନ୍ଦୁ ବୋର୍ଡିଂ ହାଉସ୍‌ରେ ଶୋଇଛି ଗୋଟିଏ ସ୍ୱପ୍ନ ଦେଖିଲି । ସେହି ସ୍ୱପ୍ନଟି ଏହି କଥା— ଗୋଟିଏ ଅଠର ବର୍ଷ ବୟସର ମେମ୍ ଝିଅ ବୁଲି ବୁଲି ହଇରାଣ ହେଉଛି । ସେତେବେଳକୁ ପ୍ରାୟ ରାତି ଏଗାରଟା । ମୁଁ ବକ୍‌ସିବଜାର ମାର୍କେଟ୍‌ରେ ଗୋଟିଏ ଆରାମ୍ ଚେୟାରରେ ବସିଥାଏ । କିଛି ପଢ଼ୁଥାଏ । ଟିକିଏ ଦୂରରୁ ଦେଖିଲି, ସେ ଅଠର ବର୍ଷର ବାଳିକାଟି ମୋରି ଅଡ଼କୁ ଆସୁଛି । ଯେଉଁ ଗାଉନ୍‌ଟି ପିନ୍ଧିଛି ତାର ତଳ ଆଡ଼ ମଇଳା ହୋଇ ଯାଇଛି । ମୋତେ ସେ ଯେମିତି ଦେଖିଲା ହଠାତ୍ ମୋ କୋଳରେ ମୁହଁ ଲୁଚାଇ ଦେଲା । ମୁଁ ବଡ଼ ଦ୍ରବିତ ହେଲି । ଶେଷରେ ତାକୁ ଅନୁରୋଧ କଲି—ଉଠ, କିଛି ଖାଅ । ମୁଁ ଗୋଟିଏ ଗିନାରେ ଜଳଖିଆ ଆଣିଲି । ତାର ହାତ ଧୋଇବା ପାଇଁ ତାକୁ ପାଣି ଢାଳି ଦେବାକୁ ଯାଉଛି, ଏହି ସମୟରେ ସେ ଅନୁରୋଧ କଲା ଯେ ମୁଁ କୁଳକୁଞ୍ଚା କରି ତାର ଅଞ୍ଜୁଳାରେ ଦେଲେ ସେ ତଦ୍ୱାରା ତାର ମୁଖ ପ୍ରକ୍ଷାଳନ କରିବ । ଆଶ୍ଚର୍ଯ୍ୟଜନକ ଏହି ଅନୁନୟ । ତାର ଆଗ୍ରହ ଆତିଶଯ୍ୟରୁ ମୁଁ ସେହିପରି କରିବାକୁ ବାଧ୍ୟ ହେଲି । ମୁଁ କୁଳକୁଞ୍ଚା କରି ଯେତେବେଳେ ତାର ଅଞ୍ଜୁଳିରେ

Digitized by srujanika@gmail.com

ପାଣି ଦେଲି ସେ ତାକୁ ମୁହଁରେ ଦେଲା । ତା ପରେ ଖାଇବାକୁ ଅନୁରୋଧ କରିବାରୁ ସେ ମୋର କୋଳରେ ଆଖି ବୁଜି ମସ୍ତକ ଅବନତ କରି ରହିଗଲା । ଏହି ହେଲା ତାର ଜୀବନର ଶେଷ । ମୋର ସ୍ୱପ୍ନ ଭାଙ୍ଗିଗଲା । ଆଜି ବାଷଠି ବର୍ଷ ବୟସ ହେଲାଣି । ତଥାପି ସେ ସ୍ମୃତି ମୋର ଅନ୍ତରରେ ଜାଗରୂକ ଅଛି । ଏହି ସ୍ୱପ୍ନ ମୁଁ ଅନେକଙ୍କୁ ଅନେକ ଥର କହିଛି । କିନ୍ତୁ ଦିନେ ହେଲେ ରାତିରେ କି ଦିନରେ ନିଦ୍ରାବେଳେ ସେ ସ୍ୱପ୍ନ ଆଉ କେବେ ଦେଖିନି । କେବଳ ତାର ମୁଖ ଛଡ଼ା ବର୍ତ୍ତମାନ ସୁଦ୍ଧା ମୋ ଆଖି ଆଗରେ ତାର ସେ ଆକୃତି, ତାର ସେ ଗାଉନ୍, ତାର ସେହି ବିଷଣ୍ଣ ଆଗମନ ସବୁ ମନରେ ପଡୁଛି । ଆଖି ଆଗରେ ଦେଖିବା ଭଳି ଦେଖୁଛି । ଯାହା ପିଲାଦିନେ ଜାଗ୍ରତ ହୋଇଥିଲା ତାର ପରିସମାପ୍ତି ହେଲା ଭରା ଯୌବନରେ । ଏହି ସ୍ୱପ୍ନକୁ ବିଶ୍ଳେଷଣ କରି କେତେ ଲୋକ କେତେ କଥା କହିଛନ୍ତି । କେହି କେହି କହିଛନ୍ତି ହୁଏତ ପୂର୍ବ ଜନ୍ମରେ କେହି ଆସକ୍ତି-ପରବଶ ହୋଇ ତାର ଆସକ୍ତି ପୂର୍ଣ୍ଣ କରି ପାରି ନ ଥିଲା । ଏ ଜନ୍ମରେ ତାର ସୂକ୍ଷ୍ମ ଶରୀର ଏହିପରି ଭାବରେ ମୋ ସହିତରେ ମିଳିତ ହେଲା । ଆଉ କେହି କେହି କହନ୍ତି ଯେ ହୁଏତ ବାକି ଜୀବନକାଳ ଭିତରେ କୌଣସି ମେମ୍‌ର ପାଣିଗ୍ରହଣ କରିବାକୁ ହେବ । କିନ୍ତୁ ଏହା ବଡ ଆଶ୍ଚର୍ଯ୍ୟ ଲାଗୁଛି । ବର୍ତ୍ତମାନ ବାଷଠି ବର୍ଷ ବୟସ ହେଲାଣି । ଆଉ ସେହି ରମଣୀର ଆକାଙ୍‌କ୍ଷା-ପୂର୍ତ୍ତିତାର ସମୟ ବା କେଉଁଠାରେ ଅଛି ? ଆଉ କେହି କେହି କହନ୍ତି ଯେପରି ହେଉ ମୋତେ ସାଗର ପାର ହୋଇ ଯିବାକୁ ହେବ ଏବଂ ଏହି ରମଣୀ ସହିତରେ ଦିନକ ପାଇଁ ହେଲେ ମଧ୍ୟ ମିଳିତ ହେବାକୁ ହେବ । ତା'ର ଜୀବନର ଆକାଙ୍‌କ୍ଷା ପୂର୍ଣ୍ଣ ହେବ ଏବଂ ସେ ମୁକ୍ତି ଲଭିବ । ଏହି ସବୁ କଥା କୁହେଳିକା ପରି ଜଣାଯାଏ । ଆଉ ମଧ୍ୟ କେହି କେହି କହନ୍ତି, ସେଇ ରମଣୀର ଶେଷ ଅଭିନୟ ଯେତେବେଳେ ମୃତ୍ୟୁରେ, ସେତେବେଳେ ସେ ବଞ୍ଚି ରହି ନାହିଁ । ଯାହା ହେଉ ମୋର ଜୀବନରେ ଏହିପରି ଦୁଇ ବିବାହ ସଂଗଠିତ ହେଲା । ଏକ ବିବାହ ବ୍ରାହ୍ମଣକର୍ତ୍ତୃକ—ପୁରୋହିତ ଦ୍ୱାରା ଜୋରଜବରଦସ୍ତ ବିବାହ, ଆଉ ଅନ୍ୟ ଏକ ବିବାହ କନ୍ୟକା ସ୍ୱୟଂ ଆସି ଅଯାଚିତ ଭାବରେ ଆପଣାକୁ ମୋର କୋଳରେ ସମ୍ପୂର୍ଣ୍ଣ ଭାବରେ ଅତ୍ମୋତ୍ସର୍ଗ କଲା । ଏହି ରହସ୍ୟ ଭେଦ କରିବା ମୋର ପକ୍ଷରେ ଅତ୍ୟନ୍ତ କଠିନ । କିନ୍ତୁ ମୁଁ ସେଥିପାଇଁ ବେଶୀ ଚିନ୍ତାନ୍ୱିତ ହୋଇ ରହି ନାହିଁ । ବିଧାତାଙ୍କର ଇଙ୍ଗିତରେ ସବୁ କିଛି ହେଉଛି ବୋଲି ମୋର ବିଶ୍ୱାସ ଏବଂ ସେହି ଇଙ୍ଗିତରୁ ଏହି କଥାଟି ଗୋଟିଏ ମାତ୍ର ।

Digitized by srujanika@gmail.com

କଲେଜ-ଜୀବନ

୧୯୦୮ ଖ୍ରୀଷ୍ଟାବ୍ଦରେ କଟକକୁ ଆସି ରେଭେନ୍‌ସା କଲେଜରେ ନାମ ଲେଖାଇଲି । କଲେଜରେ ପଢିବା ବାସନା ମୋର ଥିଲା । ଏନ୍‌ଟ୍ରାନ୍‌ସ ପାସ୍ କରସାରିବା ପରେ ମୋର ବାପା ବାଲେଶ୍ୱର କଚେରୀରେ କୌଣସି କାମ କରିବା ପାଇଁ କହୁଥିଲେ । ମୋର ବଡ଼ ଭଉଣୋଇ କହୁଥିଲେ ପୋଲିସ୍ ବିଭାଗରେ ପଶିବା ପାଇଁ । କିନ୍ତୁ ଛାତ୍ର ଜୀବନରେ ସ୍ୱଦେଶୀ ଆନ୍ଦୋଳନରେ ଭାଗ ନେଇଥିବା ଯୋଗୁ ପୋଲିସ୍ ହୋଇଥିଲା ମୋର ଶତ୍ରୁ । ସୁତରାଂ ସେଥିରେ ପଶିଲି ନାହିଁ । କିନ୍ତୁ କି ଉପାୟରେ କଲେଜରେ ପାଠ ପଢିବି, ମୋତେ ବୁଦ୍ଧି ଦିଶିଲା ନାହିଁ । ତଥାପି ତିଣିର ଖଣ୍ଡିଏ ଭଙ୍ଗା ଟ୍ରଙ୍କ, ଆଉ ଖଣ୍ଡେ ଦୁଇଖଣ୍ଡ ଲୁଗା ଏବଂ ମୋର ଭଉଣୋଇ ଦେଇଥିବା କୋଡ଼ିଏ ଟଙ୍କା ନେଇ କଟକ ଆସିବାକୁ ଇଚ୍ଛା କଲି । ଦୈବାତ୍ ବାଲେଶ୍ୱର ରେଲଷ୍ଟେସନରେ ମଧୁସୂଦନ ରାଓଙ୍କ ସହିତ ଦେଖା ହେଲା । ସେ ସେତେବେଳେ ଓଡ଼ିଶାର ସ୍କୁଲ ଇନ୍‌ସପେକ୍ଟର ଥା'ନ୍ତି । ଗୌରକାନ୍ତି, ଋଷି ପରି ଲୋକ, ତାଙ୍କୁ ମୁଁ ଆଗରୁ ଜାଣି ନ ଥିଲି । ସେ ଅନୁମାନରେ ମୋତେ ପଚାରିଲେ, 'ତୁମେ କ'ଣ ଛାତ୍ର ? କଟକ ଯାଉଚ ?' ମୁଁ କହିଲି, 'ହଁ ।' ସେ ପୁଣି ପଚାରିଲେ, "ତୁମେ କଟକ ଆଗରୁ ଦେଖିଚ ?" ମୁଁ କହିଲି, 'ନା ।' ସେତେବେଳେ ସେ କହିଲେ, "କଟକ ବଡ ଜାଗା । ତୁମେ ଆଉ କୁଆଡେ ଯିବନି—ମୁଁ ମଧ୍ୟ କଟକ ଯାଉଛି । ମୋ ସାଙ୍ଗରେ କାଳିଗଳିକୁ ମୋ ଘରକୁ ଯିବ ।" କଟକ ଷ୍ଟେସନରେ ଓହ୍ଲାଇଲି । ମଧୁବାବୁ ତାଙ୍କ ସଙ୍ଗରେ ମୋତେ ତାଙ୍କ ଘରକୁ ତାଙ୍କ ଗାଡ଼ିରେ ନେଲେ । ମୋତେ ବଡ଼ ଲଜ୍ଜା ବୋଧ ହେଉଥାଏ । କାରଣ ମଧୁବାବୁଙ୍କ ଦେହର ଲୁଗାପଟା ଖୁବ୍ ସଫାସୁତୁରା । ମୋର ଲୁଗାଜାମା ଅତି ଦରିଦ୍ର ଓ ମଇଳା । ଯାହା ହେଉ ତାଙ୍କ ସହିତ ତାଙ୍କ ଘରକୁ କାଳିଗଳିକୁ ଗଲି । ରାତି ଏଗାରଟା ବାରଟାବେଳେ ପହଞ୍ଚିଲି । ସେ ମୋତେ ଖାଇବାକୁ କହୁଥିଲେ । ମୁଁ କହିଲି, ନା, କିଛି ଖାଇବିନି । ତା'ପରେ ବିଛଣା କରିଦେଇଥାନ୍ତି ଧୋବ ଫର ଫର । ମୋତେ ସେଥିରେ ଶୋଇବାକୁ କହିଲେ । ମୁଁ ତଳରେ ଶୋଇପଡ଼ିଲି । କିନ୍ତୁ ବଡ଼ ଚିନ୍ତିତ ହୋଇ । କାରଣ ସକାଳେ ହୁଏତ ତାଙ୍କ ବିଛଣା ମଇଳା ହୋଇଯାଇଥିବ । ମୁଁ ନିଦରେ ଶୋଇ-ଯାଇଛି । କେତେବେଳେ ସକାଳ ହେଲା ଜାଣିନି । ଯେତେବେଳେ ନିଦ ଭାଙ୍ଗିଲା, ଦେଖେଁ ତ ଦାନ୍ତ ଘଷିବା ପାଇଁ ପାଣି, କୋଇଲଗୁଣ୍ଡ ଓ ଦାନ୍ତକାଠି ଇତ୍ୟାଦି ଦିଆ ହୋଇଛି । ମୁଁ ତରତରରେ ମୁହଁହାତ ଧୋଇପକାଇଲି । ବସିଛି ଏହି ସମୟରେ ଜଳଖିଆ ଆସିଲା । ଜଳଖିଆ ଖାଇସାରିଲା ପରେ ମଧୁବାବୁ ନିଜେ

Digitized by srujanika@gmail.com

ଆସି ଉପସ୍ଥିତ ହେଲେ । କିନ୍ତୁ ଏହାପୂର୍ବରୁ ଭାବୁଥାଏଁ, କିପରି ଏ ସ୍ଥାନରୁ ଶୀଘ୍ର ପଳାଇବି । କାରଣ ମୋର ଲୁଗାପଟା ମଇଳା, ଆଉ ଅଧିକା ଲୁଗାପଟା ମୋର ନାହିଁ । ମାତ୍ର ମଧୁବାବୁ ଆସି କହିଲେ—ଦେଖ, ଏଠାରେ ଅନେକ ମେସ୍ ଅଛି । ଛାତ୍ରମାନେ ଏକାଠି ହୋଇ ରହନ୍ତି । ତୁମେ ତିନଚାରି ଦିନ ମୋ ଘରେ ରହି ସବୁ ବୁଲିବାଲି ଦେଖ, ଏବଂ ତା'ପରେ ଯେଉଁଟା ସୁବିଧା ହେବ ସେ ମେସ୍‌କୁ ଯିବ । ମୁଁ ସକାଳୁ ବାହାରି ଚାନ୍ଦନୀଚୌକରୁ ଉଗରପଡ଼ା ଆଡ଼କୁ ଆସିଲି ଏବଂ ସେଠାରେ କେତେଗୁଡ଼ିଏ ଛାତ୍ର ଗୋଟିଏ ମେସ୍‌ରେ ଥିବାର ଦେଖିଲି । ସେ ମେସ୍‌ଟି ଅତି ସାଧାରଣ । ମାଟିଘର ଓ ପାଇଖନା ଅତ୍ୟନ୍ତ କଦର୍ଯ୍ୟ । ତଥାପି ଅଉ କୌଣସି ଆଡ଼େ ନ ଯାଇ ସେଠିକି ପଳେଇ ଆସିବାକୁ ଠିକ୍ କଲି । ଫେରିଯାଇ ମଧୁବାବୁଙ୍କୁ କହିଲି, "ମୁଁ ମେସ୍ ପାଇଛି ଉଗରପଡ଼ାରେ ।" ମଧୁବାବୁ କହିଲେ, ବ୍ୟସ୍ତ ହୁଅନା । ଆହୁରି ଅନେକ ମେସ୍ ଅଛି, ଦେଖ । ତା'ପରେ ଠିକ୍ କର । ମୁଁ କିନ୍ତୁ ପଳେଇ ଆସିବାକୁ ଚାହୁଁଥାଏ—ସୁତରାଂ ଦିନ ଦଶଟାବେଳେ ମଧୁବାବୁଙ୍କ ଠାରୁ ବିଦାୟ ନେଇ ଆସିଲି । ତାଙ୍କର ବ୍ୟବହାରରେ ମୁଁ ଅତ୍ୟନ୍ତ ପରିତୃପ୍ତି ଲାଭ କରିଥିଲି । କଟକରେ ସେ ମେସ୍‌ରେ କିଛି ଦିନ ରହିବା ପରେ ମୋ ମାଉସୀପୁଅ ଭାଇ ନିତ୍ୟାନନ୍ଦ ଚୌଧୁରୀ ମୋ ପାଖକୁ ଆସିଲି କଟକରେ ପାଠ ପଢ଼ିବା ପାଇଁ । ଉଗରପଡ଼ାର ମେସ୍ ମାଟିଘର, କଦର୍ଯ୍ୟ ପାଇଖାନାରେ ତା'ର ଅରୁଚି ହେଲା । ସେ କିଛି ଖାଇ ପାରିଲା ନାହିଁ । ସୁତରାଂ ମୁଁ ଚେଷ୍ଟା କରି ଆଉ ଗୋଟିଏ ମେସ୍ ଖୋଜିବାକୁ ଲାଗିଲି । କିନ୍ତୁ କୌଣସି ଜାଗାରେ ସୁବିଧା ନ ପାଇ ନିଜେ ଗୋଟିଏ ମେସ୍ ଆରମ୍ଭ କଲି । ଜାଗାଟା ହେଉଛି ଗଙ୍ଗାମନ୍ଦିର, ଯେଉଁଠାରେ ବର୍ତ୍ତମାନ Socialist Party ର "କୃଷକ ଅଫିସ୍" ହୋଇଛି । ଆଉ କେତେକ ଜୁଟିଲେ । ସେଇଠି ମେସ୍ ଆରମ୍ଭ କଲି । କିନ୍ତୁ ଗୋଟାଏ କଥା, କଟକକୁ ପ୍ରଥମେ ଆସି ଅନେକ ଦିନ ପର୍ଯ୍ୟନ୍ତ ଅରୁଚି ଘୃଣା ଜାତ ହୋଇଥିଲା । ଦିନ ଏଗାରଟା ବେଳେ ଭାତ ଖାଇ ସାରି କଲେଜକୁ ଯିବା ବାଟରେ ସେତେବେଳେ ଦେଖେ ଯେ ମେହେନ୍ତରାଣୀମାନେ ପାଛିଆ ପାଛିଆ ମଇଳା କାଖରେ ଯାଉ ଯାଉଛନ୍ତି । ମୋର ବାନ୍ତି ଆସିଯାଏ । ଦ୍ୱିତୀୟ କଥା, କଟକର ପାଣିପଣା ଚାଉଳ ଖାଇବାରେ ବଡ଼ ଅତୃପ୍ତି ଓ ଅରୁଚି ହେଉଥିଲା । ଏପରିକି ଅନେକ ସମୟରେ ଭାତ ଖିଆ ଛାଡ଼ିବାକୁ ହେଉଥିଲା । ୧୯୦୮ ସାଲରେ ଏଇ ଦୁଇଟି ବିଷୟରେ କଟକର ଯେଉଁ ଅବସ୍ଥା ଥିଲା ଆଜି ସେଇ ଅବସ୍ଥା ବିଦ୍ୟମାନ । ତୃତୀୟ କଥା କଟକର ଧୂଳି । ଖ୍ରୀ: ୧୯୦୮ରେ କଟକ ସହର ଯେପରି ଧୂଳିରେ ପରିପୂର୍ଣ୍ଣ ଥିଲା ବର୍ତ୍ତମାନ ଦୁଇ-ଚାରିଟା ରାସ୍ତା ଛାଡ଼ି

Digitized by srujanika@gmail.com

ଦେଲେ ବାକୀ ସବୁ ପୂର୍ବପର ରହିଛି । ଏହା ଘୋର କଳଙ୍କର କଥା । କିନ୍ତୁ ଜାତିର ଚରିତ୍ର ଏବଂ ଜାତିର ରୁଚି ଉପରେ ଏଇସବୁ ନିର୍ଭର କରେ । ସୁତରାଂ ଜାତିର ଚରିତ୍ର ଓ ଜାତିର ରୁଚି ପରିବର୍ତ୍ତିତ ନ ହେବା ଯାଏ ଆମକୁ ଏପରି ଦୁଃଖଭୋଗ କରିବାକୁ ପଡୁଥିବ ।

କଟକକୁ ଆସି ଯେତେବେଳେ କଲେଜରେ ଭର୍ତ୍ତି ହେଲି ସେତେବେଳେ ଶ’-ସାହେବ ଆମର ପ୍ରିନ୍‌ସପାଲ୍ । ବିପିନବିହାରୀ ଗୁପ୍ତ ସେତେବେଳକୁ ଚାଲି ଯାଇଥାନ୍ତି । ସେ ଆଗରେ ପ୍ରିନ୍‌ସପାଲ ଥିଲେ । ଉପେନ୍ଦ୍ର ମୈତ୍ର ମଧ୍ୟ ଚାଲିଗଲେ । ସେ ଇଂରାଜୀରେ ଧୁରନ୍ଧର ଥିଲେ । ଶ’-ସାହେବ ଆମକୁ ଗଣିତ ପଢ଼ାଉ ଥିଲେ । ସେ ଖାଣ୍ଟି ମୂର୍ଖ । କୌଣସି ଅଙ୍କ ବୁଝାଇବାକୁ ହେଲେ ସେ ତାଙ୍କ ନୋଟ ବହିରୁ ଅଙ୍କଟି ବୋର୍ଡରେ ଲେଖି ଦେଉଥିଲେ । ଆଉ କେହି କିଛି ପଚାରିଲେ ସେ ଖାଲି କହନ୍ତି Tut, tut. କିନ୍ତୁ ତାଙ୍କ ପରେ ଗଣିତର ଯେଉଁ ପ୍ରଫେସର ଆସିଥିଲେ ସେ ଥିଲେ ବାଘ । ତାଙ୍କ ଚେହେରା ମଧ୍ୟ ବାଘ ପରି ଥିଲା । ଖୁବ୍ ଗମ୍ଭୀର, ଆଉ କୌଣସି ଅଙ୍କ ପଚାରିଲେ ସାଙ୍ଗେ ସାଙ୍ଗେ ସୁନ୍ଦର ଅକ୍ଷରରେ ଟକ୍ ଟକ୍ କରି ବୋର୍ଡରେ ଲେଖି ଦେଉଥିଲେ । ସେହି ବଙ୍କିମ ବାବୁ ଆଜି ଦାଢ଼ି ପକେଇ ଦେଇଛନ୍ତି ଏବଂ ବୈଷ୍ଣବ ହୋଇଛନ୍ତି । ଦୁଇ-ଚାରି ବର୍ଷ ତଳେ ମୁଁ ତାଙ୍କୁ ମେଦିନୀପୁର କଲେଜରେ Principal ହେବାର ଦେଖିଥିଲି । ମେଦିନୀପୁରରେ ତାଙ୍କ ସହିତ ମୋର ଦେଖା ହୋଇଥିଲା । ଏହି ସମୟରେ ଆମର ଜଣେ ଇଂରାଜୀ ଅଧ୍ୟାପକ ଆସିଥିଲେ । ତାଙ୍କର ନାମ ଶ୍ରୀ ହେମଚନ୍ଦ୍ର ସରକାର । ଆଜି ସେ ଜୀବିତ ନାହାନ୍ତି । କିନ୍ତୁ ସେ ଅଦ୍ଭୁତ ମଣିଷ । ଜ୍ଞାନର ପିପାସା ତାଙ୍କର ଅତ୍ୟଧିକ । ସେ ଦିନେ ଦିନେ ସନ୍ଧ୍ୟାବେଳୁ ବହି ପଢ଼ା ଆରମ୍ଭ କଲେ ତହିଁଆର ଦିନ ନଅଟା ଦଶଟା ହୋଇଯାଏ । କିନ୍ତୁ ତାଙ୍କର ଏଇ ପାଣ୍ଡିତ୍ୟ ଅପେକ୍ଷା ତାଙ୍କର ଅଧିକତର ମହତ୍ତ୍ୱ ଥିଲା ମଣିଷର ସେବା କରିବାରେ; ସେ ଫିନାଇଲ ବୋତଲ ଧରି ସକାଳେ ଗରିବମାନଙ୍କର ପାଇଖାନାରେ ନିଜେ ଫିନାଇଲ୍ ପକାଇ ଆସନ୍ତି । ଆଉ କଲେରା ସମୟରେ ଗରିବ ଲୋକଙ୍କ ସେବା ପାଇଁ ସମସ୍ତଙ୍କ ପାଖରୁ ସଫା ଛିଣ୍ଡା ଲୁଗା ମାଗନ୍ତି । ସେହି ସବୁକୁ ସେ ହାଡ଼ିସାହିରେ ଏବଂ ଅନ୍ୟାନ୍ୟ ଯେଉଁ ଗରିବ ଘରେ କଲେରା ଇତ୍ୟାଦି ହୋଇଥାଏ, ଦାନ କରନ୍ତି । ଏପରି ହେଲା ଯେ, ଛାତ୍ରମାନେ ଶହ ଶହ ସଂଖ୍ୟାରେ ତାଙ୍କର ଅନୁବର୍ତ୍ତୀ ହେଲେ । ଆଉ ରୋଗୀ କମ୍ ଏବଂ ଭଲେଣ୍ଟିଅର ବେଶୀ ହେବା ଫଳରେ ତାଙ୍କ ଘରେ ଯେଉଁ ପିଲମାନେ ରୁଣ୍ଡ ହୋଇଥାନ୍ତି, ସେମାନଙ୍କ ମଧ୍ୟରେ କଜିଆ ହୁଏ । ହେମବାବୁ ପଚାରନ୍ତି— ଚାହିଁକି ଏପରି କରୁଛ ? ପିଲମାନେ କହନ୍ତି—ସାର୍, ସେ ରୋଗୀକୁ ମୁଁ ଦେଖିବାକୁ

Digitized by srujanika@gmail.com

ଯିବି, ଏ ମୋତେ ଯିବାକୁ ଦଉନି ଇତ୍ୟାଦି । ଅରେ କଲେରା ଲାଗିଛି । ହେମବାବୁ କାହା ଘରେ ଯାଇ କଲେରା ରୋଗୀର ସେବା କରୁଛନ୍ତି । ଏହି ସମୟରେ ଖବର ଗଲା ତାଙ୍କର ଝିଅ କଲ୍ୟାଣୀ ଓ ଶାନ୍ତିଙ୍କୁ କଲେରା ହୋଇଛି । ହେମବାବୁ ସେ ପିଲାଙ୍କୁ କହିଲେ "ଆମି ଏଖାନେ ସେବା କରଛି, ତୁମ୍‌ରା ଓଖାନେ ସେବା କରୋ । ଭଗବାନ୍ ସବ୍ ଜାଗାଏ ଆଛେନ୍ ।" ଏପରି ଉଦାରତା କେତେ ଜଣଙ୍କର ଥାଇପାରେ ? ଏହି ସମୟରେ ସେ କଲେଜକୁ ଆସି କେବଳ କାନ୍ଦନ୍ତି ଏବଂ କହନ୍ତି—**One soul passed away, two souls pased away These were the dying words.** ଏହିପରି କହି ସେ ଖୁବ୍ କାନ୍ଦନ୍ତି । କୌଣସି ମେସ୍‌ରେ କଲେରା ଲାଗିଥିଲେ ସେ ମେସ୍‌ର ପିଲା ଗୁଡ଼ି ପଳାଇ ଗଲେ ସେ ବଡ଼ ଦୁଃଖ କରନ୍ତି । ଏହିପରି କେତେଦିନ ଗଲା । ଦିନେ ଗୋଟିଏ ପିଲା କ୍ଲାସରୁ ବାହାରି ଆସିଲାବେଳେ ବଡ଼ ପାଟିରେ କହିଲା—ଏ ପ୍ରଫେସର ତ ଆମକୁ କିଛି ପଢ଼ାଉ ନାହିଁ, ଖାଲି **One soul passed away, two souls passed away** କରୁଛି । ଆମେ ପାସ୍ କରିବା କିମିତି ? ହେମବାବୁ ହଠାତ୍ ଏହା ଶୁଣି ପକାଇଲେ । ଆଉ କହିଲେ—ଆଚ୍ଛା, ହେମବାବୁ କାଲ୍ ପଢ଼ାବେ । ସେ ଦିନ ହେମବାବୁ ଘରକୁ ଯାଇ ଆମର ଗୋଟାଏ **Text** ବହି ଦିନ ଘ୍ଣଟା ବେଳୁ ପଢ଼ିବାକୁ ଆରମ୍ଭ କଲେ । ସଞ୍ଜ ହେଲା । ଜଳଖିଆ ଆସିଲା, ପିଲା ଆସି କହିଲା, ବାବା ଖାବାର୍ ଖାଏନନ୍ । କିନ୍ତୁ ହେମବାବୁ ପଢ଼ିବାରେ ତନ୍ମୟ । ଅନେକ କ୍ଷଣ ଗଲା । ତା ପରେ ଝିଅ ତାଙ୍କୁ ଯେତେବେଳେ ପୁଣି କହିଲା ଖାଇବାକୁ, ସେତେବେଳେ ସେ କହିଲେ, ନା, ଖାଇବିନି । ଦଶ ଦଣ୍ଟାକୁ ମୋତେ ଭାତ ଦବ । ରାତି ଦଶଟା ହେଲା । ଭାତ ବଢ଼ା ହେଲା । ପିଲା ଆସି କହିଲେ, ବାବା ଭାତ ବଢ଼ା ହୋଇଛି । କିନ୍ତୁ ହେମବାବୁ ପଢ଼ାରେ ଅଭିନିବିଷ୍ଟ । ପିଲମାନେ ଅତି ଜିଦ୍ କରିବାରୁ ସେ କହିଲେ ଆଉ ଭାତ ଖାଇବିନି । ଦିଟା ଖଇ ଆଣ । ଖଇ ଆସିଲା, କିନ୍ତୁ ହେମବାବୁଙ୍କର ଖଇ ଖାଇବାର ଅବସର ନାହିଁ । ଦେଢୁ ପଢୁ ରାତି ପାହିଗଲା, ସକାଳ ଆଠଟା ହେଲା, ନ'ଟା ହେଲା । ପିଲମାନେ ପଚାରିଲେ—ବାବା କଲେଜ ଯିବେନି ? ନ'ଟା ବାଜିଲାଣି ଯେ । ସେତେବେଳେ ସେ କହିଲେ, ଭାତ ବାଢ଼ । ତର ତରରେ ଠକା ଠକ କରି ମୁହଁ ହାତ ଧୋଇ ଗାଧୁଆ ପାଧୁଆ କରି ହେମ ବାବୁ ଖାଇବାକୁ ବସିଲେ । ଖାଇସାରି ତରତରରେ ମୋଜା ପିନ୍ଧୁ ପିନ୍ଧୁ ଗୋଟିଏ ଗୋଡ଼ରେ ଦୁଇଟା ମୋଜା ପିନ୍ଧି ପକାଇଲେ । ତାପରେ କଲେଜକୁ ଆସିଲେ । କଲେଜରେ ବେଲ୍ କଲ୍ ବେଳେ ମୁଁ ଲକ୍ଷ୍ୟ କଲି ଯେ, ଗୋଟାଏ ଗୋଡ଼ରେ

Digitized by srujanika@gmail.com

ମୋଜା ନାହିଁ । ପାଖରେ ବନ୍ଧୁମାନଙ୍କୁ ଦେଖାଇଲି । ଇଆଡେ ହେମବାବୁ ପଢ଼ାଇବାକୁ ଆରମ୍ଭ କରିଥାନ୍ତି । ପିଲାଙ୍କ ଭିତରେ ଟିକେ ଗୃଞ୍ଚଳା ହୋଇଥାଏ । ହେମବାବୁ ଏହା ଲକ୍ଷ୍ୟ କରି ପଚାରିଲେ—What makes you inattentive ? ମୁଁ କହିଲି, ସାର୍, ଆପଣଙ୍କର ଗୋଟିଏ ଗୋଡ଼ରେ ମୋଜା ନାହିଁ । ହେମବାବୁ କ୍ରୋଧ ହୋଇ ଉଠି କହିଲେ—ମହା ପାପ କରିଛ ନା ? ହେମଚନ୍ଦ୍ର ସରକାର ଜୀବନରେ କେତେ ମହା ପାପ କଲା, ତାହାର ତ ସନ୍ଧାନ ରଖି ନାହଁ । ବାଜା ଏଇଟା ଧରିଛ । ପଢ଼େଇବାକୁ ଆରମ୍ଭ କଲେ । ଦଶଟା ଠାରୁ ୧୧ଟା ଗୋଟାଏ ଘଣ୍ଟା ହୋଇଗଲା । ଦ୍ୱିତୀୟ ଘଣ୍ଟା ଗଣିତ । ଆମେ ଖୁବୁଚୁ ଏଥର ହେମବାବୁଙ୍କ ପାଖରୁ ଉଦ୍ଧାର ପାଇଲୁ । କିନ୍ତୁ ହେମବାବୁ ଅଭିନବିଷ୍ଟ ଭାବରେ ପଢ଼ାଉଥାନ୍ତି । ବଙ୍କିମବାବୁ ଆସିଲା ବେଳେ ଆଉ ଟିକେ ଚଞ୍ଚଳ ହୋଇ ଉଠିଲେ । ତାହା ଲକ୍ଷ୍ୟ କରି ସେ ପଚାରିଲେ—ଅମନଯୋଗୀ କାହିଁକି ହେଉଛ ? ଆମେ କହିଲୁ, ସାର୍, ବଙ୍କିମ ବାବୁ ଆସିଲେଣି । ବଙ୍କିମ ବାବୁଙ୍କୁ ଦେଖି ସେ କହିଲେ—ତୁମେ ଆଉ ଦିନେ କ୍ଲାସ ନେବ । ତୁମର ଏ ଘଣ୍ଟାଟି ମୁଁ ନେଉଛି । ବଙ୍କିମ ବାବୁ ଚାଲିଗଲେ । ହେମବାବୁ ପଢ଼େଇବାକୁ ଲାଗିଲେ । ତୃତୀୟ ପିରିୟଡ଼ କାଶୀନାଥ ଦାସ ପ୍ରଫେସରଙ୍କର । ତାଙ୍କୁ ମଧ୍ୟ ସେ ସେହିପରି ବିଦାୟ କରିଦେଲେ । ଏହିପରି ଘଣ୍ଟା ପରେ ଘଣ୍ଟା ପଢ଼େଇବାକୁ ଲାଗିଲେ । ଏଣେ ଚାରି ବାଜିଗଲା । ସମସ୍ତେ ଚାଲିଗଲେ, ଆମର ଅବ୍ୟାହତି ନାହିଁ । Science classର ପିଲାମାନେ laboratory ରୁ ପାଞ୍ଚଟା ବେଳକୁ ଘରକୁ ଫେରିଲେ । ଚପରାସିମାନେ କବାଟ ଦରଜା ସବୁ ଧଡ଼୍ ଧଡ଼ କରି ବନ୍ଦ କରୁଛନ୍ତି । କିନ୍ତୁ ଉପର ଘରେ ହେମ ବାବୁଙ୍କର ପଢ଼ା ସେ ପର୍ଯ୍ୟନ୍ତ ଚାଲିଛି । ସବୁ ଚପରାସି ଝରକା ଦ୍ୱାର ବନ୍ଦ କରି ଆସି ଆମ ଦ୍ୱାର ପାଖରେ ଉପସ୍ଥିତ ହେଲେ । ଠନ୍ ଠନ୍ କରି ଛଅଟା ବାଜିଲା । ହେମବାବୁଙ୍କର ପଢ଼େଇବା ଶେଷ ହେଲା । ସେ ଦିନ ସେ ଗୋଟାଏ ବହି ପୂରା ପଢ଼ାଇଦେଲେ ଏବଂ ଛ'ଟା ପ୍ରଶ୍ନ ଲେଖିଦେଲେ । ସେହି ବର୍ଷ ପରୀକ୍ଷାରେ ଏଇ ଛଅଟାରୁ ତିନଟି ପ୍ରଶ୍ନ ପ୍ରାୟ ଅବିକଳ ତାଙ୍କର ଭାଷାରେ ପଡ଼ିଥିଲା । ପଢ଼ା ଶେଷରେ ହେମବାବୁ କହିଲେ—ଯାଅ, ହେମଚନ୍ଦ୍ର ସରକାର ପଢ଼ାଏନା ପରା ? ଆଜି ପଢ଼ାଇଛୁ । ହେମବାବୁ ଥିଲେ ଇଂରାଜୀ ଓ ଫିଲୋସଫିରେ ବିଶ୍ୱବିଦ୍ୟାଳୟରେ ପ୍ରଥମ । ତାଙ୍କ ସମ୍ବନ୍ଧରେ କହିବାକୁ ଗଲେ ରାତି ରାତି ପାହିଯିବ । ତାଙ୍କର ଧର୍ମପରାୟଣତା—କୀର୍ତ୍ତନ କରୁ କରୁ ଅଚେତନ ହେବା, ଏ ସବୁ ଆମେ ସେ ସମୟରେ ଅନେକ ଦେଖିଛୁ ।

Digitized by srujanika@gmail.com

ଏହି ସମୟରେ ରେଭେନ୍ସା କଲେଜରେ ଆମର ଜଣେ ଫିଜିକ୍ସ ପ୍ରଫେସର ଥିଲେ । ତାଙ୍କର ନାମ ରମେନ୍ଦ୍ର ନାଥ ଘୋଷ । ସେ ଏତେ ବିନୟୀ ଯେ, ତାଙ୍କୁ କୌଣସି ପିଲା ଆଗରୁ ନମସ୍କାର କରି ପାରିବ ନାହିଁ । ତା ଆଗରୁ ସେ ନମସ୍କାର କରିଦେଇ ସାରିଥିବେ । ତା'ପରେ ଆସିଲେ ଫିଜିକ୍ସ ଅଧ୍ୟାପକ ସତୀଶବାବୁ । ସେ ଯେତେ ଗଧ ପିଲା ହୋଇ ପଛକେ, ତାକୁ ଏତେ ଶ୍ରଦ୍ଧାର ସହିତ ପଢ଼ାଉଥିଲେ ଯେ, ତାହା ଦେଖିବାର ବସ୍ତୁ । ସତୀଶ ବାବୁ ଓ ହେମବାବୁଙ୍କ ଭିତରେ ଖୁବ୍ ସୌହାର୍ଦ୍ଦ୍ୟ ଥିଲା । ଆଉ ମୁଁ ଯେତେବେଳେ ୧୯୦୮ରେ ରେଭେନ୍ସା କଲେଜରେ ପ୍ରଥମେ ଭର୍ତ୍ତି ହେଲି, ସେତେବେଳେ ବଟାନି ପଢ଼ାଉଥିଲେ ଶ୍ରୀ ଯୋଗେଶ ଚନ୍ଦ୍ର ରାୟ । କିନ୍ତୁ ସେ ପ୍ରାୟ ସବୁ ବିଦ୍ୟାରେ ଧୁରନ୍ଧର ଥିଲେ । ଗଣିତ, ସାହିତ୍ୟ, ତର୍କଶାସ୍ତ୍ର, ରସାୟନ ବିଦ୍ୟା ଏବଂ ଫିଜିକ୍ସ ଇତ୍ୟାଦି ପ୍ରାୟ ସବୁ ବିଦ୍ୟାରେ ସେ ପାରଙ୍ଗମ ଥିଲେ । ଆଉ ତାଙ୍କର ପଢ଼େଇବାର ପ୍ରଣାଳୀ ଥିଲା ସକ୍ରେଟିକ୍ ପ୍ରଣାଳୀ । ତୁମେ ଗୋଟାଏ ପ୍ରଶ୍ନ କଲେ ସେ ତୁମକୁ ଉତ୍ତର ନ ଦେଇ ଆଉ ଗୋଟାଏ ପ୍ରଶ୍ନ ପଚାରନ୍ତି । ଏହିପରି ପ୍ରଶ୍ନ କରୁ କରୁ ସେ ତୁମକୁ ଜ୍ଞାନମାର୍ଗ ସବୁ ଖୋଲିଦିଅନ୍ତି । ରାୟବାହାଦୁର ଯୋଗେଶଚନ୍ଦ୍ର ଅଦ୍ୟାପି ଜୀବିତ । ତାଙ୍କୁ ନବେ ବର୍ଷରୁ ଅଧିକ ହେଲାଣି, ତଥାପି ସେ ଦିନକୁ ସାତଘଣ୍ଟା କରି ପଢୁଛନ୍ତି । ଏହିସବୁ ଧରଣର ଉଚ୍ଚ ଶିକ୍ଷିତ ଅଧ୍ୟାପକ ଆଜିକାଲି ବିରଳ ହୋଇଗଲେଣି । ହେମଚନ୍ଦ୍ର ସରକାରଙ୍କୁ ମୁଁ ମୋର ପ୍ରଥମ ଲିଖିତ ପୁସ୍ତକ ଉତ୍ସର୍ଗ କରିଥିଲି । ସେଥିରେ ଗୋଟିଏ ପ୍ରବନ୍ଧ "ମନୁଷ୍ୟ ନିଜର ଭାଗ୍ୟବିଧାତା" ବୋଲି ଅଛି । ହେମବାବୁ ତାକୁ ଶୁଣି ମୋତେ କହିଥିଲେ— ହଉ, ତୁମର ଅଧିକ ବୟସ ହେଉ; ସେତେବେଳେ ବୁଝିବ ମନୁଷ୍ୟ ନିଜକୁ କେତେ ଗଢ଼େ ଆଉ ମନୁଷ୍ୟ ଅନ୍ୟ ଦ୍ୱାରା କେତେ ଗଠିତ ହୁଏ । ଭଗବାନଙ୍କର ଆଶୀର୍ବାଦ ନ ମିଳିଲେ ମନୁଷ୍ୟର ଶକ୍ତି ତୁଚ୍ଛ ହୋଇପଡ଼େ । ହେମଚନ୍ଦ୍ର ସରକାର ରାଧାନାଥ ବାବୁଙ୍କର 'ଚିଲିକା'କୁ ଖୁବ୍ ପସନ୍ଦ କରୁଥିଲେ । ମୋତେ କହିଥିଲେ ବଙ୍ଗଳାରେ ଅନୁବାଦ କରିବାକୁ । ମୁଁ ତାହା ତାଙ୍କୁ ଦେଇଥିଲି । ହେମଚନ୍ଦ୍ର ସରକାରଙ୍କ ହାତରେ ପରୀକ୍ଷାରେ ସେପରି କେହି ଫେଲ୍ ହୁଏନି । ଅନେକ ସମୟରେ ସେ ନମ୍ବର ଦେଉ ଦେଉ ଶହେ ଜାଗାରେ ଶହେ ଦଶ, ଶହେ କୋଡ଼ିଏ ଏପରି ଦେଇପକାନ୍ତି । ତାଙ୍କୁ ପଚାରିଲେ, ସେ କହନ୍ତି ଆଶାତୀତ ଭାବରେ ସୁନ୍ଦର ଲେଖିଛି । ସେଥିପାଇଁ ଏ ନମ୍ବର ।

କଲେଜରେ ପଢୁଥିଲାବେଳେ ମୁଁ ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ୍ ଧର୍ମ ଓ ବ୍ରାହ୍ମ ଧର୍ମ ଇତ୍ୟାଦି ଖୁବ୍ ଆଲୋଚନା କରୁଥିଲି । ସେହି ସମୟରେ ମୋ

Digitized by srujanika@gmail.com

ସମ୍ବନ୍ଧରେ ଅନେକ ଅନେକ କଥା କହିଲେ । କିଏ କହୁଥିଲା ମୁଁ ବ୍ରାହ୍ମ ହୋଇଯାଇଛି । କିଏ ବା କହୁଥିଲା ମୁଁ ଖ୍ରୀଷ୍ଟିୟାନ୍ ହୋଇଯାଇଛି । କିଏ ବା କହୁଥିଲା ମୁଁ ମୁସଲମାନ୍ ହୋଇ ଯାଇଛି । ଏହି ସମୟରେ ମୁଁ ମୁସଲମାନଙ୍କ ଘରେ ଅନେକ ସମୟ ରହୁଥିଲି । କିନ୍ତୁ କାଳେ ମୋର ମୁସଲମାନ ବନ୍ଧୁମାନେ ମୋତେ ଗୋରୁମାଉଁସ ଖୁଆଇ ଦେବେ ସେହି ଆଶଙ୍କାରେ ମୁଁ ନିରାମିଷାଶୀ ହୋଇଥିଲି । କଲେଜରେ ପାଠ ପଢୁଥିଲା ବେଳେ ନଅ-ଦଶଜଣ ଉପରିଆ ପିଲା ଭିତରେ ମୁଁ ଜଣେ ଥିଲି । ବଙ୍କିମ ବାବୁ (ଗଣିତ ଅଧ୍ୟାପକ) କିନ୍ତୁ ମୋ ଉପରେ ଅନେକ ସମୟରେ ଚିଡୁଥିଲେ । ତାର କାରଣ ଥିଲା ମୁଁ ତେଲଙ୍ଗାଙ୍କ ପରି ଫାଳଟା ମାରି ଲୁଗା ପିନ୍ଧୁଥିଲି । କଚ୍ଛଟା ପଛରେ ଓହଳିଥାଏ । ଦେହରେ ଜାମା ନ ଥିବାରୁ ଆଉ ଖଣ୍ଡେ ଚଦର ଘୋଡ଼ିବାରୁ ଅସୁନ୍ଦର ଦେଖା ଯାଉଥାଏ । ବଙ୍କିମ ବାବୁ ଏ ବିଷୟରେ କିଛି ନ କହି ଯେଉଁଦିନ ଟିକିଏ ପଢ଼ାପଢ଼ି କରି ନ ଥାଏ ସେଦିନ ଧମକାନ୍ତି ମୋର ବୃତ୍ତି କାଟିଦେବାକୁ । ସଂକ୍ଷେପତଃ ମୋର କଲେଜ ଜୀବନରେ ମୁଁ ଠିକ୍ ଗ୍ରୁନ୍ଦ ନ ଥିଲି, ନାନା ଧର୍ମରେ ପଶି ଏକପ୍ରକାର ଉଦାସୀ ହୋଇଯାଇଥିଲି । ଏହାପରେ ଇଞ୍ଜିନିୟରିଂ କଲେଜରେ ମୋର ଜୀବନକଥା ।

ମୋର ଆଇ: ଏସ୍‌ସି: ପରୀକ୍ଷା

କଟକରେ ଥାଏଁ, ଟ୍ୟୁସନ କରେ, ପିଲାଙ୍କୁ ପଢ଼ାଏ । ଖାଇପିଇ ଥାଏ । ଊଣେଇଶ ଆଠ ଓ ଊଣେଇଶ ନଅ ଏହି ଦୁଇ ବର୍ଷ ଇଣ୍ଟର ମିଡ଼ିଏଟ୍ । ଊଣେଇଶ ନଅ ଶେଷକୁ ମୋତେ ହେଲା ଟାଇଫଏଡ୍ । ତଥାପି ପରୀକ୍ଷା ଦେଲି; ଯେଉଁ Physicsରେ ମୁଁ test ରେ first ହୋଇଥିଲି ସେହି Physics ରେ ଫେଲ୍ ହେଲି । ସେ ବର୍ଷ ଜମା ୬୭ ପାଇଲି ୧୦୦ ରୁ । ସେ ବର୍ଷ ରହିଗଲି । ଆଉ ବର୍ଷେ ପଢ଼ିଲି ।

ଶିବପୁର ଇଂଜିନିୟରିଂ କଲେଜ

ମୁଁ ଯେତେବେଳେ ଆଇ: ଏସସି. ପାଶ୍ କଲି, ସେତେବେଳେ କଟକରେ ବି. ଏସ୍‌ସି ନ ଥିଲା । ସେଇଥିପାଇଁ ନାରାୟଣ ମୋହନ ମିଶ୍ର, ପ୍ରାଣକୃଷ୍ଣ ପରିଜା ଇତ୍ୟାଦି କଲିକତା ଚାଲିଲେ । ମୁଁ ରହିଗଲି । ମୁଁ ବି. ଏ. ପଢିବାକୁ ବାଧ୍ୟ ହେଲି । ମାତ୍ର ଏହି ସମୟରେ ଉତ୍କଳ ସମ୍ମିଳନୀର ଆହ୍ୱାନରେ ମୁଁ ଶିବପୁର

Digitized by srujanika@gmail.com

ଇଞ୍ଜିନିୟରିଂ କଲେଜକୁ ଗଲି । ସରକାରୀ Scholarship କୋଡ଼ିଏ ଟଙ୍କା । ସମ୍ମିଳନୀ ଆଉ କୋଡ଼ିଏ ଟଙ୍କା ମାସକୁ ଦେବାକୁ କହିଲା । କିନ୍ତୁ କିଛିଦିନ ପରେ ଆଉ ଦେଲା ନାହିଁ । ମୁଁ ହଇରାଣ ହେଲି । ଦିନେ ଇଞ୍ଜିନିୟରିଂ କଲେଜରେ ଜଳଖିଆ ଆଉ ଜଣଙ୍କର ଖାଇ ଦେଇଥିଲି । ସେଠି ପୂରୀଖିଆ ଅଣ୍ଡାକୁ ଗୃହଟା ପୁରୀ ଟିକିଏ ଆଳୁ ତରକାରୀ ଏହିପରି ଗୋଟିଏ ଗୋଟିଏ share ଥିବ । ଯେ ଯେତେଟା share ନିଏ ତାଙ୍କର share ସବୁ ଗୋଟିଏ ଲୁହା-ଜାଲିରେ ତାଙ୍କ ଘର ସାମନାରେ ରଖି ଦେଇଥାଏ । ହିଏ କଣ ? ଶନିବାର ଦିନ ସକାଳ ଓଳି ଏଗାରଟା ପରେ ଛୁଟି ହେଲେ ଅନେକ କଲିକତା ବୁଲିବାକୁ ଚାଲି ଯାଆନ୍ତି । ଉପରଓଳି share ସେହିପରି ଅନେକଙ୍କର ପଡ଼ିଥାଏ । ତାକୁ ଅନ୍ୟ ବନ୍ଧୁମାନେ ଖାଇ ନିଅନ୍ତି । ମୁଁ ଦେଖେଁ, କିନ୍ତୁ ଦିନେ ଖାଇନାହିଁ । କିନ୍ତୁ ସେଦିନ କାହିଁକି କେଜାଣି ମୋର ମନେ ହେଲା, ଭୋକ ତ ଲାଗୁଛି । ସମସ୍ତେ ତ ଏହିପରି କରୁଛନ୍ତି । ମୁଁ ଆଜ ଦୁଇଟା share ଖାଇଦିଏ । ଖାଇ ଦେଇଛି; କଳରେ ଆତ୍ମତୃପ୍ତ ହୋଇ ପାଣି ପିଉଛି । ଏହି ସମୟରେ ଜଣେ ଆସି ଦେଖିଲା ତାର share ନାହିଁ, ଖାଇ ଦେଇଛି । ସେ କହି ଉଠିଲା, "ଶାଲା ଆମାର Share କେ ଖେ ଫେଲେଛେ ରେ ?" ମୁଁ ଭାବିଲି ସେ ଗାଳି ଯେପରି ମୋତେ ବାଜିଲା । ସେ ଦିନ ଅପରାହ୍ଣରେ Botanical Garden ଗଲି—ସନ୍ଧ୍ୟା ସନ୍ଧ୍ୟା—ଆତ୍ମହତ୍ୟା କରିବାକୁ ଇଚ୍ଛା କଲି । କିନ୍ତୁ ପୁଣି ବାହାରି ଆସିଲି । ତା ପରେ ସେହି ରାତିରେ ଇଞ୍ଜିନିୟରିଂ କଲେଜ ଛାଡ଼ିଲି । ବାଲେଶ୍ବର ଆସିଲି । ଇଞ୍ଜିନିୟରିଂ ପଢ଼ାରେ ଏକ ପ୍ରକାର ତୋର ପଡ଼ିଲା । ତଥାପି କେତେକ ବନ୍ଧୁ ଚିଠି ଲେଖିଲେ । Intermediate Engineering ଟାକୁ ଦେଇ ଦେଇ ପାସ କଲେ Overseer କାମ ମିଳିଯିବ । ଅତଏବ ଆସ, ପରୀକ୍ଷା ଦିଅ । ଗଲି, ପରୀକ୍ଷା ଦେଲି; କିନ୍ତୁ ଇତିମଧ୍ୟରେ Estimate ପଢ଼ା ହୋଇ ସାରିଥିଲା—ମୁଁ ଜାଣି ନ ଥିଲି । ପରୀକ୍ଷା ହଲକୁ ଯାଇଁ କିଛି କରି ପାରିଲି ନାହିଁ । ଆଉ ସବୁଥିରେ ପାଶ୍ କଲି, Physics, Chemistry, Mathematics, Drawing; କିନ୍ତୁ Estimate ରେ ଫେଲ ହେଲି । ସେହି ପର୍ଯ୍ୟନ୍ତ Drawing ଓ Estimate ଗୋଟିଏ Subject ଧରା ହେଉଥିଲା । ସେ ବର୍ଷ Richardson ସାହେବ, ଇଞ୍ଜିନିୟରିଂ କଲେଜର Principal, ଏହି ଦୁଇଟା subject କୁ ଅଲଗା କରି ଦେଲେ । ମୋର କପାଳ ଫାଟିଲା । ଇଞ୍ଜିନିୟରିଂ କଲେଜ ଛାଡ଼ି ପଳେଇ ଆସିଲି ।

Digitized by srujanika@gmail.com

ବେକାର ଜୀବନ

କହିଛି, ବାର ବର୍ଷ ବୟସରେ ମୋର ବିବାହ ଏବଂ ସତର ବର୍ଷ ବୟସରେ ପୁନର୍ବିବାହ, ଅର୍ଥାତ୍ ପ୍ରକୃତ ବିବାହ ହୋଇଥିଲା । ସେତେବେଳକୁ ମୁଁ ବୈବାହିକ ଜୀବନ ପାଇଁ ଆଦୌ ପ୍ରସ୍ତୁତ ଥିଲି ନାହିଁ । ସେଥିପାଇଁ ମଙ୍ଗଳଘଣ୍ଟ ଭାଙ୍ଗିଥିଲି । ଅନେକ ଓଜର ଆପତ୍ତି, କଜିଆ, କ୍ରୋଧ ପ୍ରକାଶ କରିଥିଲି । ବୁଢ଼ାବୁଢ଼ୀମାନେ ରହସ୍ୟ କଲେ । ମୁଁ ସେମାନଙ୍କୁ ଅକଥ୍ୟ ଭାଷାରେ ଉତ୍ତର ଦେଇଥିଲି ।

ଯାହା ହେଉ ବାଲେଶ୍ୱର ଛାଡ଼ି କଟକ ଆସିଲି । ଶଙ୍କରାଚାର୍ଯ୍ୟଙ୍କ ଯୋଗୀଭାବ ମନରୁ ଗଲାଣି । Sandow ଭଳିଆ ବଳିଷ୍ଠ ହେବା ଭାବ ମଧ୍ୟ ମନରୁ ଗୁଳିଗଲାଣି । ମୁଁ କଟକ ଆସି ବ୍ରାହ୍ମସମାଜ, ମୁସଲମାନସମାଜ, ଖ୍ରୀଷ୍ଟିୟାନ ସମାଜ ଏବଂ କାହିଁକି ଏତେ ଭିନ୍ନ ଭିନ୍ନ ସମାଜ, କାହିଁକି କାହିଁକି ମନୁଷ୍ୟ ମନୁଷ୍ୟ ମଧ୍ୟରେ ଏତେ ବାଡ଼ବତା, ଭେଦ ରହିଛି, ସେ ସବୁ ଆସ୍ତେ ଆସ୍ତେ ଆଲୋଚନା କରିବାକୁ ଲାଗିଲି । ସମାଜମାନଙ୍କରେ ମିଶିଲି ବୁଝିବା ପାଇଁ । ଧାର୍ମିକତାରୁ ବିଚ୍ୟୁତ ହୋଇ ନ ଥିଲେ ମଧ୍ୟ ଅକାଳପକ୍ୱତା ଯୋଗୁଁ ମୋର ଅଶାନ୍ତି ଥାଏ ।

ପୁଣି କଟକରୁ ବାଲେଶ୍ୱର ଫେରିଲି । କିଛିଦିନ ବେକାର ହୋଇ ଘରେ ବସିଲି । ବୈବାହିକ ଜୀବନ ସେ ସମୟରେ କଟାଇଛି । କିନ୍ତୁ ଆଦର୍ଶରୁ ବିଚ୍ୟୁତ ହେବାରୁ କିଛି ଭଲ ଲାଗିନାହିଁ ।

ପୁରୀ ଭିକ୍ଟୋରିଆ କ୍ଲବରେ ମ୍ୟାନେଜରୀ

ତା'ପରେ ଦିନେ ଘର ଛାଡ଼ିଲି । ପୁରୀରେ ଭିକ୍ଟୋରିଆ କ୍ଲବରେ ଦିନାକେତେ ହୋଟେଲ ମ୍ୟାନେଜର ହେଲି । ସେଠାରେ ସୁବିଧା କରି ବିଲାତ ପଳାଇବା ପାଇଁ ଠିକ୍ କରିଥିଲି । କିନ୍ତୁ ମିଥ୍ୟା କଥା କହିଥିଲି ଯେ ମୁଁ ଅବିବାହିତ । ଯେ ପଠାଇବାର ଯୋଗାଡ଼ କରିଥିଲେ ତାଙ୍କର କନ୍ୟାଙ୍କୁ ମୋତେ ବିବାହ ଦେବାପାଇଁ ତାଙ୍କର ଇଚ୍ଛା । ଏହି ସମୟରେ ବାବା ଓ ମୋର ଭଣୋଇ ଆସି ସବୁ ଭ୍ରଷ୍ଟ କରିଦେଲେ ଏବଂ ଘରକୁ ଫେରିଯିବା ପାଇଁ ବାଧ କରାଇଲେ । ଚଢ଼ିକରି ଘରକୁ ଫେରିଲି । ଘଣ୍ଟାର Pendulumର ଏକ ପାଖରୁ ଅନ୍ୟ ପାଖକୁ Sway ପରି ମନଟା ଏଥର ନୀଚ, କ୍ଷୁଦ୍ର, ଶ୍ରେଷ୍ଠ । ବାରବାଟୀର

Digitized by srujanika@gmail.com

ଗୋଟାଏ ସାଧାରଣ କମ୍ପା ଅଟ୍ଟ ତୁଚ୍ଛ ମନୁଷ୍ୟଟାଏ ହୋଇ ରହିବା ପାଇଁ ମନ କଲି । କିନ୍ତୁ ଭଲ ଲାଗିଲା ନାହିଁ । କଟକ ପଳାଇ ଆସିଲି ।

ବାଲେଶ୍ୱରରୁ କଟକ ପାଦରେ ଚାଲି ଚାଲି

କେମିତି କଟକ ଆସିଲି କହୁଛି । ସେ ବି ଏକ କାହାଣୀ । ଦିନେ ସକାଳେ ମୋର ମା' ଗାଧୋଇ ଯାଉଥିଲା ନଈକି । ମୁଁ ମାଗିଲି ପଖାଳ । ସେ କହିଲା ମୁଁ ଗାଧୋଇ ଆସେ ରହ । ମୁଁ କହିଲି—ନା ମୋତେ ଭୋକ ଲାଗୁଛି, ଆଗେ ଦେଇଯା । ହଠାତ୍ ମା' କହିପକାଇଲା—"ରୋଜଗାର କରି ଆଣି ଥୋଇ ଦେଇଛୁ ?" ମା' ଗାଧୋଇବାକୁ ଗଲା । ଏଣେ ମୁଁ ଘର ଛାଡ଼ି ଦାଣ୍ଡକୁ ବାହାରିଲି ।

ଯାଉ ଯାଉ ଫକୀରମୋହନ ସେନାପତିଙ୍କ ସାଙ୍ଗରେ ଦେଖା ହେଲା ତାଙ୍କର ବାସଭବନ ମଲ୍ଲିକାଶପୁରରେ । ମୁଁ ଯେତେବେଳେ ତାଙ୍କୁ କହିଲି ଯେ ମୁଁ କଟକ ଯାଉଛି, ସେତେବେଳେ ସେ ମୋତେ କହିଲେ, "ଏତେ ଖରାରେ ବାହାରିଛୁ, ଆଉ ପୁଣି କଟକ ଯିବୁ ?" ମୋତେ ସେ ସେଥିରୁ ନିବର୍ତ୍ତାଇବାକୁ ଚେଷ୍ଟା କଲେ । ମୁଁ କିନ୍ତୁ ଦୃଢ଼ପ୍ରତିଜ୍ଞ । ସେତେବେଳେ ସେ କହିଲେ, "ନଖି, ମୁଁ ବି ଥରେ କଟକ ପର୍ଯ୍ୟନ୍ତ ଚାଲି ଚାଲି ଯାଇଥିଲି ।" ମୁଁ କହିଲି, "ତେବେ ମୋତେ କାହିଁକି ମନା କରୁଛନ୍ତି ?"

ଫକୀର ମୋହନ ବାବୁ ଥିଲେ ତାଳପତ୍ର ସିପାହୀ । ସେ ଥିଲେ ଡେଙ୍ଗା ଏବଂ ମୁଁ ମଧ୍ୟ ସେତେବେଳେ ଡେଙ୍ଗା ହୋଇଥିଲି, ମାତ୍ର ପତଳା ଥିଲି । ଫକୀରମୋହନ ବାବୁ ଯେତେବେଳେ ମୋତେ ତାଳପତ୍ର ସିପାହୀ ବୋଲି କହିଲେ, ମୁଁ ମଧ୍ୟ ତାଙ୍କୁ ଦେଖାଇ କହିଲି, "ଆପଣ ମୋତେ ତାହା ହେବାକୁ ଶିଖାଇଅଛନ୍ତି ।" ଫକୀରମୋହନ ବାବୁ ଆଉ ବ୍ରଜମୋହନ ସେନାପତି ଅଜା ନାତି । ମୁଁ ବ୍ରଜର ସାଙ୍ଗ । ତେଣୁ ସେ ମୋତେ ନାତିହେସ୍ୟ କରନ୍ତି । ଯାହା ହେଉ ମୁଁ ଚାଲିଲି, ଚାଲିଲି ।

ହାତରେ କିଛି ନାହିଁ । ଏକ ବସ୍ତ୍ର, ଛତା ବି ନାହିଁ । ବସ୍ତା ନାମରେ ଜଣେ ବ୍ରାହ୍ମଣ ମୋତେ ଦେଖିଲା; କହିଲା" ଏ ଖରାରେ କୁଆଡ଼େ ଯାଉଛ ? ଛତା ନେଇଯା ।" ମୁଁ ମନା କଲି । ସେ ଜୋର କରି ତା ଛିଣ୍ଡା ଛତାଟି ମୋତେ ଦେଲା । ତାକୁ ଧରି ଜଗନ୍ନାଥ ସଡ଼କରେ ଚାଲିଛନ୍ତି ଲକ୍ଷ୍ମୀନାରାୟଣ

Digitized by srujanika@gmail.com

ସାଡ୍ଡ—ଭଗ୍ନ ଯୁବକ, କ୍ଷୁଧାର୍ତ୍ତ, ଦିଗନ୍ତ ଶୂନ୍ୟ ଦେଖି ଦେଖି । ଭଗ୍ନ ଖଗ୍ନ । ପ୍ରଥମ ଦିନ ୪୨ ମାଇଲ ଗ୍ଲି ଭଦ୍ରକରେ ପହଞ୍ଚିଲି । ସେଠି ସେଦିନ ରାତିରେ ମହେଶ ଚୌଧୁରୀ ପାଖରେ ରହିଲି । ତହିଁଆରଦିନ ପୁଣି ଜଗନ୍ନାଥ ସଡ଼କରେ ଗ୍ଲିଲି, ଆସିଲି ମଧୁପୁର । ସେ ପୁଣି ଅଠର ଗ୍ଲିଶ ମାଇଲ କି ଏହିପରି କିଛି ହେବ । ରାତି ଦଶଟାରେ ଗୋଟିଏ ମଠରେ ପହଞ୍ଚିଲି । ବାରଟା ବେଳକୁ ଦି'ଟା ପ୍ରସାଦ ମିଳିଲା । ତହିଁଆର ଦିନ କଟକ ଅଭିମୁଖେ । ତୃତୀୟ ଦିନ ଉପରଓଳି ମହାନଦୀ କୂଳରେ ଉପସ୍ଥିତ—ଯେଉଁଠି ବାରବାଟୀ । ସେଦିନ ରାତିରେ ସେହି ମହାନଦୀ କୂଳରେ ଶୋଇଲି । ତହିଁଆରଦିନ ଖୋଜିଲି ଲାଲ ପ୍ରତାପନାରାୟଣ ରାୟଙ୍କୁ । ସେ ବାଲେଶ୍ବର ଯାଇଥିଲେ, ଆମ ଘରେ ଥିଲେ । ମୁଁ ଭାବିଲି, ସେଠିକି ଯାଏ । କିନ୍ତୁ ଦେଖିଲି ଯେ ପ୍ରତାପ ବାବୁଙ୍କର ବଡ଼ ଦୁଃଖ । ତେଣୁ ସେହି ମହାନଦୀ କୂଳକୁ ଫେରି ଆସିଲି । ତିନିଦିନ କେବଳ ମହାନଦୀ କୂଳରେ ମହାନଦୀ ପାଣି ପିଇ ରହିଲି । ଏ ୧୯୧୨।୧୩ର କଥା ।

ଟିଉସନ ମାଷ୍ଟରୀ

ଗ୍କିରୀ ଖୋଜା ଗ୍ଲିଥାଏ । ଏଣେ ମାଷ୍ଟରୀ ଖୋଜୁଥାଏ । ୬ କ୍ଷୀରୋଦ ଚନ୍ଦ୍ର ରାୟଚୌଧୁରୀ Star of Utkal ବାହାର କରୁଥିଲେ । ସେଥିରେ ଦେଖିଲି ଯେ ତାଙ୍କର ପିଲାଙ୍କୁ ପଢ଼ାଇବା ପାଇଁ ଗୋଟିଏ ମାଷ୍ଟର ଦରକାର । ମୁଁ ଯାଇଁ ତାଙ୍କ ସମ୍ମୁଖରେ ହାଜର ହେଲି । ସେ କହିଲେ, "କି ଚାଓ ?" ମୁଁ କହିଲି, "ଆପଣଙ୍କ ପିଲାଙ୍କ ପାଇଁ Private tutor ଦରକାର—ତେଣୁ ଆସିଛି ।" ସେ ପଗ୍ଋରିଲେ, "କଣ ପଢ଼ିଛ ?" ମୁଁ କହିଲି "Intermediate" । ସେ କହିଲେ "ମୋ ପିଲା Ravenshaw collegiate Schoolରେ first classରେ ପଢ଼ୁଛି । Mathematics ପଢ଼ାଇ ପାରିବ ?" ମୁଁ କହିଲି, ମୁଁ ମଧ ଇଞ୍ଜିନିୟରିଂ କଲେଜରେ ବି. ଏସ୍‌ସି. Mathematics ପଢ଼ିଛି । ସେ କହିଲେ, "ପଢ଼ାଇ ପାରିବେ କି ନା ?" "ପଢ଼େଇ ନ ପାରିଲେ ତଡ଼େଇ ଦେବେ ।

ତେଣୁ ସେ କହିଲେ, "ଆମାର ଗ୍ଋରିଟି ଛେଲେ, ଆଠଟି ଟାକା ଦେବ, ଦୁ' ଘଣ୍ଟା ପଢ଼ାଇତେ ହବେ । ପାରବେ ?" ମୁଁ କହିଲି, "ଆମି ଅଢ଼ାଇଘଣ୍ଟା ପଢ଼ାବ ।" ସେ ଭାବିଲେ, ଏ ପାଗଳ ନା କଣ ? ମୋତେ ନିରୀକ୍ଷଣ କଲେ । ମୁଁ କହିଲି "ତିନିଘଣ୍ଟା ପଢ଼ାବ ?" ସେ ଆହୁରି ମୋତେ ଗ୍ଋହିଁଲେ, ମୁଁ ହୁଏତ

Digitized by srujanika@gmail.com

ପାଗଳ ହୋଇଥିବ । ମୁଁ କହିଲି, ଅତ ଚିନ୍ତାକରନ୍ତୁ ନାହିଁ—ଆମ୍ଭେ ସାଢ଼େ ତିନଘଣ୍ଟା ପଢ଼ାଇବ; କିନ୍ତୁ ଯେଉଁଦିନ ଭଲ ଗୃହଶିକ୍ଷକ ଏକଟା ପାଇବ, ସେଦିନ ଛାଡ଼ିଦେବ ।" ସେ ମୋର କଥାର ମର୍ମ ବୁଝିଲେ । ମୁଁ ତାହାଙ୍କୁ ଆଉ ଦିନ ପଢ଼ାଇବାକୁ ଆରମ୍ଭ କଲି । ଏଣେ ଦୁଇ ତିନି ଦିନ ମଧ୍ୟରେ ମିଶନସ୍କୁଲରେ ପଚିଶ ଟଙ୍କାରେ ଗୃହଶିକ୍ଷକ ମିଳିଲା । ମୁଁ କ୍ଷୀରୋଦ ବାବୁଙ୍କୁ କହିଲି, "ଏଥର ଆପଣଙ୍କ ଘର ଗୃହଶିକ୍ଷକ ଛାଡ଼ିବି । କାଲି ପଚିଶ ଟଙ୍କାରେ ଗୋଟିଏ ଗୃହଶିକ୍ଷକ ମିଳିଛି ମୋତେ ।" ସେ କହିଲେ, "ଦଶଟଙ୍କା ଦେବି ।" ଦୁଇ ତିନିଦିନ ପରେ ମୋତେ ଗୋଟିଏ ଟ୍ୟୁସନ ମିଳିଲା । ମାସକୁ ପନ୍ଦରଟଙ୍କା । ପୁଣି କ୍ଷୀରୋଦ ବାବୁଙ୍କୁ କହିଲି, "ଗୃହଶିକ୍ଷକ ଛାଡ଼ିଦେବି ।" ସେ କହିଲେ, "ପନ୍ଦର ଟଙ୍କା ଦେବି ।" ଏହି ପନ୍ଦର ଟଙ୍କାରେ ତିନି ଚାରି ମାସ କ୍ଷୀରୋଦ ବାବୁଙ୍କ ଘରେ ଗୃହଶିକ୍ଷକ କଲି । ତା ପରେ ମୋତେ କୋଡ଼ିଏଟଙ୍କାରେ ଟ୍ୟୁସନ ମିଳିଲା । ପୁଣି କହିଲି, ଗୃହଶିକ୍ଷକ ଛାଡ଼ିବି ଆପଣଙ୍କ ଘରୁ । ସେ କହିଲେ, "କୋଡ଼ିଏ ଟଙ୍କା ଦେବି ।" ତାର କିଛିଦିନ ପରେ ତିରିଶ ଟଙ୍କାରେ ଟ୍ୟୁସନ ମିଳିଲା । ପୁଣି କହିଲି ଛାଡ଼ିବି । କ୍ଷୀରୋଦ ବାବୁ କହିଲେ, "ଆଉ ଦେଇ ପାରିବନି, ତୁମେ ଭଲ ପଢ଼ାଉଛ । ଆଉ ଏକଟି ଭଲ ମାଷ୍ଟର ଆମମାନଙ୍କୁ ଦିଅ ।"

ଏହା ପରେ ମୋତେ ଅନେକ ଟ୍ୟୁସନ ମିଳିଲା । ମୁଁ ମାସକୁ ଟ୍ୟୁସନରୁ ଦେଢ଼ଶ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିଲି । ଏଆଡ଼େ ଏତେ ଟ୍ୟୁସନ ସେଆଡ଼େ ପିଲଙ୍କ ସାଙ୍ଗେ ଗ୍ରେଟ ଠାରୁ ବଡ଼ ପେଣ୍ଟ ଗଡ଼ାଇବା, ପୁଣି ତା'ର ଭିତରେ ବିଦ୍ୟାରତ୍ନ, ତତ୍ତ୍ୱନିଧି, ବି ଏ , କାବ୍ୟ ବିନୋଦ ଇତ୍ୟାଦି ପାସ୍ କରିବା ବନ୍ଦୁଛିନି କଟକ ମିଶନ ସ୍କୁଲରେ ଗୃହବର୍ଷ ମୋ ଜୀବନରେ କାର୍ଯ୍ୟର ଗୋଟିଏ ସ୍ୱତନ୍ତ୍ର ହୋଇଥିଲି, ତାହା ଆଜିପର୍ଯ୍ୟନ୍ତ ଭୁଲି ନାହିଁ ।

ମିଶନ ସ୍କୁଲରେ ଶିକ୍ଷକତା

ମୁଁ କଟକ ମିଶନ ସ୍କୁଲରେ ମାଷ୍ଟର କରୁଥିଲି ୧୯୧୬ରୁ ୧୯୧୭ ପର୍ଯ୍ୟନ୍ତ । ସେହି ସମୟରେ W. V. Duke ନାମରେ ଜଣେ ଇନସପେକ୍ଟର ଅଫ୍ ସ୍କୁଲସ୍ ଥିଲେ । ସେ ଦିନେ ଆସି ମିଶନ ସ୍କୁଲରେ ପହଞ୍ଚିଲେ । ମୋ କ୍ଲାସକୁ ଗଲେ । ମୁଁ ଭୂଗୋଳ ପଢ଼ାଉଥିଲି । ସେ ମୋତେ ପଚାରିଲେ, ମୁଁ କଣ ପଢ଼ାଉଛି ? ମୁଁ କହିଲି, ଆମେରିକା । ସେ କହିଲେ, ପଢ଼ାଅ । ମୁଁ ଯେତେବେଳେ ପଢ଼ାଇଲି ଯେ, ଏହି ଯେ ନାଲି ଅଂଶ ଉପରେ ଦେଖୁଛ, ତାହା କାନାଡ଼ା । ମାନଚିତ୍ରରେ

Digitized by srujanika@gmail.com

ଯା'ହା ନାଲି ତାହା ବ୍ରିଟିଶ୍‌ର । ଅତଏବ କାନାଡା ବ୍ରିଟିଶ୍‌ର । କିନ୍ତୁ ତାହା ତଳକୁ ଯେଉଁ ରଙ୍ଗ ଅଛି ତାହା ଶାଗୁଆ । ସେହି ଅଂଶର ନାମ ୟୁନାଇଟେଡ ଷ୍ଟେଟସ୍ ଅଫ୍ ଆମେରିକା । ଏହି ଅଂଶଟି ମଧ୍ୟ ବ୍ରିଟିଶ୍‌ର ଅଧୀନରେ ଥିଲି । କିନ୍ତୁ ବ୍ରିଟିଶ୍ ଜୋର ଜବରଦସ୍ତି ଏମାନଙ୍କ ଉପରେ ଗ୍ର' ଟ୍ୟାକ୍‌ସ ବସାଇଲା । ସେମାନେ କହିଲେ, 'No taxation without representation.' ସ୍ୱାଧୀନତାର ଯୁଦ୍ଧ ଆରମ୍ଭ ହେଲା । ଇଂରେଜମାନେ ହାରିଗଲେ । ଯୁକ୍ତରାଷ୍ଟ୍ର ଆମେରିକା ସ୍ୱାଧୀନ ହେଲା । ରଙ୍ଗ ବଦଳି ଗଲା । ନାଲିରୁ ଶାଗୁଆ ହେଲା ।

ଏହା ଶୁଣି Duke ତାଡ଼ ଉଠିଲେଣି । ତା ପରେ ମୁଁ ଯେତେବେଳେ ମେକ୍‌ସିକୋ ପାଖକୁ ଆସିଲି ଏବଂ କହିଲି, ବୁଝିଲ, ଏହି ମେକ୍‌ସିକୋ ଭିତରେ ଏତେ ଭିଡ଼ାଭିଡ଼ି କାହିଁକି ବିଭିନ୍ନ ଦେଶର ଲୋକମାନଙ୍କର ? ଏଠାରେ ସୁନା ରୂପାର ଖଣି ସମସ୍ତଙ୍କୁ ଟାଣୁଛି । ଏଥିପାଇଁ ଏତେ ଠେଲାଠେଲି । କିନ୍ତୁ ଏହି ଠେଲାଠେଲିରୁ ବ୍ରିଟିଶ୍ ସିଂହ ଏତକ ପାଇଲା କାହିଁକି ? ଆଉ ସ୍ପେନ୍ ଏତେ ପାଇଲା କିପରି ?

ମୁଁ କହିଲି, ସ୍ପେନ୍ ଯେତେବେଳେ ଖୁବ ଉନ୍ନତି କରିଥିଲା ସେତେବେଳେ ଇଂଲଣ୍ଡର ଲୋକେ ଏତେ ସଭ୍ୟ ହୋଇ ନ ଥିଲେ । ଅନେକ ସେତେବେଳେ ବୃକ୍ଷ କୋଟରରେ ବାସ କରୁଥିଲେ । ଏତକରେ କ୍ରୁଦ୍ଧ ହୋଇ ସେ ମୋତେ କହିଲେ, "Will you stop please ?" ଅର୍ଥାତ୍ ବନ୍ଦ କରିବେ କି ? ମୁଁ ବନ୍ଦ କଲି ।

ତା ପରେ ସାହେବ ରିଗି ମନ୍ତବ୍ୟ-ବହିରେ ଲେଖିଲେ—Either the teacher does not know how to teach or he is too arrogant to teach geography. ଅର୍ଥାତ୍ ହୁଏତ ଶିକ୍ଷକ କିପରି ଭୂଗୋଳ ପଢ଼ାଇବାକୁ ହୁଏ ଜାଣନ୍ତି ନାହିଁ କିମ୍ବା ସେ ଅତି ଉଦ୍ଧତ ।

ଆସ କରୁଣାକର, ମୋ କାନ ମୋଡ଼

ଶିକ୍ଷକ ହିସାବରେ ମୁଁ ଗ୍ରୁବଙ୍କୁ ପଢ଼ାଇବାକୁ ଅଯୋଗ୍ୟ । କିନ୍ତୁ ଚତୁର ଗ୍ରୁବ ହେଲେ ପଢ଼ାଇବାକୁ ମୋର ବଡ ଖୁସି । ମୁଁ ମିଶନ୍ ସ୍କୁଲରେ ଶିକ୍ଷକତା କଲାବେଳେ କରୁଣାକର କରକୁ (ଯେ କି ରେଭେନ୍‌ସା କଲେଜରେ ସମ୍ଭବତଃ ସବୁଠାରୁ ବଡ଼ ଅଧ୍ୟାପକ ହୋଇଛନ୍ତି) ପଢ଼ାଉଥିଲି । କରୁଣାକର ଇଂରାଜୀ

Digitized by srujanika@gmail.com

ଡେଶରେ ପଢ଼ିଲା । ସେ କାବ୍ୟ ପ୍ରଥମ ପର୍ଯ୍ୟନ୍ତ ମିଶନ୍ ସ୍କୁଲରେ ଭର୍ତ୍ତି ହେବା ବେଳକୁ ପଢିଥିଲା । ଏବେ ମୁଁ ଇଂରାଜୀ ପଢ଼ାଉଛି ମିଶନ୍ ସ୍କୁଲରେ ନବମ ଶ୍ରେଣୀରେ, କରୁଣାକର କହି ପାରିଲା ନାହିଁ । ମୁଁ ବିରକ୍ତ ହୋଇ ତା କାନ ମୋଡ଼ିଦେଲି ଏବଂ ବେଞ୍ଚ ଉପରକୁ ଠିଆ କରାଇ ଦେଲି । କରୁଣାକରର ବୟସ ହୋଇଥାଏ । ସୁତରାଂ ବଡ଼ କ୍ଷୁବ୍ଧ ହେଲା । ଏବେ ପଣ୍ଡିତ ମହାଶୟ ଆସି ନ ଥାନ୍ତି । ହେଡମାଷ୍ଟ୍ରେ ସେହି ନବମ ଶ୍ରେଣୀକୁ ଯାଇ କ୍ଲାସ୍ ନେବାକୁ କହିଲେ । ସଂସ୍କୃତ ପିରିୟଡ୍ । ମାତ୍ର ହେଡ଼୍‌ମାଷ୍ଟର କହିଲେ—ଆପଣ ଯେପରି ହେଉ କ୍ଲାସକୁ Engage କରି ରଖନ୍ତୁ । କିନ୍ତୁ ମୁଁ ସଂସ୍କୃତ ପଢାଇବାର ଔଚିତ୍ୟ କଲି । ପଢାଉ ପଢାଉ ଗୋଟିଏ ଶବ୍ଦର ପ୍ରକୃତି ପ୍ରତ୍ୟୟ ପଚାରିଲି । କରୁଣାକର କଅଣ ଏକ ଲ୍ୟୁଙ୍ ପ୍ରତ୍ୟୟ କଲା । ମୁଁ ଆକାଗ୍ରହା ହୋଇଗଲି । ଯେପରିକି ନିଃଶ୍ୱାସ ରୁଦ୍ଧ—ପାଣିରେ ବୁଡ଼ିଯିବା ପରି ଅନୁଭବ କଲି । ସେଦିନ କରୁଣାକରକୁ ସ୍କୁଲ ଛୁଟି ପରେ ପାଖକୁ ଡ଼ାକି ପଚାରିଲି, ତୁମେ କେତେ ଦୂର ସଂସ୍କୃତ ପଢ଼ିଛ ? ସେ କହିଲା କାବ୍ୟ ପ୍ରଥମ । ମୁଁ କରୁଣାକରକୁ କହିଲି ମୋ କାନ ମୋଡ଼ିବାକୁ । ସେ ମୋଡିଲା ନାହିଁ । ମାତ୍ର ମୁଁ ଜବରଦସ୍ତି ତାହା ହାତକୁ ମୋ କାନ ପାଖକୁ ନେଇଗଲି ଏବଂ ମୋଡ଼ାଇଲି । ତା ପରେ କହିଲି-କରୁଣାକର, ତୁମେ ମୋତେ ସଂସ୍କୃତ ପଢାଅ; ଆଉ ମୁଁ ତୁମକୁ ଇଂରାଜୀ ପଢାଇବି । ତାହାହିଁ ହେଲା । କିନ୍ତୁ କରୁଣାକର ଥାଏ ଅନ୍ୟତ୍ର, ମୁଁ ଥାଏ ଅନ୍ୟତ୍ର । ଏହା ସୁବିଧାଜନକ ହେଲା ନାହିଁ । ସୁତରାଂ ସେ ଓ ମୁଁ ସାଙ୍ଗ ହୋଇ ରହିଲୁ ଦିନାକେତେ ତାଙ୍କ ଶେଖ୍-ବଜାର ମେସ୍‌ରେ । ତା ପରେ କରୁଣାକର, ମୁଁ, ଗୋବିନ୍ଦ ଓ ବୃନ୍ଦାବନ ଏହି ଚାରିଜଣ ପୃତାହାଟ ମନ୍ଦିରରେ ରହିଲୁ ଏକାଠି । ଗୋବିନ୍ଦ ଓ କରୁଣାକର ସଙ୍ଗାତ ବସିଥିଲେ । ବୃନ୍ଦାବନ (ଶତପଥୀ) ମୋର ବଡ଼ ପ୍ରିୟ ହୋଇଥାଏ । କରୁଣାକରକୁ ସ୍ନେହ ଓ ଶ୍ରଦ୍ଧା କରୁଥାଏ । ଗୋବିନ୍ଦ ସାଙ୍ଗରେ ମୋର ପ୍ରେମ ଓ କଳହ—କେତେ କାନ୍ଦ କେତେ ପ୍ରେମ । ଆହା ! ବିଚରା ଗୋବିନ୍ଦ ପାଗଳ ହୋଇ ମରିଗଲା । ସେ ମିଶନ ହାଇସ୍କୁଲରେ ଦଶମ ଶ୍ରେଣୀକୁ ଉଠିଥାଏ । ଏହି ସମୟ ମଧ୍ୟରେ ବ୍ୟାକରଣତୀର୍ଥ ପାଶ୍ କଲି ୨୦ଦିନ ମଧ୍ୟରେ । କରୁଣାକର ସାହସ କଲା ନାହିଁ । ମାୟାଧର ଦାସ (ମିଶନ୍ ସ୍କୁଲର ପଣ୍ଡିତ) ମଧ୍ୟ ସାହସ କଲେ ନାହିଁ ।

ମିଶନ ସ୍କୁଲରେ ଶିକ୍ଷକତା କଲାବେଳେ ଗଧ ପିଲାଙ୍କୁ ପଢ଼ାଇବାରେ ମୋ ର ଧୈର୍ଯ୍ୟ ରହୁ ନ ଥିଲା । କେତେ କେତେବେଳେ ମାରି ଦେଉଥିଲି । କିନ୍ତୁ ମନରେ ମୋର ବଡ଼ କ୍ଷୋଭ ହେଉଥାଏ । ଶେଷରେ ଦେଖିଲି ଯେ ସେମାନଙ୍କୁ

Digitized by srujanika@gmail.com

ସେମାନଙ୍କ ଶକ୍ତି ଅନୁସାରେ ଅଗ୍ରସର ହେବାକୁ ଦେବା ଉଚିତ । ମାତ୍ର ଏଥିର ଫଳ ହେଲା ଖାଲି ଫୁଟବଲ ମ୍ୟାଚ୍ । ଏହି ଗଧା ପିଲାମାନଙ୍କୁ ଯେତେବେଳେ ଦେଖିଲି ତାଙ୍କ ସଙ୍ଗରେ ମୁଁ ମଧ୍ୟ ସାଥୀ ହେଲି । ସେତେବେଳେ ମିଶନ୍ ସ୍କୁଲ— ମୋସ୍‌ଲେମ୍ ସେମିନାରୀ; ମିଶନ, ଏକାଡେମୀ ଦଶମ ଶ୍ରେଣୀ ଏହିପରି ମ୍ୟାଚ୍ ହେଉଥାଏ । ଆଉ ଗୋଟିଏ କଥା ହେଲା । ପ୍ରତିବର୍ଷ ମୋତେ ଗୋଟାଏ ବିଷୟ ପଢ଼ାଇବାକୁ ଇଚ୍ଛା ହେଲା ନାହିଁ । There are twenty-six letters in English Alphabet, namely a, b, c etc. କେତେଥର କହିବ ? ଶେଷରେ ହେଡ୍‌ମାଷ୍ଟରଙ୍କୁ କହିଲି ମୋର ବିଷୟ ବଦଳାଇ ଦେବା ପାଇଁ । ଫଳରେ ମୁଁ ଗୋଟିଏ ବର୍ଷ ଭୂଗୋଳ ପଢ଼ାଇଲି ଉପରୁ ତଳ ପର୍ଯ୍ୟନ୍ତ— ଆଉ ଗୋଟିଏ ବର୍ଷ ଇତିହାସ । ଅନ୍ୟ ବର୍ଷ ଅଙ୍କ । ପୁଣି ତା ଆର ବର୍ଷ Retranslation—ଏହିପରି ଏଥିରେ ମୋର ବଡ଼ ଆନନ୍ଦ ହେଉଥାଏ ଏବଂ ମୁଁ ବ୍ୟାକରଣ, ଭୂଗୋଳ, ଇତିହାସ ଇତ୍ୟାଦି ସମ୍ବନ୍ଧରେ ନାନାପ୍ରକାର ପୁସ୍ତକ ପଢ଼ୁଥାଏ ।

ଘର ମେ ଚରାଗ୍ ନେଇଁ, ମସ୍‌ଜିଦ୍ ମେ ଚରାଗ୍

ଏହି ଶିକ୍ଷକତା କରୁଥିଲାବେଳେ ମୁଁ ଛାତ୍ରମାନଙ୍କୁ ବରାବର କହେ— ସ୍କୁଲର ଘର କାନ୍ଥ ଗ୍ରନ୍ଥି ଖୋଲିଆସ, ବାହାର ଦୁନିଆକୁ ବାହାରି ଆସ । ସବୁ ଦେଖ, ଶୁଣ, ଶିଖ, ଉପଭୋଗ କର । ଖାଲି ଘର ଭିତରେ ବନ୍ଦୀ ଧରି ବସିଲେ ହେବ ନାହିଁ । ଏ ବିଶ୍ୱ ହିଁ ଏକ ବିଦ୍ୟାଳୟ । ହୃଦୟ ଉନ୍ମୁକ୍ତ କରିଦିଅ । ସବୁ ଜିନିଷକୁ ସ୍ପର୍ଶ କରିବ । ମୁଁ ବରାବର ସେମାନଙ୍କୁ ତିଳକ, ଗୋଖଲେ, ଗାନ୍ଧୀ, ଅରବିନ୍ଦ ପ୍ରଭୃତିଙ୍କ ସମ୍ବନ୍ଧରେ ନାନା କଥା କହେ । ସେଥିପାଇଁ କେବଳ ମୋ ଶ୍ରେଣୀର ପିଲା ନୁହେଁ ସବୁ ଶ୍ରେଣୀର ପିଲାମାନେ ମୋ ଆଡ଼କୁ ଆକୃଷ୍ଟ ହୁଅନ୍ତି । ଦେଶର କଥା, ବିଖ୍ୟାତ ଲୋକଙ୍କ କଥା ଶୁଣିବା ପାଇଁ ପିଲାମାନେ ବଡ଼ କୌତୂହଳ ପ୍ରଦର୍ଶନ କରନ୍ତି । ଆଉ ଗୋଟିଏ କଥା । ପିଲାଙ୍କର ଏହି Adolescent ସମସ୍ୟାଟା ବଡ଼ ମହତ୍ତ୍ୱପୂର୍ଣ୍ଣ ଏବଂ ଏହି ସମସ୍ୟାଟା ଖୁବ୍ ସାବଧାନରେ କଟାଇବା କଥା । କିନ୍ତୁ ଅନ୍ୟାନ୍ୟ ଶିକ୍ଷକମାନେ ପିଲାମାନଙ୍କୁ Sex ସମ୍ବନ୍ଧରେ କିଛି କହିବାକୁ ରାଜି ହୁଅନ୍ତି ନାହିଁ । ମୁଁ କିନ୍ତୁ ତାଙ୍କ ସହିତ ଏ ସବୁ ବିଷୟରେ ଖୁବ୍ ଘନିଷ୍ଠ ଭାବରେ କଥାବାର୍ତ୍ତା କରେ । ସେଥିପାଇଁ ଅନେକ ପିଲା ମୋତେ ତାଙ୍କ ଜୀବନର ଭିତର କଥା କହିଛନ୍ତି । ପିଲାମାନଙ୍କ ଚରିତ୍ର ସାଙ୍ଗ ଦ୍ୱାରା ଯେତେ ପ୍ରଭାବିତ ହୁଏ, ଅନେକ ସମୟରେ ଗୋଟିଏ ଗୋଟିଏ

Digitized by srujanika@gmail.com

ଚରିତ୍ରହୀନ ଶିକ୍ଷକ ଦ୍ୱାରା ତା ଠାରୁ ଅଧିକ ସ୍ପନ୍ଦିତ ହୁଏ । ଏହା ଅନୁଭବ କରିଛି ମୁଁ । ମୁଁ ନିଜେ ବାଲେଶ୍ୱର ଜିଲ୍ଲାସ୍କୁଲରେ ପଢ଼ୁଥିଲା ବେଳେ ଏକ ମନରୁଦ୍ଦିନ୍ ମାଷ୍ଟର ଯେ କେତେ ଛାତ୍ରଙ୍କୁ ନଷ୍ଟ କରିଥିଲେ ତାହା କହି ହେବ ନାହିଁ । ଏହି ମନରୁଦ୍ଦିନଙ୍କ ସହିତ ମୋର ବିରୋଧ ହୋଇଥିଲା କେବଳ ଗୋଟିଏ କାରଣରୁ; ଛୁଟିରେ ମୁଁ ତାଙ୍କ ଘରକୁ ଯାଏ ନାହିଁ ବୋଲି । ଅନ୍ୟ ପିଲାମାନେ ଯାଆନ୍ତି । ଅବସ୍ଥା ଏପରି ହେଲା ଯେ ସେ ମାଷ୍ଟରଙ୍କୁ ମାରିବା ପାଇଁ ବାହାରି ପଡ଼ୁଥିଲି । ଅଥଚ ସେ ମାଷ୍ଟରଟି ପଢ଼ାଉ ଥିଲେ ଭଲ ।

ଗୋବିନ୍ଦ ମିଶ୍ରଙ୍କ ସାର୍ଟିଫିକେଟ

ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର କଟକ ମିଶନ ସ୍କୁଲରେ ମୋର ଛାତ୍ର ଥିଲି । ସେ ତା'ର "କାଶୀସ୍ଥ ଜୀବନର ଆତ୍ମପ୍ରକାଶ" ଗ୍ରନ୍ଥରେ ମୋ ସମ୍ପର୍କରେ ଲେଖିଛି—(ଆଜି ଗୋବିନ୍ଦ M.P)

"ଏହି ସମୟରେ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ମିଶନ ସ୍କୁଲର ଶିକ୍ଷକ ଥାଆନ୍ତି । ସେ ବର୍ତ୍ତମାନ ଭାରତ ସେବକ ସମିତିର ଜଣେ ସଭ୍ୟ । କିନ୍ତୁ ସେତେବେଳେ ସେ ଆଇ ଏ. ମାତ୍ର ପାସ୍ କରିଥିଲେ । ଏହି ମିଶନ ସ୍କୁଲରେ ଶିକ୍ଷକ ଥାଇ ବି ଏ. ପରୀକ୍ଷା ଦେଇ ସେ ବି.ଏ ଉପାଧି ପ୍ରାପ୍ତ ହେଲେ । ଲକ୍ଷ୍ମୀନାରାୟଣ ବାବୁ ସବୁ ବିଷୟରେ ଛାତ୍ରମାନଙ୍କୁ ଉତ୍ସାହ, ଉତ୍ତେଜନା ଦେବା ବ୍ୟକ୍ତି । ସେ ଯାହା ଭାବିଥିବେ ତାହା କରିପିବେ । ଏଥିପାଇଁ ଦୁନିଆଁ କଣ କହୁଛି, ସେଥିକୁ ତାଙ୍କର ଭ୍ରୂକ୍ଷେପ ନ ଥାଏ । ଏହି ସମ୍ବନ୍ଧରେ ସେ ଖଣ୍ଡେ ବହି ଲେଖି "ଲେଖକ କାଠରେ ପାଣି" ବୋଲି ପ୍ରକାଶ କରିଥିଲେ । ମିଶନ ସ୍କୁଲର ପଣ୍ଡିତ ଦୀନବନ୍ଧୁ ଦାସ ସଂସ୍କୃତ ହେଡ୍ ପଣ୍ଡିତ । ଶ୍ରୀଯୁକ୍ତ ଦୈତାରି ମିଶ୍ର ଓଡ଼ିଆ ଶିକ୍ଷକ ଓ ମିଶନ ହିନ୍ଦୁ ହଷ୍ଟେଲର ସୁପରିନ୍‌ଟେଣ୍ଡେଣ୍ଟ୍ । ଏହି ଦୁଇ ଜଣ ଲକ୍ଷ୍ମୀନାରାୟଣବାବୁ ଏପରି ନିଜକୁ କାଠରେ ପାଣି ବୋଲି ଲେଖି ଥିବାରୁ ତାହାଙ୍କ ପ୍ରତି ସାମାଜିକ କଠୋର ନିୟମ ପ୍ରୟୋଗ କରିଥିଲେ । ଲକ୍ଷ୍ମୀନାରାୟଣବାବୁଙ୍କ ସହିତ ହିନ୍ଦୁ ଛାତ୍ର ଯେଉଁମାନେ ମିଳାମିଶା କରନ୍ତି, ସେମାନଙ୍କୁ ମଧ୍ୟ ଏହି ଦୁଇ ଶିକ୍ଷକ ଭଲ ଦୃଷ୍ଟିରେ ଦେଖନ୍ତି ନାହିଁ । କିନ୍ତୁ ଆମ୍ଭେମାନେ କିଛି ନ ମାନି ଲକ୍ଷ୍ମୀନାରାୟଣବାବୁଙ୍କ ସହିତ ମିଳାମିଶା କରୁଁ । ଅନେକ ସମୟରେ ସେ ଆସି ଆମ୍ଭର ଏହି ଗୁପ୍ତ ସମାଜରେ ଯୋଗ ଦେଇ ନାନା କଥା ଆଲୋଚନା କରନ୍ତି । ଦିନେ ଦିନେ ଆମ୍ଭେମାନେ କେତେ ଖରା ସହି ପାରିବା ଏହା ପରୀକ୍ଷା କରିବା ପାଇଁ ଲକ୍ଷ୍ମୀନାରାୟଣ ବାବୁଙ୍କ ସହିତ ଖରାରେ ଖାଲି ଗୋଡ, ଖାଲି ମୁଣ୍ଡରେ ବୁଲୁଁ ।

Digitized by srujanika@gmail.com

ଲକ୍ଷ୍ମୀନାରାୟଣ ବାବୁଙ୍କୁ ସମସ୍ତେ କହନ୍ତି ପାଗଳା । ତାଙ୍କ ସହିତ ଆମ୍ଭେମାନେ ମଧ୍ୟ ଏକ ପ୍ରକାର ପାଗଳା ।''

ଏଇ ସମୟରେ ମୁଁ ପିଲମାନଙ୍କୁ ସମୟ ସମୟରେ ଛୁଟିଦିନ ଦିନ ବାରଟା ଗୋଟାଏ ପର୍ଯ୍ୟନ୍ତ ବୁଲାଏ । ଦିନକର କଥା ମନେ ଅଛି । ପିଲମାନଙ୍କୁ ସକାଳ ଛଅଟାରେ ସାଙ୍ଗରେ ନେଇ ପ୍ରଥ ମାଷ୍ଟରଙ୍କ ଘରକୁ ଯାଇ ଦେଖା କରେଇଲି । ସମସ୍ତେ ଡ୍ରିଲ ଅର୍ଡ଼ର ବାଟରେ ଚାଲୁଥାନ୍ତି । ତାପରେ କଟକଚଣ୍ଡୀକୁ ହିଡ଼ହିଡ଼ ଘାଟ ଦେଇ ଖାନ୍ନଗର । ସେଠି ଜୋତା କାରଖାନା—ଏହିପରି ବାଟରେ ନାନା କଥା ଦେଖି ଦେଖି ଆମେ ଆସିଲୁ ମହାନଦୀ କୂଳକୁ । ସେତେବେଳକୁ ପିଲମାନଙ୍କୁ ଭାରି ଭୋକ କରଥାଏ । ମୁଁ ପୁରି ମିଠା ଇତ୍ୟାଦି ବନ୍ଦୋବସ୍ତ କରାଇ ଥାଏ । ସମସ୍ତେ ମହାନଦୀରେ ଗାଧୋଇ ପହଁରି ତା ପରେ ଜଳଖିଆ ଖାଇ ଯେ ଯା ବସାକୁ ଫେରିଲୁ ।

କଟକ ମିଶନ ସ୍କୁଲରେ ଊଣେଇଶ ବାରରୁ ଷୋହଳ ପର୍ଯ୍ୟନ୍ତ ଚାରି ବର୍ଷ ଭିତରେ ମୁଁ ପିଲମାନଙ୍କୁ ଅରବିନ୍ଦ, ଗାନ୍ଧୀ, ତିଲକ, ସୁରେନ୍ଦ୍ର ବାନାର୍ଜି, ମଧୁସୂଦନ ଦାସ ପ୍ରଭୃତିଙ୍କ ଗପ କହେ । ଏହିପରି ସେମାନଙ୍କର ମନୋଭାବ ବଢ଼ାଇଥିଲି ।

ସମାଜରେ ବାସନ୍ଦ

କଟକରେ ମିଶନ ସ୍କୁଲରେ ମାଷ୍ଟରି କରୁଥିଲା ବେଳେ ଦଇତ୍ୟାରି ଦାଶ ବୋଲି ଜଣେ ମାଷ୍ଟର ଥିଲେ । ସେ ବଡ଼ ରକ୍ଷଣଶୀଳ । ମିଶନ ସ୍କୁଲର ଭଲ ଭଲ ଛାତ୍ର ଯଥା—କରୁଣାକର, ହରିଦାନନ୍ଦ ଶତପଥୀ, ରାମଚନ୍ଦ୍ର ଦାଶ, ଗୋବିନ୍ଦ ପଣ୍ଡା ପ୍ରଭୃତି କେତୋଟି ବ୍ରାହ୍ମଣ ଛାତ୍ର ମୋର ଭାରି ପ୍ରିୟ ଥିଲେ । ସେମାନେ ଭଲ ପଢ଼ାପଢ଼ି ମଧ୍ୟ କରୁଥିଲେ । ମୁଁ କିନ୍ତୁ ଖ୍ରୀଷ୍ଟିୟାନ୍ ପିଲଙ୍କ ସହିତରେ ଖୁବ୍ ମିଶେ । ଏହି ବ୍ରାହ୍ମଣ ପିଲମାନେ ସବୁ ସମୟରେ ମୋ ସାଙ୍ଗରେ ଖିଆପିଆ କରନ୍ତି । ଦଇତ୍ୟାରି ବାବୁ ତାହା ସହି ପାରନ୍ତି ନାହିଁ । କଲେଜରେ ପାଠ ପଢୁଥିଲା ବେଳେ ମୁଁ ମୁସଲମାନଙ୍କ ସାଙ୍ଗରେ ଖୁବ୍ ମିଶୁଥିଲି । ଏହି ସବୁ ପାଇଁ ଦଇତ୍ୟାରି ବାବୁ ଦିନେ ମୋତେ ପଚାରିଲେ, ଆପଣ ଗୋରୁମାଉଁସ ଖାଉଛନ୍ତି ? ମୁଁ କହିଲି, ହୁଏତ ଖାଇଥିବି । ସେ କହିଲେ, ତା ହେଲେ ଆପଣଙ୍କୁ ଛୁଇଁବା ଉଚିତ ନୁହେଁ । ପରେ ମୁଁ ଗୋରୁମାଉଁସ ଖାଉଛି ବୋଲି କଥାଟା ଅନେକ ଆଡ଼େ ରାଷ୍ଟ୍ର ହେଲା । ଫଳରେ ଦିନେ ମଧୁପୁର ଯାଇଥିଲି ହରିଦୟାନନ୍ଦର ଘରକୁ । ପୂର୍ବେ ତାଙ୍କ ଘରେ ଏପରି କି ତାଙ୍କ ହାଣ୍ଡିଶାଳରେ ବସି ହରିଦୟାନନ୍ଦ ଓ ମୁଁ ପଖାଳ ଖାଇଛୁ । କିନ୍ତୁ ଏଥର ଘର ଭିତରକୁ ପ୍ରବେଶ କରିବା ନିଷେଧ ହୋଇଗଲା । ଆଉ ଦିନ

Digitized by srujanika@gmail.com

ବାରଟା ବେଳେ ଖାଇବାର ବେଳ ଯେତେବେଳେ ହେଲା, ହୃଦୟାନନ୍ଦଙ୍କ ବାପା ପାଟି କରି କହୁଥାନ୍ତି, ତାକୁ କେଉଁଥିରେ ଖାଇବାକୁ ଦେବୁ ? ଯା ସେ ପିଣ୍ଡାରେ ଭାତ କାଢ଼ି ଦେଇଆ । ହୃଦୟାନନ୍ଦ ଯେତେବେଳେ ଭାତ ବାଢ଼ୁଥାଏ ତାର ଆଖିରୁ ଲୁହ ଝପ୍ ଝପ୍ ହୋଇ ପଡ଼ୁଥାଏ । ମୁଁ ହୃଦୟାନନ୍ଦଙ୍କୁ କହିଲି, ହୃଦୟାନନ୍ଦ, ମୋର କିଛି ଦୁଃଖ ନାହିଁ । ତୁମ ହାତରୁ ଯେତେବେଳେ ଭାତ ପାଉଛି ସେଇ ମୋର ବଡ଼ ଆନନ୍ଦ । ଏହା ପରେ ହିନ୍ଦୁ ଗୋରୁମାଉଁସ ଖାଉଥିଲେ ତାର କି ପ୍ରାୟଶ୍ଚିତ୍ତ ସେ ବିଧି ବ୍ୟବସ୍ଥାପତ୍ର ପୁରୀ ମୁକ୍ତିମଣ୍ଡପରୁ ମଗା ଗଲା । ଉତ୍ତରରେ ଆସିଲା — ଯଦି ଜଣେ ଅଜାଣତରେ ଗୋରୁମାଉଁସ ଖାଇ ଦେଇଥାଏ, ତାହା ହେଲେ ତାର ପ୍ରାୟଶ୍ଚିତ ହେଉଛି ଖଡ଼ାଖଡ଼ି ପାଞ୍ଚଦିନ ପୂର୍ଣ୍ଣ ଉପବାସ । ଏହି କଥା ମୋର ମନରେ ଥାଏ । ଏହି ସମୟରେ ମିଶନ ସ୍କୁଲର କେତେଗୁଡ଼ିଏ ଶିକ୍ଷକ ଗୁରୁ (ସେମାନଙ୍କ ମଧ୍ୟରେ ମୁଁ ମଧ୍ୟ) ଚିଲିକା ଦେଖିବା ପାଇଁ ଯାଇଥିଲୁ । ପ୍ରାଣବଲ୍ଲଭଦେଇପୁର ଷ୍ଟେସନରେ ଓହ୍ଲାଇଲୁ ଏବଂ ସେଠାରେ ସେପାଇବାସ ହେଲା । ମୁଁ ଯେତେବେଳେ କୁଆଡ଼େ ବାହାରକୁ ଯାଇଥାଏ । ଆସି ଦେଖେ ଯେ ଗ୍ରାମର କେତେ ଗୁଡ଼ିଏ ଲୋକ ଭୟଙ୍କର ହଲ୍ଲା କରୁଛନ୍ତି ଆମ ବସାଘର ସାମନାରେ । କାରଣ ବୁଝିବାରୁ ଜାଣିଲି ଯେ ଆମ ଦଳର ଲୋକମାନଙ୍କର ଅଇଁଠା ପତ୍ର ଉଡ଼ିଯାଇ ତାଙ୍କ ଗାଆଁରେ ବିକ୍ଷୁବ୍ଧ ହୋଇଯାଇଛି । ବିଶେଷତଃ ସେ ଅଇଁଠାପତ୍ର ଭିତରୁ ଗୋଟିଏ ମୁସଲମାନ ଓ ଖ୍ରୀଷ୍ଟିୟାନ ମାଷ୍ଟରର ଅଇଁଠାପତ୍ର ଥିଲା । ତାଙ୍କର ରାଗ ଦେଖି ମୁଁ ସାଙ୍ଗେ ସାଙ୍ଗେ କ୍ଷିପ୍ରପ୍ରାୟ ହୋଇ ଅଇଁଠାପତ୍ର ସବୁ ଉଠାଇବାକୁ ଲାଗିଲି ଏବଂ ପଚାରିଲି, ଆଉ କେଉଁଠି କୁହ ? ଆଉ କେଉଁଠି କୁହ ? ତା ପରେ ଗ୍ରାମବାସୀଙ୍କର କୋପ ଶାନ୍ତ ହେଲା । ତା ପରେ ମୋତେ ଯେତେବେଳେ ଆମର ଦଳର ଲୋକେ ଖାଇବାକୁ ଡାକିଲେ, ମୁଁ କହିଲି ନା ଖାଇବିନି ।

ଜାତି ଜାତି ଭେଦ ପୁଣି ହିନ୍ଦୁ ମୁସଲମାନ ଜାତି ଇତ୍ୟାଦି ଭେଦ ଏତେ ବିଭିନ୍ନତା ସୃଷ୍ଟି କରାଯାଇଛି ଯେ ତାକୁ ଦେଖିଲେ ଦୁଃଖ ଆସେ । ମୁଁ ଏ ସମସ୍ତ ଭେଦର ବାହାରେ । ଏହି ସମୟରେ ଆମ ଦଳ ଚିଲିକାରୁ ଫେରି ପୁରୀ, ପୁରୀରୁ ସାକ୍ଷୀଗୋପାଳ, ସାକ୍ଷୀଗୋପାଳରୁ ଭୁବନେଶ୍ୱର ଏବଂ ତା ପରେ କଟକ ଆସିଲୁ । ଏହି ପାଞ୍ଚଦିନ ମୁଁ ଆଉ କିଛି ଖାଇନି ।

ମୋର ମନେ ହେଲା ଯେ ପ୍ରାୟଶ୍ଚିତ୍ତର ଅବସାନ ହୋଇଛି । ତା ପରେ କଟକକୁ ଆସି ଲଣ୍ଡିତ ମୁଣ୍ଡ ହୋଇ ପଣ୍ଡିତ ଦୀନବନ୍ଧୁ ଦାଶ, ମାୟାଧର ଦାଶ ଇତ୍ୟାଦିଙ୍କୁ ଖୁବ୍ ଭୂରି ଭୋଜନରେ ଆପ୍ୟାୟିତ କରି ସାଧୁ ପୁରୁଷଟିଏ ପାଲଟିଲି ।

Digitized by srujanika@gmail.com

ଏଇ ହେଲା ସମାଜବାସନ୍ଦର ଗୋଟିଏ ପରୀକ୍ଷା । ଚୌଦ୍ୱାରରେ ଗ୍ରାମସଙ୍ଗଠନ କାର୍ଯ୍ୟ କରୁଥିଲା ବେଳେ ହରିଜନ ପ୍ରେମ ବଡ଼ ଗୋଲମାଲ ଚାଲିଲା । ତା'ର ଫଳରେ ମୋତେ ଧୋବା, ଭଣ୍ଡାରୀ ମନା ହେଲା । ମୁଁ ନିଜ ହାତରେ ଖିଅର ହେଲି ଓ ଲୁଗା କାଚିଲି । ଏହିପରି ଆହୁରି କେତେ ଥର ଭିନ୍ନ ଭିନ୍ନ ଜାଗାରେ ମୋତେ ଦୁଃଖ ଭୋଗ କରିବାକୁ ପଡ଼ିଛି । କିନ୍ତୁ ସମୟର ଦୁଃଖ କଷ୍ଟ ଆଜ ଭୁଲି ଯାଇଛି । ତାହା ମୋତେ ବାଧୁନି । ଥରେ ଗୋଟିଏ ବ୍ରାହ୍ମଣ ପିଲାକୁ କେହି ସାହାଯ୍ୟ କଲେ ନାହିଁ । ମିଶନ୍ ସ୍କୁଲର ହେଡ୍‌ମାଷ୍ଟର ମୋତେ କହିବାରୁ ମୁଁ ତାଙ୍କୁ ଆଣି ମୋ ଘରେ ରଖିଲି । ତାର ନାମ ବୀରନାରାୟଣ ମିଶ୍ର । ସେଥିରେ ପଣ୍ଡିତ ଦୀନବନ୍ଧୁ ଅଗ୍ନିଶର୍ମା ହୋଇଉଠିଲେ । ସେ ଦିନ ମୋର କ୍ରୋଧ ମଧ୍ୟ ଉଛୁଳି ଉଠିଥିଲା । ପ୍ରଥମେ ମିଶନ ସ୍କୁଲରେ ହିନ୍ଦୁ ବୋଡ଼ିଂ ଘରେ ପଶି ଦୈତ୍ୟାରି ବାବୁଙ୍କୁ ମାରିବାକୁ ଯାଇଥିଲି କିନ୍ତୁ ଈଶ୍ୱରଙ୍କର କି କପଟ, ଦୈତ୍ୟାରି ବାବୁ ସେ ସମୟରେ ବୋଡିଂରେ ନ ଥିଲେ । ତା ପରେ ରାଗରେ ଦଉଡ଼ ଦଉଡ଼ ଚୌଧୁରୀବଜାରକୁ ଗଲି ପଣ୍ଡିତ ଦୀନବନ୍ଧୁ ଦାଶଙ୍କୁ ମାରିବା ପାଇଁ । ତାଙ୍କ ବସାରେ ପଶି ଦେଖିଲି ପଣ୍ଡିତେ ନାହାନ୍ତି । ରାଗ ପଡ଼ିଗଲା । ମୁଁ ଫେରି ଆସିଲି । ଏହିପରି ଘଟଣା ଆହୁରି ଅନେକ ଅଛି । ତେବେ ପାଠକଙ୍କର ତନ୍ଦ୍ରା ଆସିବ । ସେଥିପାଇଁ ଆଉ ଅଧିକ ଲେଖୁନି ।

ମିଶନ ସ୍କୁଲ ଛାଡ଼ିଲି କାହିଁକି ?

ଯେତେବେଳେ ମୁଁ ମିଶନ ସ୍କୁଲରେ (କଟକ) ଶିକ୍ଷକତା କରୁଥିଲି, ସେହି ସମୟରେ ଗୋଟିଏ ପିଲା ନେଇ ସ୍କୁଲର ପ୍ରଧାନ ଶିକ୍ଷକ ବ୍ରଜାନନ୍ଦ ଦାସଙ୍କ ସହିତ ମୋର ମନାନ୍ତର ଘଟିଲା ।

ସେ ପିଲାଟି ମିଶନ ସ୍କୁଲର ଏକାଦଶ ଶ୍ରେଣୀର ଛାତ୍ର ଥିଲା । ତା'ର ଟ୍ରାନ୍‌ସଫର ସାର୍ଟିଫିକେଟ୍ ବ୍ରଜାନନ୍ଦ ବାବୁ ଦେବାକୁ ଚାହିଁଲେ ନାହିଁ—ଶକ୍ତାମଣି ବିଶାଳ ମାଇନର ପାଶରେ ଛାତ୍ରବୃତ୍ତି ପାଇଥିଲା । କିନ୍ତୁ ସେହି ଛାତ୍ରବୃତ୍ତି ଖବର ମିଳିବା ପର୍ଯ୍ୟନ୍ତ ଯେଉଁ ଦରମା ସେ ଦେଇଥିଲା, ଛାତ୍ରବୃତ୍ତି ଘୋଷଣା ପରେ ତାର ସେହି ଦରମା ଟଙ୍କା ଫେରି ପାଇବାର କଥା । ତାହା ସେ ପାଇଲା ନାହିଁ । ହେଡ୍‌ମାଷ୍ଟର ସ୍କୁଲ ସାର୍ଟିଫିକେଟ୍ ପାଇଁ ଟଙ୍କା ମାଗିଲେ । ସେ ଟଙ୍କା ନ ଦେବାରୁ ତାକୁ ହଇରାଣ କଲେ । ଏ ବିଷୟ ପ୍ରେମ ଶ୍ରୀ ସୁରେନ୍ଦ୍ର ଚନ୍ଦ୍ର ଗୁପ୍ତ, ଶ୍ରୀ ବୀରେନ୍ ବାନାର୍ଜି ପ୍ରଭୃତି ମାଷ୍ଟରମାନେ ହେଡ୍‌ମାଷ୍ଟରଙ୍କୁ ଅନେକ କହିଥିଲେ । କିନ୍ତୁ ହେଡ୍‌ମାଷ୍ଟର ଶୁଣି ନ ଥିଲେ ।

Digitized by srujanika@gmail.com

ତା'ପରେ ସେମାନେ ମୋତେ ପଠାଇଲେ । ମୁଁ ହେଡ୍‌ମାଷ୍ଟରଙ୍କୁ କହିଲି, ଚମାମଣିର Certificate ଦେଉ ନାହାନ୍ତି କାହିଁକି ? ହେଡମାଷ୍ଟର ସ୍କୁଲ ଗ୍ରାଉଣ୍ଡ କଚେରୀ ଚାଲିଗଲେ । କହିଲେ ବର୍ତ୍ତମାନ ହେବ ନାହିଁ, ମୁଁ କଚେରୀକୁ ଯାଉଛୁ, ମୋର ଜ୍ୱର ଅଛୁ । ମୁଁ ସେଥିରେ ବିରକ୍ତ ହୋଇ ସ୍କୁଲ ଗ୍ରାଉଣ୍ଡ । ତହିଁଆର ଦିନ ସ୍କୁଲକୁ ଆସିଲି ନାହିଁ । ହେଡମାଷ୍ଟର ଡକେଇ ପଠେଇଲେ । ମୁଁ ମନା କଲି । ତା'ପରେ ସସ୍‌ପେଣ୍ଡ— ତା'ପରେ ଡିସ୍‌ମିସ୍ । ସସ୍‌ପେଣ୍ଟ ବେଳେ ମୁଁ ଏତିକ କେବଳ କୈଫିୟତ୍ ଦେଇଥିଲି ଯେ କମିଟି ଯଦି ମୋତେ ସୁବିଧା ଦିଅନ୍ତେ, ତାହାହେଲେ ମୁଁ ସାକ୍ଷାତରେ ଦେଖାଇ ଦିଅନ୍ତି, ଡେମାଷ୍ଟର କିପରି ଘୁଷ ନେଇଛନ୍ତି ଓ ନିଅନ୍ତି ।

ଏହି ଘଟନା ତ ଗୋଟିଏ ଘଟନା । ଆଉ ଘଟନା, ଟେଷ୍ଟ ବେଳକୁ ଗୁଡାଏ ପିଲାଙ୍କୁ Detain କରି ଦିଆଯାଏ । ସେଥିରେ ଇଂରାଜୀ ଫେଲ୍ ବେଶୀ ଥାଆନ୍ତି । ହେଡ୍‌ମାଷ୍ଟର ସେମାନଙ୍କୁ ପୁଣି Testରେ ଏହି ସର୍ତ୍ତରେ ପଠାନ୍ତି— ଯଦି ସେମାନେ ତାଙ୍କ ପାଖରେ 'ପରୀକ୍ଷା ହେବା ପୂର୍ବରୁ ଦୁଇଟି ମାସ ଟ୍ୟୁସନ ହୁଅନ୍ତି । ସେହିପରି ଓଡ଼ିଆ, ଅଙ୍କ, ସଂସ୍କୃତରେ ଫେଲ ହୋଇଥିବା ପିଲାଙ୍କୁ ମଧ୍ୟ ସର୍ତ୍ତ କରାଇ ଟେଷ୍ଟରେ ପଠାନ୍ତି । ଏହି ଦୁଇ ମାସ ମଧ୍ୟରେ ହେଡ୍‌ମାଷ୍ଟର ୬୦୦ ୭୦୦ଟଙ୍କା କରି ନିଅନ୍ତି । ଅନ୍ୟାନ୍ୟ ମାଷ୍ଟରମାନେ ମଧ୍ୟ ତଦନୁରୂପ । ଥରେ ଗୋଟିଏ ପିଲାକୁ ମୁଁ ଟ୍ୟୁସନ କରୁଥିଲି । ତାକୁ ପରୀକ୍ଷାରେ ଅଟକେଇ ଦେଲେ । ତା ତଳ ୬।୭ ଜଣ ଥିଲେ । ସେମାନେ ଟଙ୍କା ଦେବାକୁ ରାଜି ଥିଲେ, କିନ୍ତୁ ଏହି ପିଲାଟି ଟଙ୍କା ନ ଦେଲେ ତା ତଳମାନଙ୍କୁ କିପରି ଟେଷ୍ଟ ପରୀକ୍ଷା ପାସ୍ କରେଇଦେବେ ? ଏହି ହେଲା ସମସ୍ୟା ।

ଜଣେ ଶିକ୍ଷକ ଆସି ମୋତେ କହିଲେ—ଆପଣ ଏତେ ପିଲାଙ୍କର ଜୀବନ ମାଟି କରିବେ ? ମୁଁ ଅବାକ୍ ।

ତା'ପରେ ମୁଁ ଟ୍ୟୁସନ କରୁଥିବା ପିଲାର ବାପ ହେଡ୍‌ମାଷ୍ଟରଙ୍କ ପାଖରେ ସେହି ପରୀକ୍ଷା ଦୁଇ ମାସ ଟ୍ୟୁସନ୍ କରାଇଲେ । ଏହିସବୁ ପିଲାମାନଙ୍କ ଠାରୁ lump sum ବା ଏକକାଳୀନ ଶହେ ଦୁଇ ଶହ ଟଙ୍କା କରି ସେ ନେଉଥିଲେ । ପିଲାମାନେ ମୋ ଡିସ୍‌ମିସ୍‌ରେ ଉତ୍ତ୍ୟକ୍ତ ହେଲେ— ସହରର ଏପାଖ ସେପାଖରେ ପ୍ରତିବାଦ ସଭା କଲେ—ମୁଁ ଭାରତ ସେବକ ସମିତିକୁ ଚାଲିଯିବା ପରେ ଟଙ୍କା ସଂଗ୍ରହ କରି ଉକ୍ତ ହେଡ୍‌ମାଷ୍ଟର ନାଁରେ ନାଲିସ କରିବେ ବୋଲି ତଦବିର କରୁଥିଲେ । ମୁଁ ସେମାନଙ୍କୁ ମନା କରି ପଠାଇଲି । ମୋକଦ୍ଦମା ବନ୍ଦ ହେଲା ।

Digitized by srujanika@gmail.com

ମଧ୍ୟାହ୍ନର ଦୀପ୍ତି

Digitized by srujanika@gmail.com

Digitized by srujanika@gmail.com

ଦୁଇ ଶହ ଟଙ୍କାରେ ଜଳାଞ୍ଜଳି, ତିରିଶ ଟଙ୍କାରେ ଲୋଭ

ଯାହା ହେଉ ମିଶନ୍ ସ୍କୁଲ ଛାଡ଼ିବା ପୂର୍ବରୁ ମୁଁ Servants of India Societyରେ ଯୋଗ ଦେବାପାଇଁ ଦରଖାସ୍ତ କରିଥିଲି । ୧୯୧୫ ସାଲରେ ଗୋଖଲେ ମରିଗଲେ । ଏତେ ବଡ ଲୋକ ମରିଗଲେ ଯେ ଲର୍ଡ଼ କର୍ଜନ ମଧ୍ୟ ଯାହାଙ୍କୁ ଅଜସ୍ର ପ୍ରଶଂସା କରିଥିଲେ । ଏହି କଥାଟି ବିଶ୍ୱନାଥ ଦାଶ ଯେ ମୁଖ୍ୟମନ୍ତ୍ରୀ ହୋଇଥିଲେ ଓଡ଼ିଶାର ତାଙ୍କର ବସାରେ ଶେଖ୍‌ବଜାରରେ ବସି ଦିନେ ପଢୁଥିଲି । ବିଶ୍ୱନାଥ ବାବୁ ମୋତେ ପ୍ରବର୍ତ୍ତାଇଲେ, "ଆପଣଙ୍କର ମନ ଯେପରି ଆପଣ ଏଥିରେ ଗଲେ ଭଲ ହେବ ।" ମୁଁ ଦରଖାସ୍ତ କରିଥିଲି । କିନ୍ତୁ ଉତ୍ତର ପାଇଲି ନାହିଁ । ତା'ପରେ କଡ଼ା କରି ଚିଠି ଲେଖିବାରୁ ଉତ୍ତର ଆସିଲା । ଆମେ ଗ୍ରାଜୁଏଟଙ୍କୁ ମେମ୍ବର କରୁଁ । ଆପଣ ବି.ଏ. ପାସ୍ କରି ଦରଖାସ୍ତ କରିବେ । ମୁଁ ଜିଦ୍‌ରେ ବି.ଏ. ପାସ୍ କଲି । ୧୯୧୬ ଡ଼ିସେମ୍ବରରେ ମିଶନ୍ ସ୍କୁଲ ଛାଡ଼ିଲି ଏବଂ ୧୯୧୭ ଜୁନ୍‌ରେ Servants of India Society ରେ ଯୋଗ ଦେଲି । ସେଠାରେ ୩୦ଟଙ୍କା ମାସିକ ଭତ୍ତା ମିଳିବ । କଟକରେ ଟିଉସନ୍, ମାଷ୍ଟର ସବୁ ମିଶାଇ ମାସକୁ ଦୁଇଶ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିଲି । ଟିଉସନ୍‌ରେ ଖୁବ୍ ନାମ ହୋଇଥିଲା । ଗୋଟିଏ ଗୋଟିଏ ଟିଉସନ୍ ଚାଳିଶ ଟଙ୍କା, ଏକ ଘଣ୍ଟା ପଢ଼ାଇବି । ଏପରି ଅବସ୍ଥାରୁ ପୁନାକୁ ତିରିଶ ଟଙ୍କାରେ ଯିବାରେ ମୋର ମା-ବାବା ଭାବିଲେ, ମୋର ମୁଣ୍ଡ ଖରାପ ହୋଇଯାଇଛି । ମିଶନ୍ ସ୍କୁଲରେ ମାଷ୍ଟର କରୁଥିଲାବେଳେ ସସ୍ତ୍ରୀକ ବେଶୀ ସମୟ ନ ଥିଲି । ଏଥିପାଇଁ ମୋର ମା ସଙ୍ଗରେ ଅନେକ କଜିଆ ହୋଇଛି । କରୁଣାକର, ଦୁର୍ଗାନନ୍ଦ, ଗୋବିନ୍ଦ ପ୍ରଭୃତି ମୋର ପ୍ରିୟ ଛାତ୍ର ସଙ୍ଗରେ ଥାନ୍ତି । କରୁଣାକର ଆଜି ପୁରୀ ସଂସ୍କୃତ କଲେଜରେ ପ୍ରିନ୍‌ସିପାଲ । ଦୁର୍ଗାନନ୍ଦ ଆଜି ମଧୁପୁରର ହେଡ୍‌ମାଷ୍ଟର । ଗୋବିନ୍ଦ ବ୍ୟାକରଣତୀର୍ଥ ପାସ୍ କରିଥିଲା ଏବଂ କଲେଜରେ ଇଣ୍ଟରମିଡ଼ିଏଟ୍ ପଢୁଥିଲା—ପାଗଳ ହୋଇଗଲା । ଆଜି ସେ ଇହଧାମରୁ ଚାଲି-

Digitized by srujanika@gmail.com

ଯାଇଛୁ ଶୁଣିଲି । ସେ ଅନେକ କଥା । ସେ ସ୍ମୃତି ସବୁ ଲେଖିବସିଲେ ଅନେକ ଇତିହାସ ହେବ ।

ସି. ଆଇ. ଡ଼ି. ମୋ ପଛେ ପଛେ

ମିଶନ୍ ସ୍କୁଲରେ ଥିଲାବେଳେ ମୋ ବସାରେ— କନିକା ରାଜବାଟୀ ପାଖରେ— ଦିନେ ଗୋଟିଏ ସନ୍ୟାସକାଶୀ ଲୋକ ଆସି ପହଞ୍ଚିଲା । ସେହି ସମୟରେ କଟକର କାଠଯୋଡ଼ି କୂଳରେ ଏବଂ ତିନକୋଣିଆ ବଗିଚାରେ ଥିବା ଜ୍ୟୋତିଷ ବାବୁ, ଭକ୍ତୋଶଆ ସ୍କୁଲ ମାଷ୍ଟରଙ୍କ ଘରେ ଖାନତଲାସ ହୋଇଥିଲା । ଏପରି ହେଲା ଯେ ସାଙ୍ଗେ ସାଙ୍ଗେ ସେହିଦିନ ରାତିରେ ମୁଁ କଟକ ଛାଡ଼ି ବାଲେଶ୍ୱର ଆସିଲି, ମୋର କେତେକ ଗୁରୁଙ୍କ ପରାମର୍ଶରେ, କାଳେ arrested ହୋଇଯିବି ।

ବାଲେଶ୍ୱରରେ ନୀଳମଣି ଧଳ ଆଦି ମୋର କେତେକ ବନ୍ଧୁ କହିଲେ— ଏଠୁ ପଳାଅ, ବାଲେଶ୍ୱରରେ ଧରପଗଡ ହେଉଛି—ଯତୀନ୍‌ଙ୍କୁ ଗୁଳାଡ଼ି ଘାଟିରେ ଗୁଳି କରି ମାରିଛନ୍ତି । ଏମାନେ ରାଇବଣିଆ ଦୁର୍ଗରେ ଲୁଚି ରହିଥିଲେ । ସୁତରାଂ ମୁଁ ସାଙ୍ଗେ ସାଙ୍ଗେ ବାଲେଶ୍ୱର ଛାଡ଼ିଲି ଏବଂ ନାଗପୁରକୁ ଗଲି । ଏକବସ୍ତ୍ର, ଦେଶସେବା କରିବା ପାଇଁ ଚାଲିଛି ପୁନା । ପରେ ନାଗପୁରରେ ଓହ୍ଲାଇଲି— ସେଠୁ ଜବଲପୁର । ଜବଲପୁରରେ ମୋ ପଛରେ ସି ଆଇ ଡ଼ି. ଦେଖାଗଲା । କାରଣ ଏ ସି. ଆଇ. ଡ଼ି. ବରାବର କଟକରୁ ମୋ ପିଛା ଧରିଛି ।

ସେତେବେଳକୁ ମୋର ଖାଲି ପାଦ—ଆଉ ମୁହଁରେ ଦାଢ଼ିଭରା । ସି. ଆଇ ଡ଼ି ର ସନ୍ଦେହ ହେବାର କାରଣ ନଷ୍ଟେ । ଜବଲପୁରରେ କେଲକାର ନାମରେ ଆମ ସୋସାଇଟିର ଜଣେ ମେମ୍ବର ଥିଲେ । ସେ ସେତେବେଳେ ମଧ୍ୟପ୍ରଦେଶର କୋଅପରେଟିଭ Non-official ବା ବେସରକାରୀ ଗଭର୍ଣ୍ଣର । ମୋତେ ନେଇ ସେ ମଧ୍ୟ ବଡ଼ ହରବରରେ ପଡ଼ିଲେ । ତାଙ୍କ ଘର ଚାରିଆଡ଼େ ସି. ଆଇ. ଡ଼ି. । ସୁତରାଂ ସେ ମୋତେ ବାଧ କରେଇ କୋତା ପିନ୍ଧାଇଲେ ଏବଂ ଦାଢ଼ି କ୍ଷୌର କରେଇ ଦେଲେ । ୧୯୧୬-୧୭ ଯୁଦ୍ଧବେଳ । ସୁତରାଂ ସରକାରଙ୍କ ଆତୁର ସନ୍ଦେହ । ଏହିପରି ମୁଁ ପୁନାରେ ଯାଇ ଉପସ୍ଥିତ ହେଲି—ଭାରତ ସେବକ ସମିତିର ସଦସ୍ୟ ହେବା ପାଇଁ । ସତେ ମୁଁ ପାଗଳ ! ଅରବିନ୍ଦ ଘୋଷ ତାଙ୍କ ସ୍ତ୍ରୀଙ୍କୁ ଚିଠି ଲେଖିଥିଲେ—ସେଥିରେ ସେ କହିଥିଲେ—"ମୃଣାଳିନୀ !

Digitized by srujanika@gmail.com

ମୋତେ ଲୋକେ ପାଗଳ ବୋଲି କହନ୍ତି । ତୁମେ ବି କଣ ମୋତେ ପାଗଳ ବୋଲି ପରିତ୍ୟାଗ କରିବ ?”

ହିନ୍ଦୁଶାସ୍ତ୍ରରେ ପାଗଳକୁ ବଡ଼ିଆ କରିଆସୁଛନ୍ତି । ସାଧାରଣ ଲୋକ ସାଧାରଣ ଜୀବନ ଯାପନ କରନ୍ତି । ଅସାଧାରଣ ଲୋକ ଏମାନଙ୍କ ଭିତରୁ ମିଳନ୍ତି ନାହିଁ । ମିଳିବେ କିପରି ? ତେଣୁ ପାଗଳମାନଙ୍କ ମଧ୍ୟରୁ ହିଁ ଅସାଧାରଣ ଲୋକ ଆଶା କରାଯାଏ ।

ଲକ୍ଷ ଲକ୍ଷ ସାଧାରଣ ଲୋକ ଭିତରୁ ଶହେ ଦୁଇ ଶହ ପାଗଳ ଦେଖା ଯାଆନ୍ତି । ସେହି ଶହେ ଦୁଇ ଶହ ପାଗଳ ଭିତରୁ ହୁଏତ ଅସାଧାରଣ ଜଣେ ଦୁଇଜଣ ବାହାରନ୍ତି ।

ସତକଥା ମୁଁ ପାଗଳ । କିନ୍ତୁ କି ପାଗଳ ? କ’ଣ ପାଇଁ ପାଗଳ ?? କ’ଣ ପାଇବା ପାଇଁ ପାଗଳ ???

ଭାରତ ସେବକ ସମିତି

ଭାରତ ସେବକ ସମିତିରେ ଯେଉଁ ଆଶା ନେଇ ପଶିଥିଲି, ସେ ଆଶାର ପୂର୍ଣ୍ଣତା କିଛି ହେଲା ନାହିଁ । ତେଣୁ ମୁଁ ନିଜେ ନିଜେ ଯାହା ପାରିବାର, କରିବାକୁ ଆରମ୍ଭ କଲି । ‘ସହକାର’ ପତ୍ରିକା ବାହାର କଲି ଲାଲା ପ୍ରତାପନାରାୟଣ ରାୟଙ୍କୁ ନେଇ ୧୯୨୮ ସାଲରେ । ପୁରୀ ଜିଲ୍ଲାରେ କୋଡ଼ିଏଟା ପର୍ଯ୍ୟନ୍ତ Night School ହେଲା ପ୍ରତାପ ବାବୁଙ୍କ ସାହାଯ୍ୟରେ । ଏଣେ ସାନ୍ତ୍ୱନା, ସ୍ତ୍ରୀଶିକ୍ଷା ଇତ୍ୟାଦି ପୁସ୍ତକ ଲେଖିବାକୁ ଆରମ୍ଭ କଲି । ସ୍ତ୍ରୀଶିକ୍ଷା ପୁସ୍ତକ ଲେଖିବାରେ ପାଞ୍ଚଶ ଟଙ୍କା ସୋନପୁର ମହାରାଜା ଦେଇଥିଲେ । ଅବଶ୍ୟ ସେ ଟଙ୍କା ସୋସାଇଟିର, ମୋର ନୁହେଁ । ଭାରତ ସେବକ ସମିତିର ନିୟମ ଅନୁଯାୟୀ ଯେ ସଭ୍ୟ ହେବ, ସେ କେବଳ ସମିତିରୁ ଭତ୍ତା ପାଇବ । ବାକି ସବୁ ରୋଜଗାର ଯାହା ହେବ, ତାହା ସୋସାଇଟିକୁ ଯିବ ।

୧୯୧୭ରେ ସୋସାଇଟିରେ ପଶି ମୁଁ ପ୍ରଥମେ ଜି. କେ ଦେବଧରଙ୍କ ସାଙ୍ଗରେ ସିମିଲା ଗଲି । ଗୋଟିଏ ପ୍ରାଥମିକ ଶିକ୍ଷା ପରାମର୍ଶରେ ଯୋଗ ଦେବା ପାଇଁ ଦେବଧର ଏବଂ ନଟରାଜନ୍ (Indian Social Reformer ର ସମ୍ପାଦକ) ଦିଲ୍ଲୀ ଗଲେ । ମୁଁ ତାଙ୍କ ସଙ୍ଗରେ ଦିଲ୍ଲୀ ଯାଇଥିଲି । ସେହିଠାରେ ପ୍ରଥମେ ବ୍ରିଟିଶ ସରକାରର ରାଜବଭବ ଦେଖିଲି । ତଟସ୍ଥ ହେଲି ।

Digitized by srujanika@gmail.com

ତାପରେ ଆହ୍ଲାବାଦ ଗୁଲଲ ପୁନାରୁ । ବାଟରେ ବୈତୁଲ, ହୋସାଙ୍ଗାବାଦ, ଝାନ୍ସି ପ୍ରଭୃତି ସ୍ଥାନରେ ଓହ୍ଲେଇଥିଲି । ସବୁ ଜାଗାରେ ମୋ ପଛରେ ସି. ଆଇ ଡି । ଆହ୍ଲାବାଦରେ ତିଓ୍ୱାରି (ଆମ ସୋସାଇଟିର ସଦସ୍ୟ) ଙ୍କ ସଙ୍ଗରେ ହୋମରୁଲ୍ ଆନ୍ଦୋଳନ ମିଟିଙ୍ଗ୍‌ରେ ଏଆଡ଼େ ସେଆଡ଼େ କାନପୁର, ଲକ୍ଷ୍ନୌ, ଓଗ୍ରଓ ଇତ୍ୟାଦ ବୁଲିଲି ।

ଏହା ପରେ ଆହ୍ଲାବାଦରେ କୁମ୍ଭମେଳା । ତା ପରେ କେଦାରନାଥ, ବଦ୍ରିନାଥ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଲା । ସେଠି ପ୍ରାୟ ଏକବର୍ଷ କାମ କଲି । ଗଡବାଲ ପୌଡ଼ି ଥିଲା ମୋର କେନ୍ଦ୍ର । ମୁଁ ସେହିଠାରେ ଆର୍ଯ୍ୟସମାଜର ୮ ଲକ୍ଷ ହଂସରାଜଙ୍କ ସହିତରେ ପରିଚିତ ହେଲି । ଆହ୍ଲାବାଦକୁ ଫେରିଲି । ସେଠି କୁମ୍ଭମେଳା ସମୟରେ ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ସଙ୍ଗେ ପରିଚିତ ହୋଇଥାଏ । ଆମ ଭାରତ ସେବକ ସମିତି ଅଫିସକୁ ପଣ୍ଡିତ ମୋତିଲାଲ ନେହେରୁ ମଝିରେ ମଝିରେ ଆସୁଥିଲେ । ମୋତିଲାଲ କିନ୍ତୁ ବଡ Aristocratic । ସେହିଠାରେ Leader କାଗଜର C. Y. Chintamone ଙ୍କ ସହିତରେ ପରିଚିତ ହେଲି । ସେ ପଣ୍ଡିତ, ପରିଶ୍ରମୀ ଏବଂ ଲୋକଙ୍କ ସାଙ୍ଗରେ ମିଶନ୍ତି । ମୁଁ ତାଙ୍କୁ ବେଶ ଜାଣିଥିଲି । ସେହିଠାରେ ସାପ୍ରୁ (ତେଜ ବାହାଦୂର) ଙ୍କ ସଙ୍ଗରେ ସାକ୍ଷାତ । କିନ୍ତୁ ତାଙ୍କ ସହିତରେ ଘନିଷ୍ଠଭାରେ ଆସି ନାହିଁ ।

ଭାରତ ସେବକ ସମିତିର ଦଣ୍ଡାମାର୍ ଲୋକ ଥିଲେ ଏନ୍. ଏମ୍ ଯୋଶୀ । ସେ Labour leader ବା ଶ୍ରମିକନେତା । ସୁତରାଂ ତାଙ୍କର culture ବା ଚରିତରେ କମନୀୟତାର ଅଭାବ । ରୁକ୍ଷ ପ୍ରକୃତିର ଲୋକ । କିନ୍ତୁ କର୍ମୀ, ପରିଶ୍ରମୀ, ଚତୁର ଓ ହୁସିଆର । ତାଙ୍କର ଯୋଗୁଁ ଭାରତର ଶ୍ରମିକ ଆନ୍ଦୋଳନ ଖୁବ୍ ଆଗେଇ ଥିଲା । ସେ ବଡ଼ଲାଟ ସଭାରେ ବରାବର ମନୋନୀତ ସଭ୍ୟ ଥିଲେ । କିନ୍ତୁ ହେଲେ ହେଲେ ସରକାର ତରଫରେ ଭୋଟ ଦେଉ ନାହାନ୍ତି । ତାଙ୍କୁ ଶେଷରେ C I. E ଉପାଧି ମିଳିଥିଲା । କିନ୍ତୁ ତାହା ଧନ୍ୟବାଦର ସହିତ ପ୍ରତ୍ୟାହାର କରିଥିଲେ । ଚିଠିରେ ଲେଖିଥିଲେ, ମୁଁ ସରକାରଙ୍କୁ ଧନ୍ୟବାଦ ଦେଉଛି ଯେ, ମୋ କାମ ସେମାନେ recognise କରିଛନ୍ତି । କିନ୍ତୁ ଯେଉଁ ଉପାଧି ମୋତେ ମିଳିଛି, ସେହି ଉପାଧି ନେଇ ଯେଉଁମାନଙ୍କ ଭିତରେ ମୁଁ କାମ କରୁଛି ସେମାନଙ୍କ କାମ ମୁଁ କରି ପାରିବି ନାହିଁ । ସେମାନେ ମୋତେ ଏହି ଉପାଧି ଯୋଗୁଁ ଭୁଲ ବୁଝିବେ । ଏହି ହେଲେ ଏନ୍. ଏମ୍ ଯୋଶୀ ।

Digitized by srujanika@gmail.com

ଜି. କେ. ଦେବଧର ଥିଲେ ସେହିପରି ମହାକର୍ମୀ । କାମ କରୁଥିବେ, କରୁଥିବେ, ଥକ୍‌କା ହୋଇ ପଡ଼ିଲେ ଯେଉଁ ସ୍ଥାନରେ ଥିବେ ଶୋଇ ପଡ଼ିବେ । ଲେଖୁ ଲେଖୁ କଲମ ହାତରେ ଥିବ ଶୋଇ ଯାଉଥିବେ— ଏପରି ମହାକର୍ମୀ କେବେହେଲେ ଶରୀର, ସ୍ୱାସ୍ଥ୍ୟ, ସମୟ, ସୁବିଧା ଦେଖି ନାହାନ୍ତି । ତାଙ୍କର ଅଦ୍ଭୁତ ଗୁଣ ଏହି ଥିଲା ଯେ, ସେ କାହାରି ଉପରେ ରାଗନ୍ତି ନାହିଁ । ତାଙ୍କ ଉପରେ ଲୋକ ରାଗିଲେ ସେ ଚୁପ ହୋଇ ଯାଆନ୍ତି । ସବୁ ସହନ୍ତି ।

ଏ ଠକ୍‌କର ବାପା ସେହିପରି ଥିଲେ ମହାକର୍ମୀ । ଘଣ୍ଟାଘଣ୍ଟା ଧରି ତାଙ୍କ କାମ । ସୂର୍ଯ୍ୟ ପରି ସେ ସବୁଦିନେ ସମାନ ଭାବରେ ଝଟୁଥିବେ । କିନ୍ତୁ ରାଗୀ, ଚଡ଼ଚଡ଼ା ଲୋକ । ହେଲେ ବି ସ୍ନେହଶୀଳ । ତାଙ୍କର ଅଭିମ ନ ଅହଂକାର ନାହିଁ ।

ଏମାନେ ସବୁ ଗଲେଣି । ପଣ୍ଡିତ କୁଞ୍ଜରୁ ବର୍ତ୍ତମାନ ସଭାପତି । ସେ ବଂଶରେ ଉଚ୍ଚ ଏବଂ ପାଠପଢ଼ାରେ ମଧ୍ୟ ଉଚ୍ଚ । ତାଙ୍କର ଗୋଟିଏ ଅଭିମାନ ଅହଂକାର ଅଛି । ମାତ୍ର ତାହା cultured ଭାବରେ । ଶାସ୍ତ୍ରୀ (Rt. Hon.) ଥିଲେ ମହା cultured, କିନ୍ତୁ ବଡ଼ ସ୍ନେହୀ ଲୋକ, ଚତୁର ଅବଶ୍ୟ । ମୁଁ ଏହିମାନଙ୍କ ସଂସ୍ପର୍ଶରେ ଭାରତ ସେବକ ସମିତିରେ ଆସିଛି । ଗୋଟିଏ କଥା ଦେଖିଛି । ଭାରତ ସେବକ ସମିତିରେ ଯେଉଁମାନେ ବଡ଼ ସେମାନେ ନିଜେ ନିଜେ ବଡ଼ । ଆଉ ଯେଉଁମାନେ ତଳେ ପଡ଼ି ଯାଇଛନ୍ତି, ତାଙ୍କୁ ବାଟ ଦେଖାଇବା ପାଇଁ ସେପରି ଲୋକ ନାହାନ୍ତି । କିନ୍ତୁ ଭାରତ ସେବକ ସମିତିରେ ନାନା ଢଙ୍ଗରେ କାର୍ଯ୍ୟ କରିବା ପାଇଁ ଏବଂ ନାନା ଲୋକଙ୍କ ସହିତରେ ମିଶିବା ପାଇଁ ଅବଶ୍ୟ ଅବସର ଓ ସୁଯୋଗ ଅଛି । ମୁଁ ଅନେକ ଚେଷ୍ଟା କଲି ଓଡ଼ିଶାର ଦୁଇ ଚାରି ଜଣ ବିଶିଷ୍ଟ ଝାଞ୍ଜୁଆ ଧୁରନ୍ଧର କର୍ମୀ ଭାରତ ସେବକ ସମିତିକୁ ନେବା ପାଇଁ । କିନ୍ତୁ ଆଜି ପର୍ଯ୍ୟନ୍ତ କେବଳ ଶ୍ୟାମସୁନ୍ଦର ମିଶ୍ରଙ୍କ ଛଡ଼ା ଆଉ କାହାରିକୁ ପାଇ ପାରିଲି ନାହିଁ ।

ଭାରତ ସେବକ ସମିତିରେ ସେହି ଯୋଗ୍ୟ ହେବ ଯେ direction କୁ ଅପେକ୍ଷା କରିବ ନି । ଯେ ଆପଣା ବୁଦ୍ଧିରେ ଆପଣା direction ବାଛି ନେଇ ଏବଂ କର୍ମପଥରେ ଅଗ୍ରସର ହେବ ।

ଗୋଟିଏ କଥା—ଭାରତ ସେବକ ସମିତିରେ ସେପରି ଦଳଗତ ରାଜନୀତି ନାହିଁ । ରାଜନୀତି ଚର୍ଚ୍ଚା ଅଛି—କର୍ମ ନାହିଁ । ଏହି ଅଭାବ ମୁଁ ଅନୁଭବ କଲି ।

Digitized by srujanika@gmail.com

ଶ୍ୟାମସୁନ୍ଦର ମିଶ୍ର ମଧ୍ୟ ଅନୁଭବ କରନ୍ତି । ତଥାପି ଅନ୍ୟାନ୍ୟ ଅନେକ କ୍ଷେତ୍ରରେ କାମ କରିବାର ସୁବିଧା ଅଛି । ଏହି ରାଜନୀତିରେ ଦଳଗତ ଉଦ୍ୟମ ଭାରତ ସେବକ ସମିତିରେ ନ ଥିବାରୁ ଅନେକେ ଭାବନ୍ତି ଭାରତ ସେବକ ସମିତି କେବଳ ଗୋଟିଏ ସାମାଜିକ ଅନୁଷ୍ଠାନ, ଏହା ରାଜନୀତିକ ନୁହେଁ । ଅତଏବ ସମସ୍ତ ସମୟରେ କେଉଁ ଜାଗାରେ କୌଣସି ମେମ୍ବର ରାଜନୀତିରେ ଅଗ୍ରଗାମୀ ହେଲେ ତାକୁ ବିପକ୍ଷ ଦଳ ଦବାଇବାକୁ ଚେଷ୍ଟା କରନ୍ତି । ଏହା କହନ୍ତି ଯେ—ଭାରତ ସେବକ ସମିତି ତ ଗୋଟାଏ ସାମାଜିକ ଅନୁଷ୍ଠାନ । ବସ୍ତୁତଃ ଭାରତ ସେବକ ସମିତି ଗୋଟିଏ ପୂର୍ଣ୍ଣ ସାମାଜିକ ଅନୁଷ୍ଠାନ । ଅତଏବ ଏହା ଭିତରେ ରାଜନୀତି, ସମାଜନୀତିର ସକଳ ଦିଗର ଚର୍ଚ୍ଚା ଅଛି । ଭାରତ ସେବକ ସମିତିର ଲୋକେ National missionaries ବା ଜାତୀୟ ମିଶ୍‌ନେରୀ । ସେମାନେ ଅର୍ଥନୀତି, ଶିକ୍ଷାନୀତି, ସମାଜନୀତି, ଶିଳ୍ପନୀତି ଏହିପରି ସକଳ ନୀତିର କାର୍ଯ୍ୟ କରନ୍ତି । କେବଳ Religion ଯେଉଁ କୌଣସି ଆନ୍ଦୋଳନ ସେମାନେ କରନ୍ତି ନାହିଁ ।

ସ୍ତ୍ରୀକୁ ଛାଡ଼ିଲା ବାଟରେ

ଆହ୍ଲାବାଦ୍‌ରେ ମୋର ଜୀବନ—ପ୍ରଥମେ ଯେତେବେଳେ ୧୯୧୮ ଖ୍ରୀଷ୍ଟାବ୍ଦରେ ଆହ୍ଲାବାଦ ଆସିଲି, ସେତେବେଳେ ମୋର ସ୍ତ୍ରୀ ଓ କନ୍ୟାକୁ ଧରି ଆହ୍ଲାବାଦ ଯାଇଥିଲି । ସୋସାଇଟି ଘରେ ରହିଲି । ପଣ୍ଡିତ କୁଞ୍ଜ୍‌ରୁ ସେତେବେଳେ ଟୁର୍ (tour) ରେ । ସେ ଦୁଇଦିନ ପରେ ଆସି ଦେଖିଲେ ଯେ ମୁଁ ସ୍ତ୍ରୀପିଲା ଧରି ସେଠାରେ ଅଛି । ସେ ମୋତେ ଦିନେ ସକାଳେ କହିଲେ—"ଦେଖ, ତୁମେ ଭୁଲ କରିଛ । Member under training ବେଳେ ସ୍ତ୍ରୀ ଧରି ରହିବାର କଥା ନୁହେଁ ।" ମୁଁ କହିଲି—"ଏ କଥା ମୁଁ ଜାଣି ନାହିଁ ।" କୁଞ୍ଜ୍‌ରୁ କହିଲେ—"ଗୋଖଲେ ସେ ବିଷୟରେ ବଡ଼ Strict ଥିଲେ । ଆମେ ସବୁ ସେହିପରି କଠୋର ପରୀକ୍ଷା ଭିତର ଦେଇ ଆସିଛୁ ।" ମୁଁ ଦେଖିଲି ଯେ, ମୁଁ ଅନୁପଯୁକ୍ତ ହେଲି ପରା । ସୁତରାଂ ସେହି ଦିନ ଖୋଜିଲି ମୋର ସ୍ତ୍ରୀକୁ କେଉଁଠି ରଖାଇ ଦେବି । Crosth Write Girls' School ଥିଲା । ସେତେବେଳେ ନୂଆ ନୂଆ ହୋଇଥାଏ । ସେହିଠାରେ ଜଣେ ବୋର୍ଡିଂ ସୁପରିନ୍‌ଟେଣ୍ଡେଣ୍ଟ ଥିଲେ । ସେ ବଙ୍ଗାଳୁଣୀ । ପରେ ସେ ନୀଳମଣି ସେନାପତି, ଆଇ. ସି. ଏସ୍. ଙ୍କୁ ବିବାହ କରିଥିଲେ । ତାଙ୍କରି ସାହାଯ୍ୟରେ ମୋର ସ୍ତ୍ରୀ ଏବଂ କନ୍ୟାଙ୍କୁ ସେହି ହଷ୍ଟେଲ୍‌ରେ ରଖାଇ ଦେଲି । ମୋର ଭତ୍ତା ସେତେବେଳେ ମାସକୁ ୩୦ ଟଙ୍କା,

Digitized by srujanika@gmail.com

ସୁତରାଂ ମୁଁ ତାଙ୍କୁ କହିଲି କିଛି ସୁବିଧା ସେ କରି ଦିଅନ୍ତୁ । ଠିକ୍ ହେଲା, ମୋର ସ୍ତ୍ରୀ ପାଇଁ ମାସକୁ ୮ ଟଙ୍କା ଏବଂ ମୋର କନ୍ୟା ପାଇଁ ମାସକୁ ୪ଟଙ୍କା ଏହିପରି ମାସକୁ ୧୨ ଟଙ୍କା ଦେବାକୁ ପଡ଼ିବ । ସେଇଆ କଲି । ତା'ପରେ ମୁଁ ଚାଲିଗଲି ହିମାଳୟ ଦୁର୍ଭିକ୍ଷ କାମରେ । ସେଆଡ଼େ ପ୍ରାୟ ଏକବର୍ଷ ରହିଲି ।

ସନ୍ନ୍ୟାସବାଦୀ ଗୋବିନ୍ଦ

ଏହି ଆହ୍ଲାବାଦରେ ଥିବା ସମୟରେ ମୋର ପୂର୍ବତନ ଛାତ୍ର ଶ୍ରୀ ଗୋବିନ୍ଦ ମିଶ୍ର (ଦଣପଲ୍ଲାର) ମୋ ଠାରେ ହାଜର । ସେତେବେଳେ ସି. ଆଇ. ଡି. ତାଙ୍କୁ ସବୁଆଡ଼େ ଖୋଜୁଥାଏ । ବିଶ୍ୱଭାରତୀରୁ ସେ ୰ ଗୋପବନ୍ଧୁ ଦାସଙ୍କ ସାଙ୍ଗରେ ସାକ୍ଷୀଗୋପାଳ ଯାଇଥିଲେ । ମାତ୍ର ସେଠାରେ ପୁରୀର ପୁଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ସଖୀଚାନ୍ଦ (ରାୟବାହାଦୂର) ଗୋପବନ୍ଧୁଙ୍କୁ କହିଲେ—"ଗୋବିନ୍ଦ ମିଶ୍ରଙ୍କୁ ବିଦାୟ ଦିଅନ୍ତୁ । ନୋହିଲେ ବିପଦ । ଅସୁବିଧା ହେବ ଆପଣଙ୍କର ।" ଏହା ପରେ ଗୋବିନ୍ଦ ମୋ ନିକଟରେ ହାଜର । ମୁଁ ସେତେବେଳେ ଆହ୍ଲାବାଦରେ ନ ଥିଲି । ଲକ୍ଷ୍ନୌ ଯାଇଥିଲି । ଲକ୍ଷ୍ନୌରୁ ଫେରି ଆସି ଦେଖେ ତ ଗୋବିନ୍ଦ । ରହିଲୁ । ସେ ସମୟରେ ଗୋବିନ୍ଦ କହିଲି—"ଖାଲି ଫଳ ଖାଇ ରହିବା ।" ମୁଁ କହିଲି— "Society ର allowance ୩୦ ଟଙ୍କାରୁ ୧୨ ଟଙ୍କା Crosth Write Girls' School Hostel କୁ ଯାଉଛି—ବାକି ୧୮ ଟଙ୍କାରେ ଯାହା କରିବ କର ।" ସେ ସମୟରେ ଗୋବିନ୍ଦ ଆମ Mess manage କଲା । ଦିନେ ଦିନେ କେବଳ ଲାଉ, କେବେ କେବେ ପିଜୁଳି, ଏହିପରି ଦିନ କେତେ ଚାଲିଲା । ପ୍ରଥମ ପ୍ରଥମ ଟିକିଏ ଘିଅ, ଲୁଣ ପକାଉଥିଲେ । ତା'ପରେ ଗୋବିନ୍ଦ କହିଲା—"ଲୁଣ ଛାଡ଼ି ଦେବା ।" ଲୁଣ ଛଡ଼ାଗଲା । ଗୋବିନ୍ଦ ମଝିରେ ମଝିରେ ପଚାରେ, "ଆପଣଙ୍କୁ ବଡ଼ କଷ୍ଟ ହେଉଛି ?" ମୁଁ କହେ, "ହଉ ଦେଖିବା କିପରି ହେଉଛି ।" ସେହିପରି କିଛିଦିନ ଚାଲିଲା । ତା'ପରେ ଜୁନ୍ ମାସ ବେଳକୁ ପୁନା ଯିବାର କଥା । ଆମର ବାର୍ଷିକ ଉତ୍ସବ ପ୍ରତିବର୍ଷ ଜୁନ୍ ମାସ ୧୨ ତାରିଖରେ ପୁନାରେ ହୁଏ । ଗୋବିନ୍ଦକୁ ସାଙ୍ଗରେ ନେଇ ବମ୍ବେ ଗଲି ଏବଂ ତାକୁ ମହାତ୍ମା ଗାନ୍ଧୀଙ୍କ ଆଶ୍ରମରେ ସାବରମତୀରେ ରଖି ଦେବାର ବନ୍ଦୋବସ୍ତ କଲି । ଗୋବିନ୍ଦ ସାବରମତୀ ଗଲା । ମୁଁ ବମ୍ବେରୁ ପୁନା ଗଲି । ଏହା ୧୯୧୮ ସାଲର କଥା । ଆହ୍ଲାବାଦରେ ସାଙ୍ଗରେ ଥିଲବେଳେ ମହାତ୍ମା ଗାନ୍ଧୀଙ୍କର Indian Home Rule parcel ଗୋଟିଏ ଆମ ସୋସାଇଟି Care ରେ ଆହ୍ଲାବାଦକୁ ଆସିଥିଲା । ମୁଁ ମହାତ୍ମା ଗାନ୍ଧୀଙ୍କୁ ଚିଠି ଲେଖିଲି । ସେ କହିଲେ, U. P

Digitized by srujanika@gmail.com

Government ବୋଧହୁଏ Ban କରିନାହିଁ । ସେଥିପାଇଁ ଆଣ୍ଟି ବାଦଙ୍କୁ ଆସିଛୁ—ରକ୍ଷିଥାଅ । ପରେ ଯାହା କରିବାର କରିବ ।” ସେଥିରୁ ଖଣ୍ଡିଏ ବହି ବାହାର କରି ଗୋବିନ୍ଦ ଆଉ ମୁଁ Indian Home Rule ପଢ଼ିଲୁ । ସେହି ଚିନ୍ତାରେ ମତ୍ତ ହେଲୁ, ଭକ୍ତ ଗଲୁ । ସୁତରାଂ ଗୋବିନ୍ଦର ସାବରମତୀ ଯିବାରେ ଏହା ଅନୁକୂଳ ହୋଇଥିଲା ।

ଜାମସେଦପୁରରେ ଶ୍ରମିକ ସଂଗଠନ

ଆହ୍ଲାବାଦରୁ ମୁଁ ଗଲି ଜାମସେଦପୁର । ଠକ୍କର ବାପା ଚିଠି ଲେଖିଲେ ସେଠିକି ଯିବା ପାଇଁ । ପଣ୍ଡିତ କୁଞ୍ଜୁରୁ ଅନୁମତି ଦେଲେ । ଜାମସେଦପୁରରେ ଠକ୍କର ବାପା, ମୁଁ, ସୂର୍ଯ୍ୟନାରାୟଣ ରାଓ, ଆର. ଭି. ଶାସ୍ତ୍ରୀ ଇତ୍ୟାଦି ସୋସାଇଟିର ଲୋକେ କାର୍ଯ୍ୟ କରିବାକୁ ଆରମ୍ଭ କଲୁ । ମୁଁ ରହିଲି ପ୍ରାଇମେରୀ ସ୍କୁଲ ଖୋଲିବାରେ । ମୁଁ ସେହି ସମୟରେ ଭିନ୍ନ ଭିନ୍ନ ଜାତି ପାଇଁ ଛବିଶଟା ପ୍ରାଇମେରୀ ସ୍କୁଲ ଖୋଲିଥିଲି । ସେହି ସମୟରେ କୋ-ଅପରେଟିଭ ସୋସାଇଟି ଗୃହରେ ମଧ୍ୟ ଥିଲି । ମୁଁ ପ୍ରଥମ Oriya Co-operative Society ଜାମସେଦପୁରରେ ଆରମ୍ଭ କରିଥିଲି ଅନେକ କଷ୍ଟରେ । କେହିଁ ବିଶ୍ୱାସ କରୁ ନ ଥିଲେ । ଫଳରେ ମଧ୍ୟ ମୁଁ ଜଣକର ଜାମିନ୍ ହୋଇଥିଲି । ସେ ଲୋକଟି ମତେ ଠକେଇଲା । ମୋତେ ଜାମିନ୍ ଥିବା ଯୋଗୁ ଅଶୀ ଟଙ୍କା ଦଣ୍ଡ ଦେବାକୁ ପଡ଼ିଲା । ଏହି ହେଲା କୋ-ଅପରେଟିଭ୍ ଆନ୍ଦୋଳନରେ ମୋର ପ୍ରଥମ Practical ଅଭିଜ୍ଞତା । ଏହା ବଡ଼ ମଧୁର ନୁହେଁ ଅବଶ୍ୟ । ଆମ୍ଭେମାନେ ଜାମସେଦ୍‌ପୁର ଯାଇଥିଲୁ ଗୋଟିଏ Mission ନେଇ । ସେ Missionଟି ହେଉଛି ଟାଟା କାରଖାନା ଭିତରେ ଗୋଟିଏ Social service ଅନୁଷ୍ଠାନ ମିଶାଇ ରଖିବା । ସେହି ସମୟରେ Factoryରେ strike ଗୁଡ଼ିଆଡେ ହେଉଥାଏ । ଆମ Society କାଗଜଲେଖିଲା ଖଡ଼ଗପୁରରେ ଯେଉଁପରି Strike ହୋଇଛି ସେହିପରି Strike ହୁଏତ ଟାଟାନଗରରେ ହୋଇପାରେ । ଏହା ଦେଖି ଟାଟାର ଲୋକେ ଆମ Society ସାଙ୍ଗରେ ପରାମର୍ଶ କଲେ । କଣ କରା ଯାଇ ପାରେ ? ସେତେବେଳେ ଦେବଧର, ଯୋଶୀ, ଠକ୍କର ବାପା ପ୍ରଭୃତି ଆଲୋଚନା କରି ଦେଖାଇଲେ ଯେ ଯଦି ଶ୍ରମିକମାନଙ୍କ ମୂଲରେ ଦୈନିକ ଦୁଇ ପଇସା ବଢ଼େଇ ଦିଆଯାଏ, ତାହାହେଲେ ଶ୍ରମିକଙ୍କର ତ କିଛି ଲାଭ ହେବ ନାହିଁ । କିନ୍ତୁ ସେହି ଦୁଇ ପଇସା ହିସାବରେ ସବୁ ପଇସା ଏକାଠି କରି ତିନି ବର୍ଷ ରଖିଲେ ହେଉଛି ପ୍ରାୟ ବାରଲକ୍ଷ ଟଙ୍କା । ସେହି ବାରଲକ୍ଷ ଟଙ୍କା ଟାଟା ସ୍ୱତନ୍ତ୍ର ରଖିଦେଉ । ଆମେ ସେହି ବାର

Digitized by srujanika@gmail.com

ଲକ୍ଷ ଟଙ୍କାରେ ଶ୍ରମିକର ସୁବିଧା ପାଇଁ ଚାରି ବର୍ଷ କାର୍ଯ୍ୟ କରିବୁ—ଟାଟା ରାଜି ହେଲେ । ଆମେ କାର୍ଯ୍ୟ ଆରମ୍ଭ କଲୁ । ଶ୍ରମିକଙ୍କ ପିଲାଙ୍କ ପାଇଁ ସ୍କୁଲ, ସେମାନଙ୍କ ଋଣ ପାଇଁ କୋ-ଅପରେଟିଭ ସୋସାଇଟି, ଆଉ ସେମାନଙ୍କ ଖାଇବାର ସୁବିଧା ପାଇଁ ଟିକେଟ କରି ଯାହାର ଯେତେ ଚାଉଳ ଦରକାର ସେତିକି ଚାଉଳ ଆମ Central storeରୁ ପ୍ରତ୍ୟେକ ସପ୍ତାହରେ ଦିଆଗଲା । ଆମେ ବାଲେଶ୍ୱର, ସମ୍ବଲପୁର ପ୍ରଭୃତି ଅଞ୍ଚଳରୁ ଚାଉଳ ଆଣି ଜମା କରୁ । ଅନ୍ୟାନ୍ୟ ବ୍ୟବସାୟୀ ସେଥିରେ ପରାଭବ ମଣିଲେ । ସେହିପରି ଟାଟା, ଜୟପୁର Millsରୁ ଲୁଗା ଆଣି ସମସ୍ତଙ୍କୁ ଯୋଗାଇଲୁ ଆଉ ସେମାନଙ୍କ ସୁବିଧା ପାଇଁ ଲାଇବ୍ରେରୀ, ପାଠାଗାର, କ୍ରୀଡ଼ାଭୂମି ମଧ୍ୟ ଠିକ୍ କଲୁ । ଠକ୍କର ବାପାଙ୍କ ଚର୍ଯ୍ୟାରେ ଥିଲା ଲୁଗା ଆଉ ଚାଉଳ, ଆଉ General supervision । ମୁଁ ଚର୍ଯ୍ୟାରେ ଥିଲି ସ୍କୁଲସ୍ଥାପନା, କୋ-ଅପରେଟିଭ, ଆଉ Library, ପାଠାଗାର, କ୍ରୀଡ଼ାଭୂମିର । କିନ୍ତୁ ଏହିସବୁ ସତ୍ତ୍ୱେ ଟାଟାରେ Strike ହେଲା । ଏବଂ ସେ ସମୟର General Manager Mr Tutuiler ସନ୍ଦେହ କଲେ ଯେ, ଆମେ Strikeର ମୂଳରେ । ଦିନେ ମୋତେ ଖବର ଆସିଲା Tutuiler ଡାକୁଛନ୍ତି । ମୁଁ ଗଲି । ସେ କହିଲେ—ଆପଣ ଏ L. Town Union କଣ ସ୍ଥାପନା କରିଛନ୍ତି ? ମୁଁ କହିଲି—ଏହି Library, ପାଠାଗାର, କ୍ରୀଡ଼ାଭୂମି ପାଇଁ । ସେ କହିଲେ—ତେବେ Union ନାମ ଦେଲେ କାହିଁକି ? ମୁଁ କହିଲି—ଆପଣ କହନ୍ତୁ ଆଉ କ ନାମ ଦେବ ? ସେ କହିଲେ—Union ନାମ ଦେବାରେ ସନ୍ଦେହ ଆସିପାରେ ଯେ ଏଟା Labour union । ଅତଏବ ଏହାକୁ ମୁଁ ଶେଷରେ L. Town Social Union ନାମ ଦେଲି ।

ପୁରୀ ଦୁର୍ଭିକ୍ଷ

ବୋଧହୁଏ ୧୯୧୯ ଖ୍ରୀଷ୍ଟାବ୍ଦର କଥା । ଏହି ସମୟରେ ଓଡ଼ିଶାର ପୁରୀ-ଜିଲ୍ଲା'ରେ ଦୁର୍ଭିକ୍ଷ ଦେଖା ଦେଲା । ଅଟଲ ବିହାରୀ ଆଚାର୍ଯ୍ୟ କଲିକତାରୁ ମୋତେ ଚିଠି ଲେଖିଲେ, ପୁରୀରେ ଦୁର୍ଭିକ୍ଷ; ତୁମ Society କାମ କରୁ । ମୁଁ କହିଲି ଠକ୍କର ବାପାଙ୍କୁ ବୁଝାଇ ପାରିଲେ ହେବ । ଶ୍ରୀ ଗିରିଜା ଶଙ୍କର ରାୟ ସମାଜରେ ବାହାରିଥିବା ଓଡ଼ିଆ ଲେଖାକୁ ଇଂରାଜୀ କଲେ । ତାହା ଠକ୍କର ବାପାଙ୍କ ପାଖକୁ ପଠାଗଲା । ଠକ୍କର ବାପା ମୋତେ ପଚାରିଲେ । ମୁଁ କହିଲି ହଁ, ମୁଁ ଜାଣେ ପୁରୀର ଅବସ୍ଥା ଖରାପ । ତେଣୁ ସେ ମୋତେ ଅବସ୍ଥା ବୁଝିବା ପାଇଁ କହିଲେ । ୰ ଜଗବନ୍ଧୁ ସିଂହ, ୰ ଗୋପବନ୍ଧୁ ଦାସ ଏମାନଙ୍କୁ ଚିଠି ଲେଖାଗଲା । ସେମାନେ

Digitized by srujanika@gmail.com

ଉତ୍ତର ଦେଲେ । ଠକ୍କର ବାପା ମୋତେ ପୁଣି ପଠାଇଲେ ଗୋପବନ୍ଧୁ ଦାସ ଆଉ ଜଗବନ୍ଧୁ ସିଂହଙ୍କ ସଙ୍ଗରେ ଦୁର୍ଭିକ୍ଷ ଅଞ୍ଚଳ ବୁଲି ଗୋଟିଏ ରିପୋର୍ଟ ଦେବାକୁ । ମୁଁ ପୁଣି ଗଲି । ଜଗବନ୍ଧୁଙ୍କ ଘରେ ରହିଲି । ଗୋପବନ୍ଧୁଙ୍କ ଦେଖା ମିଳିଲା ନାହିଁ । ଜଗବନ୍ଧୁ ବାବୁ ପୁଣି ଗ୍ରାଡ଼ ଚଲେ ନାହିଁ ! ମୁଁ ଏକାକୀ ପୁଣି ଦୁର୍ଭିକ୍ଷ ଅଞ୍ଚଳ ବୁଲି ଗୋଟିଏ ରିପୋର୍ଟ ଦେଲି । ଠକ୍କର ବାପା ସେ ରିପୋର୍ଟ ଦେଖିଲେ । Statesman, ଅମୃତବଜାର ପତ୍ରିକା, Search Light ପ୍ରଭୃତିକୁ ଲେଖା ପଠାଗଲା । କିନ୍ତୁ ହଠାତ୍ ଠକ୍‌ର ବାପା ପଚାରିଲେ, ଗୋପବନ୍ଧୁ ବାବୁ ଆଉ ଜଗବନ୍ଧୁ ବାବୁ କଣ ତୁମ ସାଙ୍ଗରେ ଯାଇଥିଲେ "? ମୁଁ କହିଲି, ସେମାନେ ଯାଇ ପାରିଲେ ନାହିଁ । ତତ୍‌କ୍ଷଣାତ୍ ସେ କହିଲେ, ତେବେ ରିପୋର୍ଟ ବନ୍ଦ କର । ମୁଁ କହିଲି, ପଠାଇ ଦେଇ ସାରିଛି । ତଥାପି ସମସ୍ତଙ୍କୁ ଟେଲିଗ୍ରାମ ଗଲା ନ ଛାପିବାକୁ । କିନ୍ତୁ ଦୈବାତ୍ Search Lightରେ ତାହା ପ୍ରକାଶ ପାଇଥିଲା ଏବଂ Search Light ଏହି ରିପୋର୍ଟ ଉପରେ ଗୋଟିଏ ସମ୍ପାଦକୀୟ ଲେଖା ଲେଖିଥିଲେ । ତା ଯେମିତି ଖୁବ୍ ହୁଲସ୍ଥୂଲ ହେଲା । ଦ୍ୱିତୀୟ ଥର ମୁଁ ପୁଣି ଆସିଲି । ଜଗବନ୍ଧୁ ବାବୁ ଅଉ ଗୋପବନ୍ଧୁ ବାବୁଙ୍କୁ ସାଙ୍ଗରେ ନେଇ ଦୁର୍ଭିକ୍ଷ ଅଞ୍ଚଳ ବୁଲିବା ପାଇଁ । ପୁଣି ଦୁର୍ଭିକ୍ଷ ଇତିହାସ (୧୯୧୯) ସେ ଟାଏ ବଡ଼ ବିଷାଦପୂର୍ଣ୍ଣ ଇତିହାସ । ଅନାହାର ମୃତ୍ୟୁ ଅନେକ ହୋଇଥିଲା । ସେହି ସମୟରେ ଯେ କମିସନର ଥିଲେ ସେ ସ୍ତ୍ରୀଲୋକଙ୍କ ହାତରେ ପିତଳ ଖଡ଼ୁ ଦେଖି ତାକୁ ଭ୍ରମରେ ସୁନା ଖଡ଼ୁ ବୋଲି କହିଲେ । ବସ୍ତୁତଃ ଅନାହାରରେ ଅନେକ ଲୋକ ମଲେ । ସେ ଦୃଶ୍ୟ ଭୟଙ୍କର ଦୃଶ୍ୟ । ତଥିର ଗାଁରେ ଦୁର୍ଭିକ୍ଷପୀଡ଼ିତ ଛୋଟ ଛୋଟ ପିଲାଙ୍କ ସାଙ୍ଗରେ ଗୁହାଳ ଫୁଟାଇ ଭାତ ଖାଇଛି—ସେ କି ଦୃଶ୍ୟ !

ଘର ଭିତରେ ପଶିଯାଅ—

ଗୋଟିଏ ଗୋଟିଏ ଛିଣ୍ଡା ଅଖା ଘୋଡ଼େଇ ସ୍ତ୍ରୀଲୋକମାନେ, ଯୁବତୀମାନେ —ସ୍ତନ ମନ ସବୁ ଶୁଖି ଯାଇଛି—ତଥାପି ଲଜ୍ଜାରେ ଘର କାନ୍ଥରେ ଲୁଚି ରହିଥାନ୍ତି ।

ଘରେ ହାଣ୍ଡି ଗୋଟିଏ ଚୁଲି ଉପରେ ଥୁଆ ହୋଇଛି—ମୁଠି ଶାଗ ଦ'ଟା ସିଝେଇ ଖାଉଛନ୍ତି କେତେବେଳେ ଅବା । ହାୟ ସେ ଦୁଃଖ ! ସେ ଦୁର୍ଦ୍ଦଶା ! ତଥାପି ସରକାର ମାନିବେ ନାହିଁ । ଦୁର୍ଭିକ୍ଷ ଓ Scarcityର ମାରପେଞ୍ଚ ନେଇ ସରକାର ଜିଦ୍‌ରେ ରହିଲେ । ଗୁନ୍ନାଂ ସାହେବ ସେତେବେଳେ କମିଶନର । ମୁଁ ହେରରୁ ତାଙ୍କୁ ଚିଠି ଲେଖିଲି— ଲୋକଙ୍କ ଅବସ୍ଥା ଯେତେବେଳେ ଏହିପରି,

Digitized by srujanika@gmail.com

ତୁମର ସେତେବେଳେ କଟକ ଲାଲବାଗ୍‌ରେ ବସି ହାଓ୍ୱା ଖାଇବାର ଅଧିକାର ନାହିଁ । ସେଥିରେ ସେ ଝୁଙ୍କ ହୋଇ ପୁଣି ପୋଲିସକୁ ଲେଖିଲେ—**Who is this mad man ?** ସେଇ ସମସ୍ତ ଠାରୁ ମୋ ପଛରେ ସି.ଆଇ.ଡି. ଖୁବ୍ ଲାଗିଲା ।

ଏହି ହେଲା ପୁରୀ ଦୁର୍ଭିକ୍ଷ । ଏଥିରେ ଠକ୍‌କର, ଗୋପବନ୍ଧୁ, ଗୋବିନ୍ଦ ମିଶ୍ର, ମୋର ଏବଂ ସତ୍ୟବାଦୀର ଶିକ୍ଷକ ଓ ଛାତ୍ରମାନଙ୍କର ଚେଷ୍ଟା ଅପରସୀମ ।

ପୁରୀ ଦୁର୍ଭିକ୍ଷରୁ ଫେରି ଦେଖେ ଏଣେ ଟାଟାରେ Strike ଏବଂ ଠକ୍‌କର ବାପା ପ୍ରଭୃତି ଟାଟା ଛାଡ଼ି ଚାଲି ଯାଉଛନ୍ତି । ମୋ ପାଖକୁ ଟେଲିଗ୍ରାମ ଆସିଲା । ମାସକୁ ପାଞ୍ଚଶହ ଟଙ୍କା ବେତନ ଓ ଘର ଫ୍ରି, accept କର । ତା ପରେ ଠକ୍‌କର ବାପାଙ୍କ ଠାରୁ ଟେଲିଗ୍ରାମ ଆସିଲା—**Beware of temptation,** ଅର୍ଥାତ୍ ଲୋଭକୁ ସାବଧାନ । ମୁଁ ପୁରୀରୁ ଫେରି ଦେଖେ ତ ଟାଟାରେ ଖଣ୍ଡଯୁଦ୍ଧ । Town Administrator ଘୋଡ଼ାରେ ଚଢ଼ି ଏଆଡ଼େ ସେଆଡ଼େ ବୁଲୁଛନ୍ତି । ତୁହାଇ ତୁହାଇ ଖବର ଆସୁଛି ବସ୍ତିଘରରେ ଲୋକଙ୍କୁ ପକାଇ ପୋଡ଼ିଦେଲା । ଏତେ ଲୋକ ଖୁନ୍ ହେଲେ । ଏତେ ଲୋକ ପ୍ରାଣ ହରାଇଲେ । ଯା' ହେଉ ତାହାର ଭିତରେ ମୁଁ ମୋର ସ୍ତ୍ରୀ ଓ କନ୍ୟା ଶାନ୍ତିକୁ ଧରି ବାଲେଶ୍ୱର ଫେରି ଆସିଲି ।

ମୋର ପାଶ୍, ଫେଲ୍

ମୋର କଲେଜପଢ଼ା ସେପରି କିଛି ହୋଇନ । ଇଂଜିନିୟରିଂ କଲେଜରେ ଦୁଇବର୍ଷ ପଢ଼ି ପଢ଼ା ଛାଡ଼ିଲି । ବି, ଏସ୍‌ସି. ପାଠ ସେହିଠାରେ ଯାହା ପଢ଼ିଥିଲି ଆଉ ପରବର୍ତ୍ତୀ ଜୀବନରେ ଇଣ୍ଡିଆନ ଭର୍ଣ୍ଣାକୁଲାର, ଅର୍ଥନୀତି, ଇଂରାଜୀ ଏବଂ ଇତିହାସ ଚାରି ଚାରିଟା ବିଷୟରେ ଏମ୍. ଏ. ପାସ୍ ଏବଂ ଦର୍ଶନରେ ଏମ୍. ଏ. ଫେଲ୍, କାବ୍ୟରେ କାବ୍ୟତୀର୍ଥ ଫେଲ୍, ଏକାଉଣ୍ଟାନ୍‌ସି ଫେଲ୍, ହିନ୍ଦୀରେ ବିଶାରଦ ଫେଲ, ଏହିପରି ପାସ୍ ଏବଂ ଫେଲ ଭିତରେ ଦେଇ ଜୀବନ ଯାଇଛି । ପାସ୍‌ରେ କିମ୍ବା ଫେଲ୍‌ରେ ମୁଁ କେବେ ଦବି ଯାଇନାହିଁ କିମ୍ବା ସ୍ଫୀତ ହୋଇନାହିଁ ।

ମୋର ଏମ୍. ଏ. ପରୀକ୍ଷା

ମୁଁ ବି. ଏ. ପାସ୍ କରିଥିଲି ଗୋଟିଏ ଅବସ୍ଥାରେ ପଡ଼ି, ଭାରତ ସେବକ ସମିତିରେ ଯୋଗ ଦେବାକୁ । ବଡ଼ ତରତରରେ ପରୀକ୍ଷା ଦେଲି, ଗୋଟାଏ

Digitized by srujanika@gmail.com

ଜାଣ୍‌ରେ ଦେଲି; ଯାହା ହେଉ ଭାରତ ସେବକ ସମିତରେ ପ୍ରବେଶ କଲି । ୧୯୧୭ ଖ୍ରୀଷ୍ଟାବ୍ଦରେ ମୁଁ ଏଲ୍ଲାହାବାଦରୁ ବଦଳି ହେଲି ପୁନାକୁ । ଏଲ୍ଲାହାବାଦରେ ଶ୍ରୀଯୁକ୍ତ ବେଙ୍କଟେଶ ନାରାୟଣ ତିଓ୍ୱାରଙ୍କ ସଙ୍ଗରେ କାମ କଲି । ପଣ୍ଡିତ ହୃଦୟନାଥ କୁଞ୍ଜୁରୁ ଆମର ସିନିଅର୍ ମେମ୍ବର ଥାଆନ୍ତି । ସେଠି ଆମର ରାଜନୀତି ସଭା ମଧ୍ୟ ହେଉଥିଲା । ଦିନେ ଗୋଟିଏ କାର୍ଯ୍ୟ ନିର୍ବାହକ ମିଟିଙ୍ଗକୁ ପଣ୍ଡିତ ମଦନମୋହନ ମାଳବ୍ୟ, ପଣ୍ଡିତ ମୋତିଲାଲ ନେହେରୁ, ଶ୍ରୀଯୁକ୍ତ ସି ଓ୍ୱାଇ. ଚିନ୍ତାମଣି, ପଣ୍ଡିତ କୁଞ୍ଜୁରୁ, ମୁଁ ଓ ତିଓ୍ୱାରୀ ପ୍ରଭୃତି ଯାଇଥିଲୁ । ଗୋଟିଏ ପ୍ରସ୍ତାବ ଲେଖା ହେଉଥାଏ । ସମସ୍ତେ ସେ ପ୍ରସ୍ତାବ ଲେଖିବାରେ ନିଜ ନିଜର ଭାଷା ପ୍ରୟୋଗ କରୁଥାନ୍ତି, କିନ୍ତୁ ପ୍ରସ୍ତାବଟି ସଜାଡି ହେଉ ନ ଥାଏ । ଶେଷକୁ ଶ୍ରୀଯୁକ୍ତ ବେଙ୍କଟେଶ ନାରାୟଣ କଣ ଟିକେ କହିଲେ; ତାହା ସମସ୍ତଙ୍କର ମନଃପୂତ ହେଲା ଏବଂ ତଦନୁଯାୟୀ ପ୍ରସ୍ତାବଟି ଲେଖାଗଲା । ସମସ୍ତେ ଚାଲିଗଲେ । ତିଓ୍ୱାରୀ ଓ ମୁଁ ରହିଲୁ । ତିଓ୍ୱାରି ସେତେବେଳେ ମୋତେ କହିଲେ, ଦେଖିଲ ମିଷ୍ଟର ସାହୁ, ଯେତେ ହେଲେ ଏମ୍ ଏ —ଏମ ଏ. । ଏହି କଥା କହିବାର ତାତ୍ପର୍ଯ୍ୟ ଏହି ଯେ ଆଉ ଯେଉଁମାନେ ଉପସ୍ଥିତ ଥିଲେ ଓ ପ୍ରସ୍ତାବ ଲେଖିବାରେ ଭାଗନେଉଥିଲେ, ସେମାନଙ୍କ ମଧ୍ୟରୁ କେହି ଏମ୍ ଏ. ନ ଥିଲେ—ପଣ୍ଡିତ ମଦନମୋହନ ମାଳବ୍ୟ, ପଣ୍ଡିତ ମୋତିଲାଲ ନେହେରୁ, ଶ୍ରୀଯୁକ୍ତ ସି ଓ୍ୱାଇ. ଚିନ୍ତାମଣି, ଶ୍ରୀଯୁକ୍ତ ହୃଦୟନାଥ କୁଞ୍ଜୁରୁ ଇତ୍ୟାଦି । ଏମ୍. ଏ. ଥିଲେ କେବଳ ଶ୍ରୀଯୁକ୍ତ ବେଙ୍କଟେଶ ନାରାୟଣ ତିଓ୍ୱାରି । ଏହି ହେଲା ତାଙ୍କର ଗର୍ବ, ଏଥିପାଇଁ ହେଲା ତାଙ୍କର ସ୍ଫୀତି । ମୁଁ ମନେ ମନେ ଭାବିଲି ନେକଟା ଏମ୍ ଏ. ପାସ୍ କରିଛ ବୋଲି କେତେ ଗର୍ବ କରୁଛ ! ଏଇଠାରେ ମୋ ମନରେ ଏମ୍. ଏ. ପଢ଼ିବାର ବୀଜ ବପ୍ତ ହେଲା । ଏହା ଅଙ୍କୁରିତ ହେବା ପାଇଁ ୧୯୧୮ରୁ ୧୯୬୨ ଚାଲିଗଲା । ମୋ ମନର ଅଜ୍ଞାତ କୋଣରେ ଅବଚେତନ ଭାବରେ ଏ ଏମ୍ ଏ ପରୀକ୍ଷା ଚାଲିଥାଏ । ଦିନେ ମୁଁ ଭାବୁଛି ଖାଲି ସମାଜସେବା କଲି, ଆଉ କିଛି ପାଠଶାଠ ପଢ଼ିଲି ନାହିଁ, ଦିନକୁ ଦିନ ମୂର୍ଖ ହୋଇଗଲି, ଏହିପରି ଅବସ୍ଥାରେ କଟକ ମିଶନ ସ୍କୁଲର ମୋର ପୂର୍ବତନ ଛାତ୍ର ସୁଶୀଲ ଗୁପ୍ତ ସାଇକେଲରେ ମୋ ତିନକୋଣିଆ ବଗିଚା ଅଫିସ ବାଟ ଦେଇ ଯାଉଥିଲା । ସେ ମୋତେ ଦେଖି ହଠାତ୍ ନମସ୍କାର କଲା, ଆଉ ମୁଁ ତାକୁ ପଚାରିଲି—ସୁଶୀଲ୍, ଏବେ କଣ କରୁଛ ? ସେ କହିଲା—ସାର୍, ଏବେ ଏମ୍. ଏ. ପରୀକ୍ଷା ଦେବ । ମୁଁ ପଚାରିଲି, ଏମ୍ ଏ. ପରୀକ୍ଷା କେବେ ? ସେ କହିଲା ନଭେମ୍ବର ୪ ତାରିଖରେ । ମୁଁ କହିଲି—ମୁଁ ଏମ୍ ଏ ପରୀକ୍ଷା ଦେଲେ ହବନି ନାହିଁ ? ସେ ପଚାରିଲା ଆପଣ କଣ ଟଙ୍କା ଦେଇ ପାରିଛନ୍ତି ? ମୁଁ କହିଲି—

Digitized by srujanika@gmail.com

ନା । ହଁ ଦେଖନ୍ତୁ, କଲିକତା ୟୁନିଭରସିଟି ହୁଏତ ଆପଣଙ୍କୁ ଅନୁମତି ଦେଇପାରେ । ମୁଁ ସଙ୍ଗେ ସଙ୍ଗେ ପୋଷ୍ଟ ଅଫିସକୁ ଯାଇ ପାସ୍ ବହିରୁ ୧୦୦ଟଙ୍କା ବାହାର କରି ଅକ୍ଟୋବର ୨୭ ତାରିଖରେ କଲିକତା ୟୁନିଭରସିଟି ରେଜିଷ୍ଟ୍ରରଙ୍କ ନାମରେ ୧୦୦ଟଙ୍କା ମନିଅର୍ଡର କଲି । ତାପରେ କଲିକତା ଚଳି ଏବଂ ପରୀକ୍ଷା ଦେଲି । କେଉଁଥିରେ ପରୀକ୍ଷା ଦେବି କିଛି ଜାଣି ନ ଥିଲି । କଲିକତାକୁ ଯାଇ ଶୁଣିଲି ଯେ Indian Vernacular (ସଂସ୍କୃତ, ହିନ୍ଦୀ, ବଙ୍ଗଳା) ନାମରେ ଗୋଟିଏ ଏମ୍. ଏ. ପରୀକ୍ଷା ହୁଏ । ମୁଁ ସେଥିରେ ପରୀକ୍ଷା ଦେବା ପାଇଁ ସ୍ଥିର କଲି ଏବଂ ପରୀକ୍ଷା ଦେଲି ; ଦାଇବର ଆନୁକୂଲ୍ୟରେ ମୁଁ ଉକ୍ତ ବିଷୟରେ ୨ୟ ଶ୍ରେଣୀରେ ପାସ୍ କରି ହଠାତ୍ ଏମ୍. ଏ. ହୋଇଗଲି । ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ଏବଂ ସର୍ବମୋଟ ୨୦୦ ଘଣ୍ଟା ପରିଶ୍ରମ । ଯେଥିରେ ଏମ୍. ଏ. ହେଲି, First Class ହେବାକୁ ଆଉ ୧୭ ନମ୍ବର ମାତ୍ର ବାକୀ ଥିଲା । ମନେ ମନେ ମୁଁ ବି ଟିକେ ଗର୍ବ ଅନୁଭବ କଲି ଯେ ବେଙ୍କଟେଶ ନାରାୟଣ ତିୱାରୀଙ୍କ ସହିତ ଦେଖା ହେଲେ ମୁଁ ମଧ୍ୟ କହି ପାରିବି ଯେ ମୁଁ ମଧ୍ୟ ଜଣେ ଏମ୍ ଏ. । କିଛି ଦିନ ଗଲା । କେତେକ ବନ୍ଧୁଙ୍କ ସଙ୍ଗେ କଥାବାର୍ତ୍ତା ହେଉଥାଏ । ସେମାନଙ୍କ ମଧ୍ୟରୁ କେହି କେହି କହିଲେ ଭର୍ଣ୍ଣାକୁଲରରେ ଏମ୍. ଏ. ହେବାଟା କଣ ବାହାଦୁରୀ; Economicsରେ ଏମ୍ ଏ. ହୋଇଥାଆନ୍ତ କି । ମୋର ଏମ୍.ଏ. ଗର୍ବରେ ଟିକିଏ ବ୍ୟାଘାତ ଘଟିଲା । ମନେ ମନେ ଭାବୁଥାଏ, Economicsରେ ଟିକିଏ ଏମ୍ ଏ ହୁଅନ୍ତି କି । ପାଟନାରୁ ବାହାରୁଛି, କଲିକତାରେ ଶୁଣିଲି ଯେ ଏମ୍.ଏ ପରୀକ୍ଷା ନିକଟରେ ହେବ, ଆଉ ଛ'ସାତ ଦିନ ବାକୀ ଅଛି । ମୋ ମନଟା ସକ୍ ସକ୍ ହେଲା । ମୁଁ ମୋର ବନ୍ଧୁ ପ୍ରିୟରଞ୍ଜନ ସେନ୍‌ଙ୍କୁ ଧରି ଟଙ୍କା ଦାଖଲ କଲି ଏବଂ ଛ' ସାତ ଦିନ ପରେ ଏକୋନମିକ୍ସରେ ଏମ୍ ଏ. ପରୀକ୍ଷା ଦେବାକୁ ବସିଲି । ଦୈବକୁ ଏଥିରେ ମଧ୍ୟ ପାସ୍ ହୋଇଗଲି, କିନ୍ତୁ ପଢ଼ାପଢ଼ି ତ ସେପରି କିଛି ନ ଥିଲା । ସେଥିପାଇଁ 3rd Class ହୋଇଗଲି । ଏହା ପରେ ମୁଁ ଘରେ ଅଛି—Star of Utkalର ଲେଖାଲେଖି କରୁଛି । ମୋର ଜଣେ ବନ୍ଧୁ ନିମ ଭିଁଚରଣ ମୋ ପାଖକୁ ଆସିଲେ ଗ୍ରାମସଂଗଠନ ସମ୍ପର୍କରେ ଗୋଟିଏ ପ୍ରବନ୍ଧ ନେବା ପାଇଁ । ସେ କହିଲେ ହରିହର ମହାପାତ୍ର, ଆଡ୍‌ଭୋକେଟ; ଇଂରାଜୀରେ ଏମ୍.ଏ. । ସୁତରାଂ ସେ ଯେପରି ପ୍ରବନ୍ଧ ଲେଖିବେ ଆପଣ କଣ ସେପରି ଲେଖି ପାରିବେ ? ସେଥିରେ ମୋର ଏକୋନମିକ୍ସ ପାସ୍ କରିବା ମଧ୍ୟ ଭୁଷୁଡ଼ି ପଡ଼ିଲା । ଅବଶ୍ୟ ମୁଁ ଗୋଟିଏ ପ୍ରବନ୍ଧ ସାଙ୍ଗେ ସାଙ୍ଗେ ନିମାଇଁଙ୍କୁ ଡାକଦେଲି ଏବଂ ତାହା ଇଂରାଜୀ ରଚନା ବନ୍ଧ ସଂଗ୍ରହରେ ପ୍ରକାଶିତ ହୋଇଛି । ତାହାପରେ ୧୯୩୬

Digitized by srujanika@gmail.com

ସାଲର କଥା । ମୁଁ ବିହାରର ପାଟନାକୁ ଯାଇଥିଲି ସହଯୋଗ ସମିତିର ପ୍ରାଦେଶିକ ବ୍ୟାଙ୍କ୍‌ର ଗୋଟିଏ ମିଟିଙ୍ଗ ପାଇଁ । ମିଟିଙ୍ଗ୍ ସାରି ଶୁକ୍ରବାର ରାତିରେ ପାଟନାରୁ ବାହାରି କଲିକତା ଆସିଲି ।

ଶନିବାର ଦିନ ଏଗାରଟାରେ ପହଞ୍ଚିଲି । ସେହିଦିନ କଲିକତା ବିଶ୍ୱ-ବିଦ୍ୟାଳୟକୁ ଗଲି ମୋର ବନ୍ଧୁ ପ୍ରିୟରଞ୍ଜନ ସେନ୍‌ଙ୍କ ସଙ୍ଗେ ଦେଖା କରିବା ପାଇଁ । ତାଙ୍କ ଠାରୁ ଶୁଣିଲି ଆଗାମୀ ସୋମବାର ଦିନ ଏମ୍.ଏ. ପରୀକ୍ଷା ଆରମ୍ଭ । ମୋର ମନ ସକ୍ ସକ୍ ହେଲା । ମୁଁ ଇଂରାଜୀରେ ଏମ୍.ଏ. ପରୀକ୍ଷା ଦେବାକୁ ଚାହିଁଲି । ପ୍ରିୟରଞ୍ଜନ ବାବୁ କହିଲେ ଏ କି ପାଗଳାମି ? ଅନ୍ତତଃ ବର୍ଷେ ଭଲ କରି ପଢ଼ନ୍ତୁ । ତା ପରେ ପରୀକ୍ଷା ଦେବେ । ଆଉ କହିଲେ, ଏକୋନମିକ୍‌ସ ସାଧାରଣ ଜ୍ଞାନରେ ଏମ୍.ଏ. ପାସ୍ କରି ଦେଇଛନ୍ତି ବୋଲି ଆପଣ ଭାବୁଛନ୍ତି ଯେ ଇଂରାଜୀରେ ମଧ୍ୟ ସେପରି ପାସ୍ କରିଯିବେ । ଅସମ୍ଭବ । Chaucerଙ୍କର Old English ପଢ଼ିବାକୁ ହେବ । ଆପଣ ପଢ଼ିଛନ୍ତି ? ଆଉ ସବୁ କଥା ପଚାରିଲେ । ସେ କହିଲେ, ଏ ଖେଳ ଘର ନୁହେଁ । ଅନ୍ତତଃ ୨୦୦ ଘଣ୍ଟେ ବହି ପଢିବାକୁ ହେବ । ମୁଁ କହିଲି—ଯାହାହେଉ, ଆପଣ ଟିକେ ପରୀକ୍ଷା ଦେବାର ଅନୁମତିଟା କରାଇ ଦିଅନ୍ତୁ । ତେଣିକି ଯାହା ହେବାର ହେବ । ସେ ବଡ଼ ବିରକ୍ତ ହେଲେ । ତଥାପି ମୋତେ ସାଙ୍ଗରେ ନେଇ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର୍ ପାଖକୁ ଗଲେ ଏବଂ ତାଙ୍କୁ ପଚାରିଲେ ଆଉ ସିନେଟ୍ ଏବଂ ସିଣ୍ଡିକେଟ୍ ମିଟିଙ୍ଗ ଅଛି କି ନାହିଁ । ସେ କହିଲେ, ଆଜି ସିନେଟ୍ ମିଟିଙ୍ଗ ରାତି ଆଠଟାରେ ଏବଂ ସିଣ୍ଡିକେଟ୍ ମିଟିଙ୍ଗ ସନ୍ଧ୍ୟା ଛଅଟାରେ । ତେବେ ପ୍ରିୟରଞ୍ଜନ ତାଙ୍କୁ କହିଲେ, ହଉ ଏ ଦରଖାସ୍ତ ଓ ଟଙ୍କାଟା ରଖନ୍ତୁ, ଯେପରି ହେଉ ଅନୁମତି କରାଇ ଦେବେ । ଏହି ଭଦ୍ରଲୋକଟି ମୋତେ ବଡ଼ ବ୍ୟସ୍ତ କରୁଛନ୍ତି । ତା ପରେ ସୋମବାର ଦିନ ପରୀକ୍ଷା । ପରୀକ୍ଷା ଆଗରୁ ମୁଁ ଗୋଟିଏ ସ୍ତମ୍ଭ ପାଖରେ ଠିଆ ହୋଇଛି, ପ୍ରିୟରଞ୍ଜନ ମୋର ଏଡମିଟ କାର୍ଡ ଆଣିଦେଲେ । ମୁଁ ସେହି କାର୍ଡ ଧରି ପରୀକ୍ଷା ଦେବାକୁ ଗଲି । ଦୈବକୁ ଏଥର ବି ପାସ୍ କରିଗଲି । ଦିନେ ବୁଲି ଯାଇଥିଲି । ଘରକୁ ଫେରି ଆସି ଦେଖେ ମୋ ଟେବୁଲ ଉପରେ ପ୍ରିୟରଞ୍ଜନ ଲେଖିଥିବା ଗୋଟିଏ ପୋଷ୍ଟ କାର୍ଡ ରହିଛି ଏବଂ ସେଥିରେ ସେ ଲେଖିଛନ୍ତି—ମୁଁ ଆଶ୍ଚର୍ଯ୍ୟ ହେଉଛି ଆପଣ ପାସ୍ କଲେ କିପରି ? ମୁଁ ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ ହେଲି । ପାସ୍‌ମାର୍କ ସବୁ ମିଶାଇ ଦେଖିଲି ଖାଲି ପାସ୍ ନୁହେଁ । ପ୍ରତି ପେପରରେ ମଧ୍ୟ ପାସ୍ ହୋଇଛି । ଏ ହେଉଛି ୧୯୩୩ ଖ୍ରୀଷ୍ଟାବ୍ଦର କଥା ।

Digitized by srujanika@gmail.com

ଏହା ପରେ ସାତ ବର୍ଷ ବିତିଗଲା । ମୋ ମନ ଥରେ ଭାରି ଖରାପ ଥାଏ । ଘରେ ମୋର ଜୋଇଁ ମୋର ବିରୁଦ୍ଧରେ ଚକ୍ରିଥାଏ । ଶାନ୍ତି ପାଇବା ପାଇଁ ଭାବିଥିଲି କଲିକତା ଚାଲିଯିବି । କୌଣସି ଗୋଟିଏ ଏମ୍. ଏ. ପରୀକ୍ଷାରେ ଲାଗିଯିବି । ଜୁଲାଇ ମାସ ପ୍ରଥମ ସପ୍ତାହରେ ପୁନା ଫେରି ଆସି କଟକରେ ପହଞ୍ଚିଲି ଏବଂ ପ୍ରିୟରଞ୍ଜନଙ୍କୁ ଚିଠି ଲେଖିବାରେ ଜାଣିଲି ଯେ ଜୁଲାଇ ମାସ ଅଠରରେ ଏମ୍. ଏ. ପରୀକ୍ଷା । ଦୁଇଚାରି ଦିନ ପରେ କଲିକତା ଗଲି । ଏଥର ଫିଲୋସଫିରେ ଏମ୍. ଏ ଦେଲି । ମୋର ଅଧ୍ୟାପକ ଶ୍ରୀଯୁକ୍ତ ହେମଚନ୍ଦ୍ର ସରକାର ପଢ଼ାଇଲା ବେଳେ ମୋତେ ବରାବର କହୁଥିଲେ, ଲକ୍ଷ୍ମି, ତୁମେ ଫିଲୋସଫର ହେବ । ହଠାତ୍ ମୁଁ ଭାବିଲି, କାହିଁ ଫିଲୋସଫି ତ କିଛି ପଢ଼ି ନାହିଁ । ଏମ୍ ଏ. ପରୀକ୍ଷାରେ ଫିଲୋସଫି ବହିମାନ ପଢ଼ିଲି ଦଶ ଦିନ ମଧ୍ୟରେ । ପରୀକ୍ଷା ଦେଲି । ଉତ୍ତରରେ ଖୁବ୍ ଭଲ ଲେଖିଛି ବୋଲି ମନରେ ଖୁବ୍ ଆନନ୍ଦ ହେଉଥାଏ । ଶେଷକୁ ମୁଁ ଫିଲୋସଫି ଫେଲ୍ । ଗୋଟିଏ ପେପରରେ ବାଇଶ ନା ତେଇଶ ଅଛି, ଆଉ ଦୁଇ ନମ୍ବର ଥିଲେ ମାର୍କ ଗଣା ହୋଇଥାନ୍ତା । କିନ୍ତୁ ତାହା ହୋଇ ପାରିଲା ନାହିଁ । ହଉ, ମୁଁ ପୂର୍ବ ପରୀକ୍ଷାରେ Essayରେ ଶତକଡ଼ା ୬୫, ୭୦, ୮୦, ୯୦ ଏପରି ପାଇଥିଲି । ମୋର Essay paperରେ ୪୨ ନା କଣ ରହିଗଲା । ଏମ୍ ଏ. ପାସ୍ ଆଉ ଏମ୍ ଏ ଫେଲ ଏହି ଦୁଇରେ ମୋର ପାଠପଢ଼ାର ସମସ୍ତ ଅଭିମାନ ଚୂର୍ଣ୍ଣ ହୋଇଯାଇଛି ।

(ଏହା ପରେ ଦୀର୍ଘ ଚଉଦ ବର୍ଷ ପରେ ୧୯୫୪ ମସିହାରେ ଚଉଷଠି ବର୍ଷ ବୟସରେ ଲକ୍ଷ୍ମୀନାରାୟଣ ପୁଣି ତାଙ୍କ ନାତିନାତୁଣୀ ଭଳି ଛାତ୍ରଛାତ୍ରୀଙ୍କ ସାଙ୍ଗରେ ଇତିହାସରେ ଏମ୍ ଏ. ପରୀକ୍ଷା ଦେଇଥିଲେ । ଏଥର ଉତ୍କଳ ବିଶ୍ୱ-ବିଦ୍ୟାଳୟରେ । ହାତ ଥରୁ ଥରୁ, ଦେହ ଥରୁ ଥରୁ. ଘନ ଘନ ଆକ୍‌ମାର ଧଇଁକାଶ, ଆରାମ୍ ଚେୟାରରେ ବସି ବସି ଶୋଇ ଶୋଇ ଲକ୍ଷ୍ମୀନାରାୟଣ ଦେଲେ ପରୀକ୍ଷା, ଆଉ ପାସ୍ କରି ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ଉତ୍ସବରେ ନେଲେ ଏମ୍. ଏ. ଡିଗ୍ରୀ ଚାନ୍‌ସେଲର ୱାଇ. ଏନ୍. ସୁକ୍‌ଥଙ୍କରଙ୍କ ଠାରୁ ।

ଏହା ଛଡ଼ା ସେ ଭାରତ ସରକାରଙ୍କ ଠାରୁ 'ପଦ୍ମଶ୍ରୀ', ଉତ୍କଳ ବିଶ୍ୱ-ବିଦ୍ୟାଳୟରୁ 'ଏଲ ଏଲ. ଡି', ଆନ୍ଧ୍ର ଇତିହାସ ପ୍ରତ୍ନତତ୍ତ୍ୱ ସମିତିରୁ 'ଭାରତୀତୀର୍ଥ', ପୃଥିବୀ ଜୈନ ମିଶନରୁ 'ଇତିହାସରତ୍ନ', ଗୀତାରେ 'ତତ୍ତ୍ୱନିଧି', ବଙ୍ଗଳା ସାହିତ୍ୟରେ ନିପୁଣତା ଯୋଗୁଁ 'ବିଦ୍ୟାରତ୍ନ' ଉପାଧି ପାଇଥିଲେ ।

—ସଂକଳୟିତା)

Digitized by srujanika@gmail.com

ଉତ୍କଳ ସେବାସମିତି ଗଠନ

୧୯୧୮ ସାଲରେ ମୁଁ କଟକରେ ଗୋଟିଏ ସେବା ସମିତି ସ୍ଥାପନ କଲି । ସେଥିରେ ସେ ସମୟରେ ଉତ୍କଳର ଉଦୀୟମାନ କେତେକ ବିଶିଷ୍ଟ ଯୁବକଙ୍କୁ ନେଇ ଏଇ କାର୍ଯ୍ୟ ଆରମ୍ଭ କଲି । ଏଥିରେ ଭିନ୍ନ ଭିନ୍ନ ବିଭାଗ ରଖା ଯାଇଥିଲା । ଓଡ଼ିଶାରେ ସର୍ବପ୍ରଥମ କୋ-ଅପରେଟିଭ୍ ଷ୍ଟୋର ଏହିଠାରେ କରାଯାଇଥିଲା । ତାର ନାମ ଥିଲା "ଉତ୍କଳ ସେବାସମିତି କୋ-ଅପରେଟିଭ୍ ଷ୍ଟୋର" । ଏହାର ସେକ୍ରେଟାରୀ ଥିଲେ ବର୍ତ୍ତମାନର ପ୍ରସିଦ୍ଧ ବ୍ୟକ୍ତି ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ । ସେହିପରି ଜେଲ ଓ ହସପିଟାଲ ବିଭାଗ ଗୋଟିଏ ଖୋଲା ହୋଇଥିଲା । ସେଥିରେ ସେକ୍ରେଟାରୀ ଥିଲେ ରାଜକୃଷ୍ଣ ବୋଷ । ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନ୍‌ଗୋ ଓ ନବକୃଷ୍ଣ ଚୌଧୁରୀ ଲାଇବ୍ରେରୀ ବିଭାଗର ସେକ୍ରେଟାରୀ ଥିଲେ । ବର୍ତ୍ତମାନର ତାଳଚେର ରାଜା ଶ୍ରୀ ହୃଦୟଚନ୍ଦ୍ର ଦେବ ବିଶିଷ୍ଟ ଲୋକଙ୍କର ଉତ୍ସବ ସେକ୍ରେଟାରୀ ଥିଲେ । ଏହିପରି ଆହୁରି କେତେ ବିଭାଗ ଖୋଲା ଯାଇଥିଲା, ସେସବୁ ବର୍ତ୍ତମାନ ମୋର ମନେ ନାହିଁ । ଏହାର ଅଫିସ କରାଯାଇଥିଲା କଟକର କାଠଗଡ଼ା ସାହିରେ ଚନ୍ଦ୍ର ଲାଇବ୍ରେରୀ ପାଖରେ । ଶ୍ରୀଯୁକ୍ତ ଯଦୁମଣି ମଙ୍ଗରାଜ, ହୃଦୟାନନ୍ଦ ଶତପଥୀ, ବିଚିତ୍ରାନନ୍ଦ ପଟ୍ଟନାୟକ ପ୍ରଭୃତି ମଧ୍ୟ ଏହି ସମିତି ସହିତ ସଂଯୁକ୍ତ ଥିଲେ । କିଛିଦିନ ଏହା ଭଲ କାର୍ଯ୍ୟ କରିଥିଲା । ତା ପରେ ୧୯୨୧ ଖ୍ରୀ:ରେ ନନ୍‌କୋଅପରେସନ୍‌ର ଝଡ଼ ଝଞ୍ଜା ଯେତେବେଳେ ବହିବାକୁ ଆରମ୍ଭ କଲା ସେତେବେଳେ ଏହା ମ୍ରିୟମାଣ ହୋଇଗଲା । ତା' ପୂର୍ବରୁ ଯେତେବେଳେ ମଣ୍ଟେଗୁ ଚେମସ୍ ଫୋର୍ଡ ରିଫର୍ମସ ଅନୁଯାୟୀ ମାନ୍ୟବର ମଧୁସୂଦନ ଦାସ ବିହାର ଓଡ଼ିଶାର ମନ୍ତ୍ରୀ ହେଲେ, ସେ ସମୟରେ ମୁଁ ଏଆଡ଼େ ଆଉ ଅନ୍ୟାନ୍ୟ-ମାନେ ଅନ୍ୟ ଆଡ଼େ ହେଲେ । ମଧୁସୂଦନଙ୍କ ମନ୍ତ୍ରୀତ୍ୱକୁ ସ୍ୱାଗତ କରିବା ପାଇଁ ମୁଁ ମତ ଦେଇଥିଲି । ଆଉ ଅନ୍ୟମାନେ ବିରୁଦ୍ଧ ମତ ପୋଷଣ କରିଥିଲେ । ଏହାର ଫଳରେ ଉତ୍କଳର ସେବାସମିତି ଭାଙ୍ଗିଗଲା । କିନ୍ତୁ କର୍ମଯୋଜନାଟି ଭଲ ଥିଲା ଏବଂ ସେ ସମୟର ଏହି ସବୁ ସତ୍-ସାହସୀ କଲେଜଛାତ୍ରଙ୍କୁ ନେଇ ମୁଁ ଯେ ଗୋଟିଏ ବହୁ ଉଦ୍ଦେଶ୍ୟ ସମ୍ବଳିତ ଉତ୍କଳ ସେବାସମିତି ସ୍ଥାପନ କରି ପାରିଥିଲି ତାହା ମୋର ମନରେ ଆଜି ପର୍ଯ୍ୟନ୍ତ ଜାଜ୍ୱଲ୍ୟମାନ ହୋଇ ରହିଅଛି । ବିଧାତାଙ୍କର ଇଚ୍ଛାରେ ହିଁ ଦେଶର ବୃହତ୍ତମ କାର୍ଯ୍ୟ ସାଧିତ ହୋଇ ଚାଲିଛି ।

ମହତାବଙ୍କ ମତ

(୧୯୧୮ ସାଲ କି ୧୯୧୯ ସାଲ—ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ସ୍ୱନାମଧନ୍ୟ ଗୋପାଳକୃଷ୍ଣ ଗୋଖ୍‌ଲେଙ୍କ ପ୍ରତିଷ୍ଠିତ ଭାରତ ସେବକ ସମିତିର ସଦସ୍ୟ ହୋଇ-

Digitized by srujanika@gmail.com

ଥାନ୍ତି । ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବାପାଇଁ କଟକ ଟାଉନ ହଲରେ ଏକ ସଭା ଆହୂତ ହୋଇଥିଲା । ସଭାପତି ହୋଇଥାନ୍ତି ସେ ସମୟର ଜନୈକ ପ୍ରଧାନ ସାଧାରଣସେବୀ ରାୟ ବାହାଦୂର ସୁଦାମଚରଣ ନାୟକ । ହୁଏତ ଅନେକ ସୁଦାମ ବାବୁଙ୍କ ନାମ ସୁଦ୍ଧା ଆଜି ଜାଣି ନ ଥିବେ, କିନ୍ତୁ ସେତେବେଳେ ସେ ଗୁଣୀ ତଥା ଶିକ୍ଷିତ ଜନସାଧାରଣଙ୍କ ମଧ୍ୟରେ ଜଣେ ଜନପ୍ରିୟ ବ୍ୟକ୍ତି ଥିଲେ । ସେତେବେଳେ ମୋର ଫାଷ୍ଟ ଇୟର କି ସେକେଣ୍ଡ ଇୟର । ଭାରତ ସେବକ ସମିତିର ସଦସ୍ୟ ହୋଇ ସେଦିନ ଲକ୍ଷ୍ମୀନାରାୟଣ ସାହୁ ଯେଉଁ ସମ୍ମାନ ପାଇଥିଲେ ସେଥିରେ ସାଧାରଣ ଭାବରେ ଆମେ କେତେଜଣ ଯୁବକ ତାଙ୍କ ପ୍ରତି ଆକୃଷ୍ଟ ହେଲୁଁ । ସୁଦାମବାବୁ ତାଙ୍କର ଶେଷ ଭାଷଣରେ ଆଙ୍ଗୁଳି ଦେଖାଇ କହିଥିଲେ, "ଦେଖ ଲକ୍ଷ୍ମୀନାରାୟଣ, ଭାରତର ସେବା କର ପଛକେ, ଗରିବ ଓଡ଼ିଆଙ୍କୁ ଭୁଲିବ ନାହିଁ ।" ସେ କଥା ଲକ୍ଷ୍ମୀନାରାୟଣ ବାବୁ ବରାବର ଆମକୁ ମନେ ପକାଉଥିଲେ । ତା'ପରେ ଧୀରେ ଧୀରେ ଲକ୍ଷ୍ମୀନାରାୟଣ ବାବୁଙ୍କ ଠାରୁ ଆମେ "ସାଧାରଣ ଜୀବନ' ଶିକ୍ଷା କରୁଥାଉଁ । ସଭାଟିଏ କରିବାପାଇଁ କିପରି ନୋଟିସ ଲେଖାଯାଏ ଓ ପରେ ସଭାର କାର୍ଯ୍ୟକ୍ରମ କିପରି ଚାଲେ, ପୁଣି ତା'ପରେ ସଭାର ବିବରଣୀ କିପରି ସମ୍ବାଦପତ୍ରମାନଙ୍କୁ ପଠାଯାଏ, ଟିକିନିଖି ସେ ଆମ୍ଭମାନଙ୍କୁ କହୁଥାନ୍ତି । ଶେଷରେ ଆମ୍ଭେମାନେ ସମବାୟ ଆନ୍ଦୋଳନର ସମସ୍ତ ବିଷୟ ଜାଣିବା ଉଚିତ ଓ ସମବାୟ ବିଭାଗର କାର୍ଯ୍ୟ ନିଜେ କରିବା ଉଚିତ, ଏହାହିଁ ହେଲା ଲକ୍ଷ୍ମୀନାରାୟଣ ବାବୁଙ୍କ ପରାମର୍ଶ । ତଦନୁସାରେ ମାତ୍ର ପଚିଶ ଟଙ୍କା ମୂଳଧନରେ ଆମେ ପଚିଶ ଜଣ ଗୁଣି ଟଙ୍କାଏ ହିସାବରେ ଦେଇ ଏକ ସମବାୟ ସମିତି ସ୍ଥାପନ କଲୁ । ମୁଁ ଥିଲି ତାର ସମ୍ପାଦକ । କାଗଜ, ପେନ୍‌ସିଲ୍, କଲମ, କାଳି ଇତ୍ୟାଦି ବିକିବା ଥିଲା ଏହାର କାମ । ବିଭାଗର ନିୟମାନୁସାରେ ବାଧ୍ୟବାଧି ଭାବରେ ରେଜେଷ୍ଟ୍ରି ହୋଇଥିବାରୁ ସବୁ ହିସାବପତ୍ର ଠିକ୍ ଭାବରେ ରଖୁଥିଲୁଁ । ସେଥିରେ ସେତେବେଳେ ଯେତେ ଉତ୍ସାହ ଓ ଆନନ୍ଦ ଥିଲା ଆଜି ଭାବିଲେ ମନ ପୂରି ଉଠେ । ହଠାତ୍ ଦିନେ ଲକ୍ଷ୍ମୀନାରାୟଣ ବାବୁ ବିହାର-ଓଡ଼ିଶାର ସମବାୟ ବିଭାଗର ଡେପୁଟି ରେଜିଷ୍ଟ୍ରାରଙ୍କୁ ଆଣି ଆମର କ୍ଷୁଦ୍ର ଅଫିସରେ ପହଞ୍ଚାଇ ଦେଲେ । ସେ ନିୟମିତ ଭାବରେ ଆମର ଖାତାପତ୍ର ଦେଖି ଆମକୁ ଓ ବିଶେଷତଃ ମୋତେ ଭଲ ସାର୍ଟିଫିକେଟ ଦେଇଗଲେ । କି ଆନନ୍ଦ ଆମର !!! ପାଠକ ମାନଙ୍କ ମନରେ କୌତୁହଳ ଜାଗ୍ରତ ହେଉଥିବ ଯେ ଆମେ ସେତେବେଳେ କେଉଁମାନେ ଥିଲୁ । ସେତେବେଳେ ଶ୍ରୀ ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନଗୋ ଏହି

Digitized by srujanika@gmail.com

"ଆମେ" ଭିତରେ ଥିଲେ । ନୃତ୍ୟାନନ୍ଦ ଓ ପ୍ରହ୍ଲାଦ ଏମାନେ ଆମ ଭିତରେ ନାହାନ୍ତି । ଏମାନେ ପରେ ସମବାୟ ବିଭାଗରେ ଯୋଗ ଦେଇଥିଲେ ।

ଲକ୍ଷ୍ମୀନାରାୟଣ ବାବୁଙ୍କ ସହିତ ଆମର ସଂଯୋଗ କଟିଗଲା ଯେତେବେଳେ ଆମେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲୁ । ପୁଣି କେତେବର୍ଷ ପରେ ସେ ସଂଯୋଗ ସ୍ଥାପିତ ହେଲା । ଉପରୋକ୍ତ ବିବରଣୀରୁ ଜଣା ପଡ଼ିବ, ଅକ୍ଳାନ୍ତ କର୍ମୀ ଲକ୍ଷ୍ମୀନାରାୟଣ କେତେ ଭାବରେ କେତେ ଶ୍ରେଣୀର ଲୋକଙ୍କ ଉପରେ ଦେଶସେବା ବୃତ୍ତିର ପ୍ରଭାବ ପକାଇଥିଲେ ।

ଓଡ଼ିଶାରେ କର୍ମମୟ ଜୀବନର ଆଦର୍ଶ ଅକ୍ଷୁଣ୍ଣ ରଖିବା ପାଇଁ ଲକ୍ଷ୍ମୀନାରାୟଣଙ୍କ ସ୍ମୃତିରକ୍ଷା ଏକାନ୍ତ ଆବଶ୍ୟକ । କର୍ମମୟ ଜୀବନ ସେ ଦାନ କରି ଯାଇଛନ୍ତି ଦେଶକୁ । ସେ ଜୀବନର ସାର୍ଥକ ଉତ୍ତରାଧିକାରୀ ଆମ୍ଭେମାନେ ହେଉଁ, ଏହାହିଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା । ଆଜି ଯେତେବେଳେ ସାଧାରଣ ଜୀବନ ନାନା କାରଣରୁ କ୍ଷୁଣ୍ଣ ହେବାକୁ ବସିଛି, ଯେତେବେଳେ ସାଧାରଣ ଜନତାକୁ ମୂର୍ଖ ଦରିଦ୍ର ମନେ କରି ସେମାନଙ୍କୁ ମେଣ୍ଢାପଲ ପରି ଅଡ଼େଇ ନେବା ପାଇଁ କେତେକଙ୍କର ଅହଂ ପ୍ରକାଶ ପାଉଛି, ସେତେବେଳେ ଲକ୍ଷ୍ମୀନାରାୟଣଙ୍କ ସାଧାରଣ ଜୀବନର ଆଦର୍ଶ ଯୁବକପ୍ରାଣ ଉଦ୍‌ବୁଦ୍ଧ କରୁ । ସେ ଓଡ଼ିଶାର ଜୀବନ୍ତ ସାଧାରଣ ଜୀବନରେ ଚିର ଜୀବିତ ରହନ୍ତୁ । —ଶ୍ରୀ ହରେକୃଷ୍ଣ ମହତାବ । ତା ୧୮-୧-୬୪)

ସାମ୍ବାଦିକ ଜୀବନ

୧୯୧୭ ଖ୍ରୀଷ୍ଟାବ୍ଦରେ ଭାରତ ସେବକ ସମିତିରେ ପ୍ରବେଶ କରି ୧୯୨୧ ଖ୍ରୀଷ୍ଟାବ୍ଦରେ ପୁରୀ ଦୁର୍ଭିକ୍ଷ କାମ ପୂର୍ଣ୍ଣ କରି କଟକକୁ ଫେରି ଆସିଲି । ଏଠାରେ ମୋର ଅଧ୍ୟାପକ ଶ୍ରୀ ଗୋପାଳ ଚନ୍ଦ୍ର ଗାଙ୍ଗୁଲି ମୋତେ ଦେଖି କହିଲେ, ଲକ୍ଷ୍ମୀନାରାୟଣ, ଏତେ ବଡ଼ ଓଡ଼ିଶାରେ ଗୋଟିଏ ଇଂରାଜୀ କାଗଜ ନାହିଁ । ଏ କାମଟା ତୁମେ କରି ପାରିବ ନାହିଁ କି ? ତତ୍‌କ୍ଷଣାତ୍ ମୁଁ କଥାଟିକୁ ଧରିଲି ଏବଂ ତହିଁଆରଦିନ ମାଜିଷ୍ଟ୍ରେଟଙ୍କ ପାଖକୁ ଯାଇ Star of Utkalର declaration କଲି । ଶୁକ୍ରବାର ଦିନ ଅଧ୍ୟାପକଙ୍କ ସହିତରେ ଆଲୋଚନା ହୋଇଥିଲା, ଶନିବାର ଦିନ ଡିକ୍ଲାରେସନ ନେଇଥିଲି, ଆଉ ତହିଁ ପର ବୁଧବାର ଦିନ ଷ୍ଟାର୍ ଅଫ୍ ଉତ୍କଳର ସାପ୍ତାହିକ ପତ୍ରିକା ବାହାର କଲି । ଏହା ପୂର୍ବରୁ ପୁରୀରୁ ମୋ ସମ୍ପାଦକତ୍ୱରେ ବାହାରୁଥାଏ 'ସହକାର' ପତ୍ରିକା । ସେ ୧୯୧୮ ଖ୍ରୀଷ୍ଟାବ୍ଦର କଥା । ଏହି ଦୁଇ ପତ୍ରିକାକୁ ଏଥର କଟକରୁ ବାହାର କରିବାକୁ

Digitized by srujanika@gmail.com

ଲାଗିଲା । ଇତି ମଧ୍ୟରେ ପୁନାରୁ ଖବର ଆସିଲା ପୁନାକୁ ଯିବାପାଇଁ । ମୁଁ ସେତେବେଳେ ମେମ୍ବରସିପ ଟ୍ରେନିଂ ନେବା କଥା । ସଭାପତି ଶ୍ରୀ ଦେବଧର ଲେଖିଲେ, ତୁମେ ଟ୍ରେନିଂ ପାଇଁ ଆସ । କିନ୍ତୁ ସୋସାଇଟିରେ ପାଞ୍ଚ ବର୍ଷ ରହି ଦେଖିଛି, ସେ ପଢ଼ାପଢ଼ି ଟ୍ରେନିଂ ସେପରି କିଛି ଦିଆ ଯାଏନି । ସୁତରାଂ ମୁଁ ସଭାପତିଙ୍କୁ ଦେଖିଲି, ଟ୍ରେନିଂ କଥା ଜାଣିଛି, କି କି ବହି ପଢ଼ିବାକୁ ହେବ ଲେଖନ୍ତୁ । ମୁଁ ଏ କଟକରେ ଥାଇ ସେ ସବୁ ପାଠ କରିବି । କିନ୍ତୁ ସଭାପତି ଜିଦ୍ ଧରିଲେ ମୋତେ ପୁନାକୁ ଯିବାକୁ ହେବ । ମୁଁ ଉତ୍ତର ଦେଲି ମୋର ସଭ୍ୟପଦରୁ ଇସ୍ତଫା-ପତ୍ର ନିଅନ୍ତୁ । ଏଥିରେ ଦେବଧର ଆଉ କିଛି କହିଲେ ନାହିଁ । ତା ପରେ କୋଦଣ୍ଡ ରାଓ କଟକ ଆସି ମୋର କାର୍ଯ୍ୟକଳାପ ଦେଖିଲେ ଏବଂ ରିପୋର୍ଟ କଲେ ଯେ 'ସହକାର' ଓ 'Star of Utkal' ପତ୍ରିକାରୁ କିଛି ଲାଭ ହେଉ ନାହିଁ । ଏ ଦୁଇଟି ପତ୍ରିକା କେବଳ ଟାଏଁ ଟୁଏଁ ଚାଲିଛି । ଏହାର ଫଳରେ ପତ୍ରିକା ଦୁଇଟି ମୋତେ ହସ୍ତାନ୍ତର କରିବାକୁ ହେଲା । ମୁଁ ଯେତେବେଳେ ବାର୍ଷିକ ସଭା ପାଇଁ ପୁନାରେ ଥିଲି, ସେତେବେଳେ ମୋର ଜଣେ ବନ୍ଧୁ 'ଷ୍ଟାର୍ ଅଫ୍ ଉତ୍କଳ' ଚାର୍ଜରେ ଥିଲେ । ଶାସ୍ତ୍ରୀଙ୍କ ସମ୍ବନ୍ଧରେ ଗୋଟିଏ କଟୁ ସମାଲୋଚନା ଷ୍ଟାର ଅଫ୍ ଉତ୍କଳରେ କରି ପକାଇଲେ । ଏକ ସମିତିର ଅନ୍ତର୍ଭୁକ୍ତ ହୋଇ ସମିତିର ପତ୍ରିକା ଭାବରେ ଚାଲୁଥିବା ଷ୍ଟାର୍ ଅଫ୍ ଉତ୍କଳର ଯେତେବେଳେ ଏହିପରି ସମାଲୋଚନା ହେଲା, ତାହା ଯେ ଗର୍ହଣୀୟ ଏଥିରେ ସନ୍ଦେହ ନାହିଁ । ସୁତରାଂ ଦେବଧର କହିଲେ, ତୁମେ ଏଥିରେ ଲେଖା ଲେଖି କରିବ ପଛକେ, କିନ୍ତୁ ପତ୍ରିକାର ସମ୍ପାଦକ ହିସାବରେ ତୁମେ ରହି ନାହିଁ । ଏହାକୁ କୌଣସି ବନ୍ଧୁଙ୍କ ହାତରେ ସମର୍ପି ଦିଅ । ଫଳତଃ ମୁଁ ସହକାର ପତ୍ରିକାକୁ ମୋର ଶ୍ରଦ୍ଧେୟ ବନ୍ଧୁ ବାଳକୃଷ୍ଣ କରଙ୍କୁ ସମର୍ପି ଦେଲି, ଆଉ ଇଂରାଜୀ ପତ୍ରିକା ଷ୍ଟାର ଅଫ୍ ଉତ୍କଳକୁ ରାଜକୃଷ୍ଣ ବୋଷଙ୍କୁ ଦେଇ ଦେଲି । ମୋ ହାତରେ ଷ୍ଟାର ଅଫ୍ ଉତ୍କଳ ଦୁଇ ବର୍ଷ ଚାଲିଥିଲା ଏବଂ ରାଜକୃଷ୍ଣ ବୋଷଙ୍କ ହାତରେ ଏହା କଂଗ୍ରେସ ପତ୍ରିକା ଭାବରେ ଦୁଇ ବର୍ଷ ଚାଲିଥିଲା । ସହକାର ଅଦ୍ୟାପି ଚାଲିଛି ବୋଧହୁଏ । ଅନେକ ଏହା ଦେଖି ରଟନା କଲେ ଯେ ସୋସାଇଟି ମୋତେ ଦଣ୍ଡ ଦେଇଛି । ଏହାର ଫଳରେ ମୁଁ ଅନେକ ଦିନ ଆଉ କିଛି କାମ କରି ପାରି ନାହିଁ ।

ଚଉଦ୍ୱାର ଗ୍ରାମ-ସଂଗଠନ

ଏହା ପରେ ମୁଁ କଅଣ କରିବି ଠିକ୍ କରି ପାରୁ ନ ଥାଏ । ଏହି ସମୟରେ ୧୯୨୬ ସାଲରେ ମୁଁ ଠକ୍କର ବାପାଙ୍କ ସାଙ୍ଗରେ ଗୁଜୁରାଟ ଗଲି

Digitized by srujanika@gmail.com

ଏବଂ ତାଙ୍କ ସହ୍ରତରେ ତାଙ୍କ ଖୋଲ ସଖମଣ୍ଡଳର କାର୍ଯ୍ୟ ଦେଖିଲି । ତା ପରେ ଭାବିଲି ଯେ ଏଥର ସହର ଛାଡ଼ି ଗାଁ ଭିତରେ କିଛି କାର୍ଯ୍ୟ କରିବି । ସୁତରାଂ ୧୯୨୭ ଖ୍ରୀଷ୍ଟାବ୍ଦରେ ଚୌଦ୍ୱାରରେ ଗ୍ରାମ ସଂଗଠନ କାର୍ଯ୍ୟ ଆରମ୍ଭ କଲି । କିପରି ଭାବରେ ସେ କାର୍ଯ୍ୟ କରିବାକୁ ହେବ ମୋର କିଛି ଧାରଣା ନ ଥାଏ; କିନ୍ତୁ ମୋ ମନକୁ ଶନିବାର ଦିନ ସକାଳେ ଖେଚଡ଼ି ଭାତ ଖାଇ କୋବ୍ରା ପାରି ହୋଇ ମଣ୍ଡାପଡ଼ା, ହରିନାଥପୁର, ଚୌଦ୍ୱାର ପ୍ରଭୃତି ଗ୍ରାମକୁ ଯିବାକୁ ଆରମ୍ଭ କଲି । ସାଙ୍ଗରେ ଥାଏ ଗୋଟାଏ ହୋମିଓପାଥିକ୍ ବାକ୍ସ ଓ ବହି ଏବଂ ବାଟରେ ଘାଟରେ ଯାହାକୁ ଦୁଃଖିତ ଦ୍ରବିତ ଦେଖେ ତାକୁ ପଚାରେ ତାର କଅଣ ହୋଇଛି । ସେହିସବୁ ଲକ୍ଷଣ ଜାଣି ହୋମିଓପାଥିକ୍ ବହି ସାହାଯ୍ୟରେ ଔଷଧ ଠିକଣା କରେ ଏବଂ ଖାଇବାକୁ ଦିଏ । ଏହିପରି କରୁ କରୁ ଲୋକେ ମୋ ପାଖକୁ ଆସିବାକୁ ଲାଗିଲେ । ଏହାଛଡ଼ା ମଣ୍ଡାପଡ଼ାରେ ଡାକ୍ତର ଶ୍ରୀଯୁକ୍ତ ଆଇଜାକ୍ ସାହାଙ୍କ ମା'ଙ୍କ ସାଙ୍ଗରେ ଭିନ୍ନ ଭିନ୍ନ ଗାଁକୁ ଯିବାକୁ ଆରମ୍ଭ କଲି । ଡାକ୍ତର ଆଇଜାକ୍ଙ୍କର ମା'ଆ ଧାତ୍ରୀ ଥିଲେ । ଚୌଦ୍ୱାରରେ ଔଷଧ ବିତରଣ କରୁ କରୁ ମଣ୍ଡାପଡ଼ାରୁ ହରିନାଥପୁର ଓ ହରିନାଥପୁରରୁ ଚୌଦ୍ୱାରରେ ପହଞ୍ଚେ, ଚୌଦ୍ୱାରରେ ମୋର ପୂର୍ବତନ ଗୁରୁ ଶ୍ରୀ ଲୋକନାଥ କରଙ୍କ ସ୍କୁଲ ଅଫିସ୍‌ରେ ବସି ଲୋକଙ୍କୁ ଔଷଧ ଦିଏ ଏବଂ ମଝିରେ ମଝିରେ ଚୌଦ୍ୱାର ଗାଁ ଭିତରକୁ ଯାଏ । ଚୌଦ୍ୱାର ଗାଁଟି ବଡ଼ ଗାଁ, ପ୍ରାୟ ୭ ହଜାର ଲୋକଙ୍କର ବସତି । ଦିନେ ଦିନେ ଔଷଧ ଦେଉଁ ଦେଉଁ ରାତି ନ'ଟା ବାଜି ଯାଏ । ରାତିରେ ଲୋକନାଥ ପାଖରେ ରହେ ଏବଂ ସେଇଠି ଖାଏ । ବାରମ୍ବାର ଏହିପରି କରିବା ଦ୍ୱାରା ମୋର ମନରେ ଇଚ୍ଛା ହେଲା ଯେ ଚୌଦ୍ୱାରରେ ଖଣ୍ଡିଏ ଜମି ଯଦି ମିଳନ୍ତା ସେଥିରେ ମାଲୀ ଭଳି କୌଣସି ଲୋକଙ୍କୁ ରଖି ଦିଅନ୍ତି, ଏବଂ ସେ ଦିଟା ଭାତ ଫୁଟାଇ ଦେଲେ ମୁଁ ଖାଆନ୍ତି । ଏହିପରି ଚିନ୍ତା କରୁଛି, ଏଣେ ମୁଁ କେତେ ଔଷଧ ଦେବି ଭାବୁଛି, ଏହି ସମୟରେ ବଳରାମ ଦାସ ନାମକ ଜଣେ କଂଗ୍ରେସ କର୍ମୀ ମୋ ପାଖରେ ଜୁଟିଲା । ମୁଁ ତାକୁ ୧୫ଟଙ୍କା ବେତନରେ ସେଠାରେ ନିଯୁକ୍ତ କଲି । ବଳରାମର ଔଷଧ ଦେବାରେ ଅଭିଜ୍ଞତା ମଧ୍ୟ ଥିଲା । ହୋମିଓପାଥି ଔଷଧ ଛଡ଼ା ଆଉ ସାଧାରଣ କବିରାଜି, ଏଲୋପାଥି ଓ ଗୁଟିକା ଗୁଣ୍ଡୁଳି ମଧ୍ୟ ସେ ଦେଉଥିଲା । ମୁଁ ବଳରାମକୁ ନିଯୁକ୍ତ କରି ଟିକେ ନିଶ୍ଚିନ୍ତ ହେଲି, ଆଉ ଚୌଦ୍ୱାର ପନ୍ଦର ଦିନ ଯାଇନାହିଁ । ତା ପରେ ଯେତେବେଳେ ଯାଇ ଦେଖେ ଯେ ବଳରାମ ଗୋଟାଏ ଦୋକାନ କରି ବସିଛି, ଯେତେବେଳେ ମୁଁ ଅପ୍ରସନ୍ନ ହେଲି; କିନ୍ତୁ ଦେଖିଲି ଯେ ଦୋକାନ କରିବା ଦ୍ୱାରା ବଳରାମ ପିଲାମାନଙ୍କ ସାହାଯ୍ୟରେ ଟିକିଏ ସୁଖ

Digitized by srujanika@gmail.com

ସୁବିଧାରେ ଅଛୁ । ଏହିପରି କାମ ଚାଲିଥାଏ । ମୁଁ ଚୌଦ୍ୱାରରେ ଜମିଦାର ଜେ. ଏନ୍. ବୋଷଙ୍କ ଠାରୁ ମାଣେ ଜମି ବିନା ଖଜଣାରେ ଗ୍ରାମ-ସଂଗଠନ ପାଇଁ ପାଇଲି । ତାହା ଚୌଦ୍ୱାରର ମଣାଣିପଦାକୁ ଲଗିଛି । ସେହି ମଣାଣିପଦା ଏବେ ଚୌଦ୍ୱାରର ଥର୍ମାଲ ଷ୍ଟେସନ ହୋଇଛି । ତାହାର ପାଖରେ ଆମର ଗ୍ରାମ-ସଂଗଠନ କେନ୍ଦ୍ରଟି ଅବସ୍ଥିତ । ଗ୍ରାମ-ସଂଗଠନ କାର୍ଯ୍ୟ ଅନେକ ପରିସ୍ଥିତି ମଧ୍ୟରେ ଅନେକ ପ୍ରକାର ଭାବରେ ଗତି କରି ଚାଲିଛି । ବର୍ତ୍ତମାନ ସେଠାରେ କୁଷ୍ଠରୋଗୀମାନଙ୍କର ଗୋଟିଏ ଚିକିତ୍ସା-କେନ୍ଦ୍ର ଅଛି । ଆଉ ସାଧାରଣ ଲୋକଙ୍କୁ ଔଷଧ ଏକପ୍ରକାର ମାଗଣା ଦିଆଯାଏ । କିଛିଦିନ ପୂର୍ବେ ଏହି ଗ୍ରାମ-ସଂଗଠନ ତରଫରୁ ଗୋଟିଏ ମେଡ଼୍ସ୍କୁଲ (ରାତ୍ରିଶାଳା) ସହର ପିଲଙ୍କ ପାଇଁ ଚାଲିଥିଲା ଏବଂ ଅନ୍ୟାନ୍ୟମାନଙ୍କ ପାଇଁ ଗୋଟାଏ ହାଇସ୍କୁଲ ଚାଲିଥିଲା । ଏହି ଦୁଇଟି ଏବେ ସମସ୍ତ ବିପର୍ଯ୍ୟୟରେ ବନ୍ଦ ହୋଇ ଯାଇଅଛି । ଚୌଦ୍ୱାର ଗ୍ରାମ ସଂଗଠନ କେନ୍ଦ୍ରରେ ଅନେକ ସଭା, ସମିତି, ସମ୍ମିଳନୀ କରାଯାଇଛି । ଥରେ ୧-୮-୪୫ରୁ ୧୨-୮-୪୫ ମଧ୍ୟରେ ବାରଟି ସମ୍ମିଳନୀ ଯଥା ଭିକ୍ଷା ନିବାରଣୀ ସମ୍ମିଳନୀ, ଶିକ୍ଷକ ସମ୍ମିଳନୀ, କୃଷକ ସମ୍ମିଳନୀ, ରାଜନୈତିକ ସମ୍ମିଳନୀ, ହରିଜନ ସମ୍ମିଳନୀ, ଛାତ୍ର ସମ୍ମିଳନୀ, ଧର୍ମ ସମ୍ମିଳନୀ, ସ୍ୱାସ୍ଥ୍ୟ ସମ୍ମିଳନୀ, ଓଡ଼ିଶାରେ ନଦୀସମସ୍ୟା ସମ୍ମିଳନୀ, ସଂଗୀତ ସମ୍ମିଳନୀ, ହିନ୍ଦି ସମ୍ମିଳନୀ, ସମବାୟ ସମ୍ମିଳନୀ କରାଯାଇଥିଲା । ଓଡ଼ିଶା ଓ ଓଡ଼ିଶା ବାହାରର ବହୁ ବିଶିଷ୍ଟ ନେତା, ଶିକ୍ଷାବିତ୍, ରାଜନୀତିଜ୍ଞ, ସାହିତ୍ୟିକ, ଧର୍ମପ୍ରାଣ ବ୍ୟକ୍ତି ଏଥିରେ ସଭାପତି ଓ ବକ୍ତା ହିସାବରେ ଯୋଗ ଦେଇଥିଲେ ।

କ୍ରମେ କ୍ରମେ କର୍ମୀର ଅଭାବରୁ ଏବଂ ମୋର ଶକ୍ତି କମି ଯିବାରୁ କେନ୍ଦ୍ରର ଗତି ବଡ଼ ମନ୍ଥର ହୋଇଛି । ଆଉ ଥରେ ଏହାକୁ ଉଜ୍ଜୀବିତ କରିବା ପାଇଁ ଚେଷ୍ଟା କରାଯାଉଛି । ଏହି ଚଉଦ୍ୱାର ଗ୍ରାମ-ସଂଗଠନ କେନ୍ଦ୍ର ତରଫରୁ ଟାଙ୍ଗିରେ ଗୋଟିଏ ମାଇନର ସ୍କୁଲ ପ୍ରତିଷ୍ଠା କରାଯାଇଥିଲା, ଶେଷରେ ହାଇସ୍କୁଲରେ ପରିଣତ ହେଲା । ତାହା ଏବେ ଭଲ ଚାଲିଛି । ଶ୍ରୀ ଶ୍ୟାମସୁନ୍ଦର ମିଶ୍ର, ଭାରତ-ସେବକ ସମିତିର ସଭ୍ୟ, ଏବଂ ମୁଁ ସେଥିରେ ସଂପୃକ୍ତ ଥିଲୁ । ଏବେ ଛାଡ଼ି ଦେଇଛୁ ।

ଚଉଦ୍ୱାର ହାଇସ୍କୁଲ

ଦେଖୁ ଦେଖୁ ଦେଖୁଛି ଯେ ମୁଁ ଚଉଦ୍ୱାରରେ ଯେଉଁ ହାଇସ୍କୁଲଟି କରିଥିଲି—ଯାହା ଭାଙ୍ଗି ଯାଇଛି—ସେଟା କିଛି କାଳ D. A. V. High

Digitized by srujanika@gmail.com

English School ଭାବରେ ଚାଲିଥିଲା । ମୁଁ ସେତେବେଳେ ଓଡ଼ିଶା ବ୍ୟବସ୍ଥାପକ ସଭାର ସଦସ୍ୟ ଥିଲି, ଆହୁରି ମଧ୍ୟ Constituent Assembly ସଦସ୍ୟ ଥିଲି । ସାଧୁଚରଣ ନାୟକ ସେଥିରେ ମୋର ସହାୟକ ହୋଇଥିଲେ । ଗୋଟିଏ ହଷ୍ଟେଲ ଚାଲିଥିଲା ଡ଼ି. ଏ. ଭି. ଲାହୋର ତରଫରୁ । କିନ୍ତୁ ତାହା କିଛି କାଳ ଚାଲିବା ପରେ ବନ୍ଦ ହୋଇଗଲା । ୧୯୪୨-୪୩ ରେ ଓଡ଼ିଶାରେ ଦୁର୍ଭିକ୍ଷ ପରେ କେତେଗୁଡ଼ିଏ ପିଲାଙ୍କୁ ନେଇ କେତେଗୁଡ଼ିଏ ଅନାଥ ଆଶ୍ରମ ଖୋଲା ହୋଇଥିଲା । ଶେଷକୁ ଏହି ଆଶ୍ରମର କେତେକ ପିଲାଙ୍କୁ ନେଇ ୧୯୪୭ରେ ଚଉଦ୍ୱାରରେ ଗୋଟିଏ ହଷ୍ଟେଲ ଖୋଲା ହୋଇଥିଲା ।

ଲାହୋରରୁ ସାହାଯ୍ୟ ଆଉ ସେପରି ଆସିଲା ନାହିଁ । ସୁତରାଂ ତାହା ଉଠିଗଲା । ଏହାଛଡ଼ା ଯାଜପୁର ଅଞ୍ଚଳରୁ ଜଣେ କର୍ମୀ ଆସି କେତେଗୁଡ଼ିଏ ପିଲାଙ୍କୁ ଭଗେଇ ନେଇ ଚାଲିଗଲା ।

କିନ୍ତୁ ଡ଼ି. ଏ. ଭି. ହାଇସ୍କୁଲ ଚାଲିଲା ନାହିଁ ସିନା, ଚଉଦ୍ୱାର ହାଇସ୍କୁଲ ନାମରେ ଭାରତ ସେବକ ସମିତି (ବର୍ତ୍ତମାନ ନାମ ହିନ୍ଦ୍ ସେବକ ସମାଜ) କମ୍ପାଉଣ୍ଡରେ ଗୋଟିଏ ହାଇସ୍କୁଲ ଦୁଇବର୍ଷ ଚାଲିଲା । କିନ୍ତୁ ତାହା ମଧ୍ୟ ଭାଙ୍ଗିଗଲା । ଏବେ ଚଉଦ୍ୱାର ଲୁଗାକଳ ଏରିଆରେ ଗୋଟିଏ ହାଇସ୍କୁଲ ଅଛି— କିନ୍ତୁ ତାର ଘର ଆଜି ପର୍ଯ୍ୟନ୍ତ ହୋଇନାହିଁ । ଅଥଚ ଚଉଦ୍ୱାର ହାଇସ୍କୁଲ ନାମରେ ଯେଉଁ ଜମି ନିଆ ହୋଇଥିଲା, ସେଥିରେ ଲୁଗାକଳ ବସିଲା । ସେହି ସମୟରେ ଆମେ ମୋକଦ୍ଦମା କରିଥିଲୁଁ; କିନ୍ତୁ ନିତ୍ୟାନନ୍ଦ କାନୁନ୍‌ଗୋ କହିଲେ, କାହିଁକି ଆପତ୍ତି କରୁଛନ୍ତି ? ମିଲବାଲା ଗୋଟିଏ ଭଲ ହାଇସ୍କୁଲ କରିଦେବେ । ଦେଖୁଁ ଦେଖୁଁ ପଦ୍ମଚରଣ ପଟ୍ଟନାୟକ ଉକ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ହୋଇ ରହି ମରିଗଲେଣି । କେବେ ଚଉଦ୍ୱାର ହାଇସ୍କୁଲ ପୂର୍ଣ୍ଣ ଭାବରେ ଦେଖା ଦେବ କିଏ ଜାଣେ ? ଅଦୃଶ୍ୟ ଶକ୍ତିର ଖେଳ ସବୁ । କିଏ ଜାଣିଥିଲା ଚଉଦ୍ୱାର ଗ୍ରାମ ଆଜି ଶିଳ୍ପପ୍ରଧାନ ସହରରେ ପରିଣତ ହେବ ବୋଲି ।

କାଳସ୍ୟ କୁଟିଳା ଗତିଃ ।

ମୁଁ ରାଜନୀତି ବୁଝେନା, ବୁଝେ ଦେଶପ୍ରୀତି

୧୯୧୭ ରେ ଭାରତ ସେବକ ସମିତିରେ ପ୍ରଥମେ ଯୋଗଦାନ କଲି । ସେତେବେଳେ ଶାସ୍ତ୍ରୀ ମୋତେ ଦୀକ୍ଷା ଦେବା ସମୟରେ କହିଥିଲେ—

Digitized by srujanika@gmail.com

Mr. Sahu, may I know why do you seem to be drawn so much inward ? ଏହାର ଉତ୍ତରରେ ମୁଁ ବିଶେଷ କିଛି କହି ପାରିଲି ନାହିଁ । ତା ପରେ ଦିନେ ଭାରତ ସେବକ ସମିତିରେ ଗୋଟିଏ ଆଲୋଚନା ହେଲା । ସେ ଆଲୋଚନାର ବିଷୟବସ୍ତୁ ଥିଲା 'ବର୍ତ୍ତମାନ ଭାରତର ରାଜନୈତିକ ପରିସ୍ଥିତି' । ମୁଁ ସେତେବେଳେ ରାଜନୀତିର କଥା ବୁଝି ନାହିଁ । କେବଳ ଦେଶପ୍ରୀତିର କଥା ବୁଝିଛି । ସୁତରାଂ ଯେତେବେଳେ ଆଲୋଚନା ହେଉଥାଏ ସେତେବେଳେ ମୁଁ କହିଲି Moderateମାନେ ଦେଶର କୌଣସି ରାଜନୈତିକ ପରିବର୍ତ୍ତନ ଆଣି ନାହାନ୍ତି କିମ୍ବା ତଥାକଥିତ Extremistମାନେ କିଛି କରିପାରି ନାହାନ୍ତି । ଯଦି କେହି କିଛି କରି ପାରିଥାଏ ତା ହେଲେ ସେମାନେ ହେଉଛନ୍ତି ଭାରତର ବିଦ୍ରୋହୀଦଳ ଯେଉଁମାନଙ୍କୁ ଇଂରାଜୀରେ Anarchist କୁହାଯାଏ । ଶାସ୍ତ୍ରୀ ମୋର ବକ୍ତୃତା ଶୁଣି ଚମକି ପଡ଼ିଲେ ଏବଂ ସଭା ଶେଷ ପରେ ସେ ମୋତେ ଡାକି କହିଲେ—Your views seem to be very queer. ମୁଁ କହିଲି ମୁଁ ରାଜନୀତି କାହାକୁ କହନ୍ତି ବିଶେଷ ଭାବରେ ଜାଣେ ନାହିଁ । କେବଳ ମୋର ମନର କଥା କହିଲି । ସେତେବେଳେ ଶାସ୍ତ୍ରୀ କହିଲେ— I hope, by deep study your views will be bounded off. ଅର୍ଥାତ୍ ମୁଁ ଆଶାକରେ ଅଧିକ ପାଠ ପଢ଼ିବା ଦ୍ୱାରା ତୁମର ଏ ଅଖାଡୁଆ ମତ ମସୃଣ ହୋଇ ଉଠିବ । ବସ୍ତୁତଃ ଅନ୍ତରରେ ମୁଁ ଜଣେ ବିଦ୍ରୋହୀ ବା ଇଂରାଜୀରେ ଯାହାକୁ କହନ୍ତି Anarchist ଅର୍ଥାତ୍ ଅରାଜକୀ । ମହାତ୍ମା ଗାନ୍ଧୀଙ୍କର ଇଣ୍ଡିଆନ୍ ହୋମ୍ ରୁଲ ଯେତେବେଳେ ପଢ଼ିଲି ସେତେବେଳେ ମୋ ମନକୁ ଅନେକ କଥା ପାଇଲା—ରେଲ୍‌ୱେ ରହିବ ନାହିଁ, ଡାକ୍ତରମାନେ ଆମର ରୋଗ ବୃଦ୍ଧି କରୁଛନ୍ତି, ଭଗବାନ ଇଚ୍ଛା କରିଥିଲେ ଆମକୁ ଚଢ଼େଇ ପରି ଉଡ଼ିବାର ଶକ୍ତି ବା କ୍ଷିପ୍ରଗତି ଗତି ଦେଇ ପାରିଥାନ୍ତେ । କିନ୍ତୁ ତାହା ସେ କରିପାରି ନାହାନ୍ତି । ଆଉ Tolstoyଙ୍କ ମତ ଅନୁଯାୟୀ ଏବଂ ବାଇବେଲ୍‌ର କଥା ଅନୁଯାୟୀ 'Man shall earn his bread by the sweat of his brow'ର ଚେଷ୍ଟା କରିବା ଉଚିତ । ଅର୍ଥାତ୍ ପ୍ରତ୍ୟେକ ମଣିଷକୁ ଶାରୀରିକ ପରିଶ୍ରମ କରି ତାର ରୁଟି ଉତ୍ପାଦନ କରିବାକୁ ହେବ । ଏହାଦ୍ୱାରା ଏକ ଜାତି ଉପରେ ଅନ୍ୟ ଜାତିର ପ୍ରଭୁତ୍ୱ ହୋଇ ପାରିବ ନାହିଁ । ମନୁଷ୍ୟ ତା ପାଦ ଦ୍ୱାରା ଯେତିକି ଯାଇପାରେ ସେତିକି ଭିତରେ ବିଚରଣ କରିବ ଏବଂ ମାନବର ସେବକ ହେବ; ଅଧିକ ଧନ ଦଉଲତର ଆଶା କରିବ ନାହିଁ । ସାଧାରଣ ସ୍ୱଚ୍ଛ ଜୀବନ ଯାପନ କରିବ ଏବଂ ସୃଷ୍ଟିକର୍ତ୍ତାଙ୍କୁ ଚିନ୍ତା କରିବା ନିମିତ୍ତ ଅଧିକ ସମୟ ଦେଇ

Digitized by srujanika@gmail.com

ପାରିବ । ସେ ସ୍ଥିର ନିବିଷ୍ଟ ହୋଇ ରହି ପାରିବ । ମିଲିଟାରୀ ରହିବ ନାହିଁ । ପୋଲିସ ମଧ୍ୟ ରହିବ ନାହିଁ । ମନୁଷ୍ୟ ନିଜେ ନିଜକୁ ଶାସନ କରିବ । ଏହି ଚିନ୍ତାରେ ଗୌରବ ଓ ଗାରିମା ଅଛି । ଇଣ୍ଡିଆନ୍ ହୋମ୍ ରୁଲ ପଢ଼ି ଏଇ ଚିନ୍ତାରେ ମୁଁ ପରିପ୍ଲୁତ ହୋଇଥିଲି । Nation ବା ରାଷ୍ଟ୍ର, ଏ ଚିନ୍ତା ମଧ୍ୟ ସ୍ୱାର୍ଥପର ଚିନ୍ତା । ଅତଏବ ନେସନ୍ ବା ରାଷ୍ଟ୍ର ହେବା ଦରକାର ନାହିଁ । ତା'ହେଲେ ଆନ୍ତର୍ଜାତୀୟତାର କଥା ଇ ଉଠୁନାହିଁ । ସମଗ୍ର ପୃଥିବୀରେ ସମଗ୍ର ମାନବର ଯଥେଚ୍ଛାଗୃହ ବିହାର କରିବାର ଅଧିକାର ରହିବ । ସେଥିରେ ପାସ-ପୋର୍ଟ ଆଉ ଭିସାର ଆବଶ୍ୟକତା ପଡ଼ିବ ନାହିଁ । ଏ ସବୁ ଚିନ୍ତାକୁ ଅନେକେ ପୁରୁଣା ମରହଟିଆ ଚିନ୍ତା କହି ପାରନ୍ତି । କିନ୍ତୁ ଏଇଥିରେ ହିଁ ଶାନ୍ତି ମିଳିବ । ସେଥିପାଇଁ ଆଜ ପରିଣତ ବୟସରେ ମୁଁ ରାଷ୍ଟ୍ର ନାମରେ ଉଦ୍‌ବୁଦ୍ଧ ହେଉନାହିଁ ବା ଆନ୍ତର୍ଜାତୀୟତା ନାମରେ ମଧ୍ୟ ଉଦ୍‌ବୁଦ୍ଧ ହେଉନାହିଁ ।

ହୋମ୍ ରୁଲ ଆନ୍ଦୋଳନ

ଗଣତନ୍ତ୍ର ବା ଦଳଗତ ଶାସନର ମ ରାତ୍ମକତା ସମ୍ବନ୍ଧରେ ଆଜକାଲି ଅନେକ ଆଲୋଚନା ହେଉଛି । ମୁଁ ଏଠାରେ ଆମ ସୋସାଇଟିରେ ଭାରତ ସେବକ ସମିତିରେ ଘଟିଥିବା ଗୋଟିଏ ଦୁଇଟା ଉଦାହରଣ ଦେବି । ମୁଁ ଯେତେବେଳେ ଭାରତ ସେବକ ସମିତିରେ ପ୍ରଥମେ ଯୋଗ ଦାନ କରିବାକୁ ଗଲି, ସେହି ସମୟରେ ହୋମ୍ ରୁଲ୍ ଆନ୍ଦୋଳନ ଆରମ୍ଭ ହୋଇଥାଏ । ମିସେସ୍ ଆନିବେସାନ୍ତ ସେହି ଆନ୍ଦୋଳନ ଆରମ୍ଭ କରିଥାନ୍ତି । ସେ ଥାଆନ୍ତି ସେଥିର ନେତ୍ରୀ, ଆଉ ଆମର ଭାରତ ସେବକ ସମିତିର ସଭାପତି ଶ୍ରୀ ଶ୍ରୀନିବାସ ଶାସ୍ତ୍ରୀ ହୋଇଥାନ୍ତି ଉପ-ସଭାପତି । ଏହି ହୋମ୍ ରୁଲ ବିଷୟ ନେଇ ଆମ ସୋସାଇଟିରେ ଗୋଟିଏ ମିଟିଂ ବସିଲା । ସେଥିରେ ଠିକ୍ ହେଲା ଯେ ହୋମ୍ ରୁଲ ଆନ୍ଦୋଳନରେ ଏଣିକି କେହି ଯୋଗ ଦେଇ ପାରିବେ ନାହିଁ କିମ୍ବା ଏଥିର ପ୍ରଚାରକ ବା କର୍ମକର୍ତ୍ତା ହେବେ ନାହିଁ । ଏଣିକି କଥାଟି ମୂଲ୍ୟବାନ । କାରଣ ଏହା ଫଳରେ ଯେଉଁମାନେ ହୋମ୍ ରୁଲରେ ଆଗରୁ ଯୋଗ ଦେଇଥିଲେ, ସେମାନେ ତ ସେଥିରେ ରହିଲେ; ଅଥଚ ଏମାନଙ୍କ ପରେ ଏହି ସମିତିର ସିଦ୍ଧାନ୍ତ ଅନୁଯାୟୀ ଏହା ପରେ ଆଉ କେହି ହୋମ ରୁଲ୍‌ରେ ଯୋଗ ଦେଇ ପାରିବେ ନାହିଁ । ମାନ୍ୟବର ଶ୍ରୀନିବାସ ଶାସ୍ତ୍ରୀ କହିଲେ, ଗଣତନ୍ତ୍ରରେ କେତେ ଯେ ଏହିପରି ଅସାମଞ୍ଜସ୍ୟ କଥା ହେଉଛି ଏବଂ ହେଉଥିବ ତାହା ବେଶ୍ ବୁଝା ଯାଉଛି । ମୁଁ ଯେଉଁ ସମିତିର ଉପ-ସଭାପତି ଆଉ କେତେକ ମେମ୍ବର (ଭାରତ ସେବକ ସମିତିର) ଯେଉଁଥିରେ ସକ୍ରିୟ ଭାଗ ନେଇଛନ୍ତି ସେହି ସମିତିର

Digitized by srujanika@gmail.com

ଅନ୍ୟାନ୍ୟ ସଭ୍ୟ ସେଥିରେ ଭାଗ ନେଇ ପାରିବେ ନାହିଁ—ଏପରି ଏକ ମୀମାଂସା ବଡ଼ ଅଦ୍ଭୁତ । ତଥାପି ଗଣତନ୍ତ୍ରରେ ସବୁ କଥା ହୁଏ ଏବଂ ତାହା ବେକ ମୋଡ଼ି ମାନିବାକୁ ହୁଏ, ଏହାହିଁ ଆଶ୍ଚର୍ଯ୍ୟ । ଏହାର ଠିକ୍ ପୂର୍ବରୁ ଶ୍ରୀନିବାସ ଶାସ୍ତ୍ରୀଙ୍କୁ ମୁଁ କହିଥିଲି ଯେ ପୁନାରେ କଟକ ପାଇଁ ମୁଁ ଗୋଟିଏ ହୋମ୍ ରୁଲ ଶାଖା ଗଠନ କରିବି । ସେ ସେଥିରେ ସମ୍ମତି ପ୍ରଦାନ କରିଥିଲେ । କିନ୍ତୁ ଏହି ପ୍ରସ୍ତାବ ପରେ ତାହା ଆଉ ସମ୍ଭବପର ହେଲା ନାହିଁ । ଭାରତ ସେବକ ସମିତି ନିୟମାବଳୀରେ କୌଣସି ସଭ୍ୟ Retire କରିବାର ନ ଥିଲା । କିନ୍ତୁ ଅବସ୍ଥା ଏପରି ଉପୁଜିଲା ଯେ ଶ୍ରୀ ଏନ୍. ଏମ୍ ଯୋଶୀଙ୍କୁ ସୋସାଇଟିରୁ ବାହାର କରିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ବାହାର କରି ହେଲା ନାହିଁ—ଶେଷରେ ଭାରତ ସେବକ ସମିତିରେ ଯେଉଁମାନେ ପୃଷ୍ଠପୋଷକ ସଭ୍ୟ ସେମାନଙ୍କୁ କିଛିକାଳ ପାଇଁ ମେମ୍ବରଭୁକ୍ତ କରି ଭୋଟ ବଢ଼ାଇ ଯୋଶୀଙ୍କୁ ବାହାର କରିବାକୁ ଚେଷ୍ଟା କରାଗଲା । ସେହି ସମୟରେ ଶେଷରେ ଏହା ଠିକ୍ ହେଲା ଯେ ସମିତିର ନିୟମାବଳୀରେ ଗୋଟିଏ ରିଟାୟାର୍‌ମେଣ୍ଟ ନିୟମ ଭର୍ତ୍ତି କରାଗଲା । ଏହିଠାରେ ଯୋଶୀଙ୍କୁ କାହିଁକି ବାହାର କରାଗଲା, ତାହା ବର୍ଣ୍ଣନା ନ କଲେ ଯୋଶୀଙ୍କ ଉପରେ ଅନ୍ୟାୟ କରାହେବ । ଯୋଶୀଙ୍କ ଅଧୀନରେ ଯେଉଁ ସଭ୍ୟମାନେ କାର୍ଯ୍ୟ କରୁଥିଲେ ସେମାନେ କମ୍ୟୁନିଷ୍ଟ ଭାବାପନ୍ନ ହୋଇ ଯାଉଛନ୍ତି, ତଦ୍ୱାରା ସୋସାଇଟିର ବଡ଼ ଅସୁବିଧା ହେଉଛି । ଏହି ସମୟରେ ପାରୁଲେକର ଏବଂ ଗୋଦାବରୀ ଏହି ସଭ୍ୟସଭ୍ୟା-ମାନେ କମ୍ୟୁନିଷ୍ଟ ଭଳିଆ ଆଚରଣ କରୁଥିଲେ; ତାଙ୍କ ସାଙ୍ଗରେ ଫଡ଼କେ ନାମକ ଆଉ ଏକ ସଭ୍ୟ—ଅତଏବ ଏମାନଙ୍କୁ ବାହାର କରାଗଲା । କିନ୍ତୁ ମୂଳକୁ ବାହାର ନ କଲେ ପୁଣି ଗୋଲମାଲ ଚାଲିଥିବ, ଏହା ଭାବି ଯୋଶୀଙ୍କୁ ବାହାର କରିବା ପାଇଁ ଉଦ୍ୟମ ଚାଲିଲା । କିନ୍ତୁ ଭୋଟରେ ତାଙ୍କୁ ବାହାର କରିହେଲା ନାହିଁ । ସୁତରାଂ ଶେଷରେ ଯୋଶୀ ନିଜେ ରାଜି ହେଲେ ରିଟାୟାରମେଣ୍ଟ ରୁଲ୍ ଅନୁଯାୟୀ ସୋସାଇଟିରୁ ବାହାରି ଯିବାକୁ । ତାହା ହିଁ ହେଲା । କିନ୍ତୁ ଯୋଶୀ ସୋସାଇଟିରୁ ବାହାରି ଗଲେ ମଧ୍ୟ ଶେଷ ଜୀବନ ପର୍ଯ୍ୟନ୍ତ ସେ ସୋସାଇଟି ମେମ୍ବରମାନଙ୍କର ସମସ୍ତ କାର୍ଯ୍ୟରେ ସାହାଯ୍ୟ ସହାନୁଭୂତି ଦେଖାଇଥିଲେ ।

କଂଗ୍ରେସରେ ପଶିଲି, ପଶି ପାରିଲି ନାହିଁ

ଏଠାରେ ଆଉ ଗୋଟିଏ କଥା କହିବି । ମୁଁ ଭାରତ ସେବକ ସମିତିରେ ଯେତେବେଳେ ଯୋଗଦାନ କରିଥିଲି, ସେତେବେଳେ ସମିତିର ପ୍ରକୃତ କାର୍ଯ୍ୟପନ୍ଥା ସମ୍ବନ୍ଧରେ କିଛି ଜାଣି ନ ଥିଲି, ଫଳରେ ମୁଁ ଗୋଟିଏ ଭୁଲ କରିଥିଲି ।

Digitized by srujanika@gmail.com

କଂଗ୍ରେସରେ ଯୋଗଦାନ କରିବା କଥା ମୁଁ ସେପରି କିଛି ବୁଝି ନ ଥିଲି । ଜାତୀୟ କବି ଶ୍ରୀ ବୀରକିଶୋର ଦାସ ମୋତେ ଆସି କହିଲେ—ଆପଣ ଆମ କଂଗ୍ରେସର ଯେତେଗୁଡ଼ିଏ ବିଦ୍ୟାନୁଷ୍ଠାନ ଅଛି ସେ ସବୁ ଟିକିଏ ଦେଖନ୍ତୁ—କାରଣ ଅନେକ ଜେଲ୍ ଗୃହ ଯାଇଛନ୍ତି—ଅନୁଷ୍ଠାନଗୁଡ଼ିକ ଭାଙ୍ଗିଯିବ । ମୁଁ ରାଜି ହେଲି । ତା ପରେ ଦିନେ ବୀରବାବୁ ମୋ ପାଖରୁ ଗୋଟିଏ କଂଗ୍ରେସ ଫର୍ମରେ ଦସ୍ତଖତ କରେଇ ନେଲେ । କଥା ପ୍ରସଙ୍ଗରେ ମୁଁ ସୋସାଇଟିରେ ଏହି କଥା କହିଲି । ସେଥିରେ ଦେବଧର, ଆମର ସଭାପତି, ମୋତେ ସେଥିରୁ ଇସ୍ତଫା ଦେବାକୁ କହିଲେ । ପରେ ମୁଁ ତାହାହିଁ କଲି । କଣ ନ ହୁଏ ଏହିସବୁ ସମିତିରେ ବା କୌଣସି ରାଜନୈତିକ ଅନୁଷ୍ଠାନରେ ଯୋଗଦାନ କଲେ ! କାର୍ଯ୍ୟ କରିବାର ସୁବିଧା ଯେତେ ମିଳେ ଅସୁବିଧା ମଧ୍ୟ ସେତେ । ମୁଁ ନିଜ ଚେଷ୍ଟାରେ ଓଡ଼ିଶାରେ ଗୋଟିଏ ମାସିକ ପତ୍ରିକା 'ସହକାର', ଗୋଟିଏ ଇଂରାଜୀ ସାପ୍ତାହିକ 'Star of Utkal' ବାହାର କରିଥିଲି । କିନ୍ତୁ ଶେଷରେ ସେହି ଭାରତ ସେବକ ସମିତିର ଆଦେଶରେ ସେ ସବୁକୁ ଜଳାଞ୍ଜଳି ଦେବାକୁ ହେଲା । ପରେ ପୁଣି ମୁଁ ଏକ ପ୍ରକାର ନ ମାନି 'ବୈତରଣୀ' ଇଂରାଜୀ ମାସିକ ବାହାର କରିଥିଲି ଏବଂ ତାହାର ଜରିଆରେ ପ୍ରାୟ ଦଶ ହଜାର ବହି ସଂଗ୍ରହ କରିଥିଲି—ସମାଲୋଚନା କପି । କେତେ କଷ୍ଟରେ ଠକ୍କର ବାପାଙ୍କ ସାହାଯ୍ୟରେ ଓଡ଼ିଶାରେ ଶିଶୁସଦନ ଖୋଲା ହୋଇଥିଲା; ପୁଣି ସରକାରଙ୍କର ଚକ୍ରାନ୍ତରେ କିପରି ସେ ସବୁ ଛାପ୍‌ଖେଳ ଭଳିଆ ଉଭେଇ ଗଲା, ତାହା ଅଙ୍ଗେ ଲିଭିଛି । ବର୍ତ୍ତମାନ ଭାରତ ସରକାରର ମତିଗତି ଯେ ଫାସିଷ୍ଟ ଏବଂ ଏଥିରେ ତାଙ୍କ ଦଳରେ ଯେ ନ ରହିବ ସେମାନଙ୍କ ବେକ ମୋଡ଼ିବେ, ଏହି ମତ ବଢ଼ୁଛି ।

'ସେ ତେଲୀଟୋକାକୁ ମୁଁ ଦେଖିବି'

୧୯୨୨ ସାଲର କଥା । ମୁଁ ସେତେବେଳେ 'ଷ୍ଟାର ଅଫ୍ ଉତ୍କଳ' ଇଂରାଜୀ ସାପ୍ତାହିକ ବାହାର କରୁଛି । ହଠାତ୍ ଦିନେ ସକାଳେ ସୁଦର୍ଶନ ମହାନ୍ତି—ସେତେବେଳେ ସେ କଟକର ଡ଼ି. ଏସ୍. ପି. ନା କ'ଣ—ଆସି ପହଞ୍ଚିଲେ ଦଳବଳ ସହ ଦେଉଳସାହିରେ । ମୁଁ ଘର ଭିତରେ ଥାଏଁ । ମୋ ପାଖକୁ ଖବର ଆସିଲା । ମୁଁ ବାହାରକୁ ଆସି ସୁଦର୍ଶନ ବାବୁଙ୍କୁ ଦେଖିଲି । ସୁଦର୍ଶନ ବାବୁଙ୍କୁ ଘର ଭିତରକୁ ଡାକିଲି । ସେ ଆସିଲେ । ତା ପରେ ମୁଁ ତାଙ୍କୁ ପଚାରିଲି, ଖବର କ'ଣ ? ସେ କହିଲେ, ଆପଣଙ୍କ ଘର ଖାନତଲାସ କରିବାକୁ ଆସିଛି । କିଛି ମନେ କରିବେ ନାହିଁ । ସୁଦର୍ଶନ ବାବୁ ଖୁବ୍ ଭଦ୍ରଲୋକ । ମୁଁ ତାଙ୍କୁ ଆଗରୁ ଜାଣିଥାଏ । ମୁଁ କହିଲି, ଆସନ୍ତୁ ଖାନତଲାସ କରନ୍ତୁ ।

Digitized by srujanika@gmail.com

ସୁଦର୍ଶନବାବୁ ସବୁ ଘର ଖାନତଲ୍ଲସ କଲେ । ତା ପରେ ଗୋଟାଏ ଜାଗାରେ ବସି କଥାବାର୍ତ୍ତା ହେଲୁ । ସେ କହିଲେ, ସରକାରଙ୍କ ହୁକୁମ ପାଳନ କରିବାକୁ ଆସିଛୁ । ମୁଁ କହିଲି, ଆପଣ ଆଉ କ'ଣ କରନ୍ତେ ? ତା ପରେ ମୁଁ ପଚାରିଲି, କ'ଣ ଦେଖିବାକୁ ଆସିଥିଲେ ? ସୁଦର୍ଶନବାବୁ ସେତେ କିଛି କହିଥିଲେ ନାହିଁ । ସରକାରଙ୍କର କି ସନ୍ଦେହ ଥିଲା କେଜାଣି ? ଏହି ସମ୍ବନ୍ଧରେ ମୋ ବିରୁଦ୍ଧରେ ଦେଓ୍ୱାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ର—ଯେ ସେତେବେଳେ କଟକ ଏସ୍.ପି ଥିଲେ—ଗୋଟିଏ ଖବରକାଗଜ ବାହାର କଲେ । ତାର ନାମ 'Utkal Herald.' ସେଥିରେ ମୋ ବିରୁଦ୍ଧରେ ଖୁବ୍ ଲେଖା ହେଲା । ମୋତେ ସୋସାଇଟିରୁ ବାହାର କରିଦେବା ପାଇଁ ମଧ୍ୟ ଲେଖା ହେଲା ଇତ୍ୟାଦି ଇତ୍ୟାଦି । ତା ପରେ ଦେଓ୍ୱାନ ବାହାଦୁର ପୁରୀ ଗଲେ, ଟେମ୍ପଲ୍ ମ୍ୟାନେଜର ହୋଇ ବୋଧ କରେଁ । ସେଠାରେ ସେ ସଖୀଗୋପାଳ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୁଦ୍ଧରେ ଖୁବ୍ ଲେଖିବାକୁ ଆରମ୍ଭ କଲେ । ଫଳରେ ସଖୀଗୋପାଳ ଆପଣାକୁ ରକ୍ଷା କରିବା ପାଇଁ ଶ୍ରୀଯୁକ୍ତ ବୀରେନ୍ ବାନାର୍ଜିଙ୍କୁ ଧରି 'Utkal Mirror' ବାହାର କଲେ । ଏ ସବୁ ଇଂରାଜୀ ସାପ୍ତାହିକ । 'ସେ ଡେଙ୍ଗାଟୋକାକୁ ମୁଁ ଦେଖି ନେବି' ବୋଲି ଦେଓ୍ୱାନ୍ ବାହାଦୂର ଅନେକ ଥର ଅନେକଙ୍କ ଆଗରେ କହିଛନ୍ତି । ମୁଁ ଡେଙ୍ଗା ବୋଲି ସେ ଭାବିଥିଲେ । କିନ୍ତୁ ଦେଖା ହେଲେ କୁଣ୍ଢାଇ ପକାନ୍ତି ଯେପରି କି ସାତ ଜନମର ପ୍ରିୟ ବନ୍ଧୁ । ପୋଲିସ ଅଫିସର ହିସାବରେ ସୁଦର୍ଶନ ବାବୁଙ୍କୁ ଖୁବ୍ ଭଦ୍ର ଦେଖିଥିଲି, ସୁଚତୁର ଏବଂ ସ୍ଥିର ମତି ।

ବନ୍ଦେ ମାତରଂ ଆନ୍ଦୋଳନ

ପିଲିଟି ଦିନେ ୧୯୦୫ ସାଲରୁ ବନ୍ଦେ ମାତରଂ ଆନ୍ଦୋଳନ ଚାଲିଲା ଏବଂ ମୁଁ ସେହି ସ୍ରୋତରେ ପଡ଼ିଲି । ଆମ ବାରବାଟୀ ଓ ହୋଏଲ୍‌ପୁରରେ ଦୁଇଟି କୁସ୍ତି କସରତ କରିବା ଦଳ ହେଲା । ସେହି ସମୟରେ ଭୁଦ୍ରାକୁ ଭୁଦ୍ରା କଲିକତାରୁ ବାଲେଶ୍ୱରକୁ ବକ୍ତା ଓ Agitator ମାନେ ଆସୁଥିଲେ । ମୁଁ ସେହି ସବୁ ଶୁଣି ଦେଖି ଏକ ପ୍ରକାର ବନ୍ଦେ ମାତରଂ ଦଳବାଲା ହୋଇଗଲି । ଫଳ ହେଲା ବିଲାତି ଚିନି, ବିଲାତି ଲୁଣ, ବିଲାତି ଲୁଗା ବର୍ଜନ, ଏବଂ ଘରେ ବାପ ମାଆଙ୍କ ସଙ୍ଗରେ ଟିକିଏ ବିରୋଧ ମଧ୍ୟ ଚାଲିଲା । ଏହି ସମୟରେ ପରମିଟ ପଡ଼ିଆରେ ବାଲେଶ୍ୱରରେ ଅନେକ ସଭା ସମିତି ହୁଏ । ମୁଁ ଯୋଗ ଦିଏ । ତା ପରେ ବାରବାଟୀ ସ୍କୁଲରେ ମଧ୍ୟ ଅନେକ ସଭା ହେଲା । କଲିକତାରୁ ଚନ୍ଦ୍ରା-ହରଣ ବାବୁ ଆସିଲେ । ବକ୍ତୃତା ଦେଲେ, ଦେଶ ପାଇଁ କିଏ ପ୍ରାଣ ଦେବ ?

Digitized by srujanika@gmail.com

ଆମେ ଅନେକ ଠିଆ ହେଲୁ । କିନ୍ତୁ ସେ ଏପରି ବର୍ଣ୍ଣନା କଲେ ଯେ ସେଥିରେ ପିଲାଏ ସମସ୍ତେ ଡରିଗଲେ । ସେ କହିଲେ, ଦେଶସେବା କରିବାକୁ ହେଲେ ଜେଲ୍ ଯିବାକୁ ପ୍ରସ୍ତୁତ ହେବ । ଜେଲରେ ଗୁଡରେ ପଥର ଚପାଇବେ । ବଢ଼ା ଭିତରେ ଧୂଳି ପକାଇ ଦେବେ । ଆଙ୍ଗୁଠି ଛେଚି ଦେବେ । ଏ ସବୁ କିଏ ସହି ପାରିବ ? ଅସ୍ତେ ଆସ୍ତେ ସବୁ ପିଲା ବସିଗଲେ । କେବଳ ହେମଚନ୍ଦ୍ର ଦାସ ଶେଷ ପର୍ଯ୍ୟନ୍ତ ବାରମ୍ବାର ଠିଆ ହେଲେ । ତାଙ୍କ ମୁଣ୍ଡରେ ରକ୍ତ ଚନ୍ଦନ ଦିଆଗଲା । ତାଙ୍କ ପାଇଁ ଶୋଭାଯାତ୍ରା ହେଲା । ଗୀତଗାନ ଚାଲିଲା; "ମାୟେର ଦେଓୟା ମୋଟା କାପଡ଼୍ ମାଥାୟ୍ ତୁଲେ ନେ ରେ ଭାଇ" ଆଉ ବନ୍ଦେ ମାତରଂ ଗୀତ । ଆମେ ପିଲାଏ ସବୁ ମାତିଥାଉ ଏଇ ସବୁରେ ।

ଏହି ସମୟରେ ଅରବିନ୍ଦ ଘୋଷ ଧରା ହେଲେ । ତାଙ୍କ ମୋକଦ୍ଦମା ଲଢ଼ିଲେ ସି. ଆର୍. ଦାସ । ମୁଁ ସେହି ସମୟରେ ଦୁଇ ଅଣା ଚାନ୍ଦା ଦେଇଥିଲି । ସେହି ଦିନୁ ଅରବିନ୍ଦଙ୍କ ମୋକଦ୍ଦମା କିପରି ଚାଲିଛି ଜାଣିବା ପାଇଁ ପ୍ରତିଦିନ ଆଗ୍ରହାନ୍ୱିତ ହୋଇ ଖବରକାଗଜ ପଢ଼ିଲି । ଆଉ ଗୋଟିଏ କଥା । ମୋର ମାଆ ମଧ୍ୟ Nationalistic ବା ଜାତୀୟତାବାଦିନୀ । ସେ ଆମକୁ ପିଲାଦିନେ ଶିଖାଇଥାଏ—

ସାହେବ, ସାହେବ, ପାକଲା ପାନ ଖାଇବ
ଘୁଅବାଡ଼ିକି ଧାଇଁବ ।

ମୁଁ କୌଣସି ସାହେବକୁ ଆମ ଘରବାଟେ ଯିବାର ଦେଖିଲେ ଏହିପରି କହି ଘର ଭିତରକୁ ପଳାଇ ଯାଏ । ଏହିଠାରେ ଜାତିପ୍ରେମ ବା ଦେଶପ୍ରେମର ବୀଜ ମୋ ଅନ୍ତରରେ ନିହିତ ହୋଇଥିଲା । ସେଥିପାଇଁ ଦିନେ ଚାନ୍ଦପୁର ସାହେବ ଅର୍ଥାତ୍ Proof ଅଫିସ ସାହେବ ଘୋଡ଼ାରେ ଟକ୍ ଟକ୍ କରି ଯାଇ ବଜାରରେ ଅନେକ ସ୍ତ୍ରୀଲୋକ ଆଉ ପିଲାଙ୍କୁ ଦଣ୍ଡ ଦେବା ଦ୍ୱାରା ଆମ ଭିତରେ ଗୋଟିଏ ଆନ୍ଦୋଳନ ଉପସ୍ଥିତ ହେଲା । ଆମେ ସେ ସାହେବକୁ ମାରିବୁ । ପ୍ରଫୁଲ୍ଲ ଦେ ଥାଏ ଆମର ସର୍ଦ୍ଦାର । ତାର ଦେହକୁ ଲୁହା ପରି ସେ କରିଥାଏ କୁସ୍ତି କସରତ କରି । ଦିନେ ସେହି ସାହେବ ମୋଟରରେ ଆସୁଛି ବାବା ବୃନ୍ଦାବନ ପୋଖରୀ ପାଖରେ । ପ୍ରଫୁଲ୍ଲ ଆସି ସଡ଼କ ଉପରେ ଠିଆ ହୋଇଗଲା । ଏଣେ ହର୍ଣ୍ଣ ବାଜୁଥାଏ । ନିକଟରେ ପହଞ୍ଚିଗଲାରୁ ସାହେବ ରାଗିମାଗି ଗଲା । ଏହି ସମୟରେ ପ୍ରଫୁଲ୍ଲ ଆଉ ଆମେ ସବୁ ଯିଏ ଥିଲୁଁ ସମସ୍ତେ ତାଙ୍କୁ ବାଡ଼ିରେ ଖୁବ୍ ପିଟିଲୁ । ତହିଁ ଅରବିନ୍ଦ ଆମକୁ ବାରବାଟୀ ସ୍କୁଲ ପଛରୁ ଯେଉଁଠାରେ ଆମେ Horizontal

Digitized by srujanika@gmail.com

bar, Parallel bar ଇତ୍ୟାଦିରେ ଖେଳୁ ସେଇଠୁଁ ପୋଲିସ୍ ଘେରାଉ କରି ଥାନାକୁ ନେଇଗଲେ । ଥାନାରେ ଅଟକାଇ ରଖିଲେ । ପରେ ଗ୍ରାମର ଗୁରୁଜନ-ମାନେ ଆମ ସ୍ୱଭାବ ବ୍ୟବହାର ପାଇଁ ଦାୟୀ ରହିବେ ବୋଲି ମୁଚୁଲିକା ଲେଖିଦେଇ ଆମକୁ ମୁକ୍ତ କଲେ ।

ଏହି ସ୍ୱଦେଶୀ ଆନ୍ଦୋଳନ ପରେ ମୁଁ ଦେଶ କଥା ଏକ ପ୍ରକାର ଭୁଲି ଯାଇଥିଲି । ସମାଜ, ଜାତିଭେଦ, ହିନ୍ଦୁ ମୁସଲମାନ ଖ୍ରୀଷ୍ଟିୟାନ, ବ୍ରାହ୍ମଣ ଭେଦ, ଅସ୍ପୃଶ୍ୟତା ଏସବୁ ନେଇ ମୋର ଜୀବନରେ ଖୁବ୍ ଅନ୍ଦୋଳନ ହେଲା । ଆଉ ରହିଲା ଗୋଟିଏ କଥା; ଅନ୍ୟାୟ ଅତ୍ୟାଚାରର ପ୍ରତିରୋଧ କରିବା । ସେଥିପାଇଁ କଟକକୁ ଆସି ଯେଉଁ ଦିନ ଦେଖିଲି ଚୌଧୁରୀବଜାର ଛକ ପାଖରେ ଜଣେ ପକୁଡ଼ି ଇତ୍ୟାଦି ବିକୁଥିବା ଯୋଗୁ ତାକୁ ପୋଲିସ୍ ଗିରଫ କଲେ, ମୁଁ ପୋଲିସ୍ ପଛରେ ଲାଗିଲି । ସେହି ଲୋକଟାକୁ ରକ୍ଷା କରିବାକୁ ଚେଷ୍ଟା କଲି । ଙ୍ଗଟବନ୍ ସାହି ଫାଣ୍ଡି ପର୍ଯ୍ୟନ୍ତ ତା'କୁ ନେଇଗଲେ ଏବଂ ସେଠି ତାକୁ ଅଟକାଇ ରଖିଲେ । ମୁଁ ସେହି ଙ୍ଗଟବନ୍ ସାହି ଫାଣ୍ଡି ପାଖରେ ରହିଲି ତାକୁ ଛାଡ଼ିଦେବା ପର୍ଯ୍ୟନ୍ତ ।

ଆଉ ଦିନକର ଘଟଣା । ମୁଁ କଟକ ମିଶନ ସ୍କୁଲ ଏବଂ ବାଲେଶ୍ୱର ମିଶନ୍ ସ୍କୁଲ ପିଲାଙ୍କ ଭିତରେ କିଲ୍ଲାପଡ଼ିଆରେ ଫୁଟବଲ୍ ମ୍ୟାଚ ହେଉଥିବା ଦେଖୁଥିଲି । ସେତେବେଳକୁ ଦୁଇ ମିଶନ୍ ସ୍କୁଲ ପିଲାଙ୍କ ଭିତରେ ଛ'ଦିନ ହେଲା Drawn ଚାଲିଛି । ଖେଳ ଶେଷରେ ମୁଁ ବାଲେଶ୍ୱର ମିଶନ୍ ସ୍କୁଲର ପିଲାଙ୍କ ସଙ୍ଗରେ ମିଶନ୍ ରୋଡ଼ରେ ବକ୍‌ସିବଜାର ଆଡ଼କୁ ଯାଉଛି । ଲକ୍ଷ୍ୟ କଲି ଯେ ବଲ୍‌ମୋଉଆ ଦୋକାନ ଆଡୁ ମିଶନ୍ ଅଡ଼କୁ ଆସୁଥିବା କେତେଗୁଡ଼ିଏ ସାହେବ୍ ମେମ୍ ତାଙ୍କ ଛୁଆ ପିଲା ଧରି ମଝି ସଡ଼କରେ ଚାଲିଛନ୍ତି । ଆମେ ସ୍କୁଲ ଆଡ଼ୁ ଆସୁଥିଲୁ ଏବଂ ମଝି ସଡ଼କରେ ମଧ୍ୟ ଚାଲୁଥିଲୁ । ମଧୁବାବୁଙ୍କ କୋଠି ପାଖରେ ଲକ୍ଷ୍ୟ କଲି ଯେ ଆମର ଖେଳାଳୀମାନେ ସଡ଼କର ବାଁ ଆଡ଼କୁ ଆଉ ସଡ଼କ ଛାଡ଼ି ଘାସ ଆଡ଼କୁ ଆସ୍ତେ ଆସ୍ତେ ଯାଉଛନ୍ତି । ମୁଁ ସେମାନଙ୍କୁ କହିଲି, "ତୁମେ ଏପରି କାହିଁକି କରୁଛ ? ସାହେବମାନେ ତ ମଝି ରାସ୍ତାରେ ଚାଲିଛନ୍ତି ।" କିନ୍ତୁ ଖେଳାଳୀମାନେ ମୋ କଥା ଗ୍ରାହ୍ୟ କଲେ ନାହିଁ । ସାହେବମେମ୍‌ମାନେ ସଡ଼କ ମଝିରେ ଆସୁ ଥାଆନ୍ତି, ଆଉ ମୁଁ ମଧ୍ୟ ସଡ଼କ ମଝିରେ ଚାଲୁଥାଏ । ସନ୍ଧ୍ୟା ହୋଇ ଆସୁଛି । ମୁଁ ମନେ ମନେ ଗୋଟିଏ ଗୀତ ଗାଉଥିଲି । ସାହେବମାନେ ଘୁଞ୍ଚିଲେ ନାହିଁ କି ମୁଁ ଘୁଞ୍ଚିଲି ନାହିଁ । ଫଳରେ ଅତି ନିକଟବର୍ତ୍ତୀ ହୋଇ ଧକ୍କା ଲାଗିଲା ପରି ହୋଇଗଲା । ଜଣେ ସାହେବ ତାର ହାତରୁ ଛଡ଼ି ଉଠାଇ ମୋତେ

Digitized by srujanika@gmail.com

ମାରିବାକୁ ଉଦ୍ୟତ ହେଲ । ମୁଁ ତାର ଛଡ଼ି ଧରି ପକାଇଲି । ସେ କହିଲ, "Obstructing the passenger in the middle of the road?" ମୁଁ କହିଲି "Who?" ସେଇଠୁ ଜଣେ ମେମ୍ କହିଲ, "ଗୁଡ଼ୁଇଅ !" ମୁଁ ଚାଲି ଆସିଲି ।

ମିଶନ୍ ସ୍କୁଲରେ ମାଷ୍ଟରି କରୁଥିଲି ବେଳେ କଟକକୁ ଗୋଟିଏ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଆସିଥାଏ । ତାଙ୍କୁ ସ୍କୁଲପିଲାମାନେ ସଲାମ କଲେ ନାହିଁ ବୋଲି ସେ ମିଶନ୍ ସ୍କୁଲ ହେଡ୍‌ମାଷ୍ଟରଙ୍କୁ ଏବଂ ଅନ୍ୟାନ୍ୟ ସ୍କୁଲର ହେଡମାଷ୍ଟରଙ୍କୁ ନୋଟିସ୍ ଦେଇଥାଏ ଯେ ସ୍କୁଲର ପିଲାମାନେ ତାଙ୍କୁ ଦେଖିଲେ ନମସ୍କାର କରିବେ । ସେ ନୋଟିସ ହେଡ୍‌ମାଷ୍ଟର ସବୁ କ୍ଲାସକୁ ପଠାଇ ଦେଇଥାଆନ୍ତି । ମୁଁ ସେହି ନୋଟିସ୍ ପଢ଼ି ପିଲାଙ୍କୁ କହିଲି—ମାଜିଷ୍ଟ୍ରେଟ ଜଣେ ତୁମେ ଜାଣିଥିଲେ ସିନା ନମସ୍କାର କରିବ; ନ ଜାଣିଥିଲେ କପରି ନମସ୍କାର କରିବ ? ସାହେବମାନଙ୍କର ଏହି ଅତ୍ୟଧିକ ଜୋର ଜୁଲମ ମୋର ଜୀବନରେ ପ୍ରତିକ୍ରିୟା ଆଣିଥିଲା ।

ସାହେବଙ୍କ ଧୂର୍ତ୍ତାମି

ଯୋଉ Inspector Duke ସାହେବ ଥରେ ମିଶନ ସ୍କୁଲରେ ମୋ କ୍ଲାସ ଦେଖି ରକ୍ତଚକ୍ଷୁ ହୋଇ ଯାଇଥିଲେ, ସେ କିଛି କାଳ ପରେ ରେଭେନସା କଲେଜର ପ୍ରିନ୍‌ସିପାଲ ହେଲେ । ସେତେବେଳେ ଥରେ ସେ କଲେଜର ଟେଷ୍ଟ ପରୀକ୍ଷାରେ କେତେ ପିଲାଙ୍କୁ ଅଟକାଇ ଦେଲେ । କିନ୍ତୁ ଯା'ଙ୍କର ମୁରବି ଜୋର ଥିଲା, ସେମାନେ ଯାଇଁ ସେମାନଙ୍କର ପିଲାଙ୍କର ମୁକ୍ତି ପାଇଗଲେ । କିନ୍ତୁ ଗୋଟିଏ ପିଲା ବ୍ରହ୍ମାନନ୍ଦ ଶତପଥୀ (ବର୍ତ୍ତମାନ Industries Departmentରେ Personal Assistant) ର ମୁରବି ଜୋର ନ ଥିବାରୁ ସେ ଅଟକି ପଡ଼ି-ଯାଇଥିଲା । ତା'ର ବଡ଼ ଭାଇ ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତିଙ୍କର ଘର ଠାରେ ଠିଆ ହୋଇଥାଏ । ମୁଁ ସାଇକେଲରେ ସେ ବାଟେ ଯାଉଥିଲି, ଦେଖିଲି । ଅବସ୍ଥା ଜାଣିଲି; କହିଲି, ହଉ ଦେଖ ଯଦି କିଛି ହୁଏ ତ ଭଲ; ନ ହେଲେ ମୋ ପାଖକୁ ଆସିବ ।

ସେ ମୋ ପାଖକୁ ଆସିଲେ । ମୁଁ ବ୍ରହ୍ମାନନ୍ଦ ଶତପଥୀଙ୍କୁ ପରାମର୍ଶ ଦେଲି ଗୋଟିଏ ଟେଲିଗ୍ରାମ କରି ବିହାର ଓଡ଼ିଶାର ଶିକ୍ଷା ବିଭାଗର ମନ୍ତ୍ରୀଙ୍କ ପାଖକୁ । ମୁଁ ଲେଖିଥିଲି, Principal Ravenshaw College action most autocratic has allowed students having failed in

Digitized by srujanika@gmail.com

three subjects has denied a student having failed in one subject though his professor in that subject recommended him.

ଅର୍ଥାତ୍ ରେଭେନସା କଲେଜ ପ୍ରିନ୍‌ସପାଲଙ୍କ କାର୍ଯ୍ୟ ବଡ଼ ଅତ୍ୟାଚାର-ମୂଳକ । ତିନି ବିଷୟରେ ଫେଲ ହୋଇଥିବା ଛାତ୍ରଙ୍କୁ ଟେଷ୍ଟ ପରୀକ୍ଷାରେ ଛାଡ଼ି ଦେଇଛନ୍ତି, କିନ୍ତୁ ଗୋଟିଏ ବିଷୟରେ ଫେଲ ହୋଇଥିବା ଛାତ୍ର ଜଣଙ୍କୁ ଅଟକାଇ ରଖିଛନ୍ତି । ଅଥଚ ସେହି ବିଷୟର ଶିକ୍ଷକ ମତ ଦେଇଛନ୍ତି ତାଙ୍କୁ ପଠାଇ ଦିଆଯାଇ ପାରେ ।

ଏହି ଟେଲିଗ୍ରାମ ଚୁଦ୍ଦାମୀଚୌକିର ଟେଲିଗ୍ରାମ କିରାଣୀ ପଢ଼ି ଚମକିଲା, ଆଉ କହିଲା ଏ ଟେଲିଗ୍ରାମ ଦିଆଯିବ ନାହିଁ ।

କିନ୍ତୁ ପରେ ଚୁଦ୍ଦାମୀଚୌକିର ପୋଷ୍ଟମାଷ୍ଟର ପଢ଼ି କହିଲେ, ଏଥିରେ ଆମର କଣ ଅଛି, ପଠାଇ ଦିଅ । ଟେଲିଗ୍ରାମ ପଠାଗଲା । କିନ୍ତୁ ସଙ୍ଗେ ସଙ୍ଗେ ଡ଼ଉକ ସାହେବଙ୍କୁ ଖବର ଗଲା ଏହିପରି ଏକ ଟେଲିଗ୍ରାମ ତାଙ୍କ ବିରୁଦ୍ଧରେ ଯାଇଛି । ଡ଼ଉକ୍ ଏହା ଜାଣି ସାଙ୍ଗେ ସାଙ୍ଗେ ସେହି ପିଲାକୁ Sent up କରିଦେଲେ । କିନ୍ତୁ ତାଙ୍କର ଭାଇ ହୃଦାନନ୍ଦ ଶତପଥୀ (ଯେ କି ସେହି ବର୍ଷ ହଷ୍ଟେଲରେ ସାନ ଭାଇ ସଙ୍ଗରେ ରହି ବି ଏ. ପରୀକ୍ଷା ଦେବ) ଙ୍କୁ ହଷ୍ଟେଲରୁ ବାହାର କରିଦେଲେ ଏବଂ କହିଲେ, ତୁମେ ମୋ ବିରୁଦ୍ଧରେ ଟେଲିଗ୍ରାମ କରିଛ ? ହୃଦାନନ୍ଦ ଡରିଯାଇ କହିଲା, ନା ମୁଁ କରିନାହିଁ, ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଆମକୁ ଏ ପରାମର୍ଶ ଦେବାରୁ ଆମେ କଲୁ । ଏଥିରେ ଡ଼ଉକ୍ ସାହେବର ହେଲା ମୋ ଉପରେ ଆକ୍ରୋଶ ।

ଏହି ସମୟରେ ମାର୍‌ଉଡ୍ ସାହେବ ଥିଲେ କଟକ ଜିଲ୍ଲା ମେଜେଷ୍ଟର । ତାଙ୍କର ମୋର ପ୍ରଥମେ ଖୁବ୍ ପଡ଼ୁଥିଲା । ମୋତେ ବାଟରେ ଘାଟରେ ଦେଖିଲେ Your most obedient servant ଅର୍ଥାତ୍ ଆପଣଙ୍କର ବଡ଼ ଆଜ୍ଞାବହ ବୋଲି କୌତୁକ କରନ୍ତି । କିନ୍ତୁ ଥରେ ଏପରି ହେଲା ଯେ ହରିଶ୍ଚନ୍ଦ୍ର ପାଢ଼ୀ ମୋତେ ନେଇ ତାଙ୍କ ପାଖକୁ ଗଲେ; ମୋର ୧° ହଜାର ବହିକୁ Public Library କରିଦେବା ପାଇଁ । ସେତେବେଳେ ସେ ପାଢ଼ୀଙ୍କୁ ଭିତରକୁ ଡାକି ନେଲେ । ମୋତେ ଡ଼ାକିଲେ ନାହିଁ । ତାପରେ ଆମେ ଯେତେବେଳେ ଫେରି ଆସିଲୁ ପାଢ଼ୀ ବଡ ଦୁଃଖିତ ଥିଲେ ଏବଂ ଏହି ଡ୍ୟୁକ୍ ସାହେବ କଥା ମାରଉଡ୍

Digitized by srujanika@gmail.com

ସାହେବ କାହାରୁ ଶୁଣିଲେ ବୋଲି କହିଲେ । ମାରଉଡ୍ ପାଢ଼ୀଙ୍କୁ କହିଲେ, "ତୁମେ ଜାଣ ମିଷ୍ଟର ସାହୁଙ୍କୁ ଭଲ କରି ?" ସେ କହିଲେ, ହଁ ଜାଣେ ତାଙ୍କୁ ଭଲକରି । ତା ପରେ କହିଲେ, ବୁଝିଲ ପାଢ଼ି, "He is a most mischievous man." ଅର୍ଥାତ୍ ସେ ଭାରି ଅନିଷ୍ଟକାରୀ ଲୋକ ।

ତା ପରେ ରେଭେନ୍‌ସା କଲେଜ ବକ୍ତୃତା ଦେବାକୁ Dr. Stella Kramrisch ଆସି ଥା'ନ୍ତି । ବକ୍ତୃତା ପରେ କଥା ପଡ଼ିଲା ସେ ଚଉଦ୍ୱାର ଯିବେ । ମୂର୍ତ୍ତି ଇତ୍ୟାଦି ଦେଖିବେ । କିଏ ତାଙ୍କୁ ନେଇଯିବ ? ସାଙ୍ଗେ ସାଙ୍ଗେ ପ୍ରଫେସର୍ ନିର୍ମଳ କୁମାର ବାନାର୍ଜି ଥିଲେ, ସେ ମୋତେ ଖୋଜିଲେ ଏବଂ କହିଲେ, ଏହି ସାହୁ ଯିବେ । ମାରଉଡ୍ ସେଠି ଥାଆନ୍ତି । କିଛି କହିଲେ ନାହିଁ ।

କଥା ହେଉଥାଏ ସନ୍ଧ୍ୟାବେଳେ । ସକାଳୁ ଚଉଦୁଆର ଯିବା କଥା ମାରଉଡ୍ ବୋଟରେ । କିନ୍ତୁ ମାରଉଡ୍ କହିଲେ, ଅନ୍ୟକୁ ଲକ୍ଷ୍ୟ କରି—ସାହୁ ଆଗରୁ ଚାଲିଯାଉ । ମୁଁ କହିଲି, ଚଉଦୁଆର ବର୍ତ୍ତମାନ ଆଉ ଯିବାର ସୁବିଧା ନାହିଁ । ତା ପର ଦିନ ଯେତେବେଳେ ଜୋବ୍ରା ଘାଟରେ ପହଞ୍ଚିଲି ବନ୍ଧୁ ପ୍ରଫେସର ଘନଶ୍ୟାମ ଦାସ ମଧ୍ୟ ଆଆନ୍ତି । ଆମେ ଦୁଇଜଣ ଗୋଟିଏ ବୋଟରେ ବସିଲୁ । ମାରଉଡ୍ ଓ ଷ୍ଟେଲା ଅସଲ ବୋଟରେ ବସିଲେ । ମୁଁ ଘାଟର ଗୋଟିଏ ଜିନିଷ କଣ ବୋଟକୁ ନେଉଥିଲି । ମାରଉଡ୍ ତାହା ନେବାକୁ ଦେଲେ ନାହିଁ ମୋତେ, ନିଜେ ନେଇଗଲେ । ଠିକ୍ ଏହିପରି ବ୍ୟବହାର ଚଉଦୁଆର ଘାଟରେ କଲେ । ଚଉଦ୍ୱାରରେ ଷ୍ଟେଲାକୁ ଛାଡ଼ି ଦେଇ ସେ ଜଗତପୁର ଅଡ଼କୁ ଲଞ୍ଚରେ ଗଲେ । ସନ୍ଧ୍ୟାବେଳେ ପୁଣି ଆସି ଷ୍ଟେଲାକୁ ନେବାକୁ ହେବ । ତାହା ହିଁ ହେଲା । ଷ୍ଟେଲା ମୋର ଚଉଦ୍ୱାର ଗ୍ରାମ ସଂଗଠନ କେନ୍ଦ୍ରରେ ରହିଲେ । ସବୁ ଦେଖିଲେ, କଥାବାର୍ତ୍ତା ହେଲା । ବିଶ୍ରାମ କଲେ ।

ଏହା ପରେ ଅନେକ ଦିନ ଗଲା । ମାରଉଡ୍ ସାଙ୍ଗରେ ମଝିରେ ମଝିରେ ଦେଖାହୁଏ । ସେ ମୋତେ Wish କରନ୍ତି ନାହିଁ । ଥରେ ବାଲିରେ ଗୋଟିଏ ପ୍ରଦର୍ଶନୀ ହେଲା । ହରିଶ୍ଚନ୍ଦ୍ର ପାଢ଼ୀଙ୍କ ମୋଟରରେ ମୁଁ ସେଠାକୁ ଯାଇଥାଏ । ଗୋଟିଏ ଘରକୁ ଆମେ ପଶୁଛୁ, ମାରଉଡ୍ ସେହି ଘରୁ ବାହାରୁଛନ୍ତି । ଏତେ ଚାରିଚକ୍ଷୁ ହୋଇଗଲେ ଯେ ମାରଉଡ୍ ହଠାତ୍ କହିଲେ, How do you do ? ମୁଁ ବି ମାମୁଲି ଭାବରେ, କହିଲି, Thank you. ସେହି ସମୟରେ ମାରଉଡ୍ କଟକରୁ ବଦଳି ହୋଇ ଯାଉଥାନ୍ତି ।

Digitized by srujanika@gmail.com

ଆଉ ଥରେ, ରେଭେନ୍ସା କଲେଜ ନୂଆକରି ଗୃହଳିଆଗଣ୍ଡରେ ହୋଇଥାଏ । Whitlock ସାହେବ, ପ୍ରିନ୍ସିପାଲ, ଚନ୍ଦ୍ରଶେଖର ସାମନ୍ତଙ୍କ ଫଟୋ ଅତି ଅସୁନ୍ଦର ଚେହେରାର ଦେଖି କହିଲେ, ଏହାକୁ ବାହାର କରିଦିଅ । ସେ ହୁଣ୍ଡାଗ୍ରାମ ଥିଲେ । ମୁଁ ଷ୍ଟାର ଅଫ୍ ଉତ୍କଳରେ ଲେଖିଥିଲି ଯେ ରେଭେନ୍ସା କଲେଜରେ ଗୋଟିଏ ବ୍ଲକ୍‌ରୁ ଅନ୍ୟ ବ୍ଲକ୍‌କୁ ଯିବା ପାଇଁ ଏପରି ଲୁହାବାଡ଼ ବସିଛି ଯେ ତାହା ଜେଲଖାନା ପରି ଦିଶୁଛି । ଏଥିରେ ସେ ରାଗି ଖୁନ୍, ମାରିବେ କି ମରିବେ ।

ଦିନେ ମୋତେ ସାମ୍ନାରେ ପାଇ ଫଁ ଫଁ ହୋଇ କହିଲେ—You have written, it looks like a jail. Does it look like a jail ? ମୁଁ କିଛି କହିଲି ନାହିଁ, କେବଳ ଏତିକି କହିଲି—It looks so to me for the movement is not free.

ତା ପରେ ଅନେକ ଦିନ ପରେ ଓ୍ଵଉକ୍ ସାହେବ ରେଭେନ୍ସା କଲେଜର ପ୍ରିନ୍ସିପାଲ । ସେ ଯେଉଁ କ୍ଲାସରେ ପଢ଼ାନ୍ତି ସେହି ବାଟ ଦେଇ କେହି ଗଲେ କାଶି ପାରିବ ନାହିଁ, ଜୋତାର କିଛି ଶବ୍ଦ ହେବ ନାହିଁ, ଖୁବ୍ ସନ୍ତର୍ପଣରେ ଯିବାକୁ ପଡ଼ିବ ।

ମୋର ଜ୍ୱାଇଁ ବୈଦ୍ୟନାଥ ସାହୁ ସେହି କଲେଜର ଛାତ୍ର । ସେ ସେବାଟେ ଯାଉଥିଲି । ସେ ଟିକେ କାଶି ପକାଇଲି । ହଠାତ୍ ବାହାରି ଆସି ତାକୁ ଧରିଲି । ପଚାରିଲି, Who are you ? ସେ କହିଲି, ମୁଁ Mr. L. N. Sahuଙ୍କ ଭଣଜା । ସେ ମୋର ଭଣଜା ଥିଲା, ଏତିକିରେ ସେ ତତଲା ଚମୁଟା ଧରି ପକାଇଲେ ଯେପରି ହଠାତ୍ ଛାଡ଼ି ଦେବାକୁ ହୁଏ ସେହିପରି ବୈଦ୍ୟନାଥକୁ ଛାଡ଼ିଦେଲେ ।

ମୁଁ ଜଣେ କମ୍ୟୁନିଷ୍ଟ (?)

ମାରଉଡ ସାହେବଙ୍କ କଥା ଆଗରୁ କହିଛି । ସେ ରେଭେନ୍ସା କଲେଜ ପ୍ରିନ୍ସିପାଲ ଓ୍ଵଉକ୍ ସାହେବଙ୍କ ଠାରୁ ମୋ ଗୁଣଗ୍ରାମ ଜାଣିଥିଲେ । ହେଲେ ମାରଉଡ୍ ସାହେବ ମୋର ଗୌଦ୍ୱାର ଗ୍ରାମସଂଗଠନ କେନ୍ଦ୍ରକୁ Justice Dhavle ଏବଂ Chief Justice Sir Courtney Terellଙ୍କ ସହିତ ଯାଇ ପ୍ରଶଂସା କରି ଆସିଥିଲେ । କିନ୍ତୁ ପରେ ସେ ମୋର ଗ୍ରାମସଂଗଠନ

Digitized by srujanika@gmail.com

କାର୍ଯ୍ୟରେ ମୋତେ ଅନେକ ବାଧା ଦେଲେ । କଂଗ୍ରେସ ଆନ୍ଦୋଳନର ଅଫିମ ପିକେଟିଂ ବେଳେ ଚୌଦ୍ୱାର ଗ୍ରାମ ସଂଗଠନ କେନ୍ଦ୍ରରେ ଅଫିମ ଛାଡ଼ିବାର ବିଜ୍ଞାପନ ଦେଇଥିଲି । ସେଥିରେ ମୋତେ ଆରେଷ୍ଟ କରିବାର କଳ୍ପନାଜଳ୍ପନା ଚାଲିଥିଲା । ଏ ସବୁକୁ ଲେଖୁଛି ଏଥିପାଇଁ, ସେ ସାହେବମାନଙ୍କ ଭିତରେ ଆମର ଜାତୀୟ ପ୍ରେମ ପେନ କପରି ଅସନ୍ତୋଷ ଓ ଅସୁବିଧା ଦେଖା ଯାଉଥିଲା ତାହା ପାଠକମାନେ ଜାଣି ପାରିବେ । କଟକ ମିଶନ୍ ସ୍କୁଲ ଛାଡ଼ିବା ପରେ ଦୁଇ ଚାରିବର୍ଷ ମୋ ପଛରେ ସି. ଆଇ ଡ଼ି.ଖୁବ୍ ଘୂରିଲା । ସରକାରୀ ରେକର୍ଡରେ ମୋର ନାମରେ ଫାଇଲ୍ ଖୁବ୍ ବେଶୀ ଜାହିରିକ ବୋଲି ସ୍ୱତନ୍ତ୍ର ଭାବରେ ମୋର ଜଣେ ସରକାରୀ ବନ୍ଧୁ ପଚାରିଲେ । ମୁଁ ସେଥିରେ ମନ ଦେଲି ନାହିଁ ।

ଫିଲପ ସାହେବ ଓଡ଼ିଶାରେ କମିସନର ଥିଲା ବେଳେ ବିହାର ଓଡ଼ିଶା ସରକାରରୁ ଖବର ଆସିଲା ଯେ ମୁଁ ଜଣେ କମ୍ୟୁନିଷ୍ଟ ଏବଂ ଭିତରେ ଭିତରେ ସବୁ ସ୍କୁଲକୁ ସାର୍କୁଲାର ଗଲା ଯେ ମୋତେ ସ୍କୁଲମାନଙ୍କରେ ପିଲାମାନଙ୍କ ସହିତ ମିଶିବାର ଯେପରି କୌଣସି ସୁଯୋଗ ଦିଆ ନ ଯାଏ । ଏକଥା ମୁଁ ଜାଣିଲି ଯେତେବେଳେ ବାଲେଶ୍ୱର ଜିଲ୍ଲାସ୍କୁଲକୁ ଯାଇଥିଲି ଏବଂ ସୁକୁର ମିଆଁ ସେତେ-ବେଳେ ହେଡ୍ ମାଷ୍ଟର ଥିଲେ । ମୁଁ ଯେଉଁଦିନ ଯାଇଥିଲି ସେ ଦିନ ଶନିବାର ଓ ମାଷ୍ଟରମାନଙ୍କ ଭିତରେ ସଭା ହୋଇ ଶିକ୍ଷାର ଆଲୋଚନା ହେବ । ମୋର ବନ୍ଧୁ ଆସିଷ୍ଟାଣ୍ଟ ହେଡ୍ମାଷ୍ଟର ନଗେନ୍ଦ୍ର ନାଥ କରଙ୍କୁ କହିଲି, ମୁଁ ମଧ୍ୟ ସେଥିରେ ଯୋଗ ଦେବି । କିନ୍ତୁ ସୁକୁର ମିଆଁ ଅନୁମତି ଦେଲେ ନାହିଁ ଏବଂ ମୋତେ କହିଲେ, କ୍ଷମା କରିବେ । ଆପଣଙ୍କ ବିରୁଦ୍ଧରେ ଏପରି ସାର୍କୁଲାର ଅଛି । ବ୍ୟକ୍ତିଗତ ଭାବେ ସେ ଦିନ ମୋତେ ତାଙ୍କ ଘରେ ଖାଇବାକୁ ସେ ନିମନ୍ତ୍ରଣ କଲେ ।

ଦିନେ କଟକ ଜିଲ୍ଲାର ଚମ୍ପାଖଣ୍ଡ ଠାରେ ଗୋଟିଏ ସହଯୋଗ ସମ୍ମିଳନୀ ବସିଛି । ଫିଲପ ସାହେବ ସେଥିରେ ସଭାପତି । ମୁଁ ସେ ସଭାକୁ ଯାଇଛି । ମୋର ବନ୍ଧୁ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମୁଖାର୍ଜି ସେତେବେଳେ ଆସିଷ୍ଟାଣ୍ଟ ରେଜିଷ୍ଟ୍ରର । ସେ ମୋତେ ସଭାରେ ବକ୍ତୃତା ଦେବାପାଇଁ ଅନୁରୋଧ କଲେ । ବକ୍ତୃତା ଦେବାକୁ ଯାଉଛି ଏହି ସମୟରେ ଫିଲପ୍ ସାହେବ କହି ଉଠିଲେ, "Are you going to talk communism here ?" ମୁଁ କହିଲି, ମୁଁ କେବେ କେଉଁଠି କହୁଛି କି ? ସେତେବେଳେ ସେ କହିଲେ—ଅନ୍ତତଃ ସରକାରୀ ରିପୋର୍ଟ ତୁମ ବିରୁଦ୍ଧରେ ଏହିପରି ଅଛି । ଅନେକ ଦିନ ପରେ ଜାଣିଲି ଯେ ଯାଜପୁରରେ ଗୋଟିଏ କେନ୍ଦ୍ର ବ୍ୟାଙ୍କ୍ ବାର୍ଷିକ ସଭାରେ ମୁଁ କହିଥିଲି, ସହଯୋଗ ଆନ୍ଦୋଳନର

Digitized by srujanika@gmail.com

ଉଦ୍ଦେଶ୍ୟ ହେଉଛି ଯେଉଁମାନେ ଜୀବନ ସଂଗ୍ରାମରେ ଋଣ-ପଙ୍କରେ ପଡ଼ି ଯାଇଛନ୍ତି, ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉପରେ ଯେଉଁମାନେ ଧନୀଲୋକ ଅଛନ୍ତି, ସେମାନଙ୍କ ଟଙ୍କା ବ୍ୟାଙ୍କରେ ରଖି ଅଳ୍ପ ସୁଧରେ ସେମାନଙ୍କୁ ସାହାଯ୍ୟ କରି ତାଙ୍କୁ ଉଦ୍ଧାର କରିବା ଏବଂ କାଳକ୍ରମେ ସେମାନଙ୍କୁ ସମର ଭୂମିରେ ଛଡ଼ା କରିଦେବା । ଏହି ରିପୋର୍ଟର ଗୋଟିଏ Copy ବିହାରଓଡ଼ିଶାର Provincial Co-operative Bank କୁ ଯାଇଥିଲା । ଏହି ରିପୋର୍ଟର ମାର୍ଜିନ୍‌ରେ ସେକ୍ରେଟେରୀ ପଢ଼ୁ ପଢ଼ୁ ମନ୍ତବ୍ୟ ଲେଖିଥିଲେ, Communism. ଏହାକୁ କୋ-ଅପରେଟିଭ ବିଭାଗର ପି. ଏ. ସେ ସମୟ ରେଜିଷ୍ଟ୍ରାର Ansorge ସାହେବଙ୍କୁ ଦେଖାଇଲେ । ଆନସର୍ଜ ସାହେବ ଏହା ପଢ଼ି ଗଭର୍ଣ୍ଣମେଣ୍ଟକୁ ସତର୍କ ହେବା ପାଇଁ କହିଲେ । ତେଣୁ ସାରକୁଲର ଘୂରିଆଡ଼େ ବୁଲିଗଲା । ସରକାରୀ କାଣ୍ଡକାରଖାନା ଏହିପରି । ଆଉ ସାହେବମାନଙ୍କର ମତଗତ ଏହିପରି । ଆଉ ଆମର ବଡ ଭାରତୀୟ ସରକାରୀ କର୍ମଚାରୀମାନଙ୍କର ମତଗତ ଏହିପରି ।

ଲବଣ ସତ୍ୟାଗ୍ରହ

ଲବଣ ସତ୍ୟାଗ୍ରହର ସେହିସବୁ ଅନ୍ଧକାରମୟ ଦିନଗୁଡ଼ିକ ବର୍ଣ୍ଣନୀୟ, ମାତ୍ର ବର୍ଣ୍ଣନାର ଅତୀତ । ମୁଁ, ପଣ୍ଡିତ ଲିଙ୍ଗରାଜ ମିଶ୍ର ଆଉ ସୁଧୀର ଘୋଷ, ଯେ ବର୍ତ୍ତମାନ (୧୯୬୪) ଓଡ଼ିଶା ସରକାରଙ୍କର Public Relation Officer ଅଛନ୍ତି, ଏହି ତିନିଜଣ ଯାଇଥିଲୁ ବାଲେଶ୍ୱର ଇଞ୍ଚୁଡ଼ି କ୍ଷେତ୍ରରେ ସତ୍ୟାଗ୍ରହୀମାନଙ୍କର ଉପରେ କ'ଣ କ'ଣ ଅତ୍ୟାଚାର ହୋଇଛି ଦେଖିବା ପାଇଁ ।

ଯେତେବେଳେ କଟକରେ ଚେଷ୍ଟା କରାଗଲା—କିଏ କିଏ ସେଠାକାର ତଦନ୍ତରେ ଯିବେ । ସେତେବେଳେ ଲୋକ ମିଳିଲେ ନାହିଁ । ଏହି ସମ୍ପର୍କରେ ଟାଉନ ହଲରେ (କଟକ) ଗୋଟିଏ ସଭା ହେବାର କଥା । କିନ୍ତୁ ସେଥିରେ ସଭାପତି କିଏ ହେବ ? ଅନେକ ଚେଷ୍ଟା କରାଗଲା; କିନ୍ତୁ ଲୋକ ମିଳିଲେ ନାହିଁ ।

ଅନୁସନ୍ଧାନ ପରେ ଯିବା ପାଇଁ ମଧ୍ୟ ଲୋକ ମିଳିଲେ ନାହିଁ । ମାଳତୀ ଚୌଧୁରୀ ବଡ଼ ବ୍ୟସ୍ତ ହେଲେ । ସୁଧୀର ବାବୁ, ମୁଁ ଆଉ ଲିଙ୍ଗରାଜ ବାବୁ ଶେଷରେ ଗଲୁ ।

ବାଲେଶ୍ୱରରେ ଓହ୍ଲାଇଲୁ । ସେଠି ଲୋକ ଖୋଜିଲୁ । ସହଜରେ କେହି ମିଳିଲେ ନାହିଁ । ଶେଷରେ ଜଣେ ମିଳିଲେ, ଓକିଲ—ଚିହ୍ନା । କିନ୍ତୁ ବାଟରେ

Digitized by srujanika@gmail.com

ମୋଟର ଝର୍ଗ୍ରପ ଦେ'ଛଗଲା । ସେ ରହିଲେ । ଲଙ୍ଗରାଜ ବାବୁ, ମୁଁ ଓ ସୁଧୀର ବାବୁ ଗ୍ଲଲୁ । ୭।୮ ମାଇଲ ପରେ ଯେତେବେଳେ ଛଞ୍ଚୁଡ଼ା ଗ୍ରାମ ପାଖ ହେଲୁ ଦେଖିଲୁ କପରି ଶୂନ୍ ଶାନ୍ ଲଗୁଛି । କେହି ଲୋକବାକ ନାହାନ୍ତି ।

ତା ପରେ ଦୂରରେ ଜଣେ ଅଧେ ଲୋକ ଦେଖିଲୁ—ସେ ଆଡ଼କୁ ଗଲୁ, କନ୍ତୁ ଲୋକ ଲୁଚଗଲେ । ଗାଁରେ ପଶିଲୁ । ବେଳ ପ୍ରାୟ ୫।୬ଟା ଅପରାହ୍ଣ । ସବୁ ଘରଦ୍ୱାର ଜଳା । ଗୋଟିଏ ଘରେ ଜଣେ ଲୋକ ପଶି ଯାଉଥିଲେ । ସେଠି ଆମେ ପହଞ୍ଚିଲୁ—କହିଲୁ, ଭୟ କର ନାହିଁ; ଆମେ ଆସିଛୁ ସାଧାରଣ ତରଫରୁ । ସାହାଯ୍ୟ କଛୁ ଦେଲୁ । ଯେତେବେଳେ ଶୁଣିଲୁ ଯେ ସେମାନଙ୍କର ଖାଇବାର କଛୁ ନାହିଁ, ପାଞ୍ଚ ଟଙ୍କା ଦେଲୁ । ପୋଲିସ ଗାଁ ଆରପଟେ ଜଗିଥାନ୍ତି । ଆମେ ଗୌରମୋହନ ବାବୁଙ୍କ ଘରକୁ ଗଲୁ । ପ୍ରକାଣ୍ଡ ଘର—ଦୀର୍ଘ ଦୀର୍ଘ ଗ୍ଲଘର, ଯେପରି ଗୋଟିଏ ସ୍ୱତନ୍ତ୍ର ଅଧା ଗାଁ ।

କାହାର ସୋର ଶବ୍ଦ ନାହିଁ । ସବୁ ଚୁପ୍ ଚୁପ୍ । ଆମେ ଦ୍ୱାରରେ ଆଘାତ କଲୁ । ଡାକଲୁ, ଆଶ୍ୱାସନା ଦେଲୁ । ତା ପରେ ଦ୍ୱାର ଫିଟିଲା । ସବୁ ଘର ବୁଲିଲୁ, ସବୁ ଲୁଟପାଟ୍ ହୋଇଛି । ପୋଲିସ୍ ଖୁବ୍ ଆସି ଖାଇଛି, ଖୁବ୍ ଘିଅ ନେଇଛି, ଖୁବ୍ ଆଗ୍ଭର ନେଇଛି । ଗ୍ଉଳ ଡାଲି ଯାହା ଥିଲା, ସବୁ ନେଇଛି । ସବୁ ଘର ବୁଲି ବୁଲି ଦେଖିଲୁ । ଏଠି ହାରମୋନିୟମ ପଡ଼ିଛି ତ ସେଠି ବାକସ ଭଙ୍ଗା ହୋଇ ପଡ଼ିଛି । ସବୁ ଜନିଷ ଲଣ୍ଡଭଣ୍ଡ ।

ଶେଷରେ ଘରର ବାଡ଼ପଟରୁ ଆସି ଆସି ଦାଣ୍ଡଦ୍ୱାର ପାଖରେ ପହଞ୍ଚିଲୁ । ଆମ ସାଙ୍ଗରେ ଗୌରମୋହନ ବାବୁଙ୍କର ଜଣେ ବନ୍ଧୁ ବାନ୍ଧବ ଆସିଥାନ୍ତି ଏମାନଙ୍କର ଅବସ୍ଥା ଦେଖିବା ପାଇଁ । ସେହି ଡାକବାରେ କବାଟ ଫିଟିଲା, ନୋହିଲେ କବାଟ ଫିଟି ନ ଥାନ୍ତା ।

ତା ପରେ ସବୁ ଘର ବୁଲିସାରି ଆମେ ଅକା ହୋଇ ବସିଲୁ । ଗୋଟିଏ ଘର ଭିତରୁ କାହାରି କାହାରି ସ୍ୱର ଶୁଣାଗଲା । ସେହି ଘରେ ସ୍ତ୍ରୀଲୋକ ଜଣେ ଦୁ'ଜଣ ଥିଲେ । ସେମାନେ ଭୟଭୀତ ହୋଇ ଲୁଚି ରହିଥାନ୍ତି । ରାତ୍ରି ପ୍ରାୟ ଆଠଟା ହେଲଣି । ଆମେ ବଡ଼ ଅକା । କହିଲୁ, ଆଜି ରାତିରେ ଏଇଠି ରହିଯିବୁ, କାଲି ସକାଳେ ଯିବୁ । ଦୁ'ଟା ଭାତ ଫୁଟାଇ ଦିଅନ୍ତେ ଯଦି ଆମେ ଖାଆନ୍ତୁ । ବଡ଼ ଭୋକେଇଛୁ । କନ୍ତୁ ଅସମ୍ଭବ ସେ କଥା । ଘରେ ଗ୍ଉଳ ନାହିଁ, ଗାଁରେ ଗ୍ଉଳ ମିଳିବା ଅସମ୍ଭବ ।

Digitized by srujanika@gmail.com

ଶେଷରେ ଜାଣିଲୁ ଯେ ମୁଢ଼ି ମିଳିପାରେ । ତାକୁ ଖାଇ ଆମେ ପୁଣି ବାହାରିଲୁ । ମୁଁ ବାହାରିବା ପାଇଁ ଇଚ୍ଛୁକ ନ ଥିଲି । ସେଇଠି ଶୋଇଥାନ୍ତି । କିନ୍ତୁ ଲିଙ୍ଗରାଜ ବାବୁ କହିଲେ ଆମେ ଏଠି ରହିବରେ ରହିଲେ ଆରେଷ୍ଟ ହୋଇଯିବୁ, ଆଉ ବାହାରକୁ ଲୁଟପାଟ୍‌ର ସଠିକ୍ ଖବର କିଛି ଦେଇ ପାରିବୁ ନାହିଁ ।

ତେଣୁ ଫେରିଲୁ । ଚାଲିଛୁ, ଚାଲିଛୁ । ଗୋଡ ରହିଗଲାଣି । ବର୍ଷା ହୋଇ ରାସ୍ତା ବଡ଼ କାଦୁଅ ହୋଇଥାଏ । ବଡ଼ କଷ୍ଟରେ ଶେଷରେ ବାହାନ୍‌ଗାବଜାର ଷ୍ଟେସନରେ ପହଞ୍ଚିଲୁ । ସେତେବେଳକୁ ରାତି ଦୁଇଟା ହେବ କି କଣ ? ବଡ ଭୋକ, କ'ଣ ଖାଇବୁ ? ଆସିଷ୍ଟାଣ୍ଟ ଷ୍ଟେସନମାଷ୍ଟରଙ୍କୁ ଅନୁରୋଧ କଲୁ । ସେ ଜଣେ ଓଡ଼ିଆ । ଅତି କଷ୍ଟରେ ଗୋଟିଏ ଦୋକାନରେ କଞ୍ଚା ଚୁଡ଼ା ମିଳିଲା, ଆଉ ନଡ଼ିଆ । ତାକୁ ଚୋବାଇଲୁ । ଶେଷରେ ବାଲେଶ୍ୱରକୁ କଟକ ପାହାନ୍ତିଆ ପାସେଞ୍ଜର ଗାଡ଼ି ଆସିଲା । ସେଥିରେ ଆମେ ବାଲେଶ୍ୱର ଆସିଲୁ । ସୁଧୀର ବାବୁ କଟକ ଫେରିଲେ । ଆମେ ଲିଙ୍ଗରାଜ ବାବୁ ଓ ମୁଁ ଶ୍ରୀ ମୁକୁନ୍ଦପ୍ରସାଦ ମୁକ୍ତ୍ୟାରଙ୍କ ଘରକୁ ଗଲୁ । ସେଠାରେ ବସି ସଙ୍ଗେ ସଙ୍ଗେ ରିପୋର୍ଟ ଲେଖିବାକୁ ଆରମ୍ଭ କଲୁ । ଏଣେ ଭୁଲି ଯାଉଥାଉଁ । ସେଥିରେ ରିପୋର୍ଟ ଲେଖା ହେଲା—ଟାଇପ୍ ହେଲା । କଲିକତା କାଗଜମାନଙ୍କୁ ରିପୋର୍ଟ ପଠାଗଲା । ଲିଙ୍ଗରାଜ ବାବୁ କଟକ ଫେରିଲେ । ମୁଁ ବାଲେଶ୍ୱରରେ ଆଉ ଦିନେ ରହିଗଲି ।

ସେ କି ଦିନ ! କି ରାତି ! ସେ କି ଦୁର୍ଦ୍ଦଶା, ସେ କି ଦାରୁଣ ଦୁର୍ବିପାକ ! ଏହିପରି କେତେ ଝଡ଼ ଭିତରେ ପଶି ପଶି ଏ ଦେଶ ଶେଷରେ ସ୍ୱରାଜ୍ୟ ଲାଭ କରିଛି ।

ମୋର ବରୋଦା-ଯାତ୍ରା

୧୯୩୭ ଖ୍ରୀଷ୍ଟାବ୍ଦରେ ଶ୍ରୀଯୁକ୍ତ ବିଶ୍ୱନାଥ ଦାଶଙ୍କର ମନ୍ତ୍ରୀତ୍ୱ ସମୟରେ ମୁଁ ଓ ବର୍ତ୍ତମାନ ଶିକ୍ଷା ବିଭାଗର ଇନସପେକ୍ଟର ଥିବା ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର ମହୋଦୟ ବରୋଦା ରାଜ୍ୟରେ ଲାଇବ୍ରେରୀ ଆନ୍ଦୋଳନ ଏବଂ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଆନ୍ଦୋଳନ କିପରି ଚାଲିଛି, ତାହା ବୁଝିବା ପାଇଁ ଓଡ଼ିଶା ଗଭର୍ଣ୍ଣମେଣ୍ଟ କର୍ତ୍ତୃକ ପ୍ରେରିତ ହୋଇଥିଲୁ । ଆମ୍ଭେମାନେ ବରୋଦା ରାଜ୍ୟରେ ସବୁ ଜିଲ୍ଲାଗୁଡ଼ିକ ବୁଲି ସେଠାରେ ଶିକ୍ଷା ଆନ୍ଦୋଳନର ସମସ୍ତ କଥା ବୁଝିଥିଲୁ । ପରିଶେଷରେ ଆମ୍ଭେମାନେ ଓଡ଼ିଶା ସରକାରଙ୍କୁ ଏତଦ୍ ସମ୍ବନ୍ଧରେ ଗୋଟିଏ

Digitized by srujanika@gmail.com

ରିପୋର୍ଟ ଏବଂ ଆମ ଓଡ଼ିଶାର ଲାଇବ୍ରେରୀ ଆନ୍ଦୋଳନ କିପରି ହେବ ତାହାର ଏକ ଯୋଜନା ପ୍ରସ୍ତୁତ କରି ମଧ୍ୟ ଦେଇଥିଲୁ । କିନ୍ତୁ କଣ ହେଲା କେଜାଣି ତାହା କେବେ ପ୍ରକାଶିତ ହେଲା ନାହିଁ । ଆଜି ପର୍ଯ୍ୟନ୍ତ ସେ ରିପୋର୍ଟ ଓଡ଼ିଶା ସରକାରଙ୍କ ଦପ୍ତରରେ ପଡ଼ି ରହିଛି ଓ ଖୁବ୍ ସମ୍ଭବ ଏହି ସମ୍ପର୍କରେ ତତ୍କାଳୀନ ଓଡ଼ିଶାର କଂଗ୍ରେସ ଲୋକ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜି ହୋଇ ନ ଥିଲେ ।

ଯାହା ହେଉ ବିଶ୍ୱନାଥ ଦାସଙ୍କର ଆନୁକୂଲ୍ୟରୁ ଆମେ ଦୁଇ ଜଣ ବରୋଦା ରାଜ୍ୟରେ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଓ ଲାଇବ୍ରେରୀ ଆନ୍ଦୋଳନ ବିଷୟରେ ଅଧ୍ୟୟନ କରିବାର ଏବଂ ଶିକ୍ଷା ବିଭାଗର ତଥା ସରକାରୀ ବିଭାଗର ବଡ଼ ବଡ଼ କର୍ମଚାରୀଙ୍କ ସହିତରେ ଏହି ଦୁଇ ବିଷୟ ନେଇ ଚର୍ଚ୍ଚା କରିବାର ଖୁବ୍ ସୁବିଧା ପାଇଥିଲୁ । ବରୋଦା ରାଜ୍ୟରେ ଗୋଟିଏ ବଡ଼ କେନ୍ଦ୍ର ଲାଇବ୍ରେରୀ ଅଛି । ତାହାର ଜରିଆରେ ଲେଖକମାନଙ୍କୁ ସୁବିଧା ଦିଆଯାଏ ପୁସ୍ତିକା ଲେଖିବା ପାଇଁ । ଯେଉଁମାନଙ୍କ ପୁସ୍ତିକା ବା ପାଣ୍ଡୁଲିପି ଗ୍ରହଣୀୟ ହୁଏ ସେମାନଙ୍କୁ ଟଙ୍କା ଦିଆଯାଏ, ଏବଂ ଉକ୍ତ ପାଣ୍ଡୁଲିପି ପ୍ରକାଶିତ ହୋଇ ଭିନ୍ନ ଭିନ୍ନ ଲାଇବ୍ରେରୀକୁ ଯାଏ । ଏହାଦ୍ୱାରା ଅଳ୍ପ ପଇସାରେ ବେଶି ବହି ଛପି ହୁଏ । କୌଣସି ଗ୍ରାମରେ ଲୋକେ ଲାଇବ୍ରେରୀ କରିବାକୁ ଇଚ୍ଛା କଲେ ସେମାନେ ଯଦି ଶହେ ଟଙ୍କା ଆଦାୟ କରିଥାନ୍ତି ତାହେଲେ ଏହି କେନ୍ଦ୍ର ଲାଇବ୍ରେରୀ ତରଫରୁ ତାଙ୍କୁ ତିନିଶ ଚାରିଶ ଟଙ୍କା ମୂଲ୍ୟର ପୁସ୍ତକ ଦିଆଯାଏ । ବସ୍ତୁତଃ ଏହି ତିନିଶ ଚାରିଶ ଟଙ୍କା ମୂଲ୍ୟର ପୁସ୍ତକର ଛପା ଦାମ୍ ହୁଏତ ଶହେ ଦେଢ଼ଶହ ଟଙ୍କା । ସେଥିପାଇଁ କେନ୍ଦ୍ର ଲାଇବ୍ରେରୀ ସୁବିଧାରେ ଗ୍ରାମ୍ୟ ଲାଇବ୍ରେରୀମାନଙ୍କୁ ପୁସ୍ତକ ଯୋଗାଇ ପାରେ ।

ତା ଛଡ଼ା ସେଠାରେ ଭ୍ରାମ୍ୟମାଣ ଲାଇବ୍ରେରୀ ମଧ୍ୟ ଅଛି । କୌଣସି ଗ୍ରାମର କେହି ଦାୟିତ୍ୱପୂର୍ଣ୍ଣ ଲୋକ ବହି ମଗାଇ ପଠାଇଲେ ତାଙ୍କ ପାଖକୁ ଶହେ ଦୁଇଶହ ଖଣ୍ଡ ବହି ପଠାଇ ଦିଆଯାଏ । ଏହି ବହି ପଠାଇବା ପାଇଁ ବାକ୍ସ ଅଛି । ଗୋଟିଏ ବାକସରେ ଶିଶୁସାହିତ୍ୟ, ଆଉ ଗୋଟିଏ ବାକ୍ସରେ ନାରୀ-ସାହିତ୍ୟ ଏବଂ ଅନ୍ୟଟିରେ ସାଧାରଣ ସାହିତ୍ୟ ଏହିପରି ବିଭାଗ କରାଯାଇଥାଏ । ମାସେ ଦେଢ଼ ମାସ ପରେ ଗୋଟିଏ ବାକ୍ସ ଫେରାଇ ଦିଆଗଲେ ଆଉ ଗୋଟିଏ ବାକ୍ସ ଯାଏ । ଏହି ବାକ୍ସ ଫେରାଇବାର ଖର୍ଚ୍ଚ କେନ୍ଦ୍ର ବହନ କରେ । ସେହିପରି କୌଣସି ଗ୍ରାମରେ ଯଦି ଲୋକେ ପକ୍କା ଲାଇବ୍ରେରୀ ଘର ତିଆରି କରିବାକୁ ଇଚ୍ଛା କରନ୍ତି ତା ହେଲେ ସେମାନେ ଯଦି ଏକହଜାର ଟଙ୍କା ଉଠାନ୍ତି, କେନ୍ଦ୍ର ତାଙ୍କୁ ଆଉ ଏକ ହଜାର ଟଙ୍କା ଦିଅନ୍ତି । ଏହିପରି ବରୋଦା ରାଜ୍ୟରେ

Digitized by srujanika@gmail.com

ଅନେକ ପାଠାଗାର ସୃଷ୍ଟି ହୋଇଛୁ । ଏହା ଛଡ଼ା ଗୋଟିଏ ଗ୍ରାମର କୌଣସି ଧନୀ ବ୍ୟକ୍ତି ଗୋଟିଏ ଭଲ ପାଠାଗାର କଲା, ତାକୁ ପ୍ରତିଯୋଗିତା କରିବା ପାଇଁ ଅନ୍ୟ ଗ୍ରାମର ଆଉ କେହି ଧନିକ ଆଉ ଗୋଟିଏ ସୁନ୍ଦର ପାଠାଗାର ତିଆରି କଲା । ଦକ୍ଷିଣ ଆଫ୍ରିକାରେ ଗୁଜୁରାଟର ଅନେକ ଲୋକ ଅଛନ୍ତି । ସେମାନଙ୍କ ଟଙ୍କାରେ ସେମାନଙ୍କ ଗ୍ରାମରେ ଅନେକ ବଡ଼ ବଡ଼ ପାଠାଗାର ସୃଷ୍ଟି ହୋଇଅଛି ।

ପ୍ରାଥମିକ ଶିକ୍ଷା ସମ୍ପର୍କରେ ଏତକ କୁହାଯାଇ ପାରେ ଯେ ବରୋଦା ରାଜ୍ୟର ଚାରିଆଡ଼େ ଗୁଜୁରାଟର ଅନ୍ୟାନ୍ୟ ଅଂଶ ଏପରି ଘେରି ରହିଛି ଯେ ପାଠଯୋଗ୍ୟ ପିଲାମାନଙ୍କର ସୁମାରି ବେଳେ ସେମାନଙ୍କର ପିଲାଙ୍କୁ ତାଙ୍କ ବନ୍ଧୁ ବାନ୍ଧବଙ୍କ ଘରକୁ ପଠାଇ ଦିଅନ୍ତି ଏବଂ ସୁମାରି ଶେଷ ହେବା ପରେ ପିଲାମାନେ ପୁଣି ବରୋଦା ରାଜ୍ୟକୁ ଚାଲି ଆସନ୍ତି । ଏଥିପାଇଁ ବହୁ ବର୍ଷଧରି ସେଠାରେ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଜାରି ହୋଇଥିଲେ ସୁଦ୍ଧା ସାକ୍ଷର ଲୋକଙ୍କ ସଂଖ୍ୟା ଭାରତର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଉଚ୍ଚ ହେଲେ ମଧ୍ୟ ଯଥେଷ୍ଟ ଉଚ୍ଚ ନୁହେଁ । ଭାରତରେ ଯେତେବେଳେ ଶତକଡ଼ା ଦଶ ସାକ୍ଷର, ସେତେବେଳେ ବରୋଦାରେ ହୁଏତ ଶତକଡ଼ା ବାଇଶ ସାକ୍ଷର । ଭାରତବର୍ଷ ମଧ୍ୟରେ ଟ୍ରାଭାଙ୍କୋରର (ବର୍ତ୍ତମାନର କେରଳ) ସାକ୍ଷରତା ଅନ୍ୟାନ୍ୟ ପ୍ରଦେଶ ଠାରୁ ଢେର ବେଶୀ । କିନ୍ତୁ ବରୋଦାରେ ଟ୍ରାଭାଙ୍କୋର ଠାରୁ ସାକ୍ଷରତା କମ୍ ।

ଯା' ହେଉ ସେ ତ ଅନେକ ଦିନର କଥା ହୋଇଗଲାଣି; ଯୁଗରୁ ଅଧିକ କାଳ ବିତିଗଲାଣି । କିନ୍ତୁ ଓଡ଼ିଶାରେ ଅଦ୍ୟାପି ବାଧ୍ୟତାମୂଳକ ଶିକ୍ଷା ହୋଇନାହିଁ କିମ୍ବା ସଂଗଠିତ ଲାଇବ୍ରେରି ଆନ୍ଦୋଳନ ହୋଇନାହିଁ । ଆଶା କରାଯାଏ, ଓଡ଼ିଶା ସରକାର ଉକ୍ତ ରିପୋର୍ଟ ଅନୁଯାୟୀ କିଛି କାର୍ଯ୍ୟ କଲେ ଆମର ଶ୍ରମ ସାର୍ଥକ ହୁଅନ୍ତା ।

ମୋର କୋଅପରେଟିଭ ଆନ୍ଦୋଳନ

ଭାରତ ସେବକ ସମିତିରେ ଯେତେବେଳେ ୧୯୧୭ ଖ୍ରୀଷ୍ଟାବ୍ଦରେ ମୁଁ ଦେଖିଲି ଯେ ଆମର ସୋସାଇଟିରେ ଗୋପାଳକୃଷ୍ଣ ଦେବଧର ସହଯୋଗ ଆନ୍ଦୋଳନରେ ଖୁବ୍ ଧୁରନ୍ଧର, ତାଙ୍କର ପାଖରୁ ମୁଁ ପ୍ରେରଣା ପାଇଲି ସହଯୋଗ ଆନ୍ଦୋଳନ କରିବା ପାଇଁ । ସେହି ସମୟରେ ଅର୍ଥାତ୍ ୧୯୧୮ରେ ମୁଁ ସର୍ବପ୍ରଥମେ 'ସହକାର' ପତ୍ରିକା ବାହାର କଲି । ସହକାରର ଅର୍ଥ ସହଯୋଗ । ପରେ

Digitized by srujanika@gmail.com

ଯେତେବେଳେ ଓଡ଼ିଶା ସହଯୋଗ ବିଭାଗ ତରଫରୁ ଗୋଟିଏ ପତ୍ରିକା ବାହାରିଲା, ସେତେବେଳେ ମୁଁ ମୋର ଏହି ସହକାର ପତ୍ରିକାକୁ ସାହିତ୍ୟିକ ପତ୍ରିକାରେ ରୂପାନ୍ତରିତ କଲି । ବିଭାଗୀୟ ପତ୍ରିକାର ନାମ ହେଲା 'ସହଯୋଗ' । ସେଥିରେ ମଧ୍ୟ ମୁଁ ରହିଲି ସମ୍ପାଦକ । ଏ ତ ଗଲା ଲେଖାଲେଖି ଏବଂ ପଢ଼ାପଢ଼ି କଥା । କିନ୍ତୁ ମୋର ବନ୍ଧୁ ଶ୍ରୀଯୁକ୍ତ ରାଜେନ୍ଦ୍ର ମୋହନ ରାୟ୍ଚୌଧୁରୀ ମୋତେ ପ୍ରଥମେ କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ଡିରେକ୍ଟର ରୂପେ ଭର୍ତ୍ତି ହେବା ପାଇଁ ପରାମର୍ଶ ଦେଲେ ।

ମୁଁ ସେହି ସମୟରେ ବ୍ୟାଙ୍କର ଅଂଶ କିଣିଲି ଏବଂ ତା ପରେ ମୁଁ ବିଭାଗୀୟ ପକ୍ଷରୁ ବାନାକେତେ ସହଯୋଗ ସମିତିର ସଂଗଠନ କର୍ତ୍ତା ରୂପେ କାର୍ଯ୍ୟ କଲି । କିନ୍ତୁ ଏହା ଅବୈତନିକ ଭାବରେ । ଦେଖୁ ଦେଖୁ ବାର୍ଷିକ ସଭାରେ ମୁଁ କଟକ କୋ-ଅପରେଟିଭ ବ୍ୟାଙ୍କରେ ନିର୍ବାଚିତ ହେଲି । ଏହାପରେ ଡାଇରେକ୍ଟର ଓ ମଫସଲ ଡାଇରେକ୍ଟରମାନଙ୍କର ଟି.ଏ. ଇତ୍ୟାଦି ଯେଉଁ ଯେତେବେଳେ ଅନେକ ତର୍କ-ବିତର୍କ ସବୁ ଚାଲିଲା ସେତେବେଳେ ମୁଁ ଭାବିଲି ଯେ ସର୍ବସାଧାରଣଙ୍କର ସ୍ୱାର୍ଥରକ୍ଷା କରିବାକୁ ହେଲେ ମୋତେ ମଫସଲର ଡିରେକ୍ଟର ହେବାକୁ ହେବ । ଚୌଦ୍ୱାରରେ ଗୋଟିଏ ସହଯୋଗ ସମିତି ଥାଏ । ସେହି ସହଯୋଗ ସମିତିରେ ମୁଁ ଜଣେ ମେମ୍ବର ହେଲି । ଆଉ ଥରେ ସମିତି-ମାନଙ୍କର ପ୍ରତିନିଧିମାନଙ୍କ ତରଫରୁ ମୁଁ କଟକ ବ୍ୟାଙ୍କର ଡିରେକ୍ଟର ନିର୍ବାଚିତ ହେଲି । ସହଯୋଗ ସମ୍ବନ୍ଧରେ ଲେଖାଲେଖି ଏବଂ ବ୍ୟାଙ୍କର ଡିରେକ୍ଟର ହେବା ଛଡ଼ା ପ୍ରକୃତ ଦୈନନ୍ଦିନ କାର୍ଯ୍ୟ କରିବା ପାଇଁ ୧୯୧୮ ସାଲରେ ଉତ୍କଳ ସେବାସମିତି କୋ-ଅପରେଟିଭ ଷ୍ଟୋର ମଧ୍ୟ ସ୍ଥାପନ କରାଇଥିଲି । ବିହାରଓଡ଼ିଶା ସେ ସମୟରେ ଗୋଟିଏ ପ୍ରଦେଶ ଥିବାରୁ ପ୍ରାଦେଶିକ କୋ-ଅପରେଟିଭ ବ୍ୟାଙ୍କ ପାଟନାରେ ଅବସ୍ଥିତ ଥିଲା । ମୁଁ କିଛି ସମୟ ପାଇଁ ପ୍ରାଦେଶିକ କୋ-ଅପରେଟିଭ ବ୍ୟାଙ୍କର ଡିରେକ୍ଟର କାର୍ଯ୍ୟ ମଧ୍ୟ କରୁଥିଲି ।

ସେହି ସମୟରେ ବିହାରଓଡ଼ିଶା କୋ-ଅପରେଟିଭ ଫେଡେରେସନ୍ ଥାଏ ଏବଂ ତାର ବାର୍ଷିକ ସଭା ଭିନ୍ନ ଭିନ୍ନ ଜାଗାରେ ହୁଏ । ମୁଁ ଏହି ସବୁ ଫେଡେରେସନ୍ ସଭାକୁ ଅନେକ ଥର ନିର୍ବାଚିତ ହୋଇ ଯାଇଛି ଏବଂ ସେଥିରେ ଭାଗ ନେଇଛି । ଏହି ଫେଡେରେସନ୍‌ର ଗୋଟିଏ ଇଂରାଜୀ ପତ୍ରିକା ମଧ୍ୟ ଥାଏ । ସେହି ପତ୍ରିକାରେ ମୁଁ କେତେଥର ଲେଖାଲେଖି ମଧ୍ୟ କରିଛି । ଏହା ଛଡ଼ା ସମଗ୍ର ଭାରତ ପାଇଁ ଗୋଟିଏ ଅର୍ଗାନାଇଜେସନ୍ ଗଢ଼ି ଉଠିଥିଲା । ତାହାର

Digitized by srujanika@gmail.com

ନାମ All-India Provincial Co-operative Institutes Conference । ସେଥିରେ ମୁଁ ଥରେ ସଭ୍ୟ ହୋଇ ହାଇଦ୍ରାବାଦକୁ ଯାଇଥିଲି । ଏହା ଛଡ଼ା ଆମ ଭାରତ ସେବକ ସମିତିରେ ଶ୍ରୀ ଭେଙ୍କଟ ସୁମୟା ନାମରେ ଜଣେ ସଭ୍ୟ ଥାଆନ୍ତି । ସେ ସହଯୋଗ ବିଷୟରେ ଖୁବ୍ ଧୂରନ୍ଧର । ତାଙ୍କର ଲେଖାଲେଖି ମୁଁ ପଢ଼ିଛି ଏବଂ ତାଙ୍କ ସହିତରେ ଶ୍ରୀ ବୈକୁଣ୍ଠଲାଲ ମେହେଟା ଯେ କି ବର୍ତ୍ତମାନ ବମ୍ବେର ଫାଇନାନ୍ସ ମିନିଷ୍ଟର୍ ହୋଇଛନ୍ତି, ସେ ବୁହେଁ ମିଶି କୋ-ଅପରେଟିଭ୍ ସମ୍ବନ୍ଧରେ ବହି ମଧ୍ୟ ଲେଖିଛନ୍ତି ।

ଶ୍ରୀ ବୈକୁଣ୍ଠଲାଲ ମେହେଟା ବୋମ୍ବାଇର ପ୍ରୋଭିନ୍ସିଆଲ କୋ-ଅପରେଟିଭ ବ୍ୟାଙ୍କର ସେକ୍ରେଟାରୀ ଭାବରେ ବହୁ ବର୍ଷ କାର୍ଯ୍ୟ କରିଥିଲେ । ତାଙ୍କ ସହିତରେ ମଧ୍ୟ ମୁଁ ପରିଚିତ ହୋଇଥିଲି । ଏହା ଛଡ଼ା ଆମ ସୋସାଇଟିରେ ରାୟବାହାଦୁର ଏନ୍. କେ କେଲକାର୍ ନାମରେ ଜଣେ ସଭ୍ୟ ଥିଲେ । ସେ ଉକାକେତେ ମଧ୍ୟପ୍ରଦେଶର କୋ-ଅପରେଟିଭ ବିଭାଗର ନନ୍ ଅଫିସିଏଲ୍ ଗଭର୍ଣ୍ଣର ହୋଇଥିଲେ । ମୁଁ ତାଙ୍କ ସହିତରେ ମିଶି କୋ-ଅପରେଟିଭ୍ କାର୍ଯ୍ୟ ମଧ୍ୟ ଦେଖିଥିଲି । ଦେବଧରଙ୍କ ସହିତରେ ମିଶି ପୁନା ଅଞ୍ଚଳରେ ମଫସଲମାନଙ୍କରେ ଗ୍ରାମସଗଠନ ଓ କୋ-ଅପରେଟିଭ କାର୍ଯ୍ୟ ମଧ୍ୟ ଦେଖିଥିଲି । ଏହା ଛଡ଼ା ବଙ୍ଗଦେଶସ୍ଥ ସୁନ୍ଦରବନରେ ସେ ସମୟରେ ଥିବା ସାର ଡାନଏଲ୍ ହାମେଲଟନ୍ ସାହେବଙ୍କର ସୁନ୍ଦରବନ କୋ-ଅପରେଟିଭ କାର୍ଯ୍ୟ ମଧ୍ୟ ଦେଖିଥିଲି । ଆଶ୍ଚର୍ଯ୍ୟଜନକ ଏଇ ହାମେଲଟନ ସାହେବଙ୍କର କାର୍ଯ୍ୟ । ସେ ଲକ୍ଷ ଲକ୍ଷ ଟଙ୍କା ଏଥିପାଇଁ ନିୟୋଗ କରିଥିଲେ । ଆଉ ଶତକଡ଼ା ୩ ଟଙ୍କା ଲଭ ସ୍ଥିର କରି ସବୁ କାର୍ଯ୍ୟ କରୁଥିଲେ । ତାଙ୍କ ଭଳି ବ୍ୟାବହାରିକ କୋ-ଅପରେଟିଭ୍ କାର୍ଯ୍ୟ ମୁଁ ଆଉ ଦେଖିନି । କେବଳ ଉତ୍ସାହ ନୁହେଁ, କାର୍ଯ୍ୟକୁଶଳତା ମଧ୍ୟ ତାଙ୍କର ଖୁବ୍ ଥିଲା । ସୁନ୍ଦରବନରେ ଏହି କୋ-ଅପରେଟିଭ୍ ଜରିଆରେ ସେ ଭଦ୍ର ଲୋକମାନଙ୍କର ଗୋଟିଏ ବଡ଼ ବସତି ସ୍ଥାପନ କରିଯାଇଅଛନ୍ତି ।

ବର୍ତ୍ତମାନ ଭାରତ ଇଉନିୟନର ପ୍ରେସିଡେଣ୍ଟ ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦ ଜଣେ ବଡ଼ କୋ-ଅପରେଟିଭ କର୍ମୀ ଥିଲେ । ମୁଁ ଏହି ପୂର୍ବ ଉଲ୍ଲିଖିତ ସହଯୋଗୀ ବ୍ୟକ୍ତିଙ୍କ ଠାରୁ ସହଯୋଗ ପାଇଁ ପ୍ରେରଣା ପାଇଥିଲି । ମଝିରେ ବାର ବର୍ଷ ପାଇଁ କୋ-ଅପରେଟିଭ ଆନ୍ଦୋଳନ ବେସରକାରୀ ହାତରୁ ଓଡ଼ିଶା ସରକାର ନେଇନେଲେ ଏବଂ ଅଳ୍ପ ଦିନ ହେଲା ପୁଣି କେତେକ ସୀମିତ ଭାବରେ ଏଇ କୋ-ଅପରେଟିଭ ଆନ୍ଦୋଳନକୁ ବେସରକାରୀ ହାତରେ ଦିଆ ଯାଇଛି ।

Digitized by srujanika@gmail.com

ବର୍ତ୍ତିମାନ ଆମର ଓଡ଼ିଶାରେ ଗୋଟିଏ ପ୍ରାଦେଶିକ କୋ-ଅପରେଟିଭ ଇଉନିୟନ ହୋଇଛି । ମୁଁ ସେଥିରେ ଜଣେ କର୍ମକର୍ତ୍ତା । ଏ ଇଉନିୟନ ତରଫରୁ ଇଂରାଜୀରେ ଏବଂ ଓଡ଼ିଆରେ ଦୁଇଟି ପତ୍ରିକା ବାହାରୁଅଛି । ସେଥିରେ ସମ୍ପାଦକ-ମଣ୍ଡଳୀରେ ମୁଁ ଜଣେ ସମ୍ପାଦକ ଏବଂ ଅନେକ ସମୟରେ ଉକ୍ତ ଓଡ଼ିଆ ଓ ଇଂରାଜୀ ପତ୍ରିକା ଦ୍ୱୟରେ ପ୍ରବନ୍ଧ ଆଦି ଲେଖା ଲେଖି କରୁଛି । ଓଡ଼ିଆ ପତ୍ରିକାର ନାମ କଲ୍ୟାଣୀ—ଇଂରାଜୀ ପତ୍ରିକାର ନାମ Orissa Co-operative Journal. ସଂକ୍ଷେପତଃ ଏଇ ହେଲା ମୋର ସହଯୋଗ ଚର୍ଚ୍ଚା ବା ଆନ୍ଦୋଳନ । ଏଥିରେ ଯେଉଁ ଆସିଷ୍ଟାଣ୍ଟ ରେଜିଷ୍ଟ୍ରରମାନେ କାର୍ଯ୍ୟ କରୁଥିଲେ, ସେଥିରେ ହରିଦାସ ରାୟ, ଏନ୍ କେ. ରାୟଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ ।

ନଦୀବଢ଼ିର ଉଚ୍ଛ୍ୱାସ

କଂଗ୍ରେସ ହେଉ, କମ୍ୟୁନିଷ୍ଟ ହେଉ, ସୋସାଲିଷ୍ଟ ହେଉ କିମ୍ବା ଲେଖକ ହେଉ, ସାଧକ ହେଉ—ଜୀବନର ଧାରାକୁ ପୁଷ୍ଟ କରିବା ପାଇଁ ସେମାନଙ୍କ ସହିତରେ ପରିଚିତ ହେବା ଦରକାର । କେବଳ ପରିଚିତ ନୁହେଁ, ସେମାନଙ୍କର ସହିତରେ ଯେଉଁ ସ୍ଥାନରେ ଯେତେ ଦୂର ମିଶି କାର୍ଯ୍ୟ କରିହେବ, ସେତେ ଦୂର କାର୍ଯ୍ୟ କରିବା ଦରକାର । ମୁଁ ଏହା ମୋର ଜୀବନର ମୂଳ ମନ୍ତ୍ର କରି ବରାବର ଜୀବନର ପଥରେ ଚାଲି ଆସିଅଛି । ସେଥିପାଇଁ ଜୀବନର ରସଧାରାରୁ ମୁଁ କେବେ-ହେଲେ ବଞ୍ଚିତ ହୋଇ ନାହିଁ ।

ଆଜ ଭାରତ ସେବକ ସମିତିରେ ୪୦ ବର୍ଷ ରହିବା ପରେ ଦୁଃଖର ସହିତ କହିବାକୁ ପଡ଼ୁଛି ଯେ ଆମର ଭାରତ ସେବକ ସମିତି ମରି ଯିବାକୁ ବସିଲାଣି, ଏହି ପଚିଶ ବର୍ଷ ଭିତରେ । ତାର କାରଣ ହେଉଛି; ଆମର ସୋସାଇଟି କଂଗ୍ରେସରୁ ବିଚ୍ଛିନ୍ନ ହୋଇ ରହିଲା, ପରେ ଆଉ କାହାରି ସଙ୍ଗରେ ମିଶିଲା ନାହିଁ । ଏକା ଏକା କାମ କରିବାକୁ ଲାଗିଲା; ସୁତରାଂ ତାର ଶକ୍ତି ହଟିଗଲା ।

'ମରୁସ୍ୟା ଯାଇବ ହଇଲେ ଏକା ଏକଟି ଜଲକଣା'—ସେହି ଅବସ୍ଥା ଆମ ଭାରତ ସେବକ ସମିତିର ଆଜି ଘଟିଛି । ଯୁଗର ପରିବର୍ତ୍ତନର ସହିତରେ ତାଳ ପକାଇ ଯେ ଚାଲି ନ ପାରିବ, ଯୁଗ ତାକୁ ନିଜ ସ୍ରୋତ ପଥରୁ ଦୂର କରିଦେବ । ଆଜି ଭାରତ ସେବକ ସମିତି କାହିଁ ? ଗୋଖ୍ଲେ, ଦେବଧର, ଠକ୍କର, ଯୋଶୀ ଏମାନେ ସବୁ ନିଜ ନିଜ କାମ ଶେଷ କରି ଚାଲି ଗଲେଣି । ବର୍ତ୍ତିମାନ ଭିତରେ କୁଞ୍ଜରୁ (ହୃଦୟନାଥ) ଯେ ବର୍ତ୍ତିମାନ ସଭାପତି, ଆଉ

Digitized by srujanika@gmail.com

କୋଦଣ୍ଡ ସ୍ୱାଇଁ, ବାକି ଆଉ କିଏ ? ତାଙ୍କ ଭିତରେ ମୁଁ ଆଉ ଟିକିଏ ନଡ଼ବଡ଼ ହେଉଛି ।

ମୁଁ ଆଖି ବୁଜିବାକୁ ବସିଲିଣି । ଏହି ସମୟରେ ଏହା କହିବି ଯେ କୌଣସି ସଂଗଠନକୁ ବଳଶାଳୀ କରିବାକୁ ହେଲେ, ସଜୀବ କରିବାକୁ ହେଲେ ତାର ସଭ୍ୟମାନେ ପରିପାର୍ଶ୍ୱ ଅବସ୍ଥାକୁ ଭୁଲି ନିଜ ଆଖିରେ ଅନ୍ଧପୁଟୁଳି ଦେଇ ବସିଲେ ଦେଶର, ପୃଥିବୀର ଉନ୍ନତି ହେବ କିପରି ? ତ୍ୟାଗ ଲୋଡ଼ା, ନିଷ୍ଠା ଲୋଡ଼ା—ଏ କଥା ସତ୍ୟ । କିନ୍ତୁ ସମସ୍ତ ପାରିପାର୍ଶ୍ୱିକକୁ ପଙ୍କକୁଣ୍ଡ, ନର୍ଦ୍ଦମା, ନରକ ଭାବି ସମସ୍ତଙ୍କ ଠାରୁ ବିଚ୍ଛିନ୍ନ ହୋଇ ରହିବାର ଅର୍ଥ ପଙ୍କଜଟି ପଙ୍କରୁ ଏକାବେଳକେ ବାହାର ଅସି ଶୁଖିଯିବ । ଆମର ସାଧୁତା, ସଚ୍ଚରିତ୍ରତା ହେବ କାହା ପାଇଁ ? ସମସ୍ତଙ୍କ ପାଇଁ । ଅତଏବ ସମସ୍ତଙ୍କୁ କେବେ ବର୍ଜନ କରିହେବ ନାହିଁ । ଭାରତ ସେବକ ସମିତି ନିଜକୁ ଭାରତର ବଡ଼ ବଡ଼ ଆନ୍ଦୋଳନ ଠାରୁ ପୃଥକ୍ ରଖି ଆଜି ଶୁଖି ଯାଇଛି—ଅନୁର ଯାଉଛି । ଏହା ଦୁଃଖର କଥା, କିନ୍ତୁ ଏହା ସତ୍ୟ କଥା । ଗୋଆ ସତ୍ୟାଗ୍ରହରେ ଆମେ ଯିବୁ ନାହିଁ, ନନ୍-କୋପରେସନରେ ଆମେ ଯୋଗ ଦେଲୁ ନାହିଁ, ଲୁଣ ସତ୍ୟାଗ୍ରହରେ ଆମର ଭାଗ ରହିଲା ନାହିଁ; ଆମର ଭାଗ ରହିଲା କେଉଁଠି ? କେବଳ ଦୂରରୁ ସାକ୍ଷୀ ରୂପେ ରହି ବଣିଦରବାରରେ ସମାଲୋଚକ ହେବା ଏବଂ ସତ୍ୟସାକ୍ଷୀ ଦେବା । କମ୍ୟୁନିଷ୍ଟଙ୍କ ତ୍ୟାଗ, କଂଗ୍ରେସର ଦୁଃଖବରଣ ଆମର କାହିଁ ? ନାହିଁ—ଏହା ସରଳ ଭାବରେ ସ୍ୱୀକାର କରିବାକୁ ହେବ । ସେଥିପାଇଁ ଭାରତ ସେବକ ସମିତି ମରି ମରି ଯାଉଛି—ମଲାଣି । ତ୍ୟାଗ ଉପରେ ପ୍ରତିଷ୍ଠିତ ଜୀବନ କର୍ମରେ ଉଚ୍ଛଳି ନ ହେଲେ ବାବାଜୀ ପାଲଟି ଯିବ—ନିଷ୍କର୍ମା ହେବ—ତାକୁ କୌଣସି ଆଲୋକ, କୌଣସି ଆଦର୍ଶ ପ୍ରଗାଢ଼ ଭାବରେ ଆନ୍ଦୋଳିତ କରିବ ନାହିଁ । ତାହା ଫଳରେ ତାର ନୈଷ୍କର୍ମ୍ୟ ଆସିବ—ସେ ମୃତ ଅବା ମୃତପ୍ରାୟ ହୋଇ ରହିବ । ଏହା ଭଲ ନୁହେଁ—ଏହା ଜୀବନସଞ୍ଚାରର ଲକ୍ଷଣ ନୁହେଁ । ଏହା ଆତ୍ମହତ୍ୟା, ମହାପାପ । ସେ ଦୁଷ୍କୃତିରୁ ଆମକୁ ମୁକ୍ତ ହେବାକୁ ହେବ ।

ମୁଁ ଭାରତ ସେବକ ସମିତିରେ ସମସ୍ତ ଜୀବନ ଦେବି ବୋଲି ପ୍ରତିଜ୍ଞା ନେଇଥିଲି—ସେଥିପାଇଁ ପ୍ରାଣପଣ କରି ସେହି ସଂଗଠନ ଭିତରେ ରହିଅଛି, କିନ୍ତୁ ଆନନ୍ଦ ପାଇ ନାହିଁ, ଉତ୍ସାହ ପାଇ ନାହିଁ—ଉଦ୍ୟମ ଯାହା କରୁଛି ତ ମୋ ନିଜର—ଏପରି କି ସମିତିକୁ ନିଜର କର୍ତ୍ତବ୍ୟ ପଥରେ ବାଧା ଅନୁଭବ କରୁଛି, କେବେ ହେଲେ ସହାୟକ ଅନୁଭବ କରି ପାରି ନାହିଁ । କେତେ ଥର ଭାବୁଛି ସମିତି

Digitized by srujanika@gmail.com

ଗୁଡ଼ ଦେବ, କିନ୍ତୁ ବାରବାର ଦବ ଯାଇଛୁ ଏବଂ ଏକ ପ୍ରକାର ଛଳେ ଛଳେ ଆତ୍ମହତ୍ୟା କରିଛୁ ଏବଂ କରୁଛୁ ବୋଲି ଅନୁଭବ କରୁଛୁ ।

୧୯୧୭ରୁ ୧୯୫୫ ଏଇପରି ମୋର ଜୀବନ ଗଲା—ଏଥିରେ ଦେଶର ଯେ ସେବା କରି ନାହିଁ, ତାହା ନୁହେଁ—ଏଥିରେ ଯେ ମୁଁ ଆରାମ କରିଛୁ, ତାହା ନୁହେଁ, କିନ୍ତୁ ଏଥିରେ ନଦୀବଢ଼ିର ଉଚ୍ଛ୍ୱାସ କେବେ ପାଇ ନାହିଁ—ଅତ୍ୟାଲୋକ କେବେ ହେଲେ ଦେଖି ପାରି ନାହିଁ । ସତ୍ୟର ଅନୁସନ୍ଧାନରେ ମରୀଚିକା-ଭ୍ରମଣ ମଧ୍ୟ ଆନନ୍ଦ ଦିଏ । ଚିର ସ୍ୱାଧୀନ ହେଲେ ଭୁଲ କଲେ ମଧ୍ୟ ସେଥିରେ ଜବାବ, ଦାୟିତ୍ୱ ଆଉ କାହାରି ନ ଥାଏ—ଥାଏ ନିଜର ।

Digitized by srujanika@gmail.com

ଛାଇଲେଉଟା

Digitized by srujanika@gmail.com

Digitized by srujanika@gmail.com

୧୯୫୦-୫୧ ର କଥା

ବି ଦାସ ଥରେ ମୋତେ କହିଥିଲେ, ଅଫିସ ସାଙ୍ଗରେ ରହିବା ଘର କେବେ କରିବେ ନାହିଁ; ସେଥିରେ ଅନେକ ଅସୁବିଧା । ବାସ୍ତବିକ ମୁଁ ତାହା ଅଙ୍ଗେ ନିଭାଇଲି । ଭାରତ ସେବକ ସମିତିର ଗୋଟିଏ ଘର ଥିଲା କଟକରେ । ସେଥିରେ ଜଣେ ମେମ୍ବର ରହିବାର ଘର ମଧ୍ୟ ହେଲା । ଫଳରେ ମହା ଗଣ୍ଡଗୋଳ । ପ୍ରଥମେ ଶ୍ୟାମସୁନ୍ଦର ମିଶ୍ର ଯେତେବେଳେ ଆମେରିକାରେ, ମୁଁ ସେତେବେଳେ ଅଫିସରେ । ଘର ତିଆରି ଆହୁରି ଲାଗିଛି । ସିଢ଼ିଘରଟା ତିଆରି ହୋଇ ନ ଥିଲା, କଣ୍ଟ୍ରାକ୍ଟର ବଡ଼ ହଇରାଣ କଲା । ସେଥିପାଇଁ ମୁଁ ନିଜେ ରହି ସିଢ଼ି କାମ ଦେଖିବାକୁ ଲାଗିଲି । ଏହି ସମୟରେ ଲେଜିସ୍‌ଲେଟିଭ୍ କାମ ପାଇଁ ମୁଁ ମୋର ଆଉ ତିନି ଜଣ ବନ୍ଧୁଙ୍କୁ ପାଖରେ ରଖିଲି । ଆମେ ଚାରି ଜଣ ମିଶି ସବୁ କଥା ଆଲୋଚନା କରୁ ଏବଂ ଆସେମ୍ବ୍ଲି କାମ କରୁ ।

ପାଇଖାନା ଦୁଇଟି ପାଖାପାଖି, ମାତ୍ର ବଡ଼ ପାଚେରି ଦ୍ୱାରା ପୃଥକୀକୃତ । କିନ୍ତୁ ଶ୍ୟାମସୁନ୍ଦରଙ୍କୁ ଚିଠି ଗଲା ଯେ ଏମାନଙ୍କ ଯୋଗୁ ତାଙ୍କ ସ୍ତ୍ରୀର ବଡ଼ ଅସୁବିଧା ହେଉଛି । ଏହା ପୁଣି ଶ୍ୟାମସୁନ୍ଦର ଆମେରିକାରେ ବ୍ୟତିବ୍ୟସ୍ତ ।

ଆହୁରି ଗୋଟିଏ କଥା କହି ରଖେ । ଯେତେବେଳେ ଅଫିସ ଘର ତିଆରି ହେଲା, ରହିବା Quarters ସ୍ୱତନ୍ତ୍ର ଭାବରେ ତିଆରି ହେଲା; କିନ୍ତୁ ଅଫିସ୍ Quartersରୁ ବାଖରା ତାଙ୍କର ପ୍ରାଇଭେଟ୍ ରହିବା ଘର ସହିତରେ ସାମିଲ୍ ହେଲା । ପୂର୍ବେ ସେଇଟା ଗେଷ୍ଟ ହାଉସ୍ ହେବାର ଥିଲା । ସେଥିପାଇଁ ମୁଁ ପୁଣି ଗୋଟିଏ ସ୍ୱତନ୍ତ୍ର ଗେଷ୍ଟ ହାଉସ୍ ତିଆରି କରାଇଲି, ସେଥିରେ ବି ସ୍ୱସ୍ତି ନାହିଁ । ମେନ୍ ବିଲ୍‌ଡିଂ ଦେହରୁ ଗୋଟିଏ ରୁମ ପ୍ରାଇଭେଟ୍ ହେବା ଫଳରେ ଅଫିସ ଘରକୁ ପ୍ରାଇଭେଟ୍ ଘରୁ ଯାହାର ଯେତେବେଳେ ଆସିବାର ଇଚ୍ଛା ଆସି ପାରିଲେ—ଏହା ଫଳରେ ଅଫିସ୍ ଆଉ ଅଫିସ୍ ରହିଲା ନାହିଁ—ସମସ୍ତଟା ଗୋଟିଏ ପ୍ରାଇଭେଟ ହୋମ୍ ରୂପରେ ପରିଣତ ହେଲା ।

ପୁନଶ୍ଚ ଅଫିସ୍ ଘରକୁ ପ୍ରାଇଭେଟ୍ ଘର ସହିତରେ ଗୋଟିଏ କରିଡର କରି ଯୋଗ କରି ଦିଆଗଲା । ଆଜି ଆଉ Servants of India

Digitized by srujanika@gmail.com

Societyର କଟକ ଆଫିସ୍ ଠିକ୍ ଅଫିସ୍ ନୁହେଁ । ଏହା ସଭ୍ୟଙ୍କର ବୈଠକଖାନା ।

ଏ କଥା ମୁଁ ଏଥିପାଇଁ ଲେଖୁଛି ଯେ ଭବିଷ୍ୟତରେ ଏହି ଦୃଷ୍ଟାନ୍ତ ସମସ୍ତଙ୍କର ଯେପରି ଆଖି ଫିଟାଏ; ଅଫିସ୍ ସାଙ୍ଗରେ ପ୍ରାଇଭେଟ ହାଉସ୍‌କୁ ଯୋଡ଼ିବା ଦ୍ୱାରା ବଡ଼ ଅନିଷ୍ଟ ହୁଏ, ଅନର୍ଥ ହୁଏ । ଅତଏବ ସଦାସର୍ବଦା ଅଫିସ୍-ଘରକୁ ସ୍ୱତନ୍ତ୍ର ରଖିବାକୁ ହେବ ।

ବି. ଦାସ ଏହା Casually କହିଥିଲେ । ମୁଁ ଯେତେବେଳେ ତାଙ୍କୁ ତାଙ୍କ କଥା ସ୍ମରଣ କରାଇଦେଲି, ସେତେବେଳେ ସେ କଥାର ଗୁରୁତ୍ୱ ଆହୁରି ଦୃଢ଼ତାର ସହ ଅନୁଭବ କଲେ ।

ଅଶ୍ୱିନୀକୁମାର ଦତ୍ତ

୧୯୧୯ ସାଲର କଥା । ବଙ୍ଗଦେଶରେ ଭୟଙ୍କର ଝଡ଼ । ଏପରି ଝଡ଼ ତୋଫାନ ଶହେ ବର୍ଷ ମଧ୍ୟରେ ଆଉ ହୋଇ ନ ଥିଲା । ଏକ ଘରେ ବାପ ମା, ପୁଅ ଝିଅ ହୁଏତ ଏକ ସାଙ୍ଗରେ ଭାତ ଖାଉଥିଲେ, ହଠାତ୍ ପାଣି ମାଡ଼ି ଆସିଲା, ପବନ ସୁଁ ସୁଁ ବହି ଆସିଲା ଏବଂ କାହାକୁ କେଉଁଆଡ଼େ ଫିଙ୍ଗି ଦେଲା, ଭସାଇ ନେଲା, କହି ହେବ ନାହିଁ । ଡହିଁଆର ଦନ—ଡହିଁଆର ଦନ, ଆହୁରି କେତେ ଦନ ଏହିପରି ଗଲା । ସନ୍ଧାନ ମିଳିଲା ହୁଏତ ବାପ ଗୋଟିଏ ସ୍ଥାନରେ ମିଳିଛି ଓ ପୁଅ ଆଉ ଚାରି କୋଶ ଦୂରରେ ଅନ୍ୟ ଗୋଟିଏ ସ୍ଥାନରେ, ସ୍ତ୍ରୀ ହୁଏତ ବୃପସ୍ତିତ ଦଗରେ ଏକ କୋଶ ଦୂରରେ—ଏହିପରି ।

ସେହି ସମୟରେ ମୁଁ ବଙ୍ଗ ଦେଶରେ ପୂର୍ବ ବଙ୍ଗରେ ସେବା କାର୍ଯ୍ୟରେ ଯାଇଥିଲି । ଦିନେ ବରିସାଲରେ ଅଶ୍ୱିନୀକୁମାର ଦତ୍ତଙ୍କୁ ଦେଖିବାକୁ ପାଇଲି । ଅଶ୍ୱିନୀକୁମାର ଯେ ଭକ୍ତିଯୋଗ ଲେଖି ଯାଇଛନ୍ତି—ଅଶ୍ୱିନୀକୁମାର ଯେ ବରିସାଲରେ ବ୍ରଜମୋହନ ଇନ୍‌ଷ୍ଟିଚ୍ୟୁସନ କରିଥିଲେ—ଅଶ୍ୱିନୀକୁମାର ଯାହାଙ୍କୁ ବନ୍ଦେ ମାତରଂରେ ଧରି ନେଇ ସରକାର ବନ୍ଦୀ କରି ରଖିଥିଲେ, ସେହି ଅଶ୍ୱିନୀକୁମାରଙ୍କୁ ମୁଁ ଦର୍ଶନ କରିବାକୁ ଯାଇଥିଲି ।

ଅଶ୍ୱିନୀକୁମାର ବାବୁ ଗୋଟିଏ ଘରେ ବସିଥାନ୍ତି—ଅନେକ ବନ୍ଧୁ ସାମନାରେ—ମୁଁ ପ୍ରଣାମ କଲି । ଆଦ୍ ଆଦ୍ ସ୍ନେ କହିଲେ । ଦୁର୍ଗାପୂଜା ସମୟ ଥାଏ । ଅଶ୍ୱିନୀ ବାବୁ କଥା କହୁଁ କହୁଁ ବାର ବାର ଉଠି ଯାଉଥାନ୍ତି । ସେ

Digitized by srujanika@gmail.com

ଉଠିଗଲା ବେଳକୁ କହୁଥାନ୍ତି ମୋର ପୁରୁଣା ମିତ୍ର ପାଖରୁ ଟିକେ ଆସେଁ । ପୁରୁଣା ମିତ୍ରଟି ବହୁମୂତ୍ର । ତା ପରେ ମୋତେ ରସଗୋଲା ଖାଇବାକୁ ଦେଲେ । ମନରେ ବଡ ଆନନ୍ଦ ହେଲା—ତାଙ୍କର ଏ ଅଭ୍ୟର୍ଥନା ଦେଖି—ଆହୁରି ପରମ ଭାଗ୍ୟ ଦୁର୍ଗାପୂଜା ଦଶହରା—ସେ ମୁଁ କୋଲାକୋଳି ହେଲୁଁ । ଏ ପରମ ଭାଗ୍ୟ ଅନ୍ୟ ସମୟରେ ମିଳନ୍ତା ନାହିଁ । ସେ ଅଣ୍ଣିନୀକୁମାର ଧର୍ମପ୍ରାଣ ଶିକ୍ଷାବ୍ରତ୍ ଥିଲେ, ସ୍ୱଦେଶ ପ୍ରେମିକ ମଧ୍ୟ ।

ମୋର ଚରିତ୍ରର ଦୁର୍ବଳତା

ମୁଁ ଲୋକଙ୍କ ସମ୍ବନ୍ଧରେ ଅଧିକ ସହାନୁଭୂତି କରେ । ଏହା ଏକ ମୋର ଚରିତ୍ର ଦୁର୍ବଳତା । କାରଣ କେହି ଲୋକ ବିପଦରେ ପଡ଼ିଲେ, ଅସୁବିଧାରେ ଥିଲେ, ମୁଁ ଯଦିଚ ଜାଣିଛି ସେ ଦୁଷ୍ଟ ଲୋକ ବା ହୀନ ଚରିତ୍ରର ଲୋକ, ତଥାପି ମୁଁ ତାକୁ ସାହାଯ୍ୟ କରିଛି । କେହି କେହି କୁହନ୍ତି ଯେ ଏହା କରିବା ଉଚିତ ନୁହେଁ । କିନ୍ତୁ ସେହି ଲୋକ ଯେଉଁମାନେ କହୁଥାନ୍ତି ଏହା କରିବା ଉଚିତ ନୁହେଁ ବୋଲି, ନିଜେ ଅସୁବିଧାରେ ପଡ଼ିଲେ ମୋର ପାଖକୁ ଆସନ୍ତି ସାହାଯ୍ୟ ନେବା ପାଇଁ । ଏହା କିପରି କଥା ? ସତ, ମୁଁ କିଛି ବୁଝି ପାରେ ନାହିଁ । ଜଣେ ଜଣେ ଲୋକ ଉପରେ ଖୁବ୍ ରାଗିଥିବି, ବିରକ୍ତ ହୋଇଥିବି, ତାର ମୁହଁକୁ ଚାହିଁବାକୁ ଇଚ୍ଛା କରିବି ନାହିଁ, ତା ସଙ୍ଗରେ ହୁଏତ ଜୀବନରେ ଆଉ ଦେଖା କରିବାକୁ ଇଚ୍ଛା କରିବି ନାହିଁ । ତଥାପି ଏପରି ଅବସ୍ଥା ଆସେ, ଯେତେବେଳେ ସେହି ଲୋକ ମୋ ପାଖକୁ ଆସେ ଆଉ କଥା କୁହେ ସେତେବେଳେ ମୁଁ ସବୁ ଭୁଲିଯାଏ—ପୁଣି ତା'କୁ ଆପଣାର କରିବାକୁ ଚେଷ୍ଟା କରେ ।

ଏହା ମୋର ଚରିତ୍ରର ଦୁର୍ବଳତା । କିନ୍ତୁ ଅନେକ ସମୟରେ ଭାବେ ଏହି ସଂସାରରେ ରହି ଆପଣାକୁ ପଦ୍ମ ଭାବିଲେ ମଧ୍ୟ ପଙ୍କ ମଧ୍ୟରେ ତ ବାସ କରିବାକୁ ହେବ । ଅନ୍ୟ ଉପାୟ କଣ ? ସେଥିପାଇଁ ମୁଁ ଦେଖିଛି, ସ୍ତ୍ରୀ ସାଙ୍ଗରେ, ମୋ ଝିଅ ସାଙ୍ଗରେ କିମ୍ବା ଅନ୍ୟାନ୍ୟ କାହାରି ସାଙ୍ଗରେ କଜିଆ ହେଲେ ସବୁ ସମ୍ପର୍କ ତୁଟାଇ ଦେବା ପାଇଁ ଇଚ୍ଛା ହୁଏ । କିନ୍ତୁ ପୁଣି ମୁଁ ଦେଖେ, ସେମାନେ ତ ଏତେ ଖରାପ ନୁହନ୍ତି । ସେମାନଙ୍କର ବି ଭଲ ଗୁଣ ଅନେକ ଅଛି ଯାହା ହୁଏତ ମୋର ନାହିଁ । ସେଥିପାଇଁ ପୁଣି ମିଶି ଯାଏ, ଘର କରେ, ପର କରି ରଖି ପାରେ ନାହିଁ ।

Digitized by srujanika@gmail.com

କଣ କରାଯାଏ ? ସଂସାରରେ ରହିବାକୁ ହେଲେ ଏହିପରି କରିବାକୁ ଲୋକ ବାଧ୍ୟ ହୁଏ । ତଥାପି ମୁଁ କହିବ, ଏହା ମୋର ଚରିତ୍ର ଦୁର୍ବଳତା—ଅନ୍ୟ ପକ୍ଷରେ ଯାହା ହେଉନା କାହିଁକି ।

ଜଣକୁ ଜାଣିଛି, ସେ ଟଙ୍କା ଚୋରି କରେ ଯେଉଁଠାକୁ ଯାଏ । ତଥାପି ତାକୁ ମୁଁ ଚାକିରି ପାଇବାରେ ଚାରି ଥର ସାହାଯ୍ୟ କରିଛି । ହୁଏତ ସେ ପୁଣି ମଧ୍ୟ ମଧ୍ୟରେ ମୋର ନିନ୍ଦା କରିଛି—ମୋତେ ଗାଳି ଦେଇଛି ।

ବୁଝି ହୁଏ ନାହିଁ କଥାଟା କିପରି ସମାଧାନ କରିବାକୁ ହେବ । ତେବେ ଯାହାହେଉ ଏହା ଯେ ମୋର ଚରିତ୍ରଗତ ଦୁର୍ବଳତା ଏହା ଅନୁଭବ କରୁଛି । ଜାଣେ ଲୋକଟି ଠକ, ତଥାପି ତାକୁ ସାହାଯ୍ୟ କରିଛି । ଜାଣେ ଲୋକଟି ମଦୁଆ, ତଥାପି ତାକୁ ଏକାବେଳକେ ଆଡ଼େଇ ଯାଇ ପାରି ନାହିଁ । ଜାଣେ ଜଣେ ଦୁଷ୍ଟବୁଦ୍ଧି, ତଥାପି ତା ସଙ୍ଗରେ ଅବସ୍ଥା ଚକ୍ରରେ ସାଧାରଣ କ୍ଷେତ୍ରରେ ମିଶିବାକୁ ପଡ଼ିଛି ।

କିପରି ଏଡାଇବ ? ସବୁ ସମୟରେ ଏଡ଼ାଇବା ସମ୍ଭବପର ନୁହେଁ । ତଥାପି କହିବ ଏହା ମୋର ଚରିତ୍ରର ଦୁର୍ବଳତା ।

ମୁଁ କ'ଣ ଏକା ରାଗୀ ?

କ୍ରୋଧ ମନୁଷ୍ୟର ଭୟଙ୍କର ଶତ୍ରୁ । ମୋର କ୍ରୋଧ ମତେ ଅଧେ ଖାଇ ଦେଇଛି । କିନ୍ତୁ କ୍ରୁଦ୍ଧ ହେବାକୁ କାହାକୁ ଭଲ ଲାଗେ ? ମୋତେ ଲାଗେ ନା । ତୁମକୁ ଲାଗେ ? ତଥାପି ରାଗିବାକୁ ହୁଏ, ରାଗିବାକୁ ପଡେ । ବିଶ୍ୱାମିତ୍ରର କ୍ରୋଧ ଥିଲା, ଦୁର୍ବାସାର କ୍ରୋଧ ଥିଲା—ସେ ତ ପୌରାଣିକ । ମଧୁବାବୁଙ୍କ କ୍ରୋଧ ଦେଖିଅଛୁ । ଚନ୍ଦ୍ରମୋହନ ମହାରଣାଙ୍କ କ୍ରୋଧ ସ୍ୱଚକ୍ଷୁରେ ଦେଖିଅଛୁ । ଯେଉଁ ଦୁଇଟି ଉପଲକ୍ଷରେ ଏ ଦୁଇ ବ୍ୟକ୍ତିଙ୍କ କ୍ରୋଧ ଦେଖିଅଛୁ, ତାହା ଅତି ତୁଚ୍ଛ । କିନ୍ତୁ କାହିଁକି ସେମାନେ ରାଗିଥିଲେ ? ମଧୁସୂଦନ ରାଓ ସେତେବେଳେ ସ୍କୁଲ ଇନସ୍‌ପେକ୍ଟର । ମୁଁ କଟକ କଲେଜରେ ଇଣ୍ଟରମିଡିଏଟ୍ (ବିଜ୍ଞାନ) ପଢୁଥାଏ । ବ୍ରାହ୍ମସମାଜର ଅନ୍ତର୍ଗତ ଛାତ୍ରସମାଜରେ ମୁଁ ଖୁବ୍ ପ୍ରବନ୍ଧ ପଢୁଥାଏ । କଲେଜିଏଟ୍ ସ୍କୁଲର ହେଡ୍‌ମାଷ୍ଟର ଶ୍ରୀଯୁକ୍ତ ବେଣୀମାଧବ ଦାସ ଛାତ୍ରସମାଜରେ ଯୋଗ ଦେଇ ଆମ୍ଭମାନଙ୍କୁ ଉତ୍ସାହିତ କରୁଥାନ୍ତି । ଛାତ୍ରସମାଜରେ ଶ୍ରୀଯୁକ୍ତ ବିଶ୍ୱନାଥ କର ମହୋଦୟ ମଧ୍ୟ ଯଥେଷ୍ଟ ସାହାଯ୍ୟ କରୁଥିଲେ । ଛାତ୍ରସମାଜର ବାର୍ଷିକ ଅଧିବେଶନ ହେଲା । ମୁଁ ଇଂରାଜୀରେ ଗୋଟିଏ ପ୍ରବନ୍ଧ ଲେଖି ପଢ଼ିଥିଲି । ପ୍ରବନ୍ଧଟି

Digitized by srujanika@gmail.com

ମଧୁବାବୁଙ୍କର ହୃଦୟଗ୍ରାହ୍ୟ ହୋଇଥିଲା । ସେ ସଭାରେ ଗୋପାଳ ବାବୁ (ଅଧ୍ୟାପକ ଗୋପାଳ ଚନ୍ଦ୍ର ଗାଙ୍ଗୁଲି) ମଧ୍ୟ ଉପସ୍ଥିତ ଥିଲେ । ସଭା ପରେ ମଧୁବାବୁ ମୋ ସହିତ ଆଳାପ କଲେ ଏବଂ ପଚାରିଲେ ମୋର ନାମ କଣ । ମୋର ନାଁ ଶୁଣି ପଚାରିଲେ, ତୁମେ କଣ ସେହି ଲକ୍ଷ୍ମୀନାରାୟଣ ସାହୁ ଯେ "ଓଡ଼ିଆ ଓ ନବସମ୍ବାଦ" ପତ୍ରିକାରେ Man, God, Soul ପ୍ରଭୃତି ପ୍ରବନ୍ଧ ଲେଖିଛନ୍ତି ? ମୁଁ ଲଜ୍ଜିତ ଭାବରେ କହିଲି—ହୁଁ ! ସେ ମୋତେ କହିଲେ, ରବିବାର ଦିନ ସକାଳେ ଆମ ଘରକୁ ଆସି ପାରିବ ? ମୁଁ କହିଲି, ହଁ ।

ମୁଁ ଗଲି । ସେ ଦିନ ସେ ମୋତେ ତାଙ୍କର "ବସନ୍ତଗାଥା" ଓ ଅନ୍ୟାନ୍ୟ ବହି ପଢ଼ିଥିବା କଥା ପଚାରିଲେ । ମୁଁ କହିଲି, ପ୍ରବନ୍ଧମାଳା ଛଡ଼ା ଆଉ କିଛି ପଢ଼ି ନାହିଁ । ଏହା କହିବାକୁ ଯାଇଁ ଲଜ୍ଜାରେ ମୋ ମୁହଁ ପୋଡ଼ିଗଲା । ଯାହା ହେଉ, ତାଙ୍କର ବହିମାନଙ୍କରୁ ଖଣ୍ଡିଏ ଖଣ୍ଡିଏ ଦେବା ପାଇଁ କହିଲେ ଏବଂ ଚାକରକୁ ଡାକିଲେ; କହିଲେ ଉପରକୁ ଯାଇଁ ଏ ବହିଗୁଡ଼ିକ ନେଇ ଆସ । କାଳୀଗଳିରେ ମଧୁବାବୁଙ୍କର ଘର । ସେ ଘର ଉପରକୁ ଯିବା ପାଇଁ ଦୁଇଟି ବାଟ ଅଛି—ଭିତର ବାଟ ଦେଇ ଏବଂ ବାହାର ବାଟ ଦେଇ । ମଧୁବାବୁ ଚାକରକୁ ଏବାଟ ଦେଇ ଅର୍ଥାତ୍ ବାହାର ବାଟ ଦେଇ ଯିବାପାଇଁ କହିଲେ । ଚାକରଟି ଏତେ ଖିଆଲ ନ ରଖି ଭିତର ବାଟ ଦେଇ ଚାଲି ଯାଇଥିଲା । ଏଥିକରେ ମଧୁବାବୁ ଭୀଷଣ କ୍ରୁଦ୍ଧ ହୋଇଗଲେ ଏବଂ କହିଲେ, ତୁ ଏ ବାଟେ ନ ଯାଇଁ ସେ ବାଟେ କାହିଁକି ଗଲୁ ? କହ, କହ, କହ । ଭୟଙ୍କର କ୍ରୋଧ । ସେ କ୍ରୋଧ ମୁଁ ଦେଖିଛି । କାହିଁକି ଏପରି ହୁଏ ?

ଥରେ ଚନ୍ଦ୍ରମୋହନ ବାବୁଙ୍କର କ୍ରୋଧ ଦେଖିଅଛି । ଥରେ କାହିଁକି, ଅନେକ ଥର । ଥରକର କଥା କହିବି ? ମୁଁ ସେତେବେଳେ କଟକରେ ଚନ୍ଦ୍ରମୋହନ ବାବୁଙ୍କ ପାଖରେ ଟ୍ରେନିଙ୍ଗ ସ୍କୁଲ ଘରେ ଥାଏଁ । Intermediate Science ପଢ଼ୁଥାଏ । ଚନ୍ଦ୍ରମୋହନ ବାବୁ ପ୍ରତି ରବିବାର ଦୁଇ ତିନିଜଣଙ୍କୁ ନିମନ୍ତ୍ରଣ କରି ଖୁଆନ୍ତି । ଏହା ତାଙ୍କର ଧର୍ମବିଧି ଥିଲା । ଗୋଟିଏ ରବିବାରରେ ମୃତ୍ୟୁଞ୍ଜୟ ବାବୁ ନିମନ୍ତ୍ରିତ । ସେ, ମୁଁ, ଚନ୍ଦ୍ରମୋହନ ବାବୁ, ଆଉ ଜଣେ—ବୋଧହୁଏ ବାଲେଶ୍ୱରର ବୈଦ୍ୟନାଥ ପଣ୍ଡା, ଏକାଠି ଖାଇବା ପାଇଁ ବସିଛୁଁ । ପୂଝାରୀ ପ୍ରଥମେ ଭାତ ଆଣି ଚନ୍ଦ୍ରମୋହନ ବାବୁଙ୍କୁ ଦେବାକୁ ବସିଲା । ଏଥିକରେ ଏଁ ! ଏଁ ! କରି ବିରକ୍ତ ହୋଇ ଉଠିଲେ ପୂଝାରୀଟି ନୂଆ, ବୁଢ଼ା; ଚନ୍ଦ୍ରମୋହନ ବାବୁଙ୍କର ଢଙ୍ଗଢାଙ୍ଗ ଜାଣିନାହିଁ—ସୁତରାଂ ସେ ଭକୁଆ ହୋଇପଡ଼ିଲା ।

Digitized by srujanika@gmail.com

ଚନ୍ଦ୍ରମୋହନ ବାବୁ 'ଏ୍ୟଃ ! ଡ୍ଲିୁ କାନ୍ଦାକାର' କହି ଭାତ ମୃତ୍ୟୁଞ୍ଜୟ ବାବୁଙ୍କ ଆଗରେ ଦେବା ପାଇଁ କହିଲେ । ପୂଝାରୀ ବିଚରା ଭୟରେ ଭାତ ବାଢ଼ିଦେଇ ଚାଲିଗଲା । ତରକାରି ଦେଲା ବେଳକୁ ପୁଣି ଚନ୍ଦ୍ରମୋହନ ବାବୁଙ୍କ ପାଖରେ ଆଗେ ଦେଲା । ଚନ୍ଦ୍ରମୋହନ ବାବୁ ତ ନିଆଁ । ପୂଝାରୀ ବିଚରା ବର୍ ବର୍ ହୋଇ ଚାଲିଗଲା ବେଳକୁ କହିଲା, ବାବୁ ଏପରି ହେଲେ ମୁଁ ଚଳିପାରିବି ନାହିଁ । ଚନ୍ଦ୍ରମୋହନ ବାବୁ ଏହା ଶୁଣିଲାକ୍ଷଣି କହି ଉଠିଲେ, ଏ୍ୟଃ, ମୁହଁ ସିଲାଇ କର । ଭାଗ୍ୟକୁ ଆଉ ଗୋଟିଏ ପୂଝାରୀ ମଧ୍ୟ ଥିଲା । ସେ ପୂଝାରୀଟି ଆସି ତଆନଆ କଲା । ନୋହିଲେ କି କାଣ୍ଡଟିଏ ଘଟିଥାଆନ୍ତା ! ଏପରି ହୁଏ ନାହିଁ କି ?

ମୋର କ୍ରୋଧ ଏହି ଶ୍ରେଣୀର । କ୍ରୁଦ୍ଧ ହେଲେ ହଠାତ୍ କ୍ରୁଦ୍ଧ ହୁଏଁ, ହେଲେ ଭୟଙ୍କର ଭାବରେ ହୁଏଁ । ଅନେକ ସମୟରେ ଅନେକ ପଶ୍ଚାତ୍ତାପ କଲେ ମଧ୍ୟ ଆଜି ଆପଣାକୁ ସମ୍ଭାଳି ପାରି ନାହିଁ । ବିଶେଷତଃ ଅଳସୁଆ ଲୋକ, ମିଛୁଆ, ଖଚୁଆ ଲୋକଙ୍କୁ ସେହି ସେହି କାର୍ଯ୍ୟରେ ଧରିଲେ ଭୟଙ୍କର କ୍ରୋଧ ହୁଏ ।

କ୍ରୋଧ ପରେ ପରେ ସମସ୍ତ ଶରୀରରେ ଗୋଟିଏ ଅବସାଦ ଆସେ । ମନରେ ଗୋଟାଏ ଦୁଃଖ ଅନୁଭବ କରେ, ଶରୀର ଖରାପ ହୁଏ—ଏହା ବାରମ୍ବାର ଲକ୍ଷ୍ୟ କରିଅଛି । ଅଧମତା ଦେଖିଲେ ମଧ୍ୟ ଅନେକ ସମୟରେ ଭୀଷଣ କ୍ରୁଦ୍ଧ ହୋଇଉଠେ ।

ଏସବୁ କଥା ଲେଖିବାର ଫଳ କଣ ? ଉଦ୍ଦେଶ୍ୟ କଣ ?? ମୋର କ୍ରୋଧଟି ମୋର ଗୁଣ ବୋଲି ପ୍ରଶଂସା କରିବା ପାଇଁ ଏହା ଲେଖୁନାହିଁ । ମୁଁ ଭାବୁଛି କାହିଁକି ଏପରି ହୁଏ ? କିପରି ଏଥିରୁ ରକ୍ଷା ପାଇବି ?? ମନୁଷ୍ୟ ହୃଦୟରେ ଏହି କ୍ରୋଧ ପୁଣି ସଂସ୍ଥାପିତ ହୋଇଅଛି କାହିଁକି ?? କ୍ରୋଧର ବ୍ୟବହାର ଅଛି ବୋଧ କରେ; କିନ୍ତୁ ମଧୁବାବୁ, ଚନ୍ଦ୍ରମୋହନ ମହାରଣା ବା ମୋର କ୍ରୋଧ ଅତିରିକ୍ତ—ଏହା ଏକ ପ୍ରକାର ରୋଗ ମନେ କରେଁ । ଅନ୍ୟର ଉଚିତ, ବନ୍ଧୁ-ବାନ୍ଧବଙ୍କର ଉଚିତ, ଏହି ରୋଗକୁ ମାରିବା । ଏହା କିପରି କମିବ ଭାବି ପାରୁ ନାହିଁ । ଲୋକ ସଂସ୍ପର୍ଶରେ ଆସିଲେ ବେଳେ ବେଳେ ସଂଘର୍ଷ ହୋଇଥାଏ । ବାଟ ଚାଲିଲେ ସଂସ୍ପର୍ଶ ହୁଏ, ଏତେ ଭୀଷଣ ସଂଘର୍ଷ ତ ହେଉ ନ ଥାଏ । ସେହିପରି କାହିଁକି ଆପଣାକୁ ଜଗି ଚାଲିବ ନାହିଁ, ଯେଉଁଥିରେ ସଂସ୍ପର୍ଶ ହେବୁ ମଧ୍ୟ ଏତେ ଘନ ଘନ ସଂଘର୍ଷ ନ ହେବ । କିନ୍ତୁ କିପରି ଏହା ହେବ ବୁଝି ପାରୁ ନାହିଁ । କ୍ରୋଧର ଶତ୍ରୁ କ୍ଷମା । କ୍ଷମାଶୀଳ ଯେ ମୁଁ ନୁହେଁ ତାହା ତ ନୁହଁଇ । ମୋର ବିଷମ ଶତ୍ରୁକୁ ମଧ୍ୟ ମୁଁ ଶତ୍ରୁ ଚକ୍ଷୁରେ କେବେହେଁ ଦେଖିନାହିଁ । ବିଷମ ଶତ୍ରୁ

Digitized by srujanika@gmail.com

ବୋଲି କାହାକୁ ଭାବ ନାହିଁ । କାର୍ଯ୍ୟ କାରଣ ସମ୍ପର୍କରେ ବୃଦ୍ଧ ହୋଇଛୁ ଯାଙ୍କ ଉପରେ ସେହିମାନଙ୍କ ଠାରେ ମୋର ସ୍ନେହ ବା ସହୃଦୟତା ଗୁଣ ମଧ୍ୟ କିଛି କମ୍ ନୁହେଁ । ଏହା ହତଭାଗ୍ୟ, ମୋର ସମ୍ପର୍କରେ ଯେଉଁମାନେ ଆସିଛନ୍ତି ସେମାନେ କହିବେ । ତେବେ କାହିଁକି ଏପରି ହୁଏ ? କାହିଁକି ? କାହିଁକି ?? କାହିଁକି ???

କିନ୍ତୁ ଏହାର ଗୋଟିଏ ସୁଗୁଣ ଏହି ଯେ ଏପରି ମନୁଷ୍ୟ କଦାପି Revengeful ହୁଏ ନାହିଁ । କ୍ଷଣକୋପୀ ଲୋକମାନେ କଦାପି କ୍ରୋଧର କାରଣକୁ Ruminate କରନ୍ତି ନାହିଁ । ସେମାନଙ୍କର ମଜ୍ଜାଗତ Restlessness ସେମାନଙ୍କୁ ତତ୍‌କ୍ଷଣାତ୍ ଯା କରିବାର କରାଇ ଦିଏ । ପରେ ସେମାନଙ୍କ ଅବସର ନ ଥାଏ ଏହି ବିଷୟରେ Ruminate କରିବାକୁ । ଯେଉଁମାନେ ଦୀର୍ଘକୋପୀ, ସେମାନଙ୍କର ରାଗ ଅଳ୍ପ ହୁଏ । କିନ୍ତୁ ଏହାର ଗୋଟିଏ କୁଫଳ ଏହି ଯେ, ସେମାନେ Revengeful ହୁଅନ୍ତି । ଏହି ଚିନ୍ତାରେ କିଣ ଆଶ୍ୱାସନା ପାଇବ ? ଏହା ଚିନ୍ତା ନା ଛଳନା ? କିଛି ବୁଝି ପାରୁ ନାହିଁ । Sex problem ପରି ଏହି Problem ଟି ମଧ୍ୟ ସମ୍ପୂର୍ଣ୍ଣ କିପି ହେବ ନାହିଁ ପରା ।

ଗୁଣ୍ଡୁଚିମୂଷାର ଧୂଳି

ଜୀବନରେ କେତେ କଥା ଘଟୁଛି, ଘଟିଯାଇଛି । ସେସବୁର କଳନା କରି ଲେଖିବା ସହଜ ନୁହେଁ । ଏହି ତ ସେଦିନ ଶ୍ରୀ ମାୟାଧର ମାନସିଂହ କହୁଥିଲେ ଯେ ସେ ମ୍ୟାଟ୍ରିକୁଲେଶନ୍ ପାସ୍ କରି କଟକକୁ ଯେତେବେଳେ ପଢ଼ିବାକୁ ଆସିଲେ ସେତେବେଳେ ନାମ ଲେଖାଇବାକୁ ତାଙ୍କ ପାଖେ ଟଙ୍କା ନ ଥିଲା । କଟକକୁ ଆସି କାହାକୁ ମାଗିବେ, କଣ କରିବେ, କିଛି ଠିକ୍ କରି ପାରିଲେ ନାହିଁ । ଶେଷରେ କଲେଜରେ ନାମ ନ ଲେଖାଇ କଟକରୁ ଫେରିଯିବା ପାଇଁ ବସିଛନ୍ତି, ଏହି ଅବସ୍ଥାରେ ହଠାତ୍ ମୋ କଥା ତାଙ୍କର ସ୍ମରଣ ହେଲା । ସେ ଭାବିଲେ ଲକ୍ଷ୍ମୀନାରାୟଣ ବାବୁ ତ ମୋତେ ଗ୍ରନ୍ଥ-ସମ୍ମିଳନୀରେ ପୁରସ୍କାର ଆଦି ଦେଇଛନ୍ତି । ଯାଏଁ ତାଙ୍କ ପାଖକୁ, ଯଦି କିଛି ପାଏ ।

ମାୟାଧର ମୋ ପାଖକୁ ଆସିଲେ ସତ, କିନ୍ତୁ ସେ ଏତେ ଲାଜକୁଳା ଏବଂ ଏତେ Sensitive ଯେ ଏହି ଟଙ୍କା କଥା ସେ କିଛି କହି ପାରିଲେ ନାହିଁ । ଦୈବାତ୍ ମୋର ସ୍ୱଭାବ ଯେପରି ସେଥିରେ ମୁଁ ମାୟାଧରଙ୍କୁ ବାଟୋଇ ଦେବାକୁ ଆସି ତାଙ୍କ ସଙ୍ଗରେ କଥାବାର୍ତ୍ତା କରୁ କରୁ ପଚାରିଲି, ମାୟାଧର କାହିଁକି

Digitized by srujanika@gmail.com

ଆସିଥିଲି କିଛି କହିଲି ନାହିଁ ? ପରେ ମାୟାଧର କହିଲେ ଯେ, ସେ ରେଭେନ୍‌ସା କଲେଜରେ ନାମ ଲେଖାଇବେ; କିନ୍ତୁ ହାତରେ ଟଙ୍କା ନାହିଁ । ମୁଁ ଏ କଥା ଶୁଣି କହିଲି, ତେବେ ମୋତେ କହିଲ ନାହିଁ କାହିଁକି ପରେ ?

ଯାହା ହେଉ ମୁଁ ମାୟାଧରଙ୍କୁ ପଚଶ ଟଙ୍କା ସେଦିନ ଦେଲି । ସେ ଟଙ୍କା ସେ Scholarship ପାଇ ଫେରାଇ ଦେଇଥିଲେ । ମାୟାଧର କହୁଥିଲେ ହୁଏତ ଏହି ସାହାଯ୍ୟ ସେତେବେଳେ ହୋଇ ନ ଥିଲେ ତାଙ୍କ ଜୀବନର ଗତି ଅନ୍ୟ କୁଆଡେ ବହିକି ଯାଇଥାନ୍ତା । ଏହି ସାମାନ୍ୟ ସହାନୁଭୂତି, ସହୃଦୟତା ଓ ପ୍ରୀତି ବାସ୍ତବିକ ମନୁଷ୍ୟର ଅନେକ ଉପକାର କରେ ।

ଏହିଠାରେ ଆଉ ଜଣକ କଥା କହେଁ । ତାର ନାମଟା କହିବି ନାହିଁ । ଦୁଇ ତିନି ବର୍ଷ ପୂର୍ବର କଥା । ମୁଁ ବୋମ୍ବେଇରେ ଥିଲି । ମୋର ଶ୍ୱାସ ପାଇଁ ଚିକିତ୍ସିତ ହେଉଥିଲି । ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କ ପାଖରେ ସେତେବେଳେ ରହିଥିଲି ବୋମ୍ବେଇରେ । ମହତାବ ସେତେବେଳେ ବୋମ୍ବେଇରେ ଲାଟ । ଜଣେ ଓଡ଼ିଆ ଯୁବକ ମୋତେ ଷ୍ଟେସନରେ ଭେଟିଲା—ତା ସାଙ୍ଗରେ ଜଣେ ବଙ୍ଗାଳୀ ।

ମୁଁ ଗାଡ଼ି ଭିତରେ ବସିସାରିଲିଣି । ସେ ଆସି ମୋ ଗୋଡ଼ ତଳେ ପଡ଼ିଲା ଏବଂ କହିଲା ଯେ ସେ ବିପଦରେ ପଡ଼ିଛି । ହାତରେ କିଛି ପଇସା ନାହିଁ । ମହତାବ କହିଥିଲେ ଦେଖା କରିବାକୁ । କିନ୍ତୁ ସେ ପୁନାରେ ଥିବାରୁ ମହା ହରବରରେ ପଡ଼ିଛି । ମୁଁ କହିଲି, ମୁଁ ପୁନା ଯିବା ପାଇଁ ଟଙ୍କା ଦେଉଛି, ନିଅ, ମହତାବଙ୍କ ପାଖକୁ ଯାଅ । କିନ୍ତୁ ସେ କହିଲା, ଯଦି ସେଠାରେ ତାଙ୍କୁ ନ ପାଏ କଣ କରିବ ?

ଏହା କହି ମୋତେ କହିଲା ମୁଁ ଆପଣଙ୍କ ସାଙ୍ଗରେ ଯିବି । ମୁଁ କଟକ ଆସୁଥାଏ । ମୁଁ କହିଲି ମୋ ପାଖରେ ତ ଏତେ ଟଙ୍କା ନାହିଁ । ପୁଣି କହିଲା, ଆପଣଙ୍କ ସାଙ୍ଗରେ ଭୁସାବଲ ପର୍ଯ୍ୟନ୍ତ ଯିବି । ମୁଁ ନାହିଁ କରିବାରୁ ସେ କହିଲା— ତେବେ ଆପଣ ଭୁସାବଲରେ ଯେଉଁଠାରେ ଓହ୍ଲାଇବେ ସେ ଠିକଣାଟା ଦିଅନ୍ତୁ । ମୁଁ ଦେଲି । ଆଉ ସେହି ଲୋକଟିକୁ ୫୧୦ଙ୍କା ଦେଲି । ସେ କହିଲା ଯେ ସେ କଲିକତାରେ 3rd yearରେ ପଢ଼େ ଏବଂ ଇନ୍ଦୁପୁରରେ ତା'ର ଘର । ସେ କଲିକତା ପହଞ୍ଚି ମୋର ଦଶ ଟଙ୍କା ଫେରେଇ ଦେବ ।

ଆଉ କାହିଁ ? ଏପରି ଯୁବକ ବି ତ ଅଛନ୍ତି । ସେହିଠାରେ ମୋର ନିଜର ଗୋଟିଏ କଥା ଉଲ୍ଲେଖ କରେ । ୧୯୧୧ ସାଲର କଥା ବୋଧହୁଏ । ନାଗ୍ପୁରିକ

Digitized by srujanika@gmail.com

ଅନ୍ନପୂର୍ଣ୍ଣାଙ୍କୁ ଦେଖିବା ପାଇଁ ମୁଁ ବ୍ରହ୍ମପୁର (ଗଞ୍ଜାମ) ଯାଇଥିଲି । ସେହିଠାରେ ବ୍ରହ୍ମପୁର ଟାଉନ ହଲରେ ବକ୍ତୃତା ଶୁଣୁ ଶୁଣୁ ମୋର ପକେଟରୁ ଟଙ୍କା ଚୋରି ହୋଇଗଲା । ଅନ୍ନପୂର୍ଣ୍ଣା ବଡ ଗରିବ । ମୁଁ ମହାବିପଦରେ ପଡ଼ିଲି । ଭାବିଲି ଖଲ୍ଲିକୋଟ କଲେଜର ଛାତ୍ରାବାସକୁ ଯାଏ । ସେଠାରେ କାହାକୁ ଟଙ୍କା ଧାର ମାଗିବି ।

ସେଠି ପଢ଼ୁଥିଲେ ଏବଂ ବର୍ତ୍ତମାନ ରାଭେନ୍ସା କଲେଜ (କଟକ)ର ପ୍ରିନ୍‌ସିପାଲ ଶ୍ରୀ ବ୍ରଜାନନ୍ଦ ମହାନ୍ତି ଏବଂ ୰ ଲଳମୋହନ ପଟ୍ଟନାୟକଙ୍କୁ ଦେଖିଲି । ମୋ କଥା କହିଲି । ସେମାନେ ମୋତେ ବିଶ୍ୱାସ କରି ଦଶ ଟଙ୍କା ଦେଲେ । ମୁଁ କଟକ ଆସି ତାଙ୍କୁ ସେହି ଦଶ ଟଙ୍କା ଫେରାଇ ଦେଲି । ଗୋଟିଏ ଚିଠି ଆସିଲା । ସେଥିରେ ଲେଖା ଅଛି ବ୍ରଜଲାଲ । ପ୍ରଥମେ ବୁଝି ପାରିଲି ନାହିଁ । ପରେ ଭାବି ଭାବି ଦେଖିଲି ଯେ ଲଲମୋହନବାବୁ ଓ ବ୍ରଜାନନ୍ଦବାବୁ ଏହି ଦୁଇ ନାମ ଏକାଠି ହୋଇ ଦସ୍ତଖତ ହୋଇଛି ବ୍ରଜଲାଲ । ଏତେ ସଖ୍ୟ ସେ ଦୁଇଜଣଙ୍କ ଭିତରେ ଥିଲା । ଆଜି ଲଲମୋହନବାବୁ ସ୍ୱର୍ଗରେ ଯାଇଛନ୍ତି । ବ୍ରଜାନନ୍ଦବାବୁ ଅଛନ୍ତି । ଏହି ଦୁଇ ବନ୍ଧୁଙ୍କର ସଖ୍ୟ ବରାବର ଉତ୍ତର କାଳ ପର୍ଯ୍ୟନ୍ତ ଥିଲା ।

ଏଇଠାରେ ଆଉ ଜଣଙ୍କର କଥା କହେ । ଶ୍ରୀ ହରିଶ୍ଚନ୍ଦ୍ର ବଡାଲ୍ । ସେ କେତେ ଦୁଃଖରେ ଯେ ପାଠ ପଢ଼ିଥିଲେ କୁହା ନ ଯାଏ । ବାଲେଶ୍ୱର ଜିଲ୍ଲାସ୍କୁଲରେ ପଢ଼ିଲା ବେଳେ ହରିଶର ବିଧବା ମା ଓଳିଏ ଖାଇବାକୁ ଦେଇପାରେ—ଅନ୍ୟ ଓଳିଟି ହରିଶ ଅଧିକାଂଶ ସମୟରେ ଉପାସ । ଦିନେ ଚନ୍ଦ୍ରମୋହନ ମହାରଣା (ସେତେବେଳେ ଜିଲ୍ଲାସ୍କୁଲର ହେଡ୍‌ମାଷ୍ଟର) ଗୋଟିଏ ସଂସ୍କୃତ ଗୀତ ବୋଲି ଯାଉଥିବା ଗୋଟିଏ ପିଲାର କଣ୍ଠ ସ୍ୱର ଶୁଣି ତାକୁ ଡକାଇ ଦେଖିଲେ ସେ ହରିଶ । ହରିଶର ଦୁଃଖର କାହାଣୀ ଶୁଣି ସେ ହଷ୍ଟେଲରେ ଆଉ ଗୋଟିଏ ଓଳିର ଖାଇବାର ବନ୍ଦୋବସ୍ତ କରିଦେଲେ ।

ସେହି ହରିଶ୍ଚନ୍ଦ୍ର ମାଟ୍ରିକ୍ୟୁଲେଶନ୍‌ରେ ପରେ ସ୍କଲରସିପ୍ ପାଇଲା । କିନ୍ତୁ ପରୀକ୍ଷା ଦେଇ ସାରି ଏବଂ କଲେଜରେ ନାମ ଲେଖେଇବା ପର୍ଯ୍ୟନ୍ତ ସମୟଟା ତା'ର ମହାଦୁଃଖରେ ଗଲା । ସେହି ସମୟରେ ହରିଶକୁ ମୋ ସାଙ୍ଗରେ କଟକକୁ ନେଇ ଆସିଲି ଏବଂ ମୋ ଘରେ ରଖେଇଲି । ସେହି ହରିଶ ଆଜି ବଡ଼ଲୋକ ହୋଇଛି ।

ସେହି ହରିଶ ପୁଣି ୰କୃପାସିନ୍ଧୁ ମିଶ୍ରଙ୍କ ଠାରୁ ବି. ଏସ୍‌ସି. ପଢ଼ିଲା ବେଳେ ସାହାଯ୍ୟ ପାଇଥିଲା ବୋଲି କୃପାସିନ୍ଧୁଙ୍କୁ ଆଇ.ସି.ଏସ୍. ବେଳେ ସାହାଯ୍ୟ କରିଥିଲା

Digitized by srujanika@gmail.com

ଏବଂ ନିଜର ବିବାହ ଢେର କରିଦେଇଥିଲି । ଏହିପରି ଅଗାରିଟା ପରସ୍ପର ସାହାଯ୍ୟରେ ଚ୍ଳିଲିଛି ସମସ୍ତଙ୍କର ।

ଆଉ ଜଣଙ୍କର କଥା ମଧ୍ୟ କହେଁ । ସେ ବିନ୍ଦ ତ୍ରିପାଠୀ ଭଲ ଛାତ୍ର ଥିଲା, କିନ୍ତୁ ଗରିବ ଛାତ୍ର ଥିଲା । ସେ ବି.ଏ. ପାସ କରିସାରି ଏମ୍.ଏ. ପଢ଼ିବାକୁ ଆଉ ସାହସ କଲା ନାହିଁ । ସେହି ସମୟରେ ମୁଁ ଜୟପୁର (କୋରାପୁଟ ଜିଲ୍ଲା)ରେ ଥାଏ, ଦେଶମିଶ୍ରଣ ଆନ୍ଦୋଳନ ସମ୍ପର୍କରେ । ଗୋବିନ୍ଦର ଚିଠି ପାଇଲି—ଆଉ ସେ ପଢ଼ିବ ନାହିଁ । ପଢ଼ା ବି.ଏ. ପରେ ଇତି ହେଲା ତାର । ମୁଁ ତା'କୁ ଟେଲିଗ୍ରାମ କଲି—For God's sake pray get yourself admitted. I am coming. କିଛି ପଇସା ନାମ ଲେଖାଇବା ପାଇଁ ପଠାଇ ଦେଲି । ଗୋବିନ୍ଦ ପରେ ଏମ୍. ଏ. ପଢ଼ିଲା । ଏହିପରି ଗୋଟିଏ ଗୋଟିଏ ମୁହୂର୍ତ୍ତର କଥା କିନ୍ତୁ ବଡ଼ ମନୋରମ, ସୁନ୍ଦର ଆନନ୍ଦଦାୟକ, ମଧୁର, ଅଦ୍ଭୁତ ।

ଶ୍ରୀ ଚନ୍ଦ୍ରେଶ୍ୱର ମିଶ୍ର ସେତେବେଳେ ବାଙ୍କୀ ସ୍କୁଲରୁ ମାଟ୍ରିକ୍ୟୁଲେସନ ପରୀକ୍ଷା ଦେଇଥାଏ । ମୁଁ ବାଙ୍କୀରେ ପହଞ୍ଚିଲି । ପିଲାଏ କହିଲେ, ଚନ୍ଦ୍ରେଶ୍ୱରଟି ଭଲ ପିଲା । ଆଉ ବେଶୀ କିପରି ପଢ଼ନ୍ତା । ମୁଁ କହିଲି, ବେଶୀ ପଢ଼ିବାର ଇଚ୍ଛା ଥିଲେ ପଢ଼ିବ । ସେଥିରେ ଅସୁବିଧା କଣ ? ମୁଁ ବାଙ୍କୀ ଛାଡ଼ିଲା ବେଳେ ପିଲାମାନେ ମୋତେ ଧରି ବସିଲେ । ମୁଁ ଚନ୍ଦ୍ରେଶ୍ୱରକୁ କହିଲି, ଚାଲ, ମୋ ସାଙ୍ଗରେ କଟକକୁ । ଚନ୍ଦ୍ରେଶ୍ୱର କଟକ ଆସିଲା— କଟକରେ ମୋ ପାଖରେ କିଛି ସମୟ ରହିଲା । ବଡ଼ କଷ୍ଟରେ କଲେଜକୁ ଯିବା ଆସିବା କରୁଥାଏ । ଦେଉଳସାହିରୁ ରେଭେନ୍ସା କଲେଜ ଚାରି ମାଇଲ । ଯାହା ହଉ ପରେ ସୁବିଧା ହୋଇଗଲା । ସେହି ଚନ୍ଦ୍ରେଶ୍ୱର ଥରେ ମୋତେ କେତେ ଟଙ୍କା ମନିଅର୍ଡ଼ର କରି ପଠାଇଲା ଏବଂ ଚିଠିରେ ଲେଖିଲା—ସାର, ଆପଣଙ୍କ ପାଖକୁ ଅନେକ ପିଲା ସାହାଯ୍ୟ ପାଇଁ ଆସୁଥିବେ, ହଠାତ୍ ଏହି କଥା ଭାବି ଅଭିଭୂତ ହେଲି ଏବଂ ସେଥିପାଇଁ ଏହି ସାମାନ୍ୟ ଟଙ୍କା ପଠାଇଲି । ଚନ୍ଦ୍ରେଶ୍ୱର ଯେଉଁ ଟଙ୍କା ପଠାଇଥିଲା ସେହି ଟଙ୍କା କାହାକୁ କିପରି ଦେଲି ରସିଦ ସହ ପଠାଇ ଦେଲି । ସେଥିରେ ଚନ୍ଦ୍ରେଶ୍ୱର କ୍ଷୁବ୍ଧ ହେଲା ଏବଂ ଚିଠି ଲେଖିଲା, ସାର, ମୁଁ କଣ ଆପଣଙ୍କ ଠାରୁ ରସିଦ ଚାହିଁଥିଲି ?

ମୁଁ ଲେଖିଲି, ନା ଚନ୍ଦ୍ରେଶ୍ୱର, ତୁମର ଟଙ୍କାର କି ପ୍ରକାର ଉପଯୋଗ ହୋଇଛି, ତାହା ତୁମକୁ ଜଣାଇବା ପାଇଁ ସେହି ରସିଦ ସବୁ ପଠାଇଥିଲି । ଚନ୍ଦ୍ରେଶ୍ୱର ଏହିପରି ପ୍ରକୃତିର ଲୋକ ।

Digitized by srujanika@gmail.com

ଲେଖେଁ, ଲେଖେଁ କେତେ ଲୋକଙ୍କ କଥା ଲେଖି ପକାଇଲି । କିନ୍ତୁ ଏହିପରି ଆହୁରି ଅନେକ କଥା ଅଛି—କାହାଣୀ ପରି କଥାଗୁଡ଼ିକ—କିନ୍ତୁ ସତ୍ୟ ।

ମୋର କବିତା ଲେଖା

ପିଲାଟି ଦିନୁଁ ମୁଁ ଗଦ୍ୟରେ ପ୍ରବନ୍ଧ ଲେଖା ଖୁବ୍ ପସନ୍ଦ କରୁଥିଲି । କିନ୍ତୁ କବିତା ଲେଖା ମୋର ଆରମ୍ଭ ହେଲି ବହୁ ଡେ଼ରିରେ । ମୁଁ କଲେଜ ଆସି ଯେତେବେଳେ ବାଇରନ୍‌ଙ୍କ Child Harold ପଢ଼ିଲି, ସେତେବେଳେ କବିତା ମୋତେ ମୁଗ୍‌ଧ କରିଥିଲି । ତା'ପରେ ବଙ୍ଗଳାରେ ନବୀନ ସେନ୍‌ଙ୍କର 'ପଲାସୀର ଯୁଦ୍ଧ' ମୋର ପ୍ରାଣକୁ ଓଲଟ ପାଲଟ କରିଦେଲା । କିନ୍ତୁ ଏହିସବୁ ସତ୍ତ୍ୱେବି ମୁଁ କାବ୍ୟଲେଖାରେ କେବେହେଲେ ମନ ଦେଇ ପାରିନି । କେବଳ କ୍ଷଣିକ ଚିନ୍ତାରେ ଯେଉଁ ଭାବ ଚିତ୍ତରେ ଫୁଟି ଉଠେ, ତାହା ଉଡ଼ିଯିବା ବେଳେ ମୁଁ ତାକୁ ଚଞ୍ଚଳ ଧରି ରଖିବାକୁ ଚେଷ୍ଟା କରେଁ । ସେଥିରେ ପଦବିନ୍ୟାସର ସୁଚିନ୍ତା ଥାଏନି । ଥାଏ କେବଳ ଭାବର ବିହ୍ୱଳତା ଓ ପରିବ୍ୟାପ୍ତତା । ମଝି ମଝିରେ ଏହି କ୍ଷଣିକାଗୁଡ଼ିକୁ ମୁଁ ପଦ୍ୟରେ ବାନ୍ଧି ରଖିଥାଏ । କିନ୍ତୁ ଜୀବନରେ କବିତା ଲେଖିବାର ଉତ୍ସାହ ଆସିଲି ପ୍ରାୟ ମୋର ତ୍ରିଶ ବର୍ଷ ବୟସରେ । ଏହି ସମୟରେ ମୁଁ ଏକ ରକମ ପାଗଳ ହୋଇ ଯାଇଥିଲି । ଆଉ କିଛି ପାଗଳାମି ନୁହେଁ ତ, ପାଗଳାମି, ଏତିକି ଯେ ରାତିରେ ଶୋଇଥିଲେ ହଠାତ୍ ଉଠିପଡ଼ି ଅନ୍ଧକାରରେ ବସି କବିତା ଲେଖେଁ । ଆଉ ଯାହା ଲେଖେଁ ତାହା ମୁଁ ଲେଖେଁ ବୋଲି ଭାବି ପାରେନି । ଏତେ ତରତରରେ ଲେଖେଁ ଯେପରି କି ମହାନଦୀର ବଢ଼ିପାଣି ବହି ଯାଉଛି, ଏବଂ ସେ ବଢ଼ିପାଣିରେ ଯେପରି କି କିଏ ମୋତେ ଠେଲି ପେଲି ନେଇ ଯାଉଛି । ପ୍ରଥମ ପ୍ରଥମ ଅନ୍ଧାରରେ ଲେଖିବା ଫଳରେ ଗୋଟିଏ ଧାଡ଼ି ଅନ୍ୟ ଧାଡ଼ି ଉପରେ ଚଢ଼ି ଯାଉଥିଲି ଏବଂ ସକାଳୁ ଉଠି ଖାତା ଦେଖିଲି ବେଳକୁ କିଛି ପଢ଼ି ହେଉନି । ଏଥିରେ ମୁଁ ବଡ଼ ମର୍ମାହତ ହେଉଥିଲି । ଏପରି ହେଉ ହେଉ ମୋତେ ଗୋଟିଏ ବୁଦ୍ଧି ଦିଶିଲା । ବାଁ ହାତର ବୁଢ଼ା ଓ ବଶି ଆଙ୍ଗୁଳି ଦୁଇଟି ତଳକୁ ତଳକୁ ନେଉଥିଲି ଏବଂ ତାହାର ଫଳରେ ଧାଡ଼ି ଉପରେ ଧାଡ଼ି ଚଢ଼ି ଯାଉ ନ ଥିଲା । ଯେତେବେଳେ ଏହା ଉଦ୍ଭାବନ କଲି ସେତେବେଳେ ମନରେ ବଡ଼ ଆନନ୍ଦ ହୋଇଥିଲା । ଏବେ ବି ମୁଁ ଯେତେବେଳେ କବିତା ଲେଖେଁ ଆଲୁଅରେ ଲେଖିଲେ ସେତେ ଆନନ୍ଦ ପାଏନି । ଅନ୍ଧକାରରେ ବସି ତରତରରେ ଏପରି କି ଅନ୍ୟ ଦ୍ୱାରା ଚାଳିତ ହୋଇ ଲେଖିଲେ ବଡ଼ ଆରାମ ଲାଗେ । ଏ ତ ଗଲା ଗୋଟିଏ କଥା ।

Digitized by srujanika@gmail.com

ଦ୍ଵିତୀୟ କଥାଟି ହେଉଛି ଯେ ମୁଁ ଯେତେବେଳେ ଯେଉଁ ଲୋକଟିକୁ ଦେଖେ ସେତେବେଳେ ଯଦି କିଛି ଭାବ ଆସେ ତାହା ସାଙ୍ଗେ ସାଙ୍ଗେ ଲେଖି ପକାଏ । ଫଳରେ ଏପରି ହେଲା ଯେ ମୁଁ ସାଇକେଲ୍‌ରେ ଯାଉଛି, ଆଉ ବାଟରେ ହୁଏତ କୌଣସି ପିଲା ଚାଲିଯାଉଛି, ଏବଂ ମୋ ଆଡ଼କୁ ଟିକିଏ ସସ୍ନେହ ବା ସକରୁଣ ଦୃଷ୍ଟି ପକାଇଲା, ତତ୍‌କ୍ଷଣାତ୍ ମୁଁ ସାଇକେଲରୁ ଓହ୍ଲାଇ ପଡ଼େ ଏବଂ ସେହି ପିଲା ସଙ୍ଗରେ କଥାବାର୍ତ୍ତା ହୁଏ ଏବଂ ତାର ଅନ୍ତରର ଭାବ ଦେଖି ଠିଆ ଠିଆ କବିତା ଲେଖିଦିଏ । ଏହିପରି କବିତା ସବୁ ମୋର 'ପରଶ' ନାମକ କବିତା ବହିରେ ପ୍ରକାଶ କରାଯାଇଛି । ସେହି ସବୁ କବିତାରେ ଦରଦ ଖୁବ୍ ବେଶୀ ଅଛି । ଭାଷାରେ ସାବଲୀଳତା ଅଛି । କିନ୍ତୁ ଧାଡ଼ିରେ ଅକ୍ଷର ସୁମାରି ଠିକ୍ ନାହିଁ । ଏହା ଅନ୍ତରର ବେଦନା, ଆନନ୍ଦ, ଉତ୍କଣ୍ଠା ଇତ୍ୟାଦି ଯେମିତି ଯେପରି ବାହାରିଛି ସେହିପରି ଅନାହୃତ ଭାବରେ ରଖା ଯାଇଛି । ପରେ ଅଧେ କେହି କେହି ବନ୍ଧୁ ଯଥା କୃତ୍ତିଚନ୍ଦ୍ର କର ଗୋଟାଏ ଜାଗାରେ କିଛି କିଛି ପରିବର୍ତ୍ତନ କରିଛନ୍ତି । କିନ୍ତୁ ତାହା ମୋ ମନକୁ ପାଇନି । ପଶ୍ଚାତ୍‌ରେ ତାହା ମୋର ମନରେ ଗଭୀର ଭାବକୁ ପରିବର୍ତ୍ତନ ଦ୍ଵାରା ତୁଚ୍ଛ କରି ଦେଇଛି ବୋଲି ମୁଁ ସେ ସବୁ ଜାଗା ଯେତେବେଳେ ପଢ଼େ ମୋ ଅନ୍ତରରେ ଗୋଟିଏ କ୍ଷୁବ୍‌ଧ ବେଦନା ଜାତ ହୁଏ ।

ଡକ୍ଟର ମାୟାଧର ମାନସିଂହ ମୋର ଏହି ସବୁ କବିତା ଦେଖି ପରେ କହିଥିଲେ, ଆପଣଙ୍କ ଭାବ ତ ବେଶ୍ ଅଛି, କିନ୍ତୁ ଧାଡ଼ି ପଦ ଇତ୍ୟାଦି ଠିକ୍ କରି ବସାଉ ନାହାନ୍ତି କାହିଁକି ? ଛନ୍ଦ ଠିକ୍ କରିବା ପାଇଁ ଚେଷ୍ଟା କରୁ ନାହାନ୍ତି କାହିଁକି ? ମୁଁ କହିଥିଲି, ମୋର ସ୍ଵଚ୍ଛନ୍ଦ ଜୀବନରେ ଯେଉଁ ଜାଗାରେ ଛନ୍ଦ ପଡ଼ିଛି ଆଉ ଯେଉଁ ଜାଗାରେ ଛନ୍ଦ ଭାଙ୍ଗି ଯାଇଛି, ସେ ଉଭୟ ମୋର ଅନ୍ତର୍ଜୀବନର ପ୍ରକୃତ ପରିଚାୟକ । ତାକୁ କାହିଁକି କ୍ଷୁଣ୍ଣ କରିବ ? ମୋର ଜଣେ ସୁଧୀ ବନ୍ଧୁ ଶ୍ରୀଯୁକ୍ତ ଅକ୍ଷୟଜୀବନ ଘୋଷ ମୋର ଏହି ସବୁ କବିତା ପଢ଼ି କହିଥିଲେ, ଏହି ସବୁ କବିତାରୁ କିଛି କିଛି ବାଛି ଗୋଟିଏ ପୁସ୍ତିକା ପ୍ରକାଶ କରନ୍ତୁ । ତାଙ୍କର ପରାମର୍ଶରେ ମୁଁ 'ପରଶ' ପୁସ୍ତିକାଟି ପ୍ରକାଶ କରିଥିଲି । ମୋର କବିତାକୁ ସମାଲୋଚନା କରି ମୋର ଶ୍ରଦ୍ଧେୟ ବନ୍ଧୁ ଲଳିତ ନଗେନ୍ଦ୍ର କୁମାର ରାୟ କୌତୁକ କରିଥିଲେ ଏବଂ ମୋ ଭଳି କବିତା ଲେଖି ଲକ୍ଷ୍ମୀନାରାୟଣୀ ବୃତ୍ତରେ ଲିଖିତ ବୋଲି ତାକୁ ଚିହ୍ନାଇଥିଲେ । ବାସ୍ତବିକ ମୋର ବୃତ୍ତି ଲକ୍ଷ୍ମୀନାରାୟଣୀ ବୃତ୍ତି ।

ପରେ ଆମେରିକା ଦେଶର କବି **Walt Whitman**ଙ୍କର **Leaves of Grass** ବହି ପଢ଼ି ମୁଁ ଏତେ ମୁଗ୍‌ଧ ଓ ଉଦ୍‌ବେଳିତ ହୋଇଥିଲି ଯେ ତା ପରେ ଏଣିକି ମୋର ବଡ଼ ସାହସ ପାଇଲି ଏବଂ ସୁଦୂର ବ୍ୟକ୍ତି ପରି ମୁଁ

Digitized by srujanika@gmail.com

ବହୁତ ବହୁତ ଲମ୍ବା ଲମ୍ବା କବିତା ଲେଖୁଥାଏ । ଇତି ମଧ୍ୟରେ ଇଂରାଜୀରେ କବିତା ଲେଖିବାକୁ ଆରମ୍ଭ କଲି । ମୋର ବନ୍ଧୁମାନେ ଇଂରାଜୀ କବିତା ପଢ଼ି ମୋତେ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି, ଆପଣଙ୍କର ଇଂରାଜୀ କବିତା ଓଡ଼ିଆ କବିତା ଠାରୁ ଭଲ ।

ମୁଁ କବିତା ଲେଖାରେ ଆଉ ଗୋଟିଏ କଥା ଅନୁଭବ କରିଅଛି । ବଙ୍ଗଳାରେ କବିତା ଲେଖିଲେ ଯାହା ଫୁଟି ଉଠେ, ତାହା ହୁଏତ ଓଡ଼ିଆ ଠାରୁ ମୋତେ ନିଜକୁ ଭଲ ଜଣାଯାଏ । ସେହିପରି ମୁଁ ଦେଖିଛି, ଅନେକ ସମୟରେ ମୋର ବନ୍ଧୁମାନେ କହିଛନ୍ତି ଯେ ମୋର ଇଂରାଜୀ ବକ୍ତୃତା ମୋର ଓଡ଼ିଆ ବକ୍ତୃତା ଠାରୁ ଭଲ । ମୁଁ ଅନୁଭବ କରେ, ଏହି ସବୁ କବିତା ଭିତରେ ଗୋଟିଏ କିଛି ସତ୍ୟ ନିହିତ ଅଛି । ମୁଁ ନିଜେ ଅନୁଭବ କରିଛି ବଙ୍ଗଳା ଗୀତ ଠାରୁ ଅସମିଆ ଗୀତ ନ ବୁଝି ପାରିଲେ ମଧ୍ୟ ମୋତେ ବେଶୀ ସ୍ପର୍ଶ କରେ । ଭାବ ଛଡ଼ା ଶବ୍ଦରେ ଏହିପରି ଗୋଟିଏ ଶକ୍ତି ଅଛି ଯାହା କି ମୋର ତଥା ଅନ୍ୟାନ୍ୟଙ୍କର କବିତାକୁ ଭିନ୍ନ ଭିନ୍ନ ଭାଷାରେ ପୁଣି ଭିନ୍ନ କରି ପକାଏ ।

ଏହିଠାରେ ଆଉ ଗୋଟିଏ କଥା କହିବାକୁ ଚାହେଁ । ମୋର କବିତା ଲେଖାର ମୂଳରେ ଦୁଇଟି ବାଳକର ମଧୁର ମୋହନ ମୂର୍ତ୍ତି ଏବଂ ସେମାନଙ୍କର ସଙ୍ଗୀତର ମୂର୍ଚ୍ଛନା ମୋତେ ଉଦ୍‌ବୁଦ୍ଧ କରିଛି । ଏହା ବଡ ରହସ୍ୟଜନକ, ବଡ ବିଚିତ୍ର, ତଥାପି ଏହା ସତ୍ୟ କଥା । ମଧ୍ୟ ମଧ୍ୟରେ ହିନ୍ଦି କବିତା ମଧ୍ୟ ଲେଖିଛି । ତା'ର ଭାଷା ମୋର ଏତେ ଦଖଲରେ ନ ରହିଲେ ମଧ୍ୟ ଗୋଟିଏ ଗୋଟିଏ ଶବ୍ଦ ଦ୍ୱାରା ମୋର ଅନ୍ତରରେ ଯେଉଁ ଭାବ ଉଦ୍‌ବେଳିତ ହୋଇଅଛି ତା ପ୍ରକାଶ କରିଛି । ନିମ୍ନରେ ଗୋଟିଏ ଗୋଟିଏ କବିତାର ନମୁନା ଦିଆଗଲା :

ଓଡ଼ିଆ କବିତା :—

ଦେଖିଦେଲେ ପେଟ ପୁରିଗଲା,
ଏତେ ସ୍ନେହ ଏତେ ଶୋଭମାଳା,
କୁଞ୍ଜଲତା ପୁଷ୍ପଭରା ଆଭା
ହସି ହସି ଶଶୀ ସ୍ନେହେ ଗଭା ।

ପ୍ରେମପୂର୍ଣ୍ଣ ଆଖି ନିରମାଖୀ
ଭେକ ଶୋଷ ଯିବ ଭୁଲି ଭେକୀ,
ଜୀବ ଯିବ ଯାଉ ପଛେ ସେହି
ଯାହା ଦେଖେ ତୁଷ୍ଟ ସେହି ପାଇଁ ।

Digitized by srujanika@gmail.com

ଆଉ ଢନେ ପଛେ ମୁଁ ଖାଇବ
ଆଜ ଯାଏ ଦେଖି ସ୍ନେହ ପବ,
ଶୁଦ୍ଧ କର ସ୍ନେହ ତନ୍ତ୍ର ଅଗ୍ନି
ଏହୁପର ଆଣି ତବ ଭଗ୍ନୀ ।

ବ୍ୟବହାର ମଧୁ ମଧୁ ଯାର
ପୁଣି ସେହୁ ପୂର୍ଣ୍ଣ ଜଗଧାର,
ସ୍ୱାର୍ଥ ନାହିଁ ଢଲେ ମାନ ନାହିଁ,
ଘୃର ଚକ୍ଷୁ ବର୍ଷୁ ସୁଧା ରହୁ ।

ଇଂରାଜୀ କବିତା :—

Out of the grave he appeared,
Into the grave he went down,
Life and death, I like

speech and silence

They are the same.
Like violence and non-violence
You understand it, you understand it not
As if violence is non-violence's frown.

ବଙ୍ଗଳା କବିତା—

ଆର୍ ସ୍ବଇନା କୋନ ଆଲୋକଧାରା
ତୋମାର୍ ଦେଓ୍ବା ସୂର୍ଯ୍ୟ ଚନ୍ଦ୍ର ତାରା
ତାରାଇ ହବେ ଆମାର୍ ଜୀବନେର୍ ସାରା ।

ସେଇ ଆଲୋକେ ଉଠିବ
ସେଇ ଆନ୍ଧାରେ ଶୁଇବ

ଜୀବନ ମମ ତୋମାର ହାତେ
ସନ୍ତାନ ଆମି ତୋମାର୍, ତୋମା, ହତେ
ତୋମାଏ ଛେଡ଼େ ଦୂରେ ଦୂରେ
ଘୂର ଯଖନ କଷ୍ଟ ଛେଡେ ।

Digitized by srujanika@gmail.com

ମନେ ହୁଏ ସବୁଇ   ହେଲେ
ତୋମାଏ ପାଓୟାନା ଗେଲ
ସବ୍ଇ ଆମାର ହାରାଲେ
ସୃଷ୍ଟିର ମାଝେଁ ତୋମାର୍ ଆମାର୍ ମିଲନ ଗୁଡ଼ା
ସ୍ୱର୍ଗି କୋଥାଏ ବୋଲେ ।

ହିନ୍ଦୀ କବିତା—

ଦିଲ୍ ମେଂ ଧଧକତୀ ହୈ
ମିଲ୍‌ନେ କେ ଲିଏ ଆଗ୍,
ଅପନୀ କୌମ୍‌କେ ସାଥ୍
କୋନ ରୋକ ସକତା ହୈ
ଯହ ପ୍ରେମକା ବନ୍ଧନ
ହୃଦୟ ମେ ଜବ୍ ଚଲତୀ ହୈ   ବାତ୍ ।

ସଂସ୍କୃତ କବିତା—

ଜୀବନଂ ମମ ସୁନ୍ଦରଂ
କୁରୁ କୁରୁ ତ୍ୱଂ ସତ୍ୱରଂ ।
ଆଜୀବନଂ କର୍ମେମ୍ୟହଂ
ଅପେକ୍ଷାଂ ସୁବୃତ୍ତତରମ୍ ॥
ନହି ନହି ଶୁଷ୍କଃ ପୁନଃ
ସ୍ଥିତୋଽହଂ ସଦା ତ୍ୱଦ୍ଗୃହେ ।
ଉଦ୍ଭିଷ୍ମିତ ଭ୍ରମଃ ଚରଂ
ପଶ୍ୟ ମଧୁ ଇଦଂ ଜଗତ୍ ॥
ନିଃସ୍ପୃହଂ ଜୀବନଂ ତବ
କୁରୁ ସୁନ୍ଦରଂ ଉହର୍ଷଂ ।
କୁରୁ କର୍ମ ଅବିରତଂ
ଚନ୍ଦ୍ରସ୍ୟ   ହୃଦମାସ୍ପନଂ ॥
ଉଷା ସନ୍ଧ୍ୟା ଅରୁଣିମା
ନବୋଡ଼ ସ୍ୱର୍ଣ୍ଣି କାଳିମା ।
ସର୍ବାବସ୍ଥା ମଧ୍ୟେ ସ୍ଥିତମ୍
ଜୀବ ସଦା ଜୀବଲୋକେ ॥

Digitized by srujanika@gmail.com

ଏକୋହ୍ନି ଆଲୋକ-ସ୍ତମ୍ଭଃ
ପ୍ରତିଭାତି ହୃଦୟେ ମେ ।
ବିଶ୍ୱାସେ ନ ଭିନ୍ନ ଦେହଃ
ଜୟତି ଜୀବତି ସତତମ୍ ।।

ସଂଗୀତ ପ୍ରତି ମୋର ଆକର୍ଷଣ

ପିଲାଟି ଦିନେ ମୁଁ ଗୁଣୁ ଗୁଣୁ କରି ଗୀତ ଗାଉଛି, ମା' ଆସି ମୋ ମୁଣ୍ଡରେ ଗୋଟିଏ ମୁଥା ମାରିଦେଲା । କହିଲା—ତୁ ପାଠ ପଢ଼ିବୁ ନା ଗୀତ ଗାଇବୁ ? ସେତେବେଳେ ମୁଁ ଖୁବ୍ ଛୋଟ ପିଲା । ବୋଧ ହୁଏ ୧୦/୧୧ ବର୍ଷ ବୟସ । ଏହାର ପ୍ରତିକ୍ରିୟା ଏପରି ହେଲା ଯେ ମୋର ୪୦ ବର୍ଷ ବୟଃକ୍ରମ ପର୍ଯ୍ୟନ୍ତ ମୁଁ ଯାତ୍ରା ଥିଏଟର ସେପରି କିଛି ଦେଖିନି ।

ବହୁ ବର୍ଷ ପରେ ମୁଁ ଯେତେବେଳେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଥିଲି ସେତେବେଳେ ସ୍ୱର୍ଗୀୟ ଲକ୍ଷ୍ମୀକାନ୍ତ ଚୌଧୁରୀ, ଅଧ୍ୟାପକ, ମୋତେ ସାହିତ୍ୟ ସମାଜ ଘରେ ସଙ୍ଗୀତ କ୍ଲାସ ଚଳାଇବା ପାଇଁ ଅନୁମତି ମାଗିଲେ । ସେ କହିଲେ— ସାହିତ୍ୟ ସମାଜର ଗୋଟିଏ ଶାଖା ଯେତେବେଳେ ସଙ୍ଗୀତ, ଆପଣଙ୍କର ଏଥିରେ କୌଣସି ଆପତ୍ତି ହେବନି । ମୁଁ ଶ୍ରୀରାମଚନ୍ଦ୍ର ଭବନର ଦୋତାଲାରେ ତାଙ୍କୁ ସଙ୍ଗୀତ କ୍ଲାସ ଖୋଲିବା ପାଇଁ ଅନୁମତି ଦେଲି । କିନ୍ତୁ ଗୋଟିଏ ସର୍ତ୍ତରେ । ତାହା ହେଉଛି ଯେ ଯେଉଁଦିନ ସାହିତ୍ୟ ସମାଜର ସଭା ଇତ୍ୟାଦି ଥିବ ସେ ଦିନ ସେ ତାଙ୍କ ନିଜ ଘରେ ସଙ୍ଗୀତ କ୍ଲାସ ଚଳାଇବେ । ଲକ୍ଷ୍ମୀକାନ୍ତ ଚୌଧୁରୀ ସେତେବେଳେ ସାହିତ୍ୟ ସମାଜ କୋଠା ଘରକୁ ଲାଗି ମହେନ୍ଦ୍ର ଭୂୟାଁଙ୍କର ଯେଉଁ କୋଠାଘର ସେଠାରେ ରହୁଥିଲେ । ସୁତରାଂ ବାଦ୍ୟଯନ୍ତ୍ର ଇତ୍ୟାଦି ବୋହିବାର ବିଶେଷ ଅସୁବିଧା ହୋଇ ନ ଥିଲା । ସଙ୍ଗୀତ ଚାଲୁଥାଏ । ମୁଁ କିନ୍ତୁ ଲାଇବ୍ରେରୀ ଆଉ ସାଧାରଣ ସଭା ଇତ୍ୟାଦିରେ ମଗ୍ନ ଥାଏ ।

ମୋର ସମ୍ପାଦକତ୍ୱ ସମୟରେ ମୋର ବନ୍ଧୁ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଘୋଷ ଶ୍ରୀ ରାମଚନ୍ଦ୍ର ଭବନରେ ଟିକେଟ୍ ସହ ଥିଏଟର କରାଉଥିଲେ । ଆମକୁ ପ୍ରତି ରାତି ସେଥିପାଇଁ ଟ ୧୦-୦୦ ମିଳୁଥିଲା । ଭଲେ ଥିଏଟର ହେଉଥାଏ । ଅନେକ ସମୟରେ ମୁଁ କୋଠା ଉପରେ ଗୋଟିଏ ଘରେ ଶୋଇଥାଏ । ଅଶ୍ୱିନୀ ବାବୁଙ୍କର ଇଚ୍ଛା ଯେ ମୁଁ ତାଙ୍କ ନାଟକ ଦେଖି ତାଙ୍କ ନାଟକର କିଛି ସମାଲୋଚନା କରିବି । ମୁଁ ଯିବାକୁ କୁଣ୍ଠିତ ହେଉଥାଏଁ । କିନ୍ତୁ ଥରେ ଥରେ ଅଶ୍ୱିନୀ ବାବୁ ମୋତେ ଆସି ନେଇଯାନ୍ତି; ପୁରା ନ ଦେଖିଲେ ନାହିଁ ଅନ୍ତତଃ ଗୋଟାଏ ଦୁଇଟା

Digitized by srujanika@gmail.com

ଅଙ୍କ ଦେଖନ୍ତି । ଏହା ପୂର୍ବରୁ ମୁଁ କଲେଜରେ ପଢ଼ିଲା ବେଳେ ଏବଂ ହାଇସ୍କୁଲରେ ପଢ଼ିଲା ବେଳେ ମଧ୍ୟ ମୋର ମା' ଯେତେବେଳେ ବାବୁ ଭଗବାନ୍ ଚନ୍ଦ୍ର ଦାସ, ମହାରାଜା ବୈକୁଣ୍ଠନାଥ ଦେ'ଙ୍କ ଘରେ ଯାତ୍ରା ଇତ୍ୟାଦି ଦେଖିବା ଲାଗି ଅନୁରୋଧ କରୁଥିଲା, ମୁଁ ମନା କରୁଥିଲି । ଜଣେ ମୋ ମାଆ ରାଗି ଯାଇ କହିଲା, କୁଣ୍ଡୀ-ଛୁଆଟା, ଦେଖିବ ନା କି ଶୁଣିବ ନା, ଖାଲି ବହି ପଢ଼ିବ—ଘରେ ଶୋଇବ ।

ଏହା ହେଉଁ ହେଉଁ ଉତ୍କଳ ସାହିତ୍ୟ ସମାଜର ସଙ୍ଗୀତଶିକ୍ଷା ଓ ତାର ବାର୍ଷିକ ଅଧିବେଶନ ସମୟରେ ମୋର ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ବଚ୍ଛନ୍ଦଚରଣ ପଟ୍ଟନାୟକ ଯେ କି ବଡ଼ ସଙ୍ଗୀତପ୍ରିୟ ଜଣେ ଗୋଟିଏ ନାଚ କରାଇ ଥିଲେ, ଏବଂ ମୁଁ ସେହି ବାଟେ ଚାଲି ଯାଉଥିଲା ବେଳେ ବଚ୍ଛନ୍ଦବାବୁ ମୋତେ କହିଲେ, ଲକ୍ଷ୍ମୀ-ନାରାୟଣ ବାବୁ, ଗୋଟିଏ ଗୀତ ଶୁଣି ଯାଆନ୍ତୁ । ଯେଉଁ ପିଲାଟି ଗୀତ ଓ ନାଚ କରୁଥିଲା ତାର ନାମ ବଳରାମ । ସେ ଗୀତ ଗାଉଥିଲା, "ସଖି, କାହିଁ ରଖିବ ଏ ନେତ୍ର ? ଉତ୍ତରେ ଚାହିଁଲି ସେ କୃଷ୍ଣ, ଦକ୍ଷିଣେ ଚାହିଁଲି ସେ କୃଷ୍ଣ, ପୂର୍ବ ପଶ୍ଚିମେ ସବୁ ଧାନେ କୃଷ୍ଣ । ଊର୍ଦ୍ଧ୍ୱ ଅଧଃ ସବୁ କୃଷ୍ଣ, ଆକାଶ ଅବନୀ—ନୀଳ, ଶ୍ୟାମଳ ମହୋଦଧି ସେହି ନୀଳ । ଆଖି ବୁଜି ଦେଲି ସେହି କୃଷ୍ଣ ନୀଳ, ଏଥର କହ ସଖି, ମୁଁ ମୋର ନେତ୍ର କେଉଁଠାରେ ରଖିବ ?" ଏହି ଗୀତ ବାଳକ କଣ୍ଠର ଲଳିତ ସ୍ୱର ଓ ମଧୁର ହାବଭାବ ଓ କଟାକ୍ଷ ଦ୍ୱାରା ଏପରି ତନ୍ମୟ କରି ପକାଇଥିଲା ଯେ ମୁଁ ସେହି ମୁହୂର୍ତ୍ତରୁ ମୋର ରୁଦ୍ଧ ବାସନା, ସଙ୍ଗୀତ ଶୁଣିବାର ଶିଖିବାର ଇଚ୍ଛାର ଦ୍ୱାର ଫିଟିଗଲା ବୋଲି ଅନୁଭବ କଲି ।

ଏହିପରି ବର୍ଷେ ଦୁଇ ବର୍ଷ ଗଲା । ସେ ପିଲାଟି ଯେଉଁଠି ଯାଏ ଗୀତ ନାଚ କରିବାକୁ ମୁଁ ପ୍ରଲୁବ୍ଧ ହୁଏ ସେଠାକୁ ଯିବାକୁ । ତା ପରେ ଲକ୍ଷ୍ମୀକାନ୍ତ ଉତ୍କଳ ସଙ୍ଗୀତ ସମାଜ ସ୍ଥାପନ କଲେ । ସେତେବେଳେ ସ୍ୱର୍ଗୀୟ ବାବୁ ବ୍ରଜସୁନ୍ଦର ଦାସ ଉପସ୍ଥିତ ଥାନ୍ତି । ସେ ପ୍ରସ୍ତାବ କଲେ ଯେ ମୁଁ ଉତ୍କଳ ସଙ୍ଗୀତ ସମାଜର ସଭାପତି ହେବି । ସଙ୍ଗୀତର 'ସ' ଅକ୍ଷର ଯେ ଜାଣେନା ସେ ଉତ୍କଳ ସଙ୍ଗୀତ ସମାଜର ସଭାପତି ! ଅନେକ ନା ନା କରି ସେଥିରୁ ଉଦ୍ଧାର ପାଇଲି । କିନ୍ତୁ ମୁଁ ନିଜେ ବାଛି ନେଲି ଗୋଟିଏ ପଦବୀ । ତାହା ହେଉଛି ଉତ୍କଳ ସଙ୍ଗୀତ ସମାଜର ସଙ୍ଗୀତ ସମ୍ମିଳନୀର Organiser ଏବଂ ସେହି ସମୟରେ ୩/୪ ବର୍ଷ ମୁଁ ଏତେ ସଙ୍ଗୀତ ସମ୍ମିଳନୀ କରାଇଲି—ଜିଲ୍ଲାରେ, ଗ୍ରାମରେ, ପଠାରେ, ବଜାରେ ଯେ ତାର ଇୟତ୍ତା ନାହିଁ । ଏହାର ଫଳରେ ଉତ୍କଳର ଅନେକ ସ୍ଥାନରେ ସଙ୍ଗୀତର ଚର୍ଚ୍ଚା ହେବାକୁ ଆରମ୍ଭ ହେଲା, ବିଶେଷତଃ କଟକ ସହରରେ ୧୪/୧୫ ଜଣ

Digitized by srujanika@gmail.com

ସଙ୍ଗୀତଜ୍ଞ । ସଙ୍ଗୀତ ଶିକ୍ଷକ ହୋଇ ଘରେ ଘରେ ସଙ୍ଗୀତ ଶିଖାଇବାକୁ ଲାଗିଲେ ।

୧୯୧୮ ଖ୍ରୀଷ୍ଟାବ୍ଦରେ ଥରେ ଏଲାହାବାଦରେ ସଙ୍ଗୀତ କଲେଜର ସଙ୍ଗୀତ ଅଧ୍ୟାପକଙ୍କୁ ଅନୁରୋଧ କରିଥିଲି ଗୋଟିଏ ଗୀତ ଗାଇବାକୁ । ସେ ପ୍ରାୟ ୪୦ ମିନିଟ୍ ଧରି 'ଆ ଆ' କଲେ । ତା ପରେ ଥମି ଗଲାରୁ ମୁଁ ତାଙ୍କୁ କହିଲି, ଏଥର ଗୋଟିଏ ଗୀତ ଗାଆନ୍ତୁ । ସେ କହିଲେ— ଏ ଚାଳିଶ ମିନିଟ ଧରି ମୁଁ କଣ କରୁଥିଲି ? ମୁଁ ତ ଗୀତ ହିଁ ଗାଉଥିଲି । ସ୍ୱମ୍ ଉହ୍ମମ୍ ପଦ ଉଚ୍ଚାରଣ କରି ଗାଇଲେ କା ମନରେ ଆନନ୍ଦ କା ମନରେ ବା ଦୁଃଖ; ସେ କଥା ମୁଁ କରିବାକୁ ଯିବି କାହିଁକି ? ମୋର ତ ସୁର ସହିତରେ ସମ୍ବନ୍ଧ । ମୋର ଅକ୍ଷର ସହିତରେ ସମ୍ବନ୍ଧ ଦରକାର କ'ଣ ?

ସେ ଦିନ କିଛି ବୁଝି ପାରି ନ ଥିଲି । ଆଜି ସେ କଥା ଟିକେ ଟିକେ ବୁଝିଛି । ଉସ୍ତାଦମାନଙ୍କ ଆସରରେ ଏହି ସବୁ ଗୀତର ଗୋଟିଏ ଧାଡ଼ିକୁ ଅବଲମ୍ବନ କରି ଗୀତ ଚର୍ଚ୍ଚା ହୁଏ । କଣ୍ଠର ଆରୋହଣ, ଅବରୋହଣ, ମୂର୍ଚ୍ଛନା ସଙ୍ଗୀତର ଚମକ ଓ ଶିଳ୍ପକାରୀ ସଙ୍ଗୀତ-ଅନ୍ୱେଷୀମାନଙ୍କୁ ଗୋଟିଏ ପୁରରୁ ଅନ୍ୟ ପୁରକୁ ନେଇ ଚାଲିଯାଏ ।

କିଛି ଦିନ ଗଲା । ଥରେ କଟକର ଛତିଆକୁ ଯାଇଥିଲି । ସେଠାରେ ଗୋଟିଏ ଶ୍ୟାମଳ ବର୍ଣ୍ଣ ସାନ ପିଲାଟି କଣ୍ଠରୁ ମୋର ଜଗତ୍କାଣ୍ଡ ବନ୍ଧୁ ଲକ୍ଷ୍ମୀକାନ୍ତଙ୍କ ରଚିତ 'ଭଙ୍ଗା ମୋର ଡଙ୍ଗା ଝଣ୍ଟକ ଯାଉଛି ବୁଡ଼ି' ଏହି ଗୀତ ଶୁଣି ମୁଁ ଏକାବେଳକେ ବିମନା ହୋଇଗଲି । ସେହି ପିଲାଟିକୁ ଆପଣାର କରିବାର ପାଇଁ, ଓଃ, କେତେ କଷ୍ଟ ସ୍ୱୀକାର ନ କରିଛି । ସେହି ପିଲାର ନାମ ଆଜି ଉଦୟନାଥ ସାହୁ । ମୁଁ ତାକୁ କେତେ ଯାତ୍ରାବାଲାମାନଙ୍କ ପାଖରୁ ଛଡ଼ାଇ ଆଣିଛି । ତାକୁ ଧରି କେତେ କାନ୍ଦିଛି । ସେ କିଛି ବେଶୀ ସଙ୍ଗୀତ ମଧ୍ୟ ଜାଣି ନ ଥିଲା । ସଙ୍ଗୀତ ଶିଖାଇବା ପାଇଁ ତାକୁ ଧରି ମୁଁ ନିଜେ ଓଡ଼ିଶାର ସାନ ବଡ ସବୁ ସଙ୍ଗୀତଜ୍ଞଙ୍କ ପାଖରେ ଘଣ୍ଟା ଘଣ୍ଟା ବସିଛି । ଉଦୟନାଥର କଣ୍ଠରେ ଏହିସବୁ ଉସ୍ତାଦମାନେ ମଧ୍ୟ ମୁଗ୍ଧ ହୋଇଥିଲେ । ଉଦୟନାଥକୁ ତାର ଘରେ ତାର ବାପ 'ନାଥ' ବୋଲି ଡାକୁଥିଲେ । ମୁଁ ତାକୁ ସେହି ନାମରେ ଅଦ୍ୟାପି ଡାକେ । ସେ ପାଠପଢ଼ା କିଛି ଜାଣି ନ ଥିଲା । ମୁଁ ତାକୁ ସାଇକେଲ ପଛରେ ବସାଇ କଟକ ବଜାରର ସବୁ ସାଇନ ବୋର୍ଡ ଦେଖାଇ ଇଂରାଜୀ ବଙ୍ଗଳା ପ୍ରଭୃତି ଶିକ୍ଷା ଦିଏ । କୌଣସି ସ୍କୁଲରେ ପାଠ ନ ପଢ଼ାଇ ତାକୁ ଦୁଇତିନି ବର୍ଷ ପରେ ପ୍ରାଇଭେଟ୍‌ରେ ମାଟ୍ରିକ୍ୟୁଲେସନକୁ

Digitized by srujanika@gmail.com

ପଠାଇଲି । ତା ପରେ କଟକ ମିଶନ ସ୍କୁଲରେ Eleventh classରେ ବର୍ଷେ ପଢ଼ି ସେ ମାଟ୍ରିକୁଲେସନ୍ ପାସ୍ କଲା, ପର୍ଷେ ପର୍ଷେ ଦୁଇ ବର୍ଷ ପରେ ଆଇ. ଏ. ପାସ୍ କଲା । ମାତ୍ର ମୁଁ ଚାଲିଗଲି ଦିଲ୍ଲୀ ୧୯୫୨ରୁ ୧୯୫୮ ପର୍ଯ୍ୟନ୍ତ ବିଧାନସଭାର କାର୍ଯ୍ୟ ନେଇ । ଆଉ ନାଥ ପଢ଼ିଲା ବି.କମ୍., କିନ୍ତୁ ସେ ପାସ୍ କଲାନି ।

ମୋର ପିତା—ଗୋଟିଏ ମୁସଲମାନ ବୁଢ଼ା, ଗୋଟିଏ ହିନ୍ଦୁସ୍ଥାନୀ ମୋଟ

ବକ୍ସିବଜାର ଧୋବି ଲେନ୍‌ରେ ଜଣେ ମୁସଲମାନ ବୁଢ଼ା ଥାଆନ୍ତି । ସେ ହାଜି ଥିଲେ । ତାଙ୍କର କୋଠାଘର ସବୁ ବୁଦ୍‌ବୁଦ ଫଟୋ ଦୋକାନ ଆଉ ଏର୍ଡ଼ ଓଆର୍ଡ ମେଡ଼ିକାଲ ହଲ ଇତ୍ୟାଦି ଥିଲା ! ତାଙ୍କର ଜମ୍ବୁ ହୁକଟୋଲାରେ ଜାହାଜ କାରବାର ଚାଲିଥିଲା । ସେ ବଡ଼ ମନ୍ଦମନ ଲୋକ । ୧୯୨୨ ଖ୍ରୀଷ୍ଟାବ୍ଦର କଥା । ମୁଁ ସେତେବେଳେ Star of Utkal ବାହାର କରୁଥାଏ । ହାଜି ଦିନେ ମୋ ଘରକୁ ଆସିଲେ—ଦେଉଳସାହିକୁ ଉଦ୍‌ଗା ପଡ଼ିଆରେ । କିପରି ଜମ୍ବୁ ହୁକଟୋଲା ବନ୍ଦର ଚାଲୁ ହେବ ଏହି ତାଙ୍କର ଇଚ୍ଛା । ମୁଁ ସେହି ବିଷୟ ମଝି ମଝିରେ Star of Utkalରେ ଲେଖିଲି । ଦିନେ ସେ ମୋ ପିଣ୍ଡାରେ ବସିଛନ୍ତି, ମୁଁ ଲକ୍ଷ୍ୟ କଲି ଯେ ତାଙ୍କ ଗଣ୍ଡ ବାହି ଅଶ୍ରୁଧାର ବୋହି ଯାଉଛି । ପଚାରିଲି—ଆପଣ କାନ୍ଦୁଛନ୍ତି କାହିଁକି ? ସେ କହିଲେ, ଦେଖ ମୋର ପୁଅ ମରିଯାଇଛି । ତୁମକୁ ଦେଖିଲେ ମୋର ପୁଅର କଥା ମନେ ପଡ଼ୁଛି । ତତ୍କ୍ଷଣାତ୍ ମୁଁ ତାଙ୍କୁ ଜୁହାର ହେଲି ଏବଂ କହିଲି, ମୁଁ ଆପଣଙ୍କର ପୁଅ । ବୁଢ଼ା ଅଶ୍ରୁ ପ୍ଲାବିତ ହୋଇଗଲା ଏବଂ ସେହି ଦିନୁ ଯେତେ ପର୍ବପର୍ବାଣି ତାଙ୍କର ହୁଏ, ମୋତେ ସଙ୍ଗରେ ନେଇ ତାଙ୍କ ଘରେ ଧୋବିଲେନ୍‌ରେ ଖୁଆନ୍ତି । ମୋତେ ବଡ଼ ଭଲ ଲାଗିଥିଲା ଏହି ସମ୍ପର୍କ ଆଉ ଏହି ବ୍ୟବହାର । ଆଜି ସେ ମରିଗଲେଣି । ତାଙ୍କର ସମ୍ପତ୍ତି ଇତ୍ୟାଦି କଟକରୁ ସବୁ ଚାଲି ଗଲାଣି । ତାଙ୍କର ପୁଅର ଗୋଟିଏ ପୁଅ ଥିଲା । ତାଙ୍କୁ ବୁଢ଼ୁ ବୋଲି ଡାକୁଥିଲେ । ସେ କଲିକତାରେ Canning Streetରେ ଯେଉଁ ବଡ଼ ମସଜିଦ୍ ଅଛି ତାର ତ୍ତ୍ୱାବଧାନ କରୁଥିଲେ । ଆଜିକାଲି କେଉଁଠି, ଜାଣେ ନାହିଁ । ବୁଢ଼ୁଙ୍କୁ ଦେଖିଲେ ମୋର ପୁଅ ଭଳି ମନେହୁଏ ଏବଂ ସେ ମୋତେ ମଧ୍ୟ ସେହି ପିତା ବା ଗୁରୁ ଦୃଷ୍ଟିରେ ଦେଖେ ।

ଓଡ଼ିଆ ବଜାରରେ ଏକ ମୋଟ ଥାଏ । ସେ ହିନ୍ଦୁସ୍ଥାନୀ ମୋଟ, ଅର୍ଥାତ୍ ତାଙ୍କ ଘରେ ହିନ୍ଦୀ କଥାବାର୍ତ୍ତା କରନ୍ତି । ଦିନେ ମୁଁ ମିଶନ ସ୍କୁଲରେ ମାଷ୍ଟ୍ରିଗ୍ରି

Digitized by srujanika@gmail.com

କରୁଥିଲି ବେଳେ ତାଙ୍କ ପାଖକୁ ଯାଇଥାଏଁ, ମୋ ଜୋତା ମରାମତ କରିବା ପାଇଁ । ଗ୍ରେଟ୍ ଘରଟି । ସାମନାରେ ଗୋଟିଏ ଜାମ ଗଛ । ମୁଁ ସେଇଠି ଅନେକ ସମୟରେ ବସି ଜୋତା ମରାମତ କରି ଆଣେ । ଦିନେ ବୁଢ଼ାଙ୍କୁ ଦେଖେଁ ତ— ତାଙ୍କ ମୁଖମଣ୍ଡଳ ଅଶ୍ରୁଭରା ଆଉ ସେ ଧଁଇସି ହେଉଛନ୍ତି । ମୁଁ ପଚାରିଲି, କାହିଁକି ? ବୁଢ଼ା କହିଲା, ଦେଖ, ମୋ ପୁଅ କଲିକତାକୁ ଆଜକୁ ଦଶ ବାର ବର୍ଷ ହେଲା ଚାଲିଯାଇଛି, ଆଉ ତୁମକୁ ଦେଖିଲାକ୍ଷଣି ତା କଥା ବେଶୀ ମନେ ପଡ଼ୁଛି । ମୁଁ ବୁଢ଼ାର ପାଦ ଛୁଇଁଲି ଆଉ କହିଲି, ମୁଁ ଆପଣଙ୍କର ପୁଅ । ବୁଢ଼ାର ପ୍ରାଣରେ ଆନନ୍ଦ ଆସିଲା । ମୁଁ ସବୁବେଳେ ତାଙ୍କ ପାଖରୁ ଜୋତା ମରାମତି କରାଉଥିଲି ଏବଂ ତାଙ୍କର ପାଖରେ ବସୁଥିଲି । ଶେଷରେ ସେ ବୁଢ଼ାର ବୋହୂ ମୋତେ ଭଲ ପାଇବାକୁ ଲାଗିଲା, ଆଉ ତାର ପିଲାପିଲାଙ୍କୁ କିମ୍ବା ବୁଢ଼ାଙ୍କୁ ଜ୍ୱର ଆଦି ହେଲେ ମୋ ପାଖକୁ ଆସେ । ମୁଁ ଔଷଧ ଆଉ ତା ସାଙ୍ଗରେ କିଛି ଜଳଖିଆ ଆକାରରେ ଦ୍ରବ୍ୟମାନ ଦିଏଁ । ବୁଢ଼ା ଚାଲିଗଲା । ପୁଅ ଫେରିଆସିଲା । ପୁଅ ମୋତେ ଭାଇ ବୋଲି ଭାବୁଥିଲା । ଆଉ କେତେବର୍ଷ ହେଲା ସେ ପୁଅକୁ ମଧ୍ୟ ଦେଖୁନାହିଁ କିମ୍ବା ସେ ବୋହୂକୁ ମଧ୍ୟ ଦେଖୁନାହିଁ । କାଳର ଗତି । ହାୟ ! ହାୟ !

ମୋର ଏକାଗ୍ରତା

ମୋର ଏପରି ଗୋଟିଏ ଅଭ୍ୟାସ ଯେ ଯେତେ ଗୋଳମାଳ ହେଉଥାଉ ପଛେ ମୁଁ ତାହାର ଭିତରେ ବନ୍ଦ ପଡ଼ି ପାରିବି । ଏଟା ଅନେକ ବନ୍ଧୁଙ୍କୁ ବଡ ଆଶ୍ଚର୍ଯ୍ୟ ଲାଗେ । ମୋ ପକ୍ଷରେ ଏହା ସହଜ, ସ୍ୱାଭାବିକ । ସବୁ ଗୋଳମାଳ ଭିତରେ ମୁଁ କବିତା ମଧ୍ୟ ରଚନା କରେ । ପ୍ରବନ୍ଧ ମଧ୍ୟ ଲେଖେ । ମୋର ମନେହୁଏ ମୁଁ ଟିକିଏ ଅତି ବେଶୀ ଏ ଜଗତର ବାହାରେ । ସେଥିପାଇଁ ଏହା ସହଜ ମୋ ପକ୍ଷରେ । ଅପର ପକ୍ଷରେ ଏହା ସହଜ ନୁହେଁ ।

ମୁଁ ଯେତେବେଳେ ଇଞ୍ଜିନିୟରିଂ କଲେଜରେ ପଢ଼ୁଥିଲି (ଶିବପୁର) ସେତେବେଳେ ଟଙ୍କାର ଅଭାବ ହେଲା । ଉତ୍କଳ ସମ୍ମିଳନୀ ମୋତେ ପଠାଇ ଥିଲେ ଇଞ୍ଜିନିୟରିଂ ପଢ଼ିବା ପାଇଁ—କିନ୍ତୁ ଶେଷରେ ଟଙ୍କା ଦେଲେ ନାହିଁ ।

ଗୋକୁଳାନନ୍ଦ ଚୌଧୁରୀ ସେତେବେଳେ ଉତ୍କଳ ସମ୍ମିଳନୀର ସେକ୍ରେଟେରୀ ଥାଆନ୍ତି । ମୁଁ ତାଙ୍କ ସଙ୍ଗରେ ଦେଖା କଲି କାଠଯୋଡ଼ି କୂଳରେ ତାଙ୍କ ଘରେ । ମୋ କଥା କହିଲି । ସେ କହିଲେ, ବର୍ତ୍ତମାନ ସେକ୍ରେଟେରୀ ମୁଁ ନୁହେଁ, କନିକା ରାଜା ସେକ୍ରେଟେରୀ, ସେଠାକୁ ଯାଅ ।

Digitized by srujanika@gmail.com

ମୁଁ କହିଲି, ଆମକୁ—ଯୁବକମାନଙ୍କୁ ଅନୁପ୍ରାଣିତ କରି କଲେଜକୁ ପଠାଇ ପରେ ଟଙ୍କା ନ ଦେବା ଦ୍ୱାରା ଆମର ଜୀବନ ମାଟି ହେଉଛି ।

ଗୋକୁଳାନନ୍ଦ ବାବୁ ମୋତେ କହିଲେ, ତୁମେ ଏ ଘରୁ ବାହାର ଯାଅ । ମୁଁ ବାହାର ଆସିଲି । ପରେ ଇଚ୍ଛାପୁର ଯାଇ ଚକିଟି ରାଜାଙ୍କ ସହିତ ସାକ୍ଷାତ କଲି । ସେ କହିଲେ, ମୁଁ ସେଠେଟେରି ହୋଇଛି ସିନା, ମୋତେ ଟଙ୍କା ପଇସା କିଛି ଦେଇନାହାନ୍ତି । ଏହିପରି ଅବସ୍ଥାରେ ନିରାଶ ହୋଇ ଫେରିଲି । ପରେ ଯେପରି ଭାବରେ ଜଳକିଆ ରୈର କରି ଖାଇ ଆତ୍ମହତ୍ୟା କରିବାକୁ ମନ କଲି ଓ ପରିଶେଷରେ ଇଞ୍ଜିନିୟରିଂ କଲେଜ ଛାଡ଼ି ଚାଲାଇ ଆସିଲି ତାହା ବ୍ୟକ୍ତ କରିଛି ।

ହେମଚନ୍ଦ୍ର ସରକାର କହୁଥିଲେ,'ଲଛି, ତୁମି Philosopher ହବେ' । ମୁଁ କିନ୍ତୁ ୧୯୩୯ ସାଲରେ ଫିଲୋସଫିରେ ଏମ୍ ଏ. ପରୀକ୍ଷା ଦେଇ ଫେଲ୍ ହେଲି, ଅଥଚ ଜୀବନରେ ଯେତେ ଏମ୍.ଏ. ପରୀକ୍ଷା ଦେଇଛି ଏହି ଫିଲୋସଫି ପରୀକ୍ଷା ପ୍ରଶ୍ନର ଉତ୍ତର ଦେବାରେ ବଡ଼ ଆନନ୍ଦ ପାଇଥିଲି ଏବଂ ମନେ ମନେ ଭାବିଥିଲି, ହୁଏତ High Second Class ପାଇବି; କିନ୍ତୁ ଫେଲ ହେଲି । ସେ ତ ଗଲା ଫେଲ୍ କଥା । କିନ୍ତୁ ମୁଁ ଜୀବନରେ ଏହି ଫିଲସଫି ବହି ପଢ଼ିବାକୁ ଭଲ ପାଏ ଏବଂ ପଢ଼େ, ଏବେ ବି ପଢ଼ୁଛି । ମୋର କବିତାଗୁଡ଼ିକ ସବୁ Philosophical ହୋଇଥାଏ ।

ଠିକ୍ ଏହିପରି ମୁଁ ଯେତେବେଳେ ବାଲେଶ୍ୱର ଜିଲାସ୍କୁଲରେ ପଢ଼ୁଥିଲି, ୧୯୦୫-୧୯୦୬-୧୯୦୭-୧୯୦୮ ସାଲର କଥା, ଯେତେବେଳେ ମୋର ସଂସ୍କୃତ ପଣ୍ଡିତ ଲୋକନାଥ ମହାପାତ୍ର ମତେ ବରାବର କହୁଥିଲେ, ତୁ କଲିକତା ସଂସ୍କୃତ କଲେଜର ପ୍ରଫେସର ହେବୁ । କିନ୍ତୁ କେବେହେଲେ ତାହା ହୋଇ ପାରିଲି ନାହିଁ ଏବଂ ସଂସ୍କୃତ ପ୍ରତି ମୋର ଝୁଙ୍କ ଥିଲେ ମଧ୍ୟ ସଂସ୍କୃତ ଭଲ କରି ଶିଖି ପାରିଲି ନାହିଁ ।

ଏହି ସବୁ ପାଇଁ ମନସ୍ତାପ ହୁଏ । କିନ୍ତୁ ମୁଁ ବିଶ୍ୱାସ କରେ ମୋ ହାତରେ କିଛି ନାହିଁ । ଜଣେ 'ସେହି' ଯାହା ଯେପରି କରାଉଛନ୍ତି ମୁଁ ସେପରି କରୁଛି । ଅତଏବ ଦୁଃଖ କାହିଁକି ? ଅନୁତାପ କାହିଁକି ? ଭାବନା କାହିଁକି ? ଠିକ୍ ସେହିପରି ମୁଁ ଯେତେବେଳେ ବାଲେଶ୍ୱରସ୍ଥ ବାରବାଟୀ ମାଇନର ସ୍କୁଲରେ ପଢ଼ୁଥିଲି ସେତେବେଳେ ଅଙ୍କରେ ବରାବର ଫାଷ୍ଟ ହେଉଥିଲି । ମୋର ହେଡ୍‌ମାଷ୍ଟର ମୋତେ ଏଥିପାଇଁ ଭାରି ଭଲ ପାଉଥିଲେ, ଝୁଙ୍କା କରୁଥିଲେ । ଉମେଶ ଚନ୍ଦ୍ର ପାଟୀଗଣିତରେ ଯେତେ କଠିନ କଠିନ ଅଙ୍କ, ହେଡ୍‌ମାଷ୍ଟର ଏବଂ ଅନ୍ୟାନ୍ୟ

Digitized by srujanika@gmail.com

ମାଷ୍ଟରମାନେ କରି ପାରୁ ନ ଥିଲେ, ମୁଁ ସେ ସବୁ ସେହି ବାର ତେର ବର୍ଷ ବୟସରେ କରି ଦେଉଥିଲି । ଆଜି କରି ପାରିବି ନାହିଁ ।

ଏ ସମୟରେ ମୁଁ ତ ଭୂଗୋଳରେ ଖୁବ୍ ଧୁରନ୍ଧର ଥିଲି । କିନ୍ତୁ ଆଜି ଭୂଗୋଳ ଜ୍ଞାନ କମି ଗଲଣି । ସବୁ ତାଙ୍କରି ଇଚ୍ଛା । ହୁଏ ତ ନୂଆ ନୂଆ ଦେଖେଇବେ ସେ । ସେଥିପାଇଁ ପୁରୁଣାକୁ ଭୁଲେଇ ଦେଇଛନ୍ତି । କିନ୍ତୁ ତା'ର ରସ ତ ଅଛି, ସାର ତ ଅଛି ଅନ୍ତରରେ । ତାଙ୍କର ଇଚ୍ଛାରେ ନୂତନ ନୂତନ ଜ୍ଞାନ, ନୂତନ ନୂତନ ଭାବଧାରା, ନୂତନ ନୂତନ ସ୍ୱପ୍ନ, ନୂତନ ନୂତନ ରାଜ୍ୟ, ନୂତନ ନୂତନ ମନୁଷ୍ୟ ସବୁ ଦେଖି ପାରିବି । ଜୀବନକୁ ସବୁବେଳେ ନୂଆ କରି ରଖି ପାରିବି । ଏହାହିଁ ବୋଧ ହୁଏ ତାଙ୍କରି ଇଚ୍ଛା । ତାଙ୍କରି ଇଚ୍ଛା ହିଁ ପୂର୍ଣ୍ଣ ହେଉ ।

ଦାଦାଭାଇ ନୌରଜୀଙ୍କ ମୃତ୍ୟୁ

୧୯୧୭ ଖ୍ରୀଷ୍ଟାବ୍ଦରେ ଦାଦାଭାଇ ନୌରଜୀଙ୍କର ମୃତ୍ୟୁ ଘଟିଲା ବୋମ୍ବାଇ ସହରରେ । ମୁଁ ସେତେବେଳେ ବମ୍ବେରେ ଥିଲି । ତାଙ୍କ ଘର ପାଖକୁ ଲୋକ ଯାଇଥିଲେ ତାଙ୍କୁ ଶେଷ ଦର୍ଶନ କରିବା ପାଇଁ । ମୁଁ ମଧ୍ୟ ଯାଇଥିଲି । ଅସଂଖ୍ୟ ଲୋକ ତାଙ୍କ ଘର ଠାରୁ ନିସ୍ତବ୍ଧ ଘର (Tower of Silence) ପର୍ଯ୍ୟନ୍ତ, ସମସ୍ତେ ନୀରବରେ ଚାଲିଥିଲେ । ଲକ୍ଷ ଲକ୍ଷ ଲୋକ ସେ ପ୍ରସେସନ୍‌ରେ ଥିଲେ । ସୌଭାଗ୍ୟ, ମୁଁ ଥିଲି ଠିକ୍ ତିଲକଙ୍କ ପଛରେ । ଆଉ ପ୍ରେରଣା ପାଇଁ ତାଙ୍କ ଜାମାକୁ ମଝିରେ ମଝିରେ ଛୁଇଁ ଦେଉଥାଏ । କେଡ଼େ ବଡ଼ ଲୋକ ବାଳ ଗଙ୍ଗାଧର ତିଲକ ! ଆଉ କେଡ଼େ ବଡ଼ ଲୋକ ଦାଦ ଭାଇ ନୌରଜୀ ! ଏହି ଅବସରରେ ମୋର ସେଠାରେ ମିଳନ ମହା ସୌଭାଗ୍ୟର କଥା କହିବାକୁ ହେବ ।

ଶାନ୍ତିରେ ଗୋଟିଏ ଶବ୍ଦ ନାହିଁ । ଲକ୍ଷ ଲକ୍ଷ ଲୋକ ଚାଲୁଥାନ୍ତି । ନୀରବତାରୁ ଗୋଟିଏ ମହାନତା ଅନୁଭୂତରେ ଆସୁଥିଲା । ବମ୍ବେରେ ମହାସମୁଦ୍ର ପରି ଏହି ଜନତା ଯେପରି କାହାକୁ ଅନୁଭବ କରି ଚାଲିଥିଲା ଶାଶ୍ୱତର ପଥରେ । ଏ ଅବସରରେ ଅଧିକ ଦେଖିବାର କଥା କିଛି ନ ଥିଲା । ଅଠାନବେ ବର୍ଷ ବୟଃକ୍ରମରେ ଦାଦାଭାଇଙ୍କର ଶେଷ ନିଦ୍ରା ହୋଇଥିଲା । କି ଶାନ୍ତିମୟ ! ଏହି ଯାତ୍ରାରେ Rt. Hon. ଶ୍ରୀନିବାସ ଶାସ୍ତ୍ରୀ ମଧ୍ୟ ଥିଲେ । ମୁଁ କିନ୍ତୁ ତିଲକଙ୍କ ପାଖରେ ଠିକ୍ ପଛରେ ଥିଲି ।

Digitized by srujanika@gmail.com

ମୋର ବର୍ମାଭ୍ରମଣ

ପିଲାଦିନେ ନାହାକ ଯେତେବେଳେ ମୋର ଜାତକ ଦେଖିଥିଲେ ସେଥିରେ ସେ କହିଥିଲେ ଯେ ମୋର ସମୁଦ୍ରଯାତ୍ରା ଯୋଗ ଅଛି । ଏହା ଛଡ଼ା ମୋର ହାତ ଯେଉଁମାନେ ଦେଖନ୍ତି ସେମାନେ ମଧ୍ୟ କହନ୍ତି ଯେ ମୋର ସମୁଦ୍ରଯାତ୍ରାର ଯୋଗ ଅଛି । ଅନେକ ଦିନ ଅନେକ ବର୍ଷ ବିତି ଗଲା, କାହିଁ, ମୋର ସମୁଦ୍ରଯାତ୍ରା କାହିଁ ? କିନ୍ତୁ ଦିନେ ହଠାତ୍ କଟକର ଚାନ୍ଦିନୀଚୌକ ମାଝରେ ମୋର ବନ୍ଧୁ ଦାମୋଦର ମିଶ୍ରଙ୍କ ସହିତରେ ଦେଖା ହେଲା । ଦାମୋଦର ମିଶ୍ର ବିଶ୍ୱନାଥ ମିଶ୍ର ବାରିଷ୍ଟର ଯିଏ ଥିଲେ ତାଙ୍କ ସାନ ଭାଇ । ହଠାତ୍ ମୁଁ ପଚାରିଲି, ଆପଣ ଆଜିକାଲି କେଉଁଠି ଅଛନ୍ତି ? ଏହା ହେଉଛି ୧୯୨୭ ଖ୍ରୀଷ୍ଟାବ୍ଦର କଥା । ସେ କହିଲେ, ମୁଁ ଆଜିକାଲି ବର୍ମାରେ ଅଛି । ମୁଁ କହିଲି, ଆପଣ କେବେ ବର୍ମା ଫେରିବେ ? ସେ କହିଲେ, କାଲି ମୁଁ ଯାଉଛି । ମୁଁ କହିଲି, ମୋତେ ସାଙ୍ଗରେ ନେବେ ? ସେ କହିଲେ, ଆସନ୍ତୁ । ମୁଁ ପଚାରିଲି—କେତେ ଟଙ୍କା ପଡ଼ିବ ? ସେ କହିଲେ, ଯାହା ପାଇବେ ଆଣନ୍ତୁ ।

ମୁଁ ଆସି ଦେଖିଲି ଯେ ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ୍‌ରେ ମୋର ପଚିଶ ଛବିଶ ଟଙ୍କା ଅଛି । ସେଥିରୁ ପଚିଶ ଟଙ୍କା ବାହାର କଲି । ଏବଂ କଥା ହୋଇଥାଏ ଷ୍ଟେସନ ଠାରେ ଦେଖା ହେବ । ମୁଁ ଆଗରୁ ଆସି କଲିକତାକୁ ଖଣ୍ଡେ ଥାର୍ଡକ୍ଲାସ୍‌ର ଟିକେଟ୍ କିଣିଲି । ଦାମବାବୁ ଆସି ମୁଁ ଟିକେଟ୍ କିଣିଛି କି ନାହିଁ ପଚାରିଲେ । ମୁଁ ହଁ କହିବାରୁ ଟିକେଟ୍ ମାଗିଲେ । ସେ ଥାର୍ଡକ୍ଲାସ ଟିକେଟ୍‌ଟିକୁ ବଦଳାଇ ଦୁଇଖଣ୍ଡ ଇଣ୍ଟର କ୍ଲାସ୍ ଟିକେଟ୍ କିଣିଲେ । କଲିକତାରେ ପହଞ୍ଚିଲା ବେଳକୁ ମୋ ପାଖରେ ଷୋଳ ଟଙ୍କା ଥାଏ । ଯେଉଁ ଦିନ କଲିକତାରେ ପହଞ୍ଚିଲି ତହିଁ ଆରଦିନ ହାଓଡ଼ାରେ ଷ୍ଟିମର ଘାଟକୁ ଆସିଲୁ । ଦାମବାବୁ ମୋ ପାଖରୁ ଷୋଳ ଟଙ୍କା ନେଲେ ।

Deck passenger ହୋଇ ଆମ୍ଭେମାନେ ରେଙ୍ଗୁନ୍ ଚାଲିଲୁ । ଡେକ୍ ପାସେଞ୍ଜର ହେବା ଅର୍ଥ ଏ କଥାରେ ପ୍ରକାଣ୍ଡ ଜାହାଜର ତଳପଟା ପାଖରେ ଯେଉଁଠାରେ ସମୁଦ୍ରଲହଡ଼ି ସେ ପଟା ଉପରେ ପିଟି ପିଟି ଚାଲି ଯାଉଛି ସେଇଠି ସ୍ଥାନ । ସେଇଠି ଘଡ଼ିରେ ଶୋଇଲି । ସକାଳୁ ଉଠି ଠିଆ ହେଲା ବେଳକୁ ଟଳଟଳ ହେଉଥାଏ । ମନେ ହେଉଥାଏ ଯେପରି କି ମଦ ଖାଇଛି, ଆଉ ମୋର ଗୋଡ଼ ଠିକ୍ ରହୁ ନାହିଁ । ସତକୁ ସତ ଠିଆ ହୋଇ ଆସି ମୋର ବସିବାର ଜାଗା ପାଖେ ହୋଇଛି, ବାନ୍ତି ହେଲା । ଏହାକୁ Sea sickness କହନ୍ତି । ଅନେକ ଲୋକ

Digitized by srujanika@gmail.com

କହନ୍ତି, ଯଥା ମହାତ୍ମା ଗାନ୍ଧୀ, କି ଯେଉଁମାନେ ସମୁଦ୍ରଯାତ୍ରା ସହି ପାରନ୍ତି ତାଙ୍କୁ ବାନ୍ତି ହୁଏ ନାହିଁ । ଯାହା ହେଉ ଏହିପରି ଜାହାଜରେ ତିନି ଦିନ ଗଲା ।

ଅପରାହ୍ଣ ଚାରିଟା ବେଳେ ଆମ୍ଭେମାନେ ଜାହାଜ ଉପରକୁ ଉଠି ଆସି ସମୁଦ୍ରର ବିଶାଳତା ଓ ଉଦ୍ଦଣ୍ଡତା ନିରୀକ୍ଷଣ କଲୁ । ଚତୁର୍ଥ ଦିନ ସକାଳେ ଜାହାଜ ଆସି ରେଙ୍ଗୁନ Jettyରେ ଲାଗିଲା । ଜାହାଜରୁ ଓହ୍ଲାଇ ଆସୁ ଆସୁ ପ୍ରାୟ ଦିନ ଦଶଟା ହେଲା । ଯେପରି ସହରକୁ ଆମେ ଆସିଛୁ ସହର ଦେଖି ମୁଁ ମୁଗ୍ଧ ହୋଇଗଲି । ରାସ୍ତା ସବୁ ସିଧା ଏବଂ ବଡ଼ ରାସ୍ତାରୁ ଯେଉଁ ଯେଉଁ ଜାଗାରୁ ଗଳି ସବୁ ବାହାରିଛି ତାହା ମଧ୍ୟ ସଳଖ । ଆଉ ନୂତନ ଲୋକ । ବର୍ମୀମାନଙ୍କର ପୋଷାକ ଏକ ରେଶମ ଲୁଙ୍ଗି ଓ ଏକ ରେଶମ ଜାମା । ଆଉ ମୁଣ୍ଡରେ ଗୋଟିଏ ନାଲିଆ ରୁମାଲ୍ । ସ୍ତ୍ରୀଲୋକମାନଙ୍କର ପୋଷାକ ମଧ୍ୟ ଠିକ୍ ଏହିପରି । ଖଣ୍ଡିଏ ଲୁଙ୍ଗି ଆଉ ଖଣ୍ଡିଏ ଜାମା । ଅବଶ୍ୟ ମୁଣ୍ଡରେ ରୁମାଲ ନାହିଁ । କିନ୍ତୁ ଗଳାରେ ଗୋଟିଏ ସୁନାର ହାର । ଏଇ ହେଲା ବର୍ମାଦେଶର ସ୍ତ୍ରୀପୁରୁଷଙ୍କର ବେଶଭୂଷା ।

ଲୋକଗୁଡ଼ା ଦେଖିବାକୁ ଗୋରା ଗୋରା, ଆଉ ଆମ୍ବୁଆ । କିନ୍ତୁ ବର୍ମାର ପୁରୁଷମାନେ ବଡ଼ ଜଲଦି ରାଗି ଯାଆନ୍ତି ଏବଂ ରେଙ୍ଗୁନ୍ ସହରରେ ସେତେବେଳେ ପ୍ରାୟ ପ୍ରତିଦିନ ଦୁଇଚାରିଟା ଖୁନ୍ ଓ ହତ୍ୟା ହେଉଥିଲା । ଆମେ ଯାଇ ପହଞ୍ଚିଲୁ କାର୍ତ୍ତିକ ବେହେରାଙ୍କ ସହର ବାହାର ବଗିଚା ଗୃହରେ । ଏହା ପାହାଡ଼ ଉପରେ ଅବସ୍ଥିତ, ଟିକିଏ ଉଚ୍ଚ ।

ସେ ସମୟରେ କାର୍ତ୍ତିକବାବୁ ରେଙ୍ଗୁନରେ ଓଡ଼ିଆମାନଙ୍କ ମଧ୍ୟରେ ଖୁବ୍ ଖ୍ୟାତି ଓ ପ୍ରତିପତ୍ତି ଅର୍ଜି ଥିଲେ । କାର୍ତ୍ତିକ ବେହେରାଙ୍କ ବାପା ଜି.ଏସ୍. ବେହେରା ରେଙ୍ଗୁନକୁ ସାଧାରଣ ଶ୍ରମିକ ଭାବରେ ଯାଇଥିଲେ । କିନ୍ତୁ ନିଜର କାର୍ଯ୍ୟକୁଶଳତା ଯୋଗୁଁ ସେ କଣ୍ଟ୍ରାକ୍ଟରୀ ଇତ୍ୟାଦି କରି ବେଶ୍ ପଇସା ଅର୍ଜନ କରୁଥିଲେ । ୨୨ ନମ୍ବର ଗଳିରେ ବୋଧହୁଏ ତାଙ୍କର ଅଫିସ ଥିଲା । ରେଙ୍ଗୁନ୍‌ର ଏହି ୨୨ ନମ୍ବର ଗଳି ଗୋଟିଏ କଦର୍ଯ୍ୟ ଗଳି ନାମରେ ଅଭିହିତ ହେଉଥିଲା । ସେଠାରେ ବର୍ମାଦେଶକୁ ଯାଇଥିବା ପ୍ରାୟ ଦୁଇ ହଜାର ଓଡ଼ିଆଣୀ ଏକ ପ୍ରକାର ବାରନାରୀ ବୃତ୍ତି ଅବଲମ୍ବନ କରୁଥିଲେ ।

ସେ ସମୟରେ ରେଙ୍ଗୁନ୍‌ରେ ପ୍ରାୟ ୨୦ ହଜାର ଓଡ଼ିଆ ଥିଲେ । ପୁରୁଷ ସ୍ତ୍ରୀର ଏହି ଅନୁପାତ-ନ୍ୟୂନତା ଫଳରେ ଲୋକଚରିତ୍ରର ଅଧୋଗତି ଘଟୁଥିଲା । କାର୍ତ୍ତିକ ବେହେରାଙ୍କର ଗୋଟିଏ ମୋଟର ଥାଏ । ଆମେ ତାଙ୍କ

Digitized by srujanika@gmail.com

ବଗିଙ୍ଗ୍‌ଟୃହରୁ ଏହି ମୋଟରରେ ତାଙ୍କ ଅଫିସ୍‌କୁ ଆସୁ । ଏହିଠାରେ ମୁଁ ରେଙ୍ଗୁନ୍‌ର ବିଶ୍ୱନାଥ ମହାପାତ୍ରଙ୍କ ସଙ୍ଗେ ପ୍ରଥମେ ପରିଚିତ ହେଲି । ବିଶ୍ୱନାଥ ମହାପାତ୍ର ପରେ ରେଙ୍ଗୁନ୍‌ରେ ଓଡ଼ିଆ ପତ୍ରିକା ନାମରେ ଏକ ସାପ୍ତାହିକ ପତ୍ରିକା ବାହାର କଲେ । ତାଙ୍କର ସାନ ଭାଇ ମଧୁସୂଦନ ମହାପାତ୍ର ଯେ କି ଓଡ଼ିଶାର ବ୍ୟବସ୍ଥାପକ ସଭାର ସଭ୍ୟ ଥିଲେ, ସେତେବେଳେ ସେ ଛୋଟ ପିଲା ହୋଇ ବିଶ୍ୱନାଥଙ୍କ ପାଖରେ ଥାଏ ।

ବିଶ୍ୱନାଥ ସେହି ସମୟରେ ଗୋଟିଏ ଘଡ଼ି ଦୋକାନରେ ଚାକିରି କରୁଥାଆନ୍ତି । ମୁଁ ସେହି ଦୋକାନକୁ ମଝିରେ ମଝିରେ ଯାଏ । ଦିନେ ଏପରି ହେଲା ଯେ ସେହି ଦୋକାନକୁ କାଶୀର ପ୍ରସିଦ୍ଧ ଜମିଦାର ଓ ଧନିକ ଓ ଦେଶର ସାଧାରଣ ସେବକ ଶ୍ରୀ ଶିବପ୍ରସାଦ ଗୁପ୍ତ ଘଡ଼ି କିଣିବା ପାଇଁ ଯାଇଥିଲେ । ସେହିଠାରେ ସେ ବିଶ୍ୱନାଥଙ୍କୁ ଦେଖି ପଚାରିଲେ, ତୁମେ କଣ ବଙ୍ଗାଳି ?

ସେ କହିଲେ, ନା, ମୁଁ ଓଡ଼ିଆ ।

ତା ପରେ ତାଙ୍କୁ ପଚାରିଲେ, ତୁମେ ଲକ୍ଷ୍ମୀନାରାୟଣ ସାହୁଙ୍କୁ ଜାଣିଛ ? ସେ ଭାରତ ସେବକ ସମିତିର ସଭ୍ୟ ଅଟନ୍ତି ।

ବିଶ୍ୱନାଥ କହିଲେ—ହଁ, ତାଙ୍କୁ ମୁଁ ଜାଣେ । ସେ ଏ ରେଙ୍ଗୁନ୍‌ରେ ଅଛନ୍ତି । ଆମ ଦୋକାନକୁ ଆସନ୍ତି ।

ଶିବପ୍ରସାଦ ଟିକିଏ ଆଶ୍ଚର୍ଯ୍ୟାନ୍ୱିତ ହେଲେ ଏବଂ କହିଲେ, କିପରି ତାଙ୍କ ସହିତ ଟିକିଏ ଦେଖା ହୁଅନ୍ତା ।

ବିଶ୍ୱନାଥ କହିଲେ—ମୁଁ କହିଦେବି ।

ଶିବପ୍ରସାଦ ଗୁପ୍ତଙ୍କ ସହିତ ଏଲାହାବାଦରେ ମୋର ପ୍ରଥମ ପରିଚୟ । ସେ ଆମର ଭାରତ ସେବକ ସମିତିକୁ ଆସୁଥିଲେ ଏବଂ ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ଚେଲା ଥିବାରୁ ସେବା ସମିତିରେ ଯୋଗ ଦେଉଥିଲେ ଏବଂ ସାଧାରଣ ରାଜନୀତି କ୍ଷେତ୍ରରେ ମଧ୍ୟ ଯୋଗ ଦେଉଥିଲେ । କିନ୍ତୁ ପରେ ସେ ଗାନ୍ଧିଜୀଙ୍କର ଭକ୍ତ ହେଲେ । ମୁଁ କାର୍ତ୍ତିକ ବେହେରାଙ୍କୁ ଧରି ଶିବପ୍ରସାଦ ଗୁପ୍ତ ଯେଉଁଠାରେ ଥିଲେ ସେଠାକୁ ସନ୍ଧ୍ୟା ସମୟରେ ଗଲି । କାର୍ତ୍ତିକ ବେହେରାଙ୍କର ଇଚ୍ଛା ଥିଲା ଶିବପ୍ରସାଦଙ୍କ ସହିତ ପରିଚିତ ହେବା ପାଇଁ । ସୁତରାଂ ଉଭୟ କାର୍ଯ୍ୟ ସମ୍ପନ୍ନ ହେଲା ।

Digitized by srujanika@gmail.com

ମୋର ସିଂହଳ ଯାତ୍ରା

୧୯୨୭ ଖ୍ରୀ:ରେ ମୁଁ ଯେତେବେଳେ ବର୍ମାରେ ଥିଲି ସେହି ସମୟରେ ମୋତେ ଗୋଟିଏ ସୁବିଧା ମିଳିଥିଲା ସିଂହଳ ଯିବା ପାଇଁ । କଟକରେ ଜଣେ ହାକିମ ଥିଲେ । ସେ ମୋତେ ପୁଅ ଭଳି ଭାବୁଥିଲେ । ତାଙ୍କର ଜଣେ ଆତ୍ମୀୟ ରେଙ୍ଗୁନରେ ବଡ଼ କାରବାରୀ ଲୋକ । ତାଙ୍କ ପାଖକୁ ଉକ୍ତ ହାକିମଙ୍କ ଠାରୁ ଗୋଟିଏ ଚିଠି ନେଇ ମୁଁ ଯାଇଥିଲି । ସେ ମୋତେ ଖୁବ୍ ଆଦର କଲେ । ଦୁଇ ମାସ ବର୍ମାରେ ଶିବପ୍ରସାଦ ଗୁପ୍ତଙ୍କ ସାଙ୍ଗରେ ବୁଲିବା ପରେ ଶିବପ୍ରସାଦ ଯେତେବେଳେ ଭାରତ ଫେରୁଥିଲେ, ମୁଁ ସେତିକି ବେଳେ ଏହି ସିଂହଳ ଯିବାର ସୁବିଧା ପାଇଥିଲି ।

ଜାହାଜ କାଲି ଛାଡ଼ିବ, ଆଜି ସନ୍ଧ୍ୟାରେ ଶିବପ୍ରସାଦଙ୍କୁ ଯାଇ କହିଲି, ଶିବପ୍ରସାଦଜୀ, ମୁଁ କାଲି ସିଂହଳ ଯାଉଛି । ସେ ବିପନ୍ନ ହୋଇଗଲେ । କହିଲେ— ସାହୁଜୀ, ଏକ ସାଙ୍ଗରେ ବର୍ମାରେ ଦୁଇ ମାସ ବୁଲିଲୁଁ, ଚାଲନ୍ତୁ ସାଙ୍ଗ ହୋଇ ଭାରତ ଫେରିବା—କାଶୀରେ ମୋ ଘରେ କିଛିଦିନ ରହିବେ । ତା ପରେ ଯେବେ ସୁବିଧା ହେବ ସାଙ୍ଗ ହୋଇ ସିଂହଳ ଯିବା । ମୁଁ ମଧ୍ୟ ସିଂହଳ ଦେଖି ନାହିଁ । ଶିବପ୍ରସାଦ କାଶୀର ଅତି ଧନୀ ଲୋକ—ସେ ମୋ ପାଇଁ ସେଇ ଦୁଇ ମାସ ମଧ୍ୟରେ ହୁଏତ ଦୁଇ ହଜାର ଟଙ୍କା ଖରଚ କରିଛନ୍ତି । ମୁଁ ସେଇଠୁଁ ଭାବିଲି, ଯଦି ଏକାକୀ ସିଂହଳ ଚାଲିଯାଏ ଶିବପ୍ରସାଦଜୀ କଣ ଭାବିବେ ? ଭାବିବେ ଯେ ମୁଁ ଅତି ସ୍ୱାର୍ଥପର ଲୋକ । ତେଣୁ ଟିକେଟ୍ ଫେରାଇ ଦେଇ ଆସିଲି, ଆଉ ସିଂହଳ ଗଲି ନାହିଁ । ତା ପରେ ଆଉ ଥରେ ମୁଁ ଦକ୍ଷିଣ ଭାରତକୁ ଯାଇଥିଲି: ୧୯୩୦ ର କଥା । ମଦୁରା ଠାରୁ ଗୋଟିଏ ଟିକେଟ କାଟିଲି ମଣ୍ଡପମ୍‌କୁ । କିନ୍ତୁ ସାଙ୍ଗେ ସାଙ୍ଗେ ବୁକିଂ କ୍ଲର୍କଙ୍କ ପାଖରୁ ଶୁଣିଲି ଯେ ଥାର୍ଡ କ୍ଲାସ୍‌ରେ ଗଲେ ମଣ୍ଡପମ୍‌ଠାରେ Quarantine ନିୟମରେ ତିନି ପାଞ୍ଚ ଦିନ ଅଟକାଇ ରଖିବେ । ତେଣୁ ସେ ଟିକେଟ ମଧ୍ୟ ଫେରାଇ ଦେଲି, ଆଉ ଘରକୁ ଫେରି ଆସିଲି । ଇତି ମଧ୍ୟରେ ଶିବପ୍ରସାଦ ମରିଗଲେଣି ।

ପୁଣି ଥରେ ଗତ ବର୍ଷ ସିଂହଳ ପିଲାଙ୍କ ସାଙ୍ଗରେ ସିଂହଳ ଯିବାକୁ ଭାବିଥିଲି । କଟକର ଖ୍ରୀଷ୍ଟ କଲେଜରେ କେତେକ ସିଂହଳ ଛାତ୍ର ପଢୁଛନ୍ତି । କିନ୍ତୁ ହଠାତ୍ ମୋତେ ଦିଲ୍ଲୀ ଯିବାକୁ ପଡ଼ିଲା । ତେଣୁ ଆଉ ସିଂହଳ ଯାଇ ପାରିଲି ନାହିଁ । ଏଟା ଚତୁର୍ଥ ଥର—ଶ୍ରୀମାନ୍ ବିଶ୍ୱନାଥ କର ଯୁବକଙ୍କ ସାଙ୍ଗରେ ସିଂହଳ ପନ୍ଦର ଦିନ ପାଇଁ ଯିବାର କଥା । ମୁଁ ଭାବେ ବିଧାତାଙ୍କ ଇଚ୍ଛାନୁସାରେ ଯାତ୍ରା

Digitized by srujanika@gmail.com

ଘଟିବାର ଘଣ୍ଟେ । ଏଥର ସିଂହଳ ଯିବା ପାଇଁ ଥରେ କଟକ କଚେରୀରେ ବସି ଗୋଟିଏ ଦିନ ଗଲା । ତା ପରେ ସେଠୁ କାଗଜପତ୍ର ଲାଲବାଗ ଥାନାକୁ ପଠାଗଲା । ସେଠି ବସି ବସି ଦିନେ ଗଲା । ସେଠୁ ପୁଣି କଚେରୀ ଯିବାକୁ ହେବ । ଏହି ଅବସ୍ଥାରେ ଅଛି । ଇତିମଧ୍ୟରେ ଦିନେ ଉତ୍କଳ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀକୁ ଯାଇଥିଲି । ସେଠି ବହି କେତେଖଣ୍ଡି ପଢ଼ିଲି । ସେଥିରୁ ଦୁଇଟା କଥା ଜାଣିଲି— ସିଂହଳର ରାସ୍ତା ଘାଟ ଅତି ସୁନ୍ଦର, ଯାତାୟାତରେ ଖୁବ ସୁବିଧା । ଆଉ ଗୋଟିଏ ହେଉଛି ପୂର୍ବରେ କଳିଙ୍ଗ କନ୍ୟାମାନେ ସିଂହଳର ରାଜବଂଶରେ ବିବାହ କରୁଥିଲେ । ଆଉ ବିଜୟ ସିଂହ ଯାହାଙ୍କ ନାମାନୁସାରେ ସିଂହଳ ହୋଇଛି ବୋଲି ଅନେକେ କହନ୍ତି—ସେ ଗୁଜରାଟର କି ଓଡ଼ିଶାର କି ବଙ୍ଗଦେଶର, ସେ ବିଷୟରେ ଘୋର ସନ୍ଦେହ ଅଛି । ତେବେ C. Hiwaitarne ଙ୍କ ବହିରୁ ଜଣାଯାଏ ଯେ ସିଂହଳବାସୀଙ୍କ ପୂର୍ବପୁରୁଷମାନେ ଓଡ଼ିଶାରୁ ସିଂହଳ ଯାଇଥିଲେ । ସେଥିରେ ଲେଖା ଅଛି—Our forefathers came from the banks of the Mobanadi. ଅର୍ଥାତ୍ ଆମର ପୂର୍ବପୁରୁଷମାନେ ମହାନଦୀ କୂଳରୁ ଆସିଥିଲେ । ମହାନଦୀ ତ ଓଡ଼ିଶାର ।

ସିଂହଳ ସମ୍ବନ୍ଧରେ ମୁଁ ଜାଣିବାକୁ ଉତ୍ସୁକ । ସେଥିପାଇଁ ଖଣ୍ଡିଏ ବହି ପଢ଼ିଲି । ତା ନା 'India, Pakistan, Ceylon' ସେଥିରୁ ଜାଣିଲି ଯେ ସିଂହଳର ଲୋକସଂଖ୍ୟା ୭୦ ଲକ୍ଷ ମାତ୍ର । ଆଉ ଏହି ୭୦ ଲକ୍ଷ ଲୋକ ୭୦ ଟି ଭିନ୍ନ ଭିନ୍ନ ଜାତି ବା Race ରୁ ଉଦ୍‌ଭୂତ । ସିଂହଳ ଦେଶ ଫେବୃୟାରୀ ମାସ ୪ ତାରିଖ ୧୯୪୮ ରେ ସ୍ୱାଧୀନ ହେଲା । ବର୍ତ୍ତମାନ ସିଂହଳର ଗୋଟିଏ ଲାଟ୍ ଅଛି, ଆଉ ତା'ର ଗୋଟିଏ ପାର୍ଲିଆମେଣ୍ଟ ଅଛି । କିନ୍ତୁ ଲାଟସାହେବ ପାର୍ଲିଆମେଣ୍ଟର ଉପଦେଶ ମାନିବାକୁ ବାଧ୍ୟ ନୁହେଁ । ସିଂହଳୀୟମାନେ ଯୁଦ୍ଧ ସମୟରେ ବ୍ରିଟିଶକୁ ସାହାଯ୍ୟ କରିବା ପାଇଁ ରାଜି ହୋଇଛନ୍ତି ଏବଂ ବ୍ରିଟିଶର ନୌବନ୍ଦର ଓ ଉଡ଼ାଜାହାଜ ବନ୍ଦର ସିଂହଳରେ ରଖିବା ପାଇଁ ସିଂହଳୀୟମାନେ ରାଜି ହୋଇଛନ୍ତି । ଭାରତ ଠାରୁ ସିଂହଳ ପାକ୍‌ପ୍ରଣାଳୀ ଦ୍ୱାରା ପୃଥକ୍ ହୋଇ ରହିଛି । ପ୍ରଣାଳୀଟି ତ୍ରିଶମାଇଲ ଚଉଡ଼ା । ସିଂହଳ ଦେଶକୁ ଯିବାକୁ ହେଲେ ପଶ୍ଚିମକୂଳରେ କଲମ୍ବୋକୁ ଯାଇପାର କିମ୍ବା ପୂର୍ବପଟରେ ତ୍ରିଙ୍କୋମାଲୀ ବନ୍ଦରରେ ଓହ୍ଲାଇ ପାର । ସିଂହଳର ଦକ୍ଷିଣ-ପଶ୍ଚିମରେ ବଡ଼ ବଡ଼ ପାହାଡ଼ ଅଛି, ଆଉ ଉତ୍ତର-ପୂର୍ବ କୂଳରେ ଖୁବ୍ ବଡ଼ ବଡ଼ ଜଙ୍ଗଲ ଅଛି । ଶିଶୁକାଠ, ଶାଗୁଆନ୍ କାଠ, ମେହଗାନି କାଠ, ସେଠି ଖୁବ୍ ମିଳେ । ସିଂହଳର ଜଙ୍ଗଲରେ ମାଙ୍କଡ଼ଗୁଡ଼ାକ କିଚିରିମିଚିରି କରୁଥାନ୍ତି, ଚିତାବାଘଗୁଡ଼ାକ ଏପାଖ ସେପାଖ ବୁଲୁଥାନ୍ତି, ଆଉ

Digitized by srujanika@gmail.com

ବାଲୁଆଗୁଡ଼ାକ ସବୁବେଳେ ହୁକେ ହୁ କରୁଥାନ୍ତି । ଆଉ ଘାସ ତଳେ ଗୋଖର, ଅଜଗର ସାପ ସବୁ ବୁଲୁଥାନ୍ତି । ଗଛଉପରେ ନାନା ରଙ୍ଗରଙ୍ଗିଆ ଚଢ଼େଇ ଉଡ଼ୁଥାନ୍ତି । ସିଂହଳର ଜଙ୍ଗଲରେ ଅନେକ ହାତୀ ବୁଲୁଥାନ୍ତି । ଆଉ ପାହାଡ଼ରେ ଅନେକ ଜଙ୍ଗଲି ହରଣ ବୁଲୁଥାନ୍ତି । ନଦୀ ମୁହାଣରେ ବଡ଼ ବଡ଼ କୁମ୍ଭୀର ଆଉ Lizard ରହନ୍ତି । ସିଂହଳରେ ଧାନ ଖୁବ୍ ହୁଏ । ଆଉ ରବର ବୃକ୍ଷ, ଚାହା-ବଗିଚା ଖୁବ୍ ଅଛି । ଇଂରେଜମାନେ ସିଂହଳକୁ ଯେତେବେଳେ ପ୍ରଥମେ ଗଲେ, ସେମାନେ କଫିଚାଷ ଆରମ୍ଭ କଲେ । କିନ୍ତୁ ସେଥିରେ ଗୋଟିଏ ପ୍ରକାର ରୋଗ ହେଲା । ସେଥିପାଇଁ କଫିଚାଷ ଛାଡ଼ିଦେଲେ । ତା'ପରେ ଚା' ଚାଷ କଲେ । ସିଂହଳରେ କୁଇନାଇନ୍ ମଧ୍ୟ ହୁଏ । କୁଇନାଇନ୍ ସିଙ୍କୋନା ଗଛ ଛାଲରୁ ତିଆରି ହୁଏ । ସିଂହଳରେ ନଡ଼ିଆ ଖୁବ୍ ବଡ଼ ବଡ଼ ଫଳେ । କୋକୋ ମଧ୍ୟ ହୁଏ । ଏହି ସିଂହଳକୁ ରାମଚନ୍ଦ୍ର ଯାଇଥିଲେ । ରାବଣ ସୀତାକୁ ହରଣ କରି ସିଂହଳର ଅଶୋକ ବନରେ ରଖିଥିଲା । ରାବଣ ମଲା । ଭାରତରୁ ରାମଚନ୍ଦ୍ର ଯେପରି ସିଂହଳକୁ ଯାଇଥିଲେ ଚୀନ୍‌ରୁ ସେହିପରି ସିଂହଳକୁ ଅନେକ ଯାଇଥିଲେ । ପଞ୍ଚଦଶ ଶତାବ୍ଦୀରେ ୟୁରୋପରୁ ପର୍ତ୍ତୁଗୀଜ୍‌ମାନେ ପ୍ରଥମେ ସିଂହଳକୁ ଗଲେ । ସେମାନେ ଦେଢ଼ଶ ବର୍ଷ ପର୍ଯ୍ୟନ୍ତ ଶାସନ କରିଥିଲେ । ତା'ପରେ ୧୬୦୨ ଖ୍ରୀ ରେ ଡଚ୍‌ମାନେ ସିଂହଳକୁ ଶାସନ କଲେ । ସେମାନେ ସେଠି ଗୀର୍ଜା, କଚେରୀ ଘର, ଆହୁରି ଅନେକ ଭଲ ଭଲ ଘର କଲେ । ୧୭୯୬ ଖ୍ରୀଷ୍ଟାବ୍ଦରେ ବ୍ରିଟିଶମାନେ ସିଂହଳକୁ ଅଧିକାର କଲେ । ସେମାନେ ଅନେକ ରାସ୍ତାଘାଟ ତିଆରି କଲେ । ଚାହା, କଫି, ରବର ବଗିଚା ସବୁ କଲେ । ଷାଠିଏ ଲକ୍ଷ ଲୋକରୁ ଚାଳିଶ ଲକ୍ଷ ସିଂହଳୀ, ଆଉ ପ୍ରାୟ ପନ୍ଦରଲକ୍ଷ ତାମିଲ । ଆଉ ପାଞ୍ଚ ଲକ୍ଷ ସବୁ ମିଶାମିଶି । ସିଂହଳରେ ପାଞ୍ଚ ଲକ୍ଷ ଖ୍ରୀଷ୍ଟିୟାନ୍ ଅଛନ୍ତି । ଦଶଲକ୍ଷ ହିନ୍ଦୁ ଅଛନ୍ତି, ଆଉ ଚାଳିଶ ଲକ୍ଷ ବୌଦ୍ଧଧର୍ମା-ବଲମ୍ବୀ ଲୋକ ଅଛନ୍ତି ।

ସିଂହଳରେ ଲବଙ୍ଗ, ଅଳେଇଚ, ଜାଇଫଳ, ଗୋଲମରିଚ ପ୍ରଭୃତି ମସଲା ଚାଷ କରାଯାଏ । ସିଂହଳରେ ଆରବ ଦେଶର ଲୋକ ମଧ୍ୟ କେତେକ ଅଛନ୍ତି । ସିଂହଳର ମାନ୍ନାର ଉପସାଗରରୁ ମୁକ୍ତା ଉତ୍ତୋଳନ କରିବା ଏମାନଙ୍କର ଗୋଟିଏ ଲାଭଜନକ ବ୍ୟବସାୟ । ଆସ ସିଂହଳକୁ ଯିବା, ଦେଖିବା, ଆଉ ନୂତନ କଥା ଶିଖିବା ।

ମୋର ଆସାମ ଭ୍ରମଣ

୧୯୩୮ ଖ୍ରୀଷ୍ଟାବ୍ଦରେ ବରେଦାର ଲାଇବ୍ରେରୀ ଆନ୍ଦୋଳନ ଓ ବାଧ୍ୟତା-ମୂଳକ ପ୍ରାଥମିକ ଶିକ୍ଷା ଅନୁଧ୍ୟାନ କଲାପରେ ମୁଁ ଠକ୍କର ବାପାଙ୍କ ଆଦେଶ କ୍ରମେ

Digitized by srujanika@gmail.com

ବ୍ରହ୍ମପୁତ୍ର ନଦୀରେ ବନ୍ୟା ହୋଇଥିବା ଯୋଗୁ ଆସାମବାସୀଙ୍କର ଯେଉଁ କ୍ଷତି ହୋଇଥିଲା ତା'ର ଅନୁସନ୍ଧାନ କରିବା ପାଇଁ ପ୍ରେରିତ ହେଲି । ଅନୁସନ୍ଧାନ ପରେ ମୁଁ ଆସାମର ଉତ୍ତର ଉପତ୍ୟକା ଓ ଦକ୍ଷିଣ ଉପତ୍ୟକା ବିଚରଣ କଲି । ଉତ୍ତର ଉପତ୍ୟକାରେ ବଢ଼ିରେ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳ ଯଥା ଲକ୍ଷ୍ମୀପୁର, ଡିବ୍ରୁଗଡ଼, ଜୋରହାଟ, ଶିବ୍‌ସାଗର ଇତ୍ୟାଦି ସ୍ଥାନରେ ସେବାକାର୍ଯ୍ୟ ମଧ୍ୟ କଲି । ବିଶେଷଭାବରେ ମୁଁ ଲକ୍ଷ୍ମୀପୁର ଜିଲ୍ଲା ଅନ୍ତର୍ଗତ ସୁବର୍ଣ୍ଣଶିରୀ ନଦୀକୂଳରେ ଥିବା ଦେବଦିଆ ଗ୍ରାମକୁ କେନ୍ଦ୍ର କରି ମିରି ଜାତିର ଲୋକଙ୍କର ସେବା କରିଥିଲି । ସେମାନଙ୍କୁ ଶସ୍ତା ଦରରେ ଚାଉଳ ଓ ଲୁଗା ବିତରଣ କରିବା ଏବଂ ବିନା ମୂଲ୍ୟରେ ସେମାନଙ୍କୁ ଔଷଧାଦି ବିତରଣ କରିବା ଏବଂ ଔଷଧଦ୍ୱାରା ସେମାନଙ୍କର ସେବା କରିବା କାର୍ଯ୍ୟ କରିଥିଲି ।

ଆସାମର ଏହି ବ୍ରହ୍ମପୁତ୍ର ନଦୀ ଅତି ବିଶାଳ ଓ ଝୁରିବାହୀ । ମିରିମାନେ ସୁବର୍ଣ୍ଣଶିରୀ ନଦୀ କୂଳେ କୂଳେ କାଠ ଘର କରି ଉଚ୍ଚରେ ଥାଆନ୍ତି । ଏକପ୍ରକାର ଦୋତାଲା ଘର କହିଲେ ଚଳେ । ଉପରେ ସମସ୍ତେ ଗୋଟିଏ ଘରେ ରହନ୍ତି । ବାପ ମା, ପିଲାପିଲି ସମସ୍ତେ । ତଳେ ଘୁଷୁରି, କୁକୁର, ଗୋରୁ ଇତ୍ୟାଦି ଥାଆନ୍ତି । କୁକୁଡ଼ା ଅବଶ୍ୟ ଉପରେ ପିଞ୍ଜରାରେ ଥାଏ । ଘରେ ଝାଡ଼ାଫେରି ବା ପରିସ୍ରା କରିବାକୁ ହେଲେ ସେହି ଉପରେ ପଟା ଦେଇ ଝାଡ଼ା ଫେରନ୍ତି ଏବଂ ମଇଳା ସବୁ ତଳେ ପଡ଼ିଯାଏ । ତଳେ ଘୁଷୁରି ଇତ୍ୟାଦି ଯେଉଁମାନେ ଥାଆନ୍ତି ତା'କୁ ସଫା କରିଦିଅନ୍ତି । ସରଳ ସୁନ୍ଦର ଜୀବନ ଏମାନଙ୍କର । କିଛି ଛନ୍ଦ କପଟ ନାହିଁ । ସୁବର୍ଣ୍ଣଶିରୀ ନଦୀ କୂଳରେ ସାନ ସାନ ଛୁଆମାନେ ବାଲିରେ ଖେଳୁଥାନ୍ତି ।

ଏହି ସମୟରେ ମୁଁ ମିରି ଜାତିର ଗୋଟିଏ ସମ୍ମିଳନୀରେ ଯୋଗଦାନ କରିଥିଲି । ଯେଉଁ ଗାଁରେ ସମ୍ମିଳନୀ ହୋଇଥିଲା ସେଠାକୁ ଯେତେ ଲୋକ ଯାଇଥିଲେ, ସମସ୍ତଙ୍କୁ ସେ ଗ୍ରାମର ଯେତେ ଘର ଥିଲା ସବୁ ଘରେ ଆଶ୍ରୟ ଦେଇଥିଲେ ଏବଂ ଖାଇବାର ବନ୍ଦୋବସ୍ତ କରିଥିଲେ । ଏହି ମିରିଜାତି ତଥା ଆସାମର ଅନ୍ୟାନ୍ୟ ଆଦିବାସୀମାନେ ସମୂହ ଭାବରେ ଜୀବନ ଯାପନ କରନ୍ତି । ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତିର ଅଧିକାର ମନୋଭାବ ସେପରି କିଛି ନାହିଁ । କେବଳ ଆସାମର କାହିଁକି ଭାରତବର୍ଷର ଅନ୍ୟାନ୍ୟ ଅଞ୍ଚଳର ଆଦିବାସୀଙ୍କ ମଧ୍ୟରେ ସେଇ ଏକ ମନୋଭାବ ।

ମୁଁ ବଢ଼ିର କାର୍ଯ୍ୟ ଶେଷ କରି ଆସାମର ଯେତେ ସ୍କୁଲ୍ କଲେଜ ଅଛି ସବୁ ପରିଦର୍ଶନ କରିଥିଲି ଏବଂ ଅଧିକାଂଶ ଜାଗାରେ ବକ୍ତୃତା ଦେଇଥିଲି ।

Digitized by srujanika@gmail.com

ବଙ୍ଗଳାରେ ବକ୍ତୃତା ଦେଲେ ସେମାନେ ବୁଝି ପାରନ୍ତି । ଓଡ଼ିଆରେ ବକ୍ତୃତା ଦେଲେ ମଧ୍ୟ ସେମାନେ ବୁଝି ପାରନ୍ତି । କୌଣସି କୌଣସି ଜାଗାରେ ଆସାମିଆ ଆଉ ବଙ୍ଗାଳି ମନୋଭାବ ଅଧିକ ଥିବାରୁ ମୁଁ ଓଡ଼ିଆରେ ବକ୍ତୃତା ଦେଇଥିଲି । ଆଉ ଯେଉଁଠାରେ ବଙ୍ଗାଳିଙ୍କ ସଂଖ୍ୟା ଅଧିକ, ଯଥା—ଗୋଆଲପଡ଼ା ଇତ୍ୟାଦି ଅଞ୍ଚଳ, ସେଠାରେ ବଙ୍ଗଳାରେ ବକ୍ତୃତା ଦେଇଥିଲି । ଆସାମରେ ବୁଲି ବୁଲି ଗୋଟିଏ ଜିନିଷ ଲକ୍ଷ୍ୟ କରିଥିଲି । ତା ହେଉଛି—ହୁ ହୁ କରି ସ୍ତ୍ରୀଶିକ୍ଷା ବଢ଼ି ପରି ମାଡ଼ି-ଯାଉଛି, ମୋତେ ଭାରି ଭଲ ଲାଗିଲା ।

ଆସାମିଆମାନଙ୍କ ଭାଷା ଅତି ମଧୁର । ବିଶେଷତଃ ସେମାନଙ୍କ ଗୀତ ବଙ୍ଗଳା ଗୀତ ଠାରୁ ଅଧିକ ହୃଦ୍ୟ । ଆସାମରେ ଥିଲାବେଳେ ମୁଁ କେତେଗୁଡ଼ିଏ ଟି'ବଗିଚାକୁ ଯାଇଥିଲି ଏବଂ ସେଠାରେ ଆମ ଓଡ଼ିଆ ଓ ଆମର ଅନ୍ୟାନ୍ୟ ପ୍ରଦେଶରୁ ପୁରୁଷ ସ୍ତ୍ରୀଲୋକ ଯାଇ କିପରି ଟି'ଗଛ ଲଗାଉଛନ୍ତି ଏବଂ କିପରି ଅବସ୍ଥାରେ ସେମାନେ ଅଛନ୍ତି, ସେ ସବୁ କଥା ଦେଖିଥିଲି ।

ଆସାମର ପ୍ରସିଦ୍ଧ ଶଙ୍କରଦେବ ଓଡ଼ିଶାକୁ ଆସି ପୁରୀରେ ବହୁ ବର୍ଷ ରହିଥିଲେ ଏବଂ ସେ ଏଠାରୁ ଫେରିଯିବାବେଳେ ସାଙ୍ଗରେ ଜଗନ୍ନାଥ ମୂର୍ତ୍ତି ଇତ୍ୟାଦି ନେଇ ଯାଇଥିଲେ । ଅଦ୍ୟାପି ସେହି ଦ୍ୱୀପ ଭିତରେ ଥିବା ରାମମାଦିଲି ନାମକ ସ୍ଥାନରେ ଉକ୍ତ ମୂର୍ତ୍ତି ପୂଜିତ ହେଉଅଛନ୍ତି । ଶଙ୍କରଦେବ ଓଡ଼ିଶାରେ ଭାଗବତ ଘର ଅନୁକରଣରେ ଆସାମରେ 'ନାମ' ଘରମାନ ପ୍ରସାର କରିଥିଲେ । ଆସାମ ଓ ଓଡ଼ିଶା ଉଭୟ ପ୍ରାଚୀନ ତନ୍ତ୍ରପୀଠ । ସେଠାକାର କାମାକ୍ଷା, ଏଠାକାର ବିରଜା । ଆମମାନଙ୍କର ଜୀବନରେ ଆସାମ ଓଡ଼ିଶା କିପରି ପ୍ରାଚୀନ ସ୍ନେହ ଓ ସୌହାର୍ଦ୍ଦ୍ୟରେ ପୂର୍ବ ପରି ବାନ୍ଧି ହୋଇଯିବ, ସେଇ ଚିନ୍ତା ଆମର କରିବା ଉଚିତ ।

ଆସାମବାସୀଙ୍କର ପ୍ରସିଦ୍ଧ ତୀର୍ଥସ୍ଥାନ ଜଗନ୍ନାଥ । ଗୋଟିଏ ସ୍ଥାନରେ ମୁଁ ନଦୀ ପାରହେଉଥିଲି, ଡଙ୍ଗାରୁ ଓହ୍ଲାଇଲା ବେଳେ ନାଉରିଆ ଯେତେବେଳେ ଜାଣିଲା ମୁଁ ଜଗନ୍ନାଥ ଦେଶର ଲୋକ ସେତେବେଳେ ସେ ମୋ ଗୋଡ ତଳେ ପଡ଼ିଗଲା ଏବଂ ନମସ୍କାର କଲା ଏବଂ ପଇସା ଫେରାଇ ଦେଲା । ଏହିପରି ଭକ୍ତି ସାଧାରଣ ଲୋକଙ୍କର ଜଗନ୍ନାଥ ଦେଶବାସୀଙ୍କ ପ୍ରତି ଅଛି ।

ଆସାମକୁ ଲୋକ ଗଲେ ଆଉ ଦେଶକୁ ଫେରନ୍ତି ନାହିଁ, ଆଉ ଆସାମରେ ମେଣ୍ଢା ହୋଇ ରହିଯାନ୍ତି, ଏହି ଯେଉଁ ପ୍ରବାଦ ଅଛି ତାର କାରଣ ହେଉଛି ଆସାମ ଓଡ଼ିଶା ଠାରୁ ବହୁତ ଦୂରରେ ଅବସ୍ଥିତ । ସେଠାକୁ ଯିବା ସହଜ ନୁହେଁ ଏବଂ

Digitized by srujanika@gmail.com

ଫେରିବା ମଧ୍ୟ ସହଜ ନୁହେଁ । ଦ୍ୱିତୀୟଯୁଦ୍ଧ ପୂର୍ବେ କୁଲି ହୋଇ ଯେଉଁମାନେ ଯାଉଥିଲେ ସେମାନଙ୍କୁ ଲେଖିଦେବାକୁ ପଡୁଥିଲା ଯେ ସେମାନେ ଦଶ ବା କୋଡ଼ିଏ ବର୍ଷ ପାଇଁ ଏକ ପ୍ରକାର ବନ୍ଧା ହୋଇ ସେଠାରେ ରହିବେ । ଗୁଂ ବଗିଚାରେ ଏହି କୁଲିମାନେ କାର୍ଯ୍ୟ କରୁଥିଲେ । ଆଉ ଯେତେବେଳେ ସେମାନେ ଦେଶକୁ ଫେରୁଥିଲେ, ସେମାନଙ୍କର ସ୍ୱାସ୍ଥ୍ୟ ଭଙ୍ଗ ହୋଇଥିଲା । ମ୍ୟାଲେରିଆ ଓ କାଲାଜ୍ୱର ସେମାନେ ଭୋଗୁଥିଲେ । ଆଜି କିନ୍ତୁ ଅବସ୍ଥା ପରିବର୍ତ୍ତିତ ହୋଇଛି । କୌଣସି କୁଲିକୁ ଦଶ ବା କୋଡ଼ିଏ ବର୍ଷ ପାଇଁ ବାଧ୍ୟ ହୋଇ ଆସାମରେ ରହିବାକୁ ପଡ଼ୁନି । ଆସାମ ମଧ୍ୟରେ ସିଲଟ୍ ଜିଲ୍ଲାଟି ପ୍ରାଚୀନ ।

ସେଠାରେ ଚୈତନ୍ୟ ଦେବଙ୍କ ପୂର୍ବପୁରୁଷ ଓଡ଼ିଶାରୁ ଯାଇ ରହିଥିଲେ । ସିଲହଟୀ ଲିପି ଏକପ୍ରକାର ଅଛି । ତା'ର ଓଡ଼ିଆ ସହିତ ସାମଞ୍ଜସ୍ୟ ଅଛି । ପୂର୍ବେ ସ୍ଥଳପଥରେ ଲୋକେ ଓଡ଼ିଶାରୁ ଆସାମ ଯାଉଥିଲେ । ସେତେବେଳେ ତଳ ବଙ୍ଗ-ଦେଶ ସାଗର ଗର୍ଭରେ ଥିଲା । ଆସାମର ସବୁ ଜିଲ୍ଲା ପରିଭ୍ରମଣ କରି ମୁଁ ଓଡ଼ିଶାକୁ ଫେରିଲି ।

ତାଳଚେର ଆନ୍ଦୋଳନ ଓ ମୋର ମର୍ମବ୍ୟଥା

୧୯୩୮ ସାଲର କଥା । ତାଳଚେରରେ ଗୋଳମାଳ । ପବିତ୍ରମୋହନ ପ୍ରଧାନ ସେଥିରେ ପ୍ରଧାନ । ଠକ୍କର ବାପା, ମୁଁ ଯାଇଥିଲୁ । ଅନୁଗୋଳ ଅଞ୍ଚଳରେ, ଓଃ ! ସେ କି ବିରାଟ ଲୋକପ୍ରବାସ ! ତାଳଚେରରୁ ସବୁ ଲୋକ ବାହାରି ଆସିଥାନ୍ତି ରାଜାଙ୍କ ଅତ୍ୟାଚାର ଯୋଗୁଁ । ୬୭ ହଜାର ଲୋକ ।

ଠକ୍କର ବାପା ସମାଜସେବକ । ଭାରତ ସେବକ ସମିତି ମଧ୍ୟ ସମାଜ-ସେବକ । ଏହାର ସେବକମାନେ ରାଜନୀତିରେ ଆଉ ସକ୍ରିୟ ଭାଗ ନେଲେ କେଉଁଠୁ ? ସେମାନେ ତ ଅବଶ୍ୟ ସବୁ ଦେଶ ଆନ୍ଦୋଳନରେ କର୍ମୀମାନଙ୍କୁ, ଅସହାୟମାନଙ୍କୁ ସାହାଯ୍ୟ କରିଛନ୍ତି; କିନ୍ତୁ ହିନେ ସେପରି ସକ୍ରିୟ ଭାଗ ନେଇ ନାହାନ୍ତି । ଯେଉଁମାନେ ଭାଗ ନେବାକୁ ବେଶୀ ବ୍ୟଗ୍ର ହୋଇଛନ୍ତି, ସେମାନଙ୍କୁ ଭାରତ ସେବକ ସମିତି ଛାଡ଼ିବାକୁ ହୋଇଛି । ଯେଉଁମାନେ ଛାଡ଼ି ନାହାନ୍ତି ସେମାନଙ୍କ ମଧ୍ୟରୁ ଅନେକ ଅସ୍ୱସ୍ତିମୟ ଜୀବନ କଟାଇଛନ୍ତି—କିନ୍ତୁ ସମିତିର ନିୟମରେ ଯେପରି ସେମାନଙ୍କ ହାତ ଗୋଡ଼ ବନ୍ଧା ହୋଇ ରହିଥିଲା ।

ଏହା ଏକପ୍ରକାର ମନୋଭାବକୁ ରୁନ୍ଧ କରି ରଖିବା—ଚାପି ରଖିବା । ଏହାଦ୍ୱାରା ସେହି ସେହି ଲୋକଙ୍କର ଜୀବନରେ ଗୋଟିଏ ମର୍ମବ୍ୟଥା ରହିଯାଇଛି ।

Digitized by srujanika@gmail.com

ଏ ତ୍ୟାଗ କମ୍ ନୁହେଁ । କିନ୍ତୁ ଏହାକୁ ବୁଝିବା ଲୋକ କେତେ ଜଣ ? ସମିତିର ନିୟମରେ ଜଣେ ଆଜୀବନ ସଭ୍ୟ ହୁଏ । ସୁତରାଂ ମଝିରେ ଛାଡ଼ିଦେବାଟା କିପରି କଥା ? ମର୍ମବ୍ୟଥା ଯେପରିକି ଏକ ଅପରାଧ—ପ୍ରତିଜ୍ଞା ପାଳନରେ ଅସମର୍ଥତା । ମୋର ଜୀବନଟା ଏହିପରି ଗଲା । ଭାରତ ସେବକ ସମିତିରେ ୧୯୧୭ରୁ ଜୀବନର ଶେଷ ଯାଏ ରହିଲି—ସେହି ଦୁଃଖ ବରାବର ଅନୁଭବ କରି ନିଜ ଜୀବନକୁ ଶ୍ରେଷ୍ଠ କରିଦେଲି । ଏହିପରି ଅନୁଭବ, ଅପମାନ ମନେ ମନେ ରହିଲା ।

ଆମ ଜୀବନ ପର ପାଇଁ

ମୋର ଜୀବନଟା କିପରି ମୋର ନୁହେଁ । ମୋର ଜୀବନଟା ଦେଶବାସୀର, ସମସ୍ତଙ୍କର । ସେହି ହିସାବରେ ମୋର ଏହି ଦେହଟି କୁ ଯେପରି ସେପରି ବ୍ୟବହାର କରିବାର ଅଧିକାର ନାହିଁ । ଡାକ୍ତର ଯେପରି କହିବେ, ସେପରି ମାନିବାକୁ ହେବ । ତା'ର ଏପାଖ ସେପାଖ ଆଉ ଟିକିଏ ହେବ ନାହିଁ । ମାନିବାକୁ ହେବ । ନ ହେଲେ ମୁସ୍କିଲ । ଏହି କଥା ଶୁଣେ ଯେତେବେଳେ, ଟିକିଏ ଆତ୍ମପ୍ରସାଦ ଲାଭ କରେଁ । କିନ୍ତୁ ସତେ କି ମୋର ଜୀବନଟା ଦେଶବାସୀର ?

ଏହି ଭାବରେ ଦେଖିବାକୁ ଗଲେ ବାସ୍ତବିକ ମନୁଷ୍ୟକୁ ସମାଜ ପାଇଁ ବଞ୍ଚିବାକୁ ହୁଏ । ଅତଏବ ପ୍ରତ୍ୟେକର ଜୀବନ ଦେଶବାସୀ ପାଇଁ । କେବଳ ମୋର ଜୀବନଟା ବେଶୀ ମୂଲ୍ୟବାନ୍ ନୁହେଁ ଯେ ଏହା ଦେଶବାସୀର ଅଧିକାର । ଦ୍ୱିତୀୟ କଥା, ବାସ୍ତବିକ ଡାକ୍ତର ଯାହାକୁ ମାନିବାକୁ କହିବ, ତାଙ୍କର କଥାର ଏପାଖ ସେପାଖ ହେଲେ ଚଳିବ କିପରି ? ଅତଏବ ତାଙ୍କର ପ୍ରତ୍ୟେକ କଥାକୁ ଟିକିନିଖି କରି ମାନିବା ଦରକାର ।

ବନବିହାରୀ ବାବୁ ଡାକ୍ତରଙ୍କ ମୋ ଉପରେ ବଡ଼ କରୁଣା । ସେ ଭିଜିଟ୍ ନିଅନ୍ତି ନାହିଁ । ଗାଡ଼ିଭଡ଼ା ନିଅନ୍ତି ନାହିଁ । ଭଲ ହୋଇଗଲେ ତାଙ୍କ ଘରେ ସେ ମୋତେ ଖାଇବାକୁ ଡାକନ୍ତି । ଅତଏବ ତାଙ୍କର ମୋ ଦେହ ଉପରେ ଯେ ବିଶେଷ ଅଧିକାର ଥିଲେ ଏଥିରେ ଆଉ ସନ୍ଦେହ କ'ଣ ଅଛି ?

ନିଉମୋନିଆରେ ପଡ଼ିଲି—ସେ ଭଲ କଲେ । ସାଇକେଲ ଚଢ଼ିବାକୁ ମନା କଲେ, ବିଶ୍ରାମ ନେବାକୁ କହିଲେ । ବିଶ୍ରାମ ନେଲି ନାହିଁ—ପୁଣି ବେରାମ ପଡ଼ିଲି । ଏଥର ସେ ଦେଖୁଛନ୍ତି, ତାଙ୍କର ମୋତେ ଦେଖିବାର ଯେତେ ଆଗ୍ରହାତିଶଯ୍ୟ, ମୋର ରୋଗଟା ଭଲ କରିବା ପାଇଁ ସେତେ ଆଗ୍ରହାତିଶଯ୍ୟ ନାହିଁ । ଏହାକୁ ହିଁ କହନ୍ତି ପ୍ରକୃତ ଡାକ୍ତର । ଆଉ ଅଧିକ କଣ କହିବ ?

Digitized by srujanika@gmail.com

ତଟିନୀ କୁନୁକୁନୁ ସଞ୍ଜବେଳେ

Digitized by srujanika@gmail.com

Digitized by srujanika@gmail.com

ପଙ୍କ ଓ ପଙ୍କଜ

ଇଂରେଜୀ କବି R. L. Stevenson ଲେଖିଛନ୍ତି—

"There is so much bad
in the best of us,
And so much good
in the worst of us,
That it ill behoves
for any of us,
To think ill of the
rest of us."

ଏହି କଥାଟି ଜୀବନରେ ମୁଁ ବରାବର ଲକ୍ଷ୍ୟ କରି ଆସିଛି । ବାହାରେ କେତେ କୁତ୍ସିତ, କଦାକାର; ଅଥଚ ଭିତରେ କେତେ କୋମଳ, କମନୀୟ, ଉଦାର । କେତୋଟି ଉଦାହରଣ ଦେଖନ୍ତୁ ।

ପିଲାଦିନେ ବାରବାଟୀରେ (ବାଲେଶ୍ୱର ସହର ଭିତରେ) ଆମ ଘର ପାଖରେ ଗୋଟିଏ ରାଢ଼ି ପରିବାର ଥିଲା । ରଘୁ ବାଲେଶ୍ୱର ପରମିଟ ଘାଟ ପାଖରେ ଜାହାଜ କାରଖାନାରେ କାମ କରୁଥାଏ । ସେ ନିତ ମଦ ଖାଇ ଘରକୁ ଆସେ ଏବଂ ଦିନେ ଦିନେ ବଡ଼ ମାତଲାମି କରେ ।

କିନ୍ତୁ ତାର ହୃଦୟଟି ବଡ଼ କୋମଳ । ସେ ଛୁଆମାନଙ୍କୁ ବଡ଼ ଭଲପାଏ । ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୁଏ, ଏପରି କାହିଁକି ହୁଏ ?

ପରେ ଏହିପରି ଅନେକ ଲୋକଙ୍କୁ ଦେଖିଲି । ଭଲ ଲୋକ—ପୁଣି ମଦ ଖାଇ ନାନା କଦର୍ଯ୍ୟତା ଦେଖାଉଛନ୍ତି । ଉତ୍କଳ ସମ୍ମିଳନୀ ଗଞ୍ଜାମରେ ଆରମ୍ଭ ହେଲା । ✓ ମଧୁସୂଦନ ଦାସ ଯାଇଥାନ୍ତି । ✓ ବିଶ୍ୱନାଥ କର ମଧ୍ୟ ଯାଇଥାନ୍ତି । ଶ୍ରୀବତ୍ସ ପଣ୍ଡା ଯେ ପରେ ଆର୍ଯ୍ୟସମାଜୀ ହେଲେ, ମଦ ଖାଇ ଚୂର । ତାଙ୍କ ସାଙ୍ଗରେ ଆଉ କେତେକ ଥାଆନ୍ତି । ବିଶ୍ୱନାଥ କର ଯେତେବେଳେ ମଣ୍ଡପରେ ଉପସ୍ଥିତ ହେଲେ, ଶ୍ରୀବତ୍ସ ପଣ୍ଡା କହିଲେ, କର ମହାଶୟ, ଆପଣ କି ଜାତିଭେଦ

Digitized by srujanika@gmail.com

ଉଠାଉଛନ୍ତି, ଆମେ କିପରି ଜାତିଭେଦ ଉଠାଇବୁ, ଦେଖନ୍ତୁ । ସମସ୍ତେ ଏକ ସାଙ୍ଗରେ ମଦ ଖାଉଥାନ୍ତି ଏକ ପଙ୍କ୍ତିରେ । ଏହା ୧୯୦୬ ଖ୍ରୀଷ୍ଟାବ୍ଦର କଥା । ଏହି ଶ୍ରୀବସ୍ତି ପଣ୍ଡାଙ୍କୁ ଦେଖିଛି; କି ସୁନ୍ଦର ଲୋକ, ଅବଶ୍ୟ ସେତେବେଳକୁ ସେ ମଦ ଛାଡ଼ି ଦେଇଛନ୍ତି, ଆର୍ଯ୍ୟସମାଜୀ ହୋଇଛନ୍ତି ।

ଅନେକ ପର ସମୟର କଥା ।

ଉତ୍କଳ ଘେନି ମହା ଆନ୍ଦୋଳନ ଚାଲିଥାଏ । ବ୍ରହ୍ମପୁରରେ ଉତ୍କଳ ସମ୍ମିଳନୀର ବିଶେଷ ଅଧିବେଶନ । ସେହି ସମୟରେ ମୁଁ ଶରତ୍ ଘରେ ରହିଥାଏ । ବିଶ୍ୱନାଥ ଦାସ ମୋ ଉପରେ ବିରକ୍ତ ହେଲେ । କହିଲେ, ଆପଣ ଏହିପରି ଅତ୍ୟାଚାରୀକୁ ପ୍ରଶ୍ରୟ ଦେଉଛନ୍ତି ।

ଶରତ୍ ତାର ସ୍ତ୍ରୀର ମୃତ୍ୟୁ ପରେ ବିବାହ କରି ନ ଥାଏ । ଜଣେ ଖିରସ୍ତାନୀ ଝିଅ ସାଙ୍ଗରେ ଥାଏ—ସେ ମାଷ୍ଟରାଣୀ ଥିଲା । ମନ ଥିଲା ଶରତ ପାଖରେ ରହିବ । ତେଣୁ ରହିଲା । କି ସୁନ୍ଦର ବ୍ୟବହାର ସେହି ଝିଅର । ଆଉ ଶରତ୍‌ର ବ୍ୟବହାର କଣ ମନ୍ଦ ?

ଜୟମଙ୍ଗଳ ରଥ ଆଉ ଏକ ଉଦାହରଣ । ମଞ୍ଜୁଷାରେ ଉତ୍କଳ ସମ୍ମିଳନୀ । ମୁଁ ସଭାପତି । ସେଦିନ ରାତିରେ ଜୟମଙ୍ଗଳ ମଦ ଖାଇ ଚୁର୍ । ଭୟଙ୍କର ବକ୍‌ବାକି କରୁଛି । ତହିଁ ଆରଦିନ ସେ କାଗଜରେ ଲେଖିଲା—"ମୁଁ ଗୋଟିଏ ଔଷଧ ଖାଇ ଦେଇଥିଲି ଯଦ୍ଦ୍ୱାରା ମୋ ମୁଣ୍ଡ କ'ଣ ହୋଇଗଲା—ସେଇଥିଯୋଗୁ ମୁଁ କାଲି ରାତିରେ ଯାହା ଗାଳି ଗୁଲଜ କରିଛି, ସେଥିପାଇଁ ମୁଁ ଦୁଃଖିତ ।" ଏହି ଜୟମଙ୍ଗଳ ରଥ କଣ ମନ୍ଦ ଲୋକ ? ଅନେକ ଥର ମୁଁ ଜୟମଙ୍ଗଳ ସାଙ୍ଗରେ କାମ କରିଛି । ବ୍ରାହ୍ମ ସମାଜ, ପ୍ରାର୍ଥନା ସମାଜ ଇତ୍ୟାଦିରେ କାର୍ଯ୍ୟ କରିଛି ।

ଶୁଣିଥିଲି ଗଞ୍ଜାମରେ ସଦାଶିବ ସଦା ଆଉ ଗଦାଧର କଦା କଦା ମଦ ପିଉଥିଲେ । ମୁଁ ସଦାଶିବଙ୍କୁ ଦେଖିନାହିଁ । କିନ୍ତୁ ଗଦାଧରଙ୍କ ଘରେ ରହିଛି—ଅତିଥି ହୋଇଛି । ଅଭିନବ ସୂର୍ଯ୍ୟଘଟିକା ସେ ଉଦ୍ଭାବନ କରିଥିଲେ, ଯାହାକୁ କି ପକେଟରେ ନେଇ ସବୁଆଡ଼କୁ ଯାଇହେବ । ତାଙ୍କର ପୁଅ ବାଣୀ— କି ବୁଦ୍ଧି, ପାଣ୍ଡିତ୍ୟ, ! କିନ୍ତୁ ମଦ ସାରିଦେଲା ତାକୁ ।

କବି ସମ୍ମିଳନୀ ବ୍ରହ୍ମପୁରରେ, ଚକ୍‌କଟି ରାଜା ସଭାପତି । ବାଣୀ ଡେଲିଗେଟ କ୍ୟାମ୍ପକୁ ଆସିଲା ଜଣେ ସ୍ତ୍ରୀକୁ ଧରି । ସେ ସ୍ତ୍ରୀଟି କିଏ ? ବାଣୀର ନୁହେଁ । ଯାହାହେଉ, ଡେଲିଗେଟ କ୍ୟାମ୍ପରେ ସେମାନେ ସ୍ଥାନ ପାଇଲେ । କିନ୍ତୁ

Digitized by srujanika@gmail.com

ପରେ ବାଣୀ ଚୁର ଚୁର । ମୁଁ ତାକୁ କହିଲି, ବାଣି, ଏଠୁ ଅନ୍ୟତ୍ର ଚାଲିଯାଅ, ନୋହିଲେ ଗୋଳମାଳ ହେବ । କୌଣସି ଉପାୟରେ ବାଣୀକୁ ସେଠାରୁ ବିଦାୟ କରେଇ ଦେଲି । ଏହି ବାଣୀର ପାଣ୍ଡିତ୍ୟ କଣ କମ୍ ? ସାଙ୍ଗେ ସାଙ୍ଗେ Spenserian Verseରେ ଇଂରାଜୀ କବିତା ଲେଖି ପକାଇବ । ଇଚ୍ଛାପୁରରେ କବି ସମ୍ମିଳନୀ କରାଇଥିଲି । ସେଠାରେ କପିଳେଶ୍ୱର ଦାସ ଥାଆନ୍ତି । ଆମେ ତିନିଜଣ ଏକାଠି ହେଲେ କବିତାରେ କଥା ଚାଲେ, କୌତୁକ ଚାଲେ, ସାଙ୍ଗେ ସାଙ୍ଗେ ରଚନା କରୁ—କିନ୍ତୁ ବାଣୀକୁ ପାରିବ କିଏ ?

ସେଇଠି ମୁଁ କହିଥିଲି, ବାଣି! କବି-ସମ୍ମିଳନୀ ପାଇଁ ଗୋଟିଏ କାବ୍ୟ କବିତା ଲେଖା କଣ ଲେଖିବା ? ସେ କହିଲା । The Vision of the Spirit of Ruin ଏବଂ ସାଙ୍ଗେ ସାଙ୍ଗେ କବିତା ରଚନା ହେଲା—କି ଅଦ୍ଭୁତ ଶକ୍ତି ! ସେହି ଇଚ୍ଛାପୁରରେ ଗୋଟିଏ ତେଲୁଗୁ ଲୋକ ଥାଏ । ସେ ବାଣୀକୁ ଟିପିବ ମଦ ଖାଇବାରେ—କିନ୍ତୁ କି ଇଂରାଜୀ ଜ୍ଞାନ୍! ଅଦ୍ଭୁତ । ଅଥଚ ବାଣୀ କିମ୍ବା ସେ ତେଲୁଗୁ ଲୋକ ବି.ଏ., ଏମ୍.ଏ. ନୁହନ୍ତି । ଏହିପରି ତ ଆଉରି ଅନେକ ଲୋକ ଅଛନ୍ତି ।

ଏହି ଲୋକମାନଙ୍କୁ ଘୃଣା କରି ହେବ ନାହିଁ—ଏମାନଙ୍କ ପ୍ରତି ଅନୁରକ୍ତି ଆସେ ଯେତେବେଳେ ସେମାନେ ବାଗରେ ଥାଆନ୍ତି । କିନ୍ତୁ ମାଘର ହେଲେ କିଏ ତାଙ୍କ ସଙ୍ଗେ ରହି ପାରିବ, କୁହ ?

ମୁଁ ଏହି ମଦୁଆମାନଙ୍କ କଥା ଏତେ ଲେଖିଲି କାହିଁକି ? ଏମାନଙ୍କ ଭିତରେ ଗୋଟିଏ ଆକର୍ଷଣ ଅଛି, ଗୋଟିଏ ଗୋଟିଏ ଗୁଣ ଅଛି । ଯଦ୍ଦ୍ୱାରା ସେମାନେ ଆମର ଆପଣାର ହୁଅନ୍ତି । କିନ୍ତୁ—

ଏହି କିନ୍ତୁ ଠାରେ ହିଁ ଶେଷ କରେଁ । ହରେନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କୁ ମୋ ଘରେ ସାତ ଦିନ ରଖିଥିଲି । ଇଦ୍‌ଗା ପଡ଼ିଆରେ । ସାଙ୍ଗରେ ଜଣେ ବମ୍ବେ ଟକିର ଆର୍ଟିଷ୍ଟ ଥିଲା । କିନ୍ତୁ କି ବିପଦ—ହରୀନ୍ଦ୍ର ପ୍ରତିଭାବାନ୍ ବ୍ୟକ୍ତି—ଅଦ୍ଭୁତ, ଅଦ୍ଭୁତ ଗାଇବାରେ, ବାଇବାରେ, ନାଚିବାରେ, acting କରିବାରେ, ସ୍ମୃତିଶକ୍ତିରେ ଅଦ୍ଭୁତ ।

କିନ୍ତୁ—

ଏହି କିନ୍ତୁଟି ହିଁ ଗୋଳମାଳ କରେ । ମଦ ଦେଖିଲେ ବାଇଆ । ଆଉ ଦାସ୍ୟ ମଧ୍ୟ ।

Digitized by srujanika@gmail.com

କେବଳ ଶେଷ କରିବି ଏତିକି କଥା କହି—There is a soul of goodness even in things evil.

ମୋର ସ୍ତ୍ରୀ

ସେ ଅତି ନିରକ୍ଷର। କେବେ ସ୍ତ୍ରୀ-ରାଜ୍ୟର କଥା ଜାଣି ନାହିଁ। କିନ୍ତୁ ସେ ଯେଉଁ ସ୍ୱାମୀର ହାତ ଧରିଛି, ତାକୁ ଯେ କିପରି ସେ ସେବା କରିଛି ତାହା ଭାବିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ। ସବୁ ସୁଖ ଦୁଃଖରେ, ସବୁ ଅସ୍ୱାସ୍ଥ୍ୟତାରେ ସେ କେବେହେଁ ତାର କର୍ତ୍ତବ୍ୟ ପଥରୁ ବିଚଳିତ ହୋଇନାହିଁ। ବରାବର ସେବା କରି ଆସିଛି ତାର ସ୍ୱାମୀକୁ। କିଛି କପଟତା ରଖିନାହିଁ, କିଛି କଟୁତା ମନରେ ପୋଷଣ କରିନାହିଁ। ଝଞ୍ଜା ଯେତେବେଳେ ଆସିଛି, ସେତେବେଳେ ସେ ଝଡ଼ ସମ୍ମୁଖରେ ଚଢ଼େଇ ପରି ବା ବିଲେଇ ପରି ସବୁ ସହିଛି। ଯେତେ ବିପଦରେ ମୁଁ ପଡ଼ିଛି—କୁଷ୍ଠ ରୋଗରେ, ଶ୍ୱାସ ରୋଗରେ, ଟାଇଫଏଡରେ, ମ୍ୟାଲେରିଆରେ—ସବୁଥିରେ ବିନିଦ୍ର ରଜନୀ କଟାଇଛି। ଦିନେ କହି ନାହିଁ ଯେ ତୁମ ପାଇଁ ଏତେ ଖଟିଲି, ଏତେ କଲି, ଦିନେ ମୋ ଆଡ଼କୁ ପୂର୍ଣ୍ଣ ଶୁଭ ଦୃଷ୍ଟି ପକାଇଲ ନାହିଁ ବା ବୁଝିଲ ନାହିଁ ମୋତେ। ନା, ତା ସେ କହି ନାହିଁ। ଆଶ୍ଚର୍ଯ୍ୟ ଏହି ରମଣୀ। ରକ୍ଷା କରିଛି ପାପ, ପ୍ରଲୋଭନରୁ ଭୀଷଣ ବ୍ୟାଘ୍ରୀ ପରି ଝାମ୍ପ ପ୍ରଦାନ କରି।

ଆଶ୍ଚର୍ଯ୍ୟ ଏ ନାରୀ! ଖଟିଛି ସେ ଜୀବନଯାକ ତାର ସ୍ୱାମୀ, ଶାଶୁ, ଶ୍ୱଶୁର କନ୍ୟା ଓ କନ୍ୟାର ପିଲାପିଲି ପାଇଁ। କିନ୍ତୁ ଦିନେ ମୁହଁ ଫିଟାଇ କହି ନାହିଁ, ମୋର ସେବା ତୁମେ କଣ କଲ? ସେ କଥା ତା' ମନରେ ମଧ୍ୟ ସେ ପୋଷଣ କରିନାହିଁ। ଆଶ୍ଚର୍ଯ୍ୟ ଏ ନାରୀ! ଆଶ୍ଚର୍ଯ୍ୟ ଲାଗେ ବରାବର। ଟ୍ରଟ୍‌ସ୍କି ସ୍ତ୍ରୀ ଯେପରି ଟ୍ରଟ୍‌ସ୍କି ପାଇଁ ସବୁ ସହ୍ୟ କରିଥିଲେ, ଠିକ୍ ସେହିପରି। ଆଶ୍ଚର୍ଯ୍ୟ ଏ ନାରୀ!!

ମୋ ଜୀବନ ସୁଖର ନୁହେଁ

ପିଲାଟି ଦିନେ ମୋର ଇଚ୍ଛା ବିରୁଦ୍ଧରେ ମୋତେ କିପରି ପୁନର୍ବିବାହରେ ପଠାଇଲେ, ମୁଁ କିପରି କ୍ଷୁବ୍ଧ ହୋଇ ଶେଷରେ କଟକ ପଳାଇ ଆସିଲି, ତା ଅନ୍ୟତ୍ର ବ୍ୟକ୍ତ କରିଛି। ତା'ପରେ ମୋର ସ୍ତ୍ରୀକୁ ନେଇ ମୋ ମା କିପରି ବାରମ୍ବାର ମୋ ପାଖରେ ଛାଡ଼ିବା ପାଇଁ ଚେଷ୍ଟା କରିଛି ଏବଂ ମୁଁ ଅନେକ ଥର ଫେରାଇ ଦେଇଛି ଏବଂ ପରେ କିପରି ମୋର ସ୍ତ୍ରୀକୁ ଗ୍ରହଣ କଲି, ତାହା ଅନ୍ୟତ୍ର ବ୍ୟକ୍ତ କରିଛି।

Digitized by srujanika@gmail.com

ତା ପରେ ମୋର ଏକମାତ୍ର କନ୍ୟାର ବିବାହରେ ମୁଁ କିପରି ଅଟକି ଥିଲି; ସେ ଆହୁରି ପାଠ ପଢ଼ୁ ଏହାହିଁ ମୋର ଇଚ୍ଛା ଥିଲା । କିନ୍ତୁ ମୋର ମା' ଏବଂ ମୋର ସ୍ତ୍ରୀ ଏପରି କି ମୋର କନ୍ୟା ଶାନ୍ତି ନିଜେ ଏକ ମତ ଧରିବାରୁ ମୁଁ ଛାଡ଼ିଦେଲି ପ୍ରତିରୋଧ । କିନ୍ତୁ ସେତେବେଳେ ମୁଁ ଏକ ପ୍ରକାର ପାଗଳ ହୋଇ ଯାଇଥିଲି । ଝିଅବାଚ ହେଉଁ ହେଉଁ ମୁଁ ଏତେ ଗରମ ହୋଇଗଲି ଯେ କୂଅ ପାଖରେ ଛିଡ଼ା ହୋଇଥିଲି, ସେହିଠାରେ ଗରା ଗରା କରି ତିରିଶ ଚାଳିଶ ଗରା ପାଣି ଢାଳି ହେଲି ଢଗରେ ଗର ଗର ହୋଇ । ମୋର ଯେ ଜୁଆଇଁ ହୋଇଥିଲା ସେ ମୋର ବଡ଼ ଭଉଣୀର ପୁଅ । ସେ ମୋରି ପାଖରେ ରହୁଥିଲା । କିନ୍ତୁ ଶେଷରେ ସେ ମୋର ଏପରି ଶତ୍ରୁତା କଲା ଯେ କୁହା ନ ଯାଏ । ମୋର ଜୀବନକୁ ଅଶାନ୍ତିମୟ କରିଦେଲା । ଏହା ଛଡ଼ା ମୋର ମା ଏତେ ଜବରଦସ୍ତ ଯେ ତା ସଙ୍ଗରେ ମୋର କେବେ ପଡ଼ୁ ନ ଥିଲା । କେବଳ ଗୋଟିଏ କଥାରେ, ଟଙ୍କା ପଇସାରେ । ସେ ଚାହେଁ ଅଧିକ ଧନ । ମୁଁ ଦେଇପାରେ ନାହିଁ । ଲାଗେ କଳିଆ । ଏଥିପାଇଁ ମୁଁ ଘରେ ମା' ଥିଲେ ଦୁଇ ଦିନ ରହିବି, ତୃତୀୟ ଦିନ ନିଶ୍ଚୟ ଘର ଛାଡ଼ି ଅନ୍ୟତ୍ର ପଳାଇବି ।

ଏହା ପରେ ହେଲା ପୁଣି ମୋର ନାତୁଣୀର ବିବାହ । ମୁଁ ଏ ବିବାହରେ ରାଜି ନ ଥିଲି; କିନ୍ତୁ ଏଠି ବି ଏକ ପ୍ରକାର ଚକ୍ରାନ୍ତ କଲେ ମୋ ବିରୁଦ୍ଧରେ ଏବଂ ମୋର ନାତୁଣୀର ବିବାହ ହେଲା । ବର୍ତ୍ତମାନ ଦେଖୁଛି ମୋର ସେହି ନାତୁଣୀ-ଜ୍ୱାଇଁ ଯେଉଁ ଦିନ ମୋ ଘରକୁ ଆସେ ଆଉ ମୁଁ ଥାଏ, କିଛି ନା କିଛି Scene ବା ଦୃଶ୍ୟ ନାଟକ ସେ ସୃଷ୍ଟି କରେ । କିନ୍ତୁ ହିନ୍ଦୁ ବିବାହିତା ନାରୀ ହତଭାଗିନୀ । ତାର ସେ ଶକ୍ତି ନାହିଁ ଯେ ସେ ନିଜର ବ୍ୟକ୍ତିତ୍ୱକୁ ପ୍ରକାଶ କରିବ, ନିଜର ବ୍ୟକ୍ତିତ୍ୱ ବଜାୟ ରଖିବ । ମୋ ଗାର୍ହସ୍ଥ୍ୟ ଜୀବନ ବାସ୍ତବିକ ଭାବିଲେ ମନେହୁଏ ଏକ ନରକ । କିନ୍ତୁ ଏହି ନରକ ଭିତରେ ମୁଁ ଆନନ୍ଦ ପାଇଛି । ସେବା ପାଇଛି । ସ୍ନେହ ପାଇଛି । ତାହା ମୋର ସ୍ତ୍ରୀ ଯୋଗୁ । ଏ କଥା ଶତବାର, ସହସ୍ର ବାର, ଲକ୍ଷବାର ମୁଁ ମୁକ୍ତକଣ୍ଠରେ ସ୍ୱୀକାର କରିବି । ଏହି ସ୍ୱୀକାରରେ ମୁଁ ଆନନ୍ଦ ପାଏ ବା ନ ପାଏ ସୌନ୍ଦର୍ଯ୍ୟ ପାଏ । ମୋର ସ୍ତ୍ରୀ— ମୋର ସ୍ତ୍ରୀ । ମୁଁ ପାଗଳ ନୁହେଁ ଯେ ମୋର ସ୍ତ୍ରୀକୁ ଏତେ ପ୍ରଶଂସା କରୁଛି, କିନ୍ତୁ ବସ୍ତୁତଃ ଭଗବାନ ମୋତେ ଏହି ଆଶୀର୍ବାଦ ଦେଇଛନ୍ତି । ମୁଁ ଏହାକୁ ପାଇ ବଞ୍ଚି ରହିଛି ଏବଂ ଜୀବନର ସକଳ ତିକ୍ତତା ଭିତର ଦେଇ ମଧ୍ୟ ରସ ସଂଗ୍ରହ କରି ପାରିଛି ଏବଂ ଜୀବନକୁ ବହନ କରି ଚାଲିଛି । ମୋର ସ୍ତ୍ରୀ—ମୋର ସ୍ତ୍ରୀ !

Digitized by srujanika@gmail.com

ଏ ତ ଗଲା ପାରିବାରିକ ଜୀବନ । ବାହାର ଜୀବନରେ ମଧ୍ୟ ମୁଁ ସୁଖୀ ହୋଇ ପାରି ନାହିଁ । କାରଣ ସେଠାରେ ଲୋକଙ୍କର କୁଟିଳତା, ଚରିତ୍ରହୀନତା, ଦୁଷ୍ଟାମି ଦେଖି ଦେଖି ବିରକ୍ତ ହୋଇଛି । ଭଲ ଲୋକ ଯେ ପାଇ ନାହିଁ ତାହା ନୁହେଁ । ଭଲ ମଧ୍ୟ ପାଇଛି । ସେହି ଭଲ କେତେ ଜଣଙ୍କ ଯୋଗୁଁ ହିଁ ଭିନ୍ନ ଭିନ୍ନ କାର୍ଯ୍ୟରେ କିଛିଦିନ ଅଗ୍ରସର ହୋଇ ପାରିଛି । କିନ୍ତୁ ଯେଉଁଠାରେ ଚତୁରତା, ହୀନତା, ଚରିତ୍ରହୀନତା ଲକ୍ଷ୍ୟ କରିଛି ସେଠାରେ ଆଉ ମୋର ଶ୍ରଦ୍ଧା ରହି ନାହିଁ । ରହିବା ଅସମ୍ଭବ କଥା । ସେଥିପାଇଁ ମୋର ସେ ସ୍ଥାନକୁ ଛାଡ଼ି ଚାଲିଆସିବା ହିଁ ହୋଇଛି ଶ୍ରେୟସ୍କର । ଏହା କରିବା ଦ୍ୱାରା ମୁଁ ଜୀବନରେ କାହାକୁ ବଡ଼ ଶତ୍ରୁ ବୋଲି ଭାବି ପାରି ନାହିଁ । କାରଣ ଛାଡ଼ି ଚାଲି ଆସିବା ସଙ୍ଗେ ସଙ୍ଗେ ମୁଁ ସେହି ତିକ୍ତତା ଭୁଲି ଯାଇଛି । କିନ୍ତୁ ବରାବର ଭାବିଛି, ଦୁଃଖ କରିଛି ଯେ ଏହି ଚରିତ୍ର-ହୀନତା ଯୋଗୁ ଆମ ଦେଶ ଉପରକୁ ଉଠି ପାରୁ ନାହିଁ । ଲୋକେ ଉଚ୍ଚତର, ମହତ୍ତର ଜୀବନର ଆନନ୍ଦ ଲାଭ ନ କଲେ ଅପରକୁ ଉଚ୍ଚତର ମହତ୍ତର ଅବା କରିବେ କିପରି ? ବଡ଼ କଠିନ କଥା । ମୁଁ କିଛି ବୁଝି ପାରେ ନାହିଁ । ଦୋଷ କାହାର ? ଅନେକ କହନ୍ତି Tact ବା ଚତୁରତା ମୋର ନାହିଁ—ସେଥିପାଇଁ ମୁଁ ଏହା ଭାବେ । କିନ୍ତୁ ବୁଝି ପାରେ ନାହିଁ ଚତୁରତାର ଅର୍ଥ କଣ ? ଧପପାବାଜି—ଶାଠ୍ୟ ? ତା'ଠାରୁ ମୋର ଏହି ସିଧା ସର୍ପଟ—ପଣିଆହିଁ ଲକ୍ଷେ ଗୁଣ ଭଲ । ଲୋକେ ମୋତେ ମୂର୍ଖ କୁହନ୍ତୁ, ଓଲୁ କୁହନ୍ତୁ । ସେଥିରେ ମୋର ଏତେ ଦୁଃଖ ହେବ ନାହିଁ । କିନ୍ତୁ ଲୋକେ ମୋତେ ଚୋର, ଶଠ, ଏପରି କହିଲେ, ଫୁସ୍ ଫାସ୍ ହେଲେ ବନ୍ଧୁମେଳରେ ପଡ଼ିଲେ ମୁଁ ତ ଏକାବେଳକେ ମରିଯିବି ।

ଅବଶ୍ୟ ମୁଁ ଦେଖିଛି ଅନ୍ୟ ଲୋକ ଏଥିରେ ବଞ୍ଚି ରହିଛନ୍ତି । ଖୁସି ବାସିଆ ହୋଇ ରହିଛନ୍ତି । ମୁଁ ଭାବେ ସେମାନଙ୍କର ବିବେକ କି ସେମାନଙ୍କୁ ବୃଶ୍ଚିକ ତୁଲ୍ୟ ଦଂଶନ କରେ ନାହିଁ ? ପୁଣି ଭାବେ ମୋର ଚରିତ୍ରର ପ୍ରଭାବ କି ଅନ୍ୟ ଉପରେ ପଡ଼ିନାହିଁ ? ପଡ଼ୁନାହିଁ ? ନା, ନା ।

ଏହା ମଧ୍ୟ ଦେଖିଛି ଯେ ମୋର ପ୍ରଭାବ ଅନ୍ୟ ଉପରେ ପଡ଼ିଛି । ମୋର ଚରିତ୍ରର ଆଚରଣର ପ୍ରଭାବ ହିଁ ପଡ଼ିଛି । ତାହା ହେଲେ ନିରାଶ ହେବାର କଥା କିଛି ନାହିଁ । ସମୟସାପେକ୍ଷ । ନୂତନ ମଣିଷ ଆସିବ ନୂତନ ଚରିତ୍ରାବସ୍ଥା ଘେନି । ସେତେବେଳେ ଓଡ଼ିଆପୁଅ ଆହୁରି ଉଜ୍ଜ୍ୱଳ ହେବ । ସେତେବେଳେ ଓଡ଼ିଆ ଆହୁରି ଗୌରବାନ୍ୱିତ ହେବ । ମୋର ସେହି କନ୍ୟା ଯେତେବେଳେ ବିଧବା ହେଲି ପୁଣି ମୁଁ ତାର ବିବାହ ଦେବାର ବନ୍ଦୋବସ୍ତ କଥା ଭାବିଥିଲି, ମାତ୍ର ମୋର

Digitized by srujanika@gmail.com

ମା ମନା କଲା । ଆଉ ପୁଣି ସେ ଯେତେବେଳେ ନିଜ ଇଚ୍ଛା ଅନୁଯାୟୀ ଅନ୍ୟ ଏକ ପନ୍ଥ ଗ୍ରହଣ କଲା, ମୁଁ ତାହା ପସନ୍ଦ କଲି ନାହିଁ । ମୁଁ ହତଭାଗା, ସେ ହତଭାଗିନୀ; ପୁଣି ମୋର ହତଭାଗିନୀ ସ୍ତ୍ରୀ ଯେ କି ଆମ ପାଇଁ ଖଟି ଖଟି ମରୁଛି ଆଜକୁ ତ୍ରିଶ ବର୍ଷ ଧରି Colic ଭୋଗୁଛି । ଏ ସବୁ ଦେଖି, ଏ ସବୁ ଭାବି ମୁଁ ସୁଖୀ ହେବି କିପରି ?

ତଥାପି ଜୀବନ ମୋର ଆନନ୍ଦଦାୟକ । ମୁଁ ସେବାଭାବପରାୟଣ ଥିଲି । ଖୁବ୍ ସେବା କରୁଥିଲି । ଆଜି ୭୨ ବର୍ଷ ବୟସରେ ଯେତେବେଳେ asthma ବା ଶ୍ୱାସ ଯୋଗୁ ଦୁଇ ପାଦ ଚାଲି ପାରୁ ନାହିଁ, ଧଇଁ ସଇଁ ହୋଇ ଯାଉଛି, ସେତେବେଳେ ମୋର ସେବା କେବଳ ଏକ ସ୍ଥାନରେ ବସି କିଛି ଲେଖି, କିଛି ଭାବି, କିଛି ପରାମର୍ଶ ଦେଇ । ଏହା ଛଡ଼ା ଆଉ କଣ ହୋଇ ପାରେ ? କିନ୍ତୁ—ଏହି ହତଭାଗ୍ୟର ଜୀବନରେ ସରସତା କ'ଣ ତେବେ ନାହିଁ ?

ନା, ଭଗବାନ ପରମ ଦୟାଳୁ । ସେ ତଥାପି ଏ ଜୀବନରେ ଫୁଲ ଫୁଟାଉଛନ୍ତି । ମୋତେ ଏପରି ଅନେକ ଲୋକ ଦେଇଛନ୍ତି, ଏପରି ମୋର ନିଜର ଲୋକ ଯାହାଙ୍କ କଥା ଭାବି ମୁଁ ସମୟ ସମୟରେ ବ୍ୟଥିତ ହୁଏ । ସେମାନଙ୍କର ସେବା, ସେମାନଙ୍କର ବ୍ୟବହାର, ସୁନ୍ଦର ଗୃହାଣୀ ଏ ସବୁ ତ ମୋର ଜୀବନରେ ଅମୃତ ଢାଳୁଛି ଅଦ୍ୟାବଧି । ସେ ଅମୃତଢାଳା ବନ୍ଦ ହୋଇ ନାହିଁ । ସେଥିପାଇଁ ତ ମୁଁ ଆଜି ବଞ୍ଚି ରହିଛି । ସେଥିପାଇଁ ଏ ତରୁରେ ପୁଷ୍ପ ମଞ୍ଜରି ଉଠୁଛି, ସେଥିପାଇଁ ପ୍ରକୃତ ସୁନ୍ଦର ବୋଲି ଜଣା ଯାଉଛି । ସେଥିପାଇଁ ମୋର ଦୁଃଖ ଦୁର୍ବହ ହୋଇ ଉଠି ନାହିଁ; ସୁବହ ହୋଇ ରହିଛି । ଅଧିକ କ'ଣ କହିବି ? ହତଭାଗା ହେଲେ ମଧ୍ୟ ଭଗବାନ ଆଶୀର୍ବାଦ କରିଛନ୍ତି । ତାଙ୍କ ଦୟା, ତାଙ୍କର କରୁଣା ମୋ ଠାରେ ଅପରସୀମ, ମୁଁ ଭାବେ ।

ଘର କଥା

ଆଚ୍ଛା ବୀଣା ! କହିଲ, ତୁମର ଜୀବନଟା ସୁଖରେ ଗଲା ନା ଦୁଃଖରେ ଗଲା ? ଅନେକ ଦିନ ତ ହୋଇଗଲା—ତୁମେ ବଞ୍ଚିଲ ଛପନ ବର୍ଷ ଆଉ ମୁଁ ବଞ୍ଚିଲି ଅଠାବନ ବର୍ଷ । ବାହା ହେଲେ—ତୁମକୁ ଯେତେବେଳେ ଆଠ ବର୍ଷ ଆଉ ମତେ ସେତେବେଳେ ଦଶ ବର୍ଷ । ସେ ବାହାଘର ତ ଲୁଚକାଳି ଖେଳ । ମୁଁ ମାଇନର ସ୍କୁଲରୁ ଫେରିଲାବେଳେ ମା' ମା' ବୋଲି ଡାକେ । ତୁମେ ଘରରେ

Digitized by srujanika@gmail.com

କବାଟ ଫିଟାଇବାକୁ ସାହସ କର ନାହିଁ । ମା' ଘରେ ନ ଥାଏ । ତୁମେ ଆସି କବାଟ ଫିଟାଇ ଦେଲେ ମୁଁ ତୁମକୁ ନ ଚାହିଁ ତମ ତମ ହୋଇ ଘର ଭିତରେ ପଶିଯାଏ ।

ଏହିପରି ଅନେକ ଦିନ ଗଲା । ତୁମେ ବାପ ଘରକୁ ଯାଅ । ପୁଣି ମଝିରେ ମଝିରେ ଆମ ଘରେ ଆସି ରୁହ । ମୋ ମା ତୁମକୁ ଭଲ ପାଏ; କିନ୍ତୁ ଭାତ ପୋଡ଼ି ପକାଇଲେ, ତରକାରି ଖରାପ ରାନ୍ଧିଲେ, ତୁମ ଉପରେ ରାଗେ । ତୁମେ ଡରି ଡରି ସବୁ ଶିଖ । ମୁଁ ସେତେବେଳେ ଛୁଆ । ମୋର ବିଶ୍ୱାସ ସରଳ । ଆମ ଘର ପୁରୋହିତ ବୁଢ଼ା ମୋତେ ବି ଭଲ ପାଉଥିଲେ । ମୁଁ ଖୁବ୍ ଗୋରା ହେବା ପାଇଁ ଇଚ୍ଛା କରୁଥିଲି । ପୁରୋହିତ ବୁଢ଼ା କହନ୍ତି, ଲଙ୍କାମରିଚ ଖାଇଲେ ଖୁବ୍ ଗୋରା ହେବ । ମୁଁ ସେଥିପାଇଁ ଲୁଚିଇ ଲୁଚିଇ ଗରମ ଭାତ ଭିତରେ କଞ୍ଚା ଲଙ୍କାମରିଚ ଦେଇ ଚୋବାଇ ପକାଏ । କି ସରଳ ବିଶ୍ୱାସ—ବାପ୍ରେ ବାପ୍ ! ତମ ଉପରେ ମୋର ଗୋଟିଏ ଅସନ୍ତୋଷ ଥାଏ । ତାର କାରଣ ମୁଁ ପିଲାଦିନୁ ମେମ୍‌କୁ ବାହା ହେବ ବୋଲି ମନେ କରିଥିଲି ।

ମା କହିଥିଲା— ହଁ, ମେମ୍‌କୁ ବାହା ହେବୁ । ଯେତେବେଳେ ପାଲିଙ୍କିରେ ଚଢ଼ି ବାହା ହେବା ପାଇଁ ଗଲି, ସାହେବମେମ୍‌ମାନେ ଯେଉଁଆଡ଼େ ଥାନ୍ତି ସେହି ବାଟ ଦେଇ ମୋ ପାଲିଙ୍କି ଗଲା । ବାଜା ବାଜୁଥାଏ, ଟେକ୍ଷଣି ଜଳୁଥାଏ । କେତେ ମେମ୍‌ଛୁଆମାନେ ପଦାକୁ ବାହାରି ଆସି ଦେଖିଲେ । ମୋତେ ବି ଦେଖିଲେ । ମୁଁ ଭାବୁଥାଏ—ଏହି ଝିଅମାନଙ୍କ ମଧ୍ୟରୁ ଗୋଟାକୁ ବିବାହ କରିବି । ବିବାହର ଅର୍ଥ ସେତେବେଳେ ଆଉ କିଛି ଜାଣି ନ ଥାଏ । କେବଳ ବିଲେଇଛୁଆକୁ ଯେପରି ପାଖରେ ରଖିବାକୁ ଇଚ୍ଛା ହୁଏ, ତାକୁ ଗେହ୍ଲା କରିବାକୁ ଇଚ୍ଛା ହୁଏ, ଚୁମା ଦେବାକୁ ଇଚ୍ଛା ହୁଏ, ସେହିପରି । ଆଉ କିଛି ନା ?

କିନ୍ତୁ କାହିଁ, ପାଲିଙ୍କି ତ ବାହାରି ଗଲା, ବାଜାବାଲାମାନେ ବାଜା ବଜାଇ ବଜାଇ ପାଲିଙ୍କି ସାଙ୍ଗରେ ସେହି ମେମ୍‌ପଡ଼ା ପାର ହୋଇ ଚାଲିଗଲେ । ମୋ ମନରେ ଗୋଟିଏ କ୍ଷୋଭ ଆସିଲା । ପାଲିଙ୍କି ଯେତେବେଳେ ଗୋଟିଏ ବାଉଁଶବଣ ଭିତର ଦେଇ ଗଲା ଏବଂ ତା'ପରେ ଗୋଟିଏ ଚାଳଘର ସାମନାରେ ଓହ୍ଲାଇଲା, ଆଉ ଶଙ୍ଖ ହୁଳହୁଳି ପଡ଼ିଲା, ମୋତେ ପାଲିଙ୍କିରୁ ଉଠାଇ ବେଦୀରେ ବସାଇବାକୁ ନେଲେ, ମୁଁ ଆପତ୍ତି କଲି—ନା, ଏଠି ବାହା ହେବି ନାହିଁ । କିନ୍ତୁ କିଏ ଶୁଣୁଛି ମୋ କଥା ? ମୋର ବଳ ବା କେତେ ? ସମସ୍ତଙ୍କ ଜୋର୍‌ରେ ମୋ ଜୋର ହାରିଗଲା । ବାହାଘର ବେଳେ ବେଦୀରେ ଆଣି ତୁମକୁ ମୋ ପାଖରେ

Digitized by srujanika@gmail.com

ଯେତେବେଳେ ବସାଇ ଦେଲେ, ଆଉ ଶଳା ମାଡ଼ ଯେତେବେଳେ ମୋ ପିଠି ଉପରେ ପଡ଼ିଲା, ସେତେବେଳେ ମୁଁ ପ୍ରତିବାଦ କରି ଉଠିଲି । ରାଗି ଉଠିଲି—କଣ ମାନେ ନା କଣ କହିଲି ।

କିନ୍ତୁ ଗୁରୁଜନମାନେ କହିଲେ—ଶଳା ସେପରି ମାରେ । ସେହି ଯେ ମନର ବକ୍ରତା, ବିରୋଧ ରହିଗଲା—ଅନେକ ଦିନ । ମୁଁ ଆଉ ତୁମକୁ ଭଲ ପାଇ ପାରିଲି ନାହିଁ । ଯେତେବେଳେ ଘରେ ଏକାକୀ ରହୁଥିଲ, ଆଉ ମୁଁ ମଧ୍ୟ ରହୁଥିଲି—ସେତେବେଳେ ଆମେ ଖୁସିଗପ୍ପ ହୋଇ ପାରିଲେ ନାହିଁ । ସୁତରାଂ ଆମର ଆଉ ବାଲ୍ୟକୃଷ୍ଣଲୀଳା ବା ରାଧାକୃଷ୍ଣ ଲୀଳା ହୋଇ ପାରିଲା ନାହିଁ । ତା ପରେ ଯୌବନ । ମୋତେ ସେତେବେଳେ ଷୋଳ ବର୍ଷ, ତୁମକୁ ପନ୍ଦର ବର୍ଷ । ତୁମେ ଆସିଲ ଯୁବତୀ ହୋଇ ଆମ ଘରକୁ । କେତେ ଲୋକର କେତେ ଆନନ୍ଦ । ମା ଭଉଣୀ, ବାପା, ମାମୁଁ ଆଉ ଗାଁଆର ଲେଖା ଯୋଖା ମାଉସୀ, ମାଇଁ ଇତ୍ୟାଦି ।

କିନ୍ତୁ ମୋର ମନରେ ଆନନ୍ଦ ନାହିଁ । ମୋ ମନେ ମନେ କ୍ରୋଧରେ ଭରିଛି । ଯେତେ ଭାରହାଣ୍ଡି ଆସୁଛି, ଯେତେ ଖଇଉଖୁଡ଼ା ମିଠେଇ ଆସୁଛି, ଆଉ ସବୁ ଆସୁଛି—ସେ ସବୁ ମୁଁ ଅଇଁଠା କରୁଛି । ଖଣ୍ଡିଆ ଖାବରା କରୁଛି । ଗାଳି ଦେଉଛି । ପ୍ରତିଜ୍ଞା, ମୁଁ ବାହା ହେବ ନାହିଁ, ବେଦୀରେ ବସିବ ନାହିଁ । ଏ ବେଦୀ ଆମ ଘରେ—ତୁମ ଘରେ ନୁହେଁ । ସେଦିନ ରାତିର କଥା ଭୁଲିବ ନାହିଁ । ରାତି ଆଠଟା ନ'ଟା ବେଳେ ମୋତେ ବେଦୀକୁ ଟାଣିଲେ । ମୁଁ ଗୋଇଠା ମାରି ବେଦୀକୁ ଭାଙ୍ଗି ଦେଲି । ସମସ୍ତେ ଛି ଛି କର କଲେ । ତା ପରେ ପ୍ରବୋଧ ଦେବା ପାଇଁ ଚେଷ୍ଟା କଲେ । ସମସ୍ତେ କହିଲେ ବିଶେଷତଃ ସ୍ତ୍ରୀଲୋକମାନେ—ମଲା, ଏ କମିତିକା ଟୋକା ମ ! ଯାହା ହେଉ ମନ୍ତ୍ର ପାଠ ହେଲା, ହୋମ ହେଲା, ତା ପରେ ମୋତେ ସେ ହୋମନଡ଼ିଆ ଧରି ଗୋଟିଏ ପୋଖରୀକୂଳକୁ ଯିବାକୁ ହେଲା ।

ସବୁ କଥା ଠିକ୍ ଠିକ୍ ମନେ ନାହିଁ । ସେ ନଡ଼ିଆ ପୋଡ଼ା ହୋଇଥିଲା । ସେଥିରୁ କିଛି ଖାଇଲି ନା କଣ । ତା ପରେ ମୋତେ ଘରକୁ ଆଣିଲେ । ତୁମ ପାଇଁ ବାସରଘର ସଜା ହୋଇଥାଏ । ମୋତେ ତା ଭିତରକୁ ପଶିବାକୁ କହିଲେ । ମୁଁ ନାହିଁ କଲି; କେତେ ଯୁକ୍ତିତର୍କ ହେଲା । ମୋର ବଡ଼ ଭଉଣୀ, ଆହୁରି ଆହୁରି କେତେ ସ୍ତ୍ରୀଲୋକ ମୋତେ ଠେଲି ଦେଲେ ସେ ଘର ଭିତରକୁ, ଆଉ ବାହାରୁ କବାଟ ଲଗାଇ ଦେଲେ । ସେ ରାତିରେ—ତୁମେ ଚୁପ୍—ମୁଁ ଚୁପ୍ । ମୁଁ ଫଁ ଫଁ ହେଉଥାଏ । ତୁମେ ଡରି କରି କେଉଁ କୋଣରେ ଥାଅ । ତା'ପରେ କିଛି ସମୟ

Digitized by srujanika@gmail.com

ପରେ ମୁଁ ଏକା ଯୋଗୁ ଶୋଇ ପଡ଼ିଲି । ଆଉ ତୁମେ କଣ କଲ କେଜାଣି ଜାଣିନାହିଁ । ଏବେ କଅଣ ତୁମର ମନେ ଅଛି ? ମନେ ଅଛି ତ କହିବ । ତାହାପରେ ମୋର ଏଣ୍ଟ୍ରାନସ୍ ପାସ ହେଲି । ମୁଁ ବୃତ୍ତି ପାଇଲି, କଲେଜରେ ପାଠ ପଢ଼ିବାକୁ ଗଲି । କେବେ ଆଉ ଘରକୁ ଫେରିବା ପାଇଁ ମନ କରେ ନାହିଁ । କାରଣ ଘରକୁ ଗଲେ ତୁମେ ଅଛ । ଏଣେ ମାଆ ବାପା ଦୁଃଖିତ ହୁଅନ୍ତି । ସମସ୍ତଙ୍କ ପିଲା ଛୁଟିରେ ଘରକୁ ଫେରନ୍ତି । ମୁଁ ଫେରେ ନାହିଁ ।

ଇତି ମଧ୍ୟରେ ମୁଁ ବ୍ରାହ୍ମସମାଜ, ଖ୍ରୀଷ୍ଟିଆନ ସମାଜ, ମୁସଲମାନ ସମାଜ ପ୍ରଭୃତିରେ ମିଶି ଧର୍ମଭାବରେ ଜୀବନ କଟାଇବାକୁ ସବୁବେଳେ ଆଗ୍ରହ କରୁଥିଲି । ନାନା ଗଳ୍ପ ଉଠିଲା ଯେ ମୁସଲମାନ ହୋଇଯାଉଛି, ମୁଁ ଖ୍ରୀଷ୍ଟିୟାନ୍ ହୋଇଯାଉଛି, ମୁଁ ବ୍ରାହ୍ମ ହୋଇଯାଉଛି । ବାବାମା'ଙ୍କର ଚିନ୍ତାର ସୀମା ନାହିଁ । ତୁମର କି ଚିନ୍ତା ମୁଁ ଆଜି ପର୍ଯ୍ୟନ୍ତ ଜାଣି ପାରି ନାହିଁ ।

ତା ପରେ ଯୌବନ ଭରି ଭରି ଉଠିଲା—ଉଛୁଳା ହେଲା । ତୁମ ସାଙ୍ଗରେ ହୁଏତ ଥରେ ଅଧେ ସେତେବେଳେ ମିଶିଛି । କିନ୍ତୁ ସେ ମିଶାରେ ଆନନ୍ଦ ହୋଇଛି କି ? କେବଳ ଦୁଧ ତାତି ଉଠି ଫୁଲି ଉଠିଲେ ଟିକିଏ ତେଲ ଢ଼ାଳି ଦେଲେ ପରେ କମିଯାଏ । ସେହିପରି ସାମୟିକ ଉତ୍ତେଜନା ଟିକିଏ କମିଯାଏ । ତାହା ନ ହେଲେ ମନଟା କିଛି ଭଲ ନ ଥାଏ । ଏଣେ ଚାକିରି ବାକିରି ନାହିଁ । ଦିନେ ମା'ର ତାଡ଼ନାରେ ଗୋଟିଏ କଥାରେ ଘର ଛାଡ଼ିଲି । ତୁମେ ହିଁ ହତଭାଗିନୀ । ଆଉ ଦୁଇ ଚାରି ବର୍ଷ ଦେଖା ହେଲା ନାହିଁ । ତାପରେ ମା ଚେଷ୍ଟା କରିଛି ଅନେକ ଥର ତୁମକୁ ମୋ ପାଖରେ ଛାଡ଼ିବା ପାଇଁ । ମୁଁ ଲେଉଟାଇ ଦେଇଛି ବାରମ୍ବାର । ସେ କି ଦୁଃଖ ତୁମର । ତା ପରେ ମା'ର ଅନେକ ଯତ୍ନ ପରେ—(ଆଜି ମା' ମରିଯାଇଛି) ତୁମେ ମୋ ପାଖକୁ ଆସିଲ । ତୁମେ ମୁଁ ଏକାଠି ରହିଲୁ । କିନ୍ତୁ ସେଥିରେ ମଧ୍ୟ କେତେ ଥର ବା ଦେଖା, କେତେ ଥର ବା ଶୁଆ ? ମୁଁ ସବୁବେଳେ କାମରେ ବ୍ୟସ୍ତ ବାହାରେ, ଆଉ ତୁମେ ତ ସବୁବେଳେ ଘରେ ବ୍ୟସ୍ତ କାମରେ । ରାତି ହେଲେ ତୁମର ମୋର ଦେଖା କାହିଁ ? ଦୁହେଁ ଯାକ ନିଦ୍ରାପୁରରେ ।

କୁହ ବୀଣା—ତୁମେ କଣ ଜୀବନରେ କେବେ ସୁଖୀ ହୋଇଛ ? ତା ପରେ ତୁମେ ଗର୍ଭବତୀ । ଏହିପରି ଚାରି ବର୍ଷ ଚାଲିଗଲା, ତୁମର ମୋର ଦେଖା ନାହିଁ । ତା ପରେ ମା'ର ଅନେକ ଚେଷ୍ଟାରେ ତୁମେ ମୁଁ ପୁଣି ଏକାଠି ହେଲୁ । କିନ୍ତୁ କ'ଣ ପାଇଁ ? ଦ'ଦିନ ପାଇଁ । ତୁମେ ଗଲ ଅନ୍ୟତ୍ର । ମୁଁ ଗଲି ଅନ୍ୟତ୍ର । ଦୁଇ

Digitized by srujanika@gmail.com

ବର୍ଷ ଗ୍ଲଲଗଲ । ତା ପରେ ହୁଏତ ଟିକିଏ ମିଶିଲୁ—ସେ ମଧ୍ୟ ଦୁଇ ଦିନ ପାଇଁ । ତା ପରେ ମୁଁ ଗ୍ଲଲିଗଲି, ତୁମେ ଘରେ ରହିଗଲ । ସେ ଗଲା ଆଠ ବର୍ଷ । ତା ପରେ ପୁଣି ତୁମେ ମୁଁ ଏକାଠି ରହିଲୁ । କିନ୍ତୁ ତୁମକୁ ହେଲା ମେଲେରିଆ ଜ୍ୱର, ପ୍ଲୀହା, ପେଟମରା; ଆଉ ମୁଁ ଏଣେ ତେଣେ ବୁଲା ଫକୀର । ଯୌବନଟା ଏହିପରି ଏହିପରି ଗଲା । ତା ପରେ ଆସିଲା ଟିକିଏ ପ୍ରୌଢ଼ପଣ । ସେତେବେଳେ ଯାହା ଟିକିଏ ମିଶିବା, କଳି କରିବା, ଆନନ୍ଦ ପାଇବା, ପୁଣି ଅମୃତ୍ୟୁ କାମନା କରିବା, କାରଣ ମୋର ଆଦର୍ଶ ସହିତରେ ତୁମର ଆଦର୍ଶ କେବେ ମିଳିଲା ନାହିଁ ।

ତୁମେ ଗ୍ଲହିଁଲ କନ୍ୟାର ଅଳ୍ପ ବୟସରେ ବିବାହ, ମୁଁ ଗ୍ଲହିଁଲି ପାଠ ପଢ଼ାଇବି । ଏହିପରି ଗ୍ଲଲିଲା । ତୁମେ କାହାରି ଘରୁ ଖାଇବ ନାହିଁ । ମୁଁ ହେଲି ସର୍ବଖିଆ । ପୁଣି ମୋ ଆଦର୍ଶରେ ସବୁବେଳେ ଗୋଳମାଳ ଘଟିଛି । କିନ୍ତୁ ତୁମେ ତୁମର ପଥରେ ଅଟଳ, ସ୍ଥିର ହୋଇ ଗ୍ଲଲିଛ । ମା' ବାବାର ସେବା କରିଛ । ସେମାନେ ଗ୍ଲଲି ଯାଇଛନ୍ତି—ତଥାପି ତୁମେ ସମସ୍ତଙ୍କର ସେବା କରୁଛ । ମୁଁ ଜଗତର ସଂସ୍ପର୍ଶ ଓ ସଂଘାତରେ ଆସି ବଦଳି ବଦଳି ଗ୍ଲଲିଛି—ମୁଁ ହୁଏତ ତୁମ ଆଦର୍ଶ ଠାରୁ ବହୁ ନିମ୍ନରେ—ମୁଁ ଏହା ଅନୁଭବ କରୁଛି । କିନ୍ତୁ ଜଗତଟା ସେହି ନିମ୍ନରେ ଗ୍ଲଲିଛି ।

ଏତିକି ଆନନ୍ଦ ମୋର ଯେ ତୁମେ ଦିନୁ ଦିନ ମୋ ଚକ୍ଷୁରେ ଦେବୀ, ସୁନ୍ଦରୀ, ମହାପ୍ରାଣା ଜଣା ଯାଉଛ—ଦେଖା ଯାଉଛ । ଅଥଚ ମୁଁ ନିଜ ଠାରେ ଦିନୁ ଦିନୁ ତଳକୁ ଖସୁଛି । ବେଶୀ ଉପରକୁ ଉଠି ପାରି ନାହିଁ । ଆହୁରି ଗୋଟିଏ କଥା । ତୁମେ ଅଛ ବୋଲି ତୁମ ଯୋଗୁ ମୁଁ ଆଜି ଯେଉଁ ସ୍ଥାନରେ ଅଛି ସେହି ସ୍ଥାନରେ ମଧ୍ୟ ରହି ପାରନ୍ତି ନାହିଁ—ଆହୁରି ତଳକୁ ହୁଏତ ଖସି ଯାଆନ୍ତି ! କିନ୍ତୁ ଗୋଟିଏ କଥା କହିବି । ତୁମେ ମୋତେ ଶାନ୍ତ କରିଛ ସତ—କିନ୍ତୁ ମୁଁ ହୁଏତ ତୁମ ବ୍ୟତିରେକେ ଅହୁରି ଅଧମ ହୋଇ ଥାଆନ୍ତି । ନୋହିଲେ ଆହୁରି ବହୁ ଉଚ୍ଚକୁ 'ଉଠି ଥାଆନ୍ତି । ଯାହା ହେଉ ମୁଁ ତୁମକୁ ଆଉ ଦୋଷୀ କରୁ ନାହିଁ ।

ତୁମର ଆଶୀର୍ବାଦ ବରାବର ମାଗୁଛି—ମନେ ମନେ । ତୁମେ ଆଶୀର୍ବାଦ କରିଛ ମଧ୍ୟ । ମୋର ପାପର କଥା ତୁମେ କାହାକୁ କହିବ ନାହିଁ । ଯେତେ ଯନ୍ତ୍ରଣା ସହିଛ ସବୁ ଅନ୍ତରରେ ଏକା ଏକା ବଡ ସହିଛ । ତୁମକୁ ମୁଁ ମାନେ—ମାନିବି । ତୁମ ସ୍ପର୍ଶରେ ମୁଁ ପବିତ୍ର ହୋଇଛି ବାରବାର—ପବିତ୍ର ହେବି ଆହୁରି । ତୁମର ସେ ନରମ, ଦରଦ, କମନୀୟ ଭାବ—ସେ ସବୁ ମୋତେ ନରମ କରିଛି—ମୋ ଚରିତ୍ରକୁ ସୁନ୍ଦର କରିଛି । ସେଥିପାଇଁ ତ ମୁଁ ଯାହା ଅନ୍ୟକୁ ଭଲ ପାଇବାକୁ

Digitized by srujanika@gmail.com

ଶିଖିଛି । ତୁମର ଦୁଃଖ କଥା ଏବେ ଶୁଣିଲେ—ମନେ ମନେ ଭାବିଲେ ଆତଙ୍କ ଉପସ୍ଥିତ ହୁଏ ।

ଅଶ୍ୱତ୍ଥ ଗଛ

୧୯୨୨ ଖ୍ରୀଷ୍ଟାବ୍ଦର କଥା । ସେତେବେଳେ ମୁଁ Star of Utkal ପତ୍ରିକା ବାହାର କରୁଥାଏଁ । ଶନିବାର ଦିନ ସକାଳ ଓଳି କାଗଜଟି ପ୍ରକାଶ ହେଲା ପରେ ଉପର ଓଳି ମୋ ପାଖକୁ ଅନେକ ଲୋକ ଆସୁଥିଲେ । ସେଥିରୁ ଦଳେ ଲୋକ ପ୍ରଶଂସା କରିବା ପାଇଁ, ଆଉ ଦଳେ ଲୋକ କଳିଆ କରିବା ପାଇଁ । ଏହି ଉଭୟ ସଙ୍କଟରୁ ରକ୍ଷା ପାଇବାକୁ ମୁଁ ଗୋଟିଏ ବାଟ ଧରିଲି । କଟକରେ ମିଶନ ସ୍କୁଲରେ ଶିକ୍ଷକତା କରୁଥିବା ସମୟରେ ମୁଁ ଜାଣିଥିଲି ଦଳେ ଖ୍ରୀଷ୍ଟାନ୍ ଗୃହ ବରାବର ଉପରଓଳି ଚହଟା ଘାଟ ପାର ହୋଇ ତାଙ୍କର ଖ୍ରୀଷ୍ଟାନ୍ ପଲ୍ଲୀକୁ ଯାଆନ୍ତି । ମୁଁ ଭାବିଲି, ମୁଁ ଯଦି ଏମାନଙ୍କ ସଙ୍ଗରେ ପ୍ରତି ଶନିବାର ମହାନଦୀ ପାର ହୋଇ ସେମାନଙ୍କ ସଙ୍ଗରେ ତାଙ୍କ ଗ୍ରାମକୁ ଯାଏଁ ତା ହେଲେ ମୋର ଚରିତ୍ର ପରିବର୍ତ୍ତନ ହେବ ଏବଂ ତଥା ସେହି ଖ୍ରୀଷ୍ଟାନ ପଲ୍ଲୀର ମଧ୍ୟ ସେବା କରି ପାରିବି । ଶନିବାର ଦିନ ଯାଏ ଓ ସୋମବାର ଦିନ ସକାଳେ କଟକ ଫେରିଆସେଁ । କରଣବହାଗି ମୋର ଜଣେ ଧନିକ ପ୍ରିୟ ଗୃହ ଥିଲା । ମୁଁ ଯାଇ ତାରି ପାଖରେ ରହେ । ଶନିବାର ଦିନ ଉପରଓଳି ଗଲାବେଳକୁ ଏବଂ ସୋମବାର ଦିନ ସକାଳଓଳି ଆସିଲା ବେଳକୁ ସେହି ଦେଉଳସାହିରେ, ମୁଁ ଯେଉଁଠି ଘର କରିଛି, ସଡ଼କ କଡ଼ରେ ଗୋଟିଏ ଅଶ୍ୱତ୍ଥ ଗଛ ଥାଏ । ତା'ରି ସାମନାରେ କୋଡ଼ିଏ ବାଇଶି ଗୁଣ୍ଠ ଜମିର ଗୋଟିଏ ଖୋଲା ପଡ଼ିଆ ପଡ଼ିଥାଏ । ସେଠାରେ କୋଳଥ ଚାଷ ହେଉଥାଏ । ଏହି ଅଶ୍ୱତ୍ଥ ଗଛର ପତ୍ରଗୁଡ଼ିକ ଶିରି ଶିରି ହୋଇ ଯେତେ-ବେଳେ ମୋ ଦେହରେ ଶୀତଳ ପବନ ବିଞ୍ଚୁଥାଏ, ସେତେବେଳେ ମୋ କାନ ପାଖରେ ଯେପରି କିଏ କହୁଥାଏ, ସେଠାରେ ତୁମେ ଘର କର, ଆଉ ତୁମକୁ କେହି ଏଠେ ହାଇରାଣ ହରକତ କରି ପାରିବେ ନାହିଁ ।

ମୁଁ ଇଙ୍ଗିତ ବୁଝି ପାରିଲି ଏବଂ ଅନୁସନ୍ଧାନରେ ଜାଣିଲି ଯେ ଏ ଜମି ସୁତାହାଟର ସଦାନନ୍ଦ ଦାସ ଜମିଦାରଙ୍କର । ମୁଁ ସେତେବେଳେ ସୁତାହାଟରେ ସେଇ ସଦାନନ୍ଦ ଦାସ ଜମିଦାରଙ୍କ ଘରଭଡ଼ା ନେଇଥାଏ । ଗ୍ରାମୁଁ କରଣ ଠାରୁ ବୁଝିଲି ଯେ ଜମି ଖଣ୍ଡିକ ୧୮ ଗୁଣ୍ଠ ଏବଂ ଏହା ଯଦି ମୁଁ ନିଏଁ ତା ହେଲେ ମୋତେ ଦୁଇଶହ ଟଙ୍କା ପଡ଼ିବ । ମୁଁ ସାଙ୍ଗେ ସାଙ୍ଗେ ଟଙ୍କା ଦେଲି । ତହିଁ ଆର ଦିନ ଗ୍ରାମୁଁ କରଣକୁ କହିଲି ମୋତେ ଜମିଟି ମାପି ଦିଅ । ସେ ଯେପରି ମାପି ଦେଲେ

Digitized by srujanika@gmail.com

ସେପରି ବାଡ଼ ବସାଇ ଦେଲି । ‘ହଠାତ୍ ଗୋଟିଏ କୂଅ ଖୋଳି ପକାଇଲି । ତିନି ଶହ ଟଙ୍କା ପଡ଼ିଲା । ତା ପରେ ମୋର ବନ୍ଧୁ ଚନ୍ଦ୍ରାମଣି ସ୍ୱାଇଁଙ୍କୁ ଦୁଇ ଶହ ଟଙ୍କା ଦେଇ କେବଳ ଘରଟିଏ ଠିଆ କରାଇଲି । ତା ପରେ ଧୀରେ ଧୀରେ ଦେଉଳସାହିରେ ଆସି ରହିବାକୁ ଆରମ୍ଭ କଲି ।

ସେତେବେଳକୁ ମୁଁ ଗୋଟିଏ ପ୍ରେସ୍ କରିଥାଏ । କାନ୍ଥ ବଦଳରେ ତାଳବରଡ଼ାର ତାଟି ଲଗାଇ ଦେଲି । ଏହିସବୁ କଥା ସେ ଅଶ୍ୱତ୍ଥ ଗଛ ଦେଖୁଥାଏ । ତା ପରେ ପରେ କୋଠାଘର ହେଲା । କିନ୍ତୁ ଏଣେ ଅଶ୍ୱତ୍ଥ ଗଛଟି କରାଜୀର୍ଣ୍ଣ ହୋଇ ଯାଉଥାଏ । ପବନ ବହିଲେ ଏପରି ଆଶଙ୍କା ହେଉଥାଏ, ତା’ର ଡାଳ ଭାଙ୍ଗି ହୁଏତ ଆମର ପ୍ରେସ୍ ଘରଟିର ସର୍ବନାଶ କରିଦେବ ।

ଏହିପରି ଅବସ୍ଥାରେ ମୁଁ ମ୍ୟୁନିସିପାଲିଟିକୁ ଚିଠି ଲେଖିଲି ସେ ଗଛଟିକୁ ହଟାଇ ଦେବାକୁ । ସେ ଗଛର କୋଟରରେ ସାପ ମଧ୍ୟ ରହୁଥିଲା । ଆଉ ଗଛଟିରେ ଅନେକ ପକ୍ଷୀର ବାସ ଥିଲା । ମ୍ୟୁନିସିପାଲିଟି ଲୋକେ ଆସି ଯେତେବେଳେ ତାର ଅଙ୍ଗପ୍ରତ୍ୟଙ୍ଗ ଛେଦନ କରୁଥାଆନ୍ତି, ସେତେବେଳେ ମୁଁ ବସି ଦେଖୁଥାଏଁ ଆଉ ଅନୁଭବ କରୁଥାଏଁ, ଯେପରି କି ମୁଁ ଗୋଟିଏ ମହା ଅନ୍ୟାୟ କାର୍ଯ୍ୟ କରିଛି । ଯେଉଁ ବୃକ୍ଷ ମୋତେ ତାର ଆତ୍ମୀୟ ରୂପେ ଆହ୍ୱାନ କରିଥିଲା ଏବଂ ମୋର ଏତେ ଉନ୍ନତି ଦେଖି ହର୍ଷୋତ୍ଫୁଲ୍ଲ ହୋଇ ବିଚଳିତ ହେଉଥିଲା, ସେହି ଅଶ୍ୱତ୍ଥ ବୃକ୍ଷର ସଂହାରକର୍ତ୍ତା ହେଲି ମୁଁ । ମ୍ୟୁନିସିପାଲିଟି ଲୋକେ ଗଛ ହାଣୁଥାଆନ୍ତି ଆଉ ମୁଁ ବସି ବସି କାନ୍ଦୁଥାଏ । ଏହିପରି ଦୁଇ ତିନି ଦିନ ଗଲା, ଗଛଟା କଟା ହୋଇଗଲା । ଆଉ ଶେଷରେ ସେ ବୃକ୍ଷର ପ୍ରେତାତ୍ମା ମୋତେ କହିଗଲା—ନରାଧମ ! ସେହି ବାକ୍ୟ ଶୁଣି ମୁଁ ତିନି ଚାରି ଦିନ ବିଷଣ୍ଣ ଭାବରେ ରହିଲି । କିନ୍ତୁ ସେହି ବିମର୍ଷତା କେବେହେଲେ ମୋ ମନରୁ ବିମୁଛିତ ହେଲା ନାହିଁ ।

ସେ ଗଛ ଗଲା ୧୯୬୫ରେ । କିନ୍ତୁ ଏହି ସତେଇଶି ବର୍ଷ ଧରି ସେ ମୋର ଅନ୍ତରରେ ଗୋଟିଏ କୋଣରେ ବିଷାଦ କାଳିମା ପରି ରହିଛି ଏବଂ ହୁଏତ ମୋ ଜୀବନର ଶେଷ ପର୍ଯ୍ୟନ୍ତ ରହିବ । ବୃକ୍ଷର ଯେ ଚୈତନ୍ୟ ଅଛି, ଏହା ସମସ୍ତେ ଜାଣନ୍ତି । କିନ୍ତୁ ତାର ଯେ ସୁଖଦୁଃଖ ଆମରି ଭଳି ଅଛି ଏହା ସବୁ କେହି ଜାଣନ୍ତିନି । ବୈଜ୍ଞାନିକ ଜଗଦୀଶ ବୋଷ ବୃକ୍ଷର ସୁଖ ଦୁଃଖର ଅନୁଭୂତିକୁ ପ୍ରାମାଣିକ ଭାବରେ ଦେଖାଇ ଯାଇଛନ୍ତି । ଆଉ ଆମର ହିନ୍ଦୁଶାସ୍ତ୍ର ମତରେ କି ଜଡ଼ କି ଚେତନ ସବୁଥିରେ ଜୀବନ ହୁଏତ ସୁପ୍ତ, ବା ଅବଚେତନ ଭାବେ

Digitized by srujanika@gmail.com

ରହିଅଛି । ଆଉ ଗୋଟିଏ କଥା, ମୋ ଜୀବନରେ ମୁଁ ଗୋଟିଏ ବୃକ୍ଷକୁ ଦେଖି ବରାବର ଗୁରୁ ଭାବରେ ଗ୍ରହଣ କରିଛି ।

ସେ ବୃକ୍ଷଟି ମଧୁବାବୁଙ୍କ କୋଠି ସାମନାରେ ଥିଲା । ତାହା ଗୋଟିଏ ଦେବଦାରୁ ବୃକ୍ଷ । ୧୯୧୩/୧୪ ଖ୍ରୀଷ୍ଟାବ୍ଦରେ ମୁଁ ଘରେ ଯେତେବେଳେ ଟ୍ୟୁସନରୁ ଫେରେ କେହି କେଉଁଆଡ଼େ ନ ଥିଲେ ମୁଁ ସେ ବୃକ୍ଷକୁ ପ୍ରଣାମ କରେ; ଆଲିଙ୍ଗନ କରେ ଏବଂ ପୁଣି ପ୍ରଣାମ କରି ଫେରି ଆସେ । ବୃକ୍ଷ ସହିତରେ ଏହି ଯେଉଁ ମାୟା ମମତାର ରଚନା, ତାହା ଭାବିଲେ ମୁଁ ଅବାକ୍ ହୁଏ ଏବଂ ମୋର ପ୍ରେମ ଟାଙ୍କୁର ହୁଏ । ସେହି ଅଶ୍ୱତ୍ଥ ବୃକ୍ଷ ଯେ ମୋତେ ମିତ୍ର ଭାବରେ ଭାବୁଥିଲା, ତା ପ୍ରତି ଯେଉଁ ଅମିତ୍ର ଆଚରଣ କରିଛି, ତାହା କଦାପି ମାର୍ଜନୀୟ ହୋଇ ନ ପାରେ । ଯାହା ହେବାର ହୋଇଛି । ସେହି ଅଶ୍ୱତ୍ଥ ବୃକ୍ଷର ସ୍ମୃତି ମୋ ମନରୁ କେବେ ପାସୋରି ଯିବନି ।

ଆମ୍ଭମାନଙ୍କର ଜାତୀୟ ଚରିତ୍ର

ଏମ୍. ଏ, ବି. ଏଲ୍. ପାସ୍, ସମ୍ବାଦପତ୍ରର ସମ୍ପାଦକ ଯୁବକ— ଧପ୍ ପାବାଜିର ଉତ୍ପାଦ । ଟେଲିଫୋନ୍ ଧରି କଥାବାର୍ତ୍ତା ହେଲି, କଣ ଅଛନ୍ତି କି ? ଜଣେ କହିଲେ, ଆପଣ ଟିକିଏ ରହନ୍ତୁ । ମୁଁ କହିଲି, ହଁ । ତା ପରେ ସେ undertoneରେ ପଚାରୁଚି, ମୁଁ ଶୁଣି ପାରୁଛି । କଣ କହିବି, ହଁ କି ନା— ହଁ ନା ଭିତରେ ସେ କହିଲା, ନା କହିଦିଅ । ତେଣୁ ସେ ମୋତେ ଉତ୍ତର ଦେଲେ, କହୁଛି, ଆଜ୍ଞା, ସେ ଚାଲିଗଲେଣି । ଏହିପରି ଧପ୍ ପାବାଜି । ଏହିପରି ଚରିତ୍ରର ମନୁଷ୍ୟ ଠାରୁ ଦେଶ କଣ ଆଶା କରିପାରେ ? ଦେଶରେ ଏପରି ଲୋକ ଭର୍ତ୍ତି ହେଲେ ଦେଶର ଭବିଷ୍ୟତ ଅନ୍ଧାର ହୋଇଯିବ ।

ରେଲ ଷ୍ଟେସନରେ ଗୋଟିଏ ପାର୍ଶଲ ଆସିଲା । ଆମେ ନୋଟିସ ପାଇଲୁ । ନୋଟିସ ପାଇଲା ଦିନ ଠାରୁ ଦିନେ ଦୁଇ ଦିନ ଅନ୍ତରରେ ଦଶ ଏଗାର ଥର ଲୋକ ଦୌଡ଼ିଲା । ହଠାତ୍ ଦଶ ଏଗାର ଥର ଦଉଡ଼ିବା ପରେ ଉତ୍ତର ଦେଲା ଯେ Demurrage ପଡ଼ିଛି । ଦେଲେ ମିଳିବ । ଯେଉଁମାନେ ସେଠି କାମ କରୁଥିଲେ ସେମାନେ ସେହି ରସିଦଟାରେ ତାରିଖ ପକାଇଛନ୍ତି । ଏହାକୁ କଣ କରିବ ? କେତେ ଲଢ଼ିବ ? ଜୀବନଟା ଯାକ ରେଲ ତେଲ ସାଙ୍ଗରେ ଲଢ଼ିଛି । ଜାତୀୟ ଚରିତ୍ର ଉନ୍ନତ ନ ହେଲେ ଏହିପରି ଘଟିବ । ଆମର ଜାତୀୟ ଚରିତ୍ରର

Digitized by srujanika@gmail.com

ଦୁର୍ବଳତା ଏତେ ବେଶୀ ଯେ, ତାହା ଦେଖିଲେ ଓ ଭାବିଲେ ଲଜ୍ଜିତ ହେବାକୁ ହୁଏ ।

ଉଦାହରଣ ସ୍ୱରୂପ—୧ । କାଲି କେତେଗୁଡ଼ିଏ ଆତ ଜଣେ ମୋତେ ଦେଲା । ମୋ ପାଖରେ ଯେତେ ଜଣ ଥିଲେ, ମୁଁ ସେମାନଙ୍କୁ ଗୋଟିଏ ଗୋଟିଏ କରି ଆତ ଖାଇବାକୁ ଦେଲି, ଅବଶିଷ୍ଟ ଚାରି ଗୋଟି ଆତ ରଖି ଦେଲି । ଆଜି ଦେଖିଲି ବେଳକୁ ତିନୋଟି ଅଛି । ଗୋଟିଏ କିଏ ନେଇ ଯାଇଛି ।

୨ । ଜଣେ B A.. ପାସ କରିଛି, ଦୁଇଶହ ତିନିଶହ ଟଙ୍କା ଦରମା ପାଏ । ସେ ଚିଠି ଲେଖିଲା, "ମୁଁ ବର୍ତ୍ତମାନ ବଡ଼ ବିପଦରେ ପଡ଼ିଛି, ମୋର ସ୍ତ୍ରୀର ଔଷଧ ପାଇଁ ମୋ ପାଖରେ ପଇସା ନାହିଁ । ଆପଣ ଦୟା କରି ବର୍ତ୍ତମାନ ଯାହା ଦେବେ, ମୁଁ ଅଗଷ୍ଟ ପଚିଶ ତାରିଖ ସୁଦ୍ଧା ନିଶ୍ଚୟ ଦେଇ ଦେବି । ଆଜି ସେପ୍ଟେମ୍ବର ପଚିଶ ତାରିଖ, ମୁଁ ଏହି କଥା ଲେଖୁଛି ।

୩ । ଆଉ ଗୋଟିଏ ଉଦାହରଣ ଦେଖନ୍ତୁ । ଜଣେ କହିଲା ସକାଳୁ ଦୁଇ ଘଣ୍ଟା ଓ ଅପରାହ୍ନ ଦୁଇ ଘଣ୍ଟା ଟାଇପ୍ କରିବ, ମାସିକ ବେତନ ସ୍ୱରୂପ ପଚିଶ ଟଙ୍କା ପାଇବ । କିନ୍ତୁ ସେ କେବେ ଚାରି ଘଣ୍ଟା କାମ କରିଛି ବୋଲି ମୋର ମନେ ହୁଏ ନାହିଁ । ଆଉ ଛୁଟି ନେଇ ରହିବାକୁ ବେଶ୍ ଠକଟିଏ ।

୪ । ଗୋଟିଏ ମାଳୀ ମାସିକ ଚାଳିଶ ଟଙ୍କାରେ ନିଯୁକ୍ତ ହେଲା । ସେ ଦୁଇ ଚାରି ଦିନ କାମ କରି ଘରକୁ ଗଲା ଚାଉଳ ଆଣିବାକୁ । ଘରେ ରହିଗଲା ଦଶ ବାର ଦିନ ।

ପୁଣି ଆସି ଚାରି ଛଅ ଦିନ ଠକାଠକି କରି କାମ କଲା । ତା ପରେ ବାହାନା—ଜ୍ୱର ଓ ମୁଣ୍ଡବ୍ୟଥା—ଚାରିଦିନ କାମ କଲା ନାହିଁ । ତାପରେ ଦେହ ଖରାପ ବୋଲି କହି ଗାଆଁକୁ ଯାଇଛି ।

ଆଉ କିନିଷ ଚୋରି ତ ଚାଲିଛି—ଚରିତ୍ରହୀନତା ଘୋଟି ଯାଇଛି ।

ଏହାରି ତୁଳନାରେ ଇଂରେଜ ଚରିତ୍ର ଅଦ୍ଭୁତ । ସେମାନଙ୍କର କଥାବାର୍ତ୍ତା ଖାଣ୍ଟି । ସେମାନଙ୍କର କାର୍ଯ୍ୟ ଖାଣ୍ଟି—ସେମାନେ ଏପରି ଚୋରି କରନ୍ତି ନାହିଁ । କର୍ତ୍ତବ୍ୟପରାୟଣତା ସେମାନଙ୍କର ମଧ୍ୟ ବେଶୀ । ଆମର କର୍ତ୍ତବ୍ୟପରାୟଣତା ଆଦୌ ନାହିଁ । ଚରିତ୍ରହୀନ ଆମେ । ପରିଷ୍କାର ପରିଚ୍ଛନ୍ନତା ଆମ ଠାରେ ଖୁବ୍ କମ ଦେଖାଯାଏ । ଆମେ ଅପରିଷ୍କାର କରୁ । ଆଦୌ ପରିଷ୍କାର ଆଡ଼କୁ ମନ ଦେଉନା ।

Digitized by srujanika@gmail.com

ତା ପରେ ବାବୁଭାଗ୍ୟା ଭାବ । ଯେ ଟିକିଏ ପାଠ ପଢ଼ିଲା କିମ୍ବା ଟିକିଏ କିଛି କାମ କଲା, ସେ ଘର ଓଲାଇବାକୁ କୁଣ୍ଠିତ । ପୁଣି ଆମ ଭିତରେ ଜାତିଭେଦ ପ୍ରଥା ରହିଛି । ମନେ କର, ମୋ'ର ଚାକର ଯଦି ବ୍ରାହ୍ମଣ ହୋଇଥିବ ଆଉ ମୁଁ ଗୁଡ଼ିଆ ହୋଇଥିବି, ତାହାହେଲେ ସେ ଚାକର ମୋର ବାସନ ମାଜିବ ନାହିଁ । ଯଦି ବାଧ୍ୟ କରାଯାଏ ତେବେ ସେ କୁଣ୍ଠିତ ହୋଇ ସେ କାମ କରିବ, କିନ୍ତୁ ସବୁବେଳେ ଠକେଇବ ।

ଅପର ବାଡ଼ିର ଗଛରୁ ଫଳ ଚୋରି କରିବା, ଅନ୍ୟ ଜିନିଷ ଚୋରି କରିବା କେତେକଙ୍କର ଗୋଟିଏ ପ୍ରଧାନ ରୋଗ ।

ଅନେକ ସମୟରେ ଏମାନେ ସେଇଟାକୁ ସେମାନଙ୍କର ବାହାଦୁରୀ ବୋଲି ଭାବନ୍ତି, ତାଙ୍କର ବୀରତ୍ୱ ଦେଖାଇଲେ ବୋଲି ଗର୍ବର ସହିତ ଏହି କଥା କହନ୍ତି ।

ଫାଉଣ୍ଟେନ୍ ପେନ୍ ଚୋରି, ଘଡ଼ି ଚୋରି— ଏ ସବୁ ତ କଲେଜ ପଢ଼ୁଆ ଛାତ୍ରମାନଙ୍କ ଭିତରେ ନିତ୍ୟ ନୈମିତ୍ତିକ ବ୍ୟବସାୟ ଭଳି ଚାଲିଛି ।

ତା ଛଡ଼ା ଏହିମାନଙ୍କ ଭିତରୁ ଯେଉଁମାନେ ସରକାରୀ ଚାକିରୀରେ ପଶିଲେ, ସୁବିଧା ପାଇଲା କ୍ଷଣି ଚୋରି କଲେ । ଖୁବ୍ କମ୍ ଲୋକ ଚରିତ୍ର ଘେନି କର୍ମକ୍ଷେତ୍ରରେ ଠିଆ ହୋଇ ପାରନ୍ତି । ଏତେ ଦୁର୍ବଳ ଜାହିଁକି ଭାରତୀୟ, ବୁଝି ହୁଏ ନାହିଁ । ଏହି ଦୁର୍ବଳ ଜାତୀୟ ଚରିତ୍ରକୁ ସବଳ ନ କଲେ ଏହି ଜାତିର ଭବିଷ୍ୟତ ନାହିଁ ।

ଆହୁରି ଦେଖନ୍ତୁ, ଗୋଟିଏ ସଂଘ ଗୋଟିଏ ବିଶେଷ ଲୋକଙ୍କ ପାଇଁ ଗଢ଼ାଥିଲା । ସେଥିରେ ସ୍ୱେଚ୍ଛାପ୍ରଣୋଦିତ ହୋଇ ସମସ୍ତେ ଧନୀ ମେମ୍ବର ହେବେ । ତା ନ ହୋଇ ତାଙ୍କ ପାଖକୁ ଦଶଥର ଗଲେ ମଧ୍ୟ ସହଜରେ ମେମ୍ବର ହେଉ ନାହାନ୍ତି— ଆଉ ଯେ ମେମ୍ବର ହେଲା, ତା'ର ଚାନ୍ଦା ସେ ବାକୀ ପକାଇ ରଖିଲା— ସେଥିରେ ତା'ର ଉତ୍ସାହ ନାହିଁ, କର୍ମପ୍ରାଣତା ନାହିଁ । ଆଉ ସେହି ସଂଗଠନ ସାହାଯ୍ୟରେ ଯଦି ସେହି ବିଶିଷ୍ଟ ଅନୁଷ୍ଠାନକୁ ଲାଭ ପହଞ୍ଚିଲା ତାହା ଏହି ଚରିତ୍ର-ହୀନମାନେ ସେହି ଲାଭ ବା ସେହି ସୁବିଧା ଟିକିଏ ନେବାକୁ ଲଜ୍ଜାବୋଧ କରନ୍ତି ନାହିଁ । ଆଗେ ସେ ଲାଭ ଉଠାଇବାକୁ ଚାହାନ୍ତି—ଏତେ ଚରିତ୍ରହୀନ ଏହି ଭାରତୀୟ ।

ଆହୁରି ଦେଖନ୍ତୁ ଯେଉଁ ନାରୀମାନେ ତ୍ୟାଗର ଜୀବନ ନେଇଛନ୍ତି ସେମାନଙ୍କର ବିଳାସ ସୌଖ୍ୟ ଇଚ୍ଛା କମ୍ ନୁହେଁ । ସେମାନେ ରାଜା ମହାରାଜା

Digitized by srujanika@gmail.com

ପର ରହିବାକୁ ମଧ୍ୟ ଇଚ୍ଛା କରନ୍ତି । ଏହାର ଫଳରେ କଂଗ୍ରେସର ପତନ ହେଲା । ଏହିପରି ଲୋକେ ସର୍ବକ୍ଷେତ୍ରରେ କଂଗ୍ରେସ ବାହାରେ ମଧ୍ୟ ଦେଖା ଯାଉଛନ୍ତି ।

ଚରିତ୍ରହୀନ, ଚରିତ୍ରହୀନ, ଚରିତ୍ରହୀନ—ଏହି ଭାରତୀୟ । ଭାରତୀୟ ଏହି ଚରିତ୍ରହୀନତା ଯୋଗୁଁ ଦୁର୍ବଳ । ଆଉ ବଙ୍ଗାଳୀ ସାଧାରଣତଃ ବଡ଼ ବାତଫୁରସି । କାମ କରୁ କରୁ ଗଳ୍ପ—ବିଶେଷରେ ବଙ୍ଗାଳୀ କିରାଣୀ ବେଶୀ ଗଳ୍ପ କରେ ।

ତେଲେଙ୍ଗାମାନେ ମଧ୍ୟ ଗଳ୍ପପ୍ରିୟ । ପଇସାଲୋଭ ତାଙ୍କ ସମସ୍ତଙ୍କ ଠାରୁ ବେଶୀ ଖାଇଛୁ—ସୁତରାଂ ସେ ପଇସା ଖାଇବା ଫିକର ବେଶୀ ଜାଣେ—ସେ ବୁଦ୍ଧି ତାକୁ ଆସେ । ଏହି ଚରିତ୍ରହୀନତା ଭିତରେ ସାଧାରଣ କାମ କରିବାରେ ହିନ୍ଦୁ ଠାରୁ ମୁସଲମାନ ବେଶୀ ଚରିତ୍ରବାନ୍ । ଆଉ କିରାଣୀ ବା ଅଫିସ କାମରେ ସାଧାରଣତଃ ମାନ୍ଦ୍ରାଜୀ ଅନ୍ୟାନ୍ୟଙ୍କ ଠାରୁ ବେଶୀ ଚରିତ୍ରବାନ୍ । ଓଡ଼ିଆ ଠକାଇବ, ଯଦି ସୁବିଧା ପାଏ—ଓଡ଼ିଆର ସନ୍ତୁଷ୍ଟ କରିବାର ଗୁଣ ନାହିଁ । ମାନ୍ଦ୍ରାଜୀ ସନ୍ତୁଷ୍ଟ କରିପାରେ ।

ଆଉଗୋଟିଏ ଚରିତ୍ରହୀନତା—ଅନେକେ ବହି ନିଅନ୍ତି, ମାତ୍ର ଫେରାଇବାକୁ କୁଣ୍ଠାବୋଧ କରନ୍ତି । ସେଥିରେ ପୁଣି ନେଇଥିବା ବହିରୁ ଛବି ସବୁ ଚିରିକରି ନେଇ ଯାଆନ୍ତି । ଏହି ହୀନ ଜାତୀୟ ଚରିତ୍ରହୀନତା ଆମର ସର୍ବନାଶ କରିଛି, କରୁଛି ଏବଂ ଚିରଦିନ କରୁଥିବ ।

ଆମେ ଆମର ଚରିତ୍ରର ଉନ୍ନତି କରିବୁ ନିଶ୍ଚୟ; ନୁହେଁ ? ବହି ଦୋକାନୀ ତୁମଠାରୁ ବହି ନେବ, କିନ୍ତୁ ବିକ୍ରୀର ମୂଲ୍ୟ ସେ ତୁମକୁ ସହଜରେ ଦେବ ନାହିଁ । ତା ପାଖରେ ତୁମେ ଯାଇ ଦଶଥର ନେହୁରା ହେଲେ ତେବେ ଯାଇ ସେ ତୁମକୁ ଦେବ ।

ଅଥଚ ମ୍ୟାକ୍‌ମିଲନ୍ କୋମ୍ପାନୀରେ ତୁମେ ଯଦି ବହି ରଖିବ, ଯାହା ସେଥିରୁ ବିକ୍ରୀ ହେବ ସେମାନେ ତାହା ପ୍ରତିବର୍ଷ ମନିଅର୍ଡର କରି ତୁମ ପାଖକୁ ପଠାଇ ଦେବେ ।

ଆଉ ଏକ ଚରିତ୍ରହୀନତା ଛାପାଖାନା ଲୋକଙ୍କର । ସେମାନେ କେବେ-ହେଲେ ଠିକ୍ ସମୟରେ ବହି ଦେବେ ନାହିଁ । କାଗଜ ଦେଇଥିଲେ ସେ କାଗଜ ବଦଳାଇ ଦେବେ । ଭଲ କାଗଜ ନେଇ ଖରାପ କାଗଜ ମଝିରେ ମଝିରେ ଦେଇଦେବେ, ଯେପରି ଆମେ ଜାଣି ପାରିବୁ ନାହିଁ—ଏତେ ଚରିତ୍ରହୀନ ଏମାନେ । ଅନେକ ସମୟରେ ଆଡ୍‌ଭାନ୍‌ସ ନେବେ; ମାତ୍ର କାମ ସୁନ୍ଦର କରିବେ ନାହିଁ,

Digitized by srujanika@gmail.com

ନମ୍ବା ଅଁତଭାନମ୍ ଟଙ୍କା ଫେରାଇ ଦେବେ ନାହିଁ । ତୁମେ ସେଥିପାଇଁ ଦଶଥର ହାଇରାଣ ହୁଅ, ତଥାପି ତାଙ୍କର ପଦବାଚ୍ୟ ନ ଥାଏ । ଏହିପରି ଚରିତ୍ରହୀନତା ଭୃତ୍ୟଆଡ଼େ ଘେରି ରହିଛୁ ।

ଫ୍ୟାସନ

ଚୀନର ଚାରିଶ କୋଟି ସ୍ତ୍ରୀଲୋକମାନଙ୍କର ମୁଣ୍ଡର ବାଳ ଏକା ଦିନକେ ସବୁ କଟା ହୋଇଗଲା । ଆଜି ସେମାନେ ବେଣୀ ହଲାଇ, ବେଣୀ ଝୁଲାଇ, ନାନା ଭଙ୍ଗୀରେ ବେଣୀ ବାନ୍ଧୁନାହାନ୍ତି । ସେକଥା ଆଜି ଚୀନରେ ନାହିଁ । ଆଜି ଚୀନରେ ଚୀନରମଣୀ ବନ୍ଧୁକ ଧରି ଲଢ଼େଇ କରିବାକୁ ତିଆରି । ଆଉ ଆମ ଭାରତରେ ଦେଖ, ଛଇଳୀମାନେ କେତେ ନବରଙ୍ଗ କରି ବେଣୀ ବାନ୍ଧିବାରେ କେତେ ସମୟ ନଷ୍ଟ କରୁଛନ୍ତି । ମୋର ତ ଇଚ୍ଛା ହୁଏ, ଏକା ଦିନକେ ସମସ୍ତ ସ୍ତ୍ରୀଲୋକ-ମାନଙ୍କର ବେକ କାଟିଦେଲେ ଜଞ୍ଜାଳ ମେଣ୍ଟନ୍ତା । ଆଉ ଏତେ ତେଲ, ସାବୁନ, ପମେଟମ, ଫେସ୍ ପାଉଡର୍, କିଛି ଦରକାର ପଡ଼ନ୍ତା ନାହିଁ । ପୁଣି ଭାରତର ଟୋକାଗୁଡ଼ାକ ଏପରି ହେଲେଣି ଯେ ସବୁବେଳେ ଏଣିକି ଆସିଲେ ସିଆଡ଼େ ଗଲେ ଦରପଣ ପାଖରେ ଠିଆ ହୋଇ ମୁଣ୍ଡ କୁଣ୍ଡାଇ ହେଉଛନ୍ତି । ଏମାନଙ୍କୁ ହିଁ ଅସଲ ବେହିଆ କୁହାଯାଏ । ଚୀନ ସହିତରେ ଲଢ଼େଇ କରିବାକୁ ହେଲେ ଆମ୍ଭମାନଙ୍କୁ ଚୀନ ଭଳିଆ କଠୋର ଓ କଠିନ ହେବାକୁ ହେବ । ନୋହିଲେ ଭାରତର ଏହି ନବ୍ୟଧର୍ମଗୁଡ଼ିକ ଯୋଗୁ ଭାରତର ପତନ ଅବଶ୍ୟମ୍ଭାବୀ । ପୂର୍ବେ ଗୁରୁକୁଳରେ ଛଅସାତ ବର୍ଷ ବୟସରେ ଛାତ୍ର ପ୍ରବେଶ କଲା ସମୟରୁ ପଚିଶ ଛବିଶ ବର୍ଷ ହେବା ପର୍ଯ୍ୟନ୍ତ କେଜେ ମୁଣ୍ଡରେ ତେଲ ଲଗାଇ ନ ଥାଏ । ଆଜି ଦେଖ ଏହି ବେହିଆ ବ୍ରହ୍ମଚାରୀମାନଙ୍କୁ, ତେଲ ନ ଲଗାଇଲେ ଗାଧୋଇବେ ନାହିଁ । ପୁଣି ବାସନା ତେଲ ଦରକାର । କା'ର ନଡ଼ିଆ ତେଲ ଦରକାର । କା'ର ସୋରିଷ ତେଲ ଦରକାର ଇତ୍ୟାଦି, ଇତ୍ୟାଦି ।

ମୋର ଗୋଟିଏ ନାତି ପଚାରୁଛି ଯେ, ଯେ ତେଲ ଲଗାଏ ସେ ଯଦି ବେହିଆ ହୁଏ ତାହାହେଲେ ମୋର ତେସ୍ତରି ବର୍ଷ ବୟସରେ ଦେହରେ ଟିକିଏ ସୋରିଷ ତେଲ ଲଗାଇବା କଣ ବେହିଆମି ନୁହେଁ ? କିନ୍ତୁ ସେ ନାତିଟି ଏହା ବୁଝେ ନାହିଁ । ଯେ ଶିଶୁ, ବୃଦ୍ଧ, ଜରାଗ୍ରସ୍ତ, ଜ୍ୱରଗ୍ରସ୍ତ ସେମାନଙ୍କ ପାଇଁ ବିଧାନ ସ୍ୱତନ୍ତ୍ର । ଅଧିକ କଅଣ କହିବ ? ବର୍ତ୍ତମାନ ମୋ'ର ଘରେ ଯେଉଁ ସବୁ ବ୍ୟବହାର ହେଉଅଛି ତାକୁ ଦେଖି ଦେଖି ମୋର ଘୃଣା ହୋଇଗଲାଣି, ଏବଂ ମୋର ଶୀଘ୍ର ମୃତ୍ୟୁ ହେଲେ ମୋ ପକ୍ଷରେ ସେ'ଟା ମଙ୍ଗଳଜନକ ହେବ ବୋଲି ଭାବୁଅଛି ।

Digitized by srujanika@gmail.com

ରଣବାଜା

ସକାଳୁ ଶୁଣୁଛି ବାଜା—ରଣବାଜା, ଦୁନ୍ଦୁଭି । କେତେ ଲୋକ ଏଥିରେ ପ୍ରମତ୍ତ । କେତେ ଲୋକ ପୋଷା ହେଉଛନ୍ତି । ଏହା କଣ ଶାନ୍ତିରକ୍ଷା ପାଇଁ ? ଦେଶରେ ସୈନ୍ୟସଂଖ୍ୟା ବଢ଼ୁଛି, ପୋଲିସସଂଖ୍ୟା ବଢ଼ୁଛି—ଏହା କି ହେଲା ଶାନ୍ତି । ଦେଶରେ ଶିଳ୍ପ ବଢ଼ୁଛି, ମଦାନିଶା ବଢ଼ୁଛି, ଆତ୍ମହତ୍ୟା ଚୋରି ଡକାୟତି ସବୁ ବଢ଼ୁଛି । ଏହାକି ହେଲା ଶାନ୍ତି । କେତେ ରଣବାଜା ବଜାଇବୁ ବଜା—କେତେ କୋରଆ କରିବୁ କର—ଏକମାତ୍ର ନିସ୍ପୃତ ଏହାର ପରିବର୍ତ୍ତନ କରିବ ।

ଏହିସବୁ ପୋଲିସ ଯେଉଁମାନେ ପ୍ୟାରେଡ କରୁଛନ୍ତି—ସେମାନେ ତ ଗାଁରେ ରହିଥିଲେ ଚାଷବାସ କରୁଥାନ୍ତେ । କିନ୍ତୁ କାହିଁ ?

ମୁଁ ଏ ବିଷୟରେ ମହାତ୍ମାଗାନ୍ଧିଙ୍କ Indian Home Rule ବା ଭାରତୀୟ ସ୍ୱରାଜରେ ଯେଉଁସବୁ ଭାବନା ଲେଖାଅଛି ସେଥିରେ ସାମ୍ପୂ ଦିଏ, ଏକମତ ହୁଏ । ମୁଁ Thoreauଙ୍କ ଚିନ୍ତାରେ ଏକାନ୍ତ ତ । ତାଙ୍କର Walden ବହିର ଭାବନା ମୋତେ ସ୍ପର୍ଶ କରେ । ମୁଁ ଚାହେଁ ଶାନ୍ତି, ବିଶ୍ୱବ୍ୟାପୀ ଶାନ୍ତି । କିନ୍ତୁ ସେ ଦିଗକୁ ଆମର ଚିନ୍ତା ଚାଲୁ ନାହିଁ, ଠିକ୍ ଅନ୍ୟ ଦିଗକୁ ।

ତେଣୁ ବେଶୀ ବାଜଣା—ରଣବାଦ୍ୟ—ଡ୍ରମ୍ କଙ୍କେଳ ଇତ୍ୟାଦି—ବୃଷ କରିବ କିଏ ? ବେଳ ଅଛି କାହାର ! ମଜାର କଥା—ଦୁଃଖର କଥା । ଏ କାଳରେ ଏହିଗୁଡ଼ାକ ବଢ଼ି ଗଲାଣି । ମୋ ଜନ୍ମବେଳକୁ ଏତେ ନ ଥିଲା—ବର୍ତ୍ତମାନ ସମଗ୍ର ସଂସାରବ୍ୟାପୀ ।

ଛାତ୍ରଙ୍କ ଚରିତ୍ର

ମୋର ଜୀବନର ଅଭିଜ୍ଞତାରେ ମୁଁ ଅନେକ ଛାତ୍ରଙ୍କୁ ଦେଖିଲି । କେବଳ ଦେଖିଲି ନୁହେଁ—ଦେଖିଲି, ସେମାନଙ୍କ ସହିତରେ ରହିଲି, ପାଖରେ ସେମାନଙ୍କୁ ରଖିଲି, ସେମାନଙ୍କ ପାଖକୁ ଗଲି, କଥା କହିଲି, ସମୟ କଟାଇଲି । ଗୋଟାଏ କଥା ବରାବର ଲକ୍ଷ୍ୟ କଲି—ଆମ ଛାତ୍ରମାନଙ୍କ ମଧ୍ୟରୁ ଅଳ୍ପ ଉଚ୍ଚ ଆଦର୍ଶ, ଉଚ୍ଚ ଚରିତ୍ର ଦ୍ୱାରା ଅନୁପ୍ରାଣିତ ଓ ଚାଳିତ । ପ୍ରତିଜ୍ଞା କରି ପ୍ରତିଜ୍ଞା ରକ୍ଷା କରିବା, ଏହା ଅତି ଅଳ୍ପ ଛାତ୍ରଙ୍କ ଭିତରେ ଦେଖିଲି । ଏପରିକି ଉଚ୍ଚ, ସୁନ୍ଦର, ଉନ୍ନତିକାମୀ ଓ ଉନ୍ନତିକାରୀ ଛାତ୍ରଙ୍କ ମଧ୍ୟରେ ଏପରି ଚରିତ୍ରର ସନ୍ଧାନ ପାଇଛି ଯାହା କି ଶୋଭନୀୟ ନୁହେଁ, ମହତ ନୁହେଁ । ଏହାର ପ୍ରଧାନ କାରଣ ମୁଁ ଅନୁଭବ କରେ

Digitized by srujanika@gmail.com

guardian ବା ମୁରବୀର ଅଭାବ । ମୁରବୀ ଆମ ଦେଶରେ ଅଶିକ୍ଷିତ । ସେମାନେ ପିଲାକୁ ବାଲ୍ୟାବସ୍ଥାରୁ ପରିଚାଳିତ କରି ନାହାନ୍ତି । ଅଧିକାଂଶ ଜାଗାରେ କୁକୁଡ଼ା-ଛୁଆ ଯେପରି ଚରି ବୁଲି ଖୁଣ୍ଟି ଖାଏ ଏବଂ ବଢ଼େ, ଆମର ଛାତ୍ରମାନଙ୍କର ସେହି ଅବସ୍ଥା । ଏଥିରେ ଦୋଷ ଗୁରୁଜନମାନଙ୍କର, ଛାତ୍ରମାନଙ୍କର ନୁହେଁ ।

ଗୁରୁଜନଠାରେ ଯେଉଁ ଅଭାବ, ସେହି ଅଭାବ ବାହାରର ଭଦ୍ରଲୋକ ଅନ୍ତତଃ ଯୋଗାଇବା ଦରକାର । କିନ୍ତୁ ବାହାରର ଭଦ୍ରଲୋକ ନିଜେ ହୁଏତ ଅଧିକାଂଶ ଜାଗାରେ ଅଶିକ୍ଷ ଏବଂ ଆଉ ସେମାନେ ଛାତ୍ରଙ୍କ କଥା ଭାବନ୍ତି ନାହିଁ ।

ସ୍କୁଲର ଶିକ୍ଷକମାନେ ମଧ୍ୟ ଭିତର ଜୀବନ ଚରିତ୍ରକୁ ସୁଧାରିବା ଦୃଷ୍ଟିରେ କାର୍ଯ୍ୟ କରନ୍ତି ନାହିଁ । ସେମାନେ ସାଧାରଣତଃ ପଢ଼ାଇ ଦେଇ ଯାଆନ୍ତି । ଖାଲି ପଢ଼ାଇ ଦେଇଗଲେ କ'ଣ ହେବ ? ଲୋକଚରିତ୍ରରେ ଯେଉଁ ଯେଉଁ ଜାଗାରେ ଦୋଷ ଦୁର୍ବଳତା ଅଛି ତାକୁ ଜାଣି ତାହାର ପରିବର୍ତ୍ତନ କିପରି ହେବ ସେଥିପାଇଁ ଅନ୍ତର୍ଦୃଷ୍ଟି ଦେବା ଶିକ୍ଷକଙ୍କର ଧର୍ମ । ଏହି ଅନ୍ତରର ସହାନୁଭୂତି ବା ଶାସନ କମ ଶିକ୍ଷକ କରିଥାନ୍ତି । ଏପରି ଅବସ୍ଥାରେ ଉପାୟ କ'ଣ ? ଉପାୟ ଛାତ୍ରମାନେ ଏହା ପଢ଼ି ଜାଗ୍ରତ ହେବେ । ଶିକ୍ଷକମାନେ ଏବଂ ଭଦ୍ର ବ୍ୟକ୍ତିଗଣ ମଧ୍ୟ ଯେପରି ଏଥିପ୍ରତି ଦୃଷ୍ଟି ଦିଅନ୍ତି ଓ ବିଚାର କରନ୍ତି । ଅଧିକ କଣ ?

ଖଣ୍ଡିଏ ଚିଠି

ମୁଁ ଜୀବନରେ ଅନେକ ଛାତ୍ରଙ୍କୁ ଭଲ ପାଇଛି । ସାହାଯ୍ୟ କରିଛି । ଚିଠି ଲେଖିଛି । ଅନେକ ଛାତ୍ରଙ୍କ ଉପରେ ପୁଣି ବିରକ୍ତ ହୋଇଛି, ସେମାନେ ମଧ୍ୟ ମୋ ଉପରେ ବିରକ୍ତ ହୋଇଛନ୍ତି । କିନ୍ତୁ ମୁଁ ଯେତେବେଳେ ଅନୁରକ୍ତ ସେତେବେଳେ କିପରି ଚିଠି ଲେଖେଁ ତାର ଗୋଟିଏ ନମୁନା ଏଠାରେ ଦେଲି ।

"ସ୍ନେହର ଜଗବନ୍ଧୁ,

ତୁମର ପତ୍ର ପାଇଲି । ବଡ ସୁଖୀ ହେଲି । ପ୍ରତି ଜୀବନରେ ଏତେ କଥା, ଅପରିସୀମ କଥା ଲୁକ୍କାୟିତ ଅଛି ଯେ ତାହାର ସନ୍ଧାନ କରିବା ବଡ ଆନନ୍ଦଜନକ, ବଡ ବିସ୍ମୟଜନକ । ତୁମକୁ ଏତେ ପିଲାଙ୍କ ଭିତରୁ ବାଛିଲି— ଏହା ବିସ୍ମୟଜନକ । ତୁମ ଭିତରେ ନିଶ୍ଚୟ ମୋ ପାଇଁ କିଛି ପ୍ରେରଣାପୂର୍ଣ୍ଣ କଥା, ମସଲ ଅଛି—ତାହା ସାଧାରଣ ନୁହେଁ—ତାହା ଅସାଧାରଣ । ତାହାର ସନ୍ଧାନ ତୁମେ ହୁଏତ ପାଇନାହଁ—ମୁଁ ହୁଏତ ପାଇନାହିଁ । ଆଭାସ ମାତ୍ର ପାଇଛି— ତୁମେ ଅବା କିଛି କିଛି ପାଉଛ । ଆମ ଜୀବନ—ବଡ ରହସ୍ୟମୟ, ବଡ ସୁନ୍ଦର ।

Digitized by srujanika@gmail.com

ପୁଣି ବଡ଼ ଜଟିଳ । ତୁମର ଚିଠି ପଢ଼ି ମୁଁ ଖୁସି ହେଲି । ଭଲ ହେଡମାଷ୍ଟର ପାଇଛ-- ବେଶ ଭଲ କଥା—ପାଠ ପଢ଼, ଜ୍ଞାନ ଅର୍ଜନ କର । କିନ୍ତୁ ସବୁବେଳେ ଆପଣାକୁ ଏହି ସବୁ ଜ୍ଞାନ ଦ୍ୱାରା ଅଧିକରୁ ଅଧିକ ବିକଶିତ କରି ଧର୍ମର ପଥରେ, ନ୍ୟାୟର ପଥରେ, ସୌନ୍ଦର୍ଯ୍ୟର ପଥରେ, ମୁକ୍ତିର ପଥରେ ଅଗେଇ ଯାଅ । ମାୟା, ମୋହ, ବନ୍ଧନ ମଧୁର ଲାଗେ କିଛିକ୍ଷଣ; କିନ୍ତୁ ମୁକ୍ତି ଠାରୁ ଆଉ ଅଧିକ ସୁନ୍ଦର କଥା କିଛି ଅଛି କି ? ଅତଏବ ଏ ସବୁ ପ୍ରଲୋଭନରୁ, ସବୁ ବନ୍ଧନରୁ ଆପଣାକୁ ମୁକ୍ତ ରଖିବାକୁ ଚେଷ୍ଟା କରିବ । ଜ୍ଞାନର ମାର୍ଗରେ ଉନ୍ନତି କର । ଧର୍ମ, ମଙ୍ଗଳକୁ ଆଶ୍ରୟ କର । ଏହା ହିଁ ମୋର ଏକମାତ୍ର ପ୍ରାର୍ଥନା ତୁମ ପାଇଁ । ଅଧିକ କ'ଣ ଲେଖିବି ? ଭଲରେ ରୁହ । ଏକାକୀ ରୁହ ନାହିଁ—ଈଶ୍ୱରଙ୍କ ସହିତରେ ରୁହ । ଜଗନ୍ନାଥ ଦାସଙ୍କ ଭାଗବତ ପଢ଼ିବ । ମୁଁ ଆଜି ପ୍ରଥମ ସ୍କନ୍ଧ ପଢ଼ୁଥିଲି । ବଡ଼ ଭଲ ।

୧୭-୯-୧୯୪୪''

ବୁଝି ବିଚାରି

ପ୍ରତ୍ୟେକ ଲୋକ Sensitive, ଅତଏବ ପ୍ରତ୍ୟେକ ଲୋକ ସହିତରେ କଥା କହିବା ବେଳେ ସାବଧାନ ହୋଇ କଥା କହିବ ।

କିଏ କେତେବେଳେ କେଉଁ କଥାରେ ଚଟ୍ କରି ରାଗି ଉଠିବ କହି ହେବ ନାହିଁ । ଅତଏବ ଯାହା ସାଙ୍ଗରେ ଯେତେ ଅଳାପ ଥାଉ ନା କାହିଁକି ଜଗିରଖି ସବୁବେଳେ କଥା କହିବ । ଏହା ଦ୍ୱାରା ଆତ୍ମମର୍ଯ୍ୟାଦା ମଧ୍ୟ ରହେ । କି ସାନ କି ବଡ଼ ସମସ୍ତଙ୍କ ସହିତରେ କଥା କହିଲା ବେଳେ ଏହି କଥାକୁ ମନେ ରଖିବାକୁ ହେବ ।

ସାନ ପିଲାଙ୍କୁ ମଧ୍ୟ ମର୍ଯ୍ୟାଦା ଦେବାକୁ ହେବ । କାହାକୁ ତୁଚ୍ଛ ତାଚ୍ଛଲ୍ୟ କରିବାକୁ ହେବ ନାହିଁ । ଏହି ନିୟମରେ ଜୀବନ ପାଳନ କରି ପାରିଲେ ବଡ଼ ସୁଖ ହେବ ।

ଆମ ଝିଅ ଆଉ ତାଙ୍କ ଝିଅ

ମୋ ଅଭିଜ୍ଞତାରୁ ଲେଖୁଅଛି ଯେ ଗୁଜରାଟି ସ୍ତ୍ରୀଲୋକମାନେ ଆମ ଓଡ଼ିଆଣୀ ସ୍ତ୍ରୀଲୋକଙ୍କ ଠାରୁ ବେଶୀ ନମ୍ର ଓ ସୁଷ୍ଠୁଭାଷିଣୀ । ଓଡ଼ିଆଣୀ ସ୍ତ୍ରୀମାନେ କଥା କହିବାକୁ କୁଣ୍ଠିତ । ଗୁଜରାଟି ସ୍ତ୍ରୀମାନେ ମଧ୍ୟ ସେହିପରି । କିନ୍ତୁ ତାହାରି ଭିତରେ ସେମାନେ ଟିକିଏ ବେଶୀ forward ବା ଘରକରଣାବାଲୀ । ଗୁଜରାଟି ସ୍ତ୍ରୀଲୋକମାନଙ୍କର ଗୋଟିଏ grace ଅଛି, ସୌଜନ୍ୟ ଅଛି । ମରହଟ୍ଟୀ

Digitized by srujanika@gmail.com

ସ୍ତ୍ରୀଲୋକମାନେ ଗୁଜରାଟୀଙ୍କ ଠାରୁ ବେଶୀ ଝାଣୁଆ, ଟିକିଏ ପୁରୁଷ ଭାବାପନ୍ନ । କିନ୍ତୁ ଗୁଜରାଟୀ ସ୍ତ୍ରୀଲୋକମାନେ ସ୍ତ୍ରୀ ଭାବାପନ୍ନ ଏବଂ ସ୍ତ୍ରୀସୁଲଭତା ସେମାନଙ୍କର ଅଛି ।

କିନ୍ତୁ ତାହାର ଭିତରେ ସେମାନଙ୍କର ଏତେ ପର୍ଦ୍ଦା ନାହିଁ ଆମ ଓଡ଼ିଆଣୀଙ୍କର ଯେପରି ଅଛି । ଗୁଜରାଟୀ ସ୍ତ୍ରୀଲୋକମାନେ ଏତେ ଲଜ୍ଜାଶୀଳା ନୁହନ୍ତି । ସେମାନଙ୍କର ପୁରୁଷୋଚିତ ଭାବ ଅପେକ୍ଷାକୃତ ଟିକିଏ ବେଶୀ । ସେମାନେ ଅଧିକ ଝାଣୁଆ । ଆମ ଓଡ଼ିଆଣୀମାନେ ସାଧାରଣତଃ ଝାଣୁଆ—କର୍ମପଟୁ, ମେହନତି; କିନ୍ତୁ ସେମାନଙ୍କର ଶରୀର ଓ ମନର ବିକାଶରେ ସାମଞ୍ଜସ୍ୟ ନାହିଁ ।

ବଙ୍ଗାଳୀ ସ୍ତ୍ରୀଲୋକମାନେ ତଥା ପୁରୁଷମାନେ ସ୍ନେହପରାୟଣ । କିନ୍ତୁ ଏଠାରେ ମଧ୍ୟ କହିବି ଗୁଜରାଟୀ ସ୍ତ୍ରୀଲୋକଙ୍କ ପରି ସେମାନଙ୍କର ସ୍ତ୍ରୀଲୋକମାନଙ୍କ ମଧ୍ୟରେ ଶରୀର ଓ ମନର ସମତା, ସାମ୍ୟ ଏତେ ଠିକ୍ ନାହିଁ । ତେଲୁଗୁ ସ୍ତ୍ରୀଲୋକମାନଙ୍କୁ ଦେଖିଛି । ସେମାନେ କର୍ମପଟୁ; କିନ୍ତୁ ଏତେ Communicative ନୁହନ୍ତି ଯେମିତି ବଙ୍ଗାଳୀ ଝିଅ । ତାମିଲ ଝିଅ ବେଶ କଥା କହେ ଯେପରି ଫର୍ଭ୍ରମରେ ରହେ ମଧ୍ୟ ସେହିପରି । ତେବେ ଟିକିଏ ଶଙ୍କିତ ଭୀତ । ଓଡ଼ିଆଣୀ କଥା କହେ କମ୍, ପୁଣି ବେଳ ପଡ଼ିଲେ କଥା କହେ ବେଶୀ ।

ଖାଇବା ପିଇବାରେ ବଙ୍ଗାଳୀ ଝିଅପୁଅ ଟିକିଏ ବେଶୀ ମସଲାଦିଆ ଜିନିଷ ଖାଆନ୍ତି । ବିଶେଷତଃ ମାଛୁଆ ଲୋକଙ୍କର ଦସ୍ତୁର ଏଇଆ । ଓଡ଼ିଆ ଓଡ଼ିଆଣୀ ମଧ୍ୟ ଏହିପରି । କିନ୍ତୁ ଗୁଜରାଟୀଙ୍କର ଖାନା ଭଲ— ଘିଅଟା ଥାଏ—ଅପର୍ଯ୍ୟାପ୍ତ ପରିମାଣରେ ନୁହେଁ । ମରହଟ୍ଟୀମାନେ ଗୁଜରାଟୀଙ୍କ ଠାରୁ ଗରିବ । ସୁତରାଂ ସେମାନଙ୍କ ଖାଇବା ମଧ୍ୟ ଟିକିଏ ରୁକ୍ଷ—ସେତେ ନରମ ନୁହେଁ, ମୋଲାୟମ ନୁହେଁ, ସୌଖୀନ ନୁହେଁ । ତେଲୁଗୁଙ୍କର ସାଧାରଣତଃ ପାଣି ଆଉ ବେଶୀ ଲଙ୍କାମରିଚ । ତାମିଲଙ୍କର ମଧ୍ୟ ପାଣି ମାତ୍ରା ବେଶୀ, କିନ୍ତୁ ଏତେ ଲଙ୍କାମରିଚ ନୁହେଁ । ତା ଛଡ଼ା ତାମିଲମାନେ ବେଶୀ ଲଙ୍କା ବାଟି କରି ପକାନ୍ତି ନାହିଁ— ତେଲୁଗୁମାନେ ଲଙ୍କାମରିଚ ବେଶୀ ବାଟି କରି ପକାନ୍ତି ।

ଓଡ଼ିଆମାନଙ୍କ ତରକାରି ଟିକିଏ ଫିକ୍କା । ଗରିବ ସେମାନେ—ସେଥିପାଇଁ ଘିଅ ଏତେ ଥାଏ ନାହିଁ—ପୁଣି ମାଛୁଆ; ସୁତରାଂ ମସଲା ସୋରିଷ ବେଶୀ ଥାଏ । ଓଡ଼ିଆଣୀ ଖଡ଼ୁପ୍ରିୟ—ଭାରି ମୋଟା ଗହଣା ବେଶୀ ଥାଏ । ଗରିବ

Digitized by srujanika@gmail.com

ସେମାନେ । ଗୁଜରାଟୀଙ୍କର ଅଳଙ୍କାର କମ୍; ମାତ୍ର ଟିକିଏ ପଥର, ଟିକିଏ ସୁନା ଅଧିକ । ତେଲଙ୍ଗାଣୀଙ୍କ ସୁନା ବେଶୀ—ଯେଉଁଠି ଦେହରେ ଗୋଟିଏ ଗ୍ରେଟ କ୍ୟାଙ୍କଟିଏ ରହିଛି । ତାମିଲମାନଙ୍କର ଏତେ ନ ହେଲେ ବି ସେମାନଙ୍କର କାନଫୁଲ ଝିକ ଝିକ କରୁଥାଏ । ପୁଣି ମୁଣ୍ଡରେ ଜୁଡ଼ାରେ ଫୁଲମାଳ ଘେରାଇଥାନ୍ତି-ତେଲେଙ୍ଗାଣୀମାନେ ମଧ୍ୟ ।

ଓଡ଼ିଆଣୀ ଲାଜ କରେ—ମୁଣ୍ଡରେ ଫୁଲ ପିନ୍ଧିବାକୁ ସେ ସମ୍ଭ୍ରମର ଅତି ବେଶୀ ବ୍ୟତିକ୍ରମ ବୋଲି ଭାବେ । ଆସାମର ସ୍ତ୍ରୀଲୋକମାନେ ଏତେ ଗହଣାପ୍ରିୟ ନୁହନ୍ତି । ସ୍ନେହଶୀଳ ସେମାନେ, କିନ୍ତୁ ଏତେ ଲଜ୍ଜାଶୀଳ ନୁହନ୍ତି—ତଥାପି ଖୁବ୍ ବେଶୀ ଖର ନୁହନ୍ତି । ଆମ ଓଡ଼ିଆଣୀ ଯେତେବେଳେ କଳିଆ ଆରମ୍ଭ କରେ ଭାରି ଖର ହୁଏ ।

ଓଡ଼ିଆଣୀ ବହିର୍ଜଗତକୁ—ରେଲ ଗାଡ଼ିରେ ଯିବା ଆସିବାକୁ ଏତେ ପାରଙ୍ଗମ ନୁହେଁ । କର୍ମକୁଶଳ ନୁହେଁ । ସଫା ସୁତୁରାରେ ଓଡ଼ିଆଣୀ ଟିକିଏ କମ୍—ସେ ସଫା ସୁତୁରାରେ ହୁଏତ ଏତେ ବିଶ୍ୱାସ କରେ ନାହିଁ—ଅବଶ୍ୟ ବ୍ୟତିକ୍ରମ କେଉଁଠି କେଉଁଠି ଥାଏ ।

କିନ୍ତୁ ଗୁଜରାଟୀ ସ୍ତ୍ରୀ ବାସନକୁସନ ସଫାସୁତୁରା ରଖିଥାଏ । ଲୁଗାପଟା ମଧ୍ୟ ।

ଆସାମୀ ଝିଅମାନେ ତିନିଖଣ୍ଡି ଲୁଗା ପିନ୍ଧନ୍ତି—ଗୋଟିଏ ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ—ଆଉ ଖଣ୍ଡିଏ ଜାକେଟ—ଆଉ ଖଣ୍ଡିଏ ଅଣ୍ଟାରୁ ମୁଣ୍ଡ ପର୍ଯ୍ୟନ୍ତ । ସେମାନଙ୍କର ଓଢ଼ଣା ନାହିଁ । ଓଡ଼ିଆଣୀ ଓଢ଼ଣାପ୍ରିୟ—ବେଶୀ ଲୁଚେ ।

ମୁସଲମାନୀ ତ ଅଧିକ ଲୁଚେ; କିନ୍ତୁ ମୁସଲମାନୀର ଗୋଟିଏ ଟାଣପଣ ଅଛି ଯାହା ଓଡ଼ିଆଣୀର ନାହିଁ । ମାରୱାଡ଼ି ସ୍ତ୍ରୀର ଓଢ଼ଣା ପତଳା—ଉଡ଼ି ଉଡ଼ି ଯାଏ—ଜଣପଡ଼େ—କିନ୍ତୁ ମାରୱାଡ଼ିର ରହଣି ସହଣି ସେହି ଏକ ପ୍ରକାର ଦର୍ପପୂର୍ଣ୍ଣ । ଆଉ କୋଠାଘରେ ରହିଲେ ମଧ୍ୟ ସେମାନେ କପୋତ ପିଞ୍ଜରାବଦ୍ଧ ଭଳି ଥାଆନ୍ତି ।

ଓଡ଼ିଆଣୀଙ୍କ ଲୁଗାପଟା କମ୍—ସୁତରାଂ ମଇଳା ହେଲେ ବି ସେମାନଙ୍କୁ ଏତେ ରୋଗ ଧରେ ନାହିଁ ।

ମୁଁ ଦେଖିଛି, ଏହି ବ୍ଲାଉଜ, ସେମିଜ ଇତ୍ୟାଦି ଆମ ଝିଅମାନଙ୍କର ସ୍ୱାସ୍ଥ୍ୟକୁ ଖରାପ କରୁଛି । ଓଡ଼ିଆଣୀଙ୍କର ତାହା ନ ଥିଲା—ଏବେ ଯେଉଁମାନେ ବ୍ୟବହାର

Digitized by srujanika@gmail.com

କରୁଛନ୍ତି, ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହୁନାହିଁ । ଗରମରେ ମଧ୍ୟ—ଶୀତରେ ମଧ୍ୟ ବ୍ଲାଉଜ ପିନ୍ଧି ଶୋଇବା ଭଲ ନୁହଁ— ଓଡ଼ିଆଣୀମାନଙ୍କର ଏହା ନ ଥିଲା—ଭଲ ଥିଲା । ସେ ଏକବସ୍ତ୍ରୀ ଥିଲା । ଗୋଟାଏ ଲୁଗା ପିନ୍ଧୁ ଥିଲା, ଲଜ୍ଜା ନିବାରଣ ଭଲ କରୁଥିଲା—ଏତେ ଶୋଭନୀୟ ନ ଥିଲା—ଆଜି ଯେଉଁମାନେ ପତଳା ଫିନ୍ ଫିନ୍ ଲୁଗା ଶାଢ଼ୀ ବ୍ୟବହାର କରୁଛନ୍ତି, ସେମାନେ ଲୋଭନୀୟା ହେଉଛନ୍ତି— ଆକର୍ଷଣ କରୁଛନ୍ତି, ଯୁବକଙ୍କୁ ବଡ଼ଶୀ ଦ୍ୱାରା—କିନ୍ତୁ ଏହା ସେତେ ଲାଭଜନକ ନୁହେଁ । ଲଜ୍ଜାଜନକ ମଧ୍ୟ ନୁହେଁ । ଓଡ଼ିଆଣୀ ସ୍ତ୍ରୀ ତେଲୁଗୁ, ତାମିଲ ବା ବଙ୍ଗାଳୀ ସ୍ତ୍ରୀ ପରି ଏତେ ଅଟଳପଟୁ ନୁହେଁ ।

କେଉଁ କଥା ଲେଖୁ ଲେଖୁ କେଉଁ କଥା ଲେଖି ପକାଇଲି—ତଥାପି ଯାହା ଲେଖିଲି ତାହା ମୋର ଅଭିଜ୍ଞତାରୁ ଲେଖିଲି ।

ଥରକର କଥା

ଅରେ—୧୧-୭-୧୯୫୭ର କଥା । ମୁଁ ସେତେବେଳେ ଭାରତର ବିଧାନସଭାର ସଦସ୍ୟ । ଗାଡ଼ିରେ ଯାଉଛି । ବୃନ୍ଦାବନ ପାଖ । ଆଗ୍ରା ରାସ୍ତା । ଗାଡ଼ିରେ ବସି ବସି ମୋ ସ୍ତ୍ରୀକୁ ଲେଖିଥିଲି—

ମୁଁ ଯେଉଁ ଗାଡ଼ିରେ (ସେକେଣ୍ଡ କ୍ଲାସ ଗାଡ଼ିରେ) ଯାଉଛି, ସେହି ଗାଡ଼ିରେ ଗୋଟିଏ ଯୁବତୀ ବସିଛି । ତାର ପିଲାଟିଏ, ବୃଦ୍ଧ ବର୍ଷ ହେବ । ଆଉ ତାର ବାପ ମା ବୋଧହୁଏ ସାଙ୍ଗରେ ଅଛନ୍ତି । ସେମାନେ ମାଛ ମାଂସ ଖାଆନ୍ତି ନାହିଁ । ମୁଁ ଯେତେବେଳେ ଆମିଷଖାନା ମଗାଇଲି ସେମାନେ ନିରାମିଷ ଖାନା ମଗାଇଲେ । ମାତ୍ର ଝିଅଟି ପିଲାଙ୍କର ଢିଲା ପାଇଜାମା ପିନ୍ଧିଛି—ଧଳା ପାଇଜାମା । ଆଉ ଜାମା ଓ ଗୃଦର ଦୁଇଟା ମଧ୍ୟ ପିଲାଙ୍କର, ମାତ୍ର ନାଲି । ପୁଣି ସେ ଝିଅଟି ତା ଓଠ ଦୁଇଟା ରଙ୍ଗେଇଛି ନାଲି କରି । ଆଉ ମୁଣ୍ଡରେ ଗୋଟିଏ ଟିପା ମାରିଛି ନାଲିଆ । ଆଉ ଚଟି ଯୋତା ପିନ୍ଧିଛି । ସେ ମଧ୍ୟ ପିଲାଙ୍କର, ନାଲିଆ । ପୁଣି ନଭେଲ କିଣି ପଢୁଛି, ଲାଜ ନାହିଁ । ମୁଣ୍ଡରେ ଲୁଗା ନାହିଁ । ବେଣୀଟା ଝୁଲେଇ ଦେଇଛି । ତାର ବାପ ଖୁବ୍ ସିଗାରେଟ୍ ଖାଉଛି । ଅଥଚ ତୁମେ ଜାଣ ମୁଁ ସିଗାରେଟ୍ ଖାଏ ନାହିଁ । ହଁ, ଝିଅଟି ଡାହାଣ ହାତ ଆଙ୍ଗୁଠିରେ ପୁଣି ବାଁ ହାତ ଆଙ୍ଗୁଠିରେ ସୁନାର ମୁଦି ପିନ୍ଧିଛି । ଏଣେ ସେମାନଙ୍କ ଭଳି ଚମଡ଼ା ହାତବ୍ୟାଗ୍ ଧରିଛି । ଝିଅଟି ପୁଣି ହସ ଖଳ ଖଳ । ଏହାକୁ ତୁମେ କଣ କହିବ ? ଅଲାଜୁକୀ ? ହୁଏତ ତୁମେ ଶାଶୁ ହେଲେ ଏହା ସହିବ ନାହିଁ । କେତେ ଗଞ୍ଜଣା ଦେବ । ଅଥଚ ସେ ମାଛମାଂସ କିଛି ଖାଏ ନାହିଁ । ଏଥିରୁ କଣ ଜାଣୁଛ ? ମଣିଷ ଯେପରି ଅବସ୍ଥା

Digitized by srujanika@gmail.com

ଭିତରେ ଥିଲେ ସେନ୍ଧ୍ୟାର ହୁଏ, ସେନ୍ଧପଣ ବଢ଼େ । ଝିଅଟି ଇଂରାଜୀ ଖୁବ୍ ଜାଣେ । ଇଂରାଜୀ ଉଚ୍ଚାରଣରୁ ଜଣା ଯାଉଛି—ମେମ୍ ପାଖରୁ କିମ୍ବା ଇଉରୋପୀୟାନ ସ୍କୁଲରୁ ପାଠ ପଢ଼ିଛି । ହାତରେ ସୁନାର ଚୁଡ଼ି ମଧ୍ୟ ପିନ୍ଧିଛି । ବାଁ ହାତରେ ପଟେ—ଡାହାଣ ହାତରେ ଦୁଇ ପଟ । ତା ଛଡ଼ା ଜହରଦଆ ସୁନାଚୁଡ଼ି ଆଉ ଦୁଇଖଣ୍ଡ ପିନ୍ଧିଛି । ଅଥଚ ବାଁ ହାତପାପୁଲି ଉପର ପିଠିରେ ଭଲ ଚିତା କୁଟେଇଛି । ପାନ ଖାଉ ନାହିଁ, ଦାନ୍ତଗୁଡ଼ିକ ଧଳା ରଖିଛି । କାନରେ କାଚର କୁଣ୍ଡଳ—କୁଣ୍ଡଳ ନୁହେଁ କାହିଁକି ନା ଏ ଝୁଲୁ ନାହିଁ—ଲାଗିଛି—ଭିଡ଼ିକରି ଲାଗିଛି । ଝିଅଟି ଟିକିଏ ଡେଙ୍ଗୀ । ଉପର ଓଠଟି ମୋଟା । ଭ୍ରୂ ଲମ୍ବା । ହୁଏତ ନକଲି ବଢ଼େଇଛି । ଦାନ୍ତ ଦିଶୁଛି । ଦୁଇ ଓଠ ପୂରା ସବୁବେଳେ ମିଶୁ ନାହିଁ, ଆଖିରେ କଜ୍ଜଳ ଲଗେଇଛି । ଏଥିରୁ କଣ ଜାଣୁଛ ? ଝିଅଟି ଦୁଇ ଠାଣରେ ପଡ଼ୁଛି । ବିଲାତି ଠାଣ—ବର୍ତ୍ତମାନ ନୂଆ ଠାଣ, ଆଉ ସଂସ୍କୃତ । ତାର ସାଙ୍ଗରେ ତାର ମା ମୁଣ୍ଡରେ ଓଢଣା ଦେଇଛି, ଅଥଚ ଚଟି ଯୋତା ପିନ୍ଧିଛି ଆଉ ବେଣୀ ଝୁଲାଇଛି । ତୁମେ ଏପରି କରି ପାରିବ କି ? ପଞ୍ଜାବ ଅଞ୍ଚଳରେ ସ୍ତ୍ରୀ ଯୋତା ପିନ୍ଧନ୍ତି । ମା'ଟି ମଧ୍ୟ ଅଲଙ୍କାର ପିନ୍ଧିଛି—ହାତରେ ପଟେ ପଟେ ସୁନାଚୁଡ଼ି । କାନରେ ଫୁଲ୍, ନାକରେ ଗୁଣା, ହାତରେ ମୁଦି—ମୁଦି ମଝିରେ ନେଳିଆ କାଚ ବସିଛି । ବିସକୁଟ, ତିଣି ବିସକୁଟ୍ ଝିଅଟି ଖାଉଛି । ମାଆକୁ ଖାଇବାକୁ ଦେଉନାହିଁ । ବାପ ବାଁ ହାତରେ ଘଡ଼ି ପିନ୍ଧିଛି—ସିଗାରେଟ୍ ଖୁବ୍ ଖାଉଛି—ଇଂରେଜୀ ଖବରକାଗଜ ପଢ଼ୁଛି । ମୁଷାକଟା ନଣ କରିଛି । ଝିଅଟିର ବୟସ ପଚିଶ ହେବ ।

ଛୁଆଟି ତାର ବିସ୍କୁଟ କେତେଗୁଡ଼ିଏ ଭାଙ୍ଗି ଭାଙ୍ଗି ଟୁକୁରା ଟୁକୁରା କରି ଖାଉଛି । ଆଉ କେତେଗୁଡ଼ିଏ ସଜାଇ ଦେଉଛି । ସବୁଥିରୁ ଚୂରୁଲେ ଚୂରୁଲେ ଗ୍ରେବାଉଛି । ପୁଣି କାଚ ଗିଲାସ ଭିତରେ ସବୁ ବିସକୁଟ ପୂରାଉଛି । ଯୋତା ପିନ୍ଧିଛି । ମୋଜା ପିନ୍ଧିଛି । ଜାମା ପିନ୍ଧିଛି, ମାତ୍ର ଲଙ୍ଗଳା ହୋଇଛି । ବିସ୍କୁଟ ଗୁଡ଼ାକ ଗିଲାସରୁ ଖେଳେଇ ଖେଳେଇ ପକାଉଛି, ପୁଣି ପୂରାଉଛି । ମୁଁ ବସି ବସି ଏ ସବୁ ଦେଖୁଛି । ଆଉ ଲେଖୁଛି । ଶେଷରେ ସେ ବିସକୁଟ୍‌ଗୁଡ଼ାକ ବସିବା ବେଞ୍ଚ ତଳେ ପକାଇ ଦେଉଛି । ସବୁ ବିସକୁଟ୍ ଭାଙ୍ଗି ଚୂରମାର କରୁଛି । ଶେଷରେ କାଚ ଗିଲାସଟି ହାତରୁ ଖସିଗଲା ଏବଂ ଫାଟିଗଲା । ସେତେବେଳେ ଗାଳି ଖାଇଲା । ତା ପରେ ପିତଳ ଗିଲାସ ଗୋଟିଏ ତାକୁ ଦିଆଗଲା । ଖାଇବାରେ ଗୋଟିଏ ଖେଳନା ଦିଆ ଯାଇଥିଲା । ତାକୁ ଚିପିଲେ ପେଁ ପେଁ କରେ । ତାକୁ କିଛି କ୍ଷଣ ବ୍ୟବହାର କରି ଶେଷରେ ପକାଇ ଦେଇଛି । ତାହା ତଳେ ପଡ଼ିଛି ।

Digitized by srujanika@gmail.com

ପରେ କିଛିଏ ପାଣି ମିଳିଲା । ଏହି ପିଲା ଯୁବକ ହେଲେ କଣ ହେବ, କଣ କରିବ କିଛି କହି ହେବ କି ? ନା ।

ଦେଖୁ ଦେଖୁ ମୁଁ ଥକ୍‌କା ହୋଇଗଲି । ଢିଲ୍ଲୀ ଷ୍ଟେସନ ପାଖେଇ ଆସିଲାଣି । ମୁଁ ବିଛଣା ଗୋଟେଇ ବାନ୍ଧିଦେଲି । ତାପରେ ତା ଉପରେ ମୁଣ୍ଡ ଦେଇ ଶୋଇଲି । ଶୋଇଛି—ହଠାତ୍ କଣ ନିଆଁ ଲାଗିଲା ପରି ଜଣାଗଲା—ବାଁ ହାତର ବଣି ଆଙ୍ଗୁଠି ପାଖରେ । ହଠାତ୍ ହାତ ଛାଞ୍ଚାଡ଼ି ଦେଲି—ଶୋଇଥାଏ—ନିଦ ଲାଗିଛି । ପୁଣି ଡାହାଣ ହାତ ମଝି ଆଙ୍ଗୁଳିରେ ସେହିପରି ଚେଙ୍କା ଲାଗିଲା ପରି ଜଣାଗଲା । ଉଠି ପଡ଼ିଲି । ଦେଖେଁ ତ ଯେଉଁ ଲୋକଟା ସିଗାରେଟ ଖାଇ ତା ଟୁଣ୍ଡାଟା ପକାଇ ଦେବାବେଳେ ମୋ ବେଡ଼ିଙ୍ଗ ଉପରେ ପଡ଼ି ଯାଇଛି । ହୁଏତ ଜଳି ଯାଇଥାନ୍ତା । ମୁଁ ଆଉ କିଛି କହିଲି ନାହିଁ । ତାପରେ ମୁଁ ବଣିଆଙ୍ଗୁଳିଟାକୁ ଚୁଚୁମିଲି । ଜଳୁଥାଏ । ଟିକିଏ ଚୁଚୁମୁ ଥାଏ, ଫେରେ ରଖି ଦେଉଥାଏ—ଫେରେ ଚୁଚୁମୁ ଥାଏ । କିଛିକ୍ଷଣ ପରେ ଜ୍ୱାଳା ଚାଲିଗଲା । ଏହିପରି ଜଣେ ସିଗାରେଟ୍ ଖାଇ ନିଦେଇ ଯାଇଥିଲି; ଆଉ ଶେଷରେ ଜଳି ପୋଡ଼ି ମରିଗଲା । ମୋର କି ଦଶା ହୋଇଥାନ୍ତା କିଏ ଜାଣେ ? ହୁଏତ ମୁଁ ପୋଡ଼ି ଯାଇଥାନ୍ତି, ହୁଏତ ମରି ଯାଇଥାନ୍ତି । ଏହିପରି ଜୀବନ ।

ମୁଁ କି ପ୍ରକାର ଲୋକ ?

ସତରେ ମୁଁ କି ପ୍ରକାର ଲୋକ ? ମୋର ସ୍ତ୍ରୀର ସ୍ୱଭାବ ଏହି ଯେ, ଯାହା ସଙ୍ଗରେ ଥରେ ଅପଡ଼ ହେଲା ଆଉ ତାହା ସଙ୍ଗରେ ସମ୍ବନ୍ଧ ରଖିବ ନାହିଁ ।

ମୋର ସ୍ୱଭାବ ଠିକ୍ ତାର ଓଲଟା । କେହି ଯଦି ମୋ ଉପରେ ରାଗିଥାଏ ବା ମୁଁ କାହା ଉପରେ ରାଗେ, ତା ହେଲେ ମୁଁ ସବୁବେଳେ ଭାବେ, ଏ କ'ଣ କଲି ? ଗୋଟିଏ ଶତ୍ରୁ ତିଆରି କଲି, କିପରି ସେ ଶତ୍ରୁଙ୍କୁ ମିତ୍ର କରିବି ଏହା ବରାବର ଭାବେ । ଏଇ ହେଲା ମୋର ସ୍ୱଭାବ ।

ସୁତରାଂ ଘରେ ବଡ଼ ଅସୁବିଧା ହୁଏ । ମୋତେ ଜଣେ ହୁଏତ ଦେଖା କରିବାକୁ ଆସିଛି, ସେହି ଜଣକ ଯଦି ମୋର ସ୍ତ୍ରୀର ଶତ୍ରୁ ହୋଇଥାଏ ବା ତା ସହିତ ଅପଡ଼ ହୋଇଥାଏ ମୁଁ ବଡ଼ ଅସୁବିଧାରେ ପଡ଼େ । ସେହି ଲୋକଙ୍କୁ ମୁଁ ଘରେ ମିଶି କଥା କହିଲେ ତାକୁ ଆଦର କରିବା ପାଇଁ ପାନ ଜଳଖିଆ ଟିକିଏ ମାଗିଲେ ଆଉ ସହଜରେ ମିଳେ ନାହିଁ । ମୋଟ ଉପରେ ଘରର ବାତାବରଣଟି ସେତେବେଳେ ବଡ଼ ବିଷମ ହୋଇଉଠେ । ମୁଁ ସତେ ଜୀବନରେ କାହାକୁ

Digitized by srujanika@gmail.com

ଶତ୍ରୁ—ଚିର ଶତ୍ରୁ ବୋଲି ଭାବନାହିଁ । ଆଜି ପର୍ଯ୍ୟନ୍ତ ମୋର କେହି ଚିରଶତ୍ରୁ ଅଛନ୍ତି ବୋଲି ମତେ ଜଣା ନାହିଁ । ମୁଁ ଯଦି ଜାଣେ ଜଣେ ମୋର ଚିର ଶତ୍ରୁ, ତା ହେଲେ ମୁଁ ତା' ପାଖକୁ ଯାଇ କ୍ଷମା ମାଗିବାକୁ ବ୍ୟସ୍ତ । ଏଇ ହେଲା ମୋର ସ୍ୱଭାବ ।

କାର୍ଯ୍ୟ କାରଣ ସମ୍ପର୍କରେ ଆସି କାହାର ସଙ୍ଗରେ କେତେବେଳେ ହୁଏତ କଳିଆ ହୋଇଯାଏ, ତା ବୋଲି ଚିରକାଳ ତା ସଙ୍ଗରେ କଥା କହିବ ନାହିଁ କିପରି ? ଏଇ ହେଲା ମୋର ସ୍ୱଭାବ । ଏଇ ସ୍ୱଭାବ ମତେ ସାହାଯ୍ୟ କରିଛି । ଦୁଃଖ ଦେଇ ନାହିଁ । ଏଇ ସ୍ୱଭାବ ଯୋଗୁ ମୁଁ ନିଶ୍ଚିନ୍ତ ମନରେ ଥାଏ—ଯାହା ଘଟି ଯାଇଥାଏ ତା ପାଇଁ ସବୁବେଳେ ଏତେ ଭାବୁ ନ ଥାଏ । ଆଉ ଗୋଟିଏ କଥା, ମୁଁ ସାଧାରଣ ଠାରୁ ଅପେକ୍ଷାକୃତ ଅଧିକ ସ୍ନେହଶୀଳ । ଅନେକଙ୍କର ଦୁଃଖ ଦୁର୍ଦ୍ଦଶା ଦେଖିଲେ ସେମାନଙ୍କ ଆଡ଼କୁ ଆକର୍ଷଣ ଆସେ । ଏହାର ଫଳରେ ହୁଏତ କେହି କେହି ମତେ ଠକାଇ ଦେଇଛନ୍ତି ଓ ଦଉଅଛନ୍ତି । କିନ୍ତୁ ତଥାପି ମୋଟ ଉପରେ ମୁଁ ଦେଖେ ଯେ ଏହା ମୋର ବିଶେଷ କ୍ଷତି କରି ନାହିଁ ।

ଏହି ସ୍ନେହଶୀଳ ହେବା ଫଳରେ ମୁଁ ସ୍ତ୍ରୀଜାତି ପ୍ରତି ମଧ୍ୟ ଟିକିଏ ବେଶୀ ସ୍ନେହୀ । ସେମାନଙ୍କ ମଧ୍ୟରୁ କାହାର ଟିକିଏ ଦୁର୍ଦ୍ଦଶା ଦେଖିଲେ ମୁଁ ବଡ଼ ବେଶୀ ବିଚଳିତ ହୁଏ । ପୁରୁଷମାନଙ୍କ ମଧ୍ୟରେ କେହି ସମାବସ୍ଥାରେ ପଡ଼ିଥିବା ବ୍ୟକ୍ତି ପାଇଁ କାହିଁ ମନ ମୋର ଏତେ ବ୍ୟାକୁଳ ହୁଏ ନାହିଁ । ମନେ ହୁଏ, ସ୍ତ୍ରୀ ଅସହାୟା ନିତାନ୍ତ; ସୁତରାଂ ତାହାପାଇଁ ମୁଁ ଭାବେ । ଏହା ଛଡ଼ା ଏହା ସତ୍ୟ ନୁହେଁ କି, ପ୍ରକୃତି ପୁରୁଷ ଠାରୁ ସ୍ତ୍ରୀକୁ ବେଶୀ ସ୍ନେହଶୀଳା କରିଛି—ସେଥିପାଇଁ ରୋଗରେ ବ୍ୟାଧିରେ, ସେମାନଙ୍କ ସହାନୁଭୂତି, ଦର୍ଶନ, କୋମଳ ବାଣୀ ପ୍ରାଣରେ ବଡ଼ ଶୀତଳତା ଦାନ କରେ । ତା ଛଡ଼ା ମୁଁ ଅନୁଭବ କରିଛି ଯେ ମୋର ସ୍ତ୍ରୀ ହୃଦୟ, ପୁରୁଷ ହୃଦୟ ନୁହେଁ; ଟିକିଏ ଦୁଃଖ ଦୁର୍ଦ୍ଦଶା ଦେଖିଲେ କାନ୍ଦି ପକାଇବି; ଅବଶ୍ୟ ମୋର ନିଜର ଦୁଃଖ ଦୁର୍ଦ୍ଦଶାରେ ମୁଁ କିପରି କଠିନ ଓ କଠୋର ହୋଇ କାର୍ଯ୍ୟ କରେ ବୁଝି ପାରେନି । କିନ୍ତୁ ଏକଥା ଖୁବ୍ ସତ୍ୟ, ମୁଁ ଖୁବ୍ ବୁଝିପାରେ । ଯେତେ ଅସୁବିଧା ହେଉ ପଛେ—ଦାରିଦ୍ର୍ୟ ଘେରି ଆସୁ ପଛେ ମୁଁ Struggle ବା ସଂଗ୍ରାମ କରିବାକୁ ଛାଡ଼େ ନାହିଁ ।

ଆଉ ଗୋଟିଏ ସ୍ୱଭାବ ମୋର ହେଉଛି ଯେ ମୋତେ କେହି ଡରାଇଲେ ଡରିଯାଏ ନାହିଁ । ଏହି ହେଲା ମୋର ସ୍ୱଭାବ, ଗୋଟିଏ ଉଦାହରଣ ଦେବି । ଯେତେବେଳେ ମହାତ୍ମାଗାନ୍ଧୀ ପଠାଣଙ୍କ ପାଇଁ, ତୁରସ୍କ ପାଇଁ ଲଢ଼ିବା ପାଇଁ କହିଲେ

Digitized by srujanika@gmail.com

ସେହି ସମୟରେ ପଛରେ ଗୁରଆଡ଼େ ମୁସଲମାନମାନେ ଦଳ ଦଳ ହୋଇ ଖିଲାଫତ ପାଇଁ ଚାନ୍ଦା ସଂଗ୍ରହ କଲେ । ମୁଁ ଯେତେବେଳେ କଟକର ସୂତାହାଟରେ ଥାଏ । ତଳେ ମୁସଲମାନ ଆସି ମୋତେ ଚାନ୍ଦା ମାଗିଲେ । ମୁଁ କହିଲି ମୁଁ ଦେବ ନାହିଁ । କାରଣ ହେଉଚ୍ଛି ମୁଁ ନିଜେ ଖିଲାଫତ ଆନ୍ଦୋଳନକୁ ପସନ୍ଦ କରୁ ନ ଥିଲି । ଆମ ସମିତିର (ଭାରତ ସେବକ) ସଭାପତି ଶ୍ରୀ ଶ୍ରୀନିବାସ ଶାସ୍ତ୍ରୀ ପସନ୍ଦ କରି ନ ଥିଲେ । ମୁଁ ଯେତେବେଳେ ଚାନ୍ଦା ଦେବ ନାହିଁ ବୋଲି କହିଲି ମୁସଲମାନମାନେ ମୋ ଉପରେ ରକ୍ତଚକ୍ଷୁ ଦେଖେଇବାକୁ ଲାଗିଲେ ଏବଂ କହିଲେ, କ'ଣ ଦେବେ ନାହିଁ ? ମୁଁ ଖୁବ୍ ଜୋରରେ କହିଲି, 'ନା, ଦେବ ନାହିଁ ।'

ମୁଁ ଯେତେବେଳେ ଚାନ୍ଦା ଦେବ ନାହିଁ ବୋଲି କହିଲି ମୁସଲମାନମାନେ ରାଗିକରି ଚାଲିଗଲେ ଓ ଚିଡ଼ିଲେ—ଅଚ୍ଛା ଦେଖି ନିବା । ମୁଁ ପାଟି କରି କହିଲି, କ'ଣ ଦେଖିବ ଦେଖ, ଯାଅ । ଏହି କଥାରେ ମୋର ମାଆ ପ୍ରମାଦ ଗଣିଲି । କହିଲି—କାହିଁକି ? ତୁ ତ ସମସ୍ତଙ୍କୁ ଚାନ୍ଦା ଦେଉ । ତାଙ୍କୁ କିଛି ଦେଇଥିଲେ ତ ସେମାନେ ଖୁସିରେ ଚାଲି ଯାଇଥାନ୍ତେ । ମାଆ ଖୁବ୍ ସାହସିକା । ତଥାପି ଏ କଥାରେ ପ୍ରମାଦ ଗଣିଲି । ଏହି ହେଲା ମୋର ସ୍ୱଭାବ । ମୁଁ ନିଜେ ବିଦ୍ରୋହୀ ସ୍ୱଭାବର ଲୋକ । Moderate ନୀତି ମୋତେ ଭଲ ଲାଗେ ନାହିଁ । ରାଜନୀତିରେ ତଥାପି ପଶିଗଲି—ଭାରତ ସେବକ ସମିତିରେ । ଫଳରେ ଗାନ୍ଧୀ ରାଜନୀତିରେ ଯୋଗ ଦେଇ ପାରିଲି ନାହିଁ; କିନ୍ତୁ ଗୋପବନ୍ଧୁ ବାବୁ (ଗୋପବଂଧୁ ଦାସ) ଗାନ୍ଧୀ ରାଜନୀତିରେ ଯୋଗ ଦେଇ ଯେତେବେଳେ ଧନକୋଣିଆ ବଟିଗଛ ପାଖରେ ବକ୍ତୃତାରେ ଶାସ୍ତ୍ରୀ (Rt. Hn.)ଙ୍କୁ ଅତ୍ୟନ୍ତ ଭୀଷଣ ଭାବରେ ଆକ୍ରମଣ କରି କହିଲେ, ଏହି ଯେ ଶାସ୍ତ୍ରୀ ଦଳ ଏମାନେ ଷଣ୍ଢ ବୃଷଣକୁ ମୁଚୁଳାଉଛନ୍ତି— ସେତେବେଳେ ମୋର ମନରେ ଭାରି କଷ୍ଟ ହୋଇଥିଲା । ସେ କଥା ଆଜି ଏଠାରେ ଲେଖାରେ ବ୍ୟକ୍ତ କରୁଛି । ମୋର ସ୍ୱଭାବ—ମୁଁ ଯେତେ ଉଗ୍ର ହୁଏ ପଛେ ଅନ୍ୟର ପ୍ରାଣରେ କଷ୍ଟ ଦେବାକୁ ଚାହେଁନି । ସେଥିପାଇଁ କମ୍ୟୁନିଷ୍ଟ କି ସୋସିଆଲିଷ୍ଟ, କି କଂଗ୍ରେସ ମୋର କାହାରି ସଙ୍ଗରେ ଅପଡ଼ ନାହିଁ; ମୁଁ ସମସ୍ତଙ୍କ ସାଙ୍ଗରେ କାର୍ଯ୍ୟ କରୁଛି, କରିବାକୁ ଚାହେଁ, କରିଛି ମଧ୍ୟ, ଆଉ କରିବି ମଧ୍ୟ ଭବିଷ୍ୟତରେ—ଯେଉଁ କ୍ଷେତ୍ରରେ ଅବଶ୍ୟ ସେମାନଙ୍କ ସହିତରେ ହାତ ମିଳାଇ ପାରିବି । ଏଇ ଥିଲା ମୋର ସ୍ୱଭାବ ।

ଆଉ ଗୋଟିଏ କଥା କହିବି । ମୁଁ ପଢ଼ାପଢ଼ି ପାଇଁ ପ୍ରବନ୍ଧ ଖୁବ୍ ଭଲପାଏ, ନଭେଲ ଆଦୌ ଶେଷ କରି ପାରେନି । ବଡ଼ Dull ବୋଧ ହୁଏ । ଏପରିକି

Digitized by srujanika@gmail.com

ନାଟକ ମଧ୍ୟ ପଢ଼ିପାରେ ନାହିଁ । ହଁ—ଶ୍ରେଷ୍ଠ ଗଳ୍ପ ମୋତେ ଭଲ ଲାଗେ, କିନ୍ତୁ ସେଇ ଶ୍ରେଷ୍ଠ ଗଳ୍ପ ଯଦି ଟିକିଏ ବେଶୀ ଲମ୍ବିଯାଏ ତେବେ ଭଲ ଲାଗେ ନାହିଁ; କିନ୍ତୁ ପ୍ରବନ୍ଧ ଯେତେ ଦୀର୍ଘ ହେଉ ପଛେ ମୁଁ ପଢ଼ିବି ସବୁ । ସେଥିପାଇଁ ମାସିକ ପତ୍ର ପଢ଼େ, କିନ୍ତୁ ଅଯଥା ଏଆଡ଼ ସିଆଡ଼ୁ ଲମ୍ବାଇଲେ ଭଲ ଲାଗେ ନାହିଁ । ଭାଷାର ଗାମ୍ଭୀର୍ଯ୍ୟ ଥିବ, ପ୍ରତି ବାକ୍ୟରେ କିଛି ଆକର୍ଷଣ ଥିବ ତାହେଲେ ତାକୁ ପଢ଼ିବି । ଯଥା Emerson's Essay. ସେଥିପାଇଁ ସବୁ ଗମ୍ଭୀର ଭାଷା ମତେ ଭଲ ଲାଗେ, କିନ୍ତୁ ସେଥିରେ ଭାବ ନ ଥିଲେ ତାକୁ ପଢ଼ିବାକୁ ଭଲ ଲାଗେ ନାହିଁ, ଅର୍ଥାତ୍ ପ୍ରତି ବାକ୍ୟରେ ଯଦି ଚିନ୍ତା କରିବାର ଥାଏ ତାହାଲେ ଭଲ ଲାଗେ ।

ଆଉ ଗୋଟିଏ କଥା କହିବାକୁ ଯାଉଛି । ମୁଁ ବିରକ୍ତ ବ୍ରହ୍ମଚାରୀ ଓ ଏହି ଦୁଇର ସମ୍ମିଶ୍ରଣରେ ଗୋଟିଏ ଅଦ୍ଭୁତ ପ୍ରକାରର ଜୀବ । ସଂସାରରେ ଆକର୍ଷଣ ବେଶୀ ନାହିଁ, ତଥାପି ପୂର୍ବ ବିକର୍ଷଣ କିଛି ନାହିଁ । କିଛି ଦିନ ବିକର୍ଷଣ ଭାବ ହୋଇଗଲେ ପୁଣି ଆକର୍ଷଣ ଆସେ । କିନ୍ତୁ ଗୃହୀ ମୁଁ ନୁହେଁ, ଆଦର୍ଶ ଗୃହୀ ତ ଦୂରର କଥା, କିନ୍ତୁ ମୁଁ ବଡ଼ ସ୍ନେହଶୀଳ । ଆଉ ଗୋଟିଏ କଥା, ମୁଁ ଉପରବାଲା ଲୋକଙ୍କ ସହିତରେ ବେଶୀ କ୍ଷଣ ରହେ ନାହିଁ, ବା ରହିବାକୁ ଚାହେଁ ନାହିଁ । ସେଠାରେ ଯେଉଁ ଅହମିକା, ଦମ୍ଭ, ଆସ୍ଫାଳନ ଓ ଆଧିପତ୍ୟ କରିବାର ଆକାଂକ୍ଷା ଦେଖେ ସେଥିପାଇଁ ଭଲ ଲାଗେ ନାହିଁ ।

ସାନ ସାନ ପିଲାଙ୍କୁ ଭଲ ଲାଗେ । ବଡ଼ ମଣିଷକୁ ଯେ ଭଲ ଲାଗେ ନାହିଁ, ତା ନୁହେଁ, ତେବେ ଯେଉଁଠାରେ ସେଇ ଦମ୍ଭ, ଆସ୍ଫାଳନ, ଅଧିକନ୍ତୁ କର୍ତ୍ତୃତ୍ୱପଣିଆ ଦେଖେ ସେଇଠାରୁ ମୁଁ ଖସି ଆସେ । ମୋଟ ଉପରେ ହଟ୍ଟଗୋଳ ମୋତେ ଭଲ ଲାଗେ ନାହିଁ । ସେଥିପାଇଁ ବାଣ ଫୁଟୁଥିବ, ଚରଖି ଘୁରୁଥିବ, ଚନ୍ଦ୍ରଉଦୟା ଭାସୁଥିବ, ପେଁ ପାଁ ବାଜୁଥିବ, ହୋ ହା ହେଉଥିବ ଏ ସବୁ ଦେଖିବା ପାଇଁ ମୋର କିଛି ଆଗ୍ରହ ଥାଏ ।

ବାଜା, ତାମସା, ମହରମ୍, ମଜଲିସ୍, ମିଟିଂ, କନ୍‌ଫରେନ୍‌ସ (Conference) ଏ ସବୁରେ ମୋର କିଛି ଆନନ୍ଦ ନ ଥାଏ । ସେଥିପାଇଁ ଗୀତର ବୈଠକ ମୋତେ ଭଲ ଲାଗେ । ଅଳ୍ପ ଲୋକ ଥିବେ, ବାଜା ବାଜୁଥିବ, ନାଚ ହେଉଥିବ, ଗୀତର ସବୁ ଲହରୀ ଦେଖା ଯାଉଥିବ, ଯେପରି ସେହିପରି ଅନୁଭବ ହେଲେ ଭଲ ଲାଗେ । ନାଚ ମଧ୍ୟ ସେହିପରି । ମୋତେ Group-dance ଭଲ ଲାଗେ ନାହିଁ । ଜଣିକିଆ ବା ଦୁଇଜଣ ଏହି ହେଲା ମୋର ପ୍ରିୟ । ସେଥିପାଇଁ ନାଟକରେ ଗୁଡ଼ାଏ ଚରିତ୍ର ଥିଲେ ମତେ ଭଲ ଲାଗେ ନାହିଁ—

Digitized by srujanika@gmail.com

ଉପନ୍ୟାସରେ ଗୁଡ଼ାଏ ଚରିତ୍ର ଥିଲେ ମତେ ଭଲ ଲାଗେ ନାହିଁ । ମୋର ବିଶ୍ଳେଷଣ ମୁଁ କରୁଛି—ଯାହା ପ ରୁଛି, ଅଧିକ କଣ ? ବର୍ତ୍ତମାନ ଏତକ ।

Double Personality

ମୋତେ ଅନେକ କହନ୍ତି, ଆପଣ ଖୁବ୍ ସରଳ । ଆପଣଙ୍କର ସରଳତାର ସୁବିଧା ଅନେକ ନିଅନ୍ତି । ଆପଣ ସେପରି ହେବେ ନାହିଁ । ଅର୍ଥାତ୍ ସେମାନେ କହିବାକୁ ଚାହାନ୍ତି, ମୁଁ ସରଳ ହେବ ନାହିଁ ।

ଏହି କଥା କହି ସାର ସେମାନେ ହୁଏତ ସେମାମଙ୍କର କିଛି ଉଦ୍ଦେଶ୍ୟ ସିଦ୍ଧି କରିବାକୁ ଚାହାନ୍ତି । ତାପରେ ସେମ'ନେ ହୁଏତ ମୋତେ ଠକାନ୍ତି । କାରଣ ସେମାନେ ଜାଣନ୍ତି ଯେ ମୁଁ ସରଳ । ବର୍ତ୍ତମାନ ପ୍ରଶ୍ନ ହେଉଛି—ମୁଁ ତେବେ କଣ କୁଟିଳ ହେବ ? ତା ନୁହେଁ—ମୁଁ ସରଳ ହେବ ବୋଲି ବୋକା ଯେପରି ନ ହୁଏ; ଯେପରି ରାମକୃଷ୍ଣ ପରମହଂସ କହିଥିଲେ ।

ଆଉ ଏକ ଯୁବକ ବନ୍ଧୁ ମୋର—ଯୁବକ କାହିଁକି ପ୍ରୌଢ଼ ହେବାକୁ ବସିଲେଣି, ସେ କହନ୍ତି ଯେ ମୋର Single Personality. Single Personality ଯେଉଁମାନଙ୍କର ସେମାନଙ୍କ ହାତରେ ରାଜନୀତି ହେବ ନାହିଁ । Double Personality ଦରକାର । ଏହି Double Personalityର ଅର୍ଥ କ'ଣ—ମୁଁ ଠିକ୍ ବୁଝି ପାରୁ ନାହିଁ । ଏତକ ବୁଝେ ଯେ ଠକାଠକି କରି କଥା କହିବ, କାର୍ଯ୍ୟ କରିବ—ସେହିପରି ଚରିତ୍ର ଗଠନ କରିବ । ମୁହଁରେ ଏକ, ପେଟରେ ଅନ୍ୟ—ଏହିମାନେ ହିଁ ରାଜନୀତି କରି ପାରିବେ । ଧନ୍ୟ ଏମାନଙ୍କୁ । ମୋର ରାଜନୀତି ଦରକାର ନାହିଁ ।

ମୁଁ ବୁଝିପାରେ ମହାତ୍ମାଗାନ୍ଧୀ, ଗୋଖ୍ଲେ, ଶାସ୍ତ୍ରୀ, ସୁରେନ୍ଦ୍ରନାଥ ବାନାର୍ଜି—ଏମାନେ ତ ଏହିପରି ରାଜନୀତି କରି ନ ଥିଲେ । ସେମ ନେ କଣ ରାଜନୀତିଜ୍ଞ ନ ଥିଲେ ?

ମୋର ବନ୍ଧୁ ଭଲଆ ଲୋକେ ଏହାର ଉତ୍ତରରେ କହିବେ, ଆପଣ ବୁଝି ନାହାନ୍ତି—ଆପଣ ସରଳ ଲୋକ, ସେଥିପାଇଁ ସେମାନଙ୍କୁ ବୁଝି ପାରନ୍ତି ନାହିଁ—ଗୋଖ୍ଲେ, ଗାନ୍ଧୀ ପ୍ରଭୃତି ହୁଏତ ଗମ୍ଭୀର ଚାଲବାଜ ଥିଲେ—ଏହି ଚାଲବାଜି ଯେ କରି ପାରିବ ସେହି ତେବେ ଉଚ୍ଚ ରାଜନୀତିଜ୍ଞ ହେବ ? ଛି ! ଛି'! ମୋର ଏହି ରାଜନୀତି ଦରକାର ନାହିଁ—ମୋର ଏହି Double Personality ଦରକାର ନାହିଁ—ମୋର ଏହି Single Personality ହିଁ ଯଥେଷ୍ଟ ।

Digitized by srujanika@gmail.com

ଏହିପରି ଉଦାହରଣ ତ ଆଗେ ଆମେ Cuttack Central Co-operative Bankର Hemachandra Boseଙ୍କୁ ଏବେ ଦେଖିଲୁ, ଯେ ତିରିଶ ବର୍ଷ ସାଧୁ ସାଜି ଶେଷରେ ଧରା ପଡ଼ିଲା ତିନିଲକ୍ଷ ଟଙ୍କା ବ୍ୟାଙ୍କରୁ ଚୋରି କରିଛନ୍ତି ବୋଲି । ଏହିପରି ଆହୁରି ଅନେକ ଥିବେ । କିନ୍ତୁ Double Personality କହିଲା ବେଳେ Romain Rollandଙ୍କ Multi-Personalityର କଥା ମନେ ପଡ଼େ, କିମ୍ବା Double ହେଉ ବା multi ହେଉ ଏଥିରେ ଧପାବାଜିର କଥା ନାହିଁ । ଧପାବାଜି ଯେ ଦରକାର, ଉଚିତର ଜୀବନ ଏହା କହେ ନାହିଁ—କେବେ କହିବ ନାହିଁ ।

ଆଉ ଗୋଟିଏ କଥା ଏ ସମ୍ପର୍କରେ କହିବାକୁ ଚାହେଁ । ସତ୍ୟକଥା କହିବାକୁ ଯାଇ ମୁଁ ହଟହଟାରେ ଅନେକ ଥର ପଡ଼ିଛି । ନୂଆ ଗ୍ରେରର ଦଳ ହୁଏତ ମୋତେ ଘେରି ପକାଇଛନ୍ତି—ଆଉ ଚିତ୍କାର କରିଛନ୍ତି ଯେ ମୁଁ ଯେପରି ଅନ୍ୟର କୁତ୍ସା ରଚନା କରୁଛି । ସମୂହର କଲ୍ୟାଣ ସକାଶେ ଯଦି ବ୍ୟକ୍ତିର ଦୋଷକୁ ମୁଁ ଦେଖାଇଛି ତାହା ବ୍ୟକ୍ତିକୁ ଅଶ୍ରଦ୍ଧା କରି ନୁହେଁ, ସମୂହକୁ ଶ୍ରଦ୍ଧା କରି । ତାହା ନ ହେଲେ, ହେମଚନ୍ଦ୍ର ବୋଷଙ୍କୁ ସବୁବେଳେ ହଁ ହଁ କହିଲା ଭଳି ଶେଷରେ ସମାଜର ସମୂହ ଅକଲ୍ୟାଣ ହେବ ।

ଏ ସଂସାର ବଡ଼ ବିଚିତ୍ର—ଏହା ସତ୍ୟ । କିନ୍ତୁ ସେଥିପାଇଁ ସତ୍ୟ କହିବାର ସାହସକୁ ଛାଡ଼ିଲେ ଅନ୍ୟାୟ ହେବ । ତେବେ ଶେଷରେ 'ସତ୍ୟଂ ବ୍ରୂୟାତ୍'କୁ ଟିକିଏ Dilute କରି 'ସତ୍ୟଂ ବ୍ରୂୟାତ୍ ପ୍ରିୟମ୍ ବ୍ରୂୟାତ୍' କରିବାକୁ ହେବ । କିନ୍ତୁ "ମା ବ୍ରୂୟାତ୍ ସତ୍ୟମପ୍ରିୟମ୍" କରିବାକୁ ଯାଇ କଟକ ସେଣ୍ଟ୍ରାଲ ବ୍ୟାଙ୍କ୍‌ର ହେମଚନ୍ଦ୍ର ବୋଷଙ୍କୁ ଅନ୍ୟାୟ କରିବାକୁ ଛାଡ଼ିଦେବା କଥା ଭଲ ହୋଇଥିବ କି ନା !

ଅତଏବ ମୋର ଜୀବନରେ ସତ୍ୟ କଥା କହି ମଝି ମଝିରେ ଆଘାତ ପାଇଲେ ମଧ୍ୟ ସତ୍ୟକୁ ଛାଡ଼ିବି ନାହିଁ । ଏହା ହିଁ ପଣ କରିବା ଉଚିତ । ଜଗତର ସମୂହ କଲ୍ୟାଣର ଏହି ମାର୍ଗ—ବ୍ୟକ୍ତିର ହୁଏତ ତଦ୍ଦ୍ୱାରା କ୍ଷତି ହୋଇପାରେ—କିନ୍ତୁ ସେ ସତ୍ୟ ପାଇଁ ଯେ ସେ କ୍ଷତି ପାଇଛି ସେଥିରେ ତାର ଚରିତ୍ର ଦୃଢ଼ତର ହେବ । ମୁଁ ଏହା ହିଁ ଜାଣେ ।

Digitized by srujanika@gmail.com

Digitized by srujanika@gmail.com

ସଞ୍ଚାରୀ

Digitized by srujanika@gmail.com

Digitized by srujanika@gmail.com

ପଣ୍ଡିତ ହୃଦୟନାଥ କୁଞ୍ଜରୁ

୧୯୧୭-୧୮ ମସିହା କଥା ।

ମୁଁ ସେତେବେଳେ ଥାଏ ଏଲହାବାଦରେ । ଶୀତ ଦିନ । ପ୍ରବଳ ଶୀତ — କିନ୍ତୁ ମୋ ଦେହରେ କେବଳ ଖଣ୍ଡେ ଗୁଦର ଆଉ ଲୁଗା ଥାଏ । ପଣ୍ଡିତ କୁଞ୍ଜରୁ ମୋତେ ତାଙ୍କ Overcoat ଟି ଯାଚିଲେ । ମୁଁ ମନା କଲି—ମୋର ଦରକାର ନାହିଁ ।

ତା'ପରେ ଦିନେ ସି. ୱାଇ. ଚିନ୍ତାମଣିଙ୍କ ସାଙ୍ଗରେ ଦେଖା ହେଲା । ତାଙ୍କ ସାଙ୍ଗରେ ଥାଆନ୍ତି କୁଞ୍ଜରୁ । ମୋତେ ସେଇ ଗୁଦର୍ ଓ ଲୁଗାରେ ଦେଖି ଚିନ୍ତାମଣି ପଗ୍ଚରିଲେ—"Mr. Sahu, don't you feel cold ?" ମୁଁ ମନା କଲି । କୁଞ୍ଜରୁ ହଠାତ୍ କହି ପକାଇଲେ—Ask him and he will say no."

ମୋତେ ରାଗ ମାଡ଼ିଲା । ଗାଡ଼ିରେ ଫେରିଲା ବେଳକୁ ମୁଁ ତାଙ୍କ ଆଡ଼କୁ କଟମଟ କରି ଅନାଉ ଥାଏ । ତା'ପର ଦିନ ସକାଳୁ ସେ ମୋତେ ଡାକି ପଠାଇଲେ । ମୁଁ ପହଞ୍ଚିଲା ବେଳକୁ କହିଲେ—"Say, you will take this overcoat or not ?" ମୁଁ ମୁଣ୍ଡ ହଲାଇଲି—ସେ ରାଗି ଯାଇ କହିଲେ—"What, am I not your brother ?"

ମୁଁ ଚୁପ୍‌ଚାପ୍ ହୋଇ ବସିଥାଏ । ତା ପରେ କଣ ଭାବି ସେ କହିଲେ—"Oh ! You want a Bengali shawl ?" ମୁଁ ଇତସ୍ତତଃ ହୋଇ କହି ପକାଇଲି—'Yes.' ମୋତେ ସେଠୁ ସେ କହିଲେ—"Why did not you then say that ?" ତା'ପରେ ଲୋକ ପଠାଇ ଖଣ୍ଡେ ମୂଲ୍ୟବାନ୍ ଶାଲ୍ କିଣାଇ ଦେଲେ । ଏଇ ପ୍ରଥମ ଦୃଷ୍ଟାନ୍ତରୁ ମୁଁ ତାଙ୍କର ବଦାନ୍ୟତା ଓ ସ୍ନେହର ଆଭାସ ପାଇଥିଲି ।

ପଣ୍ଡିତ କୁଞ୍ଜରୁ ଆଜି ଭାରତରେ ଜଣେ ପ୍ରସିଦ୍ଧ ବ୍ୟକ୍ତି । ତାଙ୍କ ପିତା ପଣ୍ଡିତ ଅଯୋଧ୍ୟାନାଥ ଏକ ସମୟରେ କଂଗ୍ରେସର ସାଧାରଣ ସମ୍ପାଦକ ଥିଲେ । ବ୍ରିଟିଶ ସରକାର କଂଗ୍ରେସ ଅଧିବେଶନ ବସାଇ ନ ଦେବାକୁ ବହୁ ଚେଷ୍ଟା କରୁଥିଲେ । ତେଣୁ ଅଯୋଧ୍ୟାନାଥ ଅଧିବେଶନ ପାଇଁ କୌଣସି ଠାରେ ଶୀଘ୍ର

Digitized by srujanika@gmail.com

ଜାଗା ପାଇ ପାରିଲେ ନାହିଁ । ସେତେବେଳେ ସେ ସ୍ଥିର କଲେ—ତାଙ୍କ ଘରକାନ୍ଥ ସବୁ ଭାଙ୍ଗି ବଡ ହଲ୍ ତିଆରି କରି କଂଗ୍ରେସ ସଭା ବସାଇବେ । ତ୍ୟାଗ ଓ ଉତ୍ସର୍ଗର କି ନମୁନା !!

ପରେ କଂଗ୍ରେସର ସଭ୍ୟ ଚାନ୍ଦା ମାଗୁ ମାଗୁ ସେ କହୁଥିଲେ "ପଇସାଟିଏ ଯଦି କେହି କଂଗ୍ରେସ ପାଇଁ ଦାନ କରେ ତାହା ମଧ୍ୟ ମୁଁ ଗ୍ରହଣ କରିବି ।" ବକ୍ତୃତା ଦେବା ସମୟରେ କେତେକ ଦୁଷ୍ଟ ବୁଦ୍ଧିର ଲୋକ ଗୋଟିଏ ପିଲାକୁ ମତେଇ ତା' ହାତରେ ଗୋଟିଏ ପଇସା ପଠେଇ ଦେଲେ । ପଣ୍ଡିତ ଅଯୋଧ୍ୟା-ନାଥ ସେଇ ପଇସାଟି ଗ୍ରହଣ କରି କହିଥିଲେ, "ଏହା ଯଦି ସ୍ୱଚ୍ଛ ମନରେ ଦିଆ ହୋଇଥାଏ, ତେବେ କଂଗ୍ରେସ ଅଧିବେଶନ ନିଶ୍ଚୟ ବସିବ ।" ପଣ୍ଡିତ କୁଞ୍ଜରୁ ଏହି ତ୍ୟାଗନିଷ୍ଠ ଦେଶସେବକଙ୍କ ପୁଅ ।

କୁଞ୍ଜରୁ ପରିବାରର ଆଦ୍ୟ ସ୍ଥାନ କାଶ୍ମୀରରେ ଥିଲା । ସେ ବହୁ ବର୍ଷ ତଳର କଥା । ପରେ କୁଞ୍ଜରୁ ପରିବାର ଆଗ୍ରାକୁ ଆସି ସେଠାରେ ବସବାସ କଲେ । ଆଗ୍ରାରେ ସେମାନେ ଜମିଦାର ଥିଲେ ।

ପଣ୍ଡିତ କୁଞ୍ଜରୁ ପିଲାଟି ଦିନୁ ଅତି ବିଚକ୍ଷଣ ଥିଲେ । ସେ ବି ଏ. ଓ ବି. ଏସ୍‌ସି. ଏକ ସାଙ୍ଗରେ ପାସ୍ କରିଥିଲେ ଏବଂ ଡ଼ି ଏସସି. ପାଇଁ ପ୍ରସ୍ତୁତ ହେଉଥିଲେ । ଏହି ସମୟରେ ଗୋପାଳକୃଷ୍ଣ ଗୋଖଲେଙ୍କ ସଂସ୍ପର୍ଶରେ ଆସିଲେ । କଂଗ୍ରେସର ବନାରସ ଅଧିବେଶନରେ ଗୋଖ୍‌ଲେ ସଭାପତି ହୋଇଥିଲେ । ସେହି ସମୟରେ କୁଞ୍ଜରୁ ତାଙ୍କ ସାଙ୍ଗରେ ବରାବର ରହିଥିଲେ । କୁଞ୍ଜରୁଙ୍କର ପ୍ରତିଭା ହୃଦୟଙ୍ଗମ କରି ଗୋଖ୍‌ଲେ ତାଙ୍କୁ London School of Politics ରେ କିଛିଦିନ ଅଧ୍ୟୟନ କରିବା ପାଇଁ ପଠାଇଥିଲେ । ତା ପର ଠାରୁ କୁଞ୍ଜରୁ ଭାରତ ସେବକ ସମିତିରେ ବରାବର ସଦସ୍ୟ ରହି ଆସିଛନ୍ତି ।

କୁଞ୍ଜରୁଙ୍କ ତ୍ୟାଗ ଅକଥନୀୟ । ସେ ବଡ଼ ଲୋକର ପିଲା ଥିଲେ—ଆଳସ୍ୟ ଓ ବିଳାସରେ ସେ ସାରା ଜୀବନ ଅକ୍ଳେଶରେ କଟାଇ ପାରିଥାନ୍ତେ; କିନ୍ତୁ ତାହା ତାଙ୍କର ଲକ୍ଷ୍ୟ ନୁହେଁ । ବିଳାସବ୍ୟସନରୁ ସେ ବରାବର ନିଜକୁ ଦୂରେଇ ରଖିଥିଲେ । ବିବାହର ଅଳ୍ପ କାଳ ମଧ୍ୟରେ ତାଙ୍କ ପତ୍ନୀଙ୍କର ମୃତ୍ୟୁ ଘଟିଥିଲା । ତା'ପରେ ସେ ଆଉ ଦ୍ୱିତୀୟ ବାର ବିବାହ କରିନାହାନ୍ତି । ସେହି ଦିନ ଠାରୁ ସେ ଅତି କଠୋର ଓ ନିଷ୍ଠାପର ଜୀବନ ଆଜି ପର୍ଯ୍ୟନ୍ତ ପାଳି ଆସୁଛନ୍ତି ।

Digitized by srujanika@gmail.com

ଏକ ସମୟରେ କୁଞ୍ଜରୁ ଗୋପାଳକୃଷ୍ଣ ଗୋଖ୍‌ଲେ ଓ ପଣ୍ଡିତ ମଦନମୋହନ ମାଳବ୍ୟ ଉଭୟଙ୍କର ଅତି ପ୍ରିୟ ପାତ୍ର ହୋଇଥିଲେ । ମିସେସ୍‌ ଆନିବେଶାନ୍ତ ବି କୁଞ୍ଜରୁଙ୍କୁ ଅତି ଭଲ ପାଉଥିଲେ ।

ରାଜନୀତିରେ ଓଜନ କରି କଥା କହିବା ଏବଂ ଅତି ବିଚାର ବିଚକ୍ଷଣତା ସହ ମତ ପ୍ରକାଶ କରିବା କୁଞ୍ଜରୁଙ୍କର ଗୋଟିଏ ବିଶିଷ୍ଟ ଗୁଣ । ରାଜନୀତିରେ ଥାଇ, ଆସେମ୍ବ୍ଲି ଓ ପାର୍ଲାମେଣ୍ଟର ସଦସ୍ୟ ହୋଇ ଅନେକ କମିଟିରେ ମେମ୍ବର ହୋଇ ସେ ବିଲାତ ଓ ଅନ୍ୟାନ୍ୟ ସ୍ଥାନକୁ ବହୁବାର ଯାଇଛନ୍ତି । ଏବେ ମଧ୍ୟ ବିରିବିର ଯାଉଛନ୍ତି । ସାମରିକ ବିଭାଗ ଆଲୋଚନାରେ ପଣ୍ଡିତ କୁଞ୍ଜରୁ ଅତି ସୁଦକ୍ଷ । ରେଲଓଏ୍ୱେ କମିଟିର ଚେୟାରମେନ୍‌ ହୋଇ ସେ ଯେଉଁ ରିପୋର୍ଟ ପ୍ରକାଶ କରିଛନ୍ତି ତାହା ଅତି ମୂଲ୍ୟବାନ । ଉତ୍ତର ପ୍ରଦେଶର ଶାସନକାଳରେ ସେ ଶିକ୍ଷାର ଯେଉଁ ଉନ୍ନତି ବିଧାନ କରିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ । ଲୋକ-ସଭାରେ ପଣ୍ଡିତ କୁଞ୍ଜରୁଙ୍କ ସମ୍ମାନ ଖୁବ୍‌ ବେଶୀ । କୁଞ୍ଜରୁ ଶାନ୍ତ ଓ ଶିଷ୍ଟ ସ୍ୱଭାବର ଲୋକ, କିନ୍ତୁ ତାଙ୍କ କଥା ଉପରେ କେହି ଆକ୍ରମଣ କଲେ ସେ ଖୁବ୍‌ କଡ଼ା ଜବାବ୍‌ ଦିଅନ୍ତି । ୧୯୪୮-୪୯ ମସିହାରେ ମୁଁ Constituent Assemblyର ସଭ୍ୟ ହୋଇଥାଏ । ସାମରିକ ଆଲୋଚନା ବେଳେ ସେ ପ୍ରଶ୍ନ କଲେ, କାଶ୍ମୀରରେ ସାମରିକ ରାସ୍ତା ନିର୍ମାଣ କାର୍ଯ୍ୟ କେତେ ମାଇଲ୍‌ ଯାଏ ହୋଇଛି ? ଦେଶରକ୍ଷା ମନ୍ତ୍ରୀ ବଲଦେବ ସିଂହ କେତେ ମାଇଲ ଯାଏ କାମ ହୋଇଛି କହିଲେ । କୁଞ୍ଜରୁ ହଠାତ୍‌ ଉଠିପଡ଼ି କହିଲେ—"It is false." ପ୍ରକୃତରେ ମନ୍ତ୍ରୀଙ୍କ ଉକ୍ତି ଅନୁଯାୟୀ ସେତେ ମାଇଲ କାମ ହୋଇ ନ ଥିଲା । ଏଥିରେ ପାର୍ଲାମେଣ୍ଟରେ ଚହଳ ପଡ଼ିଗଲା । ସେତିକି ବେଳେ ମାଭଲଙ୍କର ଉଠି କହିଲେ—"If the honourable member knew it, why did he put the question ?" କୁଞ୍ଜରୁ ଆଉ ବିଶେଷ ଆଲୋଚନା କଲେ ନାହିଁ ।

ରାଜନୀତି ଦିଗ ଛାଡ଼ିଦେଲେ ପଣ୍ଡିତ କୁଞ୍ଜରୁଙ୍କ ସେବା ଦିଗରେ ବିଶେଷ ଦକ୍ଷତା ଅଛି । ଭାରତରେ ସ୍କାଉଟ୍‌ ଆନ୍ଦୋଳନ ଦିଗରେ ସେ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସକ୍ରିୟ ଅଂଶ ଗ୍ରହଣ କରି ଆସିଛନ୍ତି । ପ୍ରୟାଗ ସେବା ସମିତିର ସେ ଜଣେ ବଡ଼ ଉଦ୍ୟୋକ୍ତା । ପଣ୍ଡିତ କୁଞ୍ଜରୁ ତେଜ୍‌ ବାହାଦୁର ସାପ୍ରୁଙ୍କ ବଡ଼ ଭକ୍ତ ଥିଲେ । ସାପ୍ରୁଙ୍କ ନାମାନୁସାରେ ଦିଲ୍ଲୀରେ ଥିବା Indian Council of World Affairs ଘର 'ସାପ୍ରୁ ହାଉସ୍‌' ନାମରେ ଅଭିହିତ ହେଉଛି ।

Digitized by srujanika@gmail.com

ପଣ୍ଡିତ କୁଞ୍ଜରୁ ଭାରତ ବାହାରେ ବସବାସ କରୁଥିବା ଭାରତୀୟମାନଙ୍କ ଅବସ୍ଥା ସ୍ୱଚକ୍ଷୁରେ ଦେଖିଛନ୍ତି ଏବଂ ସେମାନଙ୍କୁ ବହୁ ଉପାୟରେ ଉତ୍ସାହିତ କରିଚନ୍ତି । ଏହିପରି ବହୁ ଦିଗରୁ ସେ ଭାରତବର୍ଷର ସେବା କରି ଆସିଛନ୍ତି ।

ପଣ୍ଡିତ କୁଞ୍ଜରୁ ଗାନ୍ଧୀଙ୍କର ଅତି ପ୍ରିୟପାତ୍ର ଥିଲେ । କିନ୍ତୁ ଗାନ୍ଧୀଙ୍କର ରାଜନୈତିକ ମତ ସହିତ ତାଙ୍କର ଐକ୍ୟ ନ ଥିଲା । ତଥାପି ସାମାଜିକ କ୍ଷେତ୍ରରେ ଗାନ୍ଧୀଙ୍କ ସହିତ ସେ ବରାବର ସହଯୋଗ କରିଆସିଛନ୍ତି । ପଣ୍ଡିତ କୁଞ୍ଜରୁ ବହୁ ଭାଷାବିତ୍, ବିଶେଷତଃ ଇଂରାଜୀ ଓ ଉର୍ଦ୍ଦୁରେ ତାଙ୍କର ଦଖଲ ଖୁବ୍ ବେଶୀ । କୁଞ୍ଜରୁ ଅତି ସଚ୍ଚରିତ୍ର ବ୍ୟକ୍ତି । ଅନ୍ୟର ମନରେ କାଳେ କଷ୍ଟ ହେବ ସେଥିପାଇଁ ଅନେକ ସମୟରେ ସେ ନିଜର ମନୋଭାବ ଗୁପ୍ତ ରଖନ୍ତି । ସେ ନିଃସଙ୍ଗ, ତଥାପି ଏହି ନିଃସଙ୍ଗ ଜୀବନରେ ତାଙ୍କର କୌଣସି କଳଙ୍କ କାଳିମା ନାହିଁ ।

ପଣ୍ଡିତ କୁଞ୍ଜରୁ ବଡ଼ ସ୍ୱାଧୀନଚେତା । ନିଜ ସ୍ୱାଧୀନତା ଉପରେ ଆଞ୍ଚ ଆସିଲା ଭଳି ସେ କୌଣସି କାର୍ଯ୍ୟ କରନ୍ତି ନାହିଁ । ବହୁ ସମିତିର ସଭାପତି ହୋଇ ମଧ୍ୟ ସେ କେବେ ଗର୍ବ ବା ଅହଙ୍କାର କରିନାହାନ୍ତି । ସେଥିପାଇଁ ଆଜି କେବଳ ଭାରତରେ ନୁହେଁ, ସମଗ୍ର ପୃଥିବୀରେ ତାଙ୍କର ସମ୍ମାନ ଖୁବ୍ ବେଶୀ ।

ଠକ୍‌କର ବାପା

ଠକ୍‌କର ବାପା ଆଜି ବି ବଞ୍ଚିଛନ୍ତି । ସେ ଜଣେ ବଡ଼ ନିଷ୍ଠାପର କର୍ମୀ ଥିଲେ । ସକାଳୁ ଉଠି ରାତି ନ'ଟା ପର୍ଯ୍ୟନ୍ତ କାମ କରନ୍ତି । ଥିଏଟର ସିନେମା ଏସବୁ ନାହିଁ । ଖାଲି କାମ କାମ । ପ୍ରଥମେ ସକାଳୁ ଉଠି ଗାଧୁଆ ପାଧୁଆ ସାରି ଟିକିଏ କିଛି ଖାଇ ସାରି ସକାଳ ସାତଟା ବେଳକୁ ଏକାବେଳକେ ତିଆରି । ଅନେକ ସମୟରେ ଛ'ଟା ବେଳକୁ କାମ ଆରମ୍ଭ । ପ୍ରଥମେ ହିସାବଖାତାରେ Balance ଦେଖିବେ । ସେଇଠୁ ପ୍ରୋଗ୍ରାମ୍ । ଅନେକ ସମୟରେ ପୂର୍ବ ରାତିରୁ ପ୍ରୋଗ୍ରାମ ମଧ୍ୟ ତିଆରି ହୋଇଥାଏ । ତାଙ୍କ ପାଖରେ କାମ କରିବାକୁ ହେଲେ ଚବିଶ ଘଣ୍ଟା ତାଙ୍କ ପାଖରେ ଥିବ । ନୋହିଲେ କେତେବେଳେ ସେ ଖୋଜିବେ— ଅଥିଚ ନ ପାଇଲେ ବିରକ୍ତ ହେବେ । ରାଗୀ ଲୋକ—ତଥାପି ସ୍ନେହୀ ଲୋକ । ପିଲାଛୁଆ ଠାରୁ ଆରମ୍ଭ କରି ସ୍ତ୍ରୀପୁରୁଷ ସମସ୍ତଙ୍କ ସହିତରେ ସାଧାରଣ ଅବସ୍ଥାରେ ବ୍ୟବହାର ଭଲ । ମାତ୍ର ସେ ବଡ଼ କର୍ମକଠୋର । ମୁଁ ତାଙ୍କ ସଙ୍ଗରେ ଭାରତ ସେବକ ସମିତିରେ ରହି ବେଶୀ ସମୟ କାମ କରିଛି । ବକିଆ ମଧ୍ୟ ଅନେକ ଥର ହୋଇଛି । ତଥାପି ସେ ଭଲ ପାଆନ୍ତି, ମୋ ଉପରେ ତାଙ୍କର ବିଶ୍ୱାସ ଏହା ହିଁ ମୋର ଆନନ୍ଦ ।

Digitized by srujanika@gmail.com

ପୁରୀ ଦୁର୍ଭିକ୍ଷ ବେଳର ଗୋଟିଏ କଥା କହୁବି । ୧୯୬୦ ସାଲରେ ସେ ମୋତେ ଦିନେ କହିଲେ—ଲକ୍ଷ୍ମୀବାବୁ, ତୁମେ ଶୀଘ୍ର ସୁଡ଼ଙ୍ଗ (କୋଣାର୍କ ପାଖରେ), ଗଡ଼କୁଣ୍ଡ (ସତ୍ୟବାଦୀ ପୁରୀ ପାଖରେ) ଆଉ ବନମାଳୀପୁର ଏହିପରି ତିନୋଟି ରିଲିଫ୍ କେନ୍ଦ୍ରର ହିସାବ କିତାବ ଦେଖି କେନ୍ଦ୍ର ବନ୍ଦ କରି ଆସ । ଏହା କହି ସେ ସକାଳ ଗାଡ଼ିରେ କଟକ ବାହାରି ଗଲେ । ମୁଁ ଏହି ତିନି କେନ୍ଦ୍ରର ହିସାବପତ୍ର ସବୁ ଦେଖି ଦୁଇଦିନ ପରେ ଆସି ପୁରୀରେ । ଠକ୍କର ବାପା କଟକରୁ ତୃତୀୟ ଦିନ ଫେରି ମୋତେ ସନ୍ଧ୍ୟାବେଳେ ଦେଖିଲେ ଯେ ମୁଁ ପୁରୀବସାରେ ।

ହଠାତ୍ ସେ ଟିକିଏ ଉଚ୍ଚ ସ୍ୱରରେ କହି ଉଠିଲେ, ତୁମେ ଯାଇ ନାହଁ ? ମୁଁ କହିଲି ଯାଇ ଆସିସାରିଲିଣି ।

ହିସାବପତ୍ର ସବୁ ଆଣିଛ ?

ହଁ ।

ଦେଖାଅ ।

ଦେଖାଇଲି ।

ତାପରେ ସେ କହିଲେ, ତୁମ ଗୋଡ଼ରେ କଣ ସବୁବେଳେ ବାଇ-ସାଇକେଲ ବାନ୍ଧିଛ ? ଗଲ କେତେବେଳେ, ଅଇଲ କେତେବେଳେ ? ମୁଁ କିଛି କହିଲି ନାହିଁ ।

ଏହି କର୍ମକଠୋର ନେତାଙ୍କ ଠାରୁ ଏହି ସାର୍ଟିଫିକେଟ ମୋତେ ଜୀବନରେ ଆନନ୍ଦ ଦିଏ ।

ଠକ୍କର ବାପା ହିସାବ କିତାବରେ ବଡ଼ କଠିନ । ମୁଁ ରାୟଗଡ଼ାରେ ଆଦିବାସୀ କାମ କରୁଥିଲା ବେଳେ (୧୯୩୯ରୁ୧୯୪୬) ହିସାବରେ ଫରକ ପଡ଼ିଥିଲା । ଦିଲ୍ଲୀରୁ ସେ କଡ଼ା କରି ଚିଠି ଲେଖିଲେ—କାହିଁକି ଦୁଇ ପଇସାର ହିସାବ ଫରକ ପଡ଼ିବ ? ହିସାବ ହିସାବ । ଦୁଇ ପଇସା ଯାହା ଦୁଇ ହଜାର ଦୁଇ ଲକ୍ଷ ସେଇଆ । ଅତଏବ ଯେପରି ହେଉ ଦୁଇ ପଇସାର ଫରକ ବାହାର କରିବାକୁ ପଡ଼ିବ ।

ଏଥିପାଇଁ ମୁଁ ରାୟଗଡ଼ାର ଚନ୍ଦକଲା ଅଡ଼ିଟରଙ୍କ ସାଙ୍ଗରେ ଚାରି ଦିନ ଚାରି ରାତି ଏକ ପ୍ରକାର ବସିଛି । ଏତେ କଠୋର ସେ ।

ଗୋପାଳକୃଷ୍ଣ ଦେବଧର

ଭାରତ ସେବକ ସମିତିରେ ୧୯୧୭ ସାଲରେ ଯୋଗଦାନ କରି ପ୍ରଥମେ ମୁଁ ଶ୍ରୀ ଗୋପାଳକୃଷ୍ଣ ଦେବଧରଙ୍କ ପାଖରେ କାମ କଲି ।

Digitized by srujanika@gmail.com

ଗୋପାଳକୃଷ୍ଣ ଦେବଧର ଜଣେ ଅଦ୍ଭୁତ ସମାଜସେବକ ଥିଲେ ।

ପୁନା ସେବାସଦନ ତାଙ୍କର କୀର୍ତ୍ତି । ସେ ଅଦ୍ଭୁତ କର୍ମୀ ଥିଲେ । କାମ କରୁ କରୁ, ଲେଖୁ ଲେଖୁ ଥକ୍କା ହୋଇ ହାତରେ କଲମ ଥିବ, କାଗଜ ଉପରେ ଲେଖୁଥିବେ—ସେଇଠାରେ କଲମ ରହି ଯାଇଥିବ, ବାକ୍ୟ ପୂର୍ଣ୍ଣ ହୋଇ ନ ଥିବ—ହୁଏତ ସେ ସେହି କାଗଜ ଉପରେ କଲମ ରଖି ଧଇ ଶୋଇ ପଡ଼ିଛନ୍ତି—ଚଉକିରେ ବସୁ ବସୁ ।

ତାଙ୍କର ରୋଗ ବୋଲି ଆଦୌ ନ ଥିଲା କହିଲେ ଚଳେ; ଆଉ ସେ ଅନବରତ କର୍ମପ୍ରିୟ, କର୍ମପିପାସୁ । ସବୁବେଳେ ତତପ ତତପ ହେଉଥିବେ । ସେ ଭୟଙ୍କର ଈଶ୍ୱରବିଶ୍ୱାସୀ ଥିଲେ । ରାଜନୀତି ଖୁବ୍ ବୁଝନ୍ତି—ମରହଟ୍ଟା ତ । କିନ୍ତୁ ସମାଜସେବା ବା ସାମାଜିକ କାର୍ଯ୍ୟକୁ ହାତରେ ନେଉଥିଲେ ବୋଲି ଆଉ କିଛି ରାଜନୀତି କେବେ କରି ନ ଥିଲେ । ଗୋଟିଏ ଘଟନା କହିବି । ମାଲବାରରେ ମୋପଲା ବିଦ୍ରୋହ ହେଲା ୧୯୨୭ ରେ । ସେ ସମୟରେ ସେ ମାଲବାରକୁ ଯାଉଥିଲେ । ମହାତ୍ମା ଗାନ୍ଧୀଙ୍କୁ ଭାରତ ସରକାର ସେତେବେଳେ ମାଲବାର ଯିବାକୁ ଅନୁମତି ଦେଇ ନ ଥିଲେ । ଲର୍ଡ ଉଇଲିଂଡନ ସେତେବେଳେ ବଡ଼ଲାଟ—ଦେବଧରଙ୍କ ବନ୍ଧୁ । ସେହି ସମୟରେ ମାଲବାରରେ ଡିଷ୍ଟ୍ରିକ୍ଟ ମ୍ୟାଜିଷ୍ଟ୍ରେଟ ସାଙ୍ଗରେ କଥାବାର୍ତ୍ତା କରୁଛନ୍ତି । ଜିଲା ମାଜିଷ୍ଟ୍ରେଟ୍ ହଠାତ୍ କହିଲେ, 'ମିଷ୍ଟର ଦେବଧର, ତୁମେ ତ ଏପରି କହୁଛ, ଟଙ୍କା ସରକାର ଠାରୁ ମାଗୁଛ, କିନ୍ତୁ ତୁମ Servants of India କାଗଜ ସେ ତେଣେ ଆମକୁ ଏପରି ସମାଲୋଚନା କରୁଛି ।' ଦେବଧର ହଠାତ୍ କହି ଉଠିଲେ, "ମିଷ୍ଟର, ଏଥିରେ ତୁମର ବିଚଳିତ ହେବାର କଣ ଅଛି ? ମୁଁ ତ ଖବରକାଗଜ ସମାଲୋଚନାରେ ବିଚଳିତ ହୁଏନା ।"

ଦେବଧରଙ୍କ ସାଙ୍ଗରେ ଭାରତ ସେବକ ସମିତିର ଆଉ ଜଣେ ସଭ୍ୟ ଥିଲା । ତାଙ୍କ ନାମ ନଟେଶ୍ ଅପ୍ପାଜୀ ଦ୍ରାବିଡ଼ । ଦ୍ରାବିଡ ଏହି କଥା ଆମକୁ କହିଥିଲେ । ଦେବଧରଙ୍କୁ ଆମେ ଏହି କଥାର ପୁନରାବୃତ୍ତି କରି କହିବାରୁ ସେ କହିଲେ, "ଆରେ, ତୁମେ ସମାଲୋଚନା କରିବ, ଆଉ ମୁଁ ସେହି ଲୋକ ଠାରୁ ଟଙ୍କା ଆଣିବି; ମୁଁ ଆଉ କଣ କରନ୍ତି ?"

ଆଉ ଥରର ଘଟଣା । ମିଟରରେ ଗୋଟିଏ ବାଟ ଦେଇ ଆମେ ଯାଉଛୁଁ—ଦେବଧର ଆଉ ମୁଁ । ବଡ଼ଲାଟ ନା କିଏ ଯିବେ ବୋଲି ସେ ବାଟେ ବାଟ ବନ୍ଦ ଅଛି । ଆମେ ରେଲଷ୍ଟେସନକୁ ଯିବୁ, ବାଟ ବନ୍ଦ । ତେଣେ ସେ

Digitized by srujanika@gmail.com

ବାଟେ ନ ଯାଇ ଅନ୍ୟ ବାଟେ ଗଲେ ଗାଡ଼ି ପାଇବୁ ନାହିଁ । ସେଥିପାଇଁ ଟିକିଏ ଯେପରି ଅଗ୍ରସର ହୋଇଛୁ ଁ ଗୋଟିଏ ପୋଲିସ ଦେବଧରଙ୍କୁ ମାଡ଼ ଦେବାକୁ ଉଦ୍ୟତ ହେଲା, ଦୁଇଟା କଷି ଦେଲା ମଧ୍ୟ । କିନ୍ତୁ ଦେବଧର କିଛି କହିଲେ ନାହିଁ । ମୁଁ ସେହି ପୋଲିସକୁ ମାରିବାକୁ ଉଦ୍ୟତ ହେଉଥିଲି । ଦେବଧର ହାଁ ହାଁ କରିଦେଲେ । ମୁଁ ଦେଖିଛି, ଦେବଧରଙ୍କୁ କେହି ଗାଳିଦେଲେ, ସମାଲୋଚନା କଲେ ମଧ୍ୟ ସେ କିଛି କହନ୍ତି ନାହିଁ । ତାଙ୍କର ମନର ସମତା ବେଶ ରଖିଥାଆନ୍ତି । ମୁଁ କିନ୍ତୁ ବଡ଼ ଚଞ୍ଚଳ ବିଚଳିତ ହୋଇଉଠେ ।

କବିବର ରାଧାନାଥ

ରାଧାନାଥ ଯୁଗ ଉପେନ୍ଦ୍ରଭଞ୍ଜ ଯୁଗକୁ ଅତିକ୍ରମ କରି ପାଶ୍ଚାତ୍ୟ ସାହିତ୍ୟର ସଂସ୍ପର୍ଶରେ ଗୋଟିଏ ନୂତନ ମାର୍ଗ ଦେଖାଇଲା । ରାଧାନାଥ କିନ୍ତୁ ଉପେନ୍ଦ୍ରଭଞ୍ଜଙ୍କ ପରମ୍ପରାକୁ ଏକାବେଳକେ ପରିତ୍ୟାଗ କରି ନ ଥିଲେ । ତାଙ୍କର ଭାଷା ଓ ରଚନା ପ୍ରଣାଳୀରେ ସରସତା ପୂର୍ଣ୍ଣ ଥିଲେ ମଧ୍ୟ କାଠିନ୍ୟ ରହିଛି । ସଂସ୍କୃତ ସାହିତ୍ୟକୁ ଅବଲମ୍ବନ କରି ଉପେନ୍ଦ୍ରଭଞ୍ଜ ତାଙ୍କର କାବ୍ୟମାନ ଲେଖିଥିଲେ, ଆଉ ଉପେନ୍ଦ୍ର ଭଞ୍ଜଙ୍କର କଳ୍ପନାବିଳାସ ରାଧାନାଥଙ୍କ ଠାରେ ମଧ୍ୟ ଥିଲା । Romance ବା ରୋମାଞ୍ଚ ଉତ୍ପାଦନକାରୀ କାବ୍ୟ ଲେଖିବା ଉପେନ୍ଦ୍ର ଭଞ୍ଜଙ୍କ ରୀତି ଥିଲା । ରାଧାନାଥ ତାହାକୁ ନୂତନ ଇଉରୋପୀୟ ସାହିତ୍ୟର ସଂସ୍ପର୍ଶରେ ପୂର୍ଣ୍ଣ ସଂସ୍କୃତ ରୀତିରେ କାବ୍ୟ ରଚନା ନ କରି ଇଂରାଜୀ ରୀତିର କାବ୍ୟ ରଚନା କଲେ ଅର୍ଥାତ୍ ଏଥିରେ ସର୍ଗ ଇତ୍ୟାଦି ଏବଂ କାବ୍ୟର ପୂର୍ଣ୍ଣତା ଇତ୍ୟାଦି ପ୍ରତି ଲକ୍ଷ୍ୟ ରଖା ହୋଇ ନାହିଁ ।

ରାଧାନାଥ ପ୍ରାୟ ତ୍ରିଶ ବର୍ଷ ପର୍ଯ୍ୟନ୍ତ ଉତ୍କଳ ସାହିତ୍ୟରେ ବିଳାସ କରିଥିଲେ । ଏହାର ଫଳରେ ଯେ ସୁନ୍ଦର ସାହିତ୍ୟମାନ ରଚନା କରି ଯାଇ-ଅଛନ୍ତି । ସଂସ୍କୃତରେ ରାଧାନାଥଙ୍କର ଦଖଲ ଥିଲା । ସଂସ୍କୃତର ପ୍ରଭାବ ରାଧାନାଥଙ୍କ ଲେଖାରେ ପୂର୍ଣ୍ଣ ଭାବରେ ପଡ଼ିଛି । ତଥାପି ସହଜ ପ୍ରାକୃତିକ ଶବ୍ଦ ବ୍ୟବହାର ଆଡ଼କୁ ତାଙ୍କର ଲେଖା ମଧ୍ୟ ଗତି କରିଛି, ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ତାଙ୍କର କାବ୍ୟମାନଙ୍କରେ ଅନେକ ପ୍ରାକୃତ ଶବ୍ଦର ପ୍ରୟୋଗ ମିଳେ । ରାଧାନାଥଙ୍କ ଓଡ଼ିଆ ସାହିତ୍ୟକୁ ଗୋଟିଏ ବିଶେଷ ଦାନ ହେଉଛି ଅମିତ୍ରାକ୍ଷର ଛନ୍ଦରେ କାବ୍ୟ-ରଚନା । ଏଥିରେ ସେ ବଙ୍ଗୀୟ କବି ମାଇକେଲ୍ ମଧୁସୂଦନଙ୍କୁ ଗୁରୁ ରୂପେ ଗ୍ରହଣ କରିଥିଲେ ଏବଂ ଏହା କହିବାକୁ ହେବ ଯେ ରାଧାନାଥ "ମହାଯାତ୍ରା"ରେ ତାଙ୍କ ଗୁରୁ ମାଇକେଲ୍ ମଧୁସୂଦନଙ୍କ ଠାରୁ କୌଣସି ଅଂଶରେ ନ୍ୟୂନତା

Digitized by srujanika@gmail.com

ଦେଖାଇ ନାହାନ୍ତି । ବରଂ ସ୍ଥାନେ ସ୍ଥାନେ ରାଧାନାଥଙ୍କ ପ୍ରତିଭା ଆହୁରି ଉଜ୍ଜ୍ୱଳ ରୂପରେ ଦେଖା ଦେଇଛି । ସେଥିରେ ମଧୁସୂଦନ ବରଂ ଟିକିଏ ମ୍ଳାନପ୍ରଭ ହେଲା ପରି ଦିଶିଛନ୍ତି । ମାଇକେଲ୍ ମଧୁସୂଦନ ଏହି ବିଷୟରେ ଇଂରେଜ କବିଗୁରୁ ମିଲ୍‌ଟନ୍‌ଙ୍କ ପଦାଙ୍କ ଅନୁସରଣ କରିଥିଲେ ।

ଭକ୍ତକବି ମଧୁସୂଦନଙ୍କ ଭାଷାରେ "ପୃଥିବୀର ଇତିହାସରେ ଅତୁଳନୀୟ ମହା କୁରୁକ୍ଷେତ୍ର ଯୁଦ୍ଧରେ ଜୟଶ୍ରୀମଣ୍ଡିତ ଅଖଣ୍ଡ ଭାରତ ସାମ୍ରାଜ୍ୟର ଅଧୀଶ୍ୱର ଅଥଚ ବିଜୟୋତ୍ସବାନ୍ତେ ଐଶ୍ୱର୍ଯ୍ୟାତୃପ୍ତ, ମହାଶୂନ୍ୟାସ୍ଫିତ ହୃଦୟ, ଶୋକନିର୍ବେଦ-ନିମଗ୍ନ, ବୈରାଗ୍ୟବ୍ୟାକୁଳ, ଶାନ୍ତିପ୍ରୟାସୀ ଧର୍ମନନ୍ଦନ ଯୁଧିଷ୍ଠିର ପ୍ରମୁଖ ପାଣ୍ଡବ ବୀରେନ୍ଦ୍ରମାନଙ୍କର ସେହି ପରମ ସ୍ମରଣୀୟ ମହାପ୍ରସ୍ଥାନ ରୂପ ଚରିତ୍ରାମୃତ କଥା ମହାଯାତ୍ରାର ବର୍ଣ୍ଣନୀୟ ବିଷୟ ।"

ବଙ୍ଗ ସାହିତ୍ୟରେ ମାଇକେଲ୍‌ଙ୍କ ବିନା କେହି ଅଧିକ ଓଜଃପୂର୍ଣ୍ଣ ଅମିତ୍ରାକ୍ଷର ଛନ୍ଦରେ କାବ୍ୟ ରଚନା କରି ପାରି ନାହାନ୍ତି । ଦୁଃଖର ବିଷୟ ଏହି ଯେ, ରାଧାନାଥଙ୍କ 'ମହାଯାତ୍ରା' କାବ୍ୟଟି ଅସମ୍ପୂର୍ଣ୍ଣ । କେହି କେହି ସମାଲୋଚକଙ୍କ ମତରେ "ମହାଯାତ୍ରା" ହିଁ ରାଧାନାଥଙ୍କ ସର୍ବଶ୍ରେଷ୍ଠ କାବ୍ୟ । ରାଧାନାଥ ଶିକ୍ଷାବିଭାଗର ଲୋକ ଥିଲେ । ସେ ସମୟରେ ଓଡ଼ିଆ ସ୍କୁଲ ପାଠ୍ୟ ପୁସ୍ତକର ଅଭାବ ଥିବାରୁ ସେ କେତେଗୁଡ଼ିଏ ବହି ଲେଖିଥିଲେ । ୧୮୭୭-୭୮ ଖ୍ରୀଷ୍ଟାବ୍ଦରେ ସେ ବାଲେଶ୍ୱରରେ ଶିବନାରାୟଣ ନାୟକଙ୍କ ସାଙ୍ଗରେ ମିଶି ଓଡ଼ିଆ 'ଭୂଗୋଳ' ଲେଖିଥିଲେ । ଶ୍ରୀ ଭୀମଚରଣ ପଣ୍ଡାଙ୍କ ସଙ୍ଗରେ ମିଶି ୧୮୭୮ ଖ୍ରୀଷ୍ଟାବ୍ଦରେ 'ଭୂଗୋଳ ସାରସଂଗ୍ରହ' ପୁସ୍ତକ ଲେଖିଥିଲେ । ଏହା ପୂର୍ବରୁ ସେ ୧୮୭୪ ଖ୍ରୀଷ୍ଟାବ୍ଦରେ ମେଘଦୂତକୁ ଓଡ଼ିଆରେ ଅନୁବାଦ କରିଥିଲେ ।

୧୮୭୮ ଖ୍ରୀଷ୍ଟାବ୍ଦରେ ଭକ୍ତକବି ଶ୍ରୀଯୁକ୍ତ ମଧୁସୂଦନ ରାଓଙ୍କ ସଙ୍ଗରେ ମିଶି ସେ ବାଲେଶ୍ୱରରୁ "କବିତାବଳୀ" ପ୍ରକାଶ କରିଥିଲେ । ୧୮୭୭ ଖ୍ରୀଷ୍ଟାବ୍ଦରେ ସେ 'କ୍ଷେତ୍ରତତ୍ତ୍ୱ' ପ୍ରକାଶ କରିଥିଲେ ଶ୍ରୀ ଶିବନାରାୟଣ ନାୟକଙ୍କ ସଙ୍ଗରେ ମିଶି । ଏହା ସର୍ଭେ ବହି । ଜ୍ୟାମିତି, ମାନସାଙ୍କ ଓ ସର୍ଭେ ଏଥିରେ ସବୁ ମିଶିଛି । ୧୮୭୬ ଖ୍ରୀଷ୍ଟାବ୍ଦରେ ତାଙ୍କର "ଆଦର୍ଶ ପ୍ରଶ୍ନାବଳୀ" ବାହାରି ଥିଲା । ସେ 'ଉତ୍କଳ ରଚନ' ନାମକ ଏକ ପୁସ୍ତିକା ମଧ୍ୟ ଏହି ସମୟରେ ପ୍ରକାଶ କରିଥିଲେ । ଏ ସବୁ ଥିଲା ସ୍କୁଲ ପାଠ୍ୟପୁସ୍ତକ । କିନ୍ତୁ ରାଧାନାଥଙ୍କ ପ୍ରତିଭା ତାଙ୍କର "ଚିଲିକା" (୧୮୯୧), 'ଯଯାତି', 'ମହାଯାତ୍ରା', 'କେଦାରଗୌରୀ', 'ପାର୍ବତୀ' (୧୮୯୧), 'ଉଷା' (୧୮୮୮), 'ଚନ୍ଦ୍ରଭାଗା', 'ନନ୍ଦିକେଶ୍ୱରୀ' (୧୮୮୭), 'ବେଣୀସଂହାର' ଇତ୍ୟାଦି

Digitized by srujanika@gmail.com

କାବ୍ୟମାନଙ୍କରେ ପ୍ରତିଫଳିତ ହୋଇଅଛି । ସେ ସବୁ ଇଂରେଜ କବି ବାଇରନ୍ ଭାବାପନ୍ନ ।

ମହାଯାତ୍ରାରେ ଗୋଟିଏ ନବୀନତ୍ୱ ଅଛି । ପୁରାଣ ବା ଭାଗବତ, ମହାଭାରତ ରଚନା ପରି ଏ ରଚନା ନୁହେଁ । ତଥାପି ଏଥିରେ ପୁରାଣର ଭାବ (Spirit)କୁ ଦିଆଯାଇଛି ।

ପାଣ୍ଡବମାନେ କପରି ଶେଷରେ ଓଡ଼ିଶାକୁ ଆସିଲେ ତାହା ବର୍ଣ୍ଣନା କରାଯାଇଛି । ସୁଦର୍ଶନ ଚକ୍ର ସମୁଦ୍ରରେ ବୁଡ଼ିଗଲା । ଏଥିପାଇଁ ପୁରୀରେ ଚକ୍ରତୀର୍ଥର ଏତେ ମହାତ୍ମ୍ୟ । ଏହି ମହାଯାତ୍ରାରେ ସମସ୍ତ ଓଡ଼ିଶାର ଗଡ଼ପଥ ବର୍ଣ୍ଣନା କରାଯାଇଛି । ସତ୍ୟ, ତ୍ରେତା, ଦ୍ୱାପର ପରେ କଳିର କପରି ପ୍ରବେଶ ଏବଂ ସେଥିରେ କ କ ପାପ, ଶୋଷଣତା ଦେଖା ଦେବ ତାହା ବର୍ଣ୍ଣନା କରାଯାଇଛି । ଏହା ଏକ ରାଜନୀତିକ କାବ୍ୟ ମଧ୍ୟ । କେହି କେହି କହନ୍ତି 'ମହାଯାତ୍ରା'ର କେତେକ ଅଂଶ ବାହାରିଲା ପରେ ସରକାର ସନ୍ଦେହ କରିବାକୁ ଲାଗିଲେ, ସେଥିପାଇଁ ବାକି ଅଂଶ ପୋଡ଼ି ଦିଆଗଲା । 'ମହାଯାତ୍ରା' ଛଡ଼ା 'ସାବିତ୍ରୀ' ଓ 'ଦଶରଥ ବିୟୋଗ' କାବ୍ୟ ମଧ୍ୟ ଅମିତ୍ରାକ୍ଷର ଛନ୍ଦରେ ଲିଖିତ ।

ରାଧାନାଥଙ୍କ ଜନ୍ମସ୍ଥାନ ବାଲେଶ୍ୱର ଜିଲ୍ଲାର ସୋର ଥାନାର କେଦାରପୁର ଗ୍ରାମରେ । କିନ୍ତୁ କଟକରେ ସେ ରହୁଥିଲେ । ଆଉ ବଙ୍ଗଦେଶରେ ଶିକ୍ଷାବିଭାଗର କାର୍ଯ୍ୟରେ କିଛିକାଳ ଥିଲେ ।

ରାଧାନାଥଙ୍କ ମୃତ୍ୟୁ ୧୯୦୮ ଅପ୍ରେଲ ୧୭, ୬୯ ବର୍ଷ ବୟସରେ । ଜନ୍ମ ୧୮୬୮ ସେପ୍ଟେମ୍ବର ୨୮ । ପିତା ସୁନ୍ଦରନାରାୟଣ ସାଧୁ ବିଚକ୍ଷଣ ଦୟାଳୁ ଥିଲେ । ସେ ଉତ୍କଳର ବଙ୍ଗୀୟ ଥିଲେ । କେଦାରପୁରର ରାୟ ମହାଶୟ ବଂଶଧର । ସେ ଏଫ୍ ଏ ପର୍ଯ୍ୟନ୍ତ ପଢ଼ିଥିଲେ ।

ରାଧାନାଥଙ୍କୁ ଅନୁକରଣ କରି ଅନେକ ଲେଖକ ବାହାରିଥିଲେ । ତାଙ୍କର ଦୁଇଟି ବଡ଼ ଚେଲା କହିବାକୁ ହେବ—ଚିନ୍ତାମଣି ମହାନ୍ତି ଏବଂ ଗଙ୍ଗାଧର ମେହେର ।

ଗଙ୍ଗାଧର ମେହେର ରାଧାନାଥଙ୍କୁ ଠାଏ ଠାଏ ବଳି ପଡ଼ିଛନ୍ତି । ଚିନ୍ତାମଣି ରାଧାନାଥଙ୍କୁ ଅନୁସରଣ କରି ବହୁ ଅଧ୍ୟବସାୟ ସହକାରେ ବହୁ କାବ୍ୟ କବିତା ଲେଖି ଯାଇଅଛନ୍ତି । କବି ନନ୍ଦକିଶୋର ରାଧାନାଥ ଯୁଗର ଏବଂ ରାଧାନାଥଙ୍କୁ ଅନୁସରଣ ମଧ୍ୟ କରିଅଛନ୍ତି । କିନ୍ତୁ ସେ ପଲ୍ଲୀକବି ହିସାବରେ ସୁନାମ ଅର୍ଜନ କରି ଯାଇଅଛନ୍ତି । ମୃତ୍ୟୁଞ୍ଜୟ କାବ୍ୟତୀର୍ଥ ମଧ୍ୟ ରାଧାନାଥଙ୍କ ପଦାଙ୍କ ଅନୁସରଣ

Digitized by srujanika@gmail.com

କରିଥିଲେ । କିନ୍ତୁ ସେ 'ନର୍ତ୍ତକୀ' ଖଣ୍ଡକାବ୍ୟ ଛଡ଼ା ଅଧିକାଂଶ ଗଦ୍ୟ ପ୍ରବନ୍ଧ, ସମାଲୋଚନା ସାହିତ୍ୟ ଲେଖି ଯାଇଅଛନ୍ତି । କୁନ୍ତଳମଣି ଦାସ ମଧ୍ୟ ରାଧାନାଥଙ୍କ ଠାରୁ ଉତ୍ସାହ ପାଇ 'କବିସୂର୍ଯ୍ୟ' ଜୀବନୀ ଓ କବିତା ଗୀତସଂଗ୍ରହ କରି ପ୍ରକାଶ କରିଅଛନ୍ତି । କବି ପଦ୍ମଚରଣ ମଧ୍ୟ ରାଧାନାଥଙ୍କ ଅନୁକରଣରେ କବିତା ଲେଖି-ଅଛନ୍ତି । ନୀଳମଣି ବିଦ୍ୟାରତ୍ନ ମଧ୍ୟ ରାଧାନାଥଙ୍କ ଯୁଗର । ସେ କିନ୍ତୁ ସାମ୍ବାଦିକ ହିସାବରେ ଜୀବନ କଟାଇ ଥିଲେ ।

ରାଧାନାଥ ଇଂରାଜୀ, ସଂସ୍କୃତ, ଓଡ଼ିଆ, ବଙ୍ଗଳା ଓ ହିନ୍ଦି ସାହିତ୍ୟରେ ସୁପଣ୍ଡିତ ଥିଲେ । ସେ ସର୍ବଦା "କୋଳାହଳ ବିଦ୍ୱେଷୀ, ବିବିକ୍ତ-ଛଳବିଳାସୀ" ଥିଲେ । ସେ ନିଜକୁ ସବୁବେଳେ ଅଙ୍କୁଶରେ ମାରି ଚାଲୁଥିଲେ ।

ଫକୀରମୋହନ ରାଧାନାଥଙ୍କର ସମସାମୟିକ ଥିଲେ ଏବଂ ବାଲେଶ୍ୱରରେ ଏକ ସଙ୍ଗରେ ସାହିତ୍ୟ ଅନୁଶୀଳନ କରୁଥିଲେ ମଧ୍ୟ । ଫକୀରମୋହନଙ୍କ ମତି ଗଦ୍ୟସାହିତ୍ୟ ଦିଗକୁ ବିଶେଷ ଗତି କଲା । ଆଉ ପଦ୍ୟରେ ସେ ପୁରାତନ ପଦ୍ଧତି ବିଶେଷ ଭାବରେ ଅନୁକରଣ କରିଥିଲେ । ଫକୀରମୋହନ ହେଉଛନ୍ତି ଉତ୍କଳର ବ୍ୟାସକବି ।

ରାଧାନାଥ ଗୁଣୀ ଥିଲେ । ସେ ସର୍ବପ୍ରଥମେ ଉତ୍କଳର ଚନ୍ଦ୍ରଶେଖର ସାମନ୍ତଙ୍କୁ ଚିହ୍ନିଥିଲେ । ତତ୍ପରେ ରାୟବାହାଦୁର ଯୋଗେଶଚନ୍ଦ୍ର ବିଦ୍ୟାନିଧି ଚନ୍ଦ୍ର-ଶେଖରଙ୍କର ସିଦ୍ଧାନ୍ତଦର୍ପଣ ଭୂମିକା ସହ ପ୍ରକାଶ କରିଥିଲେ । ଚନ୍ଦ୍ରଶେଖର ଏହି ଦୁଇ ଶହ ବର୍ଷ ଭିତରେ ଜଣେ ବଡ଼ ଜ୍ୟୋତିଷୀ ଥିଲେ ।

ରାଧାନାଥଙ୍କ 'ଚିଲିକା' ସମସ୍ତଙ୍କ ଚିତ୍ତ ମନ ହରଣ କରେ । ଏହା ବଡ଼ ବିଷାଦଗ୍ରସ୍ତାରେ ଦେଖି । ରାଧାନାଥ ଗଦ୍ୟରେ 'ଇତାଲୀୟ ଯୁବା' ନାମକ କ୍ଷୁଦ୍ର ଉପନ୍ୟାସ ମଧ୍ୟ ଲେଖିଥିଲେ । କିନ୍ତୁ ଗଦ୍ୟରେ ସେ ଆଦୌ କୃତକାର୍ଯ୍ୟ ହୋଇ-ନାହାନ୍ତି । ସମସ୍ତ ଜୀବନ ଶିକ୍ଷକତା କରି ପରେ ଶିକ୍ଷା ବିଭାଗର ଇନ୍‌ସପେକ୍ଟର ହୋଇ ରାଧାନାଥ ଜୀବନ ସାଙ୍ଗ କରିଥିଲେ ।

ରାଧାନାଥଙ୍କ ସ୍ତ୍ରୀଙ୍କ ନାମ ପରଶମଣି ଥିଲା । କବିଙ୍କର "ପତିବ୍ରତା ନାରୀ ପ୍ରତି ସତିଦ୍ରୋହୀର ଉକ୍ତି" ଅତ୍ୟନ୍ତ ମର୍ମନ୍ତୁଦ ।

କବି ରାଧାନାଥ ୧୯୦୪ରୁ ୧୯୦୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅତ୍ୟନ୍ତ ମାନସିକ ଯନ୍ତ୍ରଣା ଭୋଗିଥିଲେ । ସେତିକବେଳେ ସେ ଆତ୍ମକଥା ଲେଖି ଯାଇଅଛନ୍ତି । ତାହା ଅଦ୍ୟାପି ପୁସ୍ତକାକାରରେ ପ୍ରକାଶିତ ହୋଇନାହିଁ । ଏହି 'ଆତ୍ମକଥା'ରେ ପାପର

Digitized by srujanika@gmail.com

ବୃଶ୍ଚିକ ଦଂଶନର କଥା ସେ ଭିନ୍ନ ଭିନ୍ନ କରି ଓ ଅତି ଯନ୍ତ୍ରଣାଦାୟକ ଭାବରେ ବର୍ଣ୍ଣନା କରିଅଛନ୍ତି । ଏହା ଆତ୍ମଶୁଦ୍ଧି ପାଇଁ, ଆତ୍ମଗ୍ଳାନିର ଗଭୀର ଅନୁତାପ ଏଥିରେ ପଦେ ପଦେ ଅଛି । ଏହା ଗଭୀର ମର୍ମଭେଦୀ ଭାବରେ ଲେଖାଯାଇଅଛି ।

ରାଧାନାଥଙ୍କ କାବ୍ୟମାନଙ୍କରେ ଦୁଃଖବାଦ ହିଁ ବେଶୀ । ଉତ୍କଳ ସାହିତ୍ୟର ସର୍ବଶ୍ରେଷ୍ଠ ସମାଲୋଚକ ସେ ସମୟରେ ରାଧାନାଥଙ୍କ କାବ୍ୟ କବିତା ସମ୍ବନ୍ଧରେ ନିମ୍ନୋକ୍ତ ଭାବରେ ଲେଖିଯାଇଛନ୍ତି—

"ରଚନା ବିଷୟରେ ତାହାଙ୍କର ଯାବତୀୟ କାବ୍ୟ ଓ କବିତା ସ୍ମରଣୀୟ ଅଟେ । କବିବରଙ୍କ ଲେଖନୀ ଯେପରି ପୀୟୂଷ-ପ୍ରସବିନୀ ଥିଲା, ସେହିପରି ତାଙ୍କର ହାସ୍ୟ ଅମୃତର ଫୁଆରା ଆଳାପଗୁଡ଼ିକ ପ୍ରୌଢ଼ୋକ୍ତିପୂର୍ଣ୍ଣ ଥିଲା । ତାହାଙ୍କ କଥାରେ ଯେଉଁ ଭଙ୍ଗୀ, ପେଞ୍ଚ ଓ ସୁର ଥିଲା ତାହା ଅନନ୍ୟସାଧାରଣ ଏବଂ କବିଙ୍କର ହିଁ ଯୋଗ୍ୟ ।"

ବାସ୍ତବିକ ରାଧାନାଥ ଉତ୍କଳର ଜାତୀୟ କବି ଥିଲେ । ସେ ଉତ୍କଳ ସାହିତ୍ୟକୁ ଗୋଟିଏ ନୂତନ ପ୍ରକାର ଭାଷା ଓ ରଚନାଶୈଳୀ ଦେଇ ଯାଇଛନ୍ତି । ଏହି ରଚନାଶୈଳୀ ତାଙ୍କୁ ଉତ୍କଳ ସାହିତ୍ୟରେ ଯୁଗପ୍ରବର୍ତ୍ତକ ଆଖ୍ୟା ଦେଇଛି । ତାଙ୍କର ଲେଖାରେ ଧ୍ୱନି ଓ ବ୍ୟଞ୍ଜନା ଅନେକ ସ୍ଥାନରେ ଦେଖାଯାଏ । 'ଚିଲିକା' କାବ୍ୟରେ ଏହାର ଦୃଷ୍ଟାନ୍ତ ପୂରି ରହିଛି । ରାଧାନାଥ ସ୍ପଷ୍ଟ ବକ୍ତା ଥିଲେ । ତାଙ୍କ 'ଦରବାର'ରେ ସେ ଏହାର ନିଦର୍ଶନ ଦେଇଛନ୍ତି । ଆଉ ତାଙ୍କ 'ମହାଯାତ୍ରା' ଅତ୍ୟୁଜ୍ଜ୍ୱଳ ଦେଶପ୍ରୀତିର ପରିଚାୟକ ।

ଶ୍ରୀଯୁକ୍ତ ନରସିଂହ ଚରଣ ଦାସ ଲେଖିଅଛନ୍ତି—ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ଦିଗରେ ଭଞ୍ଜଯୁଗର ଜୀବନସନ୍ଧ୍ୟା ଓ ଅପର ଯୁଗରେ ନବ ଯୁଗର ନବୀନ ପ୍ରଭାତ । ଏପରି ସନ୍ଧିସ୍ଥଳରେ ରାଧାନାଥଙ୍କର ଜନ୍ମ ଓ ତାଙ୍କ କବିତ୍ୱର ବିକାଶ । ସେ ଅଶ୍ରୁପୂର୍ଣ୍ଣ ନୟନରେ ଭଞ୍ଜଯୁଗକୁ ବିଦାୟ ଦେଇଥିଲେ ଏବଂ ଆନନ୍ଦାପ୍ଳୁତ ହୃଦୟରେ ନବଯୁଗର ଆଗମନୀ ବଂଶୀ ବଜାଇଲେ; ଏ ଉଭୟ କାର୍ଯ୍ୟ ସମାଧାନ କରିଥିବାର ପ୍ରମାଣ ରାଧାନାଥ ନିଜ ଲେଖାରେ ଦେଇଛନ୍ତି । ରାଧାନାଥ ଉତ୍କଳ ସାହିତ୍ୟର ଇତିହାସରେ ନବ କାବ୍ୟଯୁଗର ପ୍ରବର୍ତ୍ତକ । ତାଙ୍କ ସମୟ ଠାରୁ ରାଧାନାଥ ଯୁଗ ବା ଆଧୁନିକ ଯୁଗର ଆରମ୍ଭ ।

ଓଡ଼ିଶାର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନାରେ ଏବଂ ଏହାର ଭୌଗୋଳିକ ସ୍ଥଳୀମାନଙ୍କୁ ଜୀବନ୍ତ କରିବାରେ ରାଧାନାଥ ଓଡ଼ିଶାର ସର୍ବଶ୍ରେଷ୍ଠ ଶିଳ୍ପୀ ଥିଲେ ।

Digitized by srujanika@gmail.com

ପ୍ରସିଦ୍ଧ ସାହିତ୍ୟିକ ବିଶ୍ୱନାଥ କର ରାଧାନାଥଙ୍କ ସମ୍ବନ୍ଧରେ କହିଥିଲେ—"ଉତ୍କଳର ପ୍ରତ୍ୟେକ ଧୂଳିକଣା ରାଧାନାଥଙ୍କ ନିକଟରେ ସ୍ୱର୍ଣ୍ଣରେଣୁ, ସମଗ୍ର ଉତ୍କଳର ଭୂମି ତାଙ୍କ ଚକ୍ଷୁରେ ଦେବନିବାସ ।"

ଲକ୍ଷ୍ମୀକାନ୍ତ

ନାମଟି କେଡ଼େ ସୁନ୍ଦର । ଲକ୍ଷ୍ମୀ ପୁଣି କାନ୍ତ, ଏକାବେଳକେ Aesthetic ବା ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ । ଲକ୍ଷ୍ମୀକାନ୍ତ ।

ଲକ୍ଷ୍ମୀ କାହାକୁ କହନ୍ତି ? ଲକ୍ଷ୍ମୀ ନାରାୟଣଙ୍କର ଦୁଇ ପତ୍ନୀ ମଧ୍ୟରୁ ଜଣେ, ଅନ୍ୟ ପତ୍ନୀଟି ସରସ୍ୱତୀ । ବର୍ତ୍ତମାନ ଲକ୍ଷ୍ମୀଙ୍କର କଥା ଦେଖାଯାଉ । ଲକ୍ଷ୍ମୀ ପୃଥିବୀରେ ସୌନ୍ଦର୍ଯ୍ୟ, ଶୋଭା, ଧନ, ଐଶ୍ୱର୍ଯ୍ୟ ଓ ସୌଭାଗ୍ୟର ଅଧିଷ୍ଠାତ୍ରୀ । ଲକ୍ଷ୍ମୀକାନ୍ତର ଚେହେରାରେ ସୌନ୍ଦର୍ଯ୍ୟ ଥିଲା, ଶୋଭା ଥିଲା; ତାର ଧନ ଥିଲା; ଜମିଦାର ବଂଶର ପିଲା ସେ । ତାର ଐଶ୍ୱର୍ଯ୍ୟ ଥିଲା, ଆଉ ଥିଲା ସୌଭାଗ୍ୟ ।

ଫିଟ୍‌ଫାଟ୍ ଟେନିସ୍ ସୁ ପିନ୍ଧି, ରେକ୍ୱେଟ୍ ହାତରେ ଧରି, ଶାର୍ଟ ଦେହରେ ଦେଇ ସେ ଯେତେବେଳେ ଟେନିସ୍ ଖେଳୁଥିଲା ତା ତ ଇନ୍ଦ୍ର ଭୁବନର କାରଖାନା ପରି ମନେ ହେଉଥିଲା ।

ସେ ଥିଲା ଅତି ମଧୁର, ସୁନ୍ଦର, ବିହ୍ୱଳତାଦାୟକ । ଗୀତ, ବାଦ୍ୟ, ନୃତ୍ୟ, ତୂଳୀ, କଲମ, ସବୁଥିରେ ସେ ଥିଲା ଧୁରନ୍ଧର; ଆଉ ସରସ୍ୱତୀଙ୍କ ବୀଣା ମଧ୍ୟ ଚୋରି କରିଥିଲା ସେ, ଗାୟକ ଥିଲା, ବାଦକ ଥିଲା ସେ । ଯେତେବେଳେ ସବୁ ଚାଲିଗଲା, ସେ ଫତୁର ହୋଇଗଲା; ସେତେବେଳେ ଏକତାରା ଥିଲା ତାର ସମ୍ବଳ ।

ଆହା—ହା—ଲକ୍ଷ୍ମୀକାନ୍ତକୁ ଯେ ଦୁଇ ଅବସ୍ଥାରେ ଦେଖିଛି ସେ ଅନୁଭବ କରିପାରିବ, ସେ ସୌନ୍ଦର୍ଯ୍ୟ, କାର୍ତ୍ତିକ ପରି ଚେହେରା, ସଭା ସମିତିରେ ହସଉଛି, ରସଉଛି, ଗୀତ ବୋଲୁଛି, କୌତୁକ କରୁଛି, ଆଉ ବାହାବା ପାଉଛି । ପୁଣି ଆଉ ଏକ ଲକ୍ଷ୍ମୀକାନ୍ତ—ପଙ୍ଗୁ, ଆଙ୍ଗୁଠି ଛିଡ଼ି ଯାଇଛି, ଥୁଣ୍ଟା ଗଛ ପରି ରହିଛି । ତଥାପି ସେ ଥୁଣ୍ଟା ଗଛରେ ବସନ୍ତ ଆଗମନରେ ନୂଆ ପତ୍ର କଅଁଳୁଛି, ପୁଣି ଫୁଲ ଧରୁଛି । ଏ ଆଉ ଏକ ଅବସ୍ଥା ।

କିନ୍ତୁ ଦୁଇ ଅବସ୍ଥାରେ ଲକ୍ଷ୍ମୀକାନ୍ତର ହସ ଛାଡ଼ି ନାହିଁ, ରସ ଛାଡ଼ି ନାହିଁ, ମହାରସିକ ସେ । ଆଉ ପର୍ଦ୍ଦା ସେ ପାରିରେ ବସିଛି ଚିର ଯୁବତୀ ଲକ୍ଷ୍ମୀ, ଲକ୍ଷ୍ମୀକାନ୍ତର ସ୍ତ୍ରୀ । ଏହି ତ ଆନନ୍ଦ, ମଧୁରତା, ଗମ୍ଭୀରତା, ଭାବନା, ସୌନ୍ଦର୍ଯ୍ୟ ।

Digitized by srujanika@gmail.com

ପୁଣି କହିବ, ହାୟ, ହାୟ ! ଏହି ତ ବିଷାଦ, କାଳିମା, ଘୋର ତମିର, କିନ୍ତୁ ନା ନା, କହିବ ସେଥିରେ ତ ଚପଳତା ସ୍ଫୁରୁଛି । ବନ୍ଧୁ ବାନ୍ଧବ ଆସିଲେ ହସଖେଳ ଚାଲିଛି, କବିତା ଗୀତ ଚାଲିଛି—ଭକ୍ତମାନଙ୍କୁ ଭଗବାନ ଅମୃତ ବାଣ୍ଟିଲା ପରି ସେ ଗୀତ ଗାଉଛି । ଲକ୍ଷ୍ମୀକାନ୍ତ ହଜିଯାଇଛି ? ନା ସେ ବଞ୍ଚିରହିଛି ତାର ଶିଷ୍ୟର କଣ୍ଠରେ । ଜଗବନ୍ଧୁ ଗୀତ ଗାଏ—ଲକ୍ଷ୍ମୀକାନ୍ତର ସ୍ମରଣ ଆସେ ।

ଦୁଃଖ ହେଉଛି ଏସବୁ ଭାବିଲାବେଳକୁ—କିନ୍ତୁ ଆନନ୍ଦ ମଧ୍ୟ ତ ହେଉଛି—ଲକ୍ଷ୍ମୀକାନ୍ତ ଅଶରୀରୀ ଲକ୍ଷ୍ମୀକାନ୍ତ ଆମ ପାଖକୁ ଆସି ଯାଉଛି ।

ମୁଁ ଲକ୍ଷ୍ମୀକାନ୍ତ ସାଙ୍ଗରେ ରେଭେନ୍‌ସା କଲେଜରେ ପଢ଼ିଥିଲି । ତାକୁ ଦୂରରୁ ଦେଖିଛି ସେତେବେଳେ—ପରେ ଦେଖିଲି ଘନ ସନ୍ନିବିଷ୍ଟ ଭାବରେ—ଯେତେବେଳେ ସେ ଶରୀରରେ ରୋଗରେ, ଆଉ ମୁଁ ମଧ୍ୟ ସେହି ଶରୀର ରୋଗରେ ଆକ୍ରାନ୍ତ—ସେତେବେଳେ ଆମ ଭିତରେ ପ୍ରକୃତ ସୌଭ୍ରାତ୍ର ସ୍ଥାପିତ ହୋଇଥିଲା ।

ଲକ୍ଷ୍ମୀକାନ୍ତ ମୋର ନୁହେଁ—ଲକ୍ଷ୍ମୀକାନ୍ତ ମୁଁ ବୋଲି ଭାବୁଥିଲି । ଆଉ ଲକ୍ଷ୍ମୀକାନ୍ତ ମୋତେ ? —ସେ ବି ଠିକ୍ ସେହିପରି ଭାବୁଥିଲା ।

ଲକ୍ଷ୍ମୀକାନ୍ତର ଜୀବନସଙ୍ଗୀତ—ଭଙ୍ଗା ମୋର ଡଙ୍ଗାଟି—ଆହା—ଭଙ୍ଗା ମୋର ଡଙ୍ଗାଟି—ଦଦରା ମୋର ନାଆଟି—ତଥାପି ଆକାଶ କୋଣେ ଗୁହିଁଛି କିଏ ? ତାରାଟି ଆକାଶ କୋଣେ ?—ଏହି ବିଶ୍ୱାସ, ଏଇ ମଧୁରତା, ଏହି ସୌନ୍ଦର୍ଯ୍ୟ ଲକ୍ଷ୍ମୀକାନ୍ତ ଜୀବନରେ କେବେହେଁ ହରାଇ ନ ଥିଲା ।

ପାଠୁଆ ଲୋକମାନେ ଲକ୍ଷ୍ମୀକାନ୍ତର ଲେଖା କବିତାର ଆଲୋଚନା କରିବେ ନାନା ଭଙ୍ଗୀରେ—ମୁଁ ଜଣେ ଭାବୁକ—Emotion ମୋର ସମ୍ବଳ—ବୁଦ୍ଧିହୀନ ମୁଁ—

୧୯୩୮ ଖ୍ରୀଷ୍ଟାବ୍ଦରେ ମୋର 'ଆଶୀର୍ବାଦ' ନାମକ କବିତା ବହିର ପାଣ୍ଡୁଲିପି ଲକ୍ଷ୍ମୀକାନ୍ତ ପାଖକୁ ପଠାଇଥିଲି । ମୋର ଲେଖା ବୋଲି ଜଣାଇ ନ ଥିଲି । ମୁଁ ଲେଖିଥିଲି ଏହି ପାଣ୍ଡୁଲିପିଟି ଦେଖି ମନ୍ତବ୍ୟ ଦେବ—

ସେଥିରେ ଲକ୍ଷ୍ମୀକାନ୍ତ ଭଦ୍ରଖରୁ—୪ । ୪ । ୧୯୩୮ ରେ ଯାହା ଲେଖି ପଠାଇଥିଲା, ତାହା ଏଠାରେ ପ୍ରକାଶ କରୁଛି ।

"ଏକ ନିଃଶ୍ୱାସରେ 'ଆଶୀର୍ବାଦ' ପଢ଼ିଗଲି । କବିପ୍ରାଣର ମୁକ୍ତ ଭାବୋଚ୍ଛ୍ୱାସ ବାଧାହୀନ, ବନ୍ଧହୀନ ହୋଇ ବାହାରି ପଡ଼ୁଛି ଅନର୍ଗଳ; ଭାଷା ମାଳ

Digitized by srujanika@gmail.com

ନାହିଁ ଛନ୍ଦର ନିୟମ, ଯତି ଉପଧାର ବାଧ୍ୟବ୍ୟବସ୍ଥା, ମିତ୍ରାକ୍ଷରର କାଇଦା କଟକଣା ନ ମାନି ବନ୍ୟ ଗିରିନଦୀର ସ୍ୱଚ୍ଛ, ସହଜ, ସ୍ୱତନ୍ତ୍ର, ଅବଳୀଳ ଗତିରେ ଖାଲିଢିପ ମାଡ଼ି ତର ତରରେ ବହିଯାଉଛି ଆତ୍ମହରା କେଉଁ ଅସୀମ ପଥରେ ।

ଓଡ଼ିଆର ସାବବାଜ୍ୟରେ ଆଶୀର୍ବାଦ ଏକ ନୂତନ ଅବଦାନ, ଏକ ଅଭିନବ ସୃଷ୍ଟି । ପ୍ରତି କବିତାରେ ଉଦ୍‌ଭ୍ରାନ୍ତ ଅନ୍ତର ଯାଉଛି ମୁକୁଳା ହୋଇ, ନିଃଶେଷ ଭାବରେ । ମନେ ହୁଏ ଏହା ହିଁ ଆଶୀର୍ବାଦର ବୈଶିଷ୍ଟ୍ୟ ।”

ଲକ୍ଷ୍ମୀକାନ୍ତ ଥୁଣ୍ଟା ହୋଇ ଯାଇଥିଲି ସତ—କିନ୍ତୁ ମନ ତାର ଥିଲା ଯୌବନରେ ଭରା ।

× × × ×

ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବିଷୟରେ ଆଲୋଚନା କରିବାକୁ ଯାଇ ଗୋଟିଏ କଥା ଜାଣିଲି ଯେ ତାଙ୍କ ବିଷୟରେ ଯେଉଁମାନେ ଅତି ବେଶୀ ଜାଣନ୍ତି, ସେମାନେ ତାଙ୍କ ବିଷୟରେ ଲେଖିବାକୁ କୁଣ୍ଠିତ । କେତେକ ତାଙ୍କ ପ୍ରତି ଭକ୍ତି ଯୋଗୁଁ ଏବଂ କେତେକ ଯେଉଁମାନେ ତାଙ୍କର ସାଙ୍ଗ ଥିଲେ ସେମାନେ ତାଙ୍କ ପ୍ରତି କାଳେ ଡାଇଲ୍ ହେବ କିମ୍ବା ଠିକ୍ ବର୍ଣ୍ଣିତ ହୋଇ ପାରିବ ନାହିଁ ସେଇ ଆଶଙ୍କାରେ ଲେଖିବାକୁ ଚାହାନ୍ତି ନାହିଁ । ମୋର ବନ୍ଧୁ କହିଲେ—ଲକ୍ଷ୍ମୀକାନ୍ତଙ୍କୁ ଆମେ ବୁଝି ପାରିଲୁ ନାହିଁ, ସେ ଉତ୍କଳ ସାହିତ୍ୟରେ ବହୁ ନୂତନ ଦିଗଦର୍ଶନ ଦେଇ ଯାଇଛନ୍ତି । ଥଟ୍ଟା ପରିହାସରେ ଗୋପାଳ ପ୍ରହରାଜ ଟିକିଏ ରୁକ୍ଷତା ଆଡ଼କୁ ଗତି କରିଥାଲେ । କିନ୍ତୁ ଲକ୍ଷ୍ମୀକାନ୍ତ ସେପରି ନ ଥିଲେ । ଲକ୍ଷ୍ମୀକାନ୍ତଙ୍କର ଥଟ୍ଟା ପରିହାସରେ ଅଶ୍ଳୀଳ କଥା ମଧ୍ୟ ତାଙ୍କ ମୁହଁରେ ମିଠା ଲାଗେ । କାରଣ ତାଙ୍କ ମନରେ ସେପରି ବିକାର ନ ଥାଏ । ଲକ୍ଷ୍ମୀକାନ୍ତ ଲୋକଙ୍କୁ ହସେଇ ଦିଅନ୍ତି, କିନ୍ତୁ ନିଜେ କେବେ ହସନ୍ତି ନାହିଁ । ପରମାନନ୍ଦ ଆଚାର୍ଯ୍ୟ କହୁଥିଲେ, ଥରେ ଲକ୍ଷ୍ମୀକାନ୍ତ ତାଙ୍କୁ ଘରକୁ ନେଇଯାଇ ନିଜ ସ୍ତ୍ରୀଙ୍କୁ କହିଲେ, ହେ, ଏ ବ୍ରାହ୍ମଣଙ୍କୁ ଚିହ୍ନ ? ଏଟା ବଡ଼ ପଣ୍ଡିତ । ଏହାର ଗୋଡ଼ର ଧୂଳି ନେ । ବଡ ପୁଣ୍ୟ ହେବ ।” ଅଥଚ ସ୍ତ୍ରୀକୁ ପରମାନନ୍ଦ ବାବୁ କିଏ ତା ଭଲ କରି ବୁଝାଇଲେ ନାହିଁ । ବାସ୍ତବିକ ଲକ୍ଷ୍ମୀକାନ୍ତ ବାବୁଙ୍କର ସ୍ତ୍ରୀ ତ୍ୟାଗ ଓ କ୍ଷମାର ଜୀବନ୍ତ ପ୍ରତିମୂର୍ତ୍ତି । ଲକ୍ଷ୍ମୀକାନ୍ତ ନିଜେ ତ ବଡ ଥିଲେ, କିନ୍ତୁ ତାଙ୍କୁ ଆହୁରି ବଡ କରିଥିଲା ତାଙ୍କ ସୁନ୍ଦରୀ, ମଧୁମୟୀ, କର୍ତ୍ତବ୍ୟପରାୟଣା ପତ୍ନୀ । ସେହି ପତ୍ନୀକୁ ଦେଖି ଲକ୍ଷ୍ମୀକାନ୍ତ ଆନନ୍ଦ, ଉତ୍ସାହ, ଉତ୍ତେଜନା, ମଧୁରତା, ରସ ସବୁ ପାଉଥିଲେ । ତାହା ହିଁ ସେ ସାହିତ୍ୟରେ ବର୍ଷଣ କରୁଥିଲେ ।

Digitized by srujanika@gmail.com

୧୯୧୩ ଖ୍ରୀଷ୍ଟାବ୍ଦରେ ଲକ୍ଷ୍ମୀକାନ୍ତଙ୍କର 'ବନ୍ଦେ ଉତ୍କଳ ଜନନୀ...' ବାହାରିଲା । ସେଥିରେ 'ତାଳ ତମାଳ ସୁଶୋଭିତ ତୀର' ଲକ୍ଷ୍ମୀକାନ୍ତଙ୍କ ଦେଶପ୍ରେମରେ ମୁହ୍ୟମାନ କରିଥିଲା; ଦେଶର ଗଛ, ମାଟି, ପଥର ତାଙ୍କର ଜନନୀ ଥିଲା ।

ଲକ୍ଷ୍ମୀକାନ୍ତ ପ୍ରକୃତ ଶିଳ୍ପୀ ଥିଲେ । ବିଶ୍ୱନାଥ କର ମହାଶୟ Purist ଥିବାରୁ ଲକ୍ଷ୍ମୀକାନ୍ତର ଲେଖା ଉତ୍କଳ ସାହିତ୍ୟରେ ସେତେ ବାହାରିଲା ନାହିଁ । କିନ୍ତୁ ମୁକୁରରେ ସେ ଅନେକ ଲେଖା ଲେଖୁଥିଲେ । ଶ୍ରୀ ଗୋକୁଳାନନ୍ଦ ମହାନ୍ତି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଜଣେ ବଡ଼ ଭକ୍ତ । ସେ ମଧ୍ୟ ତାଙ୍କ ସମ୍ବନ୍ଧରେ ଅନେକ କଥା ଜାଣନ୍ତି । କିନ୍ତୁ କାଳେ ତାଙ୍କ ପ୍ରତି ଅସମ୍ମାନ ହେବ ସେଥିପାଇଁ ସେ ତାଙ୍କ ବିଷୟରେ ସେତେ କହିବାକୁ ଚାହାନ୍ତି ନାହିଁ । ଗୋଟିଏ ଗପ କହୁଥିଲେ— ଭଦ୍ରଖରେ ଗୋଟିଏ ମିଟିଂ ହୋଇଥିଲା । ମିଟିଂ ପରେ ଯେତେବେଳେ ଗୋକୁଳାନନ୍ଦ ବାବୁ ଫେରିଲେ ଏବଂ ତାଙ୍କ ସାଙ୍ଗରେ ଆଉ କେତେକ ଫେରିଲେ, ଲକ୍ଷ୍ମୀକାନ୍ତ ସେମାନଙ୍କୁ କହିଲେ—"ମିଟିଂକୁ ତ ଯାଇଥିଲ । କିନ୍ତୁ Cheating ତ ନିଶ୍ଚୟ ହୋଇଥିବ, ଆଉ eating ତ ନିଶ୍ଚୟ । ପୋଲିସର beating ହୋଇ ଥିଲା କି ନାହିଁ ?" ଏହିପରି ଭାବରେ ସେ କୌତୁକରେ ମଧ୍ୟ ରାଧାକୃଷ୍ଣଙ୍କର କଥା ଅନେକ କହନ୍ତି । ବିଡ଼ି ଗୁଡ଼ିବା ସମ୍ବନ୍ଧରେ ସେ କବିତା ଲେଖିଛନ୍ତି । ଖଣ୍ଡିଆ ବିଡ଼ିକୁ ସେ ଶ୍ୟାମ ଶ୍ରୀଖଣ୍ଡି ଚୂଲି କହିଛନ୍ତି । 'ତ୍ରିମ କି ଆଜଯାକେ ହେଲା ବିଫଳ—ଶିଶୁ ହେଲେହେଁ ତୁମେ କଳଭ ସରି, ଶସ କଣୋଘିଟିକୁ ଦେଲ ଯା'ସାରି' (ଶସ କଣୋଘି—ଝାଡ଼ା) ।

ଲକ୍ଷ୍ମୀକାନ୍ତଙ୍କ କୌତୁକ ଏହିପରି—ପ୍ରକୃତରେ ସେ ପ୍ରେମିକ ଥିଲେ ।

ସମୟ ଥିଲା—ଯେଉଁଥିରେ କଲିକତାରେ ଅନେକ ଛାତ୍ର ବିପଥଗାମୀ ହେଉଥିଲେ । କାରଣ ପ୍ରବାହରେ ଅନେକ ଯୁବକ କେତେକ ପରିମାଣରେ ନୀତିମାର୍ଗରୁ ଇତସ୍ତତଃ ହୋଇଯାଉଥିଲେ—ସେ କଥାର ଆଲୋଚନା ହୁଏତ କେବେ ମୁଁ ବିଶଦ ଭାବରେ କରିବି ।

ତାହା ଏକ ଦୁଃଖଦାୟକ ଅଧ୍ୟାୟ । ଆଜି ଲକ୍ଷ୍ମୀକାନ୍ତଙ୍କୁ ଭାବୁ ଭାବୁ ଅନେକ କଥା ମନରେ ପଡ଼ୁଛି । ହୁଏତ ବାରାନ୍ତରେ ତାହା ପ୍ରକାଶ କରିବି । ଲକ୍ଷ୍ମୀକାନ୍ତ ଉତ୍କଳ ସାହିତ୍ୟର ନବଯୁଗରେ ଗୋଟିଏ ପ୍ରକୃତ ଉଚ୍ଚ ଶିଳ୍ପୀ ପୂଜାରୀ ଥିଲେ । ଲକ୍ଷ୍ମୀକାନ୍ତଙ୍କୁ ଏହିଠାରେ ଦୁଇହାତ ଯୋଡ଼ି ନମସ୍କାର କରି ରହିଲି । ଲକ୍ଷ୍ମୀକାନ୍ତ ବଡ, ଲକ୍ଷ୍ମୀନାରାୟଣ ସାହିତ୍ୟର ଗୁଣ୍ଡୁଚିମୂଷା, କିନ୍ତୁ ରାମଚନ୍ଦ୍ରଙ୍କର

Digitized by srujanika@gmail.com

ସ୍ନେହର ସ୍ରୁପ ଏହି ଗୁଣ୍ଡିଚମ୍ପୁଷାରି ପିଠିରେ ପଡ଼ିଛି ବୋଲି ଲେଖକ ଅନୁଭବ କରେ ।

ସାଧକ ଚନ୍ଦ୍ରାମଣି

କବିବର ଚନ୍ଦ୍ରାମଣି ମହାନ୍ତିଙ୍କ ମୃତ୍ୟୁରେ କଟକରେ ଗୋଟିଏ ଅବସାଦ ଘେରି ଯାଇଅଛି । ମୁଁ ରାମଚନ୍ଦ୍ର ଭବନରେ ଥିଲି, ସେଠି ସଭାପାଇଁ ଅନେକ ଲୋକ ଉପସ୍ଥିତ ଥିଲେ । ଅଧ୍ୟାପକ ନରଞ୍ଜନ ନିୟୋଗୀଙ୍କର ବିଶ୍ୱବିଦ୍ୟାଳୟର ଆଦର୍ଶ ଓ ଲକ୍ଷ୍ୟ ସମ୍ବନ୍ଧରେ ବକ୍ତୃତା ଥିଲା । ସେହିଠାରେ ଏହି ଖବର ସରଳା ଦେବୀ ମୋତେ କହିଲେ । ଦୈବାତ୍ ମୋତେ ସେ ସଭାର ପୁରୋଧା କାର୍ଯ୍ୟ କରିବାକୁ ପଡ଼ିଥିଲା । ମୁଁ ସଭା ପୂର୍ବରୁ ଏହି ଖବର ସମସ୍ତଙ୍କୁ ଶୁଣାଇଲି ଏବଂ ସଭାରେ ଗୋଟିଏ ଶୋକପ୍ରସ୍ତାବ ଗ୍ରହଣ କରି ସଭାପତି ହିସାବରେ ସମସ୍ତଙ୍କୁ ନୀରବରେ ହୃଦୟରେ ଭାବିବା ପାଇଁ କହିଲି । କି ସାଧକ ସେ ଥିଲେ—କି ଯୋଗୀ ସେ ଥିଲେ !

ଜୀବନଟାଯାକ ରୋଗକୁ ଦେହରେ ମୁଣ୍ଡାଇ ସେ ଯେପରି ସାହିତ୍ୟ ସାଧନା କରି ଯାଇଅଛନ୍ତି ତାହା ଭାବିଲେ ଆମର ନିଜ ନିଜକୁ ଧିକ୍କାର ଆସେ । ବାସ୍ତବିକ କହିବାକୁ ଗଲେ ସେହି ଦାରୁଣ ରୋଗହିଁ ତାଙ୍କୁ ତାଙ୍କ ମା'ଲିକଙ୍କର ମହାଦାନ ସ୍ୱରୂପ ହୋଇଥିଲା । ଏହା ପ୍ରଚ୍ଛନ୍ନ । ଭଗବାନ ଜ୍ୟୋତିଃ ସ୍ୱରୂପରେ ରହି ତାଙ୍କ ଅନ୍ତରରେ ତାଙ୍କୁ ଯନ୍ତ୍ରଣା ଏବଂ ସାହିତ୍ୟ ଲେଖିବା ପାଇଁ ପ୍ରେରଣା ଦେଉଥିଲେ ।

ମୁଁ ତ ସେଦିନ ଭଦ୍ରକରେ ତାଙ୍କୁ ଦେଖି ଆସିଲି । ସେ କଥା କହିଲେ, ଆଶୀର୍ବାଦ କଲେ, କିନ୍ତୁ ଏତେ ଶୀଘ୍ର ଆମ ଠାରୁ ଚାଲିଯିବେ ବୋଲି କିଏ ଜାଣିଥିଲା ? ଆମେ ତ ଭାବିଲୁ ସେ ଆରୋଗ୍ୟ ଲାଭ କରିଗଲେ ଏବଂ ତାଙ୍କର ଶେଷ ଇଚ୍ଛା ଶାରଳା ଦେବୀଙ୍କ ଠାରେ ରହି ଶେଷ କାବ୍ୟ ଲେଖିବେ । ଏହି ଶେଷ ଇଚ୍ଛା ତାଙ୍କର ପୂର୍ଣ୍ଣ ହେଲା ନାହିଁ । ପଙ୍ଗୁ ହୋଇ ମହେନ୍ଦ୍ରଗିରି ସେ ଯାଇଛନ୍ତି— ପଙ୍ଗୁ ହୋଇ ସେ ଉପେନ୍ଦ୍ର ଭଞ୍ଜଙ୍କ ରମ୍ୟଗ୍ରାମ ବୁଲିଛନ୍ତି ଆଦି ବୁଲିଛନ୍ତି— ପଙ୍ଗୁ ହୋଇ ସେ ଏତେ କାବ୍ୟ କବିତା ଲେଖି ଯାଇଛନ୍ତି ! ସେ ବାସ୍ତବିକ ଆମ ସମସ୍ତଙ୍କୁ ସ୍ମରଣ କରାଇ ଦେଇଛନ୍ତି—"ପଙ୍ଗୁ ଲଙ୍ଘୟତେ ଗିରିଂ ଯତ୍ କୃପା···" ଇତ୍ୟାଦି ।

ଏହି ପ୍ରସଙ୍ଗରେ ସୋମନାଥଙ୍କର ତ୍ୟାଗ ଓ ସେବାର କଥା ନ କହି ରହି ପାରିବି ନାହିଁ । ସୋମନାଥ ଚନ୍ଦ୍ରାମଣିଙ୍କ କାୟା ସଙ୍ଗେ ଛାୟା ସମ ବରାବର ରହି ଆସିଥିଲେ । ଏହି ଦାରୁଣ ବିଚ୍ଛେଦ ତାଙ୍କୁ ଯେପରି ବାଧିଥିବ ଅନ୍ୟ

Digitized by srujanika@gmail.com

କାହାରିକୁ ସେପରି ବାଧି ନ ଥିବ । କିନ୍ତୁ ଭଗବାନ ସୋମନାଥଙ୍କୁ ସହ୍ୟ କରିବା ଶକ୍ତି ସେହିପରି ଦେଇଛନ୍ତି ।

ଚନ୍ଦ୍ରାମଣି ଯାଇଛନ୍ତି—ସେ ମହାପଥର ଯାତ୍ରୀ ହୋଇଛନ୍ତି । ହେ ପ୍ରିୟ ପୁତ୍ରଗଣ ! ମାତୃସମ ମାତୃଭାଷାର ସେବା କର । ଉତ୍କଳ ଜନନୀର ସେବା କର । ତାଙ୍କୁ ମହତ୍ତର ସ୍ଥାନରେ ପ୍ରତିଷ୍ଠିତ କରାଅ । ଚନ୍ଦ୍ରାମଣି ତାଙ୍କର କର୍ତ୍ତବ୍ୟ ପୂର୍ଣ୍ଣ ଭାବରେ ପାଳନ କରି ଯାଇଅଛନ୍ତି । କିନ୍ତୁ ଆମେ ଅଧମ ସନ୍ତାନଗଣ ଉତ୍କଳ ଜନନୀଙ୍କୁ ଏକାବେଳକେ ଭୁଲି ଯାଇଅଛୁ ।

ଏହି ଦେଖ, ଏହି ଦେଶର ଜଳ, ପବନ, ବନ, ନଈ ଏସବୁ ଭିତରେ ଯେଉଁ ପ୍ରାଣ ପାଇଛୁ; ସେହି ସବୁ ଆହରଣ କରି ମୁଁ ପ୍ରକାଶ କରିଛୁ ମାତ୍ର । ସେହି ପ୍ରାଣସମ୍ପଦକୁ ତମେ ଆମେ ଶତ ସହସ୍ର ଗୁଣରେ ଉଜ୍ଜ୍ୱଳ ବିକାଶୋନ୍ମୁଖୀ କର, ନିରହଙ୍କାର ଭାବରେ ସାଧନା କର, କାହାରିକୁ ଈର୍ଷା ନ କର, କିଂବା ଅହଙ୍କାର ନ କର—ଏହାହିଁ ଚନ୍ଦ୍ରାମଣି କହି ଯାଇଛନ୍ତି ।

ଓଡ଼ିଆ ଗର୍ବ କରେ ନାହିଁ, ସେ ସେବକ । ଚନ୍ଦ୍ରାମଣି ସେବକ ଥିଲେ । ମାତୃଭାଷାର ପ୍ରଧାନ ସେବକ ଥିଲେ । ଶୁକଦେବ ପରି ସେବକ ସେ । ମହାମୁନି ପରି ସେବକ ସେ । ତାଙ୍କ ଭିତରେ ଲମ୍ଫ ଝମ୍ପ ନ ଥିଲା । ସେ ସାଧକ, ସିଦ୍ଧ, ଯୋଗୀ ପରି ରହିଥିଲେ ଏବଂ ଉତ୍କଳ ଭାଷାର ସେବା କରୁଥିଲେ ।

ତାଙ୍କ ମୃତ୍ୟୁ ପରେ ସେ ଅମୃତତ୍ୱ ଲାଭ କଲେ । ସେ ଦୀର୍ଘଜୀବୀ ହୋଇ ପ୍ରାଣତ୍ୟାଗ କଲେ । ଆମକୁ ଯଥେଷ୍ଟ ଦାନ ଦେଇ ଯାଇଛନ୍ତି ସେ । ଉତ୍କଳ ମାତାର ଉପଯୁକ୍ତ ଦାୟାଦ ହେଲେ ଆମେ ତାଙ୍କର ସେ ସମ୍ପତ୍ତିକୁ ଆହୁରି ବଢ଼ାଇ ପାରିବୁ; କୁଳାଙ୍ଗାର ହେଲେ ସେ ସବୁ ଲୋପ କରିଦେବୁ ।

ଚନ୍ଦ୍ରାମଣି ଉପେନ୍ଦ୍ର ଭଞ୍ଜଙ୍କ ଭକ୍ତ, ସେବକ—ଯେଉଁ ଉପେନ୍ଦ୍ର ଭଞ୍ଜଙ୍କୁ ଆଦର୍ଶ କରି ଜୀବନ ପଥରେ ସେ ବରାବର ଅଗ୍ରସର ହୋଇଥିଲେ, ସେହି ଉପେନ୍ଦ୍ର ଭଞ୍ଜଙ୍କ ପରି ସାଧକ ଆମେ ହେଲୁ କି ? ବାପ ଘରର ସମ୍ପତ୍ତି ଖାଇଲୁ ସିନା ବଢ଼ାଇଲୁ ନାହିଁ । ବର୍ତ୍ତମାନ ମଧ୍ୟ ଉତ୍କଳ ସାହିତ୍ୟର ହୀରକଖଣ୍ଡଗୁଡ଼ିକ ଆମ ନଜରରେ ପଡ଼ୁନାହିଁ । ହତଭାଗ୍ୟ ଆମ୍ଭେମାନେ, ସେ ସବୁ ମୃତ୍ତିକା ଦ୍ୱାରା ଘୋଡ଼ାଇ ରଖିଛୁଁ, ପ୍ରଚ୍ଛନ୍ନ କରି ରଖିଛୁ । ପୁଣି ସେ ସବୁକୁ ହୀରା ବୋଲି ଆଉ କହିପାରୁ ନାହୁଁ, ମାଟି ବୋଲି ପରିତ୍ୟାଗ କରୁଛୁ । କିନ୍ତୁ ହୀରା ଚିରଦିନ ଝଟକିବ ।

Digitized by srujanika@gmail.com

ସଂସାରର ଧୂଳି ଧୂଆଁ ଗୁଳଗଲେ ସେ ଜ୍ୟୋତି ଆମେ ଝଟକୁଥିବା ଦେଖି ପାରିବୁ—ଜଗତ ମଧ୍ୟ ଦେଖିବ । ଆଜି ଆମେ ମୂର୍ଖ ।

ଚନ୍ଦ୍ରାମଣି ସେହି ଉପେନ୍ଦ୍ର ଭଞ୍ଜଙ୍କୁ ଆଦର୍ଶ ଦେବତା ବୋଲି ଦୃଢ଼ ରୂପେ ଧରିଥିଲେ । ତାହାଙ୍କୁ ଇଷ୍ଟ ନ କହି ନିକେ ଯୋଗାସନରେ ବସି ତାଙ୍କ ଠାରୁ ବାଣୀ ଏବଂ ସ୍ପର୍ଶ ନେଉଥିଲେ । ସେହି ଚନ୍ଦ୍ରାମଣି ଆଜି ଆଉ ନାହାନ୍ତି । ଆମ ଠାରୁ ଅନ୍ତର ହୋଇ ଯାଇଅଛନ୍ତି । ସମସ୍ତଙ୍କୁ ଆଶୀର୍ବାଦ କରି ଏହି ସଂସାର ଲୀଳାଖେଳା ସମ୍ପୂର୍ଣ୍ଣ ଭାବରେ ସାଙ୍ଗ କରିଛନ୍ତି ।

ମୁଁ ଚନ୍ଦ୍ରାମଣିଙ୍କର ଭକ୍ତ—ହୀନ ହେଲେ ମଧ୍ୟ ଭକ୍ତ । ମୁଁ ଚନ୍ଦ୍ରାମଣିଙ୍କ ଚରଣ ତଳେ ମୁଣ୍ଡିଆ ମାରିଛି ଅନେକ ଥର ।

ଆଜି ଅନ୍ତରରେ ତାଙ୍କୁ ସ୍ମରଣ କରିବି । ବାହାର ଚକ୍ଷୁରେ ତାଙ୍କୁ ଦେଖି ପାରିବି ନାହିଁ ସିନା—କିନ୍ତୁ ସ୍ମୃତି ଯେତେ ଦିନ ଥିବ ଅନ୍ତଶ୍ଚକ୍ଷୁରେ ତାଙ୍କୁ ଖୁବ୍ ନିକଟରେ ଦେଖିବି । ସେ ମୋ ପକ୍ଷରେ ଜାଗ୍ରତ ଚକ୍ଷୁଷ୍ମାନ୍ ହୋଇ ରହିବେ ।

ଚନ୍ଦ୍ରାମଣି ସାହିତ୍ୟର ପଠନ ପାଠନ ପାଇଁ ଉତ୍କଳର ଘରଆଡ଼େ ପୁରସ୍କାର, ବକ୍ତୃତା, ସଭା ସମିତି ଇତ୍ୟାଦି ହେଉ, ଚନ୍ଦ୍ରାମଣି ସାହିତ୍ୟ ସମିତି ଗଠିତ ହେଉ । ଚନ୍ଦ୍ରାମଣିଙ୍କ ସ୍ମୃତି ତାଙ୍କ ସାହିତ୍ୟ ଆଲୋଚନା ଦ୍ୱାରା ପ୍ରକୃଷ୍ଟ ଭାବରେ ହୋଇ ପାରିବ, ମାଟିର ମୂର୍ତ୍ତି ତାହା କରି ପାରିବ ନାହିଁ— ଶ୍ମଶାନ ଘାଟରେ ମୂର୍ତ୍ତି ଥୋଇଦେଇ ତାହା ହୋଇ ପାରିବ ନାହିଁ । ପ୍ରାଣ ପାଇଁ ପ୍ରାଣ ଦେବାକୁ ହେବ—ସାଧନା କରିବାକୁ ହେବ ।

ବ୍ରଜସୁନ୍ଦର ଦାସ

ଜୀବନରେ ଯେଉଁମାନଙ୍କ ସମ୍ପର୍କରେ ଆସିଅଛି ସେମାନଙ୍କ ମଧ୍ୟରୁ ବ୍ରଜସୁନ୍ଦର ଦାସଙ୍କ ନାମ ମୋର ଅନ୍ତରରେ ବେଶୀ ଭରି ରହିଛି । ସେ ଜଣେ ଅତି ଭଲ ଲୋକ ଥିଲେ । ଦେଶସେବା ତାଙ୍କ ଜୀବନର ବ୍ରତ ଥିଲା ଏବଂ ସେହି ଦେଶସେବା ହେଉଛି ଉତ୍କଳର ସେବା । ତାଙ୍କର ସମସ୍ତ ଜୀବନ ଉତ୍କଳର ସେବାରେ ହିଁ କଟିଥିଲା ।

ମୁଁ ଏହିଠାରେ ତାଙ୍କର ଦେଶମିଶ୍ରଣ କାମ କଥା ହିଁ କହିବି । ଏହି ଦେଶମିଶ୍ରଣ କାମ ପାଇଁ ସେ ଯାହା ପାରିବାର, ଯେତେ ପାରିବାର, ଯେତେ ତ୍ୟାଗ ସ୍ୱୀକାର କରିବାର କରିଥିଲେ । ଦେଶମିଶ୍ରଣ କଥା ଉଠିଲେ ହିଁ ବ୍ରଜସୁନ୍ଦର ବାବୁ ଜାଗ୍ରତ, ତତ୍ପର । ସାଇମନ କମିଶନ ସମୟରେ ଯେତେ ସେ ଖଟିଛନ୍ତି

Digitized by srujanika@gmail.com

କହିଲେ ସରବ ନାହିଁ । ସାଇମନ କମିଶନକୁ ଭାରତ ବୟକଟ କରିଥିଲା । କିନ୍ତୁ କନିକା ରାଜା (ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ), ଲକ୍ଷ୍ମୀଧର ବାବୁ (ଦେବାନ ବାହାଦୁର), ବ୍ରଜସୁନ୍ଦର ବାବୁ ସବୁ ଠିକ୍ କଲେ ଯେ—ସେମାନେ ମେମୋରେଣ୍ଡାମ ବା ସ୍ମାରକପତ୍ର ଦେବେ ଓଡ଼ିଶା ତରଫରୁ । ରେଜିଷ୍ଟର ଚିଠି ପାଇବାର ବେଳ ନ ଥିଲା—ସେଲ୍ଫପର ଷ୍ଟାମ୍ପ ଲଗାଇ ପଠାଇ ଦେଲେ ।

ତା ପରେ ବ୍ରଜସୁନ୍ଦରବାବୁ ପାଟନାରେ ତିନି ମାସ ରହିଲେ ସାଇମନ କମିଶନଙ୍କ ସମ୍ମୁଖରେ ସାକ୍ଷ୍ୟ ତିଆରି କରିବା ପାଇଁ । ଡେପୁଟେସନ ଠିକ ହେଲା । ବ୍ରଜସୁନ୍ଦର ବାବୁ ହେଲେ ପ୍ରମୁଖ (ଲିଡର) । ଆଉ ରହିଲେ ଭାଗବତ ଚନ୍ଦ୍ର ମହାପାତ୍ର, ରାୟବାହାଦୂର ଭିକାରି ପଟ୍ଟନାୟକ, ଗୋପାଳ ପ୍ରହରାଜ । ମେମୋ-ରେଣ୍ଡାମ ପଢ଼ା ହେଲା । ଏହି କାମରେ ବାରିଷ୍ଟର ବିଶ୍ୱନାଥ ମିଶ୍ର ଖୁବ୍ ସାହାଯ୍ୟ କରିଥିଲେ । ବଡ଼ ବଡ଼ ପ୍ଲାକାର୍ଡ ଛାପି ସେ ପଠାଇଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଚାହେଁ । ବିଶ୍ୱନାଥ ମିଶ୍ର କେତେକଙ୍କୁ ଧରି ଗଭର୍ଣ୍ଣମେଣ୍ଟ ହାଉସକୁ ଗଲେ— ସାଇମନ୍ କମିଶନ ପାଖକୁ । ଏଟ୍ଲିଙ୍କୁ ଓଡ଼ିଶା ପ୍ରଦେଶ ପାଇଁ ଖୁବ୍ ମନେଇ ଦିଆ ହୋଇଛି । କମିଶନ ରେଙ୍ଗୁନ ଚାଲିଗଲା, ଲକ୍ଷ୍ମୀଧର ବାବୁ ଟେଲିଗ୍ରାମ କଲେ । ସାଇମନ ଉତ୍ତର ଦେଲେ, ନା, ମୁଁ ଭୁଲି ନାହିଁ । ବଙ୍ଗଦେଶ ଆପତ୍ତି କରୁଥାଏ । ଆପତ୍ତି ହେଉଥାଏ ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଲେ ଟଙ୍କା ଯଥେଷ୍ଟ ହେବ ନାହିଁ । ଲକ୍ଷ୍ମୀଧର ବାବୁ ମାନ୍ଦ୍ରାଜକୁ ଗଲେ, ବ୍ରଜସୁନ୍ଦର ବାବୁଙ୍କୁ ସବୁ ତଥ୍ୟ ପଠେଇବାକୁ କହିଲେ । ବ୍ରଜସୁନ୍ଦର ବାବୁ ସବୁ ଯୋଗାଡ଼ କରି ପଠାଇଲେ । ନୀଳମଣି ସେନାପତି ସେତେବେଳେ ମ୍ୟାଜିଷ୍ଟ୍ରେଟ । ମାନ୍ଦ୍ରାଜରେ ତେଲେଙ୍ଗାମାନେ ବିରୋଧ କଲେ । ଏହି ସମୟରେ ଧାରଳା, ଭୁବନେଶ୍ୱର ରଥ ପ୍ରଭୃତି ଖୁବ୍ ଲଢ଼ିଥିଲେ । ରାୟ ବାହାଦୁର ବ୍ରଜସୁନ୍ଦର ଦାସଙ୍କ ସାଙ୍ଗରେ ବରାବର ପରାମର୍ଶ କରୁଥାନ୍ତି । କନିକା ଛୁଟି ନେଇ ବିଳାତ ଚାଲିଗଲେ । ଦିଲ୍ଲୀରେ ରିପୋର୍ଟ ଲେଖା ହେଉଥାଏ । ଭେର ସିଭିଲସନ ରିପୋର୍ଟ ଲେଖିଲେ । ସେ ଭାରି ଓଡ଼ିଆ ବିରୋଧୀ । ମେଜର ଏଟଲି କିନ୍ତୁ ଓଡ଼ିଆଙ୍କୁ ଖୁବ୍ ସାହାଯ୍ୟ କରିଛନ୍ତି ।

ବ୍ରଜସୁନ୍ଦର ବାବୁ ଥିଲେ ଓଡ଼ିଆପ୍ରାଣ । ତାଙ୍କର ଜମିଦାରୀ ସେ ସେପରି ଦେଖି ପାରୁ ନ ଥିଲେ । କିନ୍ତୁ ସବୁବେଳେ ତାଙ୍କ ଘରେ ଦେଶର ନାନା ପ୍ରକାର ସଭା ସମିତି ହେଉଥିଲା । ତାଙ୍କର ଘରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଲୋକ ଆସି ରହୁଥିଲେ ।

Digitized by srujanika@gmail.com

ବ୍ରଜସୁନ୍ଦର ବାବୁ ଓଡ଼ିଶାର ରାଜନୀତିରେ, ଖେଳରେ, ବ୍ୟବସ୍ଥାପକ ସଭାରେ, ଶିକ୍ଷାରେ ସବୁଥିରେ କାମ କରୁଥିଲେ ।

କେତେଦିନ, କେତେ ରାତି, କେତେ ସମସ୍ତ ବ୍ରଜସୁନ୍ଦର ବାବୁଙ୍କ ସାଙ୍ଗରେ କଟାଇଛୁ, ଆଜି ସେ ସବୁ କଥା ମନେ ପଡ଼ୁଛି ।

ବିରଜମୋହନ ସେନାପତି

ବିରଜ ମୋର ଅକୃତ୍ରିମ ବନ୍ଧୁ । ସେ ଆଉ ମୁଁ ଖୁବ୍ ଯେ ବେଶୀ ସମସ୍ତ ମିଶୁ ତାହା ନୁହେଁ, ତଥାପି ତାର ଆଉ ମୋର ମନର ମେଳ ଅନ୍ତତଃ ମୋ ଦିଗରୁ ଖୁବ୍ ବେଶୀ । ସେ କାର୍ଯ୍ୟବ୍ୟସ୍ତ ଥାଏ, ମୁଁ କାର୍ଯ୍ୟବ୍ୟସ୍ତ ଥାଏଁ—ଦେଶ-କାମରେ ଦଶଟା କାମରେ କାର୍ଯ୍ୟବ୍ୟସ୍ତ । ତଥାପି ତାର ଆଉ ମୋର ମନର ମେଳ ଖୁବ୍ । ସେତେବେଳେ ମଝି ମଝିରେ ଦେଖାହୁଏ, ଦିନେ ଅଧେ ତା ପାଖରେ ରହେ । ସେ ଖୁସି ହୁଏ, ମୁଁ ମଧ୍ୟ ବଡ ଖୁସି ହୁଏ । ବିରଜ ଆମ ଘରେ ଦିନେ ରହି ନାହିଁ—ସେ ଆମ ଘରେ ଦିନେ ବି ଖାଇ ନାହିଁ ଭାତ ଇତ୍ୟାଦି । କିନ୍ତୁ ପାନ ଜଳଖିଆ କେବେ କେବେ ଖାଇଛି । ମୁଁ କିନ୍ତୁ ବିରାଜ ଘରେ ଅନେକ ଥର ଖାଇଛି—ଭାତ, ଜଳଖିଆ, ରାତିରେ ରହିଛି ଇତ୍ୟାଦି ।

ବିରାଜ ଘରେ ମୋର ସ୍ତ୍ରୀକୁ କେତେ ମାସ ରଖି ଦେଇଥିଲି । ବିରାଜର କିଛି ଆପତ୍ତି ନ ଥିଲା—ଦିନେ ଗୋଟିଏ ପଇସା କଉଡ଼ି ନେଇ ନାହିଁ କି ମୋତେ ଦେଇ ନାହିଁ । ତଥାପି ମୋର ସ୍ତ୍ରୀ ତାଙ୍କ ଘରେ ଦୁଇ ତିନି ମାସ ଏକାଧାରରେ ରହିଥିଲା । କିଛି ଓଜର ଆପତ୍ତି ନ ଥିଲା ।

ତା ଛଡ଼ା ମୁଁ ବିରାଜ ଏକାଠି ମିଶିଲେ କିଛି ନା କିଛି ସାହିତ୍ୟଚର୍ଚ୍ଚା କରୁ, ଲେଖାପଢ଼ା କରୁଁ । ବିରାଜର ଇଂରାଜୀ ହସ୍ତାକ୍ଷର ଭଲ । ତାର ଇଂରାଜୀ ଜ୍ଞାନ ମଧ୍ୟ ଭଲ । ଓଡ଼ିଆ ସାହିତ୍ୟରେ ମଧ୍ୟ ତାର ବଗ୍ଭର ଭଲ ।

ବିରଜ ଏଗ୍ରିକଲ୍‌ଚରଲ କଲେଜ (ସାବୋର) ଗଲା—ମୁଁ ଗଲି ଇଞ୍ଜିନିଅରିଂ କଲେଜ (ଶିବପୁର) । ବିରଜ ଆଉ ମୁଁ ମିଶି ଓଡ଼ିଶା ସାଇନ୍‌ସ ଆସୋସିଏସନ୍ ଗଢ଼ିଥିଲୁ । ମୁଁ dynamic, ବିରଜ ଏକା କରି ପାରି ନାହିଁ କିଛି । ମୋ ସାଙ୍ଗ ପାଇଲେ ସେ ବି ଡାଇନାମିକ୍ ହୁଏ । ସେ ଯେ Static, ତା ନୁହେଁ—କିନ୍ତୁ ସେ ଜାଣେ ମୁଁ ନ ଥିଲେ ତାକୁ ଠେଲି ପାରିବ ନାହିଁ ଆଉ କେହି ।

Digitized by srujanika@gmail.com

ବିଗ୍ରିଜର ବିବାହ ହବ—ପାତ୍ରୀ ଦେଖିବାର ଭାର ମୋ ଉପରେ । ମୟୂରଭଞ୍ଜ ବାରିପଦା ଗଲି । ଅର୍ଜ୍ଜୁନ ଭୂୟାଁ ଇଞ୍ଜିନିଅରଙ୍କ ଘରେ ବିଗ୍ରିଜର ସ୍ତ୍ରୀ ସେତେବେଳେ କନ୍ୟା ରୂପରେ ଥାଏ । ମୁଁ କନ୍ୟା ଦେଖିବି । ଭାତ ବଢ଼ା ହେଲା— ଅର୍ଜ୍ଜୁନ ବାବୁଙ୍କ ମୋତେ । ସେ ଭାତ ବାଢ଼ିଦେଲା, ତରକାରୀ ପାନ ଆଣି ଦେଲା— ସେହି ସମୟରେ ଯାହା ଟିକେ ଦେଖା । ଦେଖି ମୁଁ ପସନ୍ଦ କଲି । ଗୋରୀ, ଶାନ୍ତ—ଏତକ ତ ଅନୁମାନ କରିଥିଲି । ବିଗ୍ରିଜର ବାହାଘର ଠିକ୍ ହେଲା । ମୁଁ, ମୋହିନୀବାବୁ, ବିଟିଜ ଇତ୍ୟାଦି କେନାଲରେ ସାତବାଟିଆରେ ପହଞ୍ଚିଲୁ । ବିଗ୍ରିଜର ବିବାହ ହେଲା ସାଦା ସରପଟ । ବିଶେଷ କିଛି ଆଡ଼ମ୍ବର ନ ଥିଲା । ବିଗ୍ରିଜ ବିବାହ କଲା—ଅନେକ ବର୍ଷ ଗଲା—ଅପେକ୍ଷା କରିଗଲା, କିନ୍ତୁ ବିଗ୍ରିଜ ବୋହୂର ପିଲା ହେଲା ନାହିଁ । ଏହି ଦୁଃଖ ।

ମୁଁ ଗଲେ ବିଗ୍ରିଜର ସ୍ତ୍ରୀ ମୋତେ ଶ୍ରଦ୍ଧା କରେ, ବିଶେଷ କଥାବାର୍ତ୍ତା କରେ ନାହିଁ । ତଥାପି ମୋତେ ଭଲ ପାଏ ।

ମୁଁ ଯେତେବେଳେ ବିଗ୍ରିଜ ଘରୁ ଫେରି ଆସେଁ, ନିଜକୁ ଟିକିଏ ଦୋଷୀ ଦୋଷୀ ଭଳି ମନେ କରେ । କାରଣ ବିଗ୍ରିଜବୋହୂର ପିଲା ହେଲା ନାହିଁ ।

ଏଥିପାଇଁ ବିଗ୍ରିଜର ମା ମୋତେ କେତେ ଥର ସେଲ୍‌ଟର୍ ଆଉ ବିଚିତ୍ରାନନ୍ଦ ବାବୁଙ୍କ ଅନାଥ ଆଶ୍ରମର ଛୁଆମାନଙ୍କୁ ଖାଇବା ପାଇଁ ଟଙ୍କା ଦେଇଛନ୍ତି । ସେମାନଙ୍କୁ ଖୁଆଇଲେ କାଳେ ସେଇ ପୁଣ୍ୟରେ ବିଗ୍ରିଜବୋହୂର ଛୁଆ ହେବ । କିନ୍ତୁ ହେଲା ନାହିଁ । ଟିକିଏ ଦୁଃଖ ରହିଗଲା ।

କିନ୍ତୁ ଦେଖୁଁ ଦେଖୁଁ ବିଗ୍ରିଜର ସାନ ଭାଇ ଅଧିଗ୍ରିଜର ଅନେକ ପିଲାପିଲି ହେଲେ । ବଡ଼ଟି ଝିଅ, ସାବିତ୍ରୀ । ତାକୁ ବିଗ୍ରିଜର ବୋହୂ, ବିଗ୍ରିଜ ଝିଅ କରିଥାନ୍ତି । କିନ୍ତୁ ତା ପରେ ତ ଆଉ ପିଲାସବୁ ଆସିଲେ—ରହିଲେ, ପୁଣି ଗୋଟିଏ ଅଧେ ଚାଲି ବି ଗଲେ । ସାବିତ୍ରୀ ଏମ୍ ଏ ପାସ୍ କଲା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଫାଷ୍ଟ ହୋଇ । ତାର ବିବାହ ପାଇଁ ବିଗ୍ରିଜ କେତେ ବ୍ୟସ୍ତ—ଦିନେ ଦିନେ ସେ ମୋ ପାଖକୁ ଦଉଡ଼ି ଆସିଛି—କହିଛି—ଲକ୍ଷ୍ମୀ, ତୁମେ ଯା କହିବ, ମୁଁ ଆଉ କିଛି ଭାବି ପାରୁନି ।

ମୁଁ ବିଗ୍ରିଜକୁ କେତେ ଆଶ୍ୱାସନା ଦେଇଛି—ତା ପରେ ତ ସାବିତ୍ରୀର ବିବାହ ହେଲା—ସେ ତ ଆଜି ନିଜେ କଟକ ରେଭେନ୍‌ସା କଲେଜରେ ଫାଷ୍ଟ ତ ଅଧ୍ୟାପିକା । କିନ୍ତୁ ସେଦିନ, ଯେଉଁ ଦିନ ସାବିତ୍ରୀର ବିବାହ ହୋଇଗଲା, ସାବିତ୍ରୀ ଶାଶୁଘରକୁ ଗଲା, ବିଗ୍ରିଜ ଭିକ ଭିକ କରି କାନ୍ଦିଲା । ମୋତେ କହିଲା—ଲକ୍ଷ୍ମୀ,

Digitized by srujanika@gmail.com

କଣ କରିବ ? ଏତେ କାନ୍ଦ—ଏତେ ଭକ ଭକ । ସେ ମୋ କୋଳରେ ଆଉଜି ପଡ଼ିଲି । ଏତେ ସ୍ନେହ, ଏତେ ମମତା !

ବିରଜ ଓ ଅଧିରଜ ଦୁଇ ଭାଇଙ୍କ ମଧ୍ୟରେ ମନୋମାଳିନ୍ୟ କିଛି ନାହିଁ । ଅଧିରଜ ବିରଜର ଅନୁଜ; ସୁତରାଂ ସେ ମୋ ସହିତରେ ସେହି ଭାବ ରଖି କଥାବାର୍ତ୍ତା କରେ । କିନ୍ତୁ ମୁଁ ଆଉ ବିରଜ ଖୁବ୍ ମନ ଖୋଲି କଥାବାର୍ତ୍ତା କରୁଁ । ବିରଜର ଘର ବାଲେଶ୍ୱର, ମୋର ଘର ବାଲେଶ୍ୱର । ଆଜି କିନ୍ତୁ ସେ କଟକରେ—ମୁଁ ମଧ୍ୟ କଟକରେ ।

ମୋର ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଛି ଏଇ ଦୁଇତିନି ବର୍ଷ ହେଲା । କିନ୍ତୁ ବିରଜ ଦୁର୍ବଳ ଦେଖାଗଲେ ମଧ୍ୟ ଖୁବ୍ ଟାଣୁଆ—ତେବେ ବୟସ ହେଲଣି । ଅଧିରଜ କିନ୍ତୁ ରୋଗା, ଦୁର୍ବଳ । କିନ୍ତୁ ସେଥିରେ ପରିଶ୍ରମ କରିପାରେ ଅଗାଧ । ତା'ର ଧୈର୍ଯ୍ୟର ସୀମା ନାହିଁ । ସେହି ଧୈର୍ଯ୍ୟ ବଳରେ ସେ ଅନେକ ପାଠ୍ୟ ପୁସ୍ତକ ଲେଖି ପାରିଛି । ଅଧିରଜ ବାଡ଼ି ଘର କାମ ମଧ୍ୟ ଖୁବ୍ କରେ, ବିରଜ ଟିକିଏ ଉଦାସିଆ । କିନ୍ତୁ ତଥାପି କର୍ମନିରତ । ଅଧିରଜ କାମ କରେ ଖୁବ୍ ତଥା ତାହାର ଭିତରେ ନିର୍ଲିପ୍ତତା ଭାବ ମଧ୍ୟ ଅନେକଟା ଅଛି ।

ଏହି ପରିବାର ସହିତରେ ମୋର ସମ୍ପର୍କ ଜୀବନମରୁରେ ଗୋଟିଏ ମରୁଦ୍ୟାନ ଭଳିଆ ।

ଡକ୍ଟର ପ୍ରାଣକୃଷ୍ଣ ପରିଜା

ଡକ୍ଟର ପ୍ରାଣକୃଷ୍ଣ ପରିଜା ଯେ ସ୍ନେହମୟ, ଏଥିରେ ସନ୍ଦେହ ନାହିଁ । ତାର ପ୍ରମାଣ ନିମ୍ନଲିଖିତ ବିବରଣୀରୁ ଜଣା ପଡ଼ିବ । ବିବରଣୀଟି ମୋର ନାତି ଦ୍ୱାରା ଲିଖିତ । ତାହା ଅବିକଳ ଏଠାରେ ଉଦ୍ଧାର ହେଲା ।

"ରବିବାର । ଛୁଟିଦିନ । ସପ୍ତାହକର କଠିନ ପରିଶ୍ରମ ପରେ ରବିବାର ଦିନ ଛୁଟି ମିଳେ । ମୁଁ ବଡ଼ ଅଳସୁଆ । ସେଥିପାଇଁ ମୋର ଅଜା ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ମୋ ଉପରେ ବରାବର ରାଗନ୍ତି । ଏ ପୁଣି ଶୀତଦିନ, ସକାଳୁ ଉଠିବା ମୋ ପକ୍ଷରେ ଅସମ୍ଭବ । ଦିନ ଆସି କେତେ ହେଲଣି, ମୋର ନିଦ ଭାଙ୍ଗିଲା । ଅଜା ମୋତେ ଡାକିଲେ । ଟେଲିଗ୍ରାମଟିଏ ଦେଲେ । କହିଲେ ଡକ୍ଟର ପରିଜାଙ୍କ ଘରକୁ ଯିବୁ ଓ ତାଙ୍କୁ ଦେବୁ । ସେତେବେଳକୁ ପ୍ରାୟ ଦିନ ନଅଟା ବାଜିଲଣି । ମୁଁ ମୋର ନିତ୍ୟକର୍ମ ଓ ଖିଆପିଆ ସାରିଲି ବେଳକୁ ପ୍ରାୟ ଏଗାରଟା ବାଜିଲଣି । ମୁଁ ପୋଷାକପତ୍ର ପିନ୍ଧି ତାଙ୍କ ଘରକୁ ବାହାରିଲି । ତାଙ୍କ

Digitized by srujanika@gmail.com

ଘରେ ପହଞ୍ଚିଲା ବେଳକୁ ଏଗାରଟା ବାଜି କୋଡ଼ିଏ ମିନଟ ହୋଇଥାଏ । ଫାଟକ ଖୋଲି ତାଙ୍କ ଘର ହତା ଭିତରକୁ ଗଲି । ସାଇକେଲକୁ ଗୋଟାଏ ଗୋଲ ସ୍ତମ୍ଭକୁ ଆଉଜାଇ ଦେଇ ତାଲା ପକାଇ ଦେଲି । ତା ପରେ ତାଙ୍କ ପିଣ୍ଡା ଉପରକୁ ଉଠିଲି । ଗୋଟିଏ କଳାପଟାରେ ଧଳା ଧଳା ଅକ୍ଷରରେ ଲେଖା ହୋଇଛି— Dr. P. K. Pariji—In ମୁଁ ଇଲେକ୍‌ଟ୍ରିକ୍ ବେଲ ଚିପିଲି । ବେଲ୍‌ଟି ଝିଂ ଝିଂ ହୋଇ ବାଜି ଉଠିଲା । କିନ୍ତୁ କେହି ଜଣେ ହେଲେ କବାଟ ଖୋଲିବାର ଦେଖାଗଲା ନାହିଁ । ମୁଁ ପୁଣି ଆଉ ଥରେ ବଜାଇଲି । ଏଥରକ ଗୋଟିଏ ଲୋକ ଆସି ପଚାରିଲେ—କାହାକୁ ଖୋଜୁଛନ୍ତି ? ମୁଁ ଜବାବ ଦେଲି—ଡଃ ପରିଜାଙ୍କୁ ଖୋଜୁଛି । ସେ ଘର ଭିତରକୁ ଚାଲିଗଲେ । ଏବଂ କିଛିକ୍ଷଣ ପରେ ଫେରିଆସି ମୋତେ କହିଲେ – ସେ ତାଙ୍କ ଅଫିସ ଘରେ ଅଛନ୍ତି ଏବଂ ଅଫିସ ଘର ନିକଟକୁ ନେଇଗଲେ ।

ଆଗରୁ ମୁଁ ଶୁଣିଥିଲି ପରିଜା ସାହେବ ବଡ ରାଗୀ ଲୋକ । ତେଣୁ ମୋତେ ଭାରି ଡର ମାଡ଼ୁଥାଏ । ସାହସ ଦୃଢ଼ କରି ମୁହଁ ଫିଟାଇ କହିଲି – May I come in Sir ? ପରିଜା ଖୁବ୍ ସରଳ ଓ ମଧୁର ସ୍ୱରରେ କହିଲେ, Yes, come in. ମୁଁ ନିଜେ ଝି ପାରିଲି ଯେ ପରିଜା ସାହେବଙ୍କର ବ୍ୟବହାର କିପରି ସରଳ ଓ ମଧୁର । ପରିଜାସାହେବଙ୍କର ସେହି ସମୟରେ ପୁସ୍ତକ ପଠନରେ ବ୍ୟସ୍ତ ଥିଲେ । ମୁଁ ତାଙ୍କୁ ଟେଲିଗ୍ରାମଟି ବଢାଇ ଦେଇ କହିଲି, ଲକ୍ଷ୍ମୀନାରାୟଣବାବୁ ଦେଇଛନ୍ତି । ସେ ପଚାରିଲେ, କେଉଁ ଲକ୍ଷ୍ମୀନାରାୟଣ ବାବୁ ? ମୋର କହିବାର ଭୁଲ ଥିବାରୁ ସେ ଚିହ୍ନିପାରିଲେ ନାହିଁ । କାରଣ ଖାଲି ଲକ୍ଷ୍ମୀନାରାୟଣ ବାବୁ କହିଲେ କେତେ ଜଣ ଆଇ ପାରନ୍ତି । ମୁଁ ନିଜକୁ ଲଜ୍ଜିତ ମନେ କରି କହିଲି— ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ । ଏଥର ସେ ଚିହ୍ନି ପାରିଲେ । ଟେଲିଗ୍ରାମଟିକୁ ପଢ଼ିଲେ । ଟେଲିଗ୍ରାମରେ ଲେଖାଥିଲା—

O K Calcutta P C. 27 29 Laxminarayan Sahoo Servants of India Society Cuttack Immediately meet Doctor Parija to request him preside over conference stop results Bishnu Pada Maity Eastern India Back ward Classes Association.

ପଢ଼ିସାରି କହିଲେ, ତୁମେ କହିଦେବ—ମୁଁ ଯୋଗ ଦେଇ ପାରିବି ନାହିଁ । କାରଣ ଆଜି ରାଜେନ୍ଦ୍ର ପ୍ରସାଦ ଆସୁଛନ୍ତି । ମୋତେ ଭୁବନେଶ୍ୱର ଯିବାକୁ ହେବ ।

Digitized by srujanika@gmail.com

ତାପରେ ମୁଁ ପାଠନା ଗୃଲଯିବ । ମୁଁ ଖୁବ୍ ଆଗ୍ରହେ କହିଲି, Please write it. ପରଜା ସାହେବ କିଛି ନ କହି ତାଙ୍କର ରାଇଟିଂ ପ୍ୟାଡ୍ ବାହାର କରି ଲେଖି ବସିଲେ ଏବଂ ଲେଖୁ ଲେଖୁ ମୋତେ ପଗ୍ଚରିଲେ—ତୁମେ ଲକ୍ଷ୍ମୀନାରାୟଣ ବାବୁଙ୍କର କିଏ ହୁଅ ? ମୁଁ କହିଲି, ତାଙ୍କର Grand son. ସେ ସାଙ୍ଗେ ସାଙ୍ଗେ କହିଲେ, ଓ ତୁମେ ତା'ହେଲେ ତାଙ୍କ ଝିଅର ପୁଅ । ଶାନ୍ତିର ପୁଅ ? ତାଙ୍କ ମୁହଁରେ ହାସ୍ୟରେଖା ଫୁଟି ଉଠିଲା । ପୁନର୍ବାର ପଗ୍ଚରିଲେ, ତୁମେ କଣ କରୁଛ ? ଉତ୍ତର ଦେଲି, ମୁଁ ଆଇ. ଏସ୍‌ସି. ପଢ଼ୁଛି । ଏଥରକ ଆଇ. ଏସ୍‌ସି. ପରୀକ୍ଷା ଦେବି । ଆଚ୍ଛା ବସ, ଚିଠି ହେଲା କାହିଁକି ?

ମୁଁ ଚଉକିରେ ବସି ଭାବୁଥାଏ—ଯେଉଁ ପରଜା ସାହେବ ସର୍ବଲୋକ ମୁଖରେ ପ୍ରଶଂସିତ ସେ ସେ ଭାରି ରାଗୀ, ଯେ ପୁଣି ଏପରି ସରଳ ଭାବରେ କିପରି ବ୍ୟବହାର କରିପାରନ୍ତି । ମୁଁ ଏହାର ଉତ୍ତର ଖୋଜି ବାହାର କରି ପାରିଲି ନାହିଁ । ତାଙ୍କର ହସ ହସ କଥାକୁ ଦେଖିଲେ ଯେ କୌଣସି ଲୋକ ତାଙ୍କର ହୋଇଯିବ । ଏପରି ସରଳ ବ୍ୟବହାର ଓ ମଧୁର କଥାଭାଷୀ ଲୋକ ମୁଁ ଖୁବ୍ କମ୍ ଦେଖିଛି । ସାମାନ୍ୟ ମୋ ପରି କ୍ଷୁଦ୍ର ଯୁବକର କଥା ସେ ପଗ୍ଚରି ଜାଣିଲେ ବା କଣ ଲାଭବାନ ହେବେ ? କିଛି ବୁଝି ପାରିଲି ନାହିଁ; କିନ୍ତୁ ତାଙ୍କର ଏହି ଭଲ ଗୁଣଟିକୁ ଦେଖି ମୋତେ ଭାରି ଆନନ୍ଦ ଲାଗିଲା ଏବଂ ମନେ ମନେ ମୁଁ ନିଜକୁ ତାଙ୍କ ପାଇଁ ଗର୍ବାନ୍ୱିତ ମନେ କଲି । ଏପରି ମୁଁ ଭାବୁଛି, ଚିଠି ଲେଖା ସରିଗଲା । ମୁଁ ଚିଠିଟି ନେବା ପାଇଁ ତାଙ୍କ ପାଖକୁ ଉଠିଗଲି । ଚିଠିଟି ପକେଟରେ ପୂରାଇଲି ।

ମୁଁ ତାଙ୍କୁ ନମସ୍କାର କରିବାର ପୂର୍ବରୁ ସେ ମୋତେ Thanks କହିଲେ । ତେଣୁ ମୁଁ ନମସ୍କାର କରିବାର ବିଳମ୍ବ ହେତୁ ନିଜ ଉପରେ ଖୁବ୍ ରାଗିଲି ଏବଂ ମୋର ଅଭଦ୍ରାମି ଯୋଗୁ ପରଜା ସାହେବ କାଳେ କଣ ଭାବିବେ ଭାବିଲି । ତାଙ୍କୁ ପୁନର୍ବାର ପ୍ରଣାମ କଲି, କିନ୍ତୁ ପରଜା ସାହେବ ବୋଧହୁଏ ଏହି କଥା ବୁଝି ପାରିଥିଲେ । ସେ ପୁନର୍ବାର ମୋତେ ଡାକି ଠିକ୍ ସେହିପରି ହସ ହସ ମୁଖରେ ପଗ୍ଚରିଲେ—ତୁମ ନାଁ କ'ଣ କାହିଁକି କହିଲ ନାହିଁ ? ମୁଁ କହିଲି, ମୋର ନାଁ ବିଜୟ କୁମାର ସାହୁ । ମୁଁ ତାଙ୍କୁ ଲକ୍ଷ୍ୟ କରିଥିଲି ଯେପରି ମୋ ନାଁଟିକୁ ମନେ ରଖିବା ପାଇଁ ଚେଷ୍ଟା କରୁଛନ୍ତି ଏବଂ ତା ପରେ ବିଦାୟ ନେଇ ଘରକୁ ଫେରିଲି ।

ଫେରିବା ସମୟରେ ମୁଁ ଭାବୁଥାଏ—ପରଜା ସାହେବ କେତେ ଉଚ୍ଚ-କୋଟୀର ଲୋକ । ତାଙ୍କୁ ଲୋକସମାଜ କହନ୍ତି ସେ ସବୁ ବିଷୟରେ ଭାରି ରାଗୀ ।

Digitized by srujanika@gmail.com

କାହିଁ କେଉଁଠାରେ ହେଲେ ମୁଁ ତାଙ୍କର ସେ ଗୁଣ ତ ଲକ୍ଷ୍ୟ କରି ପାରିଲି ନାହିଁ । ତାଙ୍କ ସାଙ୍ଗରେ ମୋର ଏ ପ୍ରଥମ ସାକ୍ଷାତରେ ଯେତେବେଳେ ପୂର୍ଣ୍ଣ ମାତ୍ରାରେ ସେ ଚହ୍ଲିବାକୁ ଚେଷ୍ଟା କରିଛନ୍ତି ଏକଥା ଭାବିଲି ବେଳକୁ ତାଙ୍କୁ ମୁଁ କ କାର୍ଯ୍ୟ କରି ଯେ ପରିଶୋଧ କରିବ କିଛି ବୁଝିପାରୁନ ଏବଂ ଶେଷରେ ମୁଁ ଲୋକସମାଜକୁ ଘୃଣା ଦୃଷ୍ଟିରେ ଦେଖିବାକୁ ବାଧ ହେଲ ଯେ ତାଙ୍କୁ ପୂର୍ଣ୍ଣ ମାତ୍ରାରେ ଚହ୍ଲିପାରି ନାହାନ୍ତି । ଏଥିପାଇଁ ମୁଁ ଦୁଃଖପ୍ରକାଶ କରୁଛି ।"

ପରିଜା ସାହେବ ଯେ ହଠାତ୍ ରାଗିଯାନ୍ତି ସେ କଥାର ସାକ୍ଷ୍ୟ ହୁଏତ ପରିଜା ସାହେବ ନିଜେ ଦେବେ । କିନ୍ତୁ ସେ ଯେ ସ୍ନେହମୟ ତାର ଦୃଷ୍ଟାନ୍ତ ମୁଁ ଅନେକ ଦେଖିଛି । Orissa Backward Classes Committee Meetingରେ ତାଙ୍କ ଘରେ ଏବଂ ଅନ୍ୟାନ୍ୟ ଅନେକ ଥର ସେ ଆମକୁ ଡ଼ୁଆଇଛନ୍ତି ଗୃ, ଜଳଖିଆ ଏବଂ ମଧୁର ଆଳାପ କରିଛନ୍ତି । ତାଙ୍କ ସହିତରେ ମୁଁ ଉତ୍କଳ ସାହିତ୍ୟ ସମାଜରେ ଏକ ସାଙ୍ଗରେ କେତେକ ବର୍ଷ କାମ କରିଛି । ସେ ଥିଲେ ସଭାପତି । ମୁଁ ଥିଲି ସେତେବେଳେ ସମ୍ପାଦକ ।

ତା ପରେ ସେ ଯେତେବେଳେ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍ ଚାନ୍ସେଲର୍ ହୋଇଥିଲେ ମୁଁ ସେତେବେଳେ ତାଙ୍କ ଘରେ ଦିନେ ଥିଲି । ପରିଜା ହେଉଛନ୍ତି ପରିଶ୍ରମୀ ଏବଂ methodical ବା ଶୃଙ୍ଖଳାପୂର୍ଣ୍ଣ ଜୀବନ-ଯାପନ । ତାଙ୍କ ସହିତରେ ମୁଁ କେନ୍ଦୁଝରକୁ ଯାଇଛି କେନ୍ଦୁଝର ହାଇସ୍କୁଲରେ ସାଂସ୍କୃତିକ ଅଧିବେଶନରେ । ସେଠି ମୁଁ ଦେଖିଛି ସେ ଯେଉଁ କାମଟି ନେଇଥାନ୍ତି, ତାକୁ ସେ ଠିକ୍ ଭାବରେ କରନ୍ତି । ତାଙ୍କର ଅଭିଭାଷଣଟିକୁ ସେ କେନ୍ଦୁଝରରେ ଲେଖି ପକାଇଲେ । ତାପରେ ସଭାରେ କହିଲେ, ଅବଶ୍ୟ ସେ ଲେଖାକୁ ଧରି ନୁହେଁ । କାହିଁ ମୁଁ ତ ନିଜେ ସଭାପତି ହୋଇଥିଲି—ଗପିଲି ତ ଅନେକ, ହୁଏତ ଆବୁଲ କାବୁଲ ମଧ୍ୟ ଗପିଲି । କିନ୍ତୁ ମୁଁ ତ କିଛି ଲେଖି ନ ଥିଲି ।

ଏହି ହେଲେ ପରିଜା ଆଉ ଏହି ହେଲି ମୁଁ ।

କିଶୋରୀମୋହନ ଦାସ

ଏହି ଲୋକଟିକୁ ମୁଁ ପ୍ରଥମେ ଦେଖିଲି ଆଲ୍ହାବାଦରେ ୧୯୧୭ ଖ୍ରୀଷ୍ଟାବ୍ଦରେ । ମୁଁ ସେତେବେଳେ ଭାରତ ସେବକ ସମିତିରେ ପ୍ରବେଶ କରିଥାଏ ଏବଂ ଆଲ୍ହାବାଦରେ ପଣ୍ଡିତ ହୃଦୟନାଥ କୁଞ୍ଜରୁଙ୍କ ଅଧୀନରେ କାର୍ଯ୍ୟ ଶିଖୁଥାଏ ।

Digitized by srujanika@gmail.com

କିଶୋରୀମୋହନ ଦାସ ସେତେବେଳେ ସନ୍ୟାସୀ । ସେ ବହୁ ବର୍ଷ ଧରି ସେଠି ଆଲ୍ଲାହାବାଦରେ ସନ୍ନ୍ୟାସୀ ହୋଇ ରହୁଥିଲେ । ଏଥି ପୂର୍ବରୁ ସେ ସୋନପୁର ମହାରାଜାଙ୍କ ସ୍କୁଲରେ ହେଡ଼ମାଷ୍ଟର ହୋଇ ଅନେକ ବର୍ଷ ରହିଥିଲେ ।

କିନ୍ତୁ ସେଠାରେ ଗୋଟିଏ ଘଟଣାରୁ ତାଙ୍କ ମନ ଖରାପ ହୋଇଗଲା । ସୋନପୁର ମହାରାଜାଙ୍କ ପୁଅ ବେମାର ପଡ଼ିଲେ । କିଶୋରୀ ବାବୁ ଖୁବ୍ ଚେଷ୍ଟା କଲେ । ଶେଷରେ କହିଲେ ଯେ କଲିକତାରୁ ଭଲ ଡାକ୍ତର ଡକାଇ ତାଙ୍କର ଚିକିତ୍ସା କରନ୍ତୁ । କିନ୍ତୁ ମହାରାଜା ସେତିକି ନ କରିବାରୁ ଏବଂ ସୋନପୁରର ରାଜାଙ୍କ ସେହି ପୁଅ ମରିଯିବାରୁ, ସେ ବଡ଼ ବ୍ୟଥିତ ହୋଇ ସୋନପୁର ଛାଡ଼ି ଚାଲି ଆସିଲେ ଏବଂ ଶେଷ ଜୀବନ ଆଲ୍ଲାହାବାଦରେ ହିଁ କଟାଇଲେ । ଆଲ୍ଲାହାବାଦରେ କେଦାରନାଥ ହାର୍ଥୀବାଲା ନାମକ ଜଣେ ପଣ୍ଡାଙ୍କ ଘରେ ଗୋଟିଏ ଘର ନେଇ ସେ ରହୁଥିଲେ—ଯମୁନା କୂଳରେ ।

ମୁଁ ଏକମାତ୍ର ଓଡ଼ିଆ ଯୁବକ—ସୁତରାଂ କେଦାରନାଥ ହାର୍ଥୀବାଲା ଘର ଖୋଜି ଖୋଜି ଗଲି କିଶୋରୀ ବାବୁଙ୍କ ସାକ୍ଷାତ୍ ପାଇଁ ।

ପାଇଲି । କିଶୋରୀବାବୁ କ୍ଷୀଣ ଶରୀର--ଦାଢ଼ି ଅଛି ଟିକିଏ ଟିକିଏ—ପକ୍ୱ କେଶ । ଖୋଜି ଖୋଜି ପାଇଲି । କିଶୋରୀ ବାବୁଙ୍କ ଗୋଡ଼ ତଳେ ପଡ଼ିଲି । ସେ ମୋତେ କେତୋଟି ଅଳେଇଚ, ଗୁଜରାତି ଖାଇବାକୁ ଦେଲେ ।

ମୁଁ ସ୍ତ୍ରୀ ଶିକ୍ଷା ସମ୍ବନ୍ଧରେ ଗୋଟିଏ ବହି ଲେଖିଥାଏ । ତାହା ତାଙ୍କୁ ଦେଖାଇଲି । ସେହିଟା ସେ ସୋନପୁର ମହାରାଣୀଙ୍କ ଧରି ଛପାଇ ଦେଇଥିଲେ । ଆଉ ମୋର କନ୍ୟା ଶାନ୍ତି ନାଁରେ ୫୦୦ ଟଙ୍କା ପଠାଇ ଦେଇଥିଲେ । ଉକ୍ତ ଟଙ୍କାକୁ ମୁଁ ଭାରତ ସେବକ ସମିତିରେ ଜମା ଦେଲି, କାରଣ ଭାରତ ସେବକ ସମିତିର ନିୟମ ଅନୁଯାୟୀ ଜଣେ ସଭ୍ୟ ସେ ଟଙ୍କା ରଖି ପାରିବ ନାହିଁ । କିଶୋରୀବାବୁ ମୋତେ ଲେଖିଲେ, ସେ ଟଙ୍କା ଶାନ୍ତି ପାଇଁ—କିନ୍ତୁ ମୁଁ ତାହା ସ୍ୱୀକାର କରି ପାରିଲି ନାହିଁ । ସେହି ଟଙ୍କା ମୁଁ ଭାରତ ସେବକ ସମିତିରେ ଜମା ଦେଲି ।

କିଶୋରୀ ବାବୁ ବଡ଼ ଖାଣ୍ଟି ଲୋକ—ଏକ ଜିଦର ଲୋକ । ସେଥିପାଇଁ ସୋନପୁର ମହାରାଜା ନିଜେ ଆଲ୍ଲାହାବାଦ ଆସି ତାଙ୍କୁ ମନାଇ ସୋନପୁର ନେବାକୁ ଯେତେ ଚେଷ୍ଟା କଲେ କିଛି ହେଲା ନାହିଁ ! ଏପରି କି ଶେଷ ଅବଧିକୁ ସେ ସୋନପୁର ମହାରାଜାଙ୍କୁ ଦେଖା ମଧ୍ୟ ଦେଲେ ନାହିଁ । କିନ୍ତୁ ଲେଡ଼ି ପାର୍ବତୀ

Digitized by srujanika@gmail.com

ଦେଖା ଆସିଲେ କିଶୋରୀବାବୁ ଦେଖା ଦିଅନ୍ତି । ଏହି ଲେଡି ପାଟଣୀ ଦେବୀଙ୍କୁ ମୋର ସ୍ତ୍ରୀ ଶିକ୍ଷା ବହି ସମର୍ପଣ କରିଥିଲି ।

କିଶୋରୀବାବୁ ବଡ ସ୍ୱାଧୀନଚେତା ଲୋକ । ସୋନପୁର ମହାରାଜା ତାଙ୍କୁ ମନିଅର୍ଡର ପଠାଇଲେ ସେ ଗ୍ରହଣ କରନ୍ତି ନାହିଁ, ଫେରାଇ ଦିଅନ୍ତି । ଆଉ ଏଲାହାବାଦରେ ରହି ଟିଉସନ ଗୋଟିଏ ଯୋଡ଼ିଏ କରି ସେଇଥିରେ ଚଳନ୍ତି । ନିଜେ ଦିଟା ଭାତ ଫୁଟାନ୍ତି—ଖାଆନ୍ତି ।

କିଶୋରୀବାବୁ ବାଲେଶ୍ୱରର ଲୋକ, ସାମନ୍ତ ବଂଶର । କୌଣସି କାରଣରୁ ଘରେ ମନାନ୍ତର ହେବାରୁ ସବୁ ସମ୍ପତ୍ତିବାଡ଼ି ଛାଡ଼ି ଦେଇ ସେ ଏକାକୀ ଜୀବନ ଯାପନ କଲେ । କିଶୋରୀବାବୁ ସଙ୍ଗୀତଜ୍ଞ । ସେ ସଙ୍ଗୀତ ଚର୍ଚ୍ଚା କରି ଓଡ଼ିଆରେ ଖଣ୍ଡିଏ ଦୁଇଖଣ୍ଡ ବହି ଲେଖିଥିଲେ । ସେ ବହି ମୋ ପାଖରେ ନାହିଁ । କିଶୋରୀବାବୁ ମରିଯିବା ପରେ—ଦୁଇ ତିନି ବର୍ଷ ପରେ ମୁଁ ଆଲାହାବାଦ ଯାଇଁ ତାଙ୍କୁ ଖୋଜିଲି, ସେହି କେଦାରନାଥ ହାଥୀବାଲାଙ୍କ ଘରେ । ଶୁଣିଲି ସେ ମରିଗଲେଣି । ତାଙ୍କର କିଛି କାଗଜପତ୍ର ଅଛି କି ?—ପଚାରିବାରୁ ପାଇଲି କେତେଗୁଡ଼ିଏ ଲେଖା । ସେ ସବୁ ବ୍ୟର୍ଥ ହୋଇ ଯାଇଛି । ତେବେ ଗୋଟିଏ ପେନସିଲ ଲେଖା ନୋଟ ପାଇଲି । ତାହା ଦର୍ଶନ ସମ୍ପର୍କୀୟ । ସେ ଲେଖା ଆଉ କେତେକ କାଗଜ ମୋ ପାଖରେ ଆଜି ପର୍ଯ୍ୟନ୍ତ ପଡ଼ି ରହିଛି ।

ହାତମୁଠାରେ ପଇସା ମିଳିବ—ବଗିଚା ତଳେ ପଇସା—କିନ୍ତୁ କିଶୋରୀବାବୁ ସେ ପଇସାକୁ ଖାତିର ନ କରି ନିଜ ସ୍ୱାଧୀନ ଗୌରବ ରକ୍ଷିଥିଲେ । ସେହି ଯମୁନାକୂଳ ରହିଛି—ସେହି ଯମୁନା ବ୍ରିଜ୍ ରହିଛି— ସେହି କେଦାରନାଥ ହାଥୀବାଲା ଘର ରହିଛି—କିନ୍ତୁ କିଶୋରୀବାବୁ ଚାଲି ଯାଇଛନ୍ତି ।

ଆଲାହାବାଦରେ ଥିଲାବେଳେ ଅନେକ ସମୟରେ ମୁଁ ତାଙ୍କ ପାଖକୁ ଯାଇଛି—ଆମ ସୋସାଇଟି ଘରୁ ଚାଲି ଚାଲି ମଧ୍ୟ ଯାଇଛି—ପ୍ରାୟ ସାଢ଼େ ତିନି ମାଇଲ—ଆଉ ତାଙ୍କ ପାଖରେ ଘଣ୍ଟା ଘଣ୍ଟା ବସିଛି ।

କି ଆରାମ—କି ଆନନ୍ଦ । କି ସୁଖ ପାଇଛି ମୁଁ ତାଙ୍କ ପାଖରେ ବସି । ସେ ଜଣେ ଭାରି ଖାଣ୍ଟି ଲୋକ ଥିଲେ ।

କିଶୋରୀ ମୋହନ ଦାସଙ୍କ ସମ୍ବନ୍ଧରେ ଆଉ କେତେକ କଥା ଲେଖୁଛି । ସ୍ୱର୍ଗୀୟ ଗୋପାଳବଲ୍ଲଭ ଦାସ ସେତେବେଳେ Personal Assistant to the Commissioner of Orissa Division । ସେ ୧୦

Digitized by srujanika@gmail.com

ତାରିଖ ଫେବୃୟାରୀ ୧୯୦୦ ଖ୍ରୀଷ୍ଟାବ୍ଦରେ କିଶୋରୀବାବୁଙ୍କୁ ଖଣ୍ଡିଏ ସାର୍ଟିଫିକେଟ ଦେଇଥିଲେ । ସେଥିରେ ଲେଖାଅଛି—

This is to certify that Babu Kishori Mohan Das of Balasore is known to me from his boyhood. He comes of respectable family. Fortune however has been very hard upon him.

He bears a good character as far as I know and I have never heard anything against him.

Sd: Gopal Ballabh Das,
Personal Assistant to the Commissioner
of Orissa Division. Cuttack
The 10th Feb. 1900.

ଶ୍ରୀ ବଳଭଦ୍ର କର ତାଙ୍କ ସାଙ୍ଗରେ ଥିଲେ । ସେ ଲେଖିଥିଲେ— ମୋର ନିଜର ହୃଦୟାବେଗ ନିମ୍ନଲିଖିତ କତିପୟ ପଦ୍ୟ ପଂକ୍ତିରେ ପ୍ରକାଶ କଲି ।

ଶ୍ରୀ

—୧—

ପ୍ରାଣପ୍ରିୟ ତ ଭାଇ କିଶୋରୀମୋହନ
ପ୍ରଣୟୀ ଅଭାଗା ତବ ପାର୍ଥିଇ କାତରେ
ପାଥେୟ ରୂପରେ ଯେନ ପ୍ରୀତ ସମ୍ଭାଷଣ
ଯହିଁ ଥିବୁ ତହିଁ ମୋତେ ସୁମରିବୁ ଥରେ ।

—୨—

ସ୍ୱର୍ଗୀୟ ଗୁଣରେ ଭୃଙ୍ଗ ସଦା ସୁରଭିତ
ମର୍ତ୍ତ୍ୟ ଗୁଣେ ଜଡ଼ ମୁହିଁ ଚିର ଅବସନ୍ନ
ବୈରାଗ୍ୟବ୍ରତ ତୋହର ଅମରବାଞ୍ଛିତ
ସଦା ସନ ସ୍ୱୀୟ ଗୁଣେ କରିବୁ ସ୍ମରଣ ।

—୩—

ସମସ୍ୱରେ ସମସ୍ୱର ତୋହର ସଙ୍ଗୀତ
ସଙ୍ଗୀତ କେବଳ ଭବେ ଆତ୍ମା ବିନୋଦନ

Digitized by srujanika@gmail.com

ସବୁବେଳେ ମୋ ଶ୍ରବଣେ ପଡ଼ୁ ନିନାଦିତ
ସଙ୍ଗୀତଗାନରେ ମୋତେ କରିବୁ ସ୍ମରଣ ।

—୪—

ଲୌହପଥେ ରାଜପଥେ ଅବା ଜଳପଥେ
ନବସ୍ଥାନେ ନବଭାବେ କରି ଦରଶନ
ଯେତେବେଳେ ଭାଇ ଭ୍ରମୁଥିବୁ ମନୋମତେ
ଥରେହେଲେ ବନ୍ଧୁ ମତେ କରିବୁ ସ୍ମରଣ ।

—୫—

ଉତ୍କଳେ ଗାନ୍ଧର୍ବୀ କୀର୍ତ୍ତି ପ୍ରଚୁର ପାଇଁ
ସ୍ୱଜାତି ଅଛିବେ ମୁକ୍ତ ଏକମାତ୍ର ଧ୍ୟାନ
ଗିରିବନ ଅତିକ୍ରମି ଗ୍ୱାଲିଅର ଯାଇ
ଗୀତ ମାତ୍ର ଅନ୍ୱେଷଣେ କରିବୁ ସ୍ମରଣ ।

—୬—

"ସତେ କି ମୋ ଜୀବ ଥିବ ଯିବ ବୃନ୍ଦାବନ
ଦର୍ଶନ କରିବ ଯାଇଁ ନନ୍ଦର ନନ୍ଦନ,"
କାର୍ଯ୍ୟରେ ଫଳିଲେ ଭାଇବନ୍ଧୁ ବିମୋହନ
ମନୁ ପାସୋରି ନ ଦେଇ କରିବୁ ସ୍ମରଣ ।

—୭—

ମନେ ଭାବୁଥିବୁ ଯେବେ ମନମୋହନରେ
ସବୁ ଆଉ ବୃଥା ମଣି ଇହ ଭୂତଳରେ
ପରଂବ୍ରହ୍ମେ ସ୍ଥାନ ଦେଲେ ହୃଦଆସନରେ
ମନେ ସଙ୍ଗେ ବସାଇବୁ ସେ ପଦତଳରେ ।

—୮—

ଶିକ୍ଷକ ଛାତ୍ର ପକ୍ଷରୁ ପ୍ରୀତିର ସୁମନ
ଘେନିଯାଅ ଯାଅ ଭାଇ ଚଢ଼ି ପ୍ରେମ ରଥେ
ଦୂରସ୍ଥୋଽପି ସମୀପସ୍ଥା କରିଣ ଗ୍ରହଣ
ପକାଇବୁ ଅନୁରୋଧ ନିଜ ସ୍ମୃତିପଥେ ।

Digitized by srujanika@gmail.com

—୯—

କେବେହେଁ ସ୍ୱଦେଶେ କଲେ ପ୍ରତ-ଆବର୍ତ୍ତନ
ସମାନ ଉଦର ଯେଣୁ ଦୁହେଁ ବନ୍ଧୁବର
କରିବା କେବେ ଭାରତଗାଥା ସଂକୀର୍ତ୍ତନ
ବିସ୍ମୃତ ଗରଭୁ ନଷ୍ଟେ ପଡ଼ିବ ମନର ।

—୧୦—

ଭବର ବନ୍ଧୁତା ଭାଇ କଳୁଷିତ ସଦା
ସ୍ୱାର୍ଥ ଲୋଭ ମୋହ ଦ୍ୱେଷ ହିଂସା ପ୍ରପଞ୍ଚରେ
ନିର୍ମଳ ପ୍ରେମରେ ଯେତେ ରହିଥିଲେ ବନ୍ଧା
ଛିଡ଼ାନ୍ତି ଏ ସେ ନିଗଡ଼ କପଟ ବଳରେ ।

—୧୧—

ପ୍ରଶାନ୍ତ ପାବନ ଭବମାୟା ନିବର୍ଜିତ
ସୁର ସୁମନ ସୁଦାମ ଦେଇ ପରସ୍ପରେ
ଅମରଦେଶେ ଅମର ପୁରାଣ ବନ୍ଧିତ
ଭବ ମାଳିନ୍ୟ ବିମଳ ଥିବା ପ୍ରେମ ଭରେ ।

—୧୨—

ଅନନ୍ତ ମଙ୍ଗଳ ଧାତା ନିଃସହାୟ ସାହା
ସୁଖେ ଯାହା ଦେନ ଭାଇ କଲ୍ୟାଣ ମୋହର
ରଖିବେ ବିପଦୁ ତୋତେ ତାଙ୍କ ନିଜ ବାହା
ନିବେଦନମିତ ମନୁ ନୋହିବ ଅନ୍ତର ।

କିଶୋରୀ ବାବୁ ଜ୍ୟୋତିଷ ଚର୍ଚ୍ଚା କରୁଥିଲେ ପୁଣି Metaphysics ମଧ୍ୟ ଚର୍ଚ୍ଚା କରୁଥିଲେ । ଏହା ତାଙ୍କ ଲିଖିତ ନୋଟମାନଙ୍କରୁ ଜଣାଯାଏ । ପରିଶେଷରେ ସୋନପୁର ରାଜବାହାଦୁର ୨୭ ସେପ୍ଟେମ୍ବର ୧୯୦୧ରେ ତାଙ୍କୁ ଯେଉଁ ସାର୍ଟିଫିକେଟଟି ଦେଇଥିଲେ ତାହା ଏଠାରେ ଉଲ୍ଲେଖ କଲି ।

I hereby certify that Baboo Kishorimohan Das served in my State in the capacity of Head-master of the Jubilee Middle School for neary

Digitized by srujanika@gmail.com

two years with diligence, during which I was fully satisfied with his work. His moral character is good and I have never seen him to be out of right path. He resigned according to his own will for making his future life happy by doing religious works.

Dated the 26th Sept. 1901
Sd. Raja Bahadur and
Feudatory Chief of Sonepur.

ବିପିନ ବିହାରୀ ଚୌଧୁରୀ

ଜୀବନର କେତେ ସଂଗ୍ରାମ, ସବୁଥିରେ ପୁଣି ଜୟୀ—ଏହି ହେଉଛନ୍ତି ଆମର ବିପିନ ବିହାରୀ ଚଉଧୁରୀ । ପିତା ଗଗନ ବିହାରୀ ସବ୍‌ଜଜ୍ । ବିପିନ ପିଲାଟି ଦିନୁ ମୂକବଧିର ବିଦ୍ୟାଳୟ, କଲିକତାରେ ଭର୍ତ୍ତି ହୋଇ ସେଠାରେ ୧୯୧୫ରୁ ୧୯୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପାଠ ପଢ଼ିଲେ—ଚିତ୍ରବିଦ୍ୟା ଶିଖିଲେ । ସେଠାରେ ସେ

ବରାବର ପ୍ରଥମ ସ୍ଥାନ ଅଧିକାର କରୁଥିଲେ । ବିପିନର ଉଦ୍ୟମ କମ୍ ନୁହେଁ । ସେ ମୋ ସାଙ୍ଗରେ ବୋମ୍ବାଇ ଗଲା—ଡିସେମ୍ବର ୧୯୩୧ରେ । ସେତେବେଳେ ଭାରତର ଦେଶୀୟ ରାଜ୍ୟ ସମ୍ମିଳନୀ ବସୁଥିଲା ବୋମ୍ବାଇ ଠାରେ । ମୁଁ ଯାଉଥିଲି ସେଠାକୁ । ବିପିନ ମୋ ପିଚ୍ଛା ଧରିଲା । କହିଲା ନାହିଁ ଉଦ୍ଦେଶ୍ୟ କଣ ? ମୋ ସାଙ୍ଗରେ ବୋମ୍ବେ ପର୍ଯ୍ୟନ୍ତ ଗଲା । ମୁଁ ତାକୁ ମୋ ସାଙ୍ଗରେ ନେଟିଭ୍ ଷ୍ଟେଟସ୍ କନଫରେନ୍‌ସରେ ଗୋଟିଏ ଡେଲିଗେଟ କରଦେଲି । ଏହା ପରେ ବିପିନ ବମ୍ବେ ସ୍କୁଲ ଅଫ୍ ଆର୍ଟସ୍‌ରେ ପଢ଼ିଲା । ଏଠାରେ ମଧ୍ୟ ସେ କୃତୀ ଛାତ୍ର । ସେଠାରୁ ପୁଣି ଇଂଲଣ୍ଡ ଗଲା । ନିଜର ସାହସ, ଉଦ୍ୟମ ନେଇ ସେ ଲଣ୍ଡନରେ ହାଜର । ସାର୍ ବି. ଏନ୍. ମିତ୍ର ସେତେବେଳେ ହାଇକମିସନର୍ । ସେ ସାହାଯ୍ୟ କଲେ ସେଠାରେ । ଲଣ୍ଡନରେ ବିପିନ A. R. C. A. ପଢ଼ିଲା । ଖୁବ୍ କମ୍ ଲୋକ ଏ. ଆର୍. ସି ଏ. ପାସ୍ କରନ୍ତି । ସେତେବେଳକାର ବ୍ରିଟିଶ୍ ସାମ୍ରାଜ୍ୟ ଭିତରେ Deaf ଏବଂ Dumb ଭିତରେ ବିପିନ ହିଁ ଏକମାତ୍ର ଏ. ଆର୍. ସି. ଏ. । ଏତେ ବଡ଼ କୃତିତ୍ୱ ବିପିନର ।

ସେହି ବିପିନ ଆଜି ଓଡ଼ିଶାରେ କୋଡ଼ିଏ ବର୍ଷ ଧରି ଓଡ଼ିଶାର ମୂକ ଓ ବଧିର ସ୍କୁଲ କରି ଆସୁଅଛି । ସେଥିରେ ସେ ପ୍ରିନ୍‌ସିପାଲ । କିନ୍ତୁ ବେତନ କମ୍ ।

Digitized by srujanika@gmail.com

ସାଧାରଣତଃ ବିପିନଙ୍କୁ ଲୋକେ ଅତି ଉଚ୍ଚ ଶିକ୍ଷିତ ବୋଲି ଭାବନ୍ତି ନାହିଁ । କିନ୍ତୁ ତାର ଚନ୍ଦ୍ରବିଦ୍ୟା ବିଗରେ ସେ ଯେ ଅସାଧ ସାଧନ କରିଛି, ଏହା ତାହା ପକ୍ଷରେ ଅତି ଗୌରବର କଥା ।

ସେହି ବିପିନ ଅନେକ ସମୟରେ ମୋ ପାଖକୁ ଆସେ । ସେ ମୋର ସାନ ଭାଇ ପରି । ଏପରି ସୁନ୍ଦର ବ୍ୟବହାର, ଏପରି ସୌମ୍ୟ ମୂର୍ତ୍ତି, ଏପରି ପ୍ରସ୍ନାସ ଏବଂ ତତ୍‌ସଙ୍ଗେ ଏପରି ଉଚ୍ଚ ଆକାଙ୍କ୍ଷା ତା'ର—ସେ ଯେପରି ହିମାଳୟ ହେବାକୁ ଚାହେଁ ! ଖାଲି ଚାହେଁ ନାହିଁ—ତା ପାଇଁ ପରିଶ୍ରମ କରେ ।

ସେହି ବିପିନର ସହଧର୍ମିଣୀ ଅତ୍ୟନ୍ତ ସୁନ୍ଦରୀ ଏବଂ ସୁଯୋଗ୍ୟା । ନିରୁପମା ବାସ୍ତବରେ ନିରୁପମା—ଏତେ ସୁନ୍ଦର ଚେହେରେ ତା'ର, ଏତେ ସୁନ୍ଦର ବ୍ୟବହାର ତା'ର ! ବିପିନ ତାକୁ ପାଇ ଅବଶ୍ୟ ଧନ୍ୟ ହୋଇଛି । କିନ୍ତୁ ଶିଳ୍ପୀର ମନରେ ଗୋଟିଏ ଅଭାବ ବରାବର ରହିଛି ଯେ ତାର ନିଜର ଦେଶବାସୀ ତାର ଉଚିତ ମୂଲ୍ୟ ବୁଝିଲେ ନାହିଁ—ତାକୁ ଉଚିତ ସମାଦର କଲେ ନାହିଁ ।

ବିପିନ ଯାକୁ ଟାଇମସ୍ ଅଫ୍ ଇଣ୍ଡିଆରେ କୁହା ଯାଇଥିଲା ଯେ ବଡ Accurate ଚନ୍ଦ୍ରଲେଖକ; ବିପିନ ଯେ କମର୍ସିଆଲ ଆର୍ଟରେ ଭାରତରେ ଉଚ୍ଚ ସ୍ଥାନ ଅଧିକାର କରିଛି—ବିପିନ ଯାକୁ ଗାନ୍ଧୀ, ସରୋଜିନୀ, ଜବାହରଲାଲ ପ୍ରଭୃତି ଅତି ଉଚ୍ଚ ପ୍ରଶଂସା କରିଛନ୍ତି—ବିପିନ ଯେ Helen Kellerର ପ୍ରିୟ—ବିପିନ ଯେ କି ଓଡ଼ିଶାରେ ଆଜି ଏକ ପ୍ରକାର ସର୍ବସ୍ୱହୀନ ହୋଇ ବୁଲୁଛି—ସେହି ବିପିନକୁ ମୁଁ ବରାବର ମୋର ନିଜର ଭାଇ ପରି ଭାବି ଆସିଅଛି—ଦେଖି ଆସିଅଛି ।

ଏତେ ବଡ ଶିଳ୍ପୀଙ୍କୁ ସମ୍ମାନ ଦେବାର କଥା । ହେଲେନ୍ କେଲରଙ୍କୁ କେତେ ସମ୍ମାନ ଅମେରିକା ଦେଇଛି । ବିପିନକୁ ଲଣ୍ଡନରେ ସାହାଯ୍ୟ କରିଥିଲେ ଜଣେ ବ୍ୟବସାୟୀ ଲୋକ । ତାଙ୍କ ନାମ Sir Alexander R. Murry । ତାଙ୍କ ସାହାଯ୍ୟ ପାଇ ନ ଥିଲେ ବିପିନକୁ ମହାସମୁଦ୍ରରେ ହାବୁଡୁବୁ ଖାଇବାକୁ ହୋଇଥାନ୍ତା ।

ଆଜି ବିପିନକୁ ୫୦ ବର୍ଷ । ମୁଁ ଆଶା କରେ ଦେଶବାସୀ ବିପିନର ସମୁଚିତ ସମାଦର କରିବେ । ବିପିନ କଥା କହିପାରେ—ଇଂରାଜୀ ଜାଣେ, ବଙ୍ଗଳା ଜାଣେ, ଓଡ଼ିଆ ଜାଣେ, ହିନ୍ଦି ମଧ୍ୟ ପଢ଼ିପାରେ ।

ବିପିନର ମଙ୍ଗଳ ହେଉ । ମୁଁ ଜଣେ ବିପିନର ଚିରମଙ୍ଗଳକାମୀ ।

Digitized by srujanika@gmail.com

ହେଲେନ୍ କେଲର୍ ବି. ଏ. ପାସ୍ କରିଛନ୍ତି ଏବଂ ଟାଇପ୍ ରାଇଟିଂ ଜାଣନ୍ତି । ବପିନ ତ ସେହିପରି ମହା ଚନ୍ଦ୍ରଶିଳୀ । ହେଲେନ୍ କେଲର ଅନ୍ଧୁଣୀ, ଟାଇପିଷ୍ଟ—ଆଜି ଡକ୍ଟରେଟ ଉପାଧି ଭୂଷିତ । ଧନ୍ୟ ହେଲେନ୍ କେଲର ! ଧନ୍ୟ ବପିନ !

ପଣ୍ଡିତ ବିନାୟକ ମିଶ୍ର

ବର୍ତ୍ତମାନ ଜଣକ କଥା କହେ । ପଣ୍ଡିତ ବିନାୟକ ମିଶ୍ର ବର୍ତ୍ତମାନ ଜୀବିତ । ତଥାପି ତାଙ୍କର ଏହି ଗୋଟିଏ କଥା ନ ଲେଖି ରହି ପାରୁ ନାହିଁ । ଟଙ୍କା ପଇସା କାରବାରରେ ପଣ୍ଡିତ ବିନାୟକ ମିଶ୍ର ଏପରି ଖାଣ୍ଟି ଯେ ତାଙ୍କ ସମତୁଲ ବ୍ୟକ୍ତି ମୁଁ କ୍ୱଚିତ ଦେଖିଛି ।

ବିନାୟକ ବାବୁ ବେଗ୍ରାମ ପଢ଼ୁଥିଲେ ବାଣପୁରରେ । ଖୁବ୍ ବେଗ୍ରାମ ପଡ଼ିଥିଲେ । ପଇସା କଉଡ଼ିର ଅଭାବ ଥିଲା । ଏହି କଥା ମୋର କେତେକ ବନ୍ଧୁ ଯଥା ଶ୍ରୀ କେଦାରନାଥ ମହାପାତ୍ର (ଓଡ଼ିଶା ମ୍ୟୁଜିୟମ) ମୋତେ କହିଲେ । ତାଙ୍କ ପାଇଁ ଗୋଟିଏ ଏପିଲ କଲି—ସରକାରୀ ସାହାଯ୍ୟ ମିଳିବା ଉଚିତ, ଏ କଥା ତାଙ୍କୁ ଲେଖିଲି ଏବଂ ସାଙ୍ଗେ ସାଙ୍ଗେ ମୁଁ ମୋର ନିଜର ପାଞ୍ଚଟି ଟଙ୍କା ତାଙ୍କ ନିକଟକୁ ମନିଅର୍ଡ଼ର କରି ପଠାଇ ଦେଲି । ବିନାୟକ ବାବୁ ତାହା ଅନିଚ୍ଛା ସତ୍ତ୍ୱେ ଗ୍ରହଣ କଲେ ଏବଂ ମୋତେ ଚିଠି ଲେଖିଲେ ଯେ ମୋ ଠାରୁ ପାଞ୍ଚ ଟଙ୍କା ପାଇ ସେ ବ୍ୟଥିତ ହୋଇଛନ୍ତି । ତାଙ୍କର ପୁସ୍ତକ ଯଦି ଓଡ଼ିଶା ସରକାର ଛପି ଦିଅନ୍ତେ ତାହା ହେଲେ ତାଙ୍କର ବଡ଼ ଉପକାର ହୁଅନ୍ତା । ଏହା ପରେ ମଧ୍ୟ ବିନାୟକ ବାବୁଙ୍କ ଠାରୁ ଗୋଟିଏ ବହି ପାର୍ଶଲ ମୋ ପାଖକୁ ଆସିଛି । ତାହା ଏହି ପାଞ୍ଚ ଟଙ୍କା ଫେରାଇ ଦେବାର ଗୋଟିଏ ଉପାୟ । ଏପରି ଅଭିଜ୍ଞତା ତାଙ୍କ ସମ୍ବନ୍ଧରେ ମୋର ଆହୁରି ଥରେ ଦୁଇ ଥର ହୋଇଛି ।

ଏଥର କାଲିକା କଥା ୨୩ । ୧୦ । ୧୯୫୭ । ପଣ୍ଡିତ ବିନାୟକ ମିଶ୍ର ତୁଳସୀପୁରରେ ଥିବାବେଳେ ହଠାତ୍ ତାଙ୍କର ଅଭାବ ହେଲା । ସେ ଥରେ ମୋ ପାଖକୁ ଆସିଥିଲେ—ମୋତେ ପାଇ ନ ଥିଲେ । ମୁଁ ତାଙ୍କ ଘରକୁ ପରେ ଯିବାରୁ ଏ କଥା କଥାପ୍ରସଙ୍ଗରେ ଜାଣିଲି—ମୁଁ କେଉଁ ଆଡକୁ ଯାଇଥିଲି, ସେଆଡୁ ଫେରିଲାବେଳେ ତାଙ୍କୁ ଦଶ ଟଙ୍କା ଦେଇ ଆସିଲି ।

ସେହି ଟଙ୍କା ସେ ଫେରାଇବା ପାଇଁ ମୋ ପାଖକୁ ଚାରି ପାଞ୍ଚ ଥର ଆସିଛନ୍ତି, କିନ୍ତୁ ମୋର ଦେଖା ପାଇ ନାହାନ୍ତି ।

Digitized by srujanika@gmail.com

କାଲି ୨୩ । ୧୦ । ୧୯୫୭ ସନ୍ଧ୍ୟାରେ ତାଙ୍କ ସାଙ୍ଗରେ ମନମୋହନ ପ୍ରେସ ଠାରେ ଦେଖା ହେଲା । ତାଙ୍କ ସାଙ୍ଗରେ ମୁଁ ତାଙ୍କ ଭଣ୍ଡାକୋଷ ଲେନ୍ ବସାକୁ ଆସିଲି । ରିକ୍ସା ନ ହେଲେ ମୁଁ ପାଦେ ଚାଲିପାରେ ନାହିଁ—ଏପରି ଅବସ୍ଥା ମୋର । ଗୋଟିଏ ରିକ୍ସାରେ ସେ ଆଉ ମୁଁ ତାଙ୍କ ବସାଠିକି ଆସିଲୁଁ । ସେ ରିକ୍ସାବାଲାକୁ ଚାରିଅଣା ପଇସା ଦେଇଥିଲେ । ମୋତେ ଦେବାର ଅବସର ଦେଇ ନ ଥିଲେ ।

ଯାହା ହେବାର ହେଲା, କିନ୍ତୁ ଘଡ଼ରେ ଘରକୁ ଫେରିଲାବେଳକୁ ସେ ମୋତେ ବିଦାୟ ଦେଲେ । ମାତ୍ର ମୋତେ ଟଙ୍କା ଫେରାଇବା କଥା କିଛି କହି ନାହାନ୍ତି । କିନ୍ତୁ ଘରକୁ ଆସି ତହିଁ ଆରଦିନ ଅର୍ଥାତ୍ ଆଜି ୨୪ । ୧୦ । ୧୯୫୭ ରେ ଦେଖେଁ ତ ମୋ ବ୍ୟାଗରେ ଗୋଟିଏ ଦଶ ଟଙ୍କିଆ ନୋଟ ରହିଛି । ଦୈବାତ୍ ବ୍ୟାଗଟି ଝାଡ଼ିଝୁଡ଼ି ସଜାଡ଼ୁଥିଲି, ଦେଖିଲି ଗୋଟିଏ ଦଶଟଙ୍କିଆ ନୋଟ । ଟିକିଏ ଭାବିଲି, ତା ପରେ ବୁଝି ପାରିଲି, ଏହା ବିନାୟକ ବାବୁଙ୍କର କାଣ୍ଡ । ଦୈବାତ୍ ସେ ଟଙ୍କା ମୋ ହାତରେ ପଡ଼ିଲା—ନୋହିଲେ ମୋର ଗୋଟିଏ ସାନ ନାତି ହାତରେ ସେ ବ୍ୟାଗ ପଡ଼ିଥିଲେ ବିନାୟକ ବାବୁ ଟଙ୍କା ଫେରେଇ ଦେଇଛନ୍ତି ବୋଲି ଜାଣି ପାରି ନ ଥାନ୍ତି । ମୋ ସାନ ନାତିଟି ମୋ ବ୍ୟାଗରେ ହାତ ପୂରାଏ ଏବଂ ଯାହା ପାଏ ନେଇଯାଏ ।

ଏପରି ଲୋକ—ବିନାୟକ ବାବୁଙ୍କ ପରି ଲୋକ ଖୁବ୍ ଅଳ୍ପ ଦେଖାଯାନ୍ତି । ସେହିପରି ଆଉ ଜଣେ ଲୋକ ମୁଁ ହିମାଳୟରେ ପଉଡ଼ି ଜିଲାରେ ୧୯୧୭ ଖ୍ରୀଷ୍ଟାବ୍ଦରେ ଦୁର୍ଭିକ୍ଷକାମ କଲାବେଳେ ଦେଖିଥିଲି । ସେ ଜଣେ ତହସିଲଦାର ଥିଲେ । ତାଙ୍କୁ କେହି କିଛି ଭେଟି ଦେଲେ, ସେ ସେହି ମୂଲ୍ୟର କମ୍ବା କିଛି ବେଶୀକରି ପରିଶୋଧ କରନ୍ତି ।

ସେ ଯେ ଖାଣ୍ଟି ଲୋକ ଥିଲେ ଏ କଥା ସରକାର ଅନେକ ଥର ଅନେକ ଘଟଣାରୁ ଜାଣିଥିଲେ । ସୁତରାଂ ସରକାର ଯେତେବେଳେ ଜାଣିଲେ ତାଙ୍କର ଦଶ ହଜାର ଟଙ୍କା ଋଣ ହୋଇଯାଇଛି, ସରକାର ତାହା ପରିଶୋଧ କରିଦେଲେ ।

ପଣ୍ଡିତ ବିନାୟକ ମିଶ୍ର ଆଉ ଏହି ତହସିଲଦାର ଏକ କାଟର ଲୋକ । ଏମାନଙ୍କୁ ସ୍ମରଣ କଲେ ମୁଣ୍ଡ ଆପଣାଛାଏଁ ନଇଁ ଆସେ ।

Digitized by srujanika@gmail.com

ବିଶ୍ୱକବି ରବୀନ୍ଦ୍ରନାଥ

କବିଗୁରୁ ରବୀନ୍ଦ୍ରନାଥଙ୍କ ବିଶିଷ୍ଟ ପ୍ରତିଭା ବିଷୟରେ ସ୍ମରଣ କଲେ ପ୍ରାଣ ବିପୁଳ ବିସ୍ମୟରେ ଅଭିଭୂତ ହୋଇପଡ଼େ । ଗୋଟାଏ ବ୍ୟକ୍ତି ଭିତରେ ଯେ ଏତେଗୁଡ଼ାଏ ପ୍ରତିଭାର ଏକତ୍ର ସମାବେଶ ହୋଇଥିଲା ତା' କଳ୍ପନା କରିବା ବି ବର୍ତ୍ତମାନ ଅସମ୍ଭବ ହୋଇପଡ଼ୁଛି । ବିଶ୍ୱକବି ଭାବରେ ସେ ଯେତିକି ପରିଚିତ, ତାଠାରୁ କମ୍ ବିଦିତ ନୁହନ୍ତି ଜଣେ ମନୀଷୀ, ଶିକ୍ଷାବିତ୍, ନାଟ୍ୟକାର, ଔପନ୍ୟାସିକ, ଅଭିନେତା, ସଙ୍ଗୀତଜ୍ଞ, ରାଜନୀତିବେତ୍ତା, ଜଣେ ଶ୍ରେଷ୍ଠ ସଙ୍ଗଠନକର୍ମୀ ଏବଂ ସର୍ବୋପରି ଜଣେ ବିଶିଷ୍ଟ ଦାର୍ଶନିକ ଭାବରେ । ଭାରତର ବିଭିନ୍ନ ସମସ୍ୟା ଉପରେ ତାଙ୍କ ଆଲୋଚନା ଯେତିକି ଆଲୋକପ୍ରଦ, ମାନବଜାତିର ବିଭିନ୍ନ ସମସ୍ୟା ନେଇ ତାଙ୍କ ରଚନା ସେତିକି ପ୍ରାଣବନ୍ତ । ମାନବଜାତିର ଇତିହାସରେ ଏହିପରି ଏକ ସର୍ବତ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ ଆଉ ଅନ୍ୟ କେହି ମିଳିବେ କି ନା ସନ୍ଦେହ ।

ଶିକ୍ଷାବିତ୍ ଭାବରେ ତାଙ୍କର ଦୂରଦୃଷ୍ଟି ଓ ଆଦର୍ଶ ତାଙ୍କ ପ୍ରତିଷ୍ଠିତ ଶାନ୍ତି-ନିକେତନରେ ପୂର୍ଣ୍ଣ ପ୍ରତିଭାତ । ଶ୍ରୀନିକେତନର ଗ୍ରାମୋନ୍ନତିମୂଳକ ଶିକ୍ଷା-ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ଏ ଦେଶର ପ୍ରଧାନ ଏକ ସମସ୍ୟା ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି ବହୁ ଦିନରୁ । ଦେଶର ରାଜନୈତିକ ପରିସ୍ଥିତି ସମ୍ପର୍କରେ ତାଙ୍କର ଲିଖିତ ବିଭିନ୍ନ ରଚନା ଅନ୍ୟ ନେତାମାନଙ୍କୁ ଚିନ୍ତାର ଖାଦ୍ୟ ଯୋଗାଉଛି—ଯଦିଓ ସେ ପ୍ରତ୍ୟକ୍ଷ ରାଜନୀତିରେ ଭାଗ ନେଇ ନାହାନ୍ତି । ଏ ଯୁଗରେ ଅନ୍ୟତମ ମହାମାନବ ମହାତ୍ମା ଗାନ୍ଧୀ ରବୀନ୍ଦ୍ରନାଥଙ୍କୁ ନିଜର ଗୁରୁ ଭାବରେ ସମ୍ମାନ ଦେଇଥିଲେ—ଯଦିଓ ଉଭୟଙ୍କର ମତରେ ଅନେକ ସମୟରେ ଅମେଳ ଦେଖା ଯାଉଥିଲା । ଜଣେ ସୁଦକ୍ଷ ଅଭିନେତା ଭାବରେ ମଧ୍ୟ ସେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଥିଲେ । ଆଉ "ରବୀନ୍ଦ୍ର ସଙ୍ଗୀତ" ତ ସର୍ବଜନ ସୁପରିଚିତ । ସଙ୍ଗୀତର ସେ ଏକ ସ୍ୱତନ୍ତ୍ର ଧାରା । ସବୁ ଦିଗରୁ ବିଚାର କଲେ ସ୍ପଷ୍ଟ ଜଣାଯାଏ ଯେ, ସେ ଏକ ଶ୍ରେଷ୍ଠ ମାନବବାଦୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଅନ୍ୟାନ୍ୟ ସମସ୍ତ ଦିଗରେ ତାଙ୍କ ପ୍ରତିଭା କମ୍ ନ ଥିଲେ ସୁଦ୍ଧା ଆମ୍ଭେମାନେ ତାଙ୍କୁ ମୁଖ୍ୟତଃ ଏକ ସାହିତ୍ୟିକ ଭାବରେ ଜାଣୁ । ସାହିତ୍ୟର ବିଭିନ୍ନ ମାଧ୍ୟମ ଯଥା—କବିତା, ନାଟକ, ଗଳ୍ପ, ଉପନ୍ୟାସ, କାବ୍ୟ, ପ୍ରବନ୍ଧ, ରମ୍ୟରଚନା ଇତ୍ୟାଦିରୁ କୌଣସି-ଟିକୁ ସେ ନିଜ ପ୍ରତିଭାର କାଉଁରିକାଠି ଛୁଆଁଇ ଅପୂର୍ବ ଶ୍ରୀମଣ୍ଡିତ କରିବାକୁ ଭୁଲି ନାହାନ୍ତି । ବସ୍ତୁତଃ ସେ ଭାରତର ନବଯୁଗ ସାହିତ୍ୟର ଦିଗ୍ ଦ୍ରଷ୍ଟା ଏବଂ ପୃଥିବୀର ସାହିତ୍ୟ ଇତିହାସରେ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ । ତାଙ୍କ ଲେଖା କୌଣସି

Digitized by srujanika@gmail.com

ନିର୍ଦ୍ଦିଷ୍ଟ ସ୍ଥାନ, କାଳ, ପାତ୍ରର ଗଣ୍ଡି ଭିତରେ ଆବଦ୍ଧ ନୁହେଁ । ତା' ସର୍ବମାନବିକ, ସର୍ବକାଳୀନ । କେବଳ ମାନବ କାହିଁକି, ସୃଷ୍ଟିର ସମସ୍ତ କିଛି ତାଙ୍କ ସାହିତ୍ୟର ଉପଜୀବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ କେବଳ ମାନବବାଦୀ କବି ନୁହନ୍ତି, ସେ ହେଉଛନ୍ତି ସୃଷ୍ଟି-ବାଦୀ କବି । ସୃଷ୍ଟିର ବିଭିନ୍ନ ବୈଚିତ୍ର୍ୟ, ରସ, ମାଧୁର୍ଯ୍ୟ, ସ୍ୱପ୍ନ ତାଙ୍କ ରଚନାବଳୀରେ ପ୍ରାଣବନ୍ତ ହୋଇଉଠିଛି ।

ଜୀବନ ସମ୍ପର୍କରେ ଗଭୀର ଅନୁଭୂତି ଓ ଅନ୍ତର୍ଦୃଷ୍ଟି ତାଙ୍କ ଲେଖାମାନଙ୍କୁ ରସୋତ୍ତୀର୍ଣ୍ଣ କରିଛି । ଏତେ ନିଖୁଣ ଭାବରେ ଜୀବନର ବିଭିନ୍ନ ବିଭାଗକୁ ଏତେ ଠିକାଠିକି ଭାବରେ କୌଣସି ଲେଖକ କେବେ ଦେଖି ନିଜ ରଚନାରେ ତାକୁ ପ୍ରକାଶ କରିଛନ୍ତି—ଏତେ ଚମତ୍କାର ରସବନ୍ତ କରି—ତା' ଭାବି ହେଉନି । ଜୀବନର ଏମିତି ତୁଚ୍ଛତମ ଅନୁଭୂତି ନାହିଁ—ଯା' ତାଙ୍କ ଲେଖାରେ ରୂପ ନେଇନି । ତାଙ୍କ କବିତାସଂଗ୍ରହ "ସଂଚୟିତା" ଖଣ୍ଡିଏ ପାଖରେ ଥିଲେ ଯେ କୌଣସି ମୁହୂର୍ତ୍ତରେ ପାଠକ ଯେଉଁ ରକମର କବିତା ଖୋଜିବ, ତା' ପାଠ କରି ଆନନ୍ଦ ଲାଭ କରିବା ସଙ୍ଗେ ସଙ୍ଗେ ମନେ କରିବ, ଯେମିତି ତା' ନିଜ ଜୀବନର କୌଣସି ଏକ ଘଟଣାର ପରିପ୍ରକାଶ । ଯୁଗ ଯୁଗ ଧରି ପ୍ରତ୍ୟେକ ପାଠକ ତାଙ୍କ ରଚନାକୁ ନୂତନ ଭାବରେ ହିଁ ଉପଭୋଗ କରିପାରିବ । ତା' ନିତ୍ୟ ନୂତନ । ତା'ର କେବେ ପୁରାତନତ୍ୱ ନାହିଁ ।

ତାଙ୍କ ରଚନାର ମୁଖ୍ୟ ଉପଜୀବ୍ୟ ,ବସ୍ତୁ ପ୍ରାଣର ସ୍ୱାଧୀନତା । ଏକ ବିରାଟ ପ୍ରାଣବାଦୀ ଲେଖକ ଭାବରେ ସେ ବିଶ୍ୱରେ ସୁପରିଚିତ । ମାନବକୃତ ନୀତି, ନିୟମର ବନ୍ଧନରେ ପ୍ରାଣର ଅବଦ୍ଧତାକୁ ସେ ସହ୍ୟ କରି ପାରି ନାହାନ୍ତି । ନିରଳସ ମାନବ ଜୀବନର ମୁକ୍ତି ଅନନ୍ତ ଶାଶ୍ୱତ ମୁକ୍ତିର କାମନାରେ ତାଙ୍କ ଲେଖନୀ ଉଦାତ୍ତ ହୋଇଛି । ତାଙ୍କ ରଚିତ "ରକ୍ତକରବୀ" ନାଟକ ଓ "ନିର୍ଝରେର ସ୍ୱପ୍ନଭଙ୍ଗ" କବିତା ପଢ଼ିଲେ ଏହି ପ୍ରାଣୋଚ୍ଛ୍ୱାସର ପୂର୍ଣ୍ଣ ପ୍ରମାଣ ମିଳି ପାରିବ ।

"ଆସି ଢାଳିବ କରୁଣାଧାରା
ଆସି ଭାଙ୍ଗିବ ପାଷାଣକାରା
ଆସି ଜଗତ୍ଭ ପ୍ଲାବିୟା ବେଡାବ ଗାଇୟା,
ଆକୁଳ ପାଗଲ-ପାରା ।

Digitized by srujanika@gmail.com

ଏତ କଥା ଆଛେ, ଏତ ଗାନ୍ ଆଛେ, ଏତ ପ୍ରାଣ ଆଛେ ମୋର, ଏତ ସୁଖ ଆଛେ, ଏତ ସାଧ ଆଛେ, ପ୍ରାଣ ହୟେ ଆଛେ ଭୋର୍—ମୋହର କାରାଗାର ଭାଙ୍ଗି ଏଇ ପ୍ରାଣ-ସାଗରରେ ଅବଗାହନ କରିବା ପାଇଁ ତେଣୁ ତାଙ୍କର ଆହ୍ୱାନ—

"ଭାଙ୍ଗ୍ ଭାଙ୍ଗ୍, ଭାଙ୍ଗ୍ କାରା, ଆଘାତେ ଆଘାତ କର୍ ।"

ଜୀବନର ପୂର୍ଣ୍ଣତା ପାଇଁ ସବୁବେଳେ ସେ ବ୍ୟାକୁଳ ଥିଲେ । କିନ୍ତୁ ସେ ମୁକ୍ତ, ସେ ପୂର୍ଣ୍ଣତା ପାଇଁ ସଂସାର ତ୍ୟାଗ କରିବା ତାଙ୍କର ଧର୍ମ ନ ଥିଲା । "ବୈରାଗ୍ୟ ସାଧନେ ମୁକ୍ତି" ସେ ଆମାର ନୟ—ଜୀବନକୁ ପୂର୍ଣ୍ଣ ଭାବରେ ଉପଭୋଗ କରି, ସୃଷ୍ଟିକୁ ପୂର୍ଣ୍ଣ ଭାବରେ ଅନୁଭବ କରିବା ହିଁ ମୁକ୍ତି ଲାଭ କରିବା ତାଙ୍କର ଦର୍ଶନ । ପ୍ରାଣ ଓ ଜୀବନର ଆହ୍ୱାନ ହେଲା ତାଙ୍କ ରଚନାର ମୂଳକଥା । ସେଥିପାଇଁ ତାଙ୍କ କବିତା—

"ସଂସାର ମାଝେ ଧୂର
ରେଖେଦିଏ ଯାବ କରିୟା ମଧୁର
ଦୁ'ଏକଟି କାଁଟା କରେ ଦିବ ଦୂର
ତା'ର ପାଛେ ଛୁଟି ନିବ ।
ସୁଖ ହାସି ଆରୋ ହବେ ଉଜ୍ଜ୍ୱଲ
ସୁନ୍ଦର ହବେ ନୟନେର ଜଲ
ସ୍ନେହସୁଧା ମାଖା ବାସଗୃହ ତଲ
ଆରୋ ଆପନାର ହବେ ।"

ଏଇ ତାଙ୍କର କବି ଜୀବନର ଆଦର୍ଶ ।

ସେ ସାଧକ । ସୃଷ୍ଟିର ସାଧନାରେ ମଗ୍ନ ଥିଲେ । ବିଶ୍ୱର ସମସ୍ତ ମାଧୁରୀକୁ ଅନୁଭବ କରି ପ୍ରକାଶ କରିବା ପାଇଁ ତାଙ୍କ ରଚନା ସର୍ବଦା ତତ୍ପର ଥିଲା, ନୀରସ ଜୀବନକୁ ମଧୁର କରିବା ପାଇଁ, ସୁନ୍ଦର କରିବା ପାଇଁ, ନିର୍ମଳ କରିବା ପାଇଁ ତାଙ୍କ ଅନ୍ତରର ପ୍ରଗାଢ଼ ଆକାଙ୍କ୍ଷା, ତାଙ୍କ ଜୀବନର ସର୍ବଶ୍ରେଷ୍ଠ ସାଧନା । ସେଥିପାଇଁ ସେ ପ୍ରାର୍ଥନା କରିଛନ୍ତି—

ଅନ୍ତର ମମ ବିକଶିତ କର ଅନ୍ତରତର ହେ
ସୁନ୍ଦର କରୋ ନିର୍ମଳ କରୋ ଉଜ୍ଜ୍ୱଲ କରୋ ହେ ।

Digitized by srujanika@gmail.com

ମାନବ ଜୀବନକୁ ଯେପରି ଗମ୍ଭୀର ଓ ସମ୍ପୂର୍ଣ୍ଣଭାବରେ ଚହ୍ନିପାରିଥିଲେ ସେପରି ସୃଷ୍ଟିର କୌଣସି କ୍ଷୁଦ୍ରତମ ଜିନଷକୁ ମଧ୍ୟ ସେ ଉପେକ୍ଷା କରିନାହାନ୍ତି । ସେଥିପାଇଁ ସେ ବିଶ୍ୱକବି । ତାହା ନ ହେଲେ ସେ କୁହନ୍ତେ ନାହିଁ—

"ବହୁଦିନ ଧରେ, ବହୁକ୍ରୋଶ ଦୂରେ
ବହୁ ବ୍ୟୟ କରି ବହୁ ଦେଶ ଘୁରେ
ଦେଖିତେ ଗିୟେଛି ପର୍ବତମାଲା,
ଦେଖିତେ ଗିୟେଛି ସିନ୍ଧୁ ।

ଦେଖା ହୟ ନାହିଁ ଚକ୍ଷୁ ମେଲିୟା
ଘର ହତେ ସୁଧୁ ଦୁଇ ପା ଫେଲିୟା
ଏକଟି ଧାନେର ଶିଷେର ଉପରେ
ଏକଟି ଶିଶିରବିନ୍ଦୁ ।

ଗୋଟିଏ ଶିଶିରବିନ୍ଦୁକୁ ବି ସେ ନ ଦେଖି ଛାଡ଼ି ନାହାନ୍ତି । ଏଇଥିରୁ ଜାଣିହେବ, ସୃଷ୍ଟିର ସମସ୍ତ କିଛି ପ୍ରତି ତାଙ୍କର କି ଗମ୍ଭୀର ଆନ୍ତରିକତା—କି ପ୍ରଗାଢ଼ ପ୍ରୀତି । ସେଇଥିପାଇଁ "ସବାର ପିଛେ, ସବାର ନୀଚେ, ସବ ହାରାଦେର ମାଝେ" ରହିବା ପାଇଁ ତାଙ୍କ ପ୍ରାଣର ଆକୁଳତା ।

ରବୀନ୍ଦ୍ରନାଥଙ୍କ ସୃଷ୍ଟି ପ୍ରେମ ତାଙ୍କୁ ବିରାଟ ଆଶାବାଦୀ କରିଥିଲା । ଜୀବନ ସୁନ୍ଦର, ସୃଷ୍ଟି ସୁନ୍ଦର; ଏଠି ଦୁଃଖ ନାହିଁ, ଗ୍ଲାନି ନାହିଁ, ଏଇ ତାଙ୍କ ଜୀବନର ମୂଳମନ୍ତ୍ର ।

ଜୀବନେ ଯତ ପୂଜା
ହଲୋନା ସାରା
ଜାନି ହେ ଜାନି ତାହା
ହୟନି ହାରା......
ସେଇଥିପାଇଁ— ଜୀବନେର ଧନ କିଛୁଇ
ଯାବେନା ଫେଲା,
ଧୂଲାୟ ତାଦେର ଯତ
ହୋକ ଅବହେଲା,
ପୂର୍ଣ୍ଣେର ପଦ-ପରଶ
ତାଦେର ଶିରେ ।

Digitized by srujanika@gmail.com

ସେଇ ପୂର୍ଣ୍ଣିର ପଦସ୍ପର୍ଶ ପାଇନ୍ଥି ତାଙ୍କ ଜୀବନ ଏତେ ସମ୍ପୂର୍ଣ୍ଣ ଭାବରେ ସମସ୍ତ ଜଗତକୁ ପ୍ରଭାବିତ କରି ପାରିଛି । ସେଇଥିପାଇଁ ଜୀବନ ଓ ମୃତ୍ୟୁ ଉଭୟ ତାଙ୍କ ନିକଟରେ ସମାନ ମାନ୍ୟାସ୍ପଦ ହୋଇଛନ୍ତି । ମୃତ୍ୟୁକୁ ବି ସେ ଭୟ କରିନାହାନ୍ତି—ତାକୁ ବରଣ କରିଛନ୍ତି ସମ୍ମାନର ସହିତ ସଖା ରୂପରେ ।

"ମରନରେ, ତୁହୁଁ ମୋର ଶ୍ୟାମ ସମାନ ।"

× × ×

ତାପ ବିମୋଚନ କରୁନ କୋର ତବ ମୃତ୍ୟୁ—ଅମୃତ କରେ ଦାନ । ମୃତ୍ୟୁ ଅମୃତ ! ଜୀବନକୁ ଅମୃତମୟ କରିବାପାଇଁ ଏ ଏକ ବିରାଟ ସନ୍ଦେଶ ।

Digitized by srujanika@gmail.com

Digitized by srujanika@gmail.com

ଅମାବାସ୍ୟାର ଜହ୍ନ

Digitized by srujanika@gmail.com

Digitized by srujanika@gmail.com

ମୋର ଧର୍ମ

ପ୍ରଥମରୁ କହୁଛି—ମୁଁ ଜୀବନ ଆରମ୍ଭ କରିଥିଲି ଶଙ୍କରାଚାର୍ଯ୍ୟଙ୍କ ମୋହ-ମୁଦ୍‌ଗର ପଢ଼ି । ପିଲାଦିନେ ମୋହମୁଦ୍‌ଗର ଖୁବ୍ ପଢ଼ିଛି । ମୁଗ୍ଧ ହୋଇଛି । ବିହ୍ୱଳ ହେଇଛି । ଭୋ ଭୋ କାନ୍ଦିଛି । ଜୀବନକୁ ସେହିଭଳି detached, dispassionate କରିବି ବୋଲି ପଣ କରିଛି ।

ଆମ ଘରେ କୌଳିକ ଠାକୁର ହେଉଛନ୍ତି ଗଣେଶ । ପ୍ରତିବର୍ଷ ଆମ ଘରେ ଗଣେଶ ପୂଜା ହେଉଥିଲା । ମୁଁ ଅନେକ ସମୟରେ ଠାକୁର ଘରେ ରାତିରେ ଜଗି ବସିଥାଏ । ଭାବେ, ହୁଏତ ସ୍ୱୟଂ ଗଣେଶ ଆସି ମୋତେ ଆଶୀର୍ବାଦ ଦେବେ । ମୂଷା ଆସି ଥରେ ଥରେ ବେଲପତ୍ର ଖଡ୍ ଖଡ୍ କରେ । ମୁଁ ଭାବେ, ହୁଏତ ଏହା ଗଣେଶଙ୍କ ଆଗମନ ।

ଦେଖୁ ଦେଖୁ ଆମ ଘରେ କାର୍ତ୍ତିକ-ପୂଜା ମଧ୍ୟ ଆରମ୍ଭ ହେଲା । ତାହା ମୋର ବଡ଼ ଭଉଣୀ ପାଇଁ, କାରଣ ତା'ର ପିଲା ହେଉ ନ ଥିଲେ । ମୁଁ ଆମ ଘରେ ଦୁର୍ଗାପୂଜା ଆରମ୍ଭ କରିଦେଲି । ବାବା-ମା' କହୁ ଥାଆନ୍ତି, ଦୁର୍ଗା ବଡ଼ ଜବ୍‌ବର ଠାକୁରାଣୀ । ତା'ର ପୂଜା ସହଜ ନୁହେ । ମୁଁ କିନ୍ତୁ ଜିଦ୍ ଧରିଥାଏ । ମୁଁ କହିଲି, "ଦୁର୍ଗା ମୋତେ ସ୍ୱପ୍ନ ଦେଇଛନ୍ତି । ମୁଁ ନିଶ୍ଚୟ ତାଙ୍କର ପୂଜା କରିବି । ଏ ଦୁର୍ଗା-ପୂଜା ଆମ ଘରେ ତିନି ବର୍ଷ କରିଥିଲି । ଗଣେଶ, କାର୍ତ୍ତିକ, ଦୁର୍ଗା ଏହିସବୁ ପୂଜାରେ ମୋର ବଡ଼ ଆନନ୍ଦ ହେଉଥିଲା । କାଳୀପୂଜା କରିବା ପାଇଁ ଥରେ ଭାବିଥିଲି; କିନ୍ତୁ କିପରି ଡର ଡର ଲାଗିଲା । ଏହିସବୁ ଠାକୁରପୂଜାରେ ମୁଁ ଫୁଲ ତୋଳିବାକୁ ବଡ଼ ଭଲ ପାଉଥାଏ । ମୋର ମନେ ଅଛି, ଅନେକ ସମୟରେ ଫୁଲ ତୋଳୁ ତୋଳୁ ଆମ୍ବଗଛ ଉପରେ ମାଳତୀ-ଲତା ମାଡ଼ିଥାଏ । ସେଠି ଅନେକ ଉପରକୁ ଯାଇ ଫୁଲ ତୋଳେ । ପରେ ସେହି ଉପରେ ଲତା ଭିତରେ ଆରାମରେ ଅନେକ ଥର ଶୋଇଛି ଏବଂ ଅନେକ ଥର ଲୁଚି ଛପି ରହିଛି ମଧ୍ୟ ।

ଏହିପରି ପିଲାଦିନୁ ମୋ ଉପରେ ଧର୍ମଭାବ ଖୁବ୍ ପଡ଼ିଥିଲା । ସେଥିପାଇଁ ମୁଁ ହିନ୍ଦୁଧର୍ମ, ମୁସଲମାନ୍-ଧର୍ମ, ଖ୍ରୀଷ୍ଟିୟାନ୍-ଧର୍ମ, ଆର୍ଯ୍ୟସମାଜ-ଧର୍ମ, ବ୍ରାହ୍ମ-ସମାଜ-ଧର୍ମ ଏ ସବୁଥିରେ ଖୁବ୍ ପଶିଥିଲି ଏବଂ ସେମାନଙ୍କର ସଭା-ସମିତିରେ

Digitized by srujanika@gmail.com

ଖୁବ୍ ଭାଗ ନେଉଥିଲି । ସେଥିପାଇଁ କେହି କେହି ମୋତେ ବ୍ରାହ୍ମ, କେହି କେହି ଅବା ମୁସଲମାନ୍, ଆଉ କେହି କେହି ଖ୍ରୀଷ୍ଟିଆନ୍ ଏହିପରି ଭାବୁଥିଲେ । ବସ୍ତୁତଃ ମୁଁ ମୋର ଧର୍ମରେ ହିଁ ଥାଏ ଏବଂ ଅନ୍ୟାନ୍ୟ ଧର୍ମରୁ ଯାହା ଆହରଣ କରିବାର ତାହା କରୁଥାଏ । ଆଜି ମୋର ଧର୍ମ ମୋର ଧର୍ମ । ତାହା ହିନ୍ଦୁ ନୁହେ କିମ୍ବା ଖ୍ରୀଷ୍ଟିଆନ୍ ନୁହେ କିମ୍ବା ବ୍ରାହ୍ମ କିମ୍ବା ଆର୍ଯ୍ୟ-ସମାଜୀ କିମ୍ବା ଅବଧୂତ ବା ଅଲେଖ ଏପରି କିଛି ନୁହେ । ସେଥିପାଇଁ ମୁଁ କଟକରେ "କୋରାନ୍ କ୍ଲବ୍" କରିଥିଲି । ଆର୍ଯ୍ୟ-ସମାଜରେ ବସି ହବନ କରିଥିଲି । ଖ୍ରୀଷ୍ଟିଆନ୍ଙ୍କ ଗୀର୍ଜାରେ ସ୍ତ୍ରୀ-ଲୋକ-ମାନଙ୍କ ସଙ୍ଗରେ ବସି ଅନେକ କାନ୍ଦିଥିଲି । ବ୍ରାହ୍ମସମାଜରେ ଗ୍ରୁଦସମାଜର ସେକ୍ରେଟେରୀ ହୋଇଥିଲି । ପୁଣି ମିଶନ୍ ସ୍କୁଲରେ ମାଷ୍ଟ୍ରି କରୁଥିଲି । ଯେତେ-ବେଳେ ପ୍ରଥମେ କଟକରେ ଓ୍ୱାଇ. ଏମ୍ ସି ଏ. ସ୍ଥାପିତ ହେଲା, ସେତେବେଳେ ମୁଁ ତହିଁର ସେକ୍ରେଟେରୀ ମଧ୍ୟ ହୋଇଥିଲି ।

ସେବା ହିଁ ମୋର ଧର୍ମ । ରାଜନୀତି ମୁଁ ବୁଝେ ନାହିଁ । ମୁଁ ବୁଝେ ମାନବ-ସେବା । ଆତ୍ମପ୍ରତିଷ୍ଠାର ଲୋଲହାନ ଜିହ୍ୱା ମୋତେ କେବେ ଗ୍ରାସ କରିନାହିଁ । କୁଷ୍ଠରୋଗୀ ସହିତରେ କାନ୍ଦିଛି, ବିଧବା ସହିତରେ କାନ୍ଦିଛି, ହତଭାଗିନୀ ନାରୀମାନଙ୍କର ଜୀବନ ସହିତରେ ଜୀବନ ମିଳାଇ ଅନେକ ତପ୍ତ-ଅନୁତପ୍ତ ହୋଇଛି ଏବଂ ପ୍ରାର୍ଥନା କରିଛି, "ପ୍ରଭୁ ! ଏମାନଙ୍କର ଜୀବନକୁ ଭଲ କର । ଏମାନଙ୍କୁ ସାହାଯ୍ୟ କର ।" ମଧୁସୂଦନ ରାଓଙ୍କର ବ୍ରାହ୍ମ-ସମାଜ-ପ୍ରାର୍ଥନାରେ ମୁଗ୍ଧ ଓ ଅଭିଭୂତ ହୋଇଛି । ଜୀବନର କେନ୍ଦ୍ରକୁ ପ୍ରବେଶ କରିବାର ସୌଭାଗ୍ୟ ମୋତେ ଏହିପରି ମିଳିଛି । ବାଲ୍ୟରେ ଯେଉଁ ଧର୍ମ-ବୀଜ ମୋ ଭିତରେ ଥିଲା, ତାହା ପରବର୍ତ୍ତୀ ଜୀବନରେ ଅଙ୍କୁରିତ ଏବଂ ପଲ୍ଲବିତ ହୋଇଛି; କିନ୍ତୁ କି ଫଳ ଧାରଣ କରିଛି, ମୁଁ ବୁଝିପାରି ନାହିଁ । ତାହା ହୁଏତ ଅପରେ ବୁଝୁଥିବେ । ମୋର ଜୀବନଟା କିନ୍ତୁ ଏହିପରି ।

ମୋର କେହି କେହି ବନ୍ଧୁ ମୋ ନାମରେ କୁତ୍ସା ଉଠାନ୍ତି ଯେ ମୁଁ ବ୍ରାହ୍ମ ହୋଇଯାଇଛି—ଖିରସ୍ତାନ ହୋଇଯାଇଛି । ମୋର ମା ବଡ ବ୍ୟସ୍ତ । କ'ଣ କରିବ ସେ ଠିକ୍ କରି ପାରେନା । ଆଜି ପର୍ଯ୍ୟନ୍ତ ବୋଧହୁଏ ଅନେକଙ୍କର ସେହି ବିଶ୍ୱାସ ଅଛି ଯେ ମୁଁ ବ୍ରାହ୍ମ ହେବାକୁ ବସିଥିଲି ବା ଯାଉଥିଲି । କିନ୍ତୁ କୌଣସିବେଳେ ହିନ୍ଦୁ ବା ବ୍ରାହ୍ମ ବା ଖ୍ରୀଷ୍ଟିଆନ ବା ମୁସଲମାନ ହେବା ପାଇଁ ମୋ ମନ ବଳି ନାହିଁ । ଯଦି କେବେ ମୋ ମନ କିଛି ହେବାକୁ ବଳିଥାଏ, ତାହା ହେଲେ ବୌଦ୍ଧଭିକ୍ଷୁର ପୋଷାକ ପିନ୍ଧି ବୌଦ୍ଧଭିକ୍ଷୁ ସାଜିବା ପାଇଁ ମୋ ମନ ବଳିଛି । ଯାହା ହେଉ ସେ ଇତିହାସ ସ୍ୱତନ୍ତ୍ର ।

Digitized by srujanika@gmail.com

ମୋର ମର୍ମ

ମୁଁ ହିନ୍ଦୁଘରେ ଜନ୍ମି ହିନ୍ଦୁ ବୋଲି ମନେ କେବେ ଗର୍ବ ଅନୁଭବ କରିନାହିଁ । ଅଥଚ ପିଲାଟି ଦିନେ ଖୁବ୍ ଠାକୁରପୂଜା କରିଛି । ମୁଁ ନିଜେ ବାଲ୍ୟ-ବିବାହରେ ବିରୋଧୀ, କିନ୍ତୁ ତାର ଦାୟୀ ମୋର ବାପା, ମାଙ୍କୁ ପ୍ରତିରୋଧ କରି । ମୁଁ ସମସ୍ତଙ୍କ ସାଙ୍ଗରେ ମିଶିଛି—ହାଡ଼ି ପାଣି, ମୁସଲମାନ ଘରେ ଖାଇଛି । ଏସବୁ ଯେପରି ମୋ ଜୀବନର ଗୋଟିଏ ମହା ପରିବର୍ତ୍ତନ ବୋଲି ଭାବିଛି । କିନ୍ତୁ ଏହା ସ୍ୱାଭାବିକ ଭାବରେ ମୋର ହୋଇଛି । ରାଜନୀତିରେ ମୁଁ anarchist ରୁ moderate; କିନ୍ତୁ ସ୍ୱଭାବଟା ଏକାବେଳକେ କୋପୀ ନୋହିଲେ ତପୀ । ମୋର ଜୀବନରେ ଖବରକାଗଜ ଲେଖିବା, ବହି ଲେଖିବା, ସଭା ସମିତି କରିବା, ଶହ ଶହ ମାଇଲ ଚାଲିବା—ଏସବୁ ଭିତରେ ମୁଁ କିପରି ଏକାକୀ, ଯେପରି କି ମୋର କେହି ନାହିଁ । ସେଥିପାଇଁ ମୁଁ କରିଛି ଅନେକ—କରିପାରି ନାହିଁ ଅନେକ—ଆଉ ଯାହା କରିଛି ହୁଏତ ଆହୁରି ଭଲ କରି ପାରିଥାନ୍ତି । କିନ୍ତୁ ଅତିରିକ୍ତ ବିରୋଧ ଯେଉଁଠି ଆସିଛି, ସେଠି ମୁଁ ଛାଡ଼ି ଦେଇଛି—ମୁଁ ନିଜକୁ ସେଠାରୁ ହଟାଇ ଆଣିଛି । ସେଥିପାଇଁ ହରିଜନ ଆନ୍ଦୋଳନରେ ନିଆଁଗିଳା ହୋଇ ମଧ୍ୟ କିଛି କରି ପାରି ନାହିଁ । ରାଜନୀତିରେ ଅଖାଡ଼ୁଆ anarchist ମନୋଭାବାପନ୍ନ ହୋଇ ସୁଦ୍ଧା ମାରିସୂଦକ କିଛି କରି ନାହିଁ । ସମାଜର ବିଦ୍ରୋହୀ ହୋଇ ରହିଛି—ସବୁ ସହିଛି—ବିଦ୍ରୋହର ଝଣ୍ଡା ଟେକିଛି; କିନ୍ତୁ ଶାନ୍ତ ହୋଇ ଯାଇଛି । ଏହାହିଁ ମୁଁ ।

ଏହି ବାଷଠି ବର୍ଷ ଜୀବନ ଭିତରେ କେତେ ସଂଘର୍ଷ, କେତେ ସଂଘାତ ଆସିଛି । ସେ ସବୁ ଦ୍ୱାରା ମୁଁ ପରିବର୍ତ୍ତିତ ହୋଇ ହୋଇ ଚାଲିଛି । ଚାରିପାର୍ଶ୍ୱିକ ଆନ୍ଦୋଳନ ଦ୍ୱାରା ଦୋଳାୟିତ ହୋଇଥିଲେ ମଧ୍ୟ ମୋ ଭିତରେ ମୁଁ ଯେ ଗୋଟିଏ ଚିନ୍ତାଶୀଳ ସ୍ୱାଧୀନ ଜୀବ ଏହା ଅନୁଭବ କରି ପାରିଛି ଏବଂ ତଦନୁଯାୟୀ ଆପଣାକୁ ବର୍ତ୍ତମାନ ଜଗତର ଅନେକ କୁ'ରୁ ରକ୍ଷା କରି ପାରିଛି, ନୈତିକ ଭିତ୍ତି ଉପରେ ଛିଡ଼ା ହୋଇ ବାଟ ଚାଲି ପାରିଛି । ସେଇଟାଇ ଆନନ୍ଦ ଦେଉଛି ଏବେ ବି । ନୂତନତମ ଜଗତର ବିଶୃଙ୍ଖଳା, ଚତୁରତା ସ୍ୱାର୍ଥବାଦ ଦେଖିଲେ ମନଟା କମିତି କମିତି ହୁଏ । କିନ୍ତୁ ସମ୍ଭାଳି ହୋଇ ଯାଏଁ—ନା, ମୁଁ ମୋର ସ୍ୱାତନ୍ତ୍ର୍ୟ, ମୋର ବ୍ୟକ୍ତିତ୍ୱ ରକ୍ଷା କରିବି, ଏହା ଭାବେ । ତେବେ ଆସ୍ତେ ଆସ୍ତେ ଯେଉଁ ପରିବର୍ତ୍ତନକୁ ପ୍ରାୟ ସର୍ବ-ସାଧାରଣ ମାନି ନେଇଛନ୍ତି ସେଠାରେ ମଧ୍ୟ ଖଟ୍‌କା ଲାଗେ—ଭାବେ ସଂସାରଟା କୁଆଡ଼ୁକୁ ଯାଉଛି । କେଉଁ ମୃତ୍ୟୁମୁଖକୁ

Digitized by srujanika@gmail.com

ପ୍ରବେଶ କରୁଛୁ । ତଥାପି ମୁଁ ଆଶାବାଦୀ—ମୋର ମନରେ ଦୁଃଖର ମେଘରାଜି ଦେଖା ଦେଲେ ମଧ୍ୟ କୁସୁମର ଗନ୍ଧ ମଧ୍ୟ ମୋତେ ଆନନ୍ଦ ଦିଏ । ମୁଁ ଏ ଜଗତରୁ ବାହାର ନୁହେଁ—ଏହି ଜଗତ ସହିତରେ ଅଗ୍ରଗତି କରିବାକୁ ମୋର ଚେଷ୍ଟା ଓ ଇଚ୍ଛା ମଧ୍ୟ—କିନ୍ତୁ ଯାହାକୁ ଅଶ୍ରେୟ, ଅନ୍ୟାୟ, ଅନୀତିପୂର୍ଣ୍ଣ ବୋଲି ଭାବୁଛି ତା' ପାଖରୁ ଦୂରେଇ ରହିବାକୁ ସବୁବେଳେ ଯତ୍ନ କରୁଛି । ଏଥିରେ କୃତକାର୍ଯ୍ୟତା ମୋର କୃତିତ୍ୱ ନୁହେଁ—ମୋର କର୍ତ୍ତାଙ୍କ ଆଶୀର୍ବାଦ ବୋଲିବାକୁ ହେବ ।

Digitized by srujanika@gmail.com

ପରିଶିଷ୍ଟ

Digitized by srujanika@gmail.com

Digitized by srujanika@gmail.com

(କ)

ଲକ୍ଷ୍ମୀନାରାୟଣ ବଂଚବେ କି ?

ଏତେ ଆତ୍ମଜୀବନୀ, ପ୍ରଶଂସା, ଆରାଧନା ପରେ ଗୋଟିଏ ପ୍ରଶ୍ନ ମନକୁ ଆସେ—ଲକ୍ଷ୍ମୀନାରାୟଣ ବଞ୍ଚିବେ କି ? ବଞ୍ଚି ରହିବାଲ ଭଳି ଦାନ ତାଙ୍କର କିଛି ଥିଲା କି ? ଲକ୍ଷ୍ମୀନାରାୟଣ କ'ଣ ଥିଲେ ? ଜ୍ଞାନୀ, ଗୁଣୀ, ସାଧକ, ରାଜନୀତିଜ୍ଞ, ସଙ୍ଗଠକ, ସାମ୍ବାଦିକ, ଗବେଷକ, ସମାଲୋଚକ, କବି, ଲେଖକ, ଚିନ୍ତା-ନାୟକ ? ନା, ଏ ସବୁ ସେ କିଛି ନ ଥିଲେ । ଏ ସବୁଥିରେ ନାଁ କରିବା ଭଳି ଯଶ ଓ ପୌରୁଷ ତାଙ୍କର ନାହିଁ ।

ଲକ୍ଷ୍ମୀନାରାୟଣ ଗ୍ରେଜେଟି ବୟସରେ ଏମ୍. ଏ. ପାଶ କରିଥିଲେ, ଉନୋଟିରେ ଏମ୍. ଏ. ଫେଲ ହୋଇଥିଲେ, ତଥାପି ସେ ପଣ୍ଡିତ ନୁହନ୍ତି; ଲକ୍ଷ୍ମୀନାରାୟଣ କନ୍‌ଷ୍ଟିଚ୍ୟୁଏଣ୍ଟ ଏସେମ୍ବ୍ଲି (Constituent Assembly) ରେ ଗ୍ରବର୍ଷ ଓ ଓଡ଼ିଶା ଏସେମ୍ବ୍ଲି (Orissa Assembly)ରେ ପାଞ୍ଚ ବର୍ଷ ସଭ୍ୟ ଥିଲେ, ତଥାପି ସେ ରାଜନୀତିଜ୍ଞ ନୁହନ୍ତି; ଲକ୍ଷ୍ମୀନାରାୟଣ ଜୈନଧର୍ମ ସମ୍ପର୍କରେ ଗବେଷଣା କରି "ଓଡ଼ିଶାରେ ଜୈନଧର୍ମ", ଆଦିବାସୀଙ୍କ ସମ୍ପର୍କରେ ଗବେଷଣା କରି "ଦଣ୍ଡ ନାଟ," "The Hill Tribes of Jeypore", "The Springs of the Souls" ଆଦି ବହୁ ପ୍ରାମାଣିକ ଗ୍ରନ୍ଥ ଲେଖି ଯାଇଛନ୍ତି, ତଥାପି ସେ ଗବେଷକ ନୁହନ୍ତି—ବିଶ୍ୱବିଦ୍ୟାଳୟ ତାଙ୍କୁ ସେଥିପାଇଁ ଡକ୍ଟରେଟ୍ ଦେଇ ନାହାନ୍ତି; ଲକ୍ଷ୍ମୀନାରାୟଣ 'ସହକାର', "The Star of Utkal", "The Vaitarani" ଆଦି ନାନା ଉପାଦେୟ ପତ୍ରିକା ଆରମ୍ଭ କରି ବହୁକାଳ ସମ୍ପାଦନା କରିଥିଲେ, ତଥାପି ସାମ୍ବାଦିକ ହିସାବରେ ତାଙ୍କର ସ୍ଥାନ ନାହିଁ; ଲକ୍ଷ୍ମୀନାରାୟଣ ଶତାଧିକ ପୁସ୍ତକ ଇଂରେଜୀ, ବଙ୍ଗଳା, ହିନ୍ଦୀ ଓ ଓଡ଼ିଆ ଭାଷାରେ ଲେଖି ଯାଇଛନ୍ତି; ତଥାପି କବି ହିସାବରେ ବା ବଳିଷ୍ଠ ଲେଖକ ହିସାବରେ ତାଙ୍କର ନାଁ କେହି ଧରିବେ ନାହିଁ; ଲକ୍ଷ୍ମୀନାରାୟଣ ଖୁବ୍ ଖୋଲ୍‌ଠୋକ୍ ସମାଲୋଚନା କରୁଥିଲେ, କନ୍‌ଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି (Constituent Assembly)ରେ ଜବାହରଲାଲଙ୍କୁ, ଓଡ଼ିଶା ଆସେମ୍ବ୍ଲିରେ ମହତାବଙ୍କୁ ଓ ଅରଣ ବର୍ଷ ତଳେ ପ୍ରବଳ ପରାକ୍ରମୀ ମିଷ୍ଟର ଦାସଙ୍କୁ ସେ ମୁହେଁ

Digitized by srujanika@gmail.com

ମୁହେଁ ଖୁବ୍ କଡ଼ାକଡ଼ କଥା କହୁଥିଲେ, କିନ୍ତୁ ତା ବୋଲି କ'ଣ ଲୋକଟା ବଡ଼ ? ତା ହେଲେ ଲୋକଟା ବଡ଼ କେଉଁଥିରେ ? ନା' ଆମେ ଖାଲି ତାଙ୍କୁ ପାଲଗଦାରେ ବସେଇ ଉଚ୍ଚ କରି ଟେକୁଛେ ?

ଲକ୍ଷ୍ମୀନାରାୟଣ ସତରେ ବଡ଼ ନ ଥିଲେ ବିଦ୍ୟାରେ, ବୁଦ୍ଧିରେ, ବିଚକ୍ଷଣତାରେ, ତୀକ୍ଷ୍ଣ ପ୍ରତ୍ୟୁତ୍ପନ୍ନମତିତାରେ ବା ଇନ୍ଦ୍ରଜାଲିକ ନେତୃତ୍ୱରେ । ଲକ୍ଷ୍ମୀନାରାୟଣ ନେତା ନ ଥିଲେ, ଥିଲେ ସାମାନ୍ୟ କର୍ମୀ; ଲକ୍ଷ୍ମୀନାରାୟଣ ରାଜନୀତି ବୁଝୁ ନ ଥିଲେ, ବୁଝୁଥିଲେ ଦେଶପ୍ରୀତି; ଲକ୍ଷ୍ମୀନାରାୟଣ ଶାସକ ନ ଥିଲେ, ଥିଲେ ସେବକ; ଲକ୍ଷ୍ମୀନାରାୟଣ ପଣ୍ଡିତ ନ ଥିଲେ, ଥିଲେ ପ୍ରେମିକ, ଭାବୁକ, ରସିକ, ସ୍ନେହରଙ୍କ, ସ୍ନେହକାଙ୍ଗାଳ, ସ୍ନେହପାଗଳ । ସେ କହୁଥିଲେ—

"କି ପିଲା ତୁମେ ?
ପାଣ ପିଲା ଆମେ ।
ଏଇ କଥା ଶୁଣି ମନ ମୋର ହୋଇଗଲା ଦୁଃଖ
କେତେଦିନ ଧରି ମା' ଛେଉଣ୍ଡ ପରି ରହିଥିବ ଯୁଗ ଯାକ ?
କେହି କି ତାଙ୍କର ପାଇଁ
ଏତିକି ଭାବନ୍ତି ନାହିଁ
କଂପା ସେ ଜନମ ହୋଇ
ରହିବ ଦୂରେ ଦୂରେ ଅଛୁଆଁ ହୋଇ ?
ଲାଗଇ ପ୍ରାଣେ ଆଘାତ
ମରମ ହୁଏ ପୀଡ଼ିତ,
ଗୃହଆଡ଼େ ସାକ୍ଷୀ ଦଶଦିଗପାଳ
ପାଣପିଲା କି ରହିବ ପାଣ ଚିରକାଳ ?"

(ପରିଣ—ଲକ୍ଷ୍ମୀନାରାୟଣ)

ଏଇ ଲକ୍ଷ୍ମୀନାରାୟଣ । ଲକ୍ଷ୍ମୀନାରାୟଣ ଯଦି କେବେ ବଂଚି ରହନ୍ତି, ବଂଚିବେ ଏଇ ପ୍ରେମ ପାଇଁ, ପ୍ରୀତି ପାଇଁ, ମାନବିକତା ପାଇଁ, ଗଭୀରତା ପାଇଁ, ହୃଦୟବତ୍ତା ପାଇଁ । ମଣିଷ ମଣିଷ । ସବୁ ମଣିଷ ଅମୃତର ସନ୍ତାନ । ସେଠି ହାଡ଼ି ନାହିଁ, ପାଣ ନାହିଁ, ପଠାଣ ନାହିଁ, ଖ୍ରୀଷ୍ଟିୟାନ ନାହିଁ, ବଙ୍ଗାଳି ନାହିଁ, ତେଲୁଗୁ ନାହିଁ, ଗୋରା ନାହିଁ, କଳା ନାହିଁ, କିଛି ନାହିଁ । ଚୈତନ୍ୟଙ୍କ ଭଳି, ଅବଧୂତଙ୍କ ଭଳି, Saint Francis of Assissiଙ୍କ ଭଳି ସମସ୍ତଙ୍କୁ କୋଳ କରିବା,

Digitized by srujanika@gmail.com

ସମସ୍ତଙ୍କୁ ଫଖୋଲା ଯାଇ, ମାଗି ମାଗି ପଖାଳ କଂସାରେ ହାତ ପୂରାଇ ଏକା ସାଙ୍ଗରେ ଖାଇବା, ଅପମାନକୁ ଝୁଲାମୁଣିରେ ପୂରେଇ ଦେଇ, ସମ୍ମାନକୁ ଗୋଇଠା ମାରି, ହସି ହସି ଶତ୍ରୁ ମିତ୍ର ସମସ୍ତଙ୍କ ଗୋଡ଼ ତଳକୁ ଦଉଡ଼ି ଯିବା—ପିଲାଛୁଆ, ବୁଢ଼ା, ହାଡ଼ା, ଯୁବକ, ଯୁବତୀ, ମୂର୍ଖ, ପଣ୍ଡିତ—ସମସ୍ତଙ୍କ ସାଙ୍ଗରେ ବସିବ, ହସିବା, ରସିବା, ମଜ୍ଜିବା, ଗୀତ ଗାଇବା, ବହେଲ ହେବା—ଏଇ ଲକ୍ଷ୍ମୀନାରାୟଣ । ପାଗଳ ନ ହେଲେ, ବଡ଼ ପାଗଳ ନ ହେଲେ ଯା' କିଏ କରିପାରିବ ? ଲକ୍ଷ୍ମୀକାନ୍ତ ଗାଇଥିଲେ, ଲକ୍ଷ୍ମୀନାରାୟଣ ଜୀବନରେ ପ୍ରମାଣ କରିଗଲେ—

"ଦେ ମୋତେ ବାଇଆ କରି ଆରେ ମୋର ବାଇଆ ରଜା;
ନାଚିବି ମୁଁ ଲଙ୍ଗଳା ହୋଇ ତୁ ତାଳି ମାରି ଦେଖିବୁ ମଜା ।"[୧]

ବଡ଼ ହୁଅନ୍ତୁ, ଶ୍ରେଷ୍ଠ ହୁଅନ୍ତୁ, ଗୁଣି-ଗଣ-ଗଣନା ହେଲାବେଳେ ତାଙ୍କ ନାମ ଖଡ଼ି ମୁନରେ ଲେଖା ହେଉ ବା ନ ହେଉ ପଛେ, ଯଦି ସେ କେବେ ବଂଚନ୍ତି, ହୁଏତ ଏଇଥିପାଇଁ ବଂଚି ପାରନ୍ତି । ଲକ୍ଷ୍ମୀନାରାୟଣ ଥିଲେ ଗୋଟିଏ ମଣିଷ ଯିଏ ସମଗ୍ର ମାନବ ଜାତିକି ଭଲ ପାଉଥିଲେ ।

"Peace and goodwill, good-will and peace;
Peace and goodwill to all mankind."[୨]

ଲକ୍ଷ୍ମୀନାରାୟଣ ଥିଲେ ଗୋଟିଏ ମଣିଷ, ଯାହାଙ୍କର ଅଭିମାନ, ଅହଙ୍କାର, ହିଂସା, ଈର୍ଷା, ଆବିଲତା, କୁଟିଳତା ଟିକିଏ ବି ନ ଥିଲା । ଯାହା କହିବେ ଖେଳ୍ ଠୋକ୍ । ଯାହା କରିବେ ସଫା ସଫା । କାମ ଓ କଥାରେ ଫରକ ଜମା ନାହିଁ । ପେଟ ଭିତରେ ଦାନ୍ତ ମୋଟେ ନ ଥିଲା । ସେ କହୁଥିଲେ—

"ସୁନ୍ଦର ମାନବ ଭାଇ ଅସୁନ୍ଦର ହୁଅ ନାହିଁ,
ଦୁଇଦିନ ପାଇଁ ଦମ୍ଭ ଅଭିମାନ
କ୍ରୋଧ ଅହଂକାର ଗ୍ଲାନି ଭାଇ,
ସୂର୍ଯ୍ୟ ସମ ଦୀପ୍ତ ହୁଅ, ଶଶୀ ସମ ଶାନ୍ତ,
ସ୍ନେହ ଦିଅ ବିତରି, ଜଗତ ଜନେ କର ଦାନ୍ତ ।"

ଲକ୍ଷ୍ମୀନାରାୟଣ ଏମିତି ଗୋଟେ ଲୋକ, ଯିଏ ନିଜର ଡିଣ୍ଡିମ ପିଟିବା ତ ଦୂରର କଥା, କଅଁଳିଆ ଲାଜକୁଳୀ ନୂଆବୋହୂ ଭଳି ସେ ନିଜକୁ ଲୁଚାଇ ଲୁଚାଇ ସବୁବେଳେ କବାଟ କୋଣରେ ରଖୁଥିଲେ । କାଳେ କେଉଁବେଳେ କୋଉଠି ଟିକିଏ ଅହଂ ପଶିଯିବ, ତେଣୁ ସେ ଖୋଲାଖୋଲି ଡାକବକେଇ

Digitized by srujanika@gmail.com

ବନ୍ଧରେ ଛାପିଲେ—ସେ ପୁଣି ଏ ଯୁଗରେ ନୁହେଁ, ସେ ଯୁଗରେ—୧୯୨୬-୨୭ ବେଳେ—"ଲକ୍ଷ୍ମୀନାରାୟଣ ସାହୁ କାଢରେ ପାଣି।"

ବନ୍ଧୁ ତ ଅନେକ ପଢ଼ୁଥିଲେ ବୁଢ଼ା ହେଲଯାଏ। ବାଛି ଗୁଲୁ ଗୁଲୁ ବନ୍ଧୁପଢ଼ା, ରାତି ଜାଗି ଜାଗି ବନ୍ଧୁପଢ଼ା। ହେଲେ ବେଳେବେଳେ ସେଇ ବନ୍ଧର ଗୋଟିଏ ଗୋଟିଏ କଥା ବୋଧେ ତାଙ୍କ ଜୀବନରେ ଖୁବ୍ ଗମ୍ଭୀରଆ ଗାର ଟାଣୁଥିଲ। ରବୀନ୍ଦ୍ରନାଥଙ୍କର ସେଇ ପଦଟି—

"ଆମାର ମାଥା ନତ କରେ ଦାଓ ହେ ତୋମାର
ଚରନ୍ ଧୂଲର ତଲେ
ସକଲ୍ ଅହଙ୍କାର୍ ହେ ଆମାର୍
ଡୁବାଓ ଚୋଖେର ଜଲେ।"

ବା ସେଲୀଙ୍କର ସେଇ ପଦଟି—

"I am a friend to the unfriended poor"

ବା ବାଇବେଲର ସେଇ ପଦଟି—

Naked came I out of my mother's womb;
Naked shall I return thither,
The Lord gave, The Lord hath taken
Blessed be the name of the Lord."

ବୋଧେ ତାଙ୍କୁ ଖୁବ୍ ସ୍ପର୍ଶ କରନ୍ତୁ। ତାଙ୍କୁ ଏତେ ଧୀର, ଥିର, କୋମଳ, କ୍ଷମାମୟ, ନିର୍ବିକାର, ଅହଂଶୂନ କରନ୍ତୁ।

ସେଇ ଗ୍ରେଟିଆ ମଣିଷଟିର ଗ୍ରେଟିଆ କଥା କେଇ ପଦ କହି ବନ୍ଧଟି ଶେଷ କରନ୍ତୁ।

ତାଙ୍କ 'ଉମା'—

ଖାଲି 'କାଢରେ ପାଣି' ବନ୍ଧରେ ଲେଖିଦେଇ ବାହାଦୁରୀ ନେବା ଲୋକ ଲକ୍ଷ୍ମୀନାରାୟଣ ନୁହନ୍ତି। କଥା ଯାହା, କାମ ସେଇଆ। ୧୯୨୬-୨୭, ବୋଧେ ସେତେବେଳକୁ ଗାନ୍ଧିଜୀଙ୍କର ହରିଜନ କାମ ବି ଆରମ୍ଭ ହୋଇନାହିଁ, ଚାରିଆଡ଼େ ଅନ୍ଧକାର, ରକ୍ଷଣଶୀଳତା, କୁସଂସ୍କାର ଦେଶରହିଛି। ମଣିଷର ମଣିଷ ପ୍ରତି ଅସୀମ ଘୃଣା। ସେତକବେଳେ ଲକ୍ଷ୍ମୀନାରାୟଣ ହସିହସି ଚଉଦ୍ୱାର ଗ୍ରାମ

Digitized by srujanika@gmail.com

ସଂଗଠନ କେନ୍ଦ୍ରରେ ଗୃହକର୍ତ୍ତା ଦେଲେ 'ଉମା'କୁ । ଉମା ପାଣ—ଘର ଚଉଦ୍ୱାରରେ । ଉମା ଏବେ ବି ବଂଚିଛି । ଖାଲି କେନ୍ଦ୍ରରେ ନୁହେଁ—ନିଜ ଘରେ, ନିଜ ସ୍ତ୍ରୀ ପିଲାଙ୍କ ପାଖରେ, ଖାଇବା ପଡ଼ରରେ ଉମା ତାଙ୍କର ଯେତେ ପ୍ରିୟ, ଯେତେ ଆପଣାର, ଏତେ ବୋଧେ କେହି ନ ଥିଲେ । ଗୃହରେ ଖାଇ ସାରିବା ପରେ ଉମା ଯେତେବେଳେ ଆସି ତାଙ୍କ ଗୋଡ଼ରେ ହାତ ମାରେ, ସେତେବେଳେ ବୁଢ଼ା ଏତେ ତନ୍ମୟ ହୋଇ, ବିଭୋର ହୋଇ ତା କୁକୁଡ଼ାଛୁଆ, ବୁଢ଼ାବାପା, ଭଙ୍ଗାଟିଣର କଂସାବାସନ କଥା ପଚାରନ୍ତି—ସେତେ ଆକୁଳ ସ୍ପର୍ଶ, ଗମ୍ଭୀର ଆନ୍ତରିକତା, ପ୍ରୀତିର କଲ୍ଲୋଳ ତା ପାଇଁ ଯେ ତା କହିବାର ନୁହେଁ । ଯିଏ ତା ଦେଖିଛି ସେଇ କେବଳ ଜାଣେ । ଉମା ସାଙ୍ଗରେ କଥା ହୋଇ ସେ ଯେତେ ଆନନ୍ଦ ପାଆନ୍ତି, ବୋଧେ ଜବାହରଲାଲଙ୍କ ସଙ୍ଗେ କଥା ହୋଇ ବା ସୁକ୍ରଙ୍କରଙ୍କ ସଙ୍ଗେ କଥା ହୋଇ, ବା ଶେଠ ଘନଶ୍ୟାମ ଦାସ ବିରଲାଙ୍କ ସଙ୍ଗେ କଥା ହୋଇ ସେ ତାର ଶତାଂଶରୁ ଏକାଂଶ ବି ପାଇ ନ ଥିବେ ।

ତାଙ୍କ ହୃଦାନନ୍ଦ—

ହୃଦାନନ୍ଦ ବ୍ରାହ୍ମଣ । ଲକ୍ଷ୍ମୀନାରାୟଣ ଗୁଡ଼ିଆ । ହୃଦାନନ୍ଦ ଲକ୍ଷ୍ମୀନାରାୟଣଙ୍କର ଗୁରୁ । ଠିକ୍ ଗୁରୁ ନୁହେଁ, ଭକ୍ତ । ତେବେ ଭକ୍ତ, ଅଭକ୍ତ, ବ୍ରାହ୍ମଣ, ଚଣ୍ଡାଳ, ସମସ୍ତଙ୍କ ଘରେ ତ ଲକ୍ଷ୍ମୀନାରାୟଣ ମାଗି ମାଗି ଖାଆନ୍ତି । ତାଙ୍କୁ ନିମନ୍ତ୍ରଣ କରିବା ଦରକାର ନାହିଁ, ସେ ନିଜକୁ ନିଜେ ନିମନ୍ତ୍ରଣ କରି ବେଳ ଅବେଳରେ, ସମୟ ଅସମୟରେ ଯାନ୍ତି, ଯା ତା ଘରେ ହାବୋଡ଼ି ଯିବେ—ତେଣିକି ସେ ପାଟଣା ମହାରାଜା ହେଉ ବା ପାଟପୁରର ଗୋପିଆ କଣ୍ଡରା ହେଉ ପଛେ । ଯା ହେଉ ସେଦିନ କିନ୍ତୁ ଗୁରୁ ହୃଦାନନ୍ଦ ତାଙ୍କ ପ୍ରିୟ, ପୂଜ୍ୟ, ଦେବସମ ଗୁରୁଙ୍କୁ ସାଦର ନିମନ୍ତ୍ରଣ କରି ଘରକୁ—ଗାଁକୁ ଡାକି ନେଇଥିଲେ । କିନ୍ତୁ ହୃଦାନନ୍ଦ ସିନା ଲକ୍ଷ୍ମୀନାରାୟଣଙ୍କର ଛାଞ୍ଚରେ ଗଢ଼ା । ଭେଦାଭେଦ, ବାଛବିଚାର କିଛି ନାହିଁ; କିନ୍ତୁ ଘରେ ବାପା ତ ତା' ନୁହନ୍ତି । ବାପା ବ୍ରାହ୍ମଣ । ପୁଣି ସେ ଯୁଗର ବ୍ରାହ୍ମଣ । ୧୯୨୩-୨୪ର କଥା । ବାପାଙ୍କର କଡ଼ା ଆଦେଶ—"ଲକ୍ଷ୍ମୀନାରାୟଣ ସାହୁର ଜାତି ପତି ନାହିଁ । ପାଣ, ପଠାଣ, ହାଡ଼ି, ବାଉରି ସମସ୍ତଙ୍କୁ ଛୁଉଁଛି. ସେଟା ଖୀରସ୍ତାନ । ସେ ବାସନରେ ଖାଇ ପାରିବ ନାହିଁ ।" ସେଇଆ ହେଲା । ହୃଦାନନ୍ଦ ବାଧ୍ୟ ହୋଇ ତା ପ୍ରିୟତମ ଗୁରୁଙ୍କୁ ବାହାରେ ମାଟି ପିଣ୍ଡାରେ ଭାତ ବାଢ଼ି ଦେଇଗଲା । ଲକ୍ଷ୍ମୀନାରାୟଣଙ୍କର ଟିକିଏ ବି ବିକାର ନାହିଁ । ଆନନ୍ଦରେ, ଆରାମରେ ତଳକୁ ମୁହଁ ପୋତି ଭାତ ସଜାଡ଼ିବାରେ ଲାଗିଛନ୍ତି । ହୃଦାନନ୍ଦ

Digitized by srujanika@gmail.com

ଡାଲ୍ ଆଣିଲେ । ଡାଲ୍ ଦେଲାବେଳକୁ ଲକ୍ଷ୍ମୀନାରାୟଣ ଅନୁଭବ କଲେ ଭାତରେ ଅପ୍ ଅପ୍ ହୋଇ ପାଣି ପଡ଼ୁଛି । ସେ ଭାବିଲେ ବୋଧେ ହୃଦାନନ୍ଦ ପତରରେ ପାଣି ଛୁଞ୍ଚୁଛି । କହିଲେ—"ମ, ଭାତ ଦେଇ ସାର ପୁଣି ପାଣି !" ମୁହଁ ଟେକି ଉପରକୁ ଚାହିଁଲା ବେଳକୁ ହୃଦାନନ୍ଦ ଭେଁ ଭେଁ ହୋଇ କାନ୍ଦୁଛି । ଅପ୍ ଅପ୍ ହୋଇ ଅଜାଡ଼ି ହୋଇ ପଡ଼ୁଛି ଏକ କିଶୋରର ଅଜସ୍ର ଅଶ୍ରୁଧାରା । ଲକ୍ଷ୍ମୀ-ନାରାୟଣ ଉଠି ଠିଆ ହେଲେ । ହୃଦାନନ୍ଦକୁ କୁଣ୍ଢେଇ ଧରି ନିଜେ ଭେଁ ଭେଁ କାନ୍ଦିଲେ । ଏଇ ଲକ୍ଷ୍ମୀନାରାୟଣ । ଏଇ ଅନ୍ଧକାର ଭିତରେ କିଶୋର ପ୍ରାଣରେ ବହ୍ନିହୁଡ଼ି ଜାଳି ଜାଳି ଚାଲିଥିଲା ଗୋଟିଏ ଗ୍ରେଟିଆ ଜୀବ ।

ତାଙ୍କ ଗୋପିଆ ହାଡ଼ି—

ସେ ତ ନିଜେ ଲେଖିଛନ୍ତି ଗୋପିଆ ହାଡ଼ି କଥା । ମା' କହିଲା ଶଶୁରଙ୍କୁ ଓଲଗି ହେବା ପାଇଁ । ପାଗଳ ଲକ୍ଷ୍ମୀନାରାୟଣ କହିଲେ ଖାଲି ଶଶୁର କାହିଁକି, ଶଶୁର, ଶାଶୁ, ବନ୍ଧୁବାନ୍ଧବ, ଘରର ଚାକ୍‌ସାବାଳ, ଶେଷକୁ ଗୋପିଆ ହାଡ଼ି, ଗୋପିଆ ହାଡ଼ିର ବୋହୂ, ସମସ୍ତେ ପୂଜ୍ୟ । ସମସ୍ତଙ୍କ ଗୋଡ଼ତଳେ ଯାଇଁ ଲମ୍ବ ଲମ୍ବ ପଡ଼ି ଆସିଲେ । ପାଠ ପଢ଼ି ଟିକିଏ ଗର୍ବ ହୋଇ ଯାଇଥିଲା ବୋଧେ । ଗର୍ବ ଭାଙ୍ଗିବା ପାଇଁ ସ୍ତ୍ରୀ' ଠାରୁ ଆଉ ବଡ଼ିଆ ଉପାୟ କ'ଣ ଅଛି ?

କାଳନ୍ଦୀ ପାଣିଗ୍ରାହୀଙ୍କ ନିକଟରେ କ୍ଷମାଭିକ୍ଷା—

ସାହିତ୍ୟିକ କାଳନ୍ଦୀଚରଣ ଲକ୍ଷ୍ମୀନାରାୟଣଙ୍କ ଠାରୁ ବୟସରେ ଢେର ସାନ । ଲକ୍ଷ୍ମୀନାରାୟଣଙ୍କର ବଡ଼ ଭକ୍ତ । ଅଥଚ କୌଣସି ଏକ ବିଷୟରେ ଆଲୋଚନା ପ୍ରସଙ୍ଗରେ କ୍ଷଣକୋପୀ ଲକ୍ଷ୍ମୀନାରାୟଣ ତାଙ୍କ ଉପରେ ଚଟ୍‌କିନି ରାଗିଗଲେ । ତାଙ୍କୁ ବଡ଼ କର୍କଶ କଥା କହିଲେ । ଠିକ୍ ତା ପରଦିନ ଦେଖା । ଲକ୍ଷ୍ମୀନାରାୟଣ ରିକ୍‌ସାରୁ ଓହ୍ଲାଇ ପଡ଼ି କାଳନ୍ଦୀଙ୍କ ଆଗରେ ଆଣ୍ଠୁମାଡ଼ି ବସି, ହାତ ଯୋଡ଼ି କ୍ଷମାଭିକ୍ଷା । ଆଖିରେ ଦରଦର ଅଶ୍ରୁ । କଣ୍ଠରେ ଆକୁଳ ପ୍ରାର୍ଥନା—କ୍ଷମାକର, କ୍ଷମାକର, କ୍ଷମାକର । ପାଖରେ ଅସଂଖ୍ୟ ଲୋକ ଜମା··· ଅଦ୍ଭୁତ, ଆଶ୍ଚର୍ଯ୍ୟ, ଅବୋଧ୍ୟ ଏଇ ଲୋକଟା !

ସବୁ ଅଇଣ୍ଠାପତ୍ର ତାଙ୍କ ମୁଣ୍ଡରେ—

ଚିଲିକା କୂଳରେ କୌଣସି ଏକ ବ୍ରାହ୍ମଣ ଶାସନ । ଲକ୍ଷ୍ମୀନାରାୟଣ ଦଳେ ମିଶନ ସ୍କୁଲ ଛାତ୍ର ନେଇ ଯାଇଥିଲେ ବଣଭୋଜି କରିବାକୁ । ପିଲାଏ ଖାଇସାରି

Digitized by srujanika@gmail.com

ଅର୍ଦ୍ଧଶୁଷ୍କ ପଶ ଗୋଟିଏ ସ୍ଥାନରେ ଫିଙ୍ଗିଦେଲେ । ବ୍ରାହ୍ମଣ, ପୁଣି ପୁଷ୍ପ ଶାସନୀ ବ୍ରାହ୍ମଣ, ଆଉ ଏଣେ ଏମାନେ ମିଶନ ସ୍କୁଲିଆ ପିଲା—ଖୀରଷ୍ଠାନ । ଗାଁ ଭିତରେ ହୁଲସ୍ଥୁଲ ପଡ଼ିଗଲା । ଲୋକେ ଗାଳି ଫଜିତ ଆରମ୍ଭ କରି 'ଶଳାଙ୍କୁ ଦେଖିନେବା' ବୋଲି ଘର ଭିତରୁ ବାହାରି ଆସିଲେ । କିନ୍ତୁ ସେ କାଣ୍ଡକୁ ଏ କାଣ୍ଡ ବଳିଲା । ଡେଙ୍ଗା ପଞ୍ଜହତା ଲକ୍ଷ୍ମୀନାରାୟଣ ଚଟ୍‌କିନି ଉଠିଯାଇଁ ସ୍କୁଲ ପିଲାଙ୍କ ପଶ, ଶିକ୍ଷକଙ୍କ ପଶ, ସେ ଗାଁର ଯେତେ ଯାହା ବାଡ଼ିରେ ଯୋଉ କାଳର ଅଇଁଠା ପଶ ପଡ଼ିଥିଲା, ସବୁ ଗୋଟେଇ ପୋଟେଇ, ଟୋକେଇ ଟୋକେଇ ମୁଣ୍ଡରେ ଧରି ଗାଁର ବହୁ ଦୂରରେ ଫିଙ୍ଗିଦେଇ ଆସିଲେ । କହିଲେ—"ଆଉ କାହିଁ ? ଆଉ କାହିଁ ? ଆଉ କୋଉଠି ଅଛି ଅଇଁଠା ପଶ ?" ସମସ୍ତେ ଚାକୁବ୍ । ଗାଁ ଲୋକଙ୍କ ହାତରୁ ଠେଙ୍ଗା ଖସି ପଡ଼ିଲା ।.... ଘୃଣା କାହିଁ ? ଅହଙ୍କାର କାହିଁ ?

ଗୋଟାଏ ନଡ଼ା ମୁଣ୍ଡେଇ ଚଉଦ୍ୱାରରୁ ଦେଉଳସାହି—

ସବୁଦିନେ ତ ପାଗଳ । ଦେଶ ଚିନ୍ତା, ସାହିତ୍ୟ ଚିନ୍ତା, ପାଠ ଚିନ୍ତା, ଦଳିତ ମଥିତ ଚିନ୍ତା, ଏଥିରେ ଘର ଚିନ୍ତା କରିବାକୁ ବେଳ କାହିଁ ? ଦିନେ ସ୍ତ୍ରୀ ବେଜାର ହେଲେ—"ସବୁଦିନେ ଖାଲି ସେଇ ନିଆଁ ପାଉଁଶ ପାଠ । ଏଣେ ଘରେ ତେଲଠୁଁ ଲୁଣ ଯାଏ କିଛି ନାହିଁ । ଉରିଣ ବଢ଼ାଏ ନାହିଁ ଯେ ଗାଈ ଖାଡ଼ା ଖାଡ଼ା ଖୁଣ୍ଟରେ ବନ୍ଧା ହୋଇଛନ୍ତି । ପୋଡ଼ଯାଉ ସେ ପାଠପଢ଼ା । ପୋଡ଼ିଯାଉ ସେ ଦେଶ ।···ଲକ୍ଷ୍ମୀନାରାୟଣ ବସିଥିଲେ । ହୁ'କିନି ଉଠିପଡ଼ି ସାଇକେଲ ଧରି ଚାଲିଲେ ଚଉଦ୍ୱାର । ଚଉଦ୍ୱାରରେ ସାଇକେଲ ଫିଙ୍ଗିଦେଇ, ପାଇକସ୍ତ ଭିଡ଼ି, ମୁଣ୍ଡରେ ଠେକା ବାନ୍ଧି ଗୋଟାଏ ନଡ଼ା ମୁଣ୍ଡେଇ ଗଇଁସଇଁ ହୋଇ ଚାଲି ଚାଲି ଚଉଦ୍ୱାରରୁ ଆସି ଦେଉଳସାହିରେ ହାଜର । ଝାଞ୍ଜିଦିନ । ଦୁମ୍‌ଦୁମିଆ ଦି'ପ୍ରହର । ଗମ୍‌ ଗମ୍‌ ଝାଳ ବୋହୁଛି ଦେହରୁ । ଫୁଙ୍ଗା ଦିହ, ଗଞ୍ଜି ଖଣ୍ଡେ ବି ନାହିଁ । ବାଟରେ ଯିଏ ଦେଖା ହେଉଛି, କହୁଛି "ସାର୍ ଆପଣ···?" ହଁ "ଆପଣ" । ଆପଣ ମାନେ ଇଂରେଜି ବିଷୟରେ ଏମ୍‌. ଏ. ହୋଇ ବୋଝେ ନଡ଼ା ମୁଣ୍ଡେଇ ଚାଲିଛନ୍ତି କଟକ ସହରର ମଝି ଦାଣ୍ଡରେ !!

ରାତି ଏଗାରଟାରେ ସ୍ତ୍ରୀ ହରଣଚାଲ !!

ଏମିତି କେତେ କଥା, କେତେ କାହାଣୀ । ଗାଇ ବସିଲେ ତ ପୋଥି ହେବ । ଆଉ ଗୋଟିଏ କଥା କହି ଶେଷ କରିବ । ସବୁ ମଜାଠଉଁ ସେ ଅଦ୍ଭୁତ ମଜା - ରାତି ଏଗାରଟାରେ ସ୍ତ୍ରୀ ହରଣଚାଲ !!

Digitized by srujanika@gmail.com

ଜୟପୁର ଟାଉନ୍‌ହଲ୍ । ଦେଶମିଶ୍ରଣ ସମ୍ପର୍କରେ ଗୋଟାଏ ବଡ଼ ଧରଣର ସଭା ଥାଏ । ସଭାସ୍ଥଳ ଘୁ' ଘୁ' କରୁଚ୍ଛି । ଲକ୍ଷ୍ମୀନାରାୟଣ ତରୁଣ, ଉଦ୍ଦାମ, ବୁଦ୍ଧିମନ୍ତ; ସାଙ୍ଗରେ ତରୁଣୀ ସ୍ତ୍ରୀ, ନବବିବାହିତା । ତେଜ, ଓଜ, ବୀର୍ଯ୍ୟ, ଗାମ୍ଭୀର୍ଯ୍ୟରେ ଚତୁର୍ଦ୍ଦିଗ ପ୍ରକଂପିତ କରି, ବକ୍ତୃତା ଦେଇ ଗ୍ଲଲଛନ୍ତି ଲକ୍ଷ୍ମୀନାରାୟଣ—"ଖାଲି ଜୟପୁର ନୁହେଁ, ବିଶାଖାପାଟଣା ନୁହେଁ, ବିଜୟନଗରମ୍, ରାଜମହେନ୍ଦ୍ରୀ ଡେଇଁ ଗୋଦାବରୀ, କୃଷ୍ଣା, କାବେରୀ, କଞ୍ଜିଭରମ ପର୍ଯ୍ୟନ୍ତ ଦିନେ ଓଡ଼ିଆ ପାଇକ ରେ' ରେ' କାର ଧ୍ୱନି କରି ଘୋଡ଼ା ପିଠିରେ ଝପଟି ଯାଇଥିଲେ; ସମଗ୍ର ଦକ୍ଷିଣ ଭାରତରେ ଆଧିପତ୍ୟ ବିସ୍ତାର କରି, ଗର୍ବ ଗୌରବର ଜୟଢ଼କ୍କା ବଜେଇ ରାଜମହେନ୍ଦ୍ରୀରେ ଗଭର୍ଣ୍ଣର ଥିଲେ ଓଡ଼ିଆପୁଅ ରାୟ ରାମାନନ୍ଦ; ପୁଣି ଏଇ ଓଡ଼ିଆପୁଅ ବିଜୟ ଦିନେ ନିଜର ବିଦ୍ୟା, ବୁଦ୍ଧି, ଶୌର୍ଯ୍ୟ, ସାହସର ପରିଚୟ ଦେଇ ସ୍ୱର୍ଣ୍ଣଦ୍ୱୀପ ସିଂହଳର ହୋଇଥିଲେ ଶାସକ; ସୁଦୂର ବାଲି, ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ମଲ୍ଲକସ, କାମ୍ବୋଡ଼ିଆରେ ନୀଳଚକ୍ରର ପତାକା ତୋଲି, ଜୟ ଜଗନ୍ନାଥ କହି ଏଇ ଓଡ଼ିଆ ଦିନେ..."

—ଅଗ୍ନିମୟୀ, ଜ୍ୱାଳାମୟୀ ଭାଷା, ଉଦ୍‌ବୋଧନ; ବିସ୍ଫୋରଣ, ପ୍ରକଂପନ, ସିଂହ ଗର୍ଜନ—ସଭାସ୍ଥଳ ଖାଲି ଘୁ' ଘୁ' ଡାକୁଛି; ଘନ ଘନ କରତାଳି, ଚିତ୍କାର, ଜୟଧ୍ୱନି, ଉନ୍ମାଦନା, 'ଉଠ କଙ୍କାଳ' ସଙ୍ଗୀତ - ସଭା ଶେଷ ହେଉଁ ହେଉଁ ରାତି ଦଶ କି ସାଢ଼େ ଦଶ ।

ଉନ୍ମାଦ, ଭାବପ୍ରବଣ, ଦେଶପ୍ରୀତିରେ ଓତପ୍ରୋତ ଜଡ଼ିତ ଲକ୍ଷ୍ମୀନାରାୟଣ ସିଧା ସଳଖ ସଭାରୁ ଉଠି ଟୁଙ୍ଗ୍ ଟୁଙ୍ଗ୍ ଆସି ବସାରେ ହାଜର !

ଦୁର୍ଗାମୂର୍ତ୍ତି ଭଳି ଘରୁ ବାହାରି ପଡ଼ିଲେ ମା' । କହିଲେ—ବୋହୂ କାହିଁ ?

ବୋହୂ କାହିଁ ? ?—ଲକ୍ଷ୍ମୀନାରାୟଣ ଉତ୍କଣ୍ଠା ଅନେଇ ଦେଲେ । —କହିଲେ—ହିଁ ତ, ବୋହୂ ତ ସାଙ୍ଗରେ ଯାଇଥିଲା । ତେବେ ଗଲା କେଉଁଠିକି ? ·

ରାତି ଏଗାର । ଅନ୍ଧାର କଟି କଟି ରାତି । ଅଜଣା ସ୍ଥାନ, ଅଚିହ୍ନା ଲୋକ । ଚୋର ତସ୍କର । ମଦୁଆ ଗୁଣ୍ଡା । ତେହିଁକି ପୁଣି ଷୋଳଅଣାରୁ ଚଉଦ-ଅଣା ଲୋକ ତେଲୁଗୁ—ଅଜଟି, ରୁଣ୍ଡୁ, ମୁଡ଼ୁ । ଆଉ ଏ ପଟେ ବୋହୂ ତରୁଣୀ, ନବବିବାହିତା, ଭରା ଯୌବନ ଅଙ୍ଗେ ଅଙ୍ଗେ ।

Digitized by srujanika@gmail.com

ମା' ଅପ୍‌କନ ବସି ପଡ଼ିଲେ । ବିଶ୍ୱବ୍ରହ୍ମାଣ୍ଡ ଅନ୍ଧାର ହୋଇଗଲା । ଲକ୍ଷ୍ମୀନାରାୟଣ ବଡ଼ ବଡ଼ ହୋଇ କହିଲେ—ମା', ସେ ଗଲା, ଆସିଲା ନାହିଁ କେମିତି ? ମୁଁ କିସ ତାକୁ କାନ୍ଧେଇ କରି ନେବି ? କାନ୍ଧେଇ କରି ଆଣିବି ?

ପାଗଳ ପୁଅର କଥା ଶୁଣି ମା' ହସିବେ ନା କାନ୍ଦିବେ ? କହିଲେ—ନଷ୍ଟି, ଏ ଖଡ଼୍‌କୁ ଦେଖୁଛୁ ? ଗୋଟାଏ ଖଡ଼୍ ମୁଣ୍ଡାରେ ତ'ର ତାକୁ କଣା କରିଦେବି । ଗଡ଼ରକଟି ଦଶାଦିଆ ଛୁଆ, ଯାଉଛୁନା ମୋ ବୋହୂକୁ ଆଣିବୁ ।

ଲକ୍ଷ୍ମୀନାରାୟଣ ଚଣ୍ଡ । ହେଲେ ମା'ଙ୍କ ଆଗରେ ବଡ଼ ଲଣ୍ଡଭଣ୍ଡ । କ'ଣ କରିବେ ? ଘିଗି ମାଗି, ସ୍ତ୍ରୀଙ୍କର ଚଉଦପୁରୁଷ ଉଖାଳି ବୀର ଓଡ଼ିଆ ବୀର ଦର୍ପରେ ଫେରିଲେ ସ୍ତ୍ରୀଙ୍କୁ ଖୋଜିବାକୁ ! ବୃଦ୍ଧ ଏଗାର ।

ଗୋଟିଏ ପାନଦୋକାନରେ ଏକ ମିଞ୍ଜି ମିଞ୍ଜି ଆଲୁଅ ପାଖରେ ଗୋଟିଏ କଡ଼କୁ ଆଉଜି ଭୟରେ ଜଡ଼ସଡ଼ ହୋଇ ଅର୍ଦ୍ଧମୃତ, ଅର୍ଦ୍ଧଜୀବିତ ଅବସ୍ଥାରେ ଠିଆ ହୋଇଥିଲେ ବୀର ଓଡ଼ିଆଙ୍କ ସହଧର୍ମିଣୀ !!

ଘଟଣା ଟି ନଗ୍ରେଲ ସତ । ଆମେ ସବୁ ତାଙ୍କ ନାତି ନାତୁଣୀଏ ସେ ବୁଢ଼ା ହେଲା ପର୍ଯ୍ୟନ୍ତ ତାଙ୍କୁ ଅଟ୍ଟା କରୁଥିଲୁ—

'ସୀତାଙ୍କୁ ଭୁଲେଇ ନେଲା ରାବଣ,
ହାୟ ରାମ, କାନ୍ଦୁଥା' ବସି ତୁ ବଣରେ ।'

'ଏତେ ପରୀକ୍ଷା ଦେଲି, ପୁଣି ପରୀକ୍ଷା !'—

ଦ୍ରୌପଦୀଙ୍କୁ ଯେତେବେଳେ କୁରୁସଭା ତଳେ ବିବସନ କରାଗଲା, ସେ ଗୋଟିଏ ହାତ ଟେକି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କଲେ । କିଂତୁ ବସ୍ତ୍ର ଆସିଲା ନାହିଁ । ଯେତେବେଳେ ଦୁଇ ହାତ ଟେକି ଆକୁଳ ନୟନରେ ସମ୍ପୂର୍ଣ୍ଣ ରୂପେ ଶ୍ରୀକୃଷ୍ଣଙ୍କ ପାଖରେ ନିଜକୁ ସମର୍ପଣ କରିଦେଲେ, ସଙ୍ଗେ ସଙ୍ଗେ ବସ୍ତ୍ର ଆସିଗଲା । ଦାନ୍ତେ ସେଥିପାଇଁ କହିଛନ୍ତି—'Supreme blessedness consists in the total surrender of our will to God's will.' ଲକ୍ଷ୍ମୀନାରାୟଣ ସାଙ୍ଗ ଥିଲେ ଏହିପରି ଲୋକ ଯିଏ ନିଜ କଥା ଟିକିଏ ବି ନ ଭାବି ନିଜକୁ ପୁରାପୁରି ଓତପ୍ରୋତ ଭାବରେ ସମର୍ପି ଦେଉଥିଲେ ଯେ କୌଣସି କାମରେ । ମାପିଚୁପି, କଷିକଷି, ଫଳାଫଳକୁ ଚାହିଁ, ଅଧେ ନିଜ ଉପରେ ଅଧେ ଠାକୁରଙ୍କ ଉପରେ

Digitized by srujanika@gmail.com

ଭରସା ରଖି ଡାକ୍ତରଙ୍କରେ କାମ କରିବା ଲୋକ ଲକ୍ଷ୍ମୀନାରାୟଣ ନୁହନ୍ତି । ଖଟୁଛନ୍ତି ତ ଖଟୁଛନ୍ତି, ନିଜକୁ ସମ୍ପୂର୍ଣ୍ଣ ଭୁଲିଛନ୍ତି, ସମ୍ପୂର୍ଣ୍ଣ ପାଗଳ । ଏମିତି ଦିନେ ଖଟୁ ଖଟୁ, ବୁଲୁ ବୁଲୁ, କରୁ କରୁ ଏ ବୁଲାସଙ୍ଗୀରଙ୍କୁ ଅଗ୍ନିକ ଭାବେ ଧରି ପକେଇଲା ବଡ଼ରୋଗ !!!···ବାସ୍, ସରିଲା । ସମାଜରେ ତୀବ୍ର ଘୃଣା, ଦୂର୍ ଦୂର୍ ଛୁର୍ ଛୁର୍ ; ଖାଇବା ଥାଳିରୁ ବି ଉଠେଇ ଦିଆଗଲା । ଘରେ କାନ୍ଦ ବୋବାଳି । କାଲି ଯିଏ ବନ୍ଧୁ ଥିଲେ ଆଜି ସିଏ ଦୂରରୁ ଦେଖି ବାଟ ଭାଙ୍ଗି ଚାଲିଲେ । ଗଛରୁ ପତ୍ର ଝଡ଼ିଗଲେ ଆଉ କୋଉ ପକ୍ଷୀ ରହେ ଯେ !

ଲକ୍ଷ୍ମୀନାରାୟଣ ଦଣ୍ଡେ ସ୍ଥିର ହୋଇ ବସିପଡ଼ିଲେ । ପଦୁଟିଏ ଖାଲି ତୁଣ୍ଡରୁ ବାହାରିଲା—ଏତେ ପରୀକ୍ଷା ଦେଲି, ପୁଣି ପରୀକ୍ଷା ! ହଉ, Thy will be done. ତମରି ଇଚ୍ଛା ହେଉ ହେ ପୂର୍ଣ୍ଣ···ହେଲେ ଲକ୍ଷ୍ମୀନାରାୟଣ ସିନା ସ୍ଥିର ହେଲେ, ମୁହଁର ଘା' କଂଶୁ ଦିନକୁ ଦିନ ବଢ଼ି ବଢ଼ି ଗଲା । ଘରେ କାନ୍ଦବୋବାଳି, ଆକୁଳ ପ୍ରାର୍ଥନା ବି ବଢ଼ି ବଢ଼ି ଚାଲିଲା । ଶିବ ମନ୍ଦିରରେ କେତେ ପୂଜା, ମାନସିକ, କାଷ୍ଠ ଉପବାସ । ଶିବ ଶୁଣିଲେ କି ନାହିଁ କେଜାଣି, ହେଲେ ସବ ଶିବମସ୍ତୁ, ଶୁଭମସ୍ତୁ, ମଙ୍ଗଳମସ୍ତୁ ଡକ୍ଟର ଆଇଜାକ୍ ସାଆନ୍ତା ଆସି ସ୍ୱର୍ଗର ଦେବଦୂତ ଭଳି ପହଞ୍ଚିଲେ । କହିଲେ— ବ୍ୟସ୍ତ ହେଉଛ ଲକ୍ଷ୍ମୀନାରାୟଣ ? 'God takes us to deep water, not to drown us but to cleanse us'. ତମେ ଏତେ ଦିନ ଦୁର୍ଗତଙ୍କ ସେବା କରିଛ ସିନା, କୁଷ୍ଠ ରୋଗୀଙ୍କ ସେବା କରିନ । ତମକୁ ସେଇ ଆଡ଼କୁ ମୁହାଁଇବା ପାଇଁ ପ୍ରଭୁଙ୍କର ଏ ଏକ ପ୍ରଚ୍ଛନ୍ନ ଇଙ୍ଗିତ ।···ସେଇଦିନୁ ସାଆନ୍ତା ତାଙ୍କୁ ସାଇତିଲେ । ନିଜର କୋମଳ ହାତର ସ୍ପର୍ଶ ଦେଇ, ନିଜର ଶୁଭ୍ର, ସୁନ୍ଦର ଆତ୍ମାର ଗଭୀର ଆଲିଙ୍ଗନ ଦେଇ ଏଇ ମହାପ୍ରାଣ ଖ୍ରୀଷ୍ଟିୟାନ, ପୃଥିବୀପ୍ରସିଦ୍ଧ କୁଷ୍ଠରୋଗବିଶାରଦ ଡକ୍ଟର ଆଇଜାକ୍ ସାଆନ୍ତା ମନ୍ତ୍ର ପଢ଼ିଲା ଭଳି ଲକ୍ଷ୍ମୀନାରାୟଣଙ୍କ ଦେହରୁ କୁଷ୍ଠ ରୋଗର ଭୂତକୁ ସମ୍ପୂର୍ଣ୍ଣ ରୂପେ ଛଡ଼ାଇ ନେଲେ ।

ଲକ୍ଷ୍ମୀନାରାୟଣ ଉଠିଲେ । ଏଥର ଲକ୍ଷ୍ମୀନାରାୟଣ ଚାଲିଲେ କୁଷ୍ଠ ରୋଗୀର ସେବା କରିବାକୁ, କୋରାପୁଟର ଘନ ଜଙ୍ଗଲ ଭିତରେ ଅସହାୟ ରୋଗୀର ଥଲ୍‌ଥଲ୍ ଘା' ଧୋଇବାକୁ । ସେଇଥିପାଇଁ ଚଉଦ୍ୱାର, କଲିକତାରେ ଆରମ୍ଭ ହେଲା କୁଷ୍ଠାଶ୍ରମ । ଆଜିଯାଏ ବି ଚାଲିଛି ।

ଅଥଳ ସିନ୍ଧୁ—

ଏଇ ଲକ୍ଷ୍ମୀନାରାୟଣ—କର୍ମ ମୁଁ ପାଗଳ । ନିହାତି ସରଳିଆ, କଅଁଳିଆ, ପିଲାଳିଆ ମନ; ପୁଣି ନିହାତି ଝୁଙ୍କି, ଏକଜିଦିଆ, ଏକବାଗିଆ । ଗୋଟାଏ

Digitized by srujanika@gmail.com

କାମରେ ମନ ଲାଗିଛି ତ ଆଉ ସବୁ ପୋଡ଼ି ପାଉଁଶ ହୋଇ ଗଲେ ବି ସେ ଆଡ଼କୁ ଅନେଇବାର ନାହିଁ । "ମିଥିଳାୟାଂ ପ୍ରଦୀପ୍ତାୟାଂ ନ ମେ ଲଭେ ନ ମେ ଛିତ ।" ଦେଶ ପାଇଁ, ଜାତି ପାଇଁ, ସାହିତ୍ୟ ପାଇଁ, ସଂସ୍କୃତି ପାଇଁ, ପର ପାଇଁ, ଶତ୍ରୁ ପାଇଁ, ବନ୍ୟା ଦୁର୍ଗତଙ୍କ ପାଇଁ ସବୁବେଳେ ଜୀବନକୁ ତିଳ ତିଳ କରି ଜାଳି ଦେବା ହିଁ ତାଙ୍କର ଧର୍ମ । ନିଜ ପାଇଁ, ନିଜ ସ୍ତ୍ରୀ, ପିଲାଛୁଆଙ୍କ ପାଇଁ ତା'ର କାଣିଚାରୁ କାଣିଚେ ନାହିଁ ।

ଉତ୍କଳ ସାହିତ୍ୟ ସମାଜର ସେକ୍ରେଟେରୀ ହେଲେ । ଚଉକି, ବେଞ୍ଚ ସବୁ ମଡ଼ ମଡ଼ ହୋଇ ଭାଙ୍ଗି ଯିବାକୁ ବସିଲା । ରୋଜ ସଭା—ରୋଜ ଆଲୋଚନା । ସେଇଠି ଖିଆ, ସେଇଠି ଦାନ୍ତଘଷା । ଶ୍ରୀରାମଚନ୍ଦ୍ରଭବନର ବାରଣ୍ଡା ହେଲା ନିଜର ଗଜଦନ୍ତ ପଲଙ୍କ । ....ଚଉଦ୍ୱାରରେ ଗ୍ରାମ ସଂଗଠନ କେନ୍ଦ୍ର ହେଲା । ବାରଦିନ କାଳ ଲଗ ଲଗ ସଭା, (ତା ୧-୮-୪୫ରୁ ତା ୧୨-୮-୪୫) । ଭିକ୍ଷା-ନିବାରଣୀ ସମ୍ମିଳନୀ, ଶିକ୍ଷକ ସମ୍ମିଳନୀ, ଛାତ୍ର ସମ୍ମିଳନୀ, କୃଷକ ସମ୍ମିଳନୀ, ରାଜନୈତିକ ସମ୍ମିଳନୀ, ହରିଜନ ସମ୍ମିଳନୀ, ଧର୍ମ ସମ୍ମିଳନୀ, ସ୍ୱାସ୍ଥ୍ୟ ସମ୍ମିଳନୀ, ଓଡ଼ିଶାର ବନ୍ୟା ସମସ୍ୟା ସମ୍ମିଳନୀ, ସଂଗୀତ ସମ୍ମିଳନୀ, ହିନ୍ଦୀ ସମ୍ମିଳନୀ, ସମନ୍ୱୟ ସମ୍ମିଳନୀ—କ'ଣ ତାର ଶେଷ ଅଛି ନା ସୀମା ଅଛି ? କି ସେ ଉନ୍ମାଦନା ! କି ସେ ଅନନ୍ତ, ଅଫୁରନ୍ତ କର୍ମପ୍ରେରଣାର ଉତ୍ସ !!

ପଣ୍ଡିତ ନୀଳକଣ୍ଠ ତା ୧୯-୧-୬୪ରେ ଗୋଟିଏ ବାର୍ତ୍ତାରେ ଲେଖିଛନ୍ତି—ପୁରୀ ଜିଲ୍ଲା ଡଭର ଠାରେ ୧୯୨୭ ରେ ଦୁର୍ଭିକ୍ଷପୀଡ଼ିତ ଅନାହାରକ୍ଳିଷ୍ଟ ପିଲା-ମାନଙ୍କୁ ଲକ୍ଷ୍ମୀନାରାୟଣ ସାହୁ କାନ୍ଧରେ ବସାଇ ପୁରୀ ନେବାର ମୋର ମନେ ପଡ଼ୁଛି । ସେ ପିଲାଙ୍କ ଦେହ ପୁଣି କ୍ଳେଦପୂର୍ଣ୍ଣ ଓ ଅତି ବୀଭତ୍ସ ଥିଲା । ସେ ସମସ୍ତଙ୍କର ସେ ହେଉଛନ୍ତି ବାପା ଓ ଭାଇ ପରି ।"...ସେତେବେଳେ ଆଉ ସ୍ୱାର୍ଥ କାହିଁ ? ନିଜର ସ୍ତ୍ରୀ, ଘର, ପିଲା, କୁଟୁମ୍ବ କାହାନ୍ତି ??

ଏ ସିନା ସ୍ତ୍ରୀ, ପିଲାଙ୍କ କଥା ଭୁଲିଲେ । ନିଜ କଥା ବି ଅତି ନିଷ୍ଠୁର ଭାବେ ଭୁଲି ଯାଆନ୍ତି ଲକ୍ଷ୍ମୀନାରାୟଣ, ଯେତେବେଳେ ଦୁଃସ୍ଥ ଦୁର୍ଗତଙ୍କ ଠାରୁ ଆହ୍ୱାନ ଆସେ । ଆସାମରେ, ଇଷ୍ଟ୍ ବେଙ୍ଗଲରେ ଭୟଙ୍କର ବଢ଼ି । ସମୁଦ୍ର ଭଳି ମାଡ଼ି ଆସିଛି ପଦ୍ମା, ଦୁ' କୂଳ ଖାଇ ଗର୍ଜନ କରି ଛୁଟିଛି । ସେ ପଟେ ବନ୍ୟାର ବିଭୀଷିକା । ହଜାର ହଜାର ଲୋକ ଦିନ ଦିନ ଧରି ଭୋକ ଉପାସରେ ଛଟପଟ ହୋଇ ମରୁଛନ୍ତି । ସ୍ଥିର ହୋଇ ରହି ପାରିବେ ଲକ୍ଷ୍ମୀନାରାୟଣ ? ଯୁବକ ଲକ୍ଷ୍ମୀନାରାୟଣ ? ସଙ୍ଗେ ସଙ୍ଗେ କୂଳ ଉଛୁଳା ବଢ଼ନ୍ତା ପଦ୍ମା ନଈକୁ ଲମ୍ଫ ଦେଇ

Digitized by srujanika@gmail.com

ଗୋଟିଏ ହାତରେ ଚୁଡ଼ା ଗୁଡ଼ଲ ଧରି, ଆର ହାତରେ ପହଁଚି ପହଁଚି ବନ୍ୟା ଜର୍ଜରିତଙ୍କ ପାଖେ ଯାଇଁ ହାଜର ଲକ୍ଷ୍ମୀନାରାୟଣ । ଥିଲା ତାଙ୍କର ଜୀବନ ପ୍ରତି ମମତା ? ଶୋଚନା ? ଲୋଭ ? ଭୟ ???

ଏଇ ତନ୍ମୟତା, ଆତ୍ମବହ୍ୱଳତା, ଉଦାସୀନତା, ବୈରାଗ୍ୟ ଭାବ, ସଂସାରକୁ ପରବାସ ମଣିବା, ବସୁଧାକୁ କୁଟୁମ୍ବ ମଣିବା, ନିଜ ଭିତରେ ଅନ୍ୟକୁ ଦେଖିବା, ପରକୁ ଆଲୋକ ଦେବା ପାଇଁ ନିଜକୁ ସଳିତା କରି ପଳ ପଳ କରି ଜାଳିଦେବା, ମାନବ ପ୍ରାଣରେ ଦେବାବତରଣ କରେଇବା, ତମସାରୁ ଜ୍ୟୋତିକୁ ଯିବା, ମୃତରୁ ଅମୃତକୁ ଯିବା—ଏହାରି ମୂର୍ତ୍ତିମନ୍ତ ପ୍ରକାଶ, ଏହାରି ସାଧନାର ଗୋଟିଏ ଶ୍ରେଷ୍ଠ ଋଷିଅ ବୋଧେ ଲକ୍ଷ୍ମୀନାରାୟଣ ସାହୁ । ସେହି ଲକ୍ଷ୍ମୀନାରାୟଣ ସାହୁ ବଂଚନ୍ତୁ ଅବା ମରନ୍ତୁ ପଛେ, ଦୁଃଖୀଟିଏ ପାଇଁ ତାଙ୍କ ନୟନରୁ ଯେଉଁ ଲୋତକବିନ୍ଦୁଟିଏ ଝରିଥିଲା, ଏ ଦେଶର ଭବିଷ୍ୟତ ତରୁଣ ତରୁଣୀଙ୍କ ପ୍ରାଣରେ ସେଇ ବିନ୍ଦୁଟି ଯଦି କେବେ କମ୍ପନଟିଏ ଆଣେ, ଶିହରଣଟିଏ ଖେଳାଇ ଦିଏ, ସେହି ହେବ ଲକ୍ଷ୍ମୀନାରାୟଣ ସାହୁଙ୍କ ଜୀବନରେ ଚରମ ସାର୍ଥକତା । ଲକ୍ଷ୍ମୀନାରାୟଣ ନମୋ ନମଃ, ଲକ୍ଷ୍ମୀନାରାୟଣ ନମୋ ନମଃ ।

ନରସିଂହ ସାହୁ
୧୮. ୧. ୬୮.

Digitized by srujanika@gmail.com

ଏକ ବିହଙ୍ଗାବଲୋକନ—

ଜନ୍ମ— ୧୮୯୦ ଅକ୍ଟୋବର ୩ (ବାଲେଶ୍ୱର....ବାରବାଟୀ)
ବିବାହ— ୧୯୦୨
ଏଣ୍ଟ୍ରାନ୍ସ ପାସ୍— ୧୯୦୮ (ବାଲେଶ୍ୱର ଜିଲ୍ଲା ସ୍କୁଲ)
କୋରାନ୍ କ୍ଲବ୍, ବାଇବେଲ ସୋସାଇଟି, ବ୍ରାହ୍ମସମାଜ ଗଠନ— ୧୯୦୯-୧୧
ଆଇ ଏସ-ସି. ପାସ୍— ୧୯୧୧ (ରେଭେନ୍ସା କଲେଜ)
ଶିବପୁର ଇଂଜିନିୟରିଂ କଲେଜରେ ପ୍ରବେଶ— ୧୯୧୧
ପୁରୀ ଭିକ୍ଟୋରିଆ ହୋଟେଲରେ ମ୍ୟାନେଜର— ୧୯୧୨
କଟକ ମିଶନ ସ୍କୁଲରେ ଶିକ୍ଷକତା— ୧୯୧୨-୧୭
ବି ଏ. ପାସ୍ (ଘରୋଇ ଭାବେ)— ୧୯୧୭
ଭାରତ ସେବକ ସମିତିରେ ଯୋଗଦାନ— ୧୯୧୭ ଜୁନ୍
ଉତ୍ତର ପ୍ରଦେଶରେ ଦୁର୍ଭିକ୍ଷ କାମ— ୧୯୧୭-୧୮
ଜାମ୍ସେଦପୁର ଶ୍ରମିକ ସଂଗଠନ— ୧୯୧୮
ଉତ୍କଳ ସେବା ସମିତି ଗଠନ— ୧୯୧୮-୧୯
ଆସାମ ଓ ପୂର୍ବବଙ୍ଗ ବନ୍ୟା ଓ. ବାତ୍ୟା ରିଲିଫ କାମ— ୧୯୧୯
କୋଅପରେଟିଭ୍ ଆନ୍ଦୋଳନ — ୧୯୧୯
ପୁରୀ ଦୁର୍ଭିକ୍ଷରେ ସେବା— ୧୯୧୯-୨୧
ସାମ୍ବାଦିକ ଜୀବନ—

"ସହକାର" ୧୯୧୮
"The Star of Utkal" ୧୯୨୧
"The Vaitarani" ୧୯୨୨

ଚଉଦ୍ୱାର ଗ୍ରାମ ସଂଗଠନ କେନ୍ଦ୍ର ୧୯୨୭
ଚଉଦ୍ୱାର ମାଇନର ସ୍କୁଲ ପ୍ରତିଷ୍ଠା ୧୯୨୭
ବୈତରଣୀ ବନ୍ୟାରେ କେନ୍ଦୁଝରର ଆନନ୍ଦପୁର
ସବ୍‌ଡିଭିଜନରେ ରିଲିଫ୍ କାମ ୧୯୨୭

Digitized by srujanika@gmail.com

ବର୍ମାଭ୍ରମଣ	୧୯୨୭
ଏମ୍. ଏ. ପାସ୍ (ଭାରତୀୟ ଭାଷା)	୧୯୨୩
ଏମ୍. ଏ ପାସ୍ (ଅର୍ଥନୀତି)	୧୯୩୧
ଏମ୍. ଏ. ପାସ୍ (ଇଂରେଜୀ)	୧୯୩୨
ଏମ୍. ଏ. ପାସ୍ (ଇତିହାସ)	୧୯୫୩
ଏମ୍. ଏ. ଫେଲ (ଦର୍ଶନ)	୧୯୩୯
ସଭାପତି, ଗଞ୍ଜାମ ଜିଲ୍ଲା ହରିଜନ ସମ୍ମିଳନୀ, ବେ ଇଗଣୀ	୧୯୩୪
ସଭାପତି, ଉତ୍କଳ ଯାଦବ ମହାସଭା	୧୯୩୫
ସଭାପତି, ସିଂହଭୂମ ସାହିତ୍ୟ ସମ୍ମିଳନୀ, ଜାମସେଦପୁର	୧୯୩୫
ସେକ୍ରେଟେରୀ, ଉତ୍କଳ ପ୍ରାନ୍ତୀୟ ହିନ୍ଦି ପ୍ରଚାର ସଭା	୧୯୩୪—୩୫
ସେକ୍ରେଟେରୀ, ଉତ୍କଳ ହୋମିଓପ୍ୟାଥି କଲେଜ, କଟକ	୧୯୩୪—୩୫
ସେକ୍ରେଟେରୀ, ମହିମା ଧର୍ମ ପ୍ରଚାର ସଭା	୧୯୩୪—୩୫
ପାଣକୁଦ ମାଲୁଦରେ ରିଲିଫ୍ କାମ	୧୯୩୪—୩୫
ଡିରେକ୍ଟର, କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ୍	୧୯୩୪-୩୫
ସେକ୍ରେଟେରୀ, ଉତ୍କଳ ସାହିତ୍ୟ ସମାଜ	୧୯୩୪ ଓ ୧୯୩୫
ବରୋଦା ଲାଇବ୍ରେରୀ ଆନ୍ଦୋଳନ	୧୯୩୭
ରାୟଗଡ଼ା ଠକ୍କର ବାପା ଆଶ୍ରମ	୧୯୩୯
ଚଣ୍ଡୀଖୋଲ ଠକ୍କର ବାପା ବିଦ୍ୟାଶ୍ରମ	୧୯୪୦
ରମ୍ଭା ଅନାଥାଶ୍ରମ	୧୯୪୨-୪୩
ମଂଜୁଷା ବାଳାଶ୍ରମ	୧୯୪୨-୪୩
କଲକଲା କୁଷ୍ଠାଶ୍ରମ	
ଚଉଦ୍ୱାର କୁଷ୍ଠ ଚିକିତ୍ସା କେନ୍ଦ୍ର	୧୯୨୭
କୋରାପୁଟ ଜୟପୁରରେ ଆଦିବାସୀଙ୍କ ସେବା	୧୯୩୮—୪୧
କବି ସମ୍ମିଳନୀ, ବ୍ରହ୍ମପୁର	
ସଭାପତି, ଉତ୍କଳ ସମ୍ମିଳନୀ, ମଞ୍ଜୁଷା	...
ସେକ୍ରେଟେରୀ, ଉତ୍କଳ ସମ୍ମିଳନୀ ସୁବର୍ଣ୍ଣ ଜୟନ୍ତୀ	୧୯୫୫
ସେକ୍ରେଟେରୀ, ଓଡ଼ିଶା ରିଲିଫ୍ କମିଟି	
(ଗଞ୍ଜାମ ଓ ଉତ୍ତର ବାଲେଶ୍ୱରରେ ଦୁର୍ଭିକ୍ଷ କାର୍ଯ୍ୟ)	୧୯୪୨-୪୩
ରେଭେନ୍ସା କଲେଜ କନିକା ଲାଇବ୍ରେରୀକୁ	
୧,୭୮୪ ଖଣ୍ଡ ପୁସ୍ତକ ପ୍ରଦାନ	୧୯୪୩

Digitized by srujanika@gmail.com

ବ୍ରହ୍ମବିଦ୍ୟା ସମିତିରେ ଆଜୀବନ ସଭ୍ୟ	୧୯୪୪
ସଭାପତି, ଭଦ୍ରକ ଯୁବ ସମ୍ମିଳନୀ	୧୯୪୫
ଚଉଦ୍ୱାରରେ ୧୨ଦିନ ବ୍ୟାପୀ ଗ୍ରାମ ସଂଗଠନ ସମ୍ମିଳନୀ	ତା ୧।୮।୪୫ ରୁ ତା ୧୨।୮।୪୫
ସଭ୍ୟ, କନ୍‌ଷ୍ଟିଚ୍ୟୁଏଣ୍ଟ ଏସେମ୍ବ୍ଲି	୧୯୪୬-୫୧
ସଭ୍ୟ, ଓଡ଼ିଶା ଏସେମ୍ବ୍ଲି	୧୯୪୬-୫୧
ସଭାପତି, ଉତ୍କଳ ମଧୁ ବୈଶ୍ୟ ସମ୍ମିଳନୀ	୧୯୪୬
ମେମ୍ବର, ରୟାଲ ଏସିଆଟିକ୍ ସୋସାଇଟି	୧୯୪୯
ମେମ୍ବର, ଇଣ୍ଡିଆନ ପି. ଇ. ଏନ୍, ବମ୍ବେ	୧୯୫୦
ସେକ୍ରେଟେରୀ, ଓଡ଼ିଶା ନଦୀ ନିୟନ୍ତ୍ରଣ ଆସୋସିଏସନ	୧୯୫୨
ହିନ୍ଦ୍ ସେବକ ସମିତି, ଓଡ଼ିଶା ଶାଖା, କଟକ, ସ୍ଥାପନ	୧୯୫୦

ଆଦିବାସୀଙ୍କ ସମ୍ପର୍କରେ ଗବେଷଣା—

"ଦଣ୍ଡନାଟ" (ପ୍ରତ୍ନତତ୍ତ୍ୱ)	୧୯୪୬
The Hill Tribes of Jeypore"	୧୯୫୧
"The Springs of the Soul"	୧୯୫୨

ଜୈନଧର୍ମ ସମ୍ପର୍କରେ ଗବେଷଣା—

"ଓଡ଼ିଶାରେ ଜୈନଧର୍ମ"	୧୯୫୯
"ଓଡ଼ିଶା ଓ ଜୈନଧର୍ମ"	୧୯୬୦
ରବିବାସରୀୟ ସାହିତ୍ୟ ସଂସଦ୍, କଟକ	୧୯୫୬-୫୮
ଟାଙ୍ଗି ହାଇସ୍କୁଲ	୧୯୪୪
ଚଉଦ୍ୱାର ହାଇସ୍କୁଲ	୧୯୪୩-୪୪
ଟାଙ୍ଗି ସଙ୍ଗୀତ ସମ୍ମିଳନୀ	୧୯୪୬
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ	୧୯୫୮-୬୧

ତାଙ୍କ ବ୍ୟାଧି.......କୁଷ୍ଠ, ଶ୍ୱାସ

ତାଙ୍କ ଉପାଧି—

ଭାରତ ସରକାରଙ୍କ ଠାରୁ "ପଦ୍ମଶ୍ରୀ"	୧୯୫୫
ଉତ୍କଳ ବିଶ୍ୱବିଦ୍ୟାଳୟରୁ "ଡ଼.ଲିଟ୍"	୧୯୫୮

Digitized by srujanika@gmail.com

ପୃଥିବୀ ଜୈନ ମିଶନରୁ "ଇତିହାସ ରତ୍ନ" ୧୯୫୮
ଆନ୍ଧ୍ର ଇତିହାସ ପ୍ରତ୍ନତତ୍ତ୍ୱ ସମିତିରୁ "ଭାରତତୀର୍ଥ"
ଗୀତାରେ ପାରଦର୍ଶିତା ପାଇଁ "ତତ୍ତ୍ୱନିଧି"
ବଙ୍ଗଳା ସାହିତ୍ୟରେ ନିପୁଣତା ପାଇଁ "ବିଦ୍ୟାରତ୍ନ"

ତାଙ୍କ ମୃତ୍ୟୁ....୧୯୭୩ ଜାନୁୟାରୀ ୧୮ (କଟକ···ଦେଉଳସାହି)
ତାଙ୍କ ସିଦ୍ଧି···ମାନବ ପ୍ରେମ

Digitized by srujanika@gmail.com

ତାଙ୍କ ସାରସ୍ୱତ ସାଧନା—

(କ୍ରମିକ ସଂଖ୍ୟା)	(ପୁସ୍ତକର ନାମ)	(ପ୍ରକାଶ କାଳ)
୧ ।	କର୍ମବୀର ଗୋଖେଲ୍	... ୧୯୨୭
୨ ।	ଓଡ଼ିଶା ଗଡ଼ଜାତ	.... ୧୯୩୧
୩ ।	ମୋର ଜୀବନ କଥା	... ୧୯୩୧
୪ ।	କଳା	... ୧୯୩୫
୫ ।	ମୌନକଥା	୧୯୩୭
୬ ।	ଧୂଳି	... ୧୯୩୭
୭ ।	ଭାରତ ସେବକ ସମିତି	... ୧୯୩୭
୮ ।	ମଧୁରେଖା (କବିତା	... ୧୯୩୮
୯ ।	ଆଶୀର୍ବାଦ (କବିତା)	... ୧୯୩୮
୧୦ ।	ମୋହନ (କବିତା)	... ୧୯୩୮
୧୧ ।	ପ୍ରବାସୀ (କବିତା)	... ୧୯୩୮
୧୨ ।	ଛିନ୍ନପତ୍ର (କବିତା)	... ୧୯୩୮
୧୩ ।	ପରଶ (କବିତା)	... ୧୯୩୯
୧୪ ।	ଅରୁଣା (କବିତା)	... ୧୯୩୯
୧୫ ।	ପାସୋରି (କବିତା)	... ୧୯୩୯
୧୬ ।	ସ୍ମୃତି-ତର୍ପଣ	... ୧୯୩୯
୧୭ ।	ବାବା (କବିତା)	... ୧୯୪୩
୧୮ ।	ଋଷି ଦୟାନନ୍ଦ	... ୧୯୪୩
୧୯ ।	ଆମ ବୋମ୍ବାଇ	... ୧୯୪୩
୨୦ ।	ମା'	... ୧୯୪୪
୨୧ ।	ଚୀନ ଦେଶର କଥା	... ୧୯୪୫
୨୨ ।	ଚୌଦ୍ୱାର ଗ୍ରାମସଂଗଠନ ସମ୍ମିଳନୀ	... ୧୯୪୫
୨୩ ।	ଦଣ୍ଡନୀତି (ପ୍ରକୃତତତ୍ତ୍ୱ)	.... ୧୯୪୭

Digitized by srujanika@gmail.com

(କ୍ର: ନ:)	(ପୁସ୍ତକର ନାମ)	(ପ୍ରକାଶ କାଳ)
୨୪ ।	ଅସ୍ପୃଶ୍ୟତା	.... ୧୯୪୭
୨୫ ।	ସୀଣା (ଉପନ୍ୟାସ)	.... ୧୯୪୮
୨୬ ।	Orissa	.... ୧୯୪୯
୨୭ ।	ମଧୁବୈଶ୍ୟ	.... ୧୯୫୦
୨୮ ।	ଅଜ୍ଞାତ ବାସ ଓ ନାରୀର ଅବମାନନା	.... ୧୯୫୧
୨୯ ।	ମୁଁ ଓ ମୋର କାଳ	.... ୧୯୫୧
୩୦ ।	ବିକ୍ରମ ଦେବ	.... ୧୯୫୧
୩୧ ।	ଗୁପ୍ତବିଦ୍ୟା	.... ୧୯୫୧
୩୨ ।	The Springs of the Soul	.... ୧୯୫୧
୩୩ ।	କାଳନ୍ଦୀ କମଳା ବା କାଳିଆ ସୁନାରୀ	.... ୧୯୫୨
୩୪ ।	କନକ ବସନ୍ତ	.... ୧୯୫୨
୩୫ ।	Hirakud, a menace	.... ୧୯୫୨
୩୬ ।	The Fountain	.... ୧୯୫୨
୩୭ ।	ଦଣ୍ଡ କଥା	... ୧୯୫୨
୩୮ ।	ମୁଁ ଓଡ଼ିଆ	... ୧୯୫୩
୩୯ ।	ଚିଠି	... ୧୯୫୩
୪୦ ।	କବିତାମଞ୍ଜରୀ	... ୧୯୫୩
୪୧ ।	ଦେବକନ୍ୟା	... ୧୯୫୩
୪୨ ।	The Songs of the Hills	... ୧୯୫୪
୪୩ ।	Konark	... ୧୯୫୪
୪୪ ।	ହୃଦୟ-ପୁଷ୍ପ (ବଙ୍ଗଳା)	... ୧୯୫୪
୪୫ ।	ଆନନ୍ଦ	... ୧୯୫୪
୪୬ ।	Poesy	... ୧୯୫୫
୪୭ ।	ବହୁରୂପ	୧୯୫୫
୪୮ ।	ଜୟନ୍ତୀ	... ୧୯୫୫
୪୯ ।	ଶ୍ମଶାନ	... ୧୯୫୬
୫୦ ।	From a corner of the Sri Ramchandra Bhanj Medical College Hospital	... ୧୯୫୬

Digitized by srujanika@gmail.com

(କ୍ର: ନଂ:)	(ପୁସ୍ତକର ନାମ)	(ପ୍ରକାଶ କାଳ)
୫୧ ।	Leprosy	... ୧୯୫୭
୫୨ ।	ସାଙ୍ଗସାଥୀ	... ୧୯୫୭
୫୩ ।	୧୯୫୮ କବିତା	... ୧୯୫୯
୫୪ ।	ଓଡ଼ିଶାରେ ଜୈନଧର୍ମ	... ୧୯୫୯
୫୫ ।	In Pain and Sadness	... ୧୯୬୦
୫୬ ।	୧୯୬୦ କବିତା	... ୧୯୬୦
୫୭ ।	ଓଡ଼ିଶା ଓ ଜୈନଧର୍ମ	... ୧୯୬୦
୫୮ ।	ଅଜଣାଗ୍ରଇଜ କଥା (ପ୍ରଥମ ଭାଗ)	... ୧୯୬୦
୫୯ ।	ବ୍ରହ୍ମବିଦ୍ୟା ପଥେ	... ୧୯୬୧
୬୦ ।	ଅଜଣା ଗ୍ରଇଜକଥା (ଦ୍ୱିତୀୟ ଭାଗ)	... ୧୯୬୧
୬୧ ।	ଅରବିନ୍ଦ (ବଙ୍ଗଳା	... ୧୯୬୨
୬୨ ।	ତାଙ୍କୁ ତାଙ୍କୁ ତୋତେ ମୋତେ	
୬୩ ।	କ୍ଷଣିକା	
୬୪ ।	ଗୁରୁ ଗୋବିନ୍ଦ ସିଂହ	
୬୫ ।	ଅଶ୍ଳୀଳତା	
୬୬ ।	ଗାନ୍ଧର୍ବିକା ଶତଦଳ	
୬୭ ।	ବେଶ୍ୟା	
୬୮ ।	ରାମଚନ୍ଦ୍ର ମୁକ୍ତାରଙ୍କ ଜୀବନୀ	
୬୯ ।	ଜୀବନ ଓ ଜୀବନୀ	
୭୦ ।	ପ୍ରତିବିମ୍ବ	...
୭୧ ।	ନାୟିକବ ମାଧବୀ	...
୭୨ ।	ଦେଳାୟ୍ସ ମଜା	
୭୩ ।	ସ୍ତ୍ରୀ ଶିକ୍ଷା	
୭୪ ।	ନାଗ୍ରଚାନ୍ଦ	
୭୫ ।	ସାନ୍ତ୍ୱନା	
୭୬ ।	ଶ୍ରୀନିବାସ ଶାସ୍ତ୍ରୀ	
୭୭ ।	ଫଳକ	
୭୮ ।	ଶକୁନ୍ତଳା (ଏକାଙ୍କିକା)	

Digitized by srujanika@gmail.com

(କ୍ର:ନ:)	(ପୁସ୍ତକର ନାମ)	(ପ୍ରକାଶ କାଳ)
୭୯ ।	ଲାଇବ୍ରେରୀ ଆନ୍ଦୋଳନ	... ୧୯୬୨
୮୦ ।	ଶିକ୍ଷା	
୮୧ ।	ଦୂତବାଣୀ	
୮୨ ।	From within	
୮୩ ।	Duduma	
୮୪ ।	History of Orissa	
୮୫ ।	ପ୍ୟାରୀମୋହନ	
୮୬ ।	ସାମ୍ୟବାଦ	
୮୭ ।	ସୁରେନ୍ଦ୍ରନାଥ ବାନାର୍ଜିଙ୍କ ସ୍ୱଭାପତି ଅଭିଭାଷଣ	
୮୮ ।	Orissa in 1942-44	
୮୯ ।	The Hill Tribes of Jeypore	
୯୦ ।	କଳିଙ୍ଗ କୁମାରୀ (କାଦମ୍ବରୀ)	... ୧୯୫୧
୯୧ ।	୧୯୬୧ କବିତା	... ୧୯୬୧
୯୨ ।	ମହିମା ଧର୍ମର ସାରକଥା	
୯୩ ।	ଛପ .	
୯୪ ।	ଶ୍ରୀଗୁରୁଜୀ	
୯୫ ।	ମହାତ୍ମା ଗାନ୍ଧୀ	
୯୬ ।	Human Sacrifice —(Mythibilion Society) Vol. XL VII No-1	
୯୭ ।	Prohibition	
୯୮ ।	ଜୀବନ ଛାୟା (ଗଳ୍ପସଂଗ୍ରହ)	... ୧୯୬୪
୯୯ ।	ବହାଗ୍ର ନାୟକ	
୧୦୦ ।	ଉତ୍କଳ ସମ୍ମିଳନୀ ସୁବର୍ଣ୍ଣ ଜୟନ୍ତୀ	

Digitized by srujanika@gmail.com

(ଘ)

ଲକ୍ଷ୍ମୀନାରାୟଣଙ୍କ ଜୀବନ ଉପରେ କେତୋଟି ଆଲୋକପାତ—

New Delhi

I pay my humble tributes to the memory of that great public worker, Dr. Lakshmi Narayan Sahu of Orissa, who dedicated his whole life to the service of India. As a member of the Servants of India Society he served the country in various spheres. His sacrifice, suffering, devotion, honesty and integrity impressed us most. He was an erudite scholar and a great litterateur. He served as a poor man and sacrificed himself in the service of the poor. May his soul inspire us.

Sd. **Lal Bahadur Sastri**
Prime Minister,
India

*

India House
Aldwych
London, w. c. 2
30 December, 1963

Shri Lakshmi Narayan Sahu belonged to that band of workers whom the genius of the late Gopal krishna Gokhale brought out in the service of India, either political, economic or social, under

Digitized by srujanika@gmail.com

the auspices of the Servants of India Society. He was a quiet, unassuming and selfless worker devoted to serving the cause of the Adivasis, the Harijans and other backward people.

× × × ×

His life-work will serve as a guide to those intending to take up social welfare work in India.

Sd. **Jivraj N. Mehta**
High Commissioner for India.
in the United Kingdom.
London.

*

Raj Bhavan
Bhopal
23 December, 1963

I first came in contact with the late Dr. L.N. Sahu, Member, Servants of India Society, in the year 1946. as a member of the constituent Assembly of India. For about three years from 1947 to 1950 we had the good fortune of staying together in 24, Queensway, New Delhi, where we shared the same accommodation.

Dr. Sahu was a person devoted to learning. He was a literary genius, particularly a poet, who could compose poems on any subject, both in English and in Hindi. We also met on many occasions after 1950 and the last time that we met was in

Digitized by srujanika@gmail.com

Bhopal, when he and Shrimati Sahu were good enough to stay with us for a few days. During the course of our association, Shrimati Sahu and my wife had become good friends.

Dr Sahu led a very simple life and was always solicitous to help those in difficulty. In Delhi, just after the partition, many young students, who had to leave their studies owing to their migration to India, came to him for help and he always did his utmost to help them. He was a good and sincere friend. His was a noble soul that exhausted itself in the process of rendering unstinted service to the poor and the needy. I pay my tribute to the memory of this great and noble public worker.

Sd. **H. V. Pataskar**
Governor of Madhya Pradesh.

*

Sachivalaya
Ahmedabad 15
22 January 1964

Many may not be aware of the great social work done by the devoted band of social workers of the Servants of India society to-day. Dr. Sahu was one such devoted social worker, a senior member of the Servants of India Society, who worked with zeal, transparent sincerity and single-mindedness of purpose to serve our Countrymen.

Digitized by srujanika@gmail.com

A close associate of Thakkar Bapa, the Champanion of the lowly-placed, an institution by himself, Dr. Sahu, totally unmindful of personal cares and comforts, worked very hard when Orissa was famine-Stricken. He moved from village to village and poured all his energies in raising resources for providing food to the hungry in the needy areas. People of Orissa still remember with gratitude the services rendered by him for this noble cause.

Again, who can forget the zeal, enthusiasm and vigour with which he worked for flood relief in Orissa ? He spared no pains and devoted himself wholly to this humanitarian cause. The net result of all his work was that the needy people were served immediately and, even in this great calamity, normal life could be rostored at a very quick pace.

Dr. Sahu has, besides these works, to his credit numerous services rendered by him for the cause of social uplift. He was asociated with a number of social institutions and, whenever the need arose, he was always a willing, enthusiastic and silent worker, who worked with a mission and fulfilled the work he undertook.

The great qualities of Dr. Sahu are reflected min any books written by him. Besides being a learned scholar, one can see the healthy philosophy of life pervading all his literary work.

Digitized by srujanika@gmail.com

As the popular maxim runs, "it is easier to preach rather than to practise", but, to him, it was easier to practise rather than to preach. The reason was that he believed in deeds rather than words.

I cannot help expressing my feeling that if there was one Dr Sahu in every Taluka, the social map of our Country would have undergone a radical change.

I, therefore, earnestly wish and hope that the present generation would draw inspiration from Dr Sahu and imbibe a sense of devotion, sincerity of purpose and love for humanity.

Sd. **Balavantray Mehta.**
Chief Minister of Gujarat.

*

Rag Bhavan
BhubaneSwar
4, January 1964

The life of late Shri Lakshmi Narayan Sahu was one of dedication to social service, education and culture. His versatile genius and social activities are well-known to the people of our country. The celebration of the first death anniversary of late Shri Sahu on the 18th January 1964 will, I hope, remind our people about the

Digitized by srujanika@gmail.com

lofty ideals and principles for which Shri Sahu stood during his life-time.

Sd. **A. N. Khosla**
Governor of Orissa

*

It was with profound regret that I read the sad news about Lakshmi Narayan Sahu. His passing away is a great loss to the country at large and to the society and the State of Orissa in particular. Although he was getting on in age and ailing for a long time, an elder statesman of his ripe experience and calibre could ill be spared at this Juncture.

Sd. **Y. N. Sukthankar.**
Former Governor of Orissa.

*

My wife and I learnt with profound regret and sorrow the news of the passing away of our dear friend, Mr. Sahu. We were not prepared for this news, though, we knew that he was not keeping good health for quite a long time.

To me it is a personal loss. During my long membership of the Servants of India Society, Mr Sahu was perhaps my staunchest friend and defender. He never wavered in his confidence in me. It was a great comfort to me to know his constant friendship and unshaken faith.

Digitized by srujanika@gmail.com

He had made his mark in a variety of fields of public service-literary, political and social. I recall the courage with which he pursued the anti-leprosy campaign and helped many people to get over that deadly disease. He was held in great respect by Thakkar Bapa, who was a giant in social service.

Sd. **P. Kodanda Rao**
Member, Servants of
India Society,
Bangalore

*

We saw the terrible news in the papers and my family and myself were immersed in grief. I did not feel half as bereaved at the time of my father's death.

Sd. **L. G. Rao**
Consulting Engineer
Calcutta.

*

Dr. Radhanath Rath
Editor. The Samaj

In the death of Shri Lakshmi Narayan Sahu, the country, particularly Orissa, has lost one of its greatest workers and an erudite scholar, litterateur and an ideal social worker. He was leading an unostentatious life throughout and had

Digitized by srujanika@gmail.com

dedicated himself from the prime of youth to the cause of education as a teacher and thereafter as a social worker and political figure of moderate views.

His Services to the nation, specially for the poor, down-trodden Adivasis, Harijans and other distressed people were unique indeed. A selfless worker of his standing and character one could rarely find now-a-days. He was a true servant of India and Orissa, and Orissa would bear his loss for ever.

Sd. **Radhanath Rath**
Editor
The Samaja
Cuttack

*

Dr Sadasiv Misra
Ex-Vice Chancellor
Utkak University

Late Lakshmi Narayan Sahu devoted all his life for the service of the Community. He lived the life of a saint and made various experiments on himself. He fought against caste system. He took food in the house of a Harijan. In any social calamity or disaster he faced all hardship to render relief and redress. His service to the people has made him immortal.

Digitized by srujanika@gmail.com

He was particularly interested in spending a good deal of time with students in schools and colleges. Education received first priority in his approach to improve and develop social life. He was a litterateur, a Journalist and an erudite scholar. It is in fitness of things that schools and collegs are named after him. It is only proper to bring out magazines in schools and colleges wherein his memory is preserved

Sd. **Sadasiva Misra.**

*

Rural Reconstruction Centre, Chowduar :

"At the invitation of Babu Lakshmi Narayan Sahu, I inspected the Village Reconstruction Centre at Chowduar. He is doing excellent work in teaching the villagers several home industries, in educating the children of depressed classes, paying particular attention to physical development and teating the sick."

Sd. **N. Senapati, I. C. S**
26. 9. 28
District Magistrate
Cuttack

*

Leprosy Centre, Chowduar :

"I saw Mr. Lakshmi Narayan Sahu's Leprosy Clinic at Chowduar and was very much pleased.

Digitized by srujanika@gmail.com

This shows what the public can do to combat the disease Mr. L. N. Sahu lived with me for abut three months to study the methods of the anti-leprosy campaign. He took a course of training in the diagnosis, treatment and prevention of leprosy. He is qualified to give intradermal subcutaneous and intramuscular injections."

Dr. Isaac Santra
1. 12. 30
Chief Survey Medical Officer,
British Empire Leprosy Relief Association,
(Indian Council)

✳

Rural Reconstruction Centre at Chowduar :

"It is a great pleasure to be a guest in the Village Reconstruction Centre of the Servants of India Society at Chowduar. The services that the Homoeopathic Dispensary is rendering is certainly appreciated by the villagers, judging from the large number of patients who come for treatment. The effort is very noble, and the initiator. Sree Lakshminarayan Sahoo, who sacrificed all the amenities of town life in his youth, and came to settle down in this village, is entitled to all our praise and respect."

Sd. **Sarangadhar Dash**
13. 9. 41
Member, Cuttack District Congress Committee.

Digitized by srujanika@gmail.com

Rural Reconstruction Centre at Chowduar :

"Visited the Rural Reconstruction Centre with Sree Bhagabat Charan Sahu and was much impressed by all I saw. The centre is well-equipped to do immense good to the local people, but it is regrettable that there is, I am told, considerable apathy in the part of the people to utilise it.

The library seems to be well-equipped and the construction of the village hall is a happy idea provided the meetings therein are kept free from political propaganda."

Sd. C. S. Jha

14. 9 41

Collector, Cuttack

*

"Songs of the Hills"

Mr. L. N. Sahu is a versatile poet in English and is acquainted with the folklore and folk songs of Orissa and adjoining country. He has rendered for the benefit of English-knowing public faithful translations of folk songs in chaste, lucid and simple style. His zeal and ease are remarkable and are a marvel to behold. His subjects are varied—Santali songs, Karama Songs, Munda songs, Ganjam songs, Ho songs etc. etc. Translations are superb; the spirit of the original with regard to fragrance and odour is maintained, nay, even heightened.

Digitized by srujanika@gmail.com

These have a universal appeal, realistic and elevating.

—The Prabhat (Weekly)
20. 4. 55
Mangalore

*

'Konark'

Sree Sahu celebrates "an orgy of sexuality in varied expositions" carved on the Sun Temple of Konark in his broken verse. He defends these pictures as contributing to the fulfilment of life, love and beauty and leading to the lovers' feeling at one with the Infinity.

—Deccan Herald
25. 3. 1956

*

" Springs of the Soul" & The Fountain"

One who reads these poems is bound to take life full of struggle and disappointment with cheer, for the choice of words is chaste and polished

The author, Dr. L. N Sahu displays tremendous ingeniousness and gift throughout anb has enriched the cultural heritage of India by timely publication. We wish him success; we recommend

Digitized by srujanika@gmail.com

the work confidently to all lovers of poetry and folklore and folk songs.

—The Prabhat (Weekly)
20. 4. 55
Mangalore

"The Fountains"

A. S. P. Ayyar, M. A., I. C. S., F. R. S. L., Bar-at-Law.
High Court Judge
Madras-6
7-9-1953

Dear Mr. Sahu,

Many thanks for your little book of poems "The Fountains." I enjoyed reading the poems. Of course, no Indian can hope to write poems in a foreign language like English with real technical perfection, not even Tagore or Sarojini or Harindranath. But with those limitations, I should think your poems are as good as any others written by Indians in English I like especially 'The Bereavement, for its realism. 'A La Gala Day' for its irony, and 'Liquor' for its sarcasm. I wish you greater laurels. With kindest regards

Yours sincerely
A. S. P. Ayyar

*

"The Fountains" is a noteworthy contribution of an Oriya poet, Lakshminarayan Sahu,

Digitized by srujanika@gmail.com

who ban rightly claim our appreciation specially for his rhythmical sweetness and lucid expression.

—The Search Light
24. 5. 1953

*

ଓଡ଼ିଶାରେ ଜୈନଧର୍ମ

ପଦ୍ମଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏ ପରିଣତ ବୟସରେ ପୂର୍ବାପର ସଙ୍ଗତ ସହିତ ବଧିବଦ୍ଧ ଭାବରେ ଜୈନଧର୍ମ ସମ୍ବନ୍ଧରେ ଗୋଟିଏ ଗ୍ରନ୍ଥ ଲେଖିଛନ୍ତି । ଏ ଗ୍ରନ୍ଥଟି ବିଶ୍ୱବିଦ୍ୟାଳୟକୁ ଦେଇ ସେଥିପାଇଁ ସେ ଡକ୍ଟର ଉପାଧି ପାଇବେ ବୋଲି ତାଙ୍କର କଳ୍ପନା । ଜୈନଧର୍ମ ସମ୍ବନ୍ଧରେ - ବିଶେଷତଃ ଓଡ଼ିଶାରେ ଜୈନଧର୍ମ ସମ୍ବନ୍ଧରେ—ଏପରି ଅନ୍ୟ ଏକ ଗ୍ରନ୍ଥ ମୁଁ ଦେଖି ନାହିଁ । ଏ ପର୍ଯ୍ୟନ୍ତ ମିଳିଥିବା ଓଡ଼ିଶାର ଧର୍ମରାଜ୍ୟରେ ଯେପରି ଜୈନଧର୍ମର ସ୍ଥାନ ରହି ଆସିଛି, ତାହା ସେ ଇତିହାସ ପରମ୍ପରା ଓ ସାମାଜିକ ବିଶ୍ୱାସ ଅନୁଷ୍ଠାନ ପ୍ରଭୃତିରୁ ବହୁ ଯତ୍ନ କରି ସଂଗ୍ରହ ଓ ଆଲୋଚନା କରିଚନ୍ତି । ମଧ୍ୟେ ମଧ୍ୟେ ପ୍ରସଙ୍ଗ କ୍ରମେ ସେ ଐତିହାସିକ ଗବେଷଣାର ନୂତନ ଆବିଷ୍କାରମାନଙ୍କ ପ୍ରତି ଯେ ସାଦର ନିର୍ଦ୍ଦେଶ କରିଛନ୍ତି, ସେ ସବୁ ବଡ଼ ଉପାଦେୟ ହୋଇଚି ।

ସ୍ୱାଃ ନୀଳକଣ୍ଠ ଦାସ
ତା ୯-୯-୫୮
ଭୁବନେଶ୍ୱର

*

ଓଡ଼ିଶାରେ ଜୈନଧର୍ମ

ଡକ୍ଟର ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ ବହୁ ଗବେଷଣାପୂର୍ବକ ଜୈନଧର୍ମ ତଥା ଉତ୍କଳରେ ତାହାର ପ୍ରଚଳନ ତଥା ଧର୍ମଜଗତରେ ତାହାର ପ୍ରଭାବ

Digitized by srujanika@gmail.com

ସମ୍ବନ୍ଧରେ ଗୋଟିଏ ଉପାଦେୟ ଗ୍ରନ୍ଥ ରଚନା କରି ଓଡ଼ିଆ ଭାଷାରେ ଏକ ପ୍ରଧାନ ଅଭାବ ପୂରଣ କରି ଅଛନ୍ତି । ଏ ଗ୍ରନ୍ଥ ଓଡ଼ିଆ ଭାଷାରେ ନୂତନ । ତେଣୁ ସେ ଧନ୍ୟବାଦାର୍ହ ।

ଜୈନଧର୍ମର କୀର୍ତ୍ତି କେନ୍ଦୁଝର ଅଞ୍ଚଳରୁ ଖଣ୍ଡଗିରି ଓ ଉଦୟଗିରି ପର୍ଯ୍ୟନ୍ତ ଓ ଅନ୍ୟତ୍ର ବିରାଜମାନ । ଏହା ବହୁ ଗବେଷଣାସାପେକ୍ଷ । ଶ୍ରୀ ସାହୁ ବହୁ ଶ୍ରମ ଓ ନିଷ୍ଠାର ସହିତ ଗବେଷଣା କରି ଯାହା ଏହି ଗ୍ରନ୍ଥରେ ଲେଖିଅଛନ୍ତି, ତାହା ଅବଶ୍ୟ ଲୋକଙ୍କୁ ଜୈନଧର୍ମ ବିଷୟରେ ଉତ୍ତରୋତ୍ତର ଗବେଷଣା କରାଇବ, ଏହା ସୁନିଶ୍ଚିତ ।

ସାହୁ ମହାଶୟ ଏ ଗ୍ରନ୍ଥ ଲେଖି ନିଜକୁ ଧନ୍ୟ କରିଅଛନ୍ତି ।

ସ୍ୱାଃ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି

*

'ହୃଦୟପୁଷ୍ପ' (ବଙ୍ଗଳା)

I have seen Dr. L. N Sahu's Bengali book of Verses I am no judge of poetry myself and without giving an opinion as to the literary success of poetical effusions, I think they reveal a sincere spirit of faith and trust in the Divinity and amply indicate a longing for the abiding things in life.

Dr. Suniti Kumar Chatterjee
6. 5. 53
Calcutta

*

ମାନନୀୟେଷୁ,

ଆପନାର୍ 'ହୃଦୟ ପୁଷ୍ପ' ପଢ଼ିୟା ପ୍ରୀତ ଲଭ କରିଲାମ୍ । ଇହାତେ ଆପ୍‌ନାର ହୃଦୟେର ଆବେଗ ସ୍ୱତଃସ୍ଫୂର୍ତ୍ତି ଅଭିବ୍ୟକ୍ତ ପାଇୟାଛେ । ଆପ୍‌ନି

Digitized by srujanika@gmail.com

ଅବାଙ୍ଗାଳୀ ହେଲେଓ ବିଷୟରେ କୋଥାଓ ଜଡ଼ତା ନାଇଁ । ଆପ୍ନାର କାବ୍ୟ-ଗ୍ରନ୍ଥେର ବହୁଳ ପ୍ରଚାର କାମନା କରି ॥ ଇତି ॥

ପ୍ରେସିଡେନ୍ସି କଲେଜ
କଲିକତା

ଭବଦୀୟ
ଶ୍ରୀ ସୁବୋଧଚନ୍ଦ୍ର ସେନ୍‌ଗୁପ୍ତ

'ହୃଦୟପୁଷ୍ପ'

ଶାନ୍ତିନିକେତନ
ତା ୧୭ । ୪ । ୫୩

ପରମ ଶ୍ରଦ୍ଧାସ୍ପଦେଷୁ,

ଆପଣଙ୍କ ବଙ୍ଗଳା କବିତା ପାଇ ସୁଖୀ ହେଲି । ଆନ୍ତରିକତାରେ ପୂର୍ଣ୍ଣ ଏଇ ସବୁ ଭକ୍ତିରସାଶ୍ରିତ କବିତା ଭଗବାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ; ସେ ଗ୍ରହଣ କରିବେ । ମନୁଷ୍ୟର ନିନ୍ଦା, ପ୍ରଶଂସା ତୁଚ୍ଛ । ଭକ୍ତିମାନ୍ ବ୍ୟକ୍ତି ଏଥିରେ ଜଣେ ଅକପଟ ଭକ୍ତଙ୍କର ସଙ୍ଗ ଲାଭ କରିବେ । ଆପଣଙ୍କ ସେବାଧର୍ମୀ ଜୀବନର ନିର୍ମଳ ପୁଷ୍ପ ବଙ୍ଗଳାରେ ଗ୍ରଥିତ ହୋଇଛି । ଏହା ବଙ୍ଗ-ଉତ୍କଳର ଗଭୀରତର ସଂପର୍କ ସୂଚନା କରୁଛି । ମୋର ପ୍ରଣାମ ଜାଣିବେ ॥ ଇତି ॥

କୁଶଳପ୍ରାର୍ଥୀ
ଅନ୍ନଦାଶଙ୍କର ରାୟ

*

"ବିକ୍ରମଦେବ"

ସ୍ୱାମୀ ବିଚିତ୍ରାନନ୍ଦ ଦାସ "ବିକ୍ରମଦେବ" ପାଠ ପରେ ଲେଖିଛନ୍ତି—

ବାରିପଦା
ତା ୨ । ୧୦ । ୫୨

ଉତ୍କଳମାତାର କୋହିନୂର

ପାଗଳ ସନ୍ତାନ, ପ୍ରିୟ ଲକ୍ଷ୍ମୀନାରାୟଣବାବୁ,

ଭଗବାନ ତୁମକୁ ନୀରୋଗ ରଖନ୍ତୁ, ଦୀର୍ଘଜୀବୀ କରନ୍ତୁ—ଏହି ଆଶୀର୍ବାଦ ଆଜି କୁମାର ପୂର୍ଣ୍ଣିମା ଦିନ । ଗୋଟିଏ କବିତାର ଅଂଶ ତୁମର ସଠିକ ବର୍ଣ୍ଣନା—

Digitized by srujanika@gmail.com

କବିତାଟି ବଙ୍ଗଳା—ଏଠାରେ ଉଦ୍ଧାର କଲି । ଶନିବାରର ୨ଟି, ଶ୍ରାବଣ ୧୩୫୯ ରେ ଲେଖା ହୋଇଛି—

"ଯେ କବି ଖୁଁଜିୟା ମରେ କବିତାର ଭାବ ଛନ୍ଦ ମିଲ୍
ସେ କବି ଆସଲ୍ କବି ନୟ ।
ଆସଲ୍ କବିର୍ ତରେ କବିତାଇ ଖୁଁଜେ ମରେ
କେନ୍ଦେ କେନ୍ଦେ ଫେରେ ଶୂନ୍ୟମୟ ।"

ବଲେ—"ଓଗୋ କୋଥା ତୁମି, କୋଥା ସେଇ କବି ଶକ୍ତିବର ?
ବାଣୀର ସନ୍ଧାନେ ଆମାରେ ଯେ ଦେବେ ମୁକ୍ତିବର ?
ଦେଖା ଦାଓ, ଆତ୍ମା ମୋର ଦେହ ଗୃହେ ଥାକିତେ ନା
ସୟ ।"

ଉତ୍ତର—ସେ ଯେ ମୋର ପ୍ରିୟ ବନ୍ଧୁ ଲକ୍ଷ୍ମୀନାରାୟଣ
କବିତାକୁ ଦେଇଚ ବାନ୍ଧି ଘର ପ୍ରିୟ କର
ଛନ୍ଦହୀନ ଗଦ୍ୟ ପଦ୍ୟ ଭର ।

ସୁହୃଦ **ସ୍ୱାମୀ ବିଚିତ୍ରାନନ୍ଦ**

*

'ମୁଁ ଓଡ଼ିଆ'

ଭାବ ଓ ଭାଷାରେ ଶୃଙ୍ଖଳା ଅଭାବରୁ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କର ଅଧିକାଂଶ ଲେଖା ପାଠକଙ୍କର ପସନ୍ଦଯୋଗ୍ୟ ହୋଇ ନ ଥାଏ, କିନ୍ତୁ ଶ୍ରୀଯୁକ୍ତ ସାହୁ ଭାଷା ବା ଭାବର ଶୃଙ୍ଖଳା ବା ଧାରାବାହିକ ତଥା ଗତାନୁଗତିକ ନିୟମ ପାଇଁ ଯେତେ ବ୍ୟଗ୍ର ନୁହନ୍ତି, ନିଜ ଅନ୍ତରର ଭାବଧାରାକୁ ବ୍ୟକ୍ତ କରିବା ଲାଗି ସେତେ ବ୍ୟାକୁଳ । ତାଙ୍କର ସେଇ ଆଲୁରା ବାଲୁରା ମଧ୍ୟରେ ଯେ କି ଅମୂଲ୍ୟ ରତ୍ନ ଲୁଚି ରହିଛି, ତାହାହିଁ ପ୍ରଣିଧାନର ବିଷୟ, ଅନୁଧ୍ୟାନର ବସ୍ତୁ । ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କର 'ମୁଁ ଓଡ଼ିଆ' ଗ୍ରନ୍ଥ ଖଣ୍ଡି ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

ଗ୍ରନ୍ଥଟି କ୍ଷୁଦ୍ର ହେଲେ ମଧ୍ୟ ଏଥିରେ ରହିଛି ବୃହତ୍ତରର ଆଭାସ—ଓଡ଼ିଆ ଜାତିର ବୃହତ୍ତରର ଚିତ୍ର । ଛୋଟନାଗପୁର, ମୟୂରଭଞ୍ଜ, ନେପାଳ, ତିବ୍ବତ, ସିଂହଳ ମାଳବ, ଗୁଜରାଟ, ଆସାମ, ବର୍ମା, ମାଳୟ, ଶ୍ୟାମ, ଜାଭା, ସୁମାତ୍ରା, ବୋର୍ଣ୍ଣିଓ,

Digitized by srujanika@gmail.com

ଚୀନ୍, ଏପରିକି ସୁଦୂର ଅଷ୍ଟ୍ରେଲିଆ ସଙ୍ଗେ ଓଡ଼ିଶାର ତଥା ଓଡ଼ିଆ ଜାତିର କି ନିରବଚ୍ଛିନ୍ନ ସମ୍ପର୍କ, କି ଅଖଣ୍ଡ ସାମ୍ୟ ରହିଛି, ତାହାହିଁ ଏହି ପୁସ୍ତକର ବିଷୟବସ୍ତୁ । ମୁଁ ଓଡ଼ିଆ—ଏ କଥା କହିଲାବେଳେ ପ୍ରତ୍ୟେକ ଓଡ଼ିଆର ଛାତି ଗର୍ବରେ ଫୁଲିଉଠେ କାହିଁକି ? ଓଡ଼ିଆ ଜାତିର ଟେକ ଅଛି, ଗୌରବ ଅଛି । ସେଇଥି ପାଇଁ 'ମୁଁ ଓଡ଼ିଆ' ଏକଥା ଉଚ୍ଚାରଣ ମାତ୍ରେ ଅନ୍ତର ପୁଲକି ଉଠେ । ଓଡ଼ିଆ ଜାତିର ଏହି ଗୌରବ, ଏହି ବିରାଟତା ଜାଣିବା ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଏହି ଗ୍ରନ୍ଥଟି ଆଦୃତ ହେବ, ସନ୍ଦେହ ନାହିଁ ।

—ଉଗର, (ଜୁନ୍ ୧୯୫୩)

*

'ପରଶ'

ଆଜି ଲକ୍ଷ୍ମୀନାରାୟଣ ସାହୁଙ୍କ 'ପରଶ' ପଢ଼ିବାର ସୁଯୋଗ ପାଇଲି । ମୋ'ର ମନରେ ଅପୂର୍ବ ପରଶଟିଏ ଖେଳିଗଲା । ମୁଁ ଆଶାନ୍ୱିତ ହେଲି ।

'ପରଶ'ର କବିତାଗୁଡିକ ସମ୍ପୂର୍ଣ୍ଣ ନୂଆ ଧରଣର—ମୁକ୍ତ କବିତା । ଏଥିରେ ଆଡ଼ମ୍ବର ନାହିଁ, ଚେଷ୍ଟା ନାହିଁ, କସରତ ନାହିଁ, ଛନ୍ଦର ନାଗପାଶ ବନ୍ଧନ ନାହିଁ—ଅଛି କେବଳ ଅନାବିଳ ଆବେଗ ଓ ଉଚ୍ଛ୍ୱାସ—ପ୍ରାଣର ଛବି ଓ ଧ୍ୱନି, ଯାହା କିଛି କବିତାର ପ୍ରାଣ । ···'ପରଶ' ଖାଲି ପରଶ ନୁହେଁ, ପ୍ରାଣେ ପ୍ରାଣେ ରେଖାପାତ କରିପାରିବ ନିଶ୍ଚୟ ।

ସ୍ୱାଃ ଶ୍ରୀ ରାଧାମୋହନ ଗଡ଼ନାୟକ
ତା ୨୫ । ୧୦ । ୩୬
ଅନୁଗୋଳ

*

'ଆଶୀର୍ବାଦ'

ଏକ ନିଶ୍ୱାସରେ ଲକ୍ଷ୍ମୀନାରାୟଣଙ୍କ 'ଆଶୀର୍ବାଦ' ପଢ଼ିଗଲି । କବିପ୍ରାଣର ମୁକ୍ତ ହୃଦୋଚ୍ଛ୍ୱାସ ବାଧାହୀନ ବନ୍ଧନହୀନ ହୋଇ ବିଞ୍ଛୁଡ଼ି ପଡ଼ୁଛି ଅନର୍ଗଳ ।

Digitized by srujanika@gmail.com

ଭାଷା ମାନ ନାହିଁ ଛନ୍ଦର ନିୟମ, ଯତି ଉପଧାର ବାଧ୍ୟବ୍ୟବସ୍ଥା, ମିତ୍ରାକ୍ଷରର କାଇଦା କଟକଣା; ବନ୍ୟ ନିର୍ଝରିଣୀର ସ୍ୱଚ୍ଛ, ସହଜ, ସ୍ୱତନ୍ତ୍ର ଅବଲୀଳ ଗତିରେ ଖାଲଢ଼ିପ ମାଡ଼ି ତରତର ବହିଯାଉଛି ଆତ୍ମହରା କେଉଁ ଅସୀମର ପଥରେ ।

ଓଡ଼ିଆର ଭାବରାଜ୍ୟରେ 'ଆଶୀର୍ବାଦ' ଏକ ନୂତନ ଅବଦାନ, ଏକ ଅଭିନବ ସୃଷ୍ଟି । ପ୍ରତି କବିତାରେ କବିଙ୍କର ଉଦ୍‌ଭ୍ରାନ୍ତ ଅନ୍ତର ଯାଇଛି ମୁକୁଳା ହୋଇ, ନିଃଶେଷ ଭାବରେ !

ସ୍ୱାଃ ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର, (କାନ୍ତକବି)
ତା ୪ । ୪ । ୩୮
ଭଦ୍ରକ

✳

'ବୀଣା'

ଶ୍ରୀଯୁକ୍ତ ସାହୁଙ୍କର "ବୀଣା" ପ୍ରକୃତରେ ଉପନ୍ୟାସ ନୁହେଁ, ଅନେକ ଅଂଶରେ ଆତ୍ମକଥା ମନେ ହୁଏ । କିନ୍ତୁ ଲେଖାରେ ସାହିତ୍ୟିକ ଲକ୍ଷ୍ମୀନାରାୟଣ ବଡ଼ ଜୀବନ୍ତ । ତାଙ୍କର କବିପ୍ରତିଭାର ପରିଚୟ ଦେବାକୁ ଏହି ଖଣ୍ଡିକ ପୁସ୍ତକହିଁ ଯଥେଷ୍ଟ ହେବ । ଭାବ ମୁକ୍ତ, ଭାଷା ସଂଯତ ଏବଂ ଭଙ୍ଗୀ ନିଶ୍ଚିତ—ଏହାହିଁ ଗଳ୍ପ ଉପନ୍ୟାସର ମାପକାଠି ।

—ଡଗର
(ନଭେମ୍ବର, ୧୯୫୨)

✳

'ବହୁରୂପ'

ଲେଖକ—ପଦ୍ମଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

ଏହା ଗଳ୍ପ ନୁହେଁ—ବରଂ ଜୀବନ କଥା । ଉପନ୍ୟାସ ନୁହେଁ—ଉପଦେଶ । ସାହୁଜୀ ଏଥିରେ ନାୟକ ନୁହଁନ୍ତି, ଅଭିନେତା—ସରୂପୀ ନୁହଁନ୍ତି ସ୍ୱରୂପୀ ଓ ବହୁରୂପୀ । ଏହା ଛନ୍ଦ ନୁହେଁ, ବିଚ୍ଛନ୍ଦ । ଭାବ ନୁହଁ—ବିଭାବ । ଏହା ସାହିତ୍ୟର କୌଣସି ପ୍ରକାର ନୁହଁ—କୌଣସି ପ୍ରାକାରରେ ଆବଦ୍ଧ ନୁହଁ—ଏହା ବିକାର ମଧ୍ୟ ନୁହେଁ—ଏହା ଏକ ନିର୍ଭୀକ ସ୍ୱୀକାର ଉକ୍ତି ।

Digitized by srujanika@gmail.com

ସାହିତ୍ୟରେ ଏଭଳି ଲେଖାର ସ୍ଥାନ କେଉଁଠି, ତାହା ନିର୍ଣ୍ଣୟ କରିବାର ଶକ୍ତି ଯେପରି ସହଜରେ ପରାଜୟ ମାନେ ।

—ଡଗର

(ଏପ୍ରିଲ, ୧୯୫୫)

*

'ପରଶ'

ଶ୍ରୀମାନ୍ ଲକ୍ଷ୍ମୀନାରାୟଣ ସ୍ୱାଧୀନ ଚିନ୍ତା ପାଇଁ ଉତ୍କଳରେ ବିଖ୍ୟାତ । ସେ ଯେତେବେଳେ ଯାହା କହନ୍ତି, ତାହା ଅନ୍ୟ ବ୍ୟକ୍ତିର ଆଦର ଲାଭ କରିବ ବୋଲି ସେ ଲାଳାୟିତ ନୁହନ୍ତି କିଂବା ଅନ୍ୟର ଭ୍ରୂକ୍ଷେପ ଦ୍ୱାରା ଦବିଯିବା ତାଙ୍କ ପ୍ରକୃତି ନୁହେଁ । ତାଙ୍କ ମନରେ ଯେତେବେଳେ ଯେଉଁ ଭାବାବେଗ ଉଠିଅଛି, ସେ ତାକୁ ସାକାର କରି କବିତାରେ ଆମ୍ଭମାନଙ୍କ ଆଗରେ ରଖି ଦେଇଛନ୍ତି । ତାଙ୍କ ଶ୍ରେଣୀର କେହି ଭାବୁକ ତାକୁ ଆଗ୍ରହରେ ଗ୍ରହଣ କଲେ ଉତ୍ତମ, ଗ୍ରହଣ ନ କଲେ ମଧ୍ୟ ଉତ୍ତମ । ମନୁଷ୍ୟ ମନରେ ବେଳେ ବେଳେ ଘଟଣାଚକ୍ରର ଯେଉଁ ଢେଉ ଉଠେ, ତାହା ପ୍ରକାଶ ନ କରିବା ପର୍ଯ୍ୟନ୍ତ ମନୁଷ୍ୟ ଅସ୍ୱସ୍ତି ବୋଧକରେ । ତାଙ୍କ ମନର ଉଦ୍‌ବେଳ ଭାବରାଶି ଗତାନୁଗତିକ କବିତାର ବେଳା ମଧ୍ୟରେ ଆବଦ୍ଧ ରହିବାକୁ ଅମଙ୍ଗ ହୋଇ ଯଥେଚ୍ଛା ଗତି କରିଅଛି । ଏ ଯଥେଚ୍ଛା ଗତିରେ ସ୍ୱାଧୀନତା ଅଛି, ମନୋହରତା ଅଛି ଓ ଗତିରେ ମାଦକତା ମଧ୍ୟ ଲକ୍ଷିତ ହୋଇଅଛି । ସ୍ୱାଧୀତ ଭାବରାଶି ଝଙ୍କାର-ଲହରୀମାଳା-ବିଭୂଷିତ ହୋଇ ସେହି ଅମରବାଞ୍ଛିତ ଗୋନାସିକାରୁ ବାହାରି ଭାବୁକର ମନଃକ୍ଷେତ୍ରରେ ଶାନ୍ତି ବାରି ସେଚନ କରି କରି ବୈତରଣୀ ରୂପେ ଜୀବନ-ସମୁଦ୍ରରେ ପଡ଼ିଅଛି ।

ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଆଶ୍ରମ
କଟକ
ତା ୩୦ । ୧୦ । ୫୭ } **ଗୋପାଳଚନ୍ଦ୍ର ପ୍ରହରାଜ**

'ସାନ୍ତ୍ୱନା'

ଶ୍ରୀ ରତ୍ନାକର ପତି ଲେଖିଛନ୍ତି—

ପ୍ରବନ୍ଧଗୁଡ଼ିକ ମଧ୍ୟରେ ମୁଁ ଗୋଟିଏ ଭାବର ପୂର୍ଣ୍ଣ ଉଚ୍ଛ୍ୱାସ ଦେଖିବାକୁ ପାଇଛି—ତାହା ଏହି ଆଧ୍ୟାତ୍ମିକତା । ଲକ୍ଷ୍ମୀନାରାୟଣଙ୍କ ପ୍ରବନ୍ଧଗୁଡ଼ିକ ପଢ଼ିଲେ Carlyle ଙ୍କ Mystic Philosophy ମନେପଡ଼େ ।

Digitized by srujanika@gmail.com

ଶ୍ରୀ ଚନ୍ଦ୍ରମୋହନ ମହାରଣା ଲେଖିଛନ୍ତି—

ଏପରି ପୁସ୍ତକ ଓଡ଼ିଆ ଭାଷାରେ ଆଉ ଦେଖିଅଛୁ ବୋଲି ମୋର ସ୍ମରଣ ହେଉନାହିଁ । ସାନ୍ତ୍ୱନା ଏ ଭାଷାରେ ଗୋଟିଏ ଅଭାବ ପୂରଣ କରିବ ।

ଶ୍ରୀ ଅଶ୍ୱିନୀ କୁମାର ଘୋଷ ଲେଖିଛନ୍ତି—

'ସାନ୍ତ୍ୱନା' ଉତ୍କଳ ସାହିତ୍ୟଭଣ୍ଡାରରେ ବାସ୍ତବିକ ଗୋଟିଏ ଅପୂର୍ବ ଓ ଅମୂଲ୍ୟ ରତ୍ନ । ଏହାର ବାହ୍ୟିକ ସୌନ୍ଦର୍ଯ୍ୟ ଯେପରି ନୟନାନନ୍ଦକର, ଆନ୍ତରିକ ଗାମ୍ଭୀର୍ଯ୍ୟ ସେହିପରି ହୃଦୟସ୍ପର୍ଶୀ ।

ଶ୍ରୀ ଗୋପୀନାଥ ନନ୍ଦଶର୍ମା ଲେଖିଛନ୍ତି—

ଆପଣଙ୍କ 'ସାନ୍ତ୍ୱନା'ର କେତେକ ଅଂଶ ପାଠ କରି ସନ୍ତୋଷ ଲାଭ କଲି । ଏହା ଗୋଟିଏ ନୂତନ ଧରଣର ପୁସ୍ତକ । ଏହାଦ୍ୱାରା ଅବଶ୍ୟ ଯୀନା ଉତ୍କଳ ଭାଷାର ଅଭାବ ଦୂର ହେବ ।

*

'ଗୁରୁ ଗୋବିନ୍ଦ ସିଂହ'

କ୍ଷୁଦ୍ର ସର୍ପର ବିଷ ଉତ୍କଟତର ପରି ଲକ୍ଷ୍ମୀନାରାୟଣଙ୍କର ଏହି ପୁସ୍ତକଟି କ୍ଷୁଦ୍ର ହେଲେ ମଧ୍ୟ ଲେଖାର ଭାବ ଓ ଭଙ୍ଗୀ ପାଠକର ମନ ଓ ପ୍ରାଣରେ ଉତ୍ତେଜନା ଆଣି ଦେବ । ଯେଉଁ ରାଜନୈତିକ ଓ ସାମାଜିକ ବାତାବରଣ ମଧ୍ୟରେ ଶିଖଧର୍ମ ମୂଣ୍ଡ ଟେକିଥିଲା, ଏବଂ ସେ ଧର୍ମକୁ ରକ୍ଷା କରିବା ପାଇଁ ଗୁରୁଗୋବିନ୍ଦ ସିଂହ ନିଜର ପ୍ରାଣବଳି ଦେଇଥିଲେ, ଲେଖକ ତାର ଏକ ଜ୍ୱଳନ୍ତ ପ୍ରତିଚ୍ଛବି ଫୁଟାଇ ପାରିଛନ୍ତି ଏଥିରେ ।

—ସହକାର
(ଶ୍ରାବଣ, ୧୯୪୮)

Digitized by srujanika@gmail.com

ଲକ୍ଷ୍ମୀନାରାୟଣଙ୍କର ଗୋଟିଏ ଚିଠି ସଂପାଦକ ନରସିଂହ ସାହୁଙ୍କ ପାଖକୁ, ଯେତେବେଳେ ସିଏ ସାଲେପୁର ହାଇସ୍କୁଲର ଏକାଦଶ ଶ୍ରେଣୀରେ ପଢ଼ୁଥିଲେ—

ରାୟଗଡ, କୋରାପୁଟ,
ତା ୧୪-୪-୪୧

ମମ ସ୍ନେହମୟ ଘାସଫୁଲ !

ତୁମର ସ୍ନେହବୋଳା ମନଭୁଲା ଲେଖାଟି ପଢ଼ି ମୁଁ ତ ଏକାବେଳକେ କବର ରାଜ୍ୟରେ ଉପନୀତ ହେଲି । ତୁମର ଉକ୍ତତାଟି ପାଇଁ ମୁଁ ଦୁଃଖିତ, ତୁମର ଶକ୍ତତାଟି ହୁଏତ ତୁମକୁ ଶୂନ୍ୟର ପଥରେ ନ ନେଇ ପୂର୍ଣ୍ଣର ପଥରେ ନେଇଯିବ । ଦୁଃଖ କରବ ନାହିଁ । ଜୀବନ ଏହିପରି ଚେତନା ପାଏ । ବେଦନାର ପଥ ଦେଇଗଲେ ସେ ମୁକ୍ତି ଲଭ କରେ, ହର୍ଷ ଲଭ କରେ, କ୍ଷଣିକର ପଥ ଛାଡ଼ି ମାନବ ଚରର ସନ୍ଧାନ ପାଏ ।.... କମଧିକଂ ?

ମମ ମାନସକୁଂଜେ ଥାଅ ତୁମ୍ଭେ
ଏକୋଇ ପ୍ରିୟ ଜନ ହେ
ଘାସ ଫୁଲ ମୁହିଁ ଦେଖି ନଥିଲି ଜୀବନେ
ଅନ୍ଧ ଆଜି ପାଇଲା ଲୋଚନ ଯେ
ତୁମ୍ଭେ ସତେ ମୋର ଘାସ ଫୁଲ ହେ ।

ତୁମର
ଲକ୍ଷ୍ମୀନାରାୟଣ ସାହୁ

Digitized by srujanika@gmail.com

ସଳିତା ଜଳି ଜଳି ଯାଏ

"ତିଳେ ତିଳେ ବଳି ଦେଇ ଯେ ଜୀବନ
ଜଳି ଯାଏ ଯେଉଁ ବଳିତା,

ମରେ ଯେ ଝରଣା ମରୁଭୂମି ତୀରେ
ଜଳଧାର ଢାଳି ଢାଳି ତା',

ହଜେ ଯେ ବଉଦ ବରଷି ବରଷି
ଢାଳି ଅମୃତ ଅସ୍ତ ଯେ ଶଶୀ
ସେ ଯେ ଜୀବନର କବିତା,

ଈଶ୍ୱର ଚହେ, ବିଶ୍ୱର ହିତେ
ଧନ୍ୟ ଜୀବନ ବଳି ତା ।"

—କବି ଡକ୍ଟର କୁଞ୍ଜବିହାରୀ ଦାଶ

Digitized by srujanika@gmail.com

ଲକ୍ଷ୍ମୀନାରାୟଣଙ୍କ ହସ୍ତାକ୍ଷରର ନମୁନା



"ବିଶ୍ୱ-କଲ୍ୟାଣ କାମନାରେ ଆତ୍ମବଳିଦାନ ହିଁ ଦେବତ୍ୱ ।"

Digitized by srujanika@gmail.com